
ସେପ୍ଟେମ୍ବର ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in




G20
भारत 2023 INDIA
75
Azadi Ka
Amrit Mahotsav
लाखों की मुस्कान,
ऊर्जा सुरक्षा की पहचान
MCL
Coal India
Enabling Ease of Living...
महानदी कोलफील्ड्स लिमिटेड
(भारत सरकार का उपक्रम कोल इण्डिया लिमिटेड की एक अनुषंगी कंपनी)
जागृति विहार, बुर्ला, जिला: सम्बलपुर-768020 (ओड़िशा)
www.mahanadicoal.in | @mahanadicoal

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୧୧ଶ ସଂଖ୍ୟା, ସେପ୍ଟେମ୍ବର ୨୦୨୩ ■ Vol-5, Issue : 11, September 2023



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ

**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମୀ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

# ସୂଚୀପତ୍ର

। ୫ମ ବର୍ଷ । ୧୧୫ଶ ସଂଖ୍ୟା । ସେପ୍ଟେମ୍ବର ୨୦୨୩ ।

ରେବତୀ
ଆମ ମାଟିର ସର

**୫**
ସମ୍ପାଦକୀୟ : **ପାରିବାରିକ ସମତା : ସୁବାସିନୀ ଜେନା**

**୯** ମାନନୀୟେଷୁ : **ପ୍ରଣମ୍ୟ ପୁରୁଷ...: ଲକ୍ଷ୍ମୀପ୍ରିୟା ଓଝା**

**୧୮** ଦେବାଳୟ-୧ : **ଗଞ୍ଜାମର .... : ଅରୁଣ କୁମାର ତ୍ରିପାଠୀ**

**୨୪** ଆମ ଗାଁ : **ଭାଇଚାରାର ଭୂମି...: ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**

**୨୬** ଜୀବନ-ଜୀବିକା : **ମୁକୁଟ ବିହୀନ..: ଲଳିତ ମୋହନ ମିଶ୍ର**

**୩୪** ନଦନଦୀ: **ରୁଷିଛି ଋଷିକୁଲ୍ୟା: ଡକ୍ଟର ରଞ୍ଜନ ପ୍ରଧାନ**

**୪୧** ସଂସ୍ମରଣ : **ମହିୟସୀ ମହାଶ୍ୱେତା: ଡ. ମଣୀନ୍ଦ୍ର କୁମାର ମେହେର**

**୪୪** ଦେବାଳୟ-୨ : **ବାବା ବାଲୁଙ୍କେଶ୍ୱର: ଆଦିକନ୍ଦ ରାମ**

**୪୬** ପର୍ଯ୍ୟଟନ : **ସୁଶ୍ରୀ ସିକିମ୍ : ସୁପ୍ତି କର**









## ସମ୍ପାଦକୀୟାଂଶ...

xxx ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଦ୍ୱିଭାଷୀ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତକୁ ସ୍ତବ୍ଧ କରିଦେଇଛି । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ତାରକା ଅନ୍ତର୍ହିତ ହୋଇଗଲା କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ବିପୁଳ ସାହିତ୍ୟ କୃତି ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ବାଣୀଭଣ୍ଡାରକୁ ସମୃଦ୍ଧ କରିବା ସହ ତାଙ୍କର ଏଇ ଅତୁଳନୀୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ । ସେ ନିୟମିତ ଭାବରେ 'ରେବତୀ' ପଢ଼ିବା ସହିତ 'ରେବତୀ'ରେ ତାଙ୍କ ସମ୍ପର୍କରେ ଆମେ ଅନେକଥର ଆଲେଖ୍ୟ ପ୍ରକାଶ କରିଛୁ । ତାଙ୍କର ବିୟୋଗରେ 'ରେବତୀ' ପରିବାର ମର୍ମାହତ । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ । xxx

ସୁବାସିନୀ ଜେନା













### ନିୟମିତ ବିଭାଗ

ରୋଷେଇଶାଳ:
୧୦୦ : ରଷିକା ରୁଚିରମ୍ୟା
୧୦୧ : ଇଂ. ମୁସ୍କାନ୍
୧୦୨ : ରତିକାନ୍ତ ପାତ୍ର
୧୦୩ : ପ୍ରଣତି ଆଚାର୍ଯ୍ୟ ମିଶ୍ର
୧୦୪ : ଅବିନାଶ ସାହୁ

୧୦୬ : ଶେଷପୃଷ୍ଠା : ସର୍ଜନାରେ ରକ୍ଷଣଶୀଳତା
**କୃଷ୍ଣ କୁମାର ମହାନ୍ତି**

### ଧାରାବାହିକ କାବ୍ୟ

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

### ସମକାଳ କବିତା

୫୭ : ସୁଚିତ୍ରା ପାଣିଗ୍ରାହୀ
୫୮ : ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା
୫୯ : ଦୁର୍ଗାଚରଣ ଷଡ଼ଙ୍ଗୀ
୬୦ : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ
୬୧ : ପ୍ରଦ୍ୟୁମ୍ନ ପଟ୍ଟନାୟକ
୬୨ : ରବି କୁମାର ମହାନ୍ତି
୬୩ : ନରେନ୍ଦ୍ର କୁମାର ସେଠୀ
୬୪ : ନିରୁପମା କର
୬୫ : ଡାକ୍ତର ନୀଳମାଧବ କର
୬୬ : ରାମଚନ୍ଦ୍ର ଦାଶ
୬୭ : ହଂସନାଥ ମୁଦୁଲି
: ଚୈତନ୍ୟ ପ୍ରସାଦ ବେହେରା
୬୮ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ
୭୪ କଥା-କାହାଣୀ : ପ୍ରଭାତ ସିହ୍ନା
୮୦ ବିହଙ୍ଗବିଚିତ୍ରା : ଦେବଯାନୀ ରାୟ
୮୮ ଧାରାବାହିକ ଆତ୍ମଜୀବନୀ : ଜୟନ୍ତୀ ରଥ
୯୨ ପୁଷ୍ପବିତାନ : ଶ୍ୱେତା ରାଉତ
୯୭ ଆଇନକାନୁନ୍ : ସ୍ନିଗ୍ଧା ତ୍ରିପାଠୀ
୯୮ ଗୃହ ସମସ୍ୟା : ଡ. ହରପ୍ରସନ୍ନ ଦାସ




ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ଶୋଭନା ରାଉତ**, ତାଳଚେର
ଉଚ୍ଚତା : **୫ ଫୁଟ୍ ୭ ଇଞ୍ଚ୍**
ବୃତ୍ତି : **ସଫ୍ଟୱେର୍ ଇଂଜିନିୟର**
ରୁଚି : **ଚିତ୍ରଆଙ୍କିବା, ଅଭିନୟ, ରୋଷେଇ**
ଶିକ୍ଷା : **ବି-ଟେକ୍**
ପ୍ରଚ୍ଛଦ ଫଟୋଗ୍ରାଫି : **ସଚିନ ଶେଖର ଜେନା**, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ**, ସୋନପୁର
ମେକ୍‌ଅପ୍ : **ରାକ୍ଷୀରାଣୀ ସାହୁ**, ଭୁବନେଶ୍ୱର
ଫଟୋଶୁଟ୍ ସ୍ଥାନ : **ବଟାନିକାଲ୍ ଗାର୍ଡେନ, ଭୁବନେଶ୍ୱର**

**ମଲାଟ କଥା :** ବିଷ୍ଣୁଙ୍କର ଅବତାରୀ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ହିନ୍ଦୁମାନେ ଜନ୍ମାଷ୍ଟମୀ ରୂପେ ପାଳନ କରନ୍ତି । ଓଡ଼ିଶାର ପୁରପଲ୍ଲୀରେ ଏହି ଜନ୍ମାଷ୍ଟମୀ ଉତ୍ସବ ମହା ସମାରୋହରେ ପାଳିତ ହୁଏ । ଏହିଦିନ ଲୋକେ ଉପବାସ ରଖିଥାନ୍ତି ଓ ରାତ୍ରି ୧୨ ଘଟିକାକୁ କୃଷ୍ଣଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି । ଏହିଦିନ ଗାଁର ଭାଗବତ ଟୁଙ୍ଗୀ, ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ । ଜନ୍ମାଷ୍ଟମୀର ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ । ଜନ୍ମାଷ୍ଟମୀକୁ ନେଇ ଏଥରର ପ୍ରଚ୍ଛଦ ଆମର ।

ସମ୍ପାଦକୀୟ

# ପାରିବାରିକ ସମତା

ପରିବାର ଭିତରେ ସବୁ ସଦସ୍ୟଙ୍କ ଏକମନ ଏକପ୍ରାଣ ହୋଇ କାଳାତିପାତ କରିବାକୁ ହିଁ ଆମେ ପାରିବାରିକ ସମତା କହିଥାଉଁ । ଏହି ପରମ୍ପରା ଉପରେ ଆମର ପାରିବାରିକ ମୂଳଦୁଆ ଛିଡ଼ା ହୋଇଛି କେଉଁ ଆଦିମ କାଳରୁ । ପରିବାରର ସବୁଠୁ କନିଷ୍ଠତମ ସଦସ୍ୟ ଠୁ ଆରମ୍ଭ କରି ବରିଷ୍ଠ ସଦସ୍ୟ ପର୍ଯ୍ୟନ୍ତ, ସଭିଙ୍କ ମନପ୍ରାଣ ଏକ ହେବା ବିଧେୟ । ଆଧୁନିକ ଜୀବନଶୈଳୀ ଏବଂ ସହରୀକରଣର ଏ ଯୁଗରେ ଯଦିଓ ଆମର ସଂଯୁକ୍ତ ପରିବାରର ସଂଜ୍ଞା ବଦଳି ଯାଇଛି ଏବଂ ଆମେ ଏକକ ପରିବାରରେ ଜୀବନଯାପନ କରୁଛୁ, ତଥାପି ଆମର ପାରିବାରିକ ପରିବର୍ତ୍ତନ ଭିତରେ ଏକତ୍ର ରହିବାର ସେଇ ନିୟମ ଏବେବି ବଳବତ୍ତର ଅଛି । ହୁଏତ ବଡ଼ ସଂଯୁକ୍ତ ପରିବାର ବ୍ୟବସ୍ଥା ଭାଙ୍ଗିଯାଇଛି । କିନ୍ତୁ ଛୋଟ ପରିବାର ଭିତରେ ମଧ୍ୟ ସେଇ ଏକ ମନ, ଏକ ବିଚାରର ଧାରା ଏବେ ମଧ୍ୟ ପ୍ରଚଳିତ ରହିଛି । ଏହା ହିଁ ହେଉଛି ଆମ ପାରିବାରିକ ବନ୍ଧନର ବଡ଼ମନ୍ତ୍ର ।

ପାରିବାରିକ ସୁଖ ଓ ଶାନ୍ତି ବଜାୟ ରଖିବା ପାଇଁ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ଏକପ୍ରାଣ, ଏକମନ, ଏକ ବିଚାରଧାରା ରହିବା ବାଞ୍ଛନୀୟ । ଭାବନାରେ ସମାନତା, ବିଚାରବୋଧରେ ସମାନତା, ହୃଦୟରେ ସମାନତା ନରହିଲେ ଗୋଟିଏ ପରିବାରରେ ସୁଖଶାନ୍ତି ଆସିବ ନାହିଁ । ମନ ଓ ହୃଦୟରେ ସମାନତା ଆସିଗଲେ ପାରସ୍ପରିକ ଦ୍ୱେଷ ବା ଅସୂୟା ଭାବ ସ୍ୱତଃ ସମାପ୍ତ ହୋଇଯିବ । ଫଳରେ ପ୍ରତିଟି ସଦସ୍ୟ ମଧ୍ୟରେ ବିଶ୍ୱାସ, ସଦ୍‌ଭାବ ଓ ଭଲପାଇବା ପ୍ରତିଷ୍ଠା ପାଇବ । ଏହା ହିଁ ଗୋଟେ ସୁସ୍ଥ ପରିବାର ଗଠନର ଉଚିତ୍ ମାର୍ଗ ଅଟେ ।

ପରିବାର ମଧ୍ୟରେ ପ୍ରତିଟି ସଦସ୍ୟ ମିଳିମିଶି ରହିଥାନ୍ତି । ସୁତରାଂ ସେମାନଙ୍କ ଭିତରେ ପ୍ରେମ ଭାବ ବରାବର ରହିଥାଏ । ଏହି ପ୍ରେମ ନିଃସ୍ୱାର୍ଥ ହୋଇଥାଏ । ଏହା ସ୍ୱାର୍ଥରହିତ ନହେଲେ ପରିବାର ଭିତରେ ଅଶାନ୍ତି ଓ କଳହ ନିଶ୍ଚେ ଦେଖା ଦେଇଥାଏ । ପରିବାରରେ ଆମେ ଆମର ସନ୍ତାନକୁ ଏହି ନିଃସ୍ୱାର୍ଥ ପ୍ରେମ ଓ ଭଲପାଇବା ଦେଇ ପାଳିଥାଉଁ । ଆମ ଭିତରେ ଆଶାଟିଏ ଥାଏ ଯେ, ଆମର ବୃଦ୍ଧାବସ୍ଥାରେ ଏହି ପ୍ରେମ ଓ ଭଲପାଇବା ଦେଇ ସନ୍ତାନମାନେ ଆମକୁ ସାହାରା ହେବେ । କିନ୍ତୁ ଅନେକ କ୍ଷେତ୍ରରେ ଏହାର ବିପରୀତ ଘଟିଥାଏ । ଯେଉଁ ସନ୍ତାନକୁ ଆମେ ନିଃସ୍ୱାର୍ଥ ପ୍ରେମ ଓ ଭଲପାଇବା ଦେଇ ବଡ଼ କରିଥାଉଁ, ସେହି ସନ୍ତାନ ଆମର ବୃଦ୍ଧାବସ୍ଥାରେ ଆମକୁ ଛାଡ଼ି ଚାଲିଯିବାର ଦେଖାଯାଏ । ଅର୍ଥାତ୍ କେଉଁଠି ନା କେଉଁଠି ପାରିବାରିକ ସତ୍ ଭାବନାରେ ବିଭ୍ରାଟ ରହିଥାଏ ।

ପରିବାରର ପ୍ରତିଟି ସଦସ୍ୟ ପ୍ରତିଟି ସଦସ୍ୟ ପ୍ରତି ସଦୟ ରହିବା ସହ ବିଶ୍ୱସ୍ତ ରହିବା ମଧ୍ୟ ଜରୁରୀ । କୁହାଯାଇଛି ଯେ, ପରସ୍ପର ପ୍ରତି ପ୍ରୀତି ଓ ସଦ୍‌ଭାବ ରହିବା ସହିତ କେହି କାହାରି ପ୍ରତି ଶତ୍ରୁଭାବ ରଖିବା ଅନୁଚିତ । ପୁତ୍ର ପିତାର ଆଜ୍ଞାକାରୀ ହେବା ସହ ଶାନ୍ତ ସ୍ୱଭାବ ବିଶିଷ୍ଟ ହେବା ଜରୁରୀ । କେବଳ ପରିବାରରେ ସମାନତା କହିଲେ ପରସ୍ପରକୁ ସମାନ ଚକ୍ଷୁରେ ଦେଖିବାକୁ ବୁଝାଏ ନାହିଁ । ପରନ୍ତୁ ପରିବାରର ପ୍ରତିଟି ସଦସ୍ୟଙ୍କ ରହଣି ଅର୍ଥନୈତିକ ସୁବିଧା ଏବଂ ଖାଇବା ପିଇବାରେ ଯେପରି ସମାନତା ବା ସମତା ତିଷ୍ଠି ରହେ, ସେ ଦିଗରେ ସମସ୍ତେ ଏକନିଷ୍ଠ ପ୍ରଚେଷ୍ଟା କରିବା ଉଚିତ୍ ।

ଈଶ୍ୱର ଆମକୁ ଗୃହସ୍ଥ ଜୀବନଯାପନର ଯେଉଁ ମାର୍ଗ ଦେଖାଇଛନ୍ତି, ଆମେ ସେଇ ମାର୍ଗ ଅନୁସରଣ କରି ଚାଲିବା ଉଚିତ । ପରିବାରରେ ମାତାପିତାଙ୍କ ପ୍ରତି ଅବମାନନାକୁ ପ୍ରଶ୍ରୟ ନଦେବା ଆମର ପ୍ରଥମ କର୍ତ୍ତବ୍ୟ । ତତ୍‌ସହିତ ମାତାପିତାଙ୍କ ବିରୁଦ୍ଧାଚରଣ ଭଳି କୌଣସି କାର୍ଯ୍ୟ କରିବା ଏବଂ ପରସ୍ପର ଭିତରେ କୌଣସି ଦ୍ୱେଷଭାବ ନରଖିବା ପ୍ରତି ତତ୍ପର ହେବା ଉଚିତ । ପରିବାରରେ ସମତ ବା ସମାନତା ପ୍ରାପ୍ତ କରିବା ହେଉଛି ପ୍ରଥମ ସୋପାନ । ତେଣୁ ଆମେ ଆମର ସଦ୍‌ଗୁଣମାନଙ୍କୁ ରକ୍ଷା କରିବା ପାଇଁ ମାତୃଦେବ, ପିତୃଦେବଙ୍କୁ ସମ୍ମାନ କରିବା ସହ ପ୍ରାତଃକାଳ ଓ ସାୟଂକାଳରେ ପ୍ରାର୍ଥନା କରି ନିଜ ନିଜର ଚିତ୍ତଶୋଧନ କରିବା ଉଚିତ୍ ।

ପରିବାରରେ ସମତା ବା ସମାନତା ଯଦି ପ୍ରାପ୍ତ ହୋଇପାରିଲା, ତେବେ ଆମେ ବୁଝିବା ଯେ ସମାଜରେ ମଧ୍ୟ ସମାନତା ଆସିଲା । ସମାଜରେ ସମାନତା ଆସିଲା ତ ଆମକୁ ଜୀବନର ଅସଲ ସଫଳତା ମିଳିଗଲା ବୋଲି ବୁଝିବାକୁ ପଡ଼ିବ । ସୁତରାଂ ଆମକୁ ପ୍ରତିଟି ପରିବାର ଭିତରେ ପ୍ରଥମେ ସମତାର ମନ୍ତ୍ର ଉଚ୍ଚାରଣ କରି ସମତା ପ୍ରତିଷ୍ଠା କରିବାକୁ ହେବ- ଆସନ୍ତୁ ଏ ଦିଗରେ ସମସ୍ତେ ଭାବିବା ।

## ଶ୍ରଦ୍ଧାଞ୍ଜଳି

ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଦ୍ୱିଭାଷୀ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତକୁ ସ୍ତବ୍ଧ କରିଦେଇଛି । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ତାରକା ଅନ୍ତର୍ହିତ ହୋଇଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ବିପୁଳ ସାହିତ୍ୟ କୃତି ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ବାଣୀଭଣ୍ଡାରକୁ ସମୃଦ୍ଧ କରିବା ସହ ତାଙ୍କର ଏଇ ଅତୁଳନୀୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ । ସେ ନିୟମିତ ଭାବରେ 'ରେବତୀ' ପଢ଼ିବା ସହିତ 'ରେବତୀ'ରେ ତାଙ୍କ ସମ୍ପର୍କରେ ଆମେ ଅନେକଥର ଆଲେଖ୍ୟ ପ୍ରକାଶ କରିଛୁ । ତାଙ୍କର ବିୟୋଗରେ 'ରେବତୀ' ପରିବାର ମର୍ମାହତ । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

ସମ୍ପାଦିକା



ମତ-ଅମତ

## ମୁକ୍ତ ସମ୍ପାଦକୀୟ ଆଲୋଚନା ପାଇଁ ପ୍ରଣାମ

● ରେବତୀ'ର ଅଗଷ୍ଟ ସଂଖ୍ୟାର ସମ୍ପାଦକୀୟ 'ପରିବାରର ସ୍ୱାଧୀନତା'ରେ ସମ୍ପାଦିକା ପରିବାରର ପ୍ରତ୍ୟେକ ସଦସ୍ୟ ଯେପରିକି ପୁଅ, ଝିଅ, ବୋହୂ, ଶାଶୂ, ଶ୍ୱଶୁରଙ୍କ ସ୍ୱାଧୀନ ମନୋଭାବ ପୋଷଣର ଯେମିତି ନିଖୁଣ, ମୁକ୍ତ ଓ ନିରପେକ୍ଷ ଆଲୋଚନା କରିଛନ୍ତି, ତାହା ଆମ ଓଡିଆ ଘରେ ନିତିଦିନ ଘଟୁଥିବା ନିଛକ ସତକଥା । ଝିଅ ଓ ବୋହୂ ପ୍ରତି ମୃଦୁ ତାଗିଦ୍ କରିବାର କାରଣ ହେଉଛି ଆଜିର ତଥାକଥିତ ସଭ୍ୟ ସମାଜରେ ସୁଦ୍ଧା କନ୍ୟା ସନ୍ତାନଟି ଜଠରରୁ ଜୁଇ ଯାକେ ନିର୍ଯାତନାର ଶିକାର ହେଉଛି । ମୁକ୍ତ ସମ୍ପାଦକୀୟ ଆଲୋଚନା ଲାଗି ସମ୍ପାଦିକାଙ୍କୁ କୃତଜ୍ଞତା ଓ ପ୍ରଣାମ । ସେହିପରି 'ଶେଷପୃଷ୍ଠା'ରେ 'ସର୍ଜନାରେ ସ୍ୱାଧୀନତା' ସ୍ତମ୍ଭରେ ଲେଖକ ଓ ପାଠକ ସ୍ୱ ସ୍ୱ କ୍ଷେତ୍ରରେ ସ୍ୱାଧୀନ ମତପୋଷଣ ଷୋଳ ଅଣା ଠିକ୍ । କୃଷ୍ଣବାବୁଙ୍କ ମତରେ 'ସାହିତ୍ୟ ହେଉଛି ବାସ୍ତବରେ ଏକ ମୁକ୍ତ କଳାର ସ୍ୱରୂପ, ଉଭୟ ଲେଖକ ଓ ପାଠକ ପାଇଁ'– ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ । ଖୁବ୍ ଭଲ ଲାଗିଲା 'ରେବତୀ'ର ଅଗଷ୍ଟ ସଂଖ୍ୟାର ପ୍ରଥମ (ସମ୍ପାଦକୀୟ) ଓ ଶେଷ ଲେଖ (ଶେଷପୃଷ୍ଠା) ସ୍ୱାଧୀନତା ଆଧାରିତ । 'ମତ-ଅମତ' ବିଭାଗଟି ଏକାନ୍ତ ଭାବେ ଅନ୍ତରଙ୍ଗ ଯେଣୁ ପତ୍ରିକାର ପୂର୍ବ ସଂଖ୍ୟାଗୁଡିକରେ ପ୍ରକାଶିତ ବିବିଧ ବିଷୟରେ ପାଠକ ସ୍ୱୀୟ ସୁଚିନ୍ତିତ ମତ ରଖିବାର ଅବକାଶ ଥାଏ । ପତ୍ରିକାର ଏହା ଅନ୍ୟ ଏକ ପ୍ରମୁଖ ବିଭବ । 'ସଂଗ୍ରାମର ଅଲିଭା ଶିଖା – ଅମର ଶହୀଦ : ବିନୟ-ବାଦଲ-ଦୀନେଶ' ହୃଦୟସ୍ପର୍ଶୀ ଲେଖା । 'ରେବତୀ'ରେ ପ୍ରକାଶିତ 'ଗଡଜାତ କଥା', 'ସଂଗ୍ରାମୀ ସାରଙ୍ଗଧର', 'ଲେଲିହାନ ଲାଲକିଲା', 'ଧାରାବାହିକ ଆତ୍ମଜୀବନୀ', 'ଭଲ ବହି' ଓ ଅନ୍ୟ ନିୟମିତ ସ୍ତମ୍ଭ ପଢିଲା ବେଳର ଉଲ୍ଲାସ ଓ ଉତ୍ତେଜନା ଏବଂ ପରବର୍ତ୍ତୀ ସଂଖ୍ୟାର ଉତ୍କଣ୍ଠିତ ପ୍ରତୀକ୍ଷା, ତାହା ବର୍ଣ୍ଣନାତୀତ ଓ ଭାଷାରେ ପ୍ରକାଶ କରିବା କଷ୍ଟ । ମାଟିମଗ୍ନା ମାତୃପ୍ରତିମା ଅଶିତିପର ସାରସ୍ୱତ ସାଧିକା ବନଜ ଦେବୀଙ୍କୁ ତାଙ୍କ ଜନ୍ମ ମାସରେ ପ୍ରଚ୍ଛଦରେ ସ୍ଥାନିତ କରିଥିବାରୁ 'ରେବତୀ'କୁ ଅନେକ ଅଭିନନ୍ଦନ । ପ୍ରଣମ୍ୟ ବନଜ ଦେବୀ ପୁଣି ଥରେ ପ୍ରମାଣିତ କଲେ ଯେ ସାହିତ୍ୟ ସର୍ଜନା ଲାଗି କଲେଜର ତଥାକଥିତ ଡିଗ୍ରୀ ଅନାବଶ୍ୟକ । ଶେଷରେ 'ରେବତୀ' ସମ୍ପାଦିକା ତଥା ସମ୍ପାଦନାମଣ୍ଡଳୀଙ୍କୁ କୃତଜ୍ଞତା ଓ ପ୍ରଣାମ ।

**ପ୍ରତାପ ନାୟକ**
କେ୯ଏ/୭୫, କଳିଙ୍ଗ ବିହାର, ପାତ୍ରପଡା, ଭୁବନେଶ୍ୱର-୧୯, ଫୋନ : ୭୭୫୦୮୫୨୮୧୯




## ଶିକ୍ଷଣୀୟ ପତ୍ରିକା ଭାବେ 'ରେବତୀ' ବେଶ୍ ଆଦୃତ

● 'ରେବତୀ' ଅଗଷ୍ଟ ମାସ ବେଶ୍ ସୁଖପାଠ୍ୟ ହୋଇଛି । ପ୍ରଚ୍ଛଦରୁ ଶେଷପୃଷ୍ଠା ପର୍ଯ୍ୟନ୍ତ ଖୁବ୍ ଆକର୍ଷଣ ସାଜସଜ୍ଜା, ରୁଚିକର ଏବଂ ଏକ ସଂଭ୍ରାନ୍ତୀୟ ଅନୁରୁଚିର ଅନୁଭବ ଦେଉଛି । ପ୍ରଥମ ପୃଷ୍ଠା ଡେଇଁଲେ ସମ୍ପାଦିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ସମ୍ପାଦକୀୟ 'ପରିବାର ସ୍ୱାଧୀନତା' ବର୍ତ୍ତମାନ ଏକ ସୁସ୍ଥ ପରିବାରର ପରିକଳ୍ପନା କରିବା ପାଇଁ ଖୁବ୍ ଶିକ୍ଷଣୀୟ ହୋଇଛି । 'ଶେଷପୃଷ୍ଠା'ରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ସର୍ଜନାରେ ସ୍ୱାଧୀନତା' ମଧ୍ୟ ସୃଜନ ସତ୍ତାର ସତ୍ୟତାକୁ ଖୁବ୍ ପ୍ରଭାବିତ କରୁଛି । ପାଠକଙ୍କ ପାଇଁ 'ମତ-ଅମତ' ପୃଷ୍ଠାଟି ଅମୃତ ଅନୁଭବର ଆତ୍ମବିଶ୍ୱାସଟିଏ ଦେଉଛି । ବିଷୟସୂଚୀ ଭିତରେ ବନଜଙ୍କ ବର୍ଣ୍ଣମାଳାରୁ ବନଜ ଦେବୀଙ୍କ ସମ୍ପର୍କରେ ଅନେକ କିଛି ଜାଣି ହେଲା । ପ୍ରବନ୍ଧ 'ଗଡ଼ଜାତ ଗାଥା' ଛାତ୍ର ସମାଜ ଏବଂ ସମସ୍ତଙ୍କ ପାଇଁ ନିହାତି ଜାଣିବା କଥା । ଶ୍ରୀଯୁକ୍ତ ଅଭୟ ଦ୍ୱିବେଦୀଙ୍କ 'ଅମର ଶହୀଦ'ରୁ ତିନି ଜଣ ଯୁବ ସଂଗ୍ରାମୀଙ୍କ କଥା ଜାଣିହେଲା । 'ଗଡ଼ଜାତ ଗାନ୍ଧୀ ସାରଙ୍ଗ ଦାସ'ଙ୍କ ତ୍ୟାଗପୂତ ଜୀବନ କାହାଣୀକୁ ଡ. ପ୍ରଫୁଲ୍ଲ କୁମାର ପାଣି ସୁନ୍ଦର ଭାବରେ ଆଲୋକପାତ କରିଛନ୍ତି । ଶ୍ରୀମତୀ ଆରତୀ ସାହୁଙ୍କ 'ଇତିହାସର ଜୀବନ୍ତ ସାକ୍ଷୀ, ଲାଲ୍‌ଦୁର୍ଗ ଲାଲ୍‌କିଲା' ଭୁଲି ଯାଇଥିବା କଥାକୁ ପୁନଶ୍ଚ ମନେ ପକାଇ ଦେଲା । ଡକ୍ଟର ଫକୀର ମୋହନ ନାହାକଙ୍କ 'ସୀମାନ୍ତରେ ଶେଷ ଗାଁ' ଖୁବ୍ ଉତ୍ସାହିତ କଲା ଏବଂ ଅନେକ ବାସ୍ତବତାର ଅନୁଭବ ମନରେ ଘର କରି ସ୍ମୃତିଚାରଣ ମାଇଲ୍ ଖୁଣ୍ଟ ହୋଇ ରହିବ । କଥା ଓ କାହାଣୀରେ ପ୍ରିୟ ଗାଳ୍ପିକ ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ନାୟକଙ୍କ ଗଳ୍ପ 'ନାଜିମନ୍ତ' ବର୍ତ୍ତମାନ ବିଶୃଙ୍ଖଳିତ ତଥାକଥିତ ସମାଜ ଏବଂ ବିବାହ ଉତ୍ସବରେ ନାରୀମାନଙ୍କର ନୃତ୍ୟ କରିବାର ଢଙ୍ଗକୁ ଆଙ୍ଗୁଠି ଦେଖାଇବା ସହିତ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଉଛି । ଧନ୍ୟବାଦ ପ୍ରିୟ ଗାଳ୍ପିକଙ୍କୁ । ଧାରାବାହିକ କାବ୍ୟ ସଂଭାରରେ ଖୁବ୍ ବଳିଷ୍ଠଙ୍କ ସହିତ କନିଷ୍ଠମାନଙ୍କ ଲେଖା ଖୁବ୍ ମାର୍ଜିତ ଏବଂ ତୃପ୍ତିପ୍ରଦ । ସମସ୍ତ ସ୍ରଷ୍ଟାଙ୍କୁ ଆନ୍ତରିକ ଧନ୍ୟବାଦ ସହିତ ଶୁଭେଚ୍ଛା । ସ୍ୱାଧୀନତା ପରର ଅର୍ଦ୍ଧିତ ଭାରତ 'ଚାଷବାସ' ଭାରତବର୍ଷର ଏକ ଆର୍ଥିକ ଭୌଗୋଳିକ ସୀମା ରେଖାକୁ ଦୃଷ୍ଟିପାତ କରୁଛି । ସବୁଠାରୁ ଖୁବ୍ ଆନନ୍ଦପ୍ରଦ ଏବଂ ସୁଖପଦ ଓଡ଼ିଆ କବିତା 'ଚାରିକେ ଚାରି'ରେ ଈପ୍ସିତା ଷଡ଼ଙ୍ଗୀଙ୍କ ଆଲୋକିତ କାବ୍ୟସ୍ୱରର ଆଲୋଚନା । ଆହୁରି ଭଲ ଲାଗୁଛି ଶିକ୍ଷା ନଗରୀ, 'କୋଟା'ରେ ସ୍ନିଗ୍ଧା ନାୟକଙ୍କ ଖୋଲା ପ୍ରସଙ୍ଗ । ଶ୍ୱେତା ରାଉତଙ୍କ କାଗଜି ଫୁଲ ପଢ଼ିବା ବେଳେ ମହକ ଭରି ଯାଉଛି ମନରେ । ଜୟନ୍ତୀ ରଥଙ୍କ ପ୍ରଜ୍ଞାପୀଠରୁ ତେତିଶ୍ ବର୍ଷରେ ଅନେକ କିଛି ଜାଣି ହେଲା । 'ଆପଣଙ୍କ ସମସ୍ୟା, ସମାଧାନ ସୂତ୍ର ଆମର', ପ୍ରତି ପରିବାର ପାଇଁ ନିହାତି ଆବଶ୍ୟକ । ଶେଷରେ ପରିବାର ପାଇଁ ଖାଦ୍ୟ ରେସିପି ନୂଆ କିଛି ରୋଷେଇ କରିବାରେ ନିହାତି କାମରେ ଆସିବ । ମୋଟାମୋଟି 'ରେବତୀ' ଏକ ଫିଚର୍ ଧର୍ମୀ ଶିକ୍ଷାଯୁକ୍ତ ପତ୍ରିକା । ଆଜିର ଛାତ୍ର ଛାତ୍ରୀ ମହଲରେ ପତ୍ରିକାଟି ଆଦୃତ ହେଲେ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ପାଇଁ ବହୁବିଧ ଉପକାର ହେବ । ଏସବୁ ଭିତରେ ଉକ୍ତ ପତ୍ରିକା ପାଇଁ ସ୍ୱତନ୍ତ୍ର ଭୂମିକା ରହିଛି, ମାର୍ଗଦର୍ଶକ ଇଂ ରବୀନ୍ଦ୍ର କୁମାର ଜେନା ଏବଂ ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କର । ଆନ୍ତରିକ ଧନ୍ୟବାଦ ଏବଂ ଅଭିନନ୍ଦନ । ସବୁଠାରୁ ଆଶ୍ଚର୍ଯ୍ୟ ସମ୍ପୂର୍ଣ୍ଣ ରଙ୍ଗୀନ୍ ପତ୍ରିକାର ମୂଲ୍ୟ ରହିଛି ପଚାଶ ଟଙ୍କା ମାତ୍ର । ଯାହା ବର୍ତ୍ତମାନ ଦରଦାମ୍ ବଜାର ଭିତ୍ତରେ ବିଶେଷ ରିହାତି ଭଳି ମନେହୁଏ ।

**ମନୋରମା ମିଶ୍ର,**
ଶକ୍ତିନଗର, ଶିଶୁପାଳଗଡ଼, ଭୁବନେଶ୍ୱର-୭୫୧୦୦୨

## ଲେଖା ଓ ଲେଖକ ଉଭୟଙ୍କୁ ଯଥୋଚିତ ସମ୍ମାନ ଦେଇଥାଏ 'ରେବତୀ'

● ପ୍ରତିମାସ ନିୟମିତ ଭାବେ ପରିଚ୍ଛନ୍ନ ମୁଦ୍ରଣ ପରିପାଟୀରେ ସଜ୍ଜିତ ହୋଇ 'ରେବତୀ' ଆମ ଘରେ ପହଞ୍ଚୁଛି । ସମ୍ପାଦକୀୟ ଠାରୁ ଶେଷପୃଷ୍ଠା ଯାଏଁ- ପ୍ରତିଟି ପୃଷ୍ଠା ସ୍ୱକୀୟ ଗରିମାର ସମୁଜ୍ଜ୍ୱଳ ଓ ସମୁନ୍ନତ । ତେଣୁ ଭଲ ଲାଗେ ପ୍ରତିଟି ପୃଷ୍ଠାକୁ ଛୁଇଁ ଛୁଇଁ । ଏ ମାଟିର ସ୍ୱରକୁ ଅନୁଭବ କରିବାକୁ, ଲେଖା ଓ ଲେଖକ- ଉଭୟଙ୍କୁ ଯଥୋଚିତ ସମ୍ମାନ ଦେଇ ସମ୍ପାଦକ ମହୋଦୟ ସ୍ଥାନିତ କରନ୍ତି, ତେଣୁ କୃଷ୍ଣ କୁମାରଙ୍କୁ ମୋର ସାଧୁବାଦ । ଶେଷରେ 'ରେବତୀ' ଶତାୟୁ ହେଉ...ସମୟର ପ୍ରବାହରେ ହଜି ନଯାଇ- ଏତିକି କାମନା କରିବି । ଅତୀତରେ କବିତାଟି ପଠାଇଥିଲି । ପ୍ରକାଶ କରି ମୋତେ କୃତଜ୍ଞ କରାଇଥିଲେ । ଏଥର ମଧ୍ୟ କବିତାଟିଏ ପଠାଉଛି । ସ୍ଥାନିତ କଲେ ସୁଖୀ ହେବି । ମୋର ଅଭିନନ୍ଦନ ଓ ଶୁଭେଚ୍ଛାନ୍ତେ ରହୁଛି ।

**ସୁଚିତ୍ରା ପାଣିଗ୍ରାହୀ,** ଭଦ୍ରକ

**SUPRATIK INFRAVENTURES**

# LIFESTYLE Project - II

***Limited 2 & 3 BHK Flat Available***

**RERA APPROVED**







## ✆ 7205330222

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001

## ବହୁ ଅଜଣା କଥାର ଗନ୍ତାଘର 'ରେବତୀ'

● ଅଗଷ୍ଟ ମାସର 'ରେବତୀ'ର ପ୍ରସଙ୍ଗ-ସ୍ୱାଧୀନତା, ଉପରେ ଲେଖାଗୁଡ଼ିକ ପଢିଲି । ବିନୟ-ବାଦଲ-ଦୀନେଶଙ୍କ ବିଷୟରେ ପ୍ରଥମ ଥର ପାଇଁ ଜାଣିଲି । ମୁଁ ଢେଙ୍କାନାଳର ଝିଅ ଓ ବୋହୂ । ତଥାପି ସଂଗ୍ରାମୀ ସାରଙ୍ଗଧରଙ୍କ ବିଷୟରେ ପ୍ରଥମ ଥର ପାଇଁ ଜାଣିଲି 'ରେବତୀ'ରୁ । ଦୁଃଖ ଲାଗିଲା ଯେ, ଯେଉଁ କଥାଗୁଡିକ ନିହାତି ଭାବେ ଆମର ଜାଣିବା କଥା ସେଗୁଡିକ ଜାଣୁନେ ଆମେ । ଖୁସି ବି ଲାଗିଲା, 'ରେବତୀ' ପାଇଁ ଏମିତି କିଛି ତଥ୍ୟ ଜାଣି ପାରିଲି ବୋଲି କାହା ନାଆଁ ଲେଖିବି ମତାମତରେ , କାହାକୁ ଛାଡ଼ିବି ? ଏଥରକ ତ ସମସ୍ତଙ୍କ ଲେଖା ସୁନ୍ଦର ଓ ମାର୍ମିକ । ଧନ୍ୟବାଦ ସବୁ ଲେଖକଙ୍କୁ ।

**ଶ୍ରୀମତୀ ଜାହ୍ନବୀ ମିଶ୍ର,**
**ନବୀ ମୁମ୍ବାଇ,ଫୋନ୍-୯୧୩୬୧୧୯୭୫୩**

## ସୁଖୀ ପରିବାରର ସଂପାଦକୀୟ ଚମତ୍କାର

● 'ରେବତୀ'ର ମୁଁ ଜଣେ ମୁଗ୍ଧ ପାଠକ । କୌଣସି କାରଣରୁ ମୁଁ କଟକ ଗଲେ, ପ୍ରଥମେ ଉନ୍ମୁକ୍ତପ୍ରାୟ ପୁସ୍ତକାଳୟ ଧାଇଁ ଯାଇ 'ରେବତୀ' ଖୋଜେ । 'ରେବତୀ, ଆମ ମାଟିର ସ୍ୱର' ଅନୁରଣିତ ହେଉ ଥାଏ, ମୋ ଭିତରେ । 'ରେବତୀ' କ୍ରୟ କରିବା ପରର ଆନନ୍ଦ ବାସ୍ତବରେ ଅପୂର୍ବ । ଚମତ୍କାର କଳେବର ନେଇ ପ୍ରକାଶ ପାଉଥିବା ଏହି ପତ୍ରିକା ବାସ୍ତବରେ ବହୁମୂଲ୍ୟ । ମାତ୍ର ୫୦ ଟଙ୍କାରେ ପାଠକମାନଙ୍କୁ ଉପହାର ତୁଲ୍ୟ ପ୍ରଦାନ କରିବା ଗୌରବର ବିଷୟ । ଜୁଲାଇ ସଂଖ୍ୟା 'ରେବତୀ'ରୁ ସୁବସିନୀ ଜେନାଙ୍କ ସୁଖୀ ପରିବାରର ସଂଜ୍ଞା ପଢ଼ି ପାରିବାରିକ ଶାନ୍ତି ପ୍ରତିଷ୍ଠା ଦିଗରେ ଅନୁପ୍ରାଣିତ ହେଲି । ବାସ୍ତବରେ ବୃତ୍ତିଗତ କାରଣରୁ ଜଣେ ସଦସ୍ୟ ପରିବାର ଠାରୁ ଦୂରରେ ରହେ, ସେତେବେଳେ ପରିବାରକୁ ସେ ଯେତିକି ଝୁରେ, ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ତାଙ୍କ ପ୍ରତି ଅନୁରୂପ ସହାନୁଭୂତି ପ୍ରକାଶ କରିବା ଉଚିତ୍ । ଏହା ହିଁ ଶ୍ରୀମତୀ ଜେନାଙ୍କ ମତରେ ପାରିବାରିକ ବନ୍ଧନର ମୂଳ ତତ୍ତ୍ୱ । ଭଲ ଲାଗିଲା । ଏଥି ସହିତ ପୀତବାସ ରାଉତରାୟ, ଅସିତ୍ ମହାନ୍ତି, ଜଗନ୍ନାଥ ସଂସ୍କୃତିକୁ ନେଇ ଉପସ୍ଥାପନ କରିଥିବା କାରୁକାର୍ଯ୍ୟମୟ ଫିଚର୍ ବି ଅନୁରୂପ ଆନନ୍ଦ ପ୍ରଦାନ କଲା । ସବୁଠାରୁ ଭଲ ଲାଗିଲା ଅନୁଭବରେ ଜଗନ୍ନାଥ । ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଚଳନ୍ତି ଠାକୁର ଉପରେ ମଣୀନ୍ଦ୍ର ମେହେରଙ୍କ ବିଶ୍ଳେଷଣ ପଢିଲି । ମାତ୍ର ଉପସ୍ଥାପନାରେ ଜଣେ ଆଗ ଧାଡିର ସାହିତ୍ୟିକଙ୍କ ଗଳ୍ପକୁ ଚଳନ୍ତ ଠାକୁର ଓ ମୁଖ୍ୟ ଶିଶୁ ଚରିତ୍ରକୁ ମୁସ୍କାନ ବୋଲି ପ୍ରକାଶିତ କରାଯାଇ ଥିବାରୁ ତାହା ଭଲ ଲାଗିଲା ନାହିଁ । ଧ୍ୟାନ ଦେବାକୁ ଅନୁରୋଧ । କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା'ର ସୃଜନର ସୁଖ ବାସ୍ତବିକ୍ ନିଆରା । 'ରେବତୀ'ର ପୃଷ୍ଠପୋଷକ, ବିଜ୍ଞାପନଦାତା, ପାଠକପାଠିକାଙ୍କୁ ଶୁଭେଚ୍ଛା ।

**ଦୀପ୍ତି ଖଣ୍ଡୁଆଳ**
ପଦ୍ମ ଅରଣ୍ୟ, ସିହା, ଏରସମା, ଜଗତସିଂହପୁର

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥଇପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।


● 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com



# ପ୍ରଣମ୍ୟ ପୁରୁଷ ପ୍ରହରାଜ

# ଶବ୍ଦ କୋଣାର୍କର ଶିଳ୍ପୀ : ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ


**ଲକ୍ଷ୍ମୀପ୍ରିୟା ଓଝା**

ସିଦ୍ଧେଶ୍ୱର ପୁର, କଟକ-୭୫୪୧୦୦
ଫୋନ : ୭୪୯୦୯୯୬୮୬୫


ଫଟୋ ସୌଜନ୍ୟ : ଲେଖିକା
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ

**ବିଶାଳ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ସ୍ରଷ୍ଟା ସାହିତ୍ୟ ଭୂଷଣ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୫୦ତମ ଜନ୍ମବାର୍ଷିକୀ ଏଇ ସେପ୍ଟେମ୍ବରରେ । କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମର ସମ୍ଭ୍ରାନ୍ତ ବ୍ରାହ୍ମଣ ବଂଶରେ ଏକ ପ୍ରତିପତ୍ତିଶାଳୀ ଜମିଦାର ନରସିଂହ ପ୍ରହରାଜଙ୍କ ପୁତ୍ର ରୂପେ ୧୮୭୪ ମସିହା ସେପ୍ଟେମ୍ବର ୨୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଗୋପାଳଚନ୍ଦ୍ର ।**



◀ ଲେଖିକା ଲକ୍ଷ୍ମୀପ୍ରିୟା ଓଝା


ଅନେକ ଅମୂଲ୍ୟ ମୁହୂର୍ତ୍ତର ଜଳାଞ୍ଜଳି ପରେ ସୃଷ୍ଟି ହୁଏ ଗୋଟେ ଗଳ୍ପ କି କବିତା । ଉପଯୁକ୍ତ ଶବ୍ଦ ଖୋଜିବାରେ ପାହିଯାଏ ଅନେକ ବିନିଦ୍ର ରଜନୀ । ତିଳ ତିଳ ହେଇ ଜଳିବାକୁ ପଡେ ଗୋଟିଏ ସଫଳ ସୃଷ୍ଟି ପାଇଁ । ତାହାଲେ କୁହନ୍ତୁ ତ ଶବ୍ଦର କୋଣାର୍କ ସୃଷ୍ଟି କରିପାରିଥିବା ସ୍ରଷ୍ଟା ଜୀବନର କେତେ ଭାଗ ସ୍ୱାହା ହେଇଥିବ ଏ ସାରସ୍ୱତ ଯଜ୍ଞରେ ?

ବାରଶହ ବଢ଼େଇଙ୍କ ବାରବର୍ଷ ଚକ୍ଲାନ୍ତ ପରିଶ୍ରମ, ତପସ୍ୟାର ଫଳ, ଆମ ଶିଳ୍ପୀକୁଳଙ୍କ କଳା ଭାସ୍କର୍ଯ୍ୟ, ଜ୍ଞାନର ପରିଚାୟକ 'କୋଣାର୍କ' । ଆମ ପ୍ରଦେଶର, ଆମ ଓଡ଼ିଆ ଜାତିର ଗର୍ବ ଗୌରବ 'କୋଣାର୍କ' । ରାଜା ନରସିଂହ ଦେବ ପ୍ରଥମଙ୍କ ଇଚ୍ଛା, ଭକ୍ତି, ଶକ୍ତିର ନିଦର୍ଶନ ସ୍ୱରୂପ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ପ୍ରଥମ ସ୍ଥାନର ଅଧିକାରୀ 'କୋଣାର୍କ' । ସମଗ୍ର ବିଶ୍ୱ ବିସ୍ମୟାଭିଭୂତ ହେଉଥିବା ଏହି ଶିଳାର କୋଣାର୍କ ଗଠନ ପାଇଁ ଧନ ସମ୍ପଦ କିମ୍ବା ଲୋକ ସମ୍ପଦର ଅଭାବ ନଥିଲା । ରାଜାଙ୍କ ଇଙ୍ଗିତରେ ବାରଶହ ବଢ଼େଇ ବିନା ବାକ୍ୟ ବ୍ୟୟରେ ବିନା ପାରିଶ୍ରମିକରେ ସ୍ୱେଦ, ରକ୍ତ ଏକାକାର କରି ପ୍ରସ୍ତର ଦେହରେ ଫୁଟାଉଥିଲେ ଭାବର ଲାଳିତ୍ୟ ରାଜାଙ୍କ ବ୍ୟକ୍ତିଗତ ସ୍ୱପ୍ନକୁ ସକାର କରିବାକୁ । ଏଠି କିନ୍ତୁ ନା ଧନ ଥିଲା ନା ଲୋକାଶକ୍ତି । ବାସ୍ ପ୍ରବଳ ଇଚ୍ଛାଶକ୍ତିର ଫଳଶ୍ରୁତିରେ ତିଆରି ହେଇଥିଲା ଶବ୍ଦର କୋଣାର୍କ ଭାଷା ରାଜ୍ୟକୁ ଭକ୍ତି ଅର୍ଘ୍ୟ ରୂପେ ଅର୍ପଣ କରିବାକୁ । ତାହା ପୁଣି ସେଇ ସମୟରେ ଯେବେ ଏହାର ଆବଶ୍ୟକତା ଥିଲା ସର୍ବାଧିକ । ବଙ୍ଗ, ବିହାର, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଭିତରେ ଭାଗ ବଣ୍ଟା ହେଇ ଓଡିଶା ହରାଇଥିଲା ନିଜର ଅସ୍ତିତ୍ୱ । ଓଡ଼ିଆ ଭାଷାକୁ ବିଲୁପ୍ତ କରିବା ପାଇଁ ବଙ୍ଗାଳୀମାନଙ୍କର 'ଉଡ଼ିଆ ଏକ୍ଟା ସ୍ୱତନ୍ତ୍ର ଭାଷା ନୟ'ର ନାରା ତୀବ୍ର ହେଉଥିଲା । ଠିକ ସେଇ ସମୟରେ ଯଦି ଆମ ସ୍ୱାଭିମାନୀ ବାଗ୍ମୀ ପୁରୁଷମାନେ ସଚେତନ ହେଇନଥାନ୍ତେ ତେବେ ଆମେ ଓଡ଼ିଆ ନୁହେଁ ଉପରୋକ୍ତ ରାଜ୍ୟର ଭାଷା କହୁଥାନ୍ତେ । ତାଙ୍କ ପର୍ବପର୍ବାଣି, ରୀତିନୀତି, ବେଶପୋଷାକରେ ଲୁପ୍ତ ହେଇ ନିଜ ଅସ୍ତିତ୍ୱକୁ ହରାଇ ଦେଇଥାନ୍ତେ । ଫକୀର ମୋହନ ସେନାପତି, ମଧୁସୂଦନ ଦାସ ଆଦି ଅନେକ ନମସ୍ୟ ମହାପୁରୁଷମାନଙ୍କ ସହ ଓଡ଼ିଆ ଭାଷାର ମଙ୍ଗ ଧରିଲେ ରାୟବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ । ଯେବେ ଜନ୍ ବୀମ୍ସ୍‌ଙ୍କ ପାଖରେ ଫକୀରମୋହନ, କବିସୂର୍ଯ୍ୟ ବଳଦେବ ରଥ, ଉପେନ୍ଦ୍ର ଭଞ୍ଜ ଆଦିଙ୍କ ରଚନା ନେଇ ଓଡ଼ିଆ ଭାଷା ଏକ ସ୍ୱତନ୍ତ ଭାଷା ଏବଂ ଏହାର ସମୃଦ୍ଧ ସାହିତ୍ୟ ଅଛି, ଆମ ଭାଷାକୁ ବିଲୁପ୍ତ କରାନଯାଉର ଦାବି ଉପସ୍ଥାପନ କଲେ ସେବେ ଜନ ବୀମ୍ସ୍ ତାଙ୍କୁ ପଚାରିଥିଲେ, 'ଆପଣ କଣ ଘରେ ଏହି ଭାଷାରେ କଥାବାର୍ତ୍ତା ହୁଅନ୍ତି ?' ଫକୀରମୋହନ ସେଇଠୁ ଫେରି ଆସି ଲେଖିଥିଲେ ଲୋକ କଥିତ ସାଧାରଣ ଭାଷାରେ 'ରାଣ୍ଡି ପୁଅ ଅନନ୍ତା' ।

ଓଡ଼ିଆ ଭାଷା ଯେ ଏକ ସାଧାରଣ ଭାଷା ନୁହେଁ ଅଗାଧ ଅମାପ ଶବ୍ଦ ଭଣ୍ଡାର, ଢଗଢମାଳି, ଲୋକୋକ୍ତି, ଲୋକକାହାଣୀରେ ସମୃଦ୍ଧ ଏହାକୁ ପ୍ରତିପାଦିତ କରିବା ପାଇଁ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖିଲେ ବିଶାଳ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' । ତେଣୁ ସ୍ୱତନ୍ତ ଉତ୍କଳ ପ୍ରଦେଶ ଗଠନରେ ଏହି ଭାଷାକୋଷ ନିର୍ବାହ କରିଥିଲା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା । ପୁଣି ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବାରେ ଭାଷାକୋଷର ଗୁରୁତ୍ୱକୁ କିଏ ବା ଅସ୍ୱୀକାର କରିପାରିବ ? ଆଜି ମଧ୍ୟ ଓଡ଼ିଆ ଶବ୍ଦର ଆକ୍ଷରିକ ଅର୍ଥ ଖୋଜିବାକୁ ଗଲେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ମାନକ ରୂପେ ବ୍ୟବହାର କରାଯାଏ । କେବଳ ଓଡିଶା ନୁହେଁ କି ଭାରତ ନୁହେଁ ସମଗ୍ର ପୃଥିବୀରେ ଏଭଳି ବିଶାଳ ଶବ୍ଦର କୋଣାର୍କ ବିରଳ ।

## ଆଦ୍ୟ ଜୀବନୀ

'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ସ୍ରଷ୍ଟା ସାହିତ୍ୟ ଭୂଷଣ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମର ସମ୍ଭ୍ରାନ୍ତ ବ୍ରାହ୍ମଣ ବଂଶରେ ଏକ ପ୍ରତିପତ୍ତିଶାଳୀ ଜମିଦାର ନରସିଂହ ପ୍ରହରାଜଙ୍କ ପୁତ୍ର ରୂପେ ୧୮୭୪ ମସିହା ସେପ୍ଟେମ୍ବର ୨୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପଢିବା ପାଇଁ ପିତା ତାଙ୍କର ଗ୍ରାମରେ ଖୋଲିଥିଲେ ଲକ୍ଷ୍ମୀ ନାରାୟଣ ଏମ. ଇ. ସ୍କୁଲ । ଯାହା ବର୍ତ୍ତମାନ ଶହେ ବର୍ଷ ପୂର୍ଣ୍ଣ କରିସାରିଛି । ହାଇସ୍କୁଲ ଭାବରେ ଗୋପାଳ ସ୍ମୃତି ବିଦ୍ୟାପୀଠ ନାମରେ ଏହି ବର୍ଷ ପଚସ୍ତରି ବର୍ଷ ପୂର୍ଣ୍ଣ କରିବାକୁ ଯାଉଛି । କଟକ ଜିଲ୍ଲାର ଚାରୋଟି ଜିଲ୍ଲା ସ୍କୁଲ ମଧ୍ୟରୁ ଏହି ସ୍କୁଲ ଗୋଟିଏ ଥିଲା । ଯେଉଁଠି ପାଠ ପଢିବା ପାଇଁ ଆଖପାଖ ପଚାଶ ଖଣ୍ଡ ଗାଁର ପିଲା ନିର୍ଭର କରୁଥିଲେ । ଏହି ସ୍କୁଲରୁ ପାଠ ପଢି ପରେ ରେଭେନ୍ସା କଲଜିଏଟ୍ ସ୍କୁଲ, ରେଭେନ୍ସା କଲେଜ ଏବଂ କଲିକତା ୟୁନିଭର୍ସିଟିରୁ ଓକିଲାତି ପାସ୍ କରି ଓଡିଶା ହାଇକୋର୍ଟରେ ପ୍ରଥମେ ମଧୁସୂଦନ ଦାସଙ୍କ ସହଯୋଗୀ ଓକିଲ ଭାବରେ ସେ କାର୍ଯ୍ୟରତ ଥିଲେ । ପରେ ସ୍ୱତନ୍ତ୍ର ରୂପେ ଓକିଲାତି ଆରମ୍ଭ କଲେ । ଗାଁରେ ରହି ପ୍ରତିଦିନ କଟକ ଯାଇ ଓକିଲାତି କରି ଘୋଡା ଗାଡ଼ିରେ ସେ ଫେରିଆସୁଥିଲେ ।


ପୂର୍ଣ୍ଣଚନ୍ଦ୍ର
ଓଡ଼ିଆ ଭାଷାକୋଷ ।
ପ୍ରଥମ ଖଣ୍ଡ (ସ୍ୱରବର୍ଣ୍ଣ ଅ-ଔ)

PŪRNNACHANDRA
ORDIĀ BHĀSHĀKOSHA.
(A lexicon of the Oriya language)
Volume—I (The vowels)
Compiler—G. C. Praharaj
Advocate, Patna High Court, Cuttack, B. N. R. Orissa (India).
With the help of a body of colleagues.
Printed and Published by V. Kar.
THE UTKAL SAHITYA PRESS,
CUTTACK
1931.

ସେ ତାଙ୍କ 'ଆମ ଘରର ହାଲଚାଲ' ପ୍ରବନ୍ଧରେ ଲେଖିଛନ୍ତି, 'ମୋ ଚରାଭୂଇଁ ହେଲା ବିଚ ବଜାର ସହରର କଚେରୀ, ମୋ ଗୋଠ ହେଲା ନିପଟ ମଫସଲ ପଡା ଗାଁ ପଥର କୁଡ଼ିଆରେ । ଅତୟବ ଗତାଗତ ହେଇ ମୋତେ ପେସାଦାର କର୍ମ ଏବଂ ଗୃହସ୍ଥ କର୍ମ ସମ୍ଭାଳିବାକୁ ପଡୁଛି ।'

## ସାରସ୍ୱତ ଜୀବନ

ଗୋଟେ ସଫଳ ଓକିଲ ହେବା ସହ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ ସାରସ୍ୱତ ଜଗତର ଥିଲେ ଅଦ୍ୱିତୀୟ ବିଦ୍ଧାଣୀ । ପ୍ରହରାଜ ଜାଣିଥିଲେ ଭାଷା ଏକ ଚିରସ୍ରୋତା ନଦୀ । ବଢନ୍ତା ବୃକ୍ଷ । ଜୀବନ୍ତ ଭାଷାର ଶବ୍ଦ ସଂଖ୍ୟା ବଢି ବଢି ଚାଲିଲେ ଭାଷା ସମୃଦ୍ଧ ହେଇହେଇ ଚାଲେ । ....ମନର ଭାଷାର ବୃଦ୍ଧି ବା କ୍ଷୟ ଘଟିଲେ ଭାଷାର ବେଶଭୂଷାରେ ପରିବର୍ତ୍ତନ ହୁଏ । ମାତ୍ର କଥିତ ଭାଷାର ଅବକ୍ଷୟ ହେଲେ ତାର ମୃତ୍ୟୁ ଘଟେ । ସେଥିପାଇଁ ତାଙ୍କ ରଚନାରେ ଲୋକଭାଷା, ଲୋକୋକ୍ତି, ଢଗଢମାଳି ଆଦିର ଭରପୁର ପ୍ରୟୋଗ ଦେଖିବାକୁ ମିଳେ । ଫକୀର ମୋହନ ସେନାପତିଙ୍କ ଠାରୁ ସେ ତିରିଶ ବର୍ଷ ଛୋଟ ଥିଲେ । ଫକୀର ମୋହନଙ୍କ ପରେ ସେ ଦ୍ୱିତୀୟ ଲେଖକ ଯିଏକି ଗ୍ରାମ୍ୟ ଭାଷାକୁ ମାଧ୍ୟମ କରି ସ୍ପଷ୍ଟ, ସରଳ ସହଜ ରୂପରେ ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର ତାଙ୍କ ରଚନା ମାଧ୍ୟମରେ ଦେଇଯାଇଛନ୍ତି । ବ୍ୟାସକବି ଫକୀର ମୋହନ ଗୋପାଳ ପ୍ରହରାଜଙ୍କ ସମ୍ପର୍କରେ ଯାହା କହିଛନ୍ତି ତାଙ୍କ ଭାଷାରେ,

'ଶିଖିବାକୁ ଇଚ୍ଛାଥିଲା ଚଳନ୍ତି ଓଡ଼ିଆ,
ସାହିତ୍ୟରେ ଭେଟି ଗଲି ଗୋପାଳପୁରିଆ ।.....
ପାଇଲି ଅସଲ ଚିଜ ହେଉ ତାହା ଛଡା,
ନିରୋଳ ଓଡ଼ିଆ କଥା ଥିଲା ମୋର ଲୋଡା ।'

ତାଙ୍କର ପ୍ରଥମ ସୃଷ୍ଟି ଥିଲା ମା'ଙ୍କ ପାଇଁ ଲେଖିଥିବା 'ମାତୃ ବନ୍ଦନା' । କିନ୍ତୁ ତାଙ୍କର ପ୍ରକାଶିତ ପ୍ରଥମ କୃତି ଥିଲା 'ଭାଗବତ ଟୁଙ୍ଗିରେ ସନ୍ଧ୍ୟା' ଯାହା ୧୯୦୧ ମସିହାରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହେଇଥିଲା । 'ଆମ ଘରର ହାଲଚାଲ', 'ଦୁନିଆର ହାଲଚାଲ', 'ବାଇ ମହାନ୍ତି ପାଞ୍ଜି', 'ନନାଙ୍କ ବସ୍ତାନି', 'ଉତ୍କଳ କାହାଣୀ', 'ଭାଷାକୋଷ ସଫର', 'ଢଗ ଢମାଳି ରଚନା', 'ଧୋରେ ବାଇଆ ଧୋ' ଆଦି ସେ ୨୧ ଖଣ୍ଡ ପୁସ୍ତକର ରଚୟିତା । ସେ ସମୟରେ ଉତ୍କଳ ସାହିତ୍ୟ, ରସଚକ୍ର, ନବଭାରତ, ସତ୍ୟ ସମାଚାର, ଆଦି ପତ୍ରିକାମାନଙ୍କରେ 'ଧୂର୍ମୁଷ ଧୁମା', 'ଶ୍ରୀ ଦୁର୍ମୁଖ ଶର୍ମା' ଆଦି ବିଭିନ୍ନ ଛଦ୍ମ ନାମରେ ସେ ନିଜ ରଚନା ସବୁ ପ୍ରକାଶିତ କରୁଥିଲେ ।

ଆଜି ମଧ୍ୟ ଓଡ଼ିଆ ଭାଷାରେ ଅନ୍ୟଭାଷାର ଅନୁପ୍ରବେଶକୁ ନେଇ ହୋ ହାଲ୍ଲା ଚାଲିଛି । ଓଡ଼ିଆ ଭାଷା ବିଲୁପ୍ତ ହେଇଯିବାର ଭୟରେ ଅନେକ ଏହାର ବିରୋଧ ମଧ୍ୟ କରୁଛନ୍ତି । କିନ୍ତୁ ପ୍ରହରାଜ ଚତୁରତାର ସହ ବିଦେଶୀ ଭାଷାର ଆମ ଭାଷାରେ ଅନୁପ୍ରବେଶ ସମସ୍ୟାକୁ ଉତ୍‌ଥାପନ କରିବା ସହ ଏହାର ଆମ ଭାଷାରେ ବିଲୟର ସହଜ ସୁଗମ ଉପାୟ ମଧ୍ୟ ବତେଇ ଦେଇଛନ୍ତି । ତାଙ୍କ ଭାଷାରେ, 'ଆଜିକାଲି ପଛିମା ହାଉଆର ତୋଡ଼ରେ ଇଂରାଜୀ ଓ ବିଦେଶୀ ଶବ୍ଦମାନ ଯେଉଁ ପରି ବେଗରେ ଭାସି ଆସି ଓଡିଶୀ ସାରସ୍ୱତ ବନ୍ଦରମାନଙ୍କରେ ମେଞ୍ଚାକୁ ମେଞ୍ଚା ଲାଗିବାର 'ସୁରୁ' ହେଲେଣି, ସେଥିକି ନଜର ରଖି ଅଭିଧାନମାନଙ୍କ ମଝିରେ ମଝିରେ ଗୋଟାଏ ଲେଖାଏଁ ଦିପିଠି ସାଧା ଉଡା ପୃଷ୍ଠା (Flyleaf ) ଛାଡି ନଗଲେ ଚଳିବ ନାହିଁ । ବିଦେଶୀ ଶବ୍ଦମାନଙ୍କୁ ଅବିକଳ ଆମ ଭାଷାକୁ ଉଠାଇ ଆଣିଲେ ସମସ୍ତେ କହିବେ, ଏଗୁଡ଼ାକ ଭାଷା ରାଜ୍ୟରେ ଚୋରି । ଅତଏବ ନଜିର ଧରି ଶବ୍ଦମାନଙ୍କରେ ଗେବ ମାରି ତାଙ୍କୁ ବେରୂପ କରି ଆମ ଭାଷାରେ ଠିଆ କରାଇଦେଲେ ଭାଷାର ଶବ୍ଦ ସମ୍ପଦର ଅଭିବୃଦ୍ଧି ହେବ ; ଏଣେ 'ଆଧୁନିକ' ଭାଷା ରାଜ୍ୟରେ 'ପ୍ରଗତି' ନ ହେଇଛି ବୋଲି କେହି ଆମକୁ ଦୋଷ ଦେଇପାରିବେ ନାହିଁ ।

ତାଙ୍କ ସାହିତ୍ୟରୁ ଆମେ ପାଇବା ସେ ସମୟର ଓଡିଶା ପ୍ରଦେଶ ଗଠନର ସ୍ପଷ୍ଟ ଚିତ୍ର । 'ସ୍ୱପ୍ନରେ ରାଜଧାନୀ ଯୋଗ ' ପ୍ରବନ୍ଧରେ ରାଜଧାନୀରୁ ଚିଠିଟିଏ ଆସିବାକଥା କହି ପ୍ରହରାଜ ଦୀର୍ଘ କେଇ ଶତାବ୍ଦୀ ଧରି ଓଡ଼ିଶା ଭୋଗିଥିବା ଦୁର୍ଦ୍ଦଶାକୁ ଏବଂ ସେଥିରେ ଅତିଷ୍ଠ ହେଇ ଓଡ଼ିଆ ବୁଦ୍ଧିଜୀବୀମାନଙ୍କର ଆନ୍ଦୋଳନକୁ ନିଜ ଭାଷାରେ ଏମିତି ବର୍ଣ୍ଣନା କରିଛନ୍ତି, 'ଓଡିଶା ମାତାଙ୍କ ଭାଗ୍ୟରେ ବହୁ ଟଣାଟଣି, ଝିଙ୍କାଝିଙ୍କି, ଓଟରା ଓଟରି ଘଟିଅଛି । ଦିନାକେତେ ଓଡ଼ିଆ ମୁଲକ ହେଇଥିଲା କଳିଙ୍ଗ, ତାପରେ ହେଲା ଓଡ୍ର, କୋଶଳ, ଦିନାକେତେ ରାଜତ୍ୱ କଲେ କର ବଂଶ, ଗଙ୍ଗ ବଂଶ, ଭୋଇ ବଂଶ, ଏହିପରି କେତେ ବଂଶୀୟ ଓଡିଶୀ ରାଜାଙ୍କ କବଳରେ, ତାପରେ ପାଠାଣଙ୍କ ରାଜଗୀରେ, ପୁଣି ମୋଗଲ ସାମ୍ରାଜ୍ୟରେ, ପୁଣି ମରହଟ୍ଟାଙ୍କ ଅଧିକାରରେ ରହି ଆଖର ଦେବଗ୍ରାମ ସନ୍ଧି ଦ୍ୱାରା ଇଂରେଜମାନଙ୍କ ପାଣି ଗ୍ରହଣ କଲା । ଇଂରେଜମାନେ ଓଡ଼ିଆ ମୁଲକରୁ ଚିରୁଡ଼ାଏ ମେଦିନପୁର ସଙ୍ଗେ, ଛେଲାଏ ଗଞ୍ଜାମ ସଙ୍ଗେ, ଫଡାଏ ମଧ୍ୟପ୍ରଦେଶ ରାୟପୁର ସଙ୍ଗେ ଓ ଅଠର ଗଡଜାତ ସହିତ ଗଣ୍ଡିଟାକୁ ମାହାଲ ସରକାର ମିଳିନିୟତ ଖାସ ହାଇବୁଲ ଦେ କଟକରେ ଗଞ୍ଜାଗୁଞ୍ଜି କରି 'ଯଥା କର ପଇଠଂ ତଥା ଶାସିତଂ' କରି ଗୁଜୁରାଣ ମେଣ୍ଟାଇ ନେଲେ । ଏହି ଅବସ୍ଥାରେ ଓଡିଶୀ ନେତାମାନେ, ଓଡିଶୀ ରାଜନୀତିକ ପଣ୍ଡାମାନେ, ଓଡିଶୀ ରାଜନୀତିକ କାଳିଶୀମାନେ ହୁରି ଛାଡିଲେ- 'ଆମେ ସବୁ ଓଡ଼ିଆ ମୁଲକକୁ ଏକ ଶାସନ-ଗେରଦରେ ପୁରାଅ ; କୋଟିଏ ଓଡ଼ିଆଙ୍କୁ ଗୋଟିଏ କର, ଲକ୍ଷେ ଓଡ଼ିଆଙ୍କୁ ପକ୍ଷେ କର । ଏ ଆନ୍ଦୋଳନ ଲାଗିଲା ପ୍ରାୟ ଚାଳିଶ ବରଷ । ଇତି ମଧ୍ୟରେ 'ବଡିଆ' ନାଗପୁର ହତାରୁ 'ସମ୍ବଲପୁର' ଜିଲ୍ଲାକୁ ଓ କେତେକ ରାଜ୍ୟକୁ ଆଣି ସରକାର ଓଡ଼ିଶାରେ ପୂରାଇଲେ ଏବଂ






‘ଛୋଟିଆ ନାଗପୁର’ ହତାରୁ ଗୋଟି କେତେ ଗଡ଼ଜାତକୁ ଆଣି ଓଡ଼ିଶାରେ ମିଶାଇଲେ ।’

ସ୍ୱତନ୍ତ ଉତ୍କଳ ପ୍ରଦେଶ ଗଠନ ହେବାର ପ୍ରସଙ୍ଗକୁ ସ୍ପଷ୍ଟ ଭାବରେ ଲେଖିବାକୁ ଯାଇ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ ପୁଣି କୁହନ୍ତି, ‘ଓଡିଶା ପ୍ରଦେଶ ଗଢ଼ାହେଲା ବେଳକୁ ମଧ୍ୟପ୍ରଦେଶ ହତାରୁ ଓ ମାନ୍ଦ୍ରାଜ ହାତରୁ ଚେନାଏ ଲେଖାଏଁ ମିଶିଲା ବେଳକୁ ଓଡିଶା ଗଡ଼ଜାତ ଛେଲାକ ଓଡିଶା ହାତରୁ ଖସିଲା । ଗୁଡ଼ାଏ ପ୍ରକୃତ ଓଡ଼ିଆ ଭାଷୀ ଅଞ୍ଚଳ ଓଡିଶା ପ୍ରଦେଶରେ ନମିଶି ବଙ୍ଗଳା ହତାରେ, ମଧ୍ୟପ୍ରଦେଶ ହତାରେ, ମାନ୍ଦ୍ରାଜ ହତାରେ ରହିଗଲା । ଫଳତଃ ଆମ ଓଡିଶୀ ନେତାଙ୍କ ଚାଳିଶ ବର୍ଷ ଧୂମାକୁଟା ପରିଶ୍ରମରେ ଏହିତା ହେଲା ଯେ ଆମେ ଓଡିଶା ମୁଲକ ଚାରି ପ୍ରଦେଶରେ ଥିଲା (ବଙ୍ଗଳା , ବିହାର, ମଧ୍ୟପ୍ରଦେଶ, ମାନ୍ଦ୍ରାଜ) । ବର୍ତ୍ତମାନ ଓଡିଶା ମୁଲକ ଛଅଟି ଶାସନର ଅଧୀନ ହେଲା । ଅର୍ଥାତ ମେଦିନୀପୁର ଆଦି ବଙ୍ଗଳାରେ, ଚାଇଁବସା, ସିଂହଭୂମି ବିହାରରେ, ଫୁଲଝର ଆଦି ମଧ୍ୟପ୍ରଦେଶରେ, ମଞ୍ଜୁଷା ବୋଡାରସିଂଗି ଆଦି ମାନ୍ଦ୍ରାଜରେ, ଗଡଜାତଯାକ ଇଷ୍ଟର୍ଣ୍ଣ ଷ୍ଟେଟରେ ଓ ବାକିତକ ନୂଆ ଗଢା ଓଡିଶା ପ୍ରଦେଶରେ ସାମିଲ ହେଲା ।’

ଏହାକୁ ବ୍ୟଙ୍ଗାତ୍ମକ ଭାବରେ କହିବାକୁ ଯାଇ କୁହନ୍ତି, ‘ନେଉଳ ନାଗ ସାପକୁ ଧରି ତାକୁ ତିନି ଖଣ୍ଡ କରି କାଟେ । ଗଣ୍ଡି ଖଣ୍ଡଙ୍କ ଖାଏ ଓ ଶେଷରେ ମୁଣ୍ଡ ଓ ଲାଞ୍ଜୀ ଦି ଖଣ୍ଡକୁ ଯୋଡି ସାପକୁ ଜିଅନ୍ତା କରି ଛାଡିଦିଏ । ସାପ ତା ସୁଖେ ଜଙ୍ଗଲକୁ ଯାଏ । ସେ ପୁଣି କ୍ଷୋଭ ପ୍ରକାଶ କରି କୁହନ୍ତି, ‘ଆମ କଥା ସେହିତା ହେଲା । ଆମର ପଚପଚିଆ ଚିକ୍କଣିଆ ମଝି ଖଣ୍ଡକ କଢ଼ା ହେଇ ପୂର୍ବ ରାଜ୍ୟପୁଞ୍ଜୀର ପେଟରେ ପଶିଲା । ମୁଣ୍ଡ ଓ ଲାଞ୍ଜୀ ଯୋଡାହେଇ ଗୋଟିଏ ଜିଅନ୍ତା ପ୍ରଦେଶ ହେଲା । ନେଉଳ ଭାଇ ସିନା ଆମର ମଉଷଧିର କରାମତରେ ସାପର ମୁଣ୍ଡ ଲାଞ୍ଜୀ ଯୋଡି ତାକୁ ଜିଅନ୍ତା କରି ଛାଡେ । ଦେଖାଯାଉ ଆମ ସରକାର ଏହି ମୁଣ୍ଡ ଲାଞ୍ଜୀ ଯୋଡ଼ା ପ୍ରଦେଶକୁ କେଉଁ ଅମର ମୌଷଧି ବଳରେ ବଞ୍ଚାଇ ଦେବେ । ‘ଶ୍ରୀ ପ୍ରହରାଜ ତାଙ୍କ ରଚନାମାନଙ୍କ ମଧ୍ୟରେ ଢଗ ଢମାଳି,ବ୍ୟଙ୍ଗାତ୍ମକ ଉକ୍ତି, କାହାଣୀ ଆଦି ବ୍ୟବହାର କରିଥିବା ଯୋଗୁ ତାଙ୍କ ରଚନା ଗୁଡିକ ନିରସ, ବୋଝିଳ, ଘର୍ମାକ୍ତ ନହୋଇ ରସସିକ୍ତ ଲାଗେ । ରମ୍ୟ ରଚନାକୁ ସାଧାରଣ ପାଠକ କାହାଣୀ ପରି ରସସ୍ୱାଦନ କରି ପଢୁ ପଢୁ ନିଜ ଅଜ୍ଞାତରେ ଅନେକ ଜ୍ଞାନ ଆହରଣ କରିସାରିଥାଏ । ଲୋକଙ୍କ ଆଚାର ବ୍ୟବହାର, ଚଳଣୀ, ସେ ସମୟର ପାରିବାରିକ, ସାଂସ୍କୃତିକ, ସାମାଜିକ ବ୍ୟବସ୍ଥାର ଚିତ୍ରର ଆମେ ତାଙ୍କ ରଚନାରୁ ପାଇଥାଉ ।

ସେ ସମୟର ସାମାଜିକ ଚିତ୍ରରେ ଭରପୁର ପ୍ରହରାଜଙ୍କ ସାହିତ୍ୟ । ଯେପରିକି, ‘ମୋ ରାଇଜର ପାଖ ଲୋକଙ୍କ ପିଠି ଚୁଟି ସଙ୍ଗେ ମୋ ହାତ ଗୋଡ଼ ଓ କୋରଡ଼ା ପାଣ୍ଡେଇର ସୂର୍ଯ୍ୟ ବନ୍ଧୁତା କଥା ପଦ ପଦକେ ଲାଗିଥାଏ ।’ ଏହି ଧାଡ଼ିକରୁ ଆମେ ସେ ସମୟର ରାଜା ଜମିଦାରମାନଙ୍କର ତାଙ୍କ ଚାକର ବାକରମାନଙ୍କ ଉପରେ ଅତ୍ୟାଚାର ସହଜରେ ବୁଝି ହେଇଯାଏ ।


ଶିଶୁ ସାହିତ୍ୟ କ୍ଷେତ୍ରରେ ମଧ ପ୍ରହରାଜ ଥିଲେ ସିଦ୍ଧହସ୍ତ । ଖୁବ୍ ସରଳ ଶିଶୁ ବୋଧଗମ୍ୟ ଶିଶୁ ମନସ୍ତତ୍ତ୍ୱକୁ ଆଖିରେ ରଖି ସେ ଅନେକ ଶିଶୁ ସାହିତ୍ୟ (ଉଭୟ ଗଳ୍ପ ଏବଂ କବିତା)ରଚନା କରିଛନ୍ତି । ତିରିଶ ଦଶକରେ ବିଦ୍ୟାଳୟମାନଙ୍କରେ ପ୍ରାଥମିକ ସ୍ତରରେ ପଢା ଯାଉଥିବା ପ୍ରାୟ ଅଧିକାଂଶ ପୁସ୍ତକର ରଚୟିତା ଗୋପାଳ ଚନ୍ଦ୍ର ପ୍ରହରାଜ ଥିଲେ । ସେ ସମୟରେ ତାଙ୍କ ଦ୍ୱାରା ଲିଖିତ, ପିଲାଙ୍କୁ ପଢା ଯାଉଥିବା ଜଣାଣ ମଧ୍ୟରୁ ଗୋଟେ ପଦ ହେଲା –

‘ଯାହା ମୁଁ କହଇ, ଯାହା ମୁଁ କରଇ, ଜଗତ ଯାହା ଶୁଣୁଥାଇ ହେ,
ଯାହା ମୁଁ ଦେଖଇ, ଯାହା ମୁଁ ଚିନ୍ତଇ ରହୁ ତୁମପାଇଁ ହେ,’
ଦୁଃଖ ଜଞ୍ଜାଳ ପାପ ବହୁଳ ଅସାର ସଂସାର ହେ ।’

ସେହିପରି ‘ଧୋ ରେ ବାଇଆ ଧୋ’ ଶିଶୁ ଗୀତି ଗ୍ରନ୍ଥରେ କବିତାଗୁଡିକ ପିଲାଙ୍କ ମନକୁ ଛୁଇଁଲା ପରି । ଉଦାହରଣ ସ୍ୱରୂପ –

‘ଭଦଭଦଳିଆ ଚଢେଇ କେଣେ ଯାଉଛୁ ଉଡି,
ପଡିଗଲା ପକ୍ଷୀ ଯୋଡିଏ ଦେଲୁ ଦେହରୁ ଝାଡ଼ି ।
ପକ୍ଷୀ ଯୋଡିକ ମୁଁ ପାଇଲି କଲି ବଡ଼ ଆଦର,
ଗୋରୁ ରଖା ଛତା ଦିହରେ ଖୋସି ଦେଲି ମାତର ।’

କେବଳ ରମ୍ୟ ରଚନା, ବ୍ୟଙ୍ଗ ସାହିତ୍ୟ ବା ଶିଶୁ ସାହିତ୍ୟ ନୁହେଁ କାହାଣୀ ରଚନାରେ ମଧ ସ୍ୱର୍ଗତ ପ୍ରହରାଜ ନିଜ ଛାପ ଛାଡି ଯାଇଛନ୍ତି । ହାସ୍ୟ ରସାତ୍ମକ କାହାଣୀ ମାଧ୍ୟମରେ ସେ ପିଲାମାନଙ୍କୁ ଭଲ ମଣିଷ ହେବାକୁ ନୀତିଶିକ୍ଷା ଦେଇ ଯାଇଛନ୍ତି । ତାଙ୍କ କାହାଣୀ ମଝିରେ ମଝିରେ ‘କୁଆର ଥଣ୍ଟ ନାହିଁ କି ଚଢେଇର ବେଣ୍ଟ ନାହିଁ’, ‘ମୂଷା ମାଟି ରଣଭଣ ବିଲେଇ ଘୁଅ ସଣସଣ’ ଆଦି ଢଗ ଢମାଳି କାହାଣୀ ଗୁଡିକୁ ଆହୁରି ରୋଚକ କରିଛି । ‘ଉତ୍କଳ କାହାଣୀ ‘ତାଙ୍କର ଓଡିଶା ଲୋକ କାହାଣୀର ସଂଗୃହିତ ପୁସ୍ତକ । ପୁଣି ତାଙ୍କ ଗଳ୍ପମାନଙ୍କରେ ସେ ସମୟର ସାମାଜିକ ବ୍ୟବସ୍ଥା, ଲୋକଙ୍କ ଆଚାର ବ୍ୟବହାର, ଚଳଣୀର ନିଖୁଣ ଚିତ୍ର ଦେଖିବାକୁ ମିଳେ । ‘ନନାଙ୍କ ବସ୍ତାନୀ‘ରେ ସେ ଲେଖିଛନ୍ତି, ସଭ୍ୟତାର ପ୍ରସାର ସଙ୍ଗେ ସଙ୍ଗେ କାହାଣୀ ଶୁଣିବା ଆଗ୍ରହ ଦିନକୁ ଦିନ ଲୋପ ହେଇଯାଉଥିବା



With Best Compliments From
PRANABALLAV PUBLIC SCHOOL
Affiliated to CBSE, New Delhi
Affilation Number - 1530239
NURSERY TO +2 SCIENCE
The Knowledge sacrifice is superior to any material sacrifice
: Bhagavad Gita
Yes, We are Pranaballavian
We are true Indian
A STUDENT FRINDELY INSTITUTION
+2 SCIENCE (PHY. CHEM. MATH, BIO)
SPECIAL COACHING ON MEDICAL, IIT, OUAT, JEE, NISER FROM KOTA BASED FACULTY
Academic Core Team
Call : 9937523507
DILLIP MISHRA SIR
Principal
SUSHIL GUPTA SIR
PGT (Chemistry) Kanpur, U.P
SATYA SIR
PGT (Physics)
JAGATA SIR
PGT (English)
DIPTEE MADAM
PGT (Bailogy)
RANJEETA MADAM
TGT (English)
JENNIFER MADAM
PRT (English) Goa
Please Visit our Website : www.pranaballavpublicschool.com

ଦୃଷ୍ଟିରୁ ଏହା ଜାତୀୟ ସାହିତ୍ୟ ଭଣ୍ଡାରରେ ସଂଚିତ ହେଇ ରହିବାର ଆବଶ୍ୟକ ବୋଲି ମୁଁ ମନେକଲି ।' ଓଡ଼ିଶା ସାହିତ୍ୟ ଏକାଡେମୀର ଭାଷାରେ- 'ଗୋପାଳ ଚନ୍ଦ୍ର ପ୍ରହରାଜ ଓଡ଼ିଆ ଲୋକ ଗଳ୍ପର ପ୍ରଥମ ସଂଗ୍ରାହକ । ତାଙ୍କ ଉତ୍କଳ କାହାଣୀ ଆଧୁନିକ ଉତ୍କଳ ସାହିତ୍ୟର ପ୍ରଥମ ସର୍ବଜନବୋଧ ଗଦ୍ୟ ପୁସ୍ତକ । ଏହା ଆଧୁନିକ ଓ ଗ୍ରାମୀଣ ମନ ମିଳନର ପ୍ରଥମ ଓ ପ୍ରଧାନ ପୀଠ ଭୂମି ହେଇଥିଲା । 'ଓଡ଼ିଶା ସାହିତ୍ୟ ଏକାଡେମୀ ।

## ଶବ୍ଦର କୋଣାର୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ

ସ୍ୱର୍ଗତ ପ୍ରହରାଜ ଓକିଲାତି କରିବା ସମୟରେ ଏବଂ ଗଳ୍ପ କବିତା ରମ୍ୟ ରଚନା ଲେଖିବା ସମୟରେ ବିଭିନ୍ନ ଦେଶଜ ଓ ବିଦେଶୀୟ ଶବ୍ଦର ପ୍ରକୃତ ଓଡ଼ିଆ ଅର୍ଥ ଜାଣିବାପାଇଁ ବହୁ ସମୟରେ ଗୋଟିଏ ପୂର୍ଣ୍ଣାଙ୍ଗ ଓଡ଼ିଆ ଅଭିଧାନର ଆବଶ୍ୟକତା ଅନୁଭବ କରୁଥିଲେ । ଏହା ପୂର୍ବରୁ ଥିବା ପଣ୍ଡିତ ଗୋପୀନାଥ ନନ୍ଦଙ୍କ ସଂକଳିତ ଅଭିଧାନର ପାଣ୍ଡୁଲିପି ତାଙ୍କ ପାଖରେ ଥିଲା । ସେଥିରେ ସେ ଅନେକ ଗୁଡ଼ିଏ ଶବ୍ଦ ଯୋଡି ସନ୍ତୁଷ୍ଟ ନ ହେଇପାରି ନିଜେ ଗୋଟେ ଭାଷାକୋଷ ଲେଖିବାକୁ ମନସ୍ଥ କରିଲେ । ସେ କୁହନ୍ତି ରେଭେନ୍‌ଶା କଲଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ହେଣ୍ଡରସନ ସାହେବ ତାଙ୍କୁ ବହୁପୂର୍ବରୁ ଓଡ଼ିଆରେ ଭାଷାକୋଷ ଲେଖିବା ପାଇଁ କହିଥିଲେ । ଇତିମଧ୍ୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବି ପାଇଁ ପ୍ରଚୁର ପରିମାଣର କଥିତ ସାହିତ୍ୟର ଆବଶ୍ୟକତା ପଡିଲା । ତାହାକୁ ପୂରଣ କରିବାରେ ଲାଗିପଡ଼ିଲେ ସ୍ୱର୍ଗତ ଫକୀର ମୋହନ ସେନାପତି, କୁଳବୃଦ୍ଧ ମଧୁସୂଦନ ଦାସ ଆଦି ସାହିତ୍ୟିକମାନେ । ସେମାନଙ୍କ ସହ ଯୋଗଦେଲେ ଗୋପାଳ ଚନ୍ଦ୍ର ପ୍ରହରାଜ କଥିତ ଭାଷାରେ ସାହିତ୍ୟ ଲେଖି । କିନ୍ତୁ ସେତିକି ତାଙ୍କୁ ଯଥେଷ୍ଟ ଲାଗୁନଥିଲା । ଓଡ଼ିଆ ଭାଷା ଯେ ଅପୁରନ୍ତ ଶବ୍ଦ ଭଣ୍ଡାରର ଗନ୍ତାଘର ବଙ୍ଗାଳୀମାନଙ୍କୁ ଦେଖାଇ ଦେବାକୁ, ଓଡ଼ିଆ ଭାଷାର ଅସ୍ମିତାକୁ ବଞ୍ଚାଇବାକୁ ଯାଇ ଓଡ଼ିଆ ଶବ୍ଦ ସଂଗ୍ରହରେ ଲାଗି ପଡ଼ିଲେ । ଭାଷାକୋଷ ଆରମ୍ଭ ସମ୍ପର୍କରେ ସେ କୁହନ୍ତି ଯେ, 'ସେଥିଲାଗି ଯେଉଁ ଭାଷା ବିଜ୍ଞତା, ଅନୁସନ୍ଧିତ୍ସା, ଅଧ୍ୟବସାୟ, ଶବ୍ଦ ପାଣ୍ଡିତ୍ୟ, ଭ୍ରମଣଶୀଳତା, ନାନା ସ୍ଥାନ ଓ ପୁସ୍ତକରୁ ଶବ୍ଦ ସଂଗ୍ରହ କରିବାର ଶକ୍ତି ଓ ସମୟର ଆବଶ୍ୟକତା, ମୋର ନାହିଁ । କେତେକ ସାହିତ୍ୟିକ ବନ୍ଧୁଙ୍କୁ ଏ ଭାର ଗ୍ରହଣ କରିବାପାଇଁ ଅନୁରୋଧ କଲି । ଫଳତଃ ଏ କ୍ଷେତ୍ରେରେ କାହାରିକୁ ନିଷ୍ଠାର ସହିତ ଅଗ୍ରସର ହେବାର ଦେଖିଲି ନାହିଁ । ଏପରି ସ୍ଥଳରେ ଅଗତ୍ୟା ଏ ଗୁରୁ ଦାୟିତ୍ୱରେ ମୁଁ ହସ୍ତକ୍ଷେପ କଲି ଓ .....'

ପୁଣି ସେ ଲେଖନ୍ତି , 'ଗତ ୬ ବର୍ଷେ ହେଲା ଟିପାଟିପି କରି ଶବ୍ଦ ସଂଗ୍ରହ କରିଥିଲି ଓ ୧୯୧୬ ଓ ୧୭ରେ ତାକୁ ଅକ୍ଷର କ୍ରମରେ ସଜାଇଥିଲି । ଆଜି ଉକ୍ତ ଟିପାମାନଙ୍କରୁ ପ୍ରଥମ ଶବ୍ଦ ପାଣ୍ଡୁଲିପିରେ ଲେଖିବାକୁ ଆରମ୍ଭ କଲି ।





ଇତି । ସିଦ୍ଧେଶ୍ୱର ପୁର ।୩ . ୧୦. ୧୯୧୯ ।'

ପ୍ରାରମ୍ଭିକ ପର୍ଯ୍ୟାୟରେ ଯଦିଓ ପ୍ରହରାଜ ନିଜର ପ୍ରବଳ ଇଚ୍ଛାଶକ୍ତି ଓ ଆବଶ୍ୟକତା ଦୃଷ୍ଟିରୁ ଅନେକ ପ୍ରାଚୀନ ଓ ଆଧୁନିକ ଗ୍ରନ୍ଥ ପାଠକରି ବିଭିନ୍ନ ସ୍ଥାନକୁ ଲୋକ ପଠାଇ ସହସ୍ର, ସହସ୍ର ଘରୋଇ ପ୍ରାଦେଶିକ ଶବ୍ଦ ସଂଗ୍ରହରେ ଏକୁଟିଆ ଲାଗିପଡ଼ିଥିଲେ କିନ୍ତୁ ପରେ ପରେ ଅନେକ ଉତ୍ସାହୀ ବିଦ୍ୱାନ ଯୁବକ ଓ ସାହିତ୍ୟପ୍ରେମୀ ଏ ସ୍ରୋତରେ ନିଜକୁ ସାମିଲ କରିଦେଲେ । ସମ୍ବଲପୁର, ମେଦିନୀପୁର, ସିଂହଭୂମି, ଜୟପୁର, ଗଞ୍ଜାମ ଓ ସମସ୍ତ ଗଡ଼ଜାତ ଅଞ୍ଚଳରୁ ହଜାର ହଜାର ଆଞ୍ଚଳିକ ଶବ୍ଦ ସେମାନେ ଯୋଗାଇ ଦେଲେ । କୌଳିକ ବୃତ୍ତିର ଲୋକ ଯଥା ବଢ଼େଇ, କମାର, କୁମ୍ଭାର, ତନ୍ତୀ, ଶଗଡ଼ିଆ, ନାଉରିଆ ଆଦି ତାଙ୍କ ବ୍ୟବହୃତ ଶବ୍ଦମାନ ଯୋଗାଇ ଦେଲେ । ତାଙ୍କର ସହକର୍ମୀଣି ପୀତାମ୍ବରୀ ଦେବୀ ଗାଉଁଲି ସ୍ତ୍ରୀଲୋକଙ୍କ କଥିତ ଭାଷାର ଶବ୍ଦ ସହ ଢଗ, ଢମାଳି, କାନ୍ଦଣା, ଲୋକଉକ୍ତି ଆଦି ଯୋଗାଇ ଦେଲେ ।

ଶବ୍ଦ ସଂଗ୍ରହ କରିବା, ସଂଶୋଧନ କରିବା, ସେ ସମୟରେ ଉପଲବ୍ଧ ଓଡ଼ିଆ ବ୍ୟାକରଣ ଅନୁଯାୟୀ ତାକୁ ସଜେଇବା, ଶବ୍ଦମାନଙ୍କର ଉତ୍ପତ୍ତି ଓ ଅନ୍ୟ ଭାଷାସହ ସେମାନଙ୍କର ସମ୍ବନ୍ଧ ନିର୍ଣ୍ଣୟ କରିବା, ଇଂରେଜ ଏବଂ ବିଦେଶୀ ବିଦ୍ୱାନ, ପ୍ରଶାସକ, ଓକିଲ ଆଦିଙ୍କ ପାଇଁ ପ୍ରତ୍ୟେକ ଓଡ଼ିଆ ଶବ୍ଦର ଇଂରାଜୀ ପ୍ରତିଶବ୍ଦ ଦେବା, ପରେ ହିନ୍ଦୀ ଏବଂ ବଙ୍ଗଳା ଭାଷାର ପ୍ରତିଶବ୍ଦ ଦେଇ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଚାରୋଟି ଭାଷାରେ ସମୃଦ୍ଧ କରି ପାଣ୍ଡୁଲିପିରେ ପ୍ରସ୍ତୁତ କରିବା କାର୍ଯ୍ୟରେ ଲାଗିଗଲା ଚଉଦ ବର୍ଷ (୧୯୧୩ ରୁ ୧୯୨ ୭) । ପ୍ରଥମେ ଅନୁମାନ କରାଯାଉଥିଲା ଯେ ସମୁଦାୟ ଗ୍ରନ୍ଥଟି ଚାରିହଜାର ପୃଷ୍ଠା ଓ ୨ / ୩ ଖଣ୍ଡ ବହିରେ ସୀମିତ ହେବ ଏବଂ ପାଖାପାଖି ୫୦ /୬ ୦ ହଜାର ଟଙ୍କା ଖର୍ଚ୍ଚ ହେବ । କିନ୍ତୁ ଏହି ଭାଷାକୋଷ ଲେଖା ଶେଷ ହେଲାବେଳକୁ ତାହା ୧୮୫୦୦୦ (ଏକ ଲକ୍ଷ ପଞ୍ଚାଅଶି ହଜାର) ଶବ୍ଦ, ଢଗ ଢମାଳି ବିଶିଷ୍ଟ ୯୫୦୦ (ନ ହଜାର ପାଞ୍ଚ ଶହ) ପୃଷ୍ଠା ସମ୍ବଳିତ ୭ ଖଣ୍ଡ ବିରାଟକାୟ ଗ୍ରନ୍ଥରେ ପରିଣତ ହେଲା । ଏବଂ ଖର୍ଚ୍ଚ ହେଇଥିଲା ୧୨୫ ୦୦୦ (ଏକ ଲକ୍ଷ ପଚିଶ ହଜାର) ଟଙ୍କା । ଏଥିରେ ବହୁ ଐତିହାସିକ, ଭୌଗୋଳିକ, ତାତ୍ତ୍ୱିକ, ପୌରାଣିକ ତଥ୍ୟାବଳୀ ବିସ୍ତୃତ ଭାବରେ ବର୍ଣ୍ଣିତ ହେଇଛି । ତତ୍ ସହ ଢଗ ଢମାଳି, ସ୍ଥାନୀୟ ଗଛଲତା, ଓଡ଼ିଶାର ଖାଦ୍ୟ, ଚଳଣୀ ଇତ୍ୟାଦିର ସବିଶେଷ ବର୍ଣ୍ଣନା ମଧ୍ୟ ରହିଛି । ସେ ଶୀଳ ଅଶ୍ଳୀଳ ଉର୍ଦ୍ଧ୍ୱରେ ଭାଷିକ ଶବ୍ଦକୁ ଭାଷାକୋଷରେ ସ୍ଥାନ ଦେଇଛନ୍ତି । ସମଗ୍ର ଓଡ଼ିଶା ପ୍ରଦେଶର ଭାଷା ସହ ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ ଶବ୍ଦ ସମ୍ଭାରରେ ସମୃଦ୍ଧ ଏହି ଭାଷାକୋଷ । ପ୍ରତି ଶବ୍ଦର ଇଂରାଜୀ, ବଙ୍ଗଳା, ହିନ୍ଦୀ ପ୍ରତିଶବ୍ଦ ଏହାକୁ ସମଗ୍ର ପୃଥିବୀର ଭାଷା ରାଜ୍ୟରେ ଅନନ୍ୟ କରି ତୋଳିଛି । ସ୍ୱର୍ଗତ ପ୍ରହରାଜଙ୍କର ଓଡ଼ିଆ, ବଙ୍ଗଳା, ପାର୍ଶି, ଇଂରାଜୀ, ଅପଭ୍ରଂଶ, ହିନ୍ଦୁସ୍ଥାନୀ, ସଂସ୍କୃତ ଆଦି ଭାଷା ଉପରେ ଅଗାଧ ଜ୍ଞାନ ଥିବାର ଭରପୁର ଉଦାହରଣ ଆମେ ତାଙ୍କ ସାହିତ୍ୟ ଏବଂ ଭାଷାକୋଷରୁ

# ଗୋପାଳ ଚନ୍ଦ୍ର ପ୍ରହରାଜ : କିଏ କଣ କଣ କହନ୍ତି



ଓଡ଼ିଆ ଭାଷା ସାହିତ୍ୟ ଶବ୍ଦଭଣ୍ଡାରକୁ ସମୃଦ୍ଧ କରିବାରେ ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ବିଶ୍ୱବିଖ୍ୟାତ । ତାଙ୍କ ସାହିତ୍ୟ ସଂରଚନା ମୁଖ୍ୟତଃ ପରିବାରରୁ ଆରମ୍ଭ ହୋଇ ଆନ୍ତର୍ଜାତିକ କ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଲୋକକଥା, ଲୋକଗୀତ,ଢଗଢମାଳି ଓ ଗ୍ରାମ୍ୟ ଜୀବନର ଚିତ୍ର ତଥା ଚାଲି ଚଳଣିରେ ତାଙ୍କ ସାହିତ୍ୟ ପୃଷ୍ଠା ମହିମା ମଣ୍ଡିତ । ସାଧାରଣ ପାଠକର ପଠନ ସୃଜନଶୀଳତାକୁ ପ୍ରେରଣା ଯୋଗାଇ ପାଠକୀୟ ଆଗ୍ରହ ସୃଷ୍ଟି କରିବାରେ ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ।

**ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା**
**ସଭାପତି, ପ୍ରହରାଜ ପ୍ରତିଭା ପୂଜା ପରିଷଦ**
**ସିଦ୍ଧେଶ୍ୱରପୁର, କନ୍ଦରପୁର, କଟକ**



ତଦାନୀନ୍ତନ ସମୟର ଭାରତୀୟ ଭାଷା ସାହିତ୍ୟ ପରିମଣ୍ଡଳରେ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଏକ ଚକ୍ଷୁର୍ମିଳିତ ବିସ୍ମୟ ଥିଲା । କେବଳ ଦୁଇ ପଦରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବ୍ୟକ୍ତିତ୍ୱ ବିଶ୍ଳେଷଣ କରି କୁହାଗଲେ ,ଏତିକି କୁହାଯାଇ ପାରେ ଯେ ତାଙ୍କ ପରି ପାଶ୍ଚାତ୍ୟ ସାଧକ ଓ ଶୁଭ୍ରମଣ୍ୟ ଭାରତୀ, ଜସେଫ ମୁଣ୍ଡାସେରୀ,ବିଷ୍ଣୁ ଶାସ୍ତ୍ରୀ,ଡଃ ରାମ ବିଳାସ ଶର୍ମା, ସେନାପତି ଫକୀର ମୋହନ ,ଡ଼ଃ ନଗେନ୍ଦ୍ର, ଈଶ୍ୱର ଗୁପ୍ତଙ୍କ ପରି କୃତବିଦ୍ୟ ଭାରତୀୟ ସାଧକ ମାନଙ୍କ ତୁଳନାରେ ଶବ୍ଦରାଜ ଗୋପାଳ ଚନ୍ଦ୍ର ପ୍ରହରାଜ କୌଣସି ଗୁଣରେ କମ ନଥିଲେ ।

**ରମାକାନ୍ତ ନାୟକ**
**ସିଦ୍ଧେଶ୍ୱରପୁର, କଟକ**
**ଫୋନ - ୭୪୯୦୯୯୬୮୬୫**



ଓଡ଼ିଆ ଭାଷା ସାହିତ୍ୟର ଶବ୍ଦକୋଷ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଅନନ୍ୟ ସାଧନାର ସଫଳ ପରିଚୟ । ଦୀର୍ଘ ୨୭ବର୍ଷର ପ୍ରଚେଷ୍ଟାର ଫଳ ସ୍ୱରୂପ ଏହି କୀର୍ତ୍ତି ଅନ୍ୟ ଭାଷାରେ ବିରଳ । ପ୍ରତିଥଯଶା ଏହି ସାହିତ୍ୟିକ ତଥା ଶବ୍ଦକୋଷର ପ୍ରଣେତାଙ୍କ ଅଞ୍ଚଳରେ ଜନ୍ମ ଓ ତାଙ୍କ ନାମରେ ନାମିତ ବିଦ୍ୟାଳୟରେ ଅଧ୍ୟୟନ କରି ମୁଁ ନିଜକୁ କୃତାର୍ଥ ମଣିଛି ।

**ପୀତାମ୍ବର ମହାପାତ୍ର**
**ସମ୍ପାଦକ:ଆଷାଢ**



ସମଗ୍ର ଓଡିଆ ଭାଷାଭାଷୀ ଅଞ୍ଚଳରେ ମଣିଷମାନଙ୍କ ତୁଣ୍ଡର ଭାଷାକୁ କୋଷାୟନ କରି ପ୍ରହରାଜ ଏକ ବୃହତ୍ତର ଓଡିଶାର ପ୍ରାକୃତିକ ମାନଚିତ୍ର ଅତି ବିଜ୍ଞତାର ସହିତ ଆଙ୍କିଛନ୍ତି । ପ୍ରହରାଜଙ୍କ ଭାଷା ପ୍ରୀତିର କାଳଜୟୀ କୃତି 'ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ' ଏକ ଚତୁର୍ଭାଷିକ (ଓଡିଆ,ଇଂରାଜୀ,ହିନ୍ଦୀ ଓ ବଙ୍ଗଳା ) ଅଭିଧାନ । ସମ୍ଭବତଃ ବଙ୍ଗଳା ଭାଷା ଠାରୁ ଓଡିଆ ଭାଷାର ସ୍ୱାତନ୍ତ୍ର ଦର୍ଶାଇବା ପାଇଁ ଶବ୍ଦର ଅର୍ଥକୁ ବଙ୍ଗଳାରେ ପ୍ରକାଶ କରିଥିଲେ ଯାହାକି ଓଡିଆ ଭାଷାକୁ ବିରୋଧ କରୁଥିବା ତତ୍କାଳୀନ ବଙ୍ଗଳା ସାହିତ୍ୟିକମାନଙ୍କୁ ଶକ୍ତ ଚପେଟାଘାତ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡିଆ ଭାଷାକୁ ପରିଚିତ କରାଇବା ପାଇଁ ଇଂରାଜୀ, ହିନ୍ଦୀ ଭାଷାରେ ଓଡିଆ ଶବ୍ଦର ଅର୍ଥକୁ ପ୍ରକାଶ କରିଥିଲେ । ଦେଶ ପରାଧୀନ ସମୟରେ ନିଜସ୍ୱ ଉଦ୍ୟମରେ ବିଭିନ୍ନ ଦେଶମାନଙ୍କର ପାଠାଗାର ଗୁଡିକରେ ଉକ୍ତ ଅଭିଧାନକୁ ଉପଲବ୍ଧ କରାଇ ଓଡିଆ ଭାଷା ତଥା ଓଡିଆ ଜାତିକୁ ମହନୀୟ କରିଛନ୍ତି । ପ୍ରଚଣ୍ଡ ପାଣ୍ଡିତ୍ୟର ଅଧିକାରୀ ଏହି ଯଶସ୍ୱୀ ସାରସ୍ୱତ ସାଧକଙ୍କ ଭାଷାପ୍ରୀତି ହେତୁ ସମ୍ପ୍ରତି ଓଡିଆ ସାହିତ୍ୟର ମାନ ବିଶ୍ୱ ସାହିତ୍ୟ ସମକକ୍ଷ ହେବା ସହ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । କିନ୍ତୁ କ୍ଷୋଭର ସହ କହିବାକୁ ପଡୁଛି ଯେ ଏ ଓଡିଆ ଜାତି ସେଭଳି ତୁଙ୍ଗ ବ୍ୟକ୍ତିତ୍ୱକୁ ଉଚିତ ସମ୍ମାନ ଏ ପର୍ଯ୍ୟନ୍ତ ଦେଇପାରିନାହିଁ ।

**ପୀୟୂଷ ରଞ୍ଜନ ପରିଡା**
**ସାଧାରଣ ସମ୍ପାଦକ**
**ପ୍ରହରାଜ ପ୍ରତିଭା ପୂଜା ପରିଷଦ**

ପ୍ରହରାଜଙ୍କ ସ୍ୱତନ୍ତ୍ର ସାରସ୍ୱତୀୟ ସୃଷ୍ଟିକୁ ନେଇ ଉଜ୍ଜଳ ସମ୍ଭାବନାର ଦୂରଦ୍ରଷ୍ଟା ଥିଲେ ଉତ୍କଳର ଦୁଇ ଦିଗ୍ଗଜ ସାହିତ୍ୟରଥୀ – ପ୍ରାତଃସ୍ମରଣୀୟ ସ୍ୱର୍ଗତଃ ବ୍ୟାସକବି ଫକୀରମୋହନ ସେନାପତି ଓ କବିବର ରାଧାନାଥ ରାୟ । '...ମୁଁ ହୁଏତ ସେତେବେଳକୁ ବଞ୍ଚି ନଥିବି । କିନ୍ତୁ ମନେରଖ ଗୋପାଳ! ତୁମେ ଦିନେ ନିଶ୍ଚୟ ଓଡିଆ ସାହିତ୍ୟ କ୍ଷେତ୍ରରେ ଗୋଟିଏ ବିଶିଷ୍ଟ ସ୍ଥାନ ଅଧିକାର କରିବ...' ।

**କବିବର ରାଧାନାଥ ରାୟ**

ପ୍ରହରାଜଙ୍କ ଦୁଷ୍ପ୍ରାପ୍ୟ ଗଦ୍ୟ ରଚନା ସେହିଭଳି '...ସାହିତ୍ୟରେ ତୁମ ଅନୁସୃତ ଧାରାର ଆଦର୍ଶ କିଏ'ର ଫକୀରମୋହନଙ୍କ ପ୍ରଶ୍ନରେ ପ୍ରହରାଜଙ୍କ ଉତ୍ତର ଥିଲା 'ମୋ ଲେଖା ଆପଣଙ୍କ ଭଙ୍ଗୀ, ଭାଷା ଛଟାର ବିକୃତ ଅନୁକରଣ ମାତ୍ର' ଏତିକି ଶ୍ରବଣରେ ଗଦ୍‌ଗଦ୍ ହୋଇ ବ୍ୟାସକବି ଗୋପାଳଙ୍କ ଉପରେ ଆନନ୍ଦାଶ୍ରୁର ସ୍ୱସ୍ତିବାଣୀ ଅଜାଡ଼ି ଦେଇଥିଲେ ।

(ପ୍ରହରାଜଙ୍କ ଦୁଷ୍ପ୍ରାପ୍ୟ ଗଦ୍ୟ ରଚନା
ସଙ୍କଳକ-କଇଳାଶ ପଟ୍ଟନାୟକ )



ପ୍ରହରାଜଙ୍କ ସାରସ୍ୱତୀୟ କୀର୍ତ୍ତିରାଜିର ଆଦୃତି ଓ ଅମରତ୍ୱକୁ ନେଇ ଏହାଠୁ ବଳୀ ବଳବାନ୍ ପ୍ରମାଣପତ୍ର ଆଉ କ'ଣ ଥାଇପାରେ ।

**କାଳୀପ୍ରସାଦ ମହାପାତ୍ର**
**ପ୍ରତିଷ୍ଠାତା ସଭାପତି**
**ପ୍ରହରାଜ ପ୍ରତିଭା ପୂଜା ପରିଷଦ**
**ସିଦ୍ଧେଶ୍ୱରପୁର, କଟକ**

ପାଇଥାଉ ।

ଯେତେବେଳେ ଲୋକଙ୍କର ଦରମା ମାସକୁ ଟଙ୍କାଏରୁ କମ୍, ସେ ସମୟରେ ଲକ୍ଷେ ଟଙ୍କା ଯୋଗାଡ଼ କରିବା ଆକାଶ କଇଁଆ ଚିଲିକା ମାଛ ପରି ଅବସ୍ଥା । ପ୍ରହରାଜ ନିଜେ ଏକ ସ୍ୱଚ୍ଛଳ, ସମୃଦ୍ଧ ଜମିଦାର ପରିବାରରୁ ଥିଲେ । ତସହ ଓକିଲାତି କରି ଭଲ ପଇସା ମଧ୍ୟ ରୋଜଗାର କରୁଥିଲେ । ତାଙ୍କ ନିଜର ସମସ୍ତ ସଞ୍ଚିତ ଅର୍ଥ, ଉପାର୍ଜନ ଭାଷାକୋଷ ମୁଦ୍ରଣରେ ଲଗାଇ ଦେଇଥିଲେ ଯାହା ସମୁଦ୍ରକୁ ଶଙ୍ଖେ ଥିଲା । ତେଣୁ ସେ ଗାଁ ରୁ ସହର, ସହରରୁ ରାଜ୍ୟ, ରାଜ୍ୟରୁ ଦେଶ, ପଲ୍ଲୀରୁ ନେଇ ଦିଲ୍ଲୀ ଯାଏଁ ସମସ୍ତଙ୍କ ଦ୍ୱାରସ୍ଥ ହେଲେ । ତାଙ୍କର ପାଖାପାଖି ୨୬ ଜଣ ରାଜାଙ୍କ ସହ ଭଲ ସମ୍ବନ୍ଧ ଥିଲା । ବ୍ରିଟିଶ ଗଭର୍ଣ୍ଣର, ଭାଇସରାୟ ଆଦିଙ୍କ ସହ ଓ ବିଭିନ୍ନ ଜମିଦାରମାନଙ୍କ ସହ ମଧ୍ୟ ଭଲ ସମ୍ପର୍କ

ଥିଲା । ତେଣୁ ସମସ୍ତଙ୍କ ଠାରୁ ସେ ସାହାଯ୍ୟ ମାଗିଲେ ଏ ବୃହତ୍ତର ମହତ କାମ ପାଇଁ । କିଏ ଟଙ୍କାଏ ଦେଲା ତ କିଏ ପଚାଶ ଆଉ କିଏ ପାଞ୍ଚଶହ । ନିରକ୍ଷର ପ୍ରଜାଙ୍କ ଠାରୁ ନେଇ ରାଜାଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସାଧ୍ୟମତେ ଅର୍ଥ ଦାନ କରିଥିଲେ । ତଥାପି ଏ ରାଶି ପର୍ଯ୍ୟାପ୍ତ ନଥିଲା । ତେଣୁ ସ୍ଥିର ହେଲା ଯେଉଁମାନେ ଅଭିଧାନ କିଣିବାକୁ ଚାହୁଁଛନ୍ତି ସେମାନେ ଅଗ୍ରୀମ ଟଙ୍କା ଦେବେ । ଅନେକ ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତି, ବିହାର - ଓଡିଶା ସରକାର ଅଗ୍ରିମ ଟଙ୍କା ଦେବାକୁ ରାଜି ହେଇଗଲେ । ବିହାର- ଓଡିଶା ସରକାରଙ୍କର ଶିକ୍ଷା ନିର୍ଦ୍ଦେଶକ ସ୍ୱର୍ଗତ ଶ୍ୟାମା ଚରଣ ତ୍ରିପାଠୀ (ଆଇ .ଇ .ଏସ୍. ) ଭାଷାକୋଷ ମୁଦ୍ରଣ ପାଇଁ ମୟୂରଭଞ୍ଜ ମହାରାଜ ଶ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଦେବଙ୍କ ନିକଟରେ ନିବେଦନ କରିଥିଲେ । ମହାରାଜ ଆଠ ହଜାର ଟଙ୍କା ଦେଇଥିଲେ ଏବଂ ସେଥିପାଇଁ ତାଙ୍କ ବଡ଼ ଭାଇ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦେବଙ୍କ ନାମରେ ଭାଷାକୋଷର ନାମ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ରଖାଗଲା । ଭାଷାକୋଷର ପ୍ରଥମ ଖଣ୍ଡ ୧୯୩୧ ମସିହାରେ ଆତ୍ମପ୍ରକାଶ କଲା ଏବଂ ଶେଷ ବା ସପ୍ତମ ଖଣ୍ଡ ୧୯୪୦ ମସିହାରେ ପ୍ରକାଶ ପାଇଥିଲା । ବାଗ୍ମୀ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପ୍ରେସ କଟକରେ ଏହି ମୁଦ୍ରଣ କାର୍ଯ୍ୟ ଆରମ୍ଭ ହେଇଥିଲା । ତେଣୁ ଏହି ମହତ କାମ ପାଇଁ ସ୍ୱର୍ଗତ ପ୍ରହରାଜ ତାଙ୍କ ଜୀବନର ଅମୂଲ୍ୟ ସତେଇଶ ବର୍ଷ ଏବଂ ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ କରି ଦେଇଥିଲେ । କେବଳ ସେତିକି ନୁହେଁ ଏହି ଭାଷାକୋଷ ପାଇଁ ଶବ୍ଦ ସଂଗ୍ରହ, ଅର୍ଥ ସଂଗ୍ରହ କରିବା ପାଇଁ ସେ ଅନେକ ଘାତ, ପ୍ରତିଘାତ, ଅପମାନ, ଅସୂୟା, ଅଣଦେଖା, ମାନସିକ ଦ୍ୱନ୍ଦ୍ୱ ଓ ଚିନ୍ତାର ଶରବ୍ୟ ହେଇଛନ୍ତି । ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଏବଂ ବାଗ୍ମୀ ବିଶ୍ୱନାଥ କର, ଉତ୍କଳ ମଣି ଗୋପବନ୍ଧୁ ଦାସ, ଶ୍ୟାମା ଚରଣ ତ୍ରିପାଠୀ ଆଦି ଅନେକ ବିଦ୍ୱାନ ବ୍ୟକ୍ତିଙ୍କ ସାହାଯ୍ୟ, ସହଯୋଗ, ସମର୍ଥନ ଯୋଗୁ ଭାଷାକୋଷ ପ୍ରକାଶିତ ହେଇପାରିଲା ଏବଂ ଓଡିଶାବାସୀଙ୍କ ପାଇଁ ଗର୍ବ ଗୌରବର ପ୍ରତୀକ ହେଲା । ଭାଷାକୋଷ ଲେଖିବା ପାଇଁ ଯେତିକି ଇଚ୍ଛାଶକ୍ତି ଏବଂ ଭାବପ୍ରବଣତା ଆବଶ୍ୟକ ତାଠୁ ବେଶୀ ଆବଶ୍ୟକ ଜ୍ଞାନ । ନିଜର ସମସ୍ତ କାମ ଧନ୍ଦା ଛାଡି ଦିନ ରାତି ଏକ କରି ବଡ଼ ବଡ଼ ଗ୍ରନ୍ଥ ପଢି, ଲୋକଙ୍କ ଠାରୁ ଶବ୍ଦ ସଂଗ୍ରହ କରି ସେ ଶବ୍ଦମାନଙ୍କୁ ବୁଝି ତାର ସଠିକ ରୂପ ଆକଳନ କରି ତାକୁ ସଜେଇ ଲେଖି, ଅର୍ଥ ସଂଗ୍ରହ କରି ତାକୁ ଛପେଇବା ପାଇଁ ଯେଉଁ ସାହସ, ଦମ୍ଭ, ପ୍ରବଣତା ଏବଂ ଧୀଶକ୍ତିର ଆବଶ୍ୟକତା ଥିଲା ସେ ସମସ୍ତ ଗୁଣର ଅଧିକାରୀ ଥିଲେ ସ୍ୱର୍ଗତ ପ୍ରହରାଜ ।



ଗୋପାଳ ଚନ୍ଦ୍ର ପ୍ରହରାଜ ତାଙ୍କ ଭାଇ ଭଉଣୀ ଏବଂ ତାଙ୍କ ପିତା ନରସିଂହ ପ୍ରହରାଜଙ୍କ ସହ

ଯଦିଓ ଭାରତୀୟ ଜାତୀୟ ଆନ୍ଦୋଳନରେ ସ୍ୱର୍ଗତ ପ୍ରହରାଜ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିନଥିଲେ ତଥାପି ମହାତ୍ମାଗାନ୍ଧୀ ଯେବେ ଓଡିଶା ଆସିଥିଲେ ଗୋପାଳ ପ୍ରହରାଜଙ୍କ ଭାଷାକୋଷ ଅଫିସ୍ ଘର ବୁଲି ଦେଖିବା ସହ ତାଙ୍କ ଘରେ ରହିଥିଲେ । ମହାତ୍ମା ଗାନ୍ଧୀଙ୍କ ଭାଷାରେ ପ୍ରହରାଜ ଓଡ଼ିଆ ଭାଷାର ଅସ୍ମିତାକୁ ବଞ୍ଚାଇବା ପାଇଁ, ଯେଉଁ ସ୍ୱାଭିମାନର ଲଢ଼େଇ ଲଢୁଛନ୍ତି ସେଥିପାଇଁ ସେ ନମସ୍ୟ । ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସମସାମୟିକ ଥିଲେ । ରବୀନ୍ଦ୍ର ନାଥଙ୍କୁ 'ଗୀତାଞ୍ଜଳି' ପାଇଁ ନୋବେଲ ପୁରସ୍କାର ମିଳିବା ସମୟରେ ତାଙ୍କ ଠାରୁ ଢେର ଅଧିକ ଭାଷା ସାହିତ୍ୟ ପାଇଁ କାମ କରିଥିବା ସ୍ୱର୍ଗତ ପ୍ରହରାଜ ବିସ୍ମୃତିର ଅତଳ ଗର୍ଭରେ ଲୀନ ହେଇଯାଉଛନ୍ତି ଧୀରେ ଧୀରେ । ସାହିତ୍ୟିକମାନେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଜାଣନ୍ତି । କିଛି ପୁରୁଣା ଲୋକ ହୁଏତ ଗୋପାଳ ପ୍ରହରାଜଙ୍କୁ ଏବେ ବି ମନେରଖିଛନ୍ତି କିନ୍ତୁ ଯୁବ ପିଢ଼ିଙ୍କ ପାଇଁ ସେ ଆଉ ଚିହ୍ନା ମୁହଁ ହେଇ ନାହାଁନ୍ତି । ପ୍ରହରାଜଙ୍କର ଭାଷାକୋଷର ଅନେକ ଭାଗ ନଷ୍ଟ ହେଇଗଲାଣି । ସେହିପରି ତାଙ୍କର ଅନ୍ୟାନ୍ୟ ଅଧିକାଂଶ ରଚନା ମଧ୍ୟ ବର୍ତ୍ତମାନ ଦୃଶପାପ୍ୟ । ସନମାନନୀୟ ସାହିତ୍ୟିକ ଶ୍ରୀ ଗୌରାଙ୍ଗ ଚରଣ ଦାସ, କୃପାସିନ୍ଧୁ ବିଶ୍ୱାଳ ଆଦି କିଛି ବରିଷ୍ଠ ସାହିତ୍ୟିକ ପ୍ରହରାଜଙ୍କ ଉପରେ କାମ କରିଛନ୍ତି । '**ସୃଜନୀକା**' ମାଧ୍ୟମରେ ଇ-ବୁକ୍ ଭାବରେ ଏବେ ଭାଷାକୋଷ ଉପଲବ୍ଧ ହେଲାଣି । କିନ୍ତୁ ପୁସ୍ତକ ଆକାରରେ ଏହା ପ୍ରାୟ ହାତ ଗଣତି କିଛି ଓଡ଼ିଆଙ୍କ ଘରେ ଅଛି । ଆମେରିକା, ୟୁରୋପ, କାନାଡ଼ାର ଲାଇବ୍ରେରୀମାନଙ୍କରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଶୋଭା ପାଉଥିବା ବେଳେ ଓଡ଼ିଶାର ସ୍କୁଲ୍ କଲେଜ ଲାଇବ୍ରେରୀମାନଙ୍କରେ ଭାଷାକୋଷ ଖୋଜିଲେ ମିଳିବନି । ଆମ ଛାତ୍ର ଛାତ୍ରୀ ମଧ୍ୟ ସେ ସମ୍ପର୍କରେ ଅଜ୍ଞ । ଏହାର ବିଶାଳ ଭଲ୍ୟୁମ୍, ଅଧିକ ଦାମ୍ ଲୋକଙ୍କ ପାଇଁ କିଣିବାରେ ବାଧା ସୃଷ୍ଟି କରୁଛି । ରାଜ୍ୟ ସରକାର ବା ଓଡ଼ିଶା ସାହିତ୍ୟ ଏକାଡେମୀ ଯଦି ଏହାକୁ ପୁନଃମୁଦ୍ରଣ କରି ସୁଲଭ ମୂଲ୍ୟରେ ବାଣ୍ଟି ପାରନ୍ତେ ତେବେ ଭାଷାଭିତ୍ତିକ ଆନ୍ଦୋଳନ, ଓଡିଶା ପ୍ରଦେଶ ଗଠନରେ ଏହାର ଭୂମିକାକୁ ମନେପକାଇ ସବୁ ଓଡ଼ିଆ ଭାଗବତ, ଗୀତ ପରି ଏହାକୁ ପୂଜା କରନ୍ତେ । ଭଗ୍ନ କୋଣାର୍କର ପୁନରୁଦ୍ଧାର ପରି ସମୟର କାଳ ବୈଶାଖୀରେ ବିଲୁପ୍ତ ହେଇ ଯାଉଥିବା ଓଡ଼ିଆ ଭାଷାର ଏଯାବତ୍ ସର୍ବ ବୃହତ ପରିପୂର୍ଣ୍ଣାଙ୍ଗ ଭାଷାକୋଷର ପୁନରୁଦ୍ଧାର ବର୍ତ୍ତମାନ ସମୟର ଆବଶ୍ୟକତା ।

ଗୋପାଳ ଚନ୍ଦ୍ର ପାଠ ପଢ଼ିଥିବା ସ୍କୁଲ 'ଗୋପାଳ ସ୍ମୃତି ବିଦ୍ୟାପୀଠ'ରେ ସାରା ଜୀବନ ଶିକ୍ଷକତା କରି ବିତେଇ ଦେଇଥିବା ଛାତ୍ର ବତ୍ସଳ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ମହାପାତ୍ର ସାର୍ କୁହନ୍ତି, ସେ ଯେବେ କାମରେ ଭିନ୍ନ ଭିନ୍ନ ସ୍କୁଲ୍‌କୁ ଯାଆନ୍ତି ସେଠିକାର ଶିକ୍ଷକମାନେ ଏଇ ପବିତ୍ର ସ୍କୁଲ୍‌ର ମାଟି ଆଣିବା ପାଇଁ କହିଥାନ୍ତି । ବସ୍‌ରେ ଏହି ବାଟ ଦେଇ ଗଲାବେଳେ ଲୋକେ ପୁଣ୍ୟ ଭୂମିକୁ ପ୍ରଣାମ କରି ଯାଆନ୍ତି । ମହାପାତ୍ର ସାର୍ ଗୋପାଳ ପ୍ରହରାଜଙ୍କ ମୃତ୍ୟୁର ୨୦ ବର୍ଷ ପରେ ୧୯୬୪ ମସିହାରେ ଏହି ସ୍କୁଲ୍‌ରେ ଜଏନ୍ କରି ୧୯୯୧ ମସିହା ପର୍ଯ୍ୟନ୍ତ ଏକ ଆଦର୍ଶ ଶିକ୍ଷକ ରୂପେ ଶିକ୍ଷକତା କରିଥିଲେ । ଗୋପାଳ ପ୍ରହରାଜଙ୍କ ସଂସ୍ପର୍ଶରେ ଆସିଥିବା ଶ୍ରୀ ବଟକୃଷ୍ଣ ମିଶ୍ର, ସ୍ୱର୍ଗତ ନଟବର ସାହୁ, କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଆଦି ଅନେକ ବିଜ୍ଞ ଶିକ୍ଷକ ଏବଂ ପ୍ରହରାଜଙ୍କ ସମସାମୟିକ ଗ୍ରାମର ବିଦ୍ୱାନ ବ୍ୟକ୍ତିଙ୍କ ସହ ମିଶିଛନ୍ତି । ପ୍ରହରାଜଙ୍କ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିଛନ୍ତି । ତେଣୁ ଏହି ଲେଖାଟି ପ୍ରସ୍ତୁତ କଲାବେଳେ ତାଙ୍କ ପ୍ରବନ୍ଧରୁ କିଛି ଅଂଶ ମୁଁ ଉଦ୍ଧାର କରିଛି । କାରଣ ଏହାଠାରୁ ଅଧିକ ପ୍ରାମାଣିକ ତଥ୍ୟ ମୁଁ ଆଉ କେଉଁଠି ପାଇବି ନାହିଁ । ସାର୍ ସ୍ୱର୍ଗରେ ଥାଇ ନିଶ୍ଚୟ ମୋତେ ଆଶୀର୍ବାଦ କରୁଥିବେ । ଏହି ଗାଁର ଝିଅ ହେଇ ଜନ୍ମ ହେଇ ଶୈଶବ, କୈଶୋର ଏହି ମାଟିରେ ବିତେଇଥିବାର ସୌଭାଗ୍ୟ ମୋତେ ପ୍ରାପ୍ତ ହେଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ଏଇ ପବିତ୍ର ମାଟିକୁ ପ୍ରଣାମ କରୁଛି ।



SMILE GOLD
Agarbati
JHPPL
SMILE+
AN ISO 9001:2008 Certified
Since : 20years
Our Product
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796




# ମାଆ ତାରାତାରିଣୀ ମନ୍ଦିର


**ଅରୁଣ କୁମାର ତ୍ରିପାଠୀ**

କାର୍ଯ୍ୟକାରୀ ସମ୍ପାଦକ: ଜୟପୁର ସାହିତ୍ୟ ପରିବାର,
ସନ୍ତୋଷୀ ମାଁ ନଗର ୨ୟ ଗଳି, ପାରାବେଡ଼ା,
ଜୟପୁର-୭୬୪୦୦୧, କୋରାପୁଟ,
ଫୋନ-୯୦୭୮୮୩୮୬୨୭


ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ଅରୁଣ କୁମାର ତ୍ରିପାଠୀ

ଆରମ୍ଭ ହେଇଛି ବସନ୍ତ ଋତୁ । ଯଦିଓ ଶରତ କାଳରେ ନବରାତ୍ରର ପ୍ରାଧାନ୍ୟ ରହେ, କିନ୍ତୁ ଦେବୀ ଦୁର୍ଗା ମହିଷାସୁର ବଧ କରିବା ସମୟ ହେଉଛି ଏହି ବାସନ୍ତିକ ଦଶହରା ସମୟ । ଏହି ବର୍ଷ ଏପ୍ରିଲ୍ ୨୨ ତାରିଖ ବା ଓଡ଼ିଆ ତିଥି ଚୈତ୍ର ଶୁକ୍ଳ ପ୍ରତିପଦାରୁ ଦେବୀଙ୍କୁ ସହସ୍ର କୁମ୍ଭାଭିଷେକରେ ବନଦୁର୍ଗା ମନ୍ତ୍ରରେ ଦେବୀଙ୍କୁ ପ୍ରାର୍ଥନା ସହ ଆରମ୍ଭ ହେବ ବାସନ୍ତିକ ନବରାତ୍ରରେ । ଏହି ଉପଲକ୍ଷେ ଦକ୍ଷିଣ ଓଡ଼ିଶା ପ୍ରମୁଖ ଶକ୍ତିପୀଠ ମାଆ ତାରାତାରିଣୀଙ୍କ ସମ୍ପର୍କରେ ଏକ ଆଲେଖ୍ୟ । କୁହାଯାଏ ଶ୍ରୀକ୍ଷେତ୍ରରେ ବିମଳା ତଥା ମାଆ ତାରାତାରିଣୀଙ୍କ ପୀଠରେ ସର୍ବଦା ବସନ୍ତ ବିରାଜମାନ ଥାଏ । ମାଆଙ୍କ କରୁଣାର ବୈବାହିକ ଜୀବନ ସଫଳ ହେଇଥିବାରୁ ଦମ୍ପତିଗଣ ନିଜର ପ୍ରଥମ ଭ୍ରମଣ ଏହି ସ୍ଥାନରୁ ପ୍ରାରମ୍ଭ କରନ୍ତି ।

## କିମ୍ବଦନ୍ତୀ-୧

ସମୟ ସତ୍ୟ ଯୁଗର ସତୀ ଦେବୀ ଓ ଭଗବାନ ଭୋଳାନାଥ ଏକାନ୍ତରେ କୈଳାସରେ ଉପବେସନ ହେଇଥିଲେ । ହଠାତ୍ କିଛି ପବିତ୍ର ଧୂମ୍ର ଆକାଶ ଆଡ଼କୁ ଅଗ୍ରସର ହେବାର ସତୀ ଦେବୀ ଦେଖି ଭଗବାନ ଶଙ୍କରଙ୍କୁ ଏହାର କାରଣ ପୁଛିଲେ । ନୀଳକଣ୍ଠ କହିଲେ, "ହେ ପାର୍ବତୀ, ତୁମ୍ଭ ପିତା ଦକ୍ଷ ଏକ ମହାଯଜ୍ଞର ଆୟୋଜନ କରିଅଛନ୍ତି ।" ଏକଥା ଶୁଣିବା ମାତ୍ରେ ସତୀ ଦେବୀଙ୍କ ମନରେ ବଡ଼

ଆଗ୍ରହ ଜାତ ହେଲା । ସେ ମହାଦେବଙ୍କ ନିକଟରେ ଅଳିକରି ଯିବାର ଅନୁମତି ମାଗିନେଲେ, କାରଣ ଦକ୍ଷ ପ୍ରଜାପତି ନିଜ ଜାମାତା ଓ ଦୁହିତାଙ୍କୁ ଉକ୍ତ ଉତ୍ସବରେ ନିମନ୍ତ୍ରଣ କରିନଥିଲେ । ଭଗବାନ ଶଙ୍କର ତାହାର ପରିଣତି କଣ ହେବ ଜାଣିଥିଲେ । କିନ୍ତୁ ପ୍ରାଣପ୍ରିୟା ସତୀଦେବୀଙ୍କ ଅଳିକୁ



ସେ ମନା କରିପାରିଲେ ନାହିଁ । କେବଳ ସଚେତନ କରେଇଦେଲେ, ଗମନର ଫଳାଫଳ ଯାହା ହବ ସେଥି ନିମନ୍ତେ ଆପଣ ଦାୟୀ ରହିବେ । ପରବର୍ତ୍ତୀ ସମୟରେ ସତୀ ଦେବୀ ଉକ୍ତ ସ୍ଥାନରେ ପହଁଚିଲେ । କେତେକ ସ୍ଥାନରେ ବର୍ଣ୍ଣନା ରହିଅଛି ଉକ୍ତ ଯଜ୍ଞରୁ ପବ୍ରିତ ଧୂମ୍ର ମାନ ସପ୍ତ ଲୋକରେ ବିଚ୍ଛୁରିତ ହେଇ ଏକ ଦିବ୍ୟ ଅନୁଭବ ଜାତ କରୁଥିଲା । ଯଦିଓ ସତୀ ଦେବୀଙ୍କ ପିତା ଶ୍ରୀ ଦକ୍ଷ ପ୍ରଜାପତି ଶାସ୍ତ୍ରଜ୍ଞ ପଣ୍ଡିତ, କିନ୍ତୁ ବିଧିର ଲୀଳାରେ ସେ ବନ୍ଧାଥିଲେ । ପିତାଙ୍କୁ ଭୂମିଷ୍ଠ ପ୍ରଣାମ କରିବା ପଶ୍ଚାତ୍ ମାଆ ସତୀଙ୍କୁ କିନ୍ତୁ ଏକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଲା । ଦକ୍ଷ ପ୍ରଜାପତି ଭଗବାନ ଶଙ୍କରଙ୍କୁ ସମସ୍ତଙ୍କ ସାମ୍ନାରେ ବିଭିନ୍ନ ଭାବରେ ଭର୍ତ୍ସନା କଲେ । ପ୍ରତିକ୍ରିୟାରେ ସତୀଦେବୀ ସ୍ୱାମୀ ଅପମାନରେ ଗଭୀର ଶୋକାତୁରା ହେଇ ହୋମକୁଣ୍ଡରେ ପ୍ରାଣାହୂତି ଦେଲେ, ଯାହା ଭଗବାନ ଶଙ୍କର ଜାଣିପାରି ବୀରଭଦ୍ର ରୂପରେ ଆସି ଦକ୍ଷଙ୍କ ଶୀର ଛେଦନ କଲେ । ତେଣେ ସତୀ ଦେବୀ ହିମାଳୟଙ୍କ ପତ୍ନୀ ମେନା ଦେବୀଙ୍କ ଗର୍ଭରେ ଅବସ୍ଥାନ କଲେ । ଦକ୍ଷଙ୍କ ବଧ ପଶ୍ଚାତ୍ ଯଜ୍ଞ ସ୍ଥାନ ଧ୍ୱସ୍ତ ବିଧ୍ୱସ୍ତ ହେଲା । ଏହାପର ଅବସ୍ଥାରେ ଭଗବାନ ଭୋଳାନାଥ ସତୀଙ୍କ ପ୍ରାଣହୀନ ଶରୀରକୁ ସ୍କନ୍ଧରେ ଧରି ପାଗଳ ସମ ଇତଃସ୍ତତଃ ଭ୍ରମଣ କଲେ । ସେହି ବିକଟାଳ କରାଳ ରୂପ ଅବଲୋକନ କରି ଦେବଗଣ ମୀମାଂସା କଲେ ଯେ ସୃଷ୍ଟିର ସଂହାର କାର୍ଯ୍ୟ ମହାଦେବଙ୍କ ଅନୁପସ୍ଥିତିରେ ବାଧାପ୍ରାପ୍ତ ହେଉଅଛି । ଏହି ବିଷୟ ଭଗବାନ୍ ବିଷ୍ଣୁଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତେ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ସାହାଯ୍ୟରେ ସତୀଙ୍କ ପ୍ରାଣହୀନ ଶରୀରକୁ ୫୧ ଖଣ୍ଡରେ ଛେଦନ କଲେ । ଭଗବାନ ଶଙ୍କର ଯୋଗାସୀନ ହେଲେ । ସେହି ୫୧ଟି ଅଂଶ ଭାରତର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହେଲେ ପ୍ରଖ୍ୟାତ ଶକ୍ତି କ୍ଷେତ୍ର ରୂପେ । ଆପଣମାନେ ୨୦୧୯ ମସିହାରେ ଶୁଣିଥିବେ ଭାରତୀୟ ନୌସେନା ତରଫରୁ ଏକ ଜାହାଜ ଲୋକାର୍ପିତ ହେଇଥିଲା ଯାହାର ନାମ INS Tarini ଯାହାକି ମାଆ ତାରାତାରିଣୀଙ୍କୁ ଉତ୍ସର୍ଗୀକୃତ । ଏହାର କାରଣ ହେଉଛି ସତୀଙ୍କ ଅଂଶମାନ ବିଭିନ୍ନ ସ୍ଥାନରେ ସ୍ଥାନିତ ହେଇଥିଲେ ମଧ୍ୟ କେବଳ ୪ଟି ସ୍ଥାନ ପ୍ରଧାନ ପୀଠ ଭାବେ କାଳିକା ପୁରାଣରେ ବର୍ଣ୍ଣିତ ହେଇଅଛି:

"ବିମଳା ପାଦଖଣ୍ଡଂ ଚ ସ୍ତନ ଖଣ୍ଡଂ ଚ ତାରିଣୀ
କାମାକ୍ଷା ଯୋନିଖଣ୍ଡଂ ଚ ମୁଖ ଖଣ୍ଡଂ ଚ କାଳିକା ।"

ଉକ୍ତ ଶ୍ଳୋକରେ ବର୍ଣ୍ଣିତ ସ୍ଥାନ ଗୁଡ଼ିକ ହେଲେ, ଶ୍ରୀମନ୍ଦିରରେ ପଦ ଖଣ୍ଡ ବିମଳା ଭାବେ, ବକ୍ଷୋଜ ଗଞ୍ଜାମ ଜିଲ୍ଲାର ତାରାତାରିଣୀ, ଆସାମର କାମାକ୍ଷାରେ ଯୋନି ଖଣ୍ଡ ତଥା କଲିକତାରେ କାଳିକା ରୂପେ ମାତାଙ୍କ ମସ୍ତକ ପୂଜା ପାଉଅଛି ।

## କିମ୍ବଦନ୍ତୀ-୨

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ମହୀରାବଣ ଲକ୍ଷ୍ମଣଙ୍କୁ ଅପହରଣ କରି ମାଆ କାଳୀଙ୍କ ନିକଟରେ ବଳୀଦେବାର ସମ୍ବାଦ ଶୁଣି ମାତା ସୀତା ଗଭୀର ମନ ଦୁଃଖରେ ଲୋତକପାତ କଲେ । ତାଙ୍କ ଦୁଇ ଅଶ୍ରୁ ବୁନ୍ଦାରୁ ବିଭିନ୍ନ ଆୟୁଧରେ ସଜ୍ଜିତ ଦୁଇଜଣ ସମରୂପା ଦେବୀ ଜାତ ହେଲେ । ସେମାନେ ସୀତା ମାତାଙ୍କ ଦୁଃଖ ବିନାଶର କାଣ କିଛି କାଂଶରେ ସାଜିଲେ । ପବନ ପୁତ୍ର ହନୁମାନଙ୍କ ସହ ମିଶି ସେମାନେ ନିଜ ଦେହରୁ ନବ କୋଟି କାତ୍ୟାୟିନି ତଥା ଚଉଷଠି ଯୋଗିନି ସୃଷ୍ଟି କଲେ । ଯାହାଙ୍କ ସହ ସମରରେ ମହୀରାବଣର ବଧ ସମାହିତ ହେଇଥିଲା । ପରବର୍ତ୍ତୀ ସମୟରେ ସୀତାଦେବୀ ସେମାନଙ୍କୁ ଋଷିକୁଲ୍ୟା ନଦୀ ସନ୍ନିକଟ ଭଗବାନ ଶ୍ରୀରାମଙ୍କ ଦ୍ୱାରା ସ୍ଥାପିତ ପଞ୍ଚାନନ ତଥା ତୁମ୍ବେଶ୍ୱର ମହାଦେବଙ୍କ ସହ ରହିବାକୁ ଆଦେଶ ଦେଲେ ଏବଂ କଳିଯୁଗରେ ପୂଜା ପାଇବାର ବରଦାନ ଦେଇଥିଲେ ।


## ଅବସ୍ଥିତି

ତନ୍ତ୍ର ଶାସ୍ତ୍ରରେ ବିଶ୍ୱାସ ରହିଛି ଯେ କୌଣସି ନଦୀ ଯେଉଁ ସ୍ଥାନମାନଙ୍କରେ ଉତ୍ତର ମୁହାଁ ହୁଏ; ସେହି ସ୍ଥାନ ଏକ ପ୍ରସିଦ୍ଧ ତନ୍ତ୍ର କ୍ଷେତ୍ରର ମାନ୍ୟତା ଲାଭ କରେ । ଆଉ ଏହି ଉକ୍ତିର ସାର୍ଥକତା ଆପଣ ତାରା ତାରିଣୀର କୁମାରୀ ପର୍ବତରେ ରହି ଅବଲୋକନ କରିପାରିବେ ଋଷିକୂଲ୍ୟାର ଉତ୍ତର ବାଙ୍କ । ବଡ଼ ମନୋଜ୍ଞ ଦୃଶ୍ୟ ସେୟା, ଦେଖିବା ମାତ୍ରେ ପବିତ୍ରତା ପ୍ରତି ଲୋମକୂପରେ ଭରିଯାଏ । ମନ୍ଦିରଟି ଗଞ୍ଜାମରେ ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରୁ ୩୫କି.ମି. ଦୂରରେ ଅବସ୍ଥିତି । ନିୟମିତ ବ୍ୟବଧାନରେ ଘରୋଇ ବସ୍ ସୁବିଧା । ଆପଣମାନେ ପାଇ ପାରିବେ । ଟେକ୍ସି ସୁବିଧା ମଧ୍ୟ ଉକ୍ତ ସ୍ଥାନ ନିମନ୍ତେ ରହିଅଛି । ଯଦି ବସ୍‌ରେ ଆସୁଛନ୍ତି ତେବେ ତାରାତାରିଣୀ ଛକରେ ୫୦/- ଦେଇ



ଆପଣମାନେ ମନ୍ଦିରକୁ ଯାଇ ପାରିବେ । ତଳ ଗ୍ରାମ ସମୂହ ମାନଙ୍କରୁ ପର୍ବତ ଉପର ମନ୍ଦିରର ଦିବ୍ୟ ଦୃଶ୍ୟ ଅବଲୋକନ କରିବା ନେତ୍ର ପାଇଁ ଏକ ଅନନ୍ୟ ଉପହାର । ମାଆଙ୍କ ମନ୍ଦିରକୁ ଯିବା ନିମନ୍ତେ ଖଣ୍ଡାଲାଇଟ ପଥରରେ ୯୯୯ଟି ପାହାଚ ରହିଅଛି, ସେଥିରେ ଯାଇ ପାରିବେ । ନତୁବା ପାହାଡ଼ ଚାରିପାଖ ଦେଇ ମନ୍ଦିର ପ୍ରଶାସନ ଦ୍ୱାରା

ଦୁଇ ଲେନ୍ ବିଶିଷ୍ଟ ପିଚୁରାସ୍ତା ମଧ୍ୟ ନିର୍ମିତ ହେଇଅଛି । ଆଉ ମନ୍ଦିରକୁ ଯିବା ନିମନ୍ତେ ଜାପାନ ସରକାରଙ୍କ ସହଭାଗିତାରେ ରୋପ୍‌ୱେ ମଧ୍ୟ ରହିଅଛି ଯେଉଁଥିରେ ଏକାଥରକେ ୪ଜଣ ଯାଇପାରିବାର ସୁବିଧା ଅଛୀ । ଯାହାର ମୂଲ୍ୟ ରହିଛି ୬୦ ।



## ମନ୍ଦିର ସ୍ଥାପନା: ଇତିହାସ ଓ ପୀଠ ଆବିଷ୍କାରର ଲୋକକଥା

ମାଆ ତାରାତାରିଣୀ ମହର୍ଷି ବଶିଷ୍ଠଙ୍କ ଇଷ୍ଟଦେବୀ ଥିଲେ । ଥରେ ସେ କୌଣସି ଏକ ମନୋସ୍କାମନା ପୂର୍ଣ୍ଣ ନିର୍ମିତ ଦେବୀଙ୍କୁ ଆବାହନ କରିଥିଲେ କିନ୍ତୁ ଦେବୀଦ୍ୱୟ ଏଥିପ୍ରତି ଉଦାସୀନ ରହିଥିବାରୁ ସେମାନଙ୍କୁ ବଶିଷ୍ଠ ଅପୂଜନୀୟା ରହିବାର ଅଭିଶାପ ଦେଇଥିଲେ । ପରବର୍ତ୍ତୀ ସମୟରେ ଦେବୀଙ୍କ ଅନୁତାପ ପଶ୍ଚାତ କଳିଯୁଗରେ ତାଙ୍କ ଜ୍ୟେଷ୍ଠ ଭଉଣୀ ଋଷିକୂଲ୍ୟାଙ୍କ ତୀରରେ ନିଜ ମାନସ ପୁତ୍ର ବସୁ ପ୍ରହରାଜଙ୍କ ଲାଳନ ପାଳନରେ କୁମାରୀ ପର୍ବତରେ ପୂଜା ପାଇବାର ସାନ୍ତ୍ୱନା ଦେଇଥିଲେ । ଏବେ ଜାଣିବା ବସୁ ପ୍ରହରାଜଙ୍କ ବିଷୟରେ । ଗଞ୍ଜାମ ଜିଲ୍ଲାର ଖରିଡ଼ା ବୀର ଜଗନ୍ନାଥପୁର ଶାସନ ବା କୁମାରୀ ଗ୍ରାମରେ ବସୁ ପ୍ରହରାଜ ନାମକ ଜଣେ ପ୍ରଖ୍ୟାତ ପଣ୍ଡିତ ତଥା ତନ୍ତ୍ରଶାସ୍ତ୍ରୀ ଅବସ୍ଥାନ କରୁଥିଲେ । ତାଙ୍କ ଜୀବନରେ କୌଣସି ଦ୍ରବ୍ୟ ଅବା ସେବାର ଅଭାବ ନଥିଲା କିନ୍ତୁ ସେ ଥିଲେ ସନ୍ତାନହୀନ । ସେ ଏକଦା ଏକ ବୃହଦ୍ ଯଜ୍ଞର ଆୟୋଜନ କରିଥିଲେ ଯେଉଁଥିରେ ଅନେକ ବିଦ୍ୱାନ ତଥା ଶାସ୍ତ୍ରଜ୍ଞ ପଣ୍ଡିତମାନ ଯୋଗ ଦେଇଥିଲେ । ସେଥିରେ ଦୁଇଜଣ କୁନିଝିଅ ଆସି ବସୁ ପ୍ରହରାଜଙ୍କୁ ଯଜ୍ଞ ଅବଲୋକନ କରିବା ନିମିତ୍ତ ଆଗ୍ରହ ପ୍ରକାଶ କଲେ । ବସୁ ପ୍ରହରାଜ ଉଭୟ ଭଉଣୀଙ୍କୁ ନିଜ ଘରେ କନ୍ୟାତୁଲ ସ୍ନେହ ଆଦାରରେ ରଖିଲେ, ସମ୍ଭବତଃ ସେହି ଦୁଇ କନ୍ୟାଙ୍କ କୌଣସି ପରିଜନ ନଥିବାର ସେମାନେ ସୂଚନା ଦେଇଥିଲେ । ଚନ୍ଦ୍ରକଳା ପରି ସେମାନଙ୍କ ବୃଦ୍ଧି ଘଟିଲା । ବସୁ ପ୍ରହରାଜ ମଧ୍ୟ ନିଜ ନିଃସନ୍ତାନ ଦୋଷ ପୂରଣ ହେଇଗଲା ଭାବି କୃତାର୍ଥ ହେଉଥା'ନ୍ତି । କିନ୍ତୁ ଦିନେ ଖେଳିବାକୁ ଯାଉଛୁ କହି ଉଭୟେ ଆଉ ଘରକୁ ଫେରିଲେନାହିଁ । ବାଟରେ ଏକ କାଚରା ଠାରୁ ସେମାନେ ଚାରିମୁଠା ଚୁଡ଼ି ପିନ୍ଧିଥିଲେ ଯାହାର ମୂଲ୍ୟ ପିତା ବସୁ ପ୍ରହରାଜଙ୍କ ଠାରୁ ନେଇଯିବ ବୋଲି କହିଥିଲେ । ପରେ  କାଚରାଟି ମୂଲ୍ୟ ନେବା ସମୟରେ ସମସ୍ତଙ୍କ ବୃତ୍ତାନ୍ତ ବ୍ୟାଖ୍ୟା କରିଥିଲା । ତେଣେ ସନ୍ତାନଙ୍କ ଅନୁପସ୍ଥିତିରେ ବସୁ ପ୍ରହରାଜ ମ୍ରିୟମାଣ । ଉକ୍ତ ରଜନୀରେ ମାଆ ତାଙ୍କୁ ସ୍ୱପ୍ନରେ କୁମାରୀ ପର୍ବତରେ ଉଭୟେ ଅବସ୍ଥାନ କରିଥିବା କଥା ବ୍ୟାଖ୍ୟାନ କରିଥିଲେ । ବିଶ୍ୱାସ ରହିଛି ମାଆ ବର୍ତ୍ତମାନ ମଧ୍ୟ ବିଭିନ୍ନ ପୂର୍ଣ୍ଣିମାରେ ଲୋକଙ୍କୁ ଏହିଭଳି ବିଭିନ୍ନ ରୂପରେ ଦର୍ଶନ ଦିଅନ୍ତି ।

ଶୋକ ଜର୍ଜରିତ ବସୁ ପ୍ରହରାଜ ପରଦିନ ପ୍ରଥମ ପ୍ରହରର ଏକାକି ଅରଣ୍ୟ ପଥରେ ଅଗ୍ରସର ହେଲେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ । ସେଠି ଦେବୀ ଦ୍ୱୟଙ୍କ ପ୍ରତିମା ଦେଖି ଅଚମ୍ଭିତ ହେଇଗଲେ । ସେଠାରେ ମାଆଙ୍କୁ ବିଭିନ୍ନ ଭାବେ ଆରାଧନା କଲେ । ସ୍ତନାକୃତି ଶୀଳାଦ୍ୱୟରେ ତନ୍ତ୍ରଶାସ୍ତ୍ରାନୁସାରେ ପ୍ରାଣ ପ୍ରତିଷ୍ଠା କଲେ । ପବିତ୍ର ଅକ୍ଷୟ ତୃତୀୟାରେ ପ୍ରଖ୍ୟାତ ଶିଳ୍ପୀଙ୍କ ଦ୍ୱାରା ଦେଉଳତୋଳା କାର୍ଯ୍ୟର ଶୁଭାରମ୍ଭ କଲେ । ଲୋକକଥା ରହିଅଛି ଯେ, ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୨୨ଭରଣ ବା ୨୨୦ କେଜିର ଜିରାଫୁଟଣ କାର୍ଯ୍ୟରେ ବ୍ୟବହାର ହେଇଥିଲେ, ଯେଉଁଥିରୁ ଅନୁମାନ କରାଯାଇପାରେ ମନ୍ଦିର ପ୍ରତିଷ୍ଠାରେ ଆଗନ୍ତୁକଙ୍କ ସଂଖ୍ୟା କେତେ ହେଇଥିବା । ଘଟଣା ଚକ୍ରରେ ପୁରାତନ ମନ୍ଦିରକୁ ବେଢ଼ାଯାଇ ଅନ୍ୟ ଏକ ସୁଦୃଶ୍ୟ ମନ୍ଦିର ନିର୍ମାଣ ଶେଷ ହେଇଅଛି ଯାହା ୧୮ ମଇ ୨୦୨୨ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ମନ୍ଦିର ପାର୍ଶ୍ୱ ଦେବୀ ଭାବରେ ଦଶ ମହାବିଦ୍ୟା ଯଥା କାଳୀ, ତାରା, ଶୋଡ଼ଶୀ, ଭୁବନେଶ୍ୱରୀ, ଛିନ୍ନ ମସ୍ତା, ଭୈରବୀ, ଧୂମାବତୀ, ବଗଳାମୁଖି, ମାତଙ୍ଗୀ ଏବଂ କମଳାଙ୍କ ପ୍ରତିମୂର୍ତ୍ତି ଖୋଦିତ ହେଇଅଛି ।

ଏଥିସହିତ, ଯଜ୍ଞ ମଣ୍ଡପ, ସ୍ନାନ ମଣ୍ଡପ, ଦୀପ ଘର, ଅବଲୋକନ କେନ୍ଦ୍ର,



Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com



ପ୍ରଶାସନିକ ଭବନ ତଥା ସୁଦୃଶ୍ୟ ପ୍ରାଚୀର ତଥା ଅନେକ ଉତ୍କଳୀୟ ଭାସ୍କର୍ଯ୍ୟ ୧୧୫.୫ କୋଟି ବିନିମୟରେ ସ୍ଥାପିତ ହେଇଅଛି । ତଥାପି ଋଷିକୂଲ୍ୟା କୂଳରେ ପାର୍କିଂ ତଥା ପାରିପାର୍ଶ୍ୱିକ ଉନ୍ନୟନ ନିମିତ୍ତ ୧୯କୋଟିର ପ୍ରକଳ୍ପର ଭୂମିପୂଜନ ହେଇଅଛି ।

## ପୂଜା ବିଧି ଓ ଦିନ ଚର୍ଯ୍ୟା

ମନ୍ଦିର ପୂଜାବିଧି ସମ୍ପର୍କରେ ପୂଜକ ବାପୁଜୀ ରଣା କହନ୍ତି, ପ୍ରଥମ ପ୍ରହରରେ କାଳରାତ୍ରୀ ଦେବୀଙ୍କୁ ଆରାଧନା କରାଯାଇ ଅଗଣାକୁ ଶୋଧ କରାଯାଏ । ଦ୍ୱାରପାଳିକା ମାଆ ଗଙ୍ଗା ଏବଂ ଯମୁନାଙ୍କୁ ସ୍ନାନ କରାଯାଏ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହୁଏ । ପୂଜକ ମାଆଙ୍କ ଶରଣାଗତ ହେଇ ପହୁଡ଼ ତ୍ୟାଗ ନିମିତ୍ତ ଅନୁରୋଧ ତଥା ଘଣ୍ଟା ବାଦନ କରିବାକୁ ନିର୍ଦ୍ଦେଶ ଦିଅନ୍ତି ସାଥି ସେବାୟତଙ୍କୁ । ମାଆଙ୍କ ନିତ୍ୟ କର୍ମ, ଶୃଙ୍ଗାର ତଥା ସକାଳ ପୂଜାରେ ଲାଗି ହେଉଥିବା ଦ୍ରବ୍ୟମାନ ହେଉଛି, ଚୁଆ, କର୍ପୁର, ସିନ୍ଦୁର, ଗୋରଚିନା, କୁଙ୍କୁମ, ପଇଡ଼ ପାଣି, କସ୍ତୁରୀ, ମଧୁ, ଜାଇଫଳ ଇତ୍ୟାଦି । ପଞ୍ଚୋପଚାରରେ ବାଲଧୂପ ଲାଗିହୁଏ, ଯେଉଁଥିରେ ଖେଚୁଡ଼ି ଭୋଗ ମୁଖ୍ୟ ସ୍ଥାନ ଗ୍ରହଣ କରେ । ଆଳତି ସହ ଭକ୍ତବୃନ୍ଦ ମଧ୍ୟାହ୍ନ ପର୍ଯ୍ୟାନ୍ତ ସାହାଣ ମେଲାର ସୁଯୋଗ ପାଆନ୍ତି । ମଝିରେ ୧୦୦୮ ବେଲ ପତ୍ର ଲାଗିର ଏକ ସ୍ୱତନ୍ତ୍ର ପୂଜା ମଧ୍ୟ ଅନୁଷ୍ଠିତ ହୁଏ । ମଧ୍ୟାହ୍ନ ଉପଗତ ହେଲେ ମନ୍ଦିର ପାର୍ଶ୍ୱ ବନ୍ଦ କରାଯାଇ ଶୋଧ ପଶ୍ଚାତ ଶଙ୍ଖୁଡ଼ି ଭୋଗ ହୁଏ । ତମ୍ବା ପାତ୍ରରେ ପଇଡ଼ପାଣିରୁ ସୁରାରେ ରୂପାନ୍ତରିତ କରାଯାଇ ଅର୍ପଣ କରାଯାଏ । ଭୋଗକୁ ଜାତି, ଧର୍ମ ବର୍ଣ୍ଣ, ପ୍ରବର, ଆଧ୍ୟାତ୍ମିକ ଉପଲବ୍ଧି ଆଦିକୁ ପଛରେ ଥୋଇ, ସମସ୍ତେ ଏକତ୍ର ପ୍ରସାଦ ପାଆନ୍ତି, ସେଠି ଦିବ୍ୟ ଅନୁଭବ ଏୟା ହୁଏ ଯେ, ସତେକି ମାଆ ନିଜେ ବାଢ଼ି ଦେଉଛନ୍ତି ଭକ୍ତଙ୍କ କ୍ଷୁଧାନିବାରଣାର୍ଥେ ।

ପହୁଡ଼ ପରେ ପ୍ରାୟତଃ ଅପରାହ୍ନ ୨ଟା ସମୟରେ ମାଆଙ୍କ ଶରଣ ନେଇ ପୂଜାରୀ ପହୁଡ଼ ତ୍ୟାଗ ନିମନ୍ତେ ନିବେଦନ କରନ୍ତି । ମାଆଙ୍କ ମୁଖ ଧୌତ ତଥା ବେଶ ମଧ୍ୟ କରାଯାଏ । ପାଦ୍ୟ, ଆର୍ଘ୍ୟ, ଧୂପ, ଦ୍ୱୀପ, ନୈବେଦ୍ୟ ଅର୍ପଣ ପଶ୍ଚାତ୍ ଜନସାଧାରଣଙ୍କୁ ମାଆଙ୍କ ଅପୂର୍ବ ରୂପ ଦର୍ଶନର ସୁଯୋଗ ଦିଆଯାଏ । ବିଭିନ୍ନ ଋତୁରେ ସୂର୍ଯ୍ୟାସ୍ତକୁ ଆଖି ଆଗରେ ରଖି ମାଆଙ୍କ ସଂଧ୍ୟା ଆଳତିର ବେଳ ନିର୍ଦ୍ଧାରିତ ହୁଏ । ସଂଧ୍ୟା ସମୟରେ ଶ୍ରୀ ଦୁର୍ଗା ସହସ୍ର ନାମରେ ଉକ୍ତ ପରିବେଷ ମୁଖରିତ ହୁଏ । ସତେକି ଲାଗେ ମାଆ 'ଓ' କରି ଅଳି ଶୁଣିଛନ୍ତି ପ୍ରିୟ ସନ୍ତାନ ଜନଙ୍କ କ୍ଲେଷ ନିବାରାଣାର୍ଥେ । ରାତି ସାଢ଼େ ୮ ପର୍ଯ୍ୟନ୍ତ ମାତାଙ୍କୁ ସର୍ବସାଧାରଣ ଦର୍ଶନ କରିପାରିବେ । ଏହାପରେ ଶଙ୍ଖୁଡ଼ି ଭୋଗ, ରାତ୍ର ଧୂପ ଅର୍ପଣ କରାଯାଏ । ରାତ୍ର ଆରତି ପରେ ମାଆଙ୍କୁ ପହୁଡ଼ ନିମନ୍ତେ ପୂଜକ ନିବେଦନ କରନ୍ତି, ସ୍ତୁତି ପାଠ ତଥା ଆଲଟ ସେବା ସହ ।

କାଳାତୀତ ସମୟରୁ ଗଞ୍ଜାମର କୁମାରୀ ପର୍ବତରେ ରହି ଆସୁଥିବା ଏହି ଦେବୀ ଓଡ଼ିଶାର ସୁଖ ଦୁଃଖର ସାକ୍ଷୀ । ଗଞ୍ଜାମ ତଥା ଦକ୍ଷିଣ ଓଡ଼ିଶାର ଅନେକଙ୍କ ସେ ହେଉଛନ୍ତି ଇଷ୍ଟଦେବୀ । ଛୁଆ ବର୍ଷକର ହେଲେ ସମସ୍ତେ ସେହିସ୍ଥାନକୁ ନେଇ ଚୁଟି ଅର୍ପଣ କରନ୍ତି । ଚୈତ୍ରମାସର ପ୍ରତି ମଙ୍ଗଳବାରେ ତାରାତାରିଣୀ ବ୍ରତ ତଥା ଛୋଟ ପିଲାଙ୍କ ମୁଣ୍ଡନ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ । ମାଆ ତାରାତାରିଣୀଙ୍କ କୃପା ସମସ୍ତଙ୍କୁ ମିଳୁ ଏତକ କାମନା ।

HIGHLAND

A Highland Group Entity




**HIGHLAND DE LA MER PVT. LTD**

Alupur, O.T Road, Balasore, Odisha, India - 756001

sales@highlanddelamer.in, + 91 - 9861201752

**www.highlanddelamer.in**



# ଭାଇଚାରାର ଭୂମି ଭୁବନ

**ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**
ଜିରିଡାମାଳି, କଳିଙ୍ଗନଗର,
କାମାକ୍ଷାନଗର, ଢେଙ୍କାନାଳ-୭୫୯୦୧୮
ଫୋନ: ୬୩୭୨୪୫୯୯୬୦
ଫଟୋ ସୌଜନ୍ୟ : ଲେଖକ




◄ ଡ. ପ୍ରଫୁଲ୍ଲ କୁମାର ପାଣି

## ଏସିଆ ମହାଦେଶର ବଡ଼ ଗାଁ


ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡର ଭୁବନ ଗ୍ରାମ ଦକ୍ଷିଣ ଏସିଆ ମହାଦେଶର ସବୁଠାରୁ ବଡ ଗାଁ । ଏହି ଗ୍ରାମ ପିତ୍ତଳ କଂସା ବାସନ ପାଇଁ ପ୍ରସିଦ୍ଧ ଓ ସର୍ବଜନବିଦିତ । ଭୁବନା ନାମକ ଗଣ୍ଡ ଭୁବନ ଗ୍ରାମର ପ୍ରଥମ ଅଧିବାସୀ ବୋଲି ଲୋକମତ ରହିଛି । ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଓ ଏବେର ଅନୁଗୁଳ ଜିଲ୍ଲା ପାଲଲହଡା ଅଂଚଳରୁ ସେ ଆସିଥିଲା । ଭୁବନ ଅଂଚଳର ପ୍ରାକୃତିକ ପରିବେଶ ସୁବିସ୍ତୀର୍ଣ୍ଣ ସମତଳ ଭୂମି, ବ୍ରାହ୍ମଣୀ ନଦୀ କୂଳସ୍ଥ ଉର୍ବର ମୃତ୍ତିକାକୁ ପରଖି ଖୁସି ହୋଇଥିଲା ଓ ଏଠାରେ ସ୍ଥାୟୀ ଭାବେ ବସବାସ କରିବା ପାଇଁ ସିଦ୍ଧାନ୍ତ ନେଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ପାଲଲହଡା ଫେରିଯାଇ ଥୋରୀ ମହାଜନମାନଙ୍କୁ ନେଇ ଆସିବା ସଙ୍ଗେ ସଙ୍ଗେ ସେମାନଙ୍କ ସହିତ ପଙ୍ଗାଲୁଣ ମାରି ମହାଜନୀ ବୃତ୍ତି ଆରମ୍ଭ କରିଥିଲା । ସେତେବେଳେ ଓଡିଶା ଉପକୂଳରେ ପଙ୍ଗାଲୁଣର ଅଧିକ ଚାହିଦା ଥିଲା । ଏହି ଥୋରୀ ମହାଜନମାନେ ଲୁଣ ବ୍ୟବସାୟ କରିବାକୁ ସଙ୍ଗରେ ସାଥୀ ଭାଇମାନଙ୍କୁ ଧରି ଲୁଣମରା ଅଂଚଳକୁ ଯାଉଥିଲେ । ଲୁଣ ବ୍ୟବସାୟର ମୁଖ୍ୟ ବାହନ ଥିଲା ଶଗଡ ଗାଡି । ଏହି ଶଗଡ ଗାଡିରେ ଲୁଣ ବୋହି ଆଣି ଥୋରୀ ମହାଜନମାନେ ପଶ୍ଚିମ ଓଡିଶା ତଥା ରାଜ୍ୟ ବାହାରକୁ ମଧ୍ୟ ଯାଉଥିଲେ । ବଳଦ ପିଠିରେ ଲୁଣ ବସ୍ତା ଲଦି ଗାଁ କୁ ଗାଁ ବୁଲି ବୁଲି ଲୁଣ ବିକ୍ରି କରୁଥିଲେ । କାଳକ୍ରମେ ଏହି ଥୋରୀ ମହାଜନମାନେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଓ ସାମାଜିକ ବ୍ୟବସ୍ଥା ନିମନ୍ତେ ବିଭିନ୍ନ ଅଂଚଳରୁ ବିଭିନ୍ନ ପାଟକ ଯଥା କୁମ୍ଭାର, ଗୁଡିଆ, ବାରିକ, ରଜକ, କାପୁରିଆ,

ଗୋପାଳ, ତେଲି, କୈବର୍ତ୍ତ,ପାଟରା ଓ କାଚରା ମାନଙ୍କୁ ଏଇଠାରେ ଥଇଥାନ କରାଇଲେ । ଭୁବନା ଗଣ୍ଡଙ୍କ ମତ ଅନୁସାରେ ରାଣୀ ଭୁବନା ସୁନ୍ଦରୀଙ୍କ ନାମାନୁସାରେ ଏହି ଗ୍ରାମର ନାମକରଣ ହୋଇଛି ଭୁବନ । ଏହି ଗାଁଟିରେ ବର୍ତ୍ତମାନ ପ୍ରାୟ ୩୬ ପାଟକ(ଜାତି)ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି । ଭାଇଚାରା ଓ ସଦ୍‌ଭାବନା ଏହି ଗାଁର ମୌଳିକତା ଓ ବିଶେଷତ୍ୱ । ବାଣିଜ୍ୟ ବେପାରକୁ ସଫଳ କରିବା ପାଇଁ ଏହି ଗାଁର ଲୋକମାନେ ଗ୍ରାମଦେବତୀ ବଣିଜାରୀ ଦେବୀଙ୍କୁ ସେହିଦିନରୁ ପୂଜା କରି ଆସୁଛନ୍ତି । ଭୁବନ ଗ୍ରାମରେ ପାଖାପାଖି ୨୫୦୦୦ରୁ ଉର୍ଦ୍ଧ୍ୱ ଲୋକ ବାସ କରୁଅଛନ୍ତି । ଗାଁଟି ଜନବହୁଳ ହୋଇଥିବାରୁ ଘରଗୁଡ଼ିକ ଲଗାଲଗି, ରାସ୍ତା ସଂକୀର୍ଣ୍ଣ ତଥା ଗଳିକନ୍ଦିରେ ପରିପୂର୍ଣ୍ଣ ପରିବେଶ ।


ସଂଗ୍ରାମୀ ସହିଦ୍ ବାଜିରାଉତ ସ୍ମୃତିପୀଠ, ନୀଳକଣ୍ଠପୁର, ଭୁବନ

ପୃଥିବୀର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ବାଜିରାଉତଙ୍କ ପାଇଁ ଭୁବନ ଗ୍ରାମ ପ୍ରସିଦ୍ଧି ଲାଭ କରିଛି । ଭୁବନ ନିକଟସ୍ଥ ନୀଳକଣ୍ଠପୁର ଗ୍ରାମରେ ତାଙ୍କର ଜନ୍ମ । ବାରବର୍ଷ ବୟସରେ ଢେଙ୍କାନାଳ ଗଡଜାତ ଆନ୍ଦୋଳନର ନେତାମାନଙ୍କ ସହିତ ଯୋଗ ଦେଇ ରାଜାଙ୍କ ବିରୋଧରେ ଲଢେଇ କରିଥିଲେ । ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖ ଅନ୍ଧାର ରାତିରେ ପ୍ରଜାମଣ୍ଡଳର କେତେକ ସେନାଙ୍କ ସହିତ ବ୍ରାହ୍ମଣୀ ଘାଟକୁ ଜଗି ରହିଥିଲେ । ଗୋରା ଫଉଜମାନଙ୍କୁ ନଦୀ ପାର କରାଇ ନଦେବା ଓ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଥିଲା ବାଜିରାଉତଙ୍କ କାମ । ଯେତେବେଳେ ଗୋରା ଫଉଜମାନେ ନଦୀ ପାର କରିବା ପାଇଁ ତାଙ୍କୁ ଆଦେଶ ଦିଅନ୍ତି ସେ ଆଦେଶକୁ ବେଖାତିର କରି ଡଙ୍ଗା ଫିଟାଇ ନଥିଲେ । ଶେଷରେ ପୁଲିସ୍ ଗୁଳିରେ ସହିଦ୍ ହୋଇଗଲେ । ବାଳକ ସହିଦ୍ ବାଜିରାଉତ ପାଇଁ ଆଜି ଭୁବନ ମାଟି ବିଶ୍ୱ ବନ୍ଦିତ ।

ଭୁବନ ଗ୍ରାମ ପିତ୍ତଳ କଂସାବାସନ ପାଇଁ ଯେତିକି ପ୍ରସିଦ୍ଧ ସେତିକି ପ୍ରସିଦ୍ଧ ଦଶହରା ସମୟର ବଳଦ ଶୋଭାଯାତ୍ରା ପାଇଁ । ୨୦୦ବର୍ଷର ପ୍ରାଚୀନ ସାମାଜିକ ଓ ସାଂସ୍କୃତିକ ପରଂପରା ଏହି ବଳଦ ଯାତ୍ରାରେ ପ୍ରତିବିମ୍ବିତ । ସେ ସମୟର ବାଣିଜ୍ୟ ବ୍ୟବସାୟରେ ବଳଦଙ୍କ ମହତ୍ତ୍ୱକୁ ପ୍ରତିପାଦନ କରିବାକୁ ଯାଇ ବ୍ୟବସାୟୀମାନେ ଆରମ୍ଭ କରିଥିଲେ ବଳଦ ଯାତ୍ରା । ଅଂଚଳର ପ୍ରସିଦ୍ଧ ବାଣିଜ୍ୟ ପେଣ୍ଠ ଭୁବନ ଗ୍ରାମର ବଣିକମାନେ ଶଗଡ ବଳଦ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଅଂଚଳକୁ ଯେଉଁ ତେଲ, ଲୁଣ, କଂସା ବାସନ ତଥା ଅନ୍ୟାନ୍ୟ ସାମଗ୍ରୀ ନେଇ ବେପାର ବାଣିଜ୍ୟ କରୁଥିଲେ ତାର ମୂକସାକ୍ଷୀ ହେଉଛି ଏହି ବଳଦ ଯାତ୍ରା ପରଂପରା । ଦଶହରା ସମୟରେ ବ୍ୟବସାୟର ହିସାବକିତାବ, ଦୋକାନ ଘରର ସାଜସଜ୍ଜା, ଖାତା ପୂଜା, ଇତ୍ୟାଦି ବହୁ ପରଂପରାର ବିଧିବିଧାନ ଚାଲେ । କିଛିଦିନ ପାଇଁ ବ୍ୟବସାୟ ସ୍ଥଗିତ ରହେ । ଯାହା ଫଳରେ ବଳଦମାନଙ୍କୁ ବିଶ୍ରାମ ମିଳିଥାଏ । ଥୋରିଆ ସମାଜର ପୁରୁଷମାନେ ଏହି ପୂଜାରେ ଅଂଶଗ୍ରହଣ କରି ଶ୍ରଦ୍ଧାରେ ବଳଦମାନଙ୍କୁ ଖାଇବାକୁ


ବିଶ୍ୱ ପ୍ରସିଦ୍ଧ ବଳଦଯାତ୍ରା, ଭୁବନ

ଦିଅନ୍ତି, ଜୁହାର କରନ୍ତି ଓ ବେକରେ ବିଭିନ୍ନ ମାଳି, ଅଳଙ୍କାର, ଘଣ୍ଟା, ଘାଉଡି, ପର ଓ ରଙ୍ଗୀନ ଭେଲ୍‌ଭେଟ୍ କପଡାରେ ସୁସଜ୍ଜିତ କରି ଗ୍ରାମଦେବତୀ ବଣିଜାରୀଙ୍କ ନିକଟରେ ପୂଜାର୍ଚ୍ଚନା କରନ୍ତି । ମନ୍ଦିର ଚାରିପଟେ କିଛି ଘେରା ମଧ୍ୟ ବୁଲାଇ ଆଣିଥାନ୍ତି । ପ୍ରଥା ଅନୁଯାୟୀ ମହାଳୟା ପୂର୍ବରୁ ଥୋରିଆ ସଂପ୍ରଦାୟ ଓ ବଳଦିଆ ସଂପ୍ରଦାୟର ସ୍ତ୍ରୀଲୋକମାନେ ଘରଦ୍ୱାର ଲିପାପୋଛା କରି ଖଣ୍ଡା,ମାଣ,ଗଉଣି, ତାମ୍ବି, ଘଣ୍ଟା ତଥା ବିଭିନ୍ନ ଅସ୍ତ୍ର ଶସ୍ତ୍ର ସଫା କରି ପୂଜାର୍ଚ୍ଚନା କରନ୍ତି । ଘରର ସମସ୍ତ ସଦସ୍ୟ ନୂତନ ପୋଷାକ ପରିଧାନ କରି ଦଶ ଜାତିର ଫୁଲଫଳ ଓ ଆରିସା ପିଠା ପ୍ରସ୍ତୁତ କରି ଦେବୀଙ୍କ ପାଖରେ ଭୋଗ କରନ୍ତି । ଝୋଟି ମୁରୁଜ ବୁଣି ଘର ଅଗଣାକୁ ଶୋଭାମୟ କରିଦିଅନ୍ତି । ଘର ସମ୍ମୁଖରେ ପୂର୍ଣ୍ଣ କଳସୀ, ବିଜୟା ଦଶମୀରେ ଶୁଭ ଖୁଣ୍ଟ ସାହି ଦାଣ୍ଡରେ ସ୍ଥାପନ କରାଯାଏ । ଏହିପରି ବିଭିନ୍ନ ପରଂପରା ଓ ବିଧିବିଧାନ ସହ ବଳଦମାନଙ୍କୁ ବନ୍ଦାଣ କରି ପଟୁଆର ଆରମ୍ଭ ହୁଏ । ବଣିଜାରୀ ଦେବୀଙ୍କ ଏକ ବିଶାଳ ଟାହିଆକୁ ଚାରିଜଣ ଲୋକ ବଳଦଙ୍କ ଉପରେ ଥୋଇ ପଟୁଆର ଆରମ୍ଭ କରନ୍ତି । ଭୁବନର ଅନ୍ୟାନ୍ୟ ପାଟକର ବଳଦ ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ୍ ହୁଅନ୍ତି । ପୂର୍ବ ବ୍ୟବସାୟର ସ୍ମୃତି ଚାରଣ ପାଇଁ ଏଠାରେ ଥିବା ଗୋପାଳ ମଣ୍ଡପରେ ଲୁଣ ମାପ କରାଯାଏ । ମହାଜନମାନେ ଏହିଦିନ ପରସ୍ପର ଠାରୁ ଲୁଣ କିଣିଥାନ୍ତି । ଏହି ନିଆରା ବଦଳଯାତ୍ରାରେ ବାଘନାଚ, ଷଣ୍ଢ ଲଢେଇ, ଶିଙ୍ଗବାଜା, ବୀରବାଦ୍ୟ ପରି ବହୁ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥାଏ । ଭୁବନ ଗ୍ରାମର ଏହି ଐତିହାସିକ ବଳଦଯାତ୍ରା ଗଣପର୍ବ ଭାବରେ ଭାରତ ପ୍ରସିଦ୍ଧ । ବଳଦଙ୍କୁ ପୂଜା କରି ସେମାନଙ୍କର ଗୁରୁତ୍ୱ ବୃଦ୍ଧି କରିବାରେ ତଥା ମଣିଷ ପଶୁ ସଂପର୍କର ଏକ ଅନନ୍ୟ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହି ବାଣିଜ୍ୟ ପେଣ୍ଠ ଭୁବନ ଗ୍ରାମରେ ରହିଛି ପ୍ରାଚୀନ ବୁଦ୍ଧେଶ୍ୱର ମହାଦେବ ମନ୍ଦିର । କଳକଳ ନାଦିନୀ ଚିରସ୍ରୋତା ବ୍ରାହ୍ମଣୀ ନଦୀର ମନୋରମ ବିଶାଳ ପ୍ରାକୃତିକ ପରିବେଶର ଅବବାହିକାରେ ଏହି ସୁଦୃଶ୍ୟ ମନ୍ଦିର ଅବସ୍ଥିତ । ଶହଶହ ବଉଳ ଗଛ ଓ ବିଭିନ୍ନ ପ୍ରଜାତିର ବୃକ୍ଷରାଜି ସମାହାରରେ ଏହି ମନ୍ଦିର ପରିସର ପରିପୂର୍ଣ୍ଣ । ମୁଖ୍ୟ ମନ୍ଦିର ସହିତ ଅନେକ ପାର୍ଶ୍ୱ ମନ୍ଦିର ପରିବେଶକୁ ରମଣୀୟ କରିଛି । ଏହି ମନ୍ଦିରର ବିଶେଷ ଆକର୍ଷଣ ହେଉଛି ବିଶାଳ ଶିବଲିଙ୍ଗ । ଶିବଲିଙ୍ଗ ଉପରେ କାରୁକାର୍ଯ୍ୟ ଖଚିତ ଏକ ସୁନ୍ଦର ଭବ୍ୟ ବିମାନ ଶୋଭା ବର୍ଦ୍ଧନ କରେ । ମନ୍ଦିର ପରିସରରେ ଭୁବନ ଗ୍ରାମବାସୀ ତଥା ଆଖପାଖ ଅଂଚଳର ବିବାହ, ବ୍ରତଘର ତଥା ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ସାଂସ୍କୃତିକ ପୀଠ ଭାବରେ ଏହି ମନ୍ଦିର ପ୍ରାଙ୍ଗଣ ଓଡ଼ିଶାରେ ପ୍ରସିଦ୍ଧ । ଶବ୍ଦ ତତ୍ତ୍ୱବୋଧ ଅଭିଧାନ ଅନୁସାରେ ଭୁବନର ଅର୍ଥ ହେଉଛି ଭବତି ସର୍ବ ମନେନେତୀ ଭୁବନଂ ଅର୍ଥାତ୍ ଜଗତ,ସପ୍ତସ୍ୱର୍ଗ । ତରୁଣ ଶବ୍ଦ କୋଷରେ ଲେଖା ଅଛି ଭୁବନ ଅର୍ଥ ତିନି ଜଗତ, ସପ୍ତସ୍ୱର୍ଗ, ଉର୍ଦ୍ଧ୍ୱ ଭୁବନ ଏହିପରି ଅନେକ କିଛି । ବିଚାରବୋଧ ଦୃଷ୍ଟିରୁ ଭୁବନ ଗାଁ ଏହି ଅର୍ଥ ସମୂହକୁ ସାଫଲ୍ୟ ମଣ୍ଡିତ କରୁଥିବା ଅନନ୍ୟ ସଂସ୍କୃତି, ନିଆରା ଗ୍ରାମ୍ୟ ଜୀବନ, ଭାଇଚାରା ନିଦର୍ଶନ ଭାବର ଏକ ବିରଳ ବଡ ଗାଁଟିଏ ।



# ମୁକୁଟ ବିହୀନ ରାଣୀ

# ଜୀବନ ଜୀବିକାର ଚିତ୍ର : ବାଉଁଶ ରାଣୀ


**ଲଳିତ ମୋହନ ମିଶ୍ର**

ଅରବିନ୍ଦ ନଗର, ପଣ୍ଡା କ୍ଲିନିକ ପାଖ, ଲେଙ୍କୁଡ଼ିପଦା,
ନୟାଗଡ଼-୭୫୨୦୭୦
ଫୋନ:୯୪୩୭୯୮୫୮୬୬


ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ଲଳିତ ମୋହନ ମିଶ୍ର

ରାଣୀ ଶବ୍ଦ ଏକ ମଞ୍ଜୁଳ ପରିଭାଷାଟିଏ । ଯେଉଁଠି ଥାଏ ଓଢ଼ଣୀ, ପ୍ରସାଦ, ଅଳଙ୍କାର, ରଙ୍ଗ, ହାତୀ, ଘୋଡ଼ା, ପାଟ ମନ୍ତ୍ରୀ, ସେନାପତି ଇତ୍ୟାଦି ଇତ୍ୟାଦି... । ସେଠାରେ ରାଜା ଥାନ୍ତି ଏବଂ ରାଣୀ ଥାନ୍ତି ଅନେକ । ଏସବୁ କାହାଣୀ ରାଜବାଟିର । ଆମେ ଶୁଣିଛେ ଏବଂ ଦେଖିଛେ ପୃଥିବୀର ଜଣେ ରାଣୀ, ସେ ହେଲେ ଇଂଲଣ୍ଡର ରଣୀ । ଆଉ ତାସ୍ ଖେଳରେ ଅଛନ୍ତି ଚାରି ଜଣ ରାଣୀ । ଏହି ରାଣୀ ଶବ୍ଦଟି ଶେଷରେ ପହଞ୍ଚିଛି ଶ୍ରୀକ୍ଷେତ୍ର ପୁରୀରେ । କ୍ରମାନ୍ୱୟରେ ସାରା ଭାରତ ବର୍ଷରେ । ଇତିହାସ କୁହେ ଯୁଦ୍ଧରେ ବିଜୟିନୀ ହୋଇଥିଲେ ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ଏବଂ ବାଙ୍କୀର ରାଣୀ ଦୁର୍ଗାବତୀ । ଯୁଗ ବଦଳିଲା କିନ୍ତୁ ବଦଳିଲାନି ରାଣୀର ଭାଗ୍ୟ । ପୃଥିବୀର ସବୁ ରାଣୀଙ୍କର ମୁକୁଟ ଥିଲା । କିନ୍ତୁ ଏଇ ରାଣୀଙ୍କର ମୁକୁଟ ନଥିଲା କି ରାଜା ନଥିଲେ । ତଥାପି ସେ ରାଣୀ....ସେ ହେଲା 'ବାଉଁଶ ରାଣୀ' । କିମ୍ବଦନ୍ତୀ ନୁହେଁ ଏହା ଏକ ମାଟିର କାହାଣୀ । ଦୃଶ୍ୟ ଆଉ ଦୃଶ୍ୟାନ୍ତରର ଖେଳ ମଧ୍ୟରେ ଜୀବନକୁ ହଜେଇ ଦେଉଥିବା କେତୋଟି ବଡ଼ ସାନ ମଣିଷ ମାନେ ନାନା ରଙ୍ଗରେ ଚିତ୍ରିତ ହୁଅନ୍ତି । ଦୁଇଘଣ୍ଟା ଖେଳ ଦେଖାଇ ବାଉଁଶର ଅଗ୍ର ଭାଗରେ ବୁଲୁଥିବା ରାଣୀଟି ପୃଥିବୀ ବକ୍ଷରେ ଘୁରି ଘୁରି ତଳକୁ ଓହ୍ଲାଇ ପଡ଼େ । ନାଚ ସମାପ୍ତ ହୁଏ, ବାଦ୍ୟ ବନ୍ଦ ହୁଏ । କିଏ କ'ଣ ଦିଅନ୍ତି ? ସମସ୍ତେ ଆଶ୍ଚର୍ଯ୍ୟ ଦିଅନ୍ତି, ଲୁହ ଦିଅନ୍ତି, ଆଶୀର୍ବାଦ ଦିଅନ୍ତି । ମୁଁ ସେହି ନୟାଗଡ଼ ଜିଲ୍ଲା କୁରାଳ ଗ୍ରାମର ବାଉଁଶ ରାଣୀ କଥା କହୁଛି-

## କୁରାଳ ଗ୍ରାମର ଅବସ୍ଥିତି

କୁରାଳ ନାମରେ ପୃଥିବୀରେ ଦୁଇଟି ଗ୍ରାମ ଅଛି । ଗୋଟିଏ ହେଲା ଗୁଜୁରାଟ ରାଜ୍ୟର ବରୋଦରା ଜିଲ୍ଲାର କୁରାଳ । ଅପରଟି ହେଉଛି ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ କୁରାଳ ଗ୍ରାମ । ଏହା ରାଜଧାନୀ ଭୁବନେଶ୍ୱର ଠାରୁ ୧୧୭ କି.ମି. ଦୂର । ଜିଲ୍ଲା ସଦର ମହକୁମା ଠାରୁ ୪୦କି.ମି. ଏବଂ ଓଡ଼ଗାଁ ବ୍ଲକ ଠାରୁ ମାତ୍ର ଆଠ କିଲୋମିଟର ଦୂର । କୁରାଳ ଏକ ବଡ଼ ଗାଁ ଏବଂ ଏହା ଏକ ଗ୍ରାମପଂଚାୟତ । ଏଠାରେ ୧୩୭୫ ପରିବାର ବାସ କରନ୍ତି । ଲୋକ କଳା ଲୋକ ସଂସ୍କତି ପରମ୍ପରା ଏବଂ ମନ୍ଦିର ମାଳିନୀ ଏହି ଗାଁଟି । ଦିନଥିଲା ଏକକ ଅଭିନୟର ଏନ୍ତୁଡ଼ିଶାଳା ଥିଲେ ବାଞ୍ଛାନିଧି ଶତପଥୀ । ଦାଶକାଠିଆ, ପାଲା, ଘଣ୍ଟବାଦ୍ୟ, ଦଣ୍ଡନାଚ, ସର୍କସ୍‌ରେ ମାହିର୍ କୁରାଳ । ସେଥିମଧ୍ୟରୁ ବାଉଁଶ ରାଣୀ ବା କେଳାନାଟ ଏକ ଅପ୍ରତିମ କଳା । ଆମ ଓଡ଼ିଶାର ଅସ୍ମିତାର ପରିଚୟ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ । ମହାପ୍ରଭୁ କେବଳ ଶ୍ରୀକ୍ଷେତ୍ରରେ ଗଜପତି ତଥା ଗଡ଼ଜାତ ରାଜାମାନଙ୍କ ଦ୍ୱାରା ସ୍ଥାପିତ ହୋଇ ପୂଜା ପାଉଥିଲେ ତା ନୁହେଁ । ସେତେବେଳେ ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର, ଗ୍ରାମ ଆଦିରେ ଛୋଟ ବଡ଼ ମନ୍ଦିର କରି ଶ୍ରୀଜଗନ୍ନାଥଙ୍କୁ ସ୍ଥାପନ କରି ପୂଜା କରାଯାଉଥିଲା । ସେଥି ମଧ୍ୟରୁ ନୟାଗଡ଼ କୁରାଳ ଗ୍ରାମର ଶ୍ରୀ ଦଧିବାମନ ଜୀଉ ଅନ୍ୟତମ । ଏହା ନୟାଗଡ଼ ଗଡ଼ଜାତ ଶାସନ ସମୟରେ ଏକ ଚର୍ଚ୍ଚିତ ଗ୍ରାମ ଥିଲା । ଯାହା ତତ୍କାଳୀନ ନୟାଗଡ଼ ରାଜାଙ୍କ ସେନାପତି, ଅଙ୍ଗରକ୍ଷୀ ତଥା କିଛି ବର୍ଷ ଦେୱାନ ଭାବେ ନିଯୋଜିତ ଥିବା ମଲ୍ଲବୀର ଜଗୁ ରାଉତରାଙ୍କ ବାସସ୍ଥାନ ଥିଲା । ସେ ଜଣେ ବୀର ଏବଂ ମଲ୍ଲ ଯୋଦ୍ଧା ଥିବା ଇତିହାସରୁ ଜଣାପଡ଼େ । ଯାହାଙ୍କ ପରିଶ୍ରମ ଏବଂ ବୀରତ୍ୱ ପାଇଁ କୁରାଳ ତଥା ଘୁମୁସର ଗଡ଼ର ଅନେକ ଗ୍ରାମ ନୟାଗଡ଼ ରାଜ୍ୟ ସୀମାଭୁକ୍ତ ହେବା ସହ ରାଜ୍ୟର ସୀମା ଦକ୍ଷିଣେ ସୁନାମୁହିଁ ଏବଂ ନାଉଖାଲ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏହା ପ୍ରଥମେ ଭଞ୍ଜ ବଂଶିଅ ବଉଦ ଏବଂ ଘୁମୁସର ରାଜ୍ୟର ଅଂଶ ଥିଲା ! କୁରାଳ ଗ୍ରାମର ପହିଲି ଭୋଗ ନୀତି ଘୁମୁସର ଗଡ଼ର ଚଡ଼ୟାପଲି ଗ୍ରାମର ସ୍ୱପ୍ନେଶ୍ୱର ମହାଦେବଙ୍କ ପହିଲି ଭୋଗକୁ ଅନୁସରଣ କରି ୧୯୫୫ ମାସିହାରେ ଆରମ୍ଭ କରା ଯାଇଥିଲା । ଓଡ଼ିଶା ପାଞ୍ଜି ଅନୁସାରେ ଧନୁ ସଂକ୍ରାନ୍ତିରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅନ୍ୟ ଦେବାଳୟ ଭଳି ଏଠାରେ ମଧ୍ୟ ମହାପ୍ରଭୁଙ୍କୁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଇ ପ୍ରାତଃ ଭୋଗ କରାଯାଏ । ଯାହାକୁ ପହିଲି ଭୋଗ କୁହାଯାଏ । କୁରାଳର ପହିଲି ଭୋଗ ସାରା ଓଡ଼ିଶାରେ ପ୍ରସିଦ୍ଧ । ଠାକୁରଙ୍କୁ ଏକ ବିରାଟ ପିତଳ ଥାଳିରେ ମିଠା କାନିକା ସହ ଅନେକ ପତଳ ବଡ଼ବଡ଼ ଶଗିନା ଆଦିରେ ଅନେକ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ ଲାଗି କରାଯାଏ । ପହିଲି ଭୋଗ ପରି ବାଉଁଶ ରାଣୀ କୁରାଳର ବିଶ୍ୱ ପ୍ରସିଦ୍ଧ ।

## ବାଉଁଶ ରାଣୀର ଇତିହାସ

ଓଡ଼ିଶାର ଲୋକନୃତ୍ୟ ଲୋକକଳା ସଂସ୍କୃତିର ପରିଚାୟକ । ଓଡ଼ିଆ ଜୀବନର ଶୈଳୀ ପ୍ରଥା ଏବଂ ପରମ୍ପରା ସହିତ ନୃତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଓଡ଼ିଶାର ଲୋକନୃତ୍ୟ ଜନମାନସର ପରିବର୍ତ୍ତନ ଆଣିବା ପାଇଁ ବହୁବିଧ ରୂପରେ ଆସିଅଛି । ମୁଖ୍ୟତଃ ଧର୍ମାଚାର, ମନୋରଞ୍ଜନ, ଶ୍ରମ ଅପନୋଦନ, ସାମାଜିକ ସଂସ୍କାର ଆଦି ବହୁବିଧ ଉଦ୍ଦେଶ୍ୟକୁ ନେଇ ଲୋକ ନୃତ୍ୟର ସୃଷ୍ଟି । ସେହିପରି ବାଉଁଶରାଣୀ ଏକ ପ୍ରାଚୀନ ଲୋକକଳା । ଏହା କେବେଠାରୁ ଆରମ୍ଭ ଯଦିଓ କହିହେବ ନାହିଁ, ତଥାପି କେଳା ସଂପ୍ରଦାୟର ଲୋକମାନେ ଏହି କଳାକୁ ଆପଣେଇ ଥାଆନ୍ତି । କେଳାଜାତିର ଉତ୍ପତ୍ତି ବିଷୟରେ ବିଶେଷ କିଛି




ଝରଣା ଆମ ମାଟିର ସ୍ୱର



ଐତିହାସିକ ତଥ୍ୟ ମିଳେ ନାହିଁ । କିନ୍ତୁ 'କେଳା' ନାମକରଣରୁ କଳା ଜାଣିଥିବା ସଂପ୍ରଦାୟକୁ କେଳା ନାମରେ ନାମିତ ହେବା ଅନୁମାନ କରାଯାଏ । ବିଭିନ୍ନ ପ୍ରକାର କଳା-ଚାତୁରୀ ଦେଖାଇ ସାଧାରଣ ମଣିଷକୁ ଚମତ୍କୃତ ପ୍ରଦର୍ଶନ କରାଇବା ପାଇଁ କେଳା ଜାତିର ଉତ୍ପତ୍ତି । କେଳାର ଅର୍ଥ କଳାକାର । ଏମାନେ ବିଭିନ୍ନ ଜାତିରେ ବିଭକ୍ତ ଯଥା- ସାପୁଆ, ନାଗେଶ୍ୱରିଆ, ଗଉଡ଼ିଆ, ସବାଖିଆ, ମୁଣ୍ଡପୋତା, ନଳୁଆ, ମାଟିଆ, ବାଜୀକରିଆ, ଅଇରୀଗଉଡ଼, ଚାଉଳିଆ କେଳା, ବାଉଁଶ ରାଣୀ ଖେଳାଳି କେଳା । ଅନ୍ୟାନ୍ୟ କେଳାଙ୍କ ଅପେକ୍ଷା ସାପୁଆ କେଳାର ଜୀବନ ଶୈଳୀ ନିଆରା । ଏହି ଜାତୀୟ କେଳା ସାପ ଧରି ଓ ସାପ ଖେଳାଇ ଜୀବିକା ନର୍ବାହ କରନ୍ତି । ଅନ୍ୟାନ୍ୟ କେଳାଙ୍କ ଅପେକ୍ଷା ସାପୁଆ କେଳାର ଜୀବନ ଶୈଳୀ ନିଆରା । ଏହି ଜାତୀୟ କେଳା ସାପ ଧରି ଓ ସାପ ଖୋଇ ଜୀବିକା ନିର୍ବାହ କରନ୍ତି । କିନ୍ତୁ ବାଉଁଶ ରାଣୀ କେଳା ଜାତି ଦୁଃସାହସିକ ଖେଳ ଦେଖାଇ ନିଜର ଜୀବିକା ନିର୍ବାହ କରନ୍ତି । ଏମାନେ ଅନୁସୂଚିତ ଜାତି ସମ୍ପ୍ରଦାୟର । ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ଏହା ଗଞ୍ଜାମ ଜିଲ୍ଲାର ଏକ ଲୋକ ପର୍ବ । ଏହା ଗ୍ରାମାଂଚଳରେ କାମନା ଦଣ୍ଡ ଭାବେ ପରିଚିତ । ଏହି ନୃତ୍ୟ ଧର୍ମୀୟ ଧାରଣା ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ନାଟକର ସୃଷ୍ଟି କେବେ ଓ କିଭଳି ହେଲା ତାହା ରହସ୍ୟମୟ । ତେବେ ଆଧୁନିକ ନାଟକ ସୃଷ୍ଟିର ବହୁ ପୂର୍ବରୁ ଲୋକ ନାଟକ ଗୁଡ଼ିକ ସୃଷ୍ଟି ହୋଇଥିବା ବିଷୟକୁ ଅସ୍ୱୀକାର କରାଯାଇ ନପାରେ । କାରଣ ବେଦ, ଭରତମୁନିଙ୍କ ନାଟ୍ୟଶାସ୍ତ୍ର, ବୌଦ୍ଧ ନିକାୟ, ପାଣିନୀ କୃଶାଶ୍ୱ ଓ ବିଭିନ୍ନ ପୌରାଣିକ ଗ୍ରନ୍ଥରୁ ଲୋକନାଟକ ସମ୍ପର୍କରେ ସଂକେତ ମିଳିଥାଏ ଲୋକନାଟକ ଗୁଡ଼ିକର ବର୍ହିଲକ୍ଷ ଓ ଅନ୍ତର୍ଲକ୍ଷ ହେଉଛି ଶିକ୍ଷାପ୍ରଦାନ । ଜନଜୀବନର କାହାଣୀକୁ ବା ଲୋକବୃତ୍ତିକୁ ବିଶ୍ୱସ୍ତ ଭାବେ ଉପସ୍ଥାପନ କରିବା ଲୋକ ନାଟକର ଅନ୍ୟ ଏକ ଲକ୍ଷ । ନାଟକ ହେଉଛି ଦୃଶ୍ୟକାବ୍ୟ ଓ କାବ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ । ନାଟକର ସ୍ରଷ୍ଟା ନାଟ୍ୟ ଶିଳ୍ପିର ମାୟାଜାଲ ବିସ୍ତାର କରି ଦର୍ଶକର ଚିତ୍ତ ବିନୋଦନ ସହିତ ସତ୍ୟ, ଶିବ ଓ ମଙ୍ଗଳର ଜୟଗାନ ପାଇଁ ଆହ୍ୱାନ ଦେଇଥାନ୍ତି । ଲୋକ ନାଟକର ସୃଷ୍ଟି ଉତ୍ସ ସମ୍ପର୍କରେ କେତେଗୁଡ଼ିଏ ତଥ୍ୟ ଅଛି । ସେଗୁଡ଼ିକ ହେଲା: ୧ : ପ୍ରକୃତି ପ୍ରଭାବ. ୨-ଧର୍ମ ଚିନ୍ତନ, ୩- କୃଷି ସଭ୍ୟତା, ୪- ସାମରିକ ପରମ୍ପରା, ୫- କାରୁକଳା, ୬- ଆଦିବାସୀ ଓ ଓଡ଼ିଶୀ ନୃତ୍ୟ । ବୈଦିକ ଯୁଗରେ ଲୋକ ନାଟକର ଉଦ୍ଭବ ହୋଇଥିଲେ ମଧ୍ୟ ଏବେ ଏଗୁଡ଼ିକ ଲୋକ ସମାଜରେ ମୁମୂର୍ଷୁ ଅବସ୍ଥାରେ କେବଳ ବଞ୍ଚିରହିଛନ୍ତି । ଏ ଗୁଡ଼ିକର ପୁନରୁଦ୍ଧାର ପାଇଁ ଏବେ ଅବଶ୍ୟ ସମଗ୍ର ବିଶ୍ୱ ଚଳଚଂଚଳ ହୋଇପଡ଼ିଛି । ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାର ଲୋକନାଟକ ପ୍ରଚଳିତ । ସେଥିମଧ୍ୟରୁ କଳା ନାଟ ବା ବାଉଁଶ ରାଣୀ ଅନ୍ୟତମ ।

## ବାଉଁଶରାଣୀ ଖେଳ ପ୍ରଦର୍ଶନ

ବାଉଁଶରାଣୀ ଏକ ଦୁଃସାହସିକ ଖେଳ । ଏଥିରେ ଛୋଟ ଝିଅଟି ଗୋଟିଏ ଟେବୁଲ ଉପରେ ଚାରୋଟି ବୋତଲ ଉପରେ ଷ୍ଟଲ୍‌ଟିଏ ପଡ଼ିବ । ଷ୍ଟଲ୍ ଉପରେ ଝିଅଟି ଗୋଟିଏ ଗ୍ଲାସ୍‌ରେ ଥିବା ବାଲି ଉପରେ ଥିବା ଛୁଞ୍ଚିଟିକୁ ଆଖି ମାଧ୍ୟମରେ ଅତି ସତର୍କତାର ସହିତ ଉଠାଏ । ଏକ ସାଇକେଲ୍‌କୁ ଦାନ୍ତ ମାଧ୍ୟମର ରଖି ବିଭିନ୍ନ ପ୍ରକାର ଖେଳ ପ୍ରଦର୍ଶନ କରିବା । ଗୋଟିଏ ଝିଅ କପାଳରେ ଏକ କାଚ ଗ୍ଲାସ୍‌ରେ ଲାଲ୍ ପାଣି ରଖି ବାଲାନ୍ସରେ ଏକ ରିଙ୍ଗକୁ ନିଜି ଶରୀର ମଧ୍ୟକୁ ଆଣି ମୁଣ୍ଡ ପଟେ ବାହାର କରିବା । ପଞ୍ଚ ତିରିଶ ଫୁଟ କଣ୍ଟା ବାଉଁଶର ଉପରକୁ ଦଶଫୁଟ ଛାଡ଼ି ଅଡୁଆରେ ଆଉ ଏକ ବାଉଁଶ ବନ୍ଧା ଯାଇଥାଏ । ତାର ଦୁଇ ପାର୍ଶ୍ୱରେ ଦୁଇଜଣ ଝିଅ ଉଚ୍ଚରେ ଥିବା ବାଉଁଶରେ ବିଭିନ୍ନ ପ୍ରକାର ଖେଳ ପ୍ରଦର୍ଶନ କରନ୍ତି । ତଳେ ଢୋଲ ଏବଂ ଝୁମୁକା ତଥା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କବିତାର ସ୍ୱରରେ ବାଉଁଶ ଉପରେ ବିଭିନ୍ନ ପ୍ରକାର ଖେଳ ଦେଖାନ୍ତି । ଶେଷରେ ବାଉଁଶର ଶୀର୍ଷକୁ ଚଢ଼ି ଘିର୍ ଘିର୍





Utkalika

1959

**63 years of Excellence**

*Pioneer of Cultural Heritage*

*Since 1959*

*Odisha's Art & Crafts has occupied a significant place in the world due to its intricacy and exclusiveness. Watch the creativity in myriad shades of Odisha handloom and handicrafts at Utkalika. Every single rendition is a breathtaking example of Odisha's traditional heritage and artistry.*



## Our Branches

| Inside the State | | Outside the State | |
|---|---|---|---|
| Bhubaneswar | : 1. Unit-II,Market Building<br>2. Airport | New Delhi | : Baba Kharag Singh Marg, |
| Cuttack | : Dargha Bazar | Kolkata | : Dhakuria |
| Rourkela | : Sector- 5 | Hyderabad | : Saifabad |
| Puri | : Grand Road | Pune | : Farguson Road |
| Jeypore | : Debottar Market | Mumbai | : Navi Mumbai |
| Sambalpur | : VSS Marg | Bengaluru | : Residency Road |

**Authentic Handloom & Handicraft of Odisha**

**www.utkalikaodisha.com**

**Odisha State Co-operative Handicrafts Corporation Ltd. (Utkalika)**

**(Under Handlooms, Textiles & Handicrafts Dept., Govt. of Odisha)**

**D- 2/3, Industrial Estate, Rasulgarh, Bhubaneswar- 751010**

**Phone- 0674-2549090, E-mail : oschcltd@gmail.com, Website : www.utkalika.co.in**



ବୁଲିବା ଦର୍ଶକଙ୍କୁ ବିମୋହିତ କରେ । ଚଳଚ୍ଚିତ୍ରରେ ନାୟକ ନାୟିକାଙ୍କର ଷ୍ଟଣ୍ଟ୍‌ମ୍ୟାନ ଥାଆନ୍ତି । କିନ୍ତୁ ଏମାନେ ବିନା ଷ୍ଟଣ୍ଟ୍‌ମ୍ୟାନ୍‌ରେ ଜୀବିକା ପାଇଁ ନିଜର ଜୀବନକୁ ବାଜି ଲଗାଇ ଦୁଃସାହସିକ ଖେଳ ପ୍ରଦର୍ଶନ କରନ୍ତି । ଶୈଶବକୁ ଫେରିଯାଇ ମୁଁ ଜୀବନ ଖୋଜିଲା ବେଳେ ଏଇମାନେ ଧରା ଦିଅନ୍ତି । ଏଇ ରାଣୀମାନେ ଜୀବନ କାବ୍ୟର ନାୟିକା । ପ୍ରତିଶ୍ରୁତିର ଦୃଶ୍ୟ । ଅଭାବିତ ଜୀବନର ଚିତ୍ର । ଅସହାୟତାକୁ ଖୋଜିଲେ ଏଇଠି ମିଳେ । ଏହା ମୋ ଜନ୍ମ ମାଟିର ଅନ୍ତରଙ୍ଗ କାହାଣୀ, ଅଭୁଲା ଆଉ ଅସରନ୍ତି । ସୂର୍ଯ୍ୟସ୍ନାତରୁ ସୂର୍ଯ୍ୟାସ୍ତ ମଧ୍ୟରେ ଭାନୁମତୀର ପେଡ଼ି ଫିଟିଯାଏ । ବଡ଼ ବିଚିତ୍ର ଭାବରେ, ଚିତ୍ର ଜୀବନ୍ତ ଏବଂ ନୃତ୍ୟମୟ । ଭିଜେଇ ଦିଅନ୍ତି ଜୀବନକୁ ପ୍ରୀତିର ମହୁ ମୁହାଣରେ, କଦମ୍ବର ରୋମାଞ୍ଚରେ । ଦୁଃଖ ଭୁଲନ୍ତି ଅଭିନେତା, ଭୁଲନ୍ତି ଦର୍ଶକ । ଏକ ପ୍ରାଣ ଏକ ମନ । ସକାଳେ ଉର୍ଦ୍ଧ୍ୱମୁଖ, ଦେଖିବାକୁ ଚକ୍ଷୁ ଚକ୍ଷୁ ସଜଳ ବାଉଁଶ ରାଣୀର ଘୂର୍ଣ୍ଣନ ।

## ବାଉଁଶ ରାଣୀ ଖେଳ ନିୟମ

ଏଥିରେ ପଞ୍ଚତିରିଶ ଫୁଟ୍‌ର ଏକ ଦୀର୍ଘ କଂଟା ବାଉଁଶ । ଚାରି ପଟକୁ ଭିଡ଼ିବା ପାଇଁ ଦଉଡ଼ି ଏବଂ ଉପରକୁ ଚଢ଼ିବା ଓହ୍ଲାଇବା ପାଇଁ ବଡ଼ ଦଉଡ଼ି । ଦୀର୍ଘ ବାଉଁଶର ଶୀର୍ଷରେ ଲାଗିଥିବା ଏକ କୀଳକରେ ନିଜ ପେଟରେ ବାନ୍ଧିଥିବା ଲୁହାର ଖୋଳକୁ ଲଗାଇ ଦିଏ ବାଉଁଶରାଣୀ । ବିଜୁଳି ପଙ୍ଖା ପରି ଘିର୍ ଘିର୍ ହୋଇ ଶୀର୍ଷରେ ଘୂରିଥାଏ । ବାଉଁଶ ରାଣୀ ନିଜର ସାଜସଜ୍ଜା ପରେ ଖେଳ ଆରମ୍ଭ ହୁଏ । ଢୋଲ, ବଂଶୀ, ଝୁମୁକା, ହାରମୋନିୟମ୍ ବାଦ୍ୟର ତାଳେ ତାଳେ ବାଉଁଶ ରାଣୀର କଳାକାରମାନେ ଖେଳ ପ୍ରଦର୍ଶନ କରନ୍ତି । ମୁକୁଟ ନଥିବା ରାଜାଙ୍କର ରାଣୀ 'ବାଉଁଶ ରାଣୀ' । ଏ ହେଉଛି ନାଟକର ରାଜା ଟୁନା ପ୍ରଧାନଙ୍କର କାହାଣୀ । ନୟାଗଡ଼ ଜିଲ୍ଲା କୁରାଳ ଗ୍ରାମର କାହାଣୀ । ସେ ଦିନ ନାହିଁ, ସେ ବୃତ୍ତି ନାହିଁ, ଅଛି କେବଳ ବଞ୍ଚିଥିବା କେତେ ଜଣଙ୍କ ମୁହଁରେ ଜୀବନ ଯାତ୍ରାର କାହାଣୀ । ଯେତେବେଳେ ପଶୁପକ୍ଷୀମାନେ ଫେରି ଯାଆନ୍ତି ବସାକୁ ସେଇ ଗୋଧୂଳି ଲଗ୍ନରେ ବାଉଁଶ ଖେଳର ରାଜା ଓ ରାଣ ଫେରି ଆସନ୍ତି ପୂର୍ବ ରାତ୍ରିର ସେହି ବାରଣ୍ଡାକୁ ଆଶ୍ରୟ ପାଇଁ । ଦୁଃଖ ନଥାଏ କି ଅନୁଶୋଚନା ନଥାଏ । ନିଦ ମାଉସୀ ଶୁଆଇ ଦିଏ ପିଠି ଥାପୁଡ଼ାଇ ଛାଡ଼ି ଯାଇଥିବା କାହାଣୀ ଗୀତ ଶୁଣାଇ । ପୁଣି ସକାଳ ହୁଏ, ସକାଳର ସୂର୍ଯ୍ୟ ଦେବତାଙ୍କୁ ପ୍ରଣାମ କରି ଉଠନ୍ତି ନାଳି ସୁରୁଜରେ ମୁହଁ ଧୋଇ । ବାସି ପଖାଳ ଦି'ଟା ଖାଇ ପୂର୍ବ ଦିନର ଗାଁରୁ ମାଗି ଆଣିଥିବା ଲୁଗା ପିନ୍ଧି ରାଣୀ ପରି ବେଶ ହୋଇ ବାଉଁଶ ରାଣୀ ବ୍ୟଗ୍ର ହୁଏ, ଆଉ ଏକ ମହୋତ୍ସବ ପାଇଁ । କେତେ ଖୁସିରେ ଏମାନେ ବାଣ୍ଟୁଥିଲେ ଜୀବନର ସତ୍ୟକୁ ଯାହାକୁ ଦେଖୁଥିଲେ, ଅଗଣିତ ଦେଖେଣାହାରୀ । ଗୀତ ନାଚ ତାଳ ଲୟ ଘୂର୍ଣ୍ଣନ ସବୁକୁ ମିଶାଇ ଦେଲେ ଏକ ଝଙ୍କାର ସୃଷ୍ଟି ହୁଏ, ଯାହାର ନାଁ ଜୀବନ । ଏପରି ତାଙ୍କର ଜୀବନ ଥିଲା । ଗାଁ ଅଛି ବଦଳି ଯାଇଛି ଜୀବନର ପରିଭାଷା ଏବଂ ତା ସହିତ ଠିକଣା ବିଶ୍ୱାସର ବସୁଧା ଉପରେ

## ମତାମତ



ଇନ୍ଦିରା ଆବାସ କିମ୍ବା ସରକାରୀ ଭତ୍ତା ଯାହା ସରକାରଙ୍କ ତରଫରୁ ଯୋଗାଇ ଦେବା କଥା ତାହା ଯୋଗାଇ ଦିଆଯାଇଛି । କିନ୍ତୁ କ୍ରୀଡ଼ାଯୁବ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ସେମାନଙ୍କର ଦୁଃସାହସିକ ଖେଳ ପାଇଁ ଜୀବନ ବୀମା କିମ୍ବା ଅନ୍ୟାନ୍ୟ ସହାୟତା ଯୋଗାଇ ଦେଲେ ଭଲ ହୁଅନ୍ତା ।

**ବିଜନ ପାଇକରାୟ,** କୁରାଳ, ସରପଂଚ



ପିଢ଼ୀ ପରେ ପିଢ଼ୀ ଏମାନେ ଏପରି ଖେଳ ଦେଖାଉଛନ୍ତି । ସମସ୍ତଙ୍କ ମୁହଁରେ ହସ ଫୁଟାଇ ଦେଉଛନ୍ତି । ସେମାନଙ୍କ ମୁହଁରେ ସଦା ହସ ଫୁଟିଲେ ଏହି କୌଳିକ ବୃତ୍ତି କାଳଜୟୀ ହେବ ବୋଲି ମୁଁ ଆଶାକରେ ।

**ଜଗମୋହନ,** ସ୍ଥାନୀୟ ଅଧିବାସୀ



ଆମେ ବଂଶାନୁକ୍ରମିକ ଭାବେ ଏହି ଖେଳ ପ୍ରଦର୍ଶନ କରିଦ ଆସୁଅଛୁ । ଆମର ବହୁତ ଲୋକ ମଧ୍ୟ କେନ୍ଦ୍ର ସରକାରଙ୍କ ସୁବିଧା ସୁଯୋଗ ପାଇ ଦିଲ୍ଲୀ ବମ୍ବେରେ ରହିଲେଣି । ଆମେ କିନ୍ତୁ ଆମର କୌଳିକ ବୃତ୍ତିରେ ଆନନ୍ଦ ଲାଭ କରୁଅଛୁ । ପିଲାମାନଙ୍କର ଇଚ୍ଛା ନଥିଲେ ମଧ୍ୟ ଜୀବନ ଜୀବିକା ପାଇଁ ଆମ୍ଭେମାନେ ଏହି ପନ୍ଥା ଆଦରୁ ଅଛୁ ।

**ଟୁନା ପ୍ରଧାନ,** ବାଉଁଶରାଣୀ ଖେଳର ମାଷ୍ଟର



ଛୋଟ ପିଲାବେଳୁ ଆମ୍ଭେମାନେ ଏହି ଖେଳ ଦେଖି ଆସୁଅଛୁ । ଏହି ଖେଳ ଏବେ ଦେଖିଲେ ପିଲାଦିନର ସ୍ମୃତି ବିଜଡ଼ିତହୁଏ । ଏହି ଖେଳରେ ଲୁଚି ରହିଥାଏ ଜୀବନର ଅନେକ କଥା-ଗାଥା-ବ୍ୟଥା । ପ୍ରତିମୁହୂର୍ତ୍ତରେ ମନୁଷ୍ୟ ସମ ରୂପକ ଉପହାରଟିକୁ ସୁବିନିଯୋଗ କରି ନିଜେ ହସେ ଓ ଅନ୍ୟକୁ ହସାଏ । ଏ ହେଉଛି ସେ ବାଉଁଶ ରାଣୀ ଯେ କି ସାହିତ୍ୟ ସଂସ୍କୃତିର ବିଭୁଷିତ ମନ୍ଦାକିନୀଟିଏ...

**ଗୋଦାବରୀଶ ମିଶ୍ର,** ସୁସାହିତ୍ୟିକ



ଏ ମାଟି ହିଁ ବୈକୁଣ୍ଠ, ଏ ମାଟି ହିଁ ସ୍ୱର୍ଗ । ପ୍ରକୃତିକୁ ଅନୁସରଣ କରି ମନୁଷ୍ୟ ମୁହୂର୍ତ୍ତ ମୁହୂର୍ତ୍ତ ଅଦୃଶ୍ୟ ଈଶ୍ୱରଙ୍କର ଜୟଗାନ କରେ । ସେ ଈଶ୍ୱରଙ୍କୁ ସବୁଠି ଦେଖେ । ପଚିଶ ଫୁଟ ବାଉଁଶ ଉପରେ ସେ ଈଶ୍ୱରଙ୍କ ସତ୍ତା ଅନୁବ କରେ । ତେଣୁ ନିଜକୁ ଭିରୁ ଅନୁଭବ କରେନାହିଁ । ବାଉଁଶ ରାଣୀରେ ଥାଏ ଏକ ନିଆରା ଆବେଦନ, ସମ୍ବେଦନ ଓ ପ୍ରତିବେଦନ...

**ସୁକାନ୍ତ ଚୌଧୁରୀ,** ପରିବେଶବିତ୍

କେତେ ଖେଳ ସତେ, ସବୁ ଠାକୁରଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖନ୍ତି ସେମାନଙ୍କୁ ଆମନ୍ତ୍ରଣ କରନ୍ତି । ଆଶୀର୍ବାଦ ନେଇ ବାଉଁଶ ଉପରେ ରାଣୀ ଚଢ଼େ, ଗୋଡ଼ ହାତ ଯୋଡ଼ି ଚକ୍ରପରି କୋଡ଼ିଏ ମିନିଟ୍ ବୁଲେ । ପ୍ରକୃତରେ ଇଏ ହିଁ ରାଣୀ ଯିଏ ସହସ୍ର ଠାକୁରମାନଙ୍କୁ ଆବାହନ କରି କାର୍ଯ୍ୟ ସମ୍ପାଦନ କରେ । ମାଙ୍କଡ଼ ପେଟ ଦେଖାଏ ରାଣୀ ନାଟ ଦେଖାଏ । ବେପାରୀ ହାଟ ଦେଖାଏ ଆଉ ଠାକୁର ବାଟ ଦେଖାଏ । ବିଶ୍ୱାସର ଖେଳ ବାଉଁଶ ରାଣୀ । ଜୀବନ ସଂଗ୍ରାମର ଖେଳ ବାଉଁଶ ରାଣୀ । ରାଜ ପ୍ରାସାଦର ରାଣୀ ପ୍ରାସାଦର ଚକମକ ଆଲୋକରେ ରାଜଉଆସର ମଧ୍ୟରେ ରହେ ରାଣୀ ତମାମ ସୂର୍ଯ୍ୟ ଆଲୋକରେ ଜୀବନ ଠିକଣା ଖୋଜୁଥାଏ ଯେ ଖୋଜୁଥାଏ, ହଜୁଥାଏ ଯେ ହଜୁଥାଏ ଭିଜା ମାଟିର କାହାଣୀ କେତେ ସୁନ୍ଦର ସତେ ? ସେ କାହାଣୀ ସୃଷ୍ଟି କରିଛି ସାହିତ୍ୟ ସଂସ୍କୃତି ଆଉ ମଣ୍ଡନ କରିଛି ଇତିହାସ ପୃଷ୍ଠା ।



## ବାଉଁଶ ରାଣୀର ଗୀତ ସଙ୍ଗୀତ

କେଳା ପିଲାଟାଏ ଯେତେବେଳେ ସମୟ ପାଏ, ସେ ପଚିଶ ହାତର ଶକ୍ତ ବାଉଁଶଟିଏ ଧରି ଗାଁକୁ ଗାଁ ବୁଲୁଥାଏ । ଆଖିରେ ନ'ଦେଖିଲେ ବିଶ୍ୱାସ କରି ହେବନି ଏ ରାଣୀର ବଞ୍ଚିବାର ସଂଗ୍ରାମ । ଜୀବନର ସଂଗ୍ରାମ ଦଶହରା ମହାପର୍ବ ଠାରୁ ଆରମ୍ଭ ହୁଏ ଯେ ଜ୍ୟେଷ୍ଠ ପୂର୍ଣ୍ଣିମୀ ପର୍ଯ୍ୟନ୍ତ । ଗାଁକୁ ଗାଁ ପଦଯାତ୍ରା କରି ଖେଳ ପ୍ରଦର୍ଶନ କରନ୍ତି । ଦୁଃଖକୁ ଆଡ଼କରି ସୁଖ ଖୋଜୁଥାନ୍ତି । ଜନତାଙ୍କ ତାଳିରେ ଆନନ୍ଦିତ ହୁଅନ୍ତି । ଖେଳ ଦେଖି ଦର୍ଶକମାନେ ଖୁସିରେ ସାହାଯ୍ୟ କରନ୍ତି ଯେଉଁଥିରେ ରାଣୀ ଖୁସି ହୋଇ ପୁଣି ପ୍ରସ୍ତୁତ ହୁଏ ଆଉ ଏକ ନୂଆ ସକାଳକୁ । ଏଥିରେ ମୁଖ୍ୟତଃ ଦୁଇଜଣ କଳାକାର ଥାନ୍ତି । ଏହା ଏକ ଭୟଙ୍କର ଖେଳ । ନୟାଗଡ଼ର କୁରାଳ ଗ୍ରାମ ବାଉଁଶରାଣୀ ଖେଳ ପାଇଁ ପ୍ରସିଦ୍ଧ । ଏହି ଗାଆଁରେ ବାସ କରୁଥିବା କେଳା ସମ୍ପ୍ରଦାୟର ଲୋକମାନଙ୍କୁ ସାଧାରଣତଃ ବାଉଁଶକେଳା କୁହନ୍ତି । ରାଜାରାଣୀ ବୁଲନ୍ତି ସାହିରେ ଗାଁରେ, ଡାଲି ଚାଉଳ, ଭାତ, କାଠ ପାଇଁ । ଯଥେଷ୍ଟ ପାଆନ୍ତି । ବିଶ୍ରାମ ପାଇଁ କୌଣସି ଏକ ସ୍କୁଲରେ ରୁହନ୍ତି । ଦୁଃଖର ରାତି ପାହି ସକାଳ ହୁଏ ଯୋଜନା ଚାଲେ ଅନ୍ୟ ଏକ ଗ୍ରାମକୁ ଯିବାର । ପୁଣି ସେହି ଖେଳ । ରାଣୀ ଏକ ଅନୁସୂଚିତ ଜାତି ସଂପ୍ରଦାୟର ନାରୀଟିଏ । ରାଣୀ ହୋଇଥାଏ କିଛି ଦିନ ପାଇଁ, ଆଉ କେଉଁରାଣୀ ସେ ନୁହେଁ ସେ ହେଉଛି ବାଉଁଶରାଣୀ । ଏମାନଙ୍କ ନାଟରେ ଥାଏ କଳା ସଂସ୍କୃତିର ନିଦର୍ଶନ । ଏମାନେ ଶୁଣି ଶୁଣି ଗୀତ ମନେ ରଖି ସୁନ୍ଦର ଭାବେ ଗାଇ ପାରନ୍ତି । ପିଢ଼ି ପରେ ପିଢ଼ି ଏପରି ଚାଲିଥିଲା । କିନ୍ତୁ ଆଜି ଏକ ବିତର୍କିତ ପୃଥିବୀରେ ବଦଳି ଯାଇଛି ସଂସ୍କୃତିର ରୂପ ଓ ତା ସହିତ ବଦଳି ଯାଇଛି କଳା ଭାସ୍କର୍ଯ୍ୟ । ବିଶ୍ୱାସ କରାଯାଏ ପିଢ଼ି ଆଉ ଚାହିଁଲା ନାହିଁ ଏପରି ଏକ କଷ୍ଟକର ବୃତ୍ତିରେ ଜୀବନ ଧାରଣ କରିବା ପାଇଁ । ହଠାତ୍ ବଦଳି ଗଲା ଜୀବନ ଜୀବିକା ଆଉ ବଞ୍ଚିବାର ଶୈଳୀ । ଏମାନେ ପାଠପଢ଼ି ସରକାରଙ୍କ ସୁବିଧା ସୁଯୋଗରେ ଘରଦ୍ୱାର ଓ ବୃତ୍ତି ମଧ୍ୟ ପାଇଲେ । ସମୟକ୍ରମେ କୌଳିକ ବୃତ୍ତି



ଧିରେ ଧିରେ ବନ୍ଦ ହେବାକୁ ଯାଉଛି । ଏମାନଙ୍କର ଏକ ନିଆରା ପାରମ୍ପରିକ ପ୍ରବୃତ୍ତି । ଏହା କୌଣସି କାହାଣୀ ନୁହେଁ । ସେହି ମହା ମୁହାଣର ମହୋତ୍ସବରୁ ଝରିଆସେ ଅନନ୍ତ ନୈବେଦ୍ୟର ପ୍ରତୀକଟିଏ । ଇଚ୍ଛାହୁଏ କହିବାକୁ ଏହି କାହାଣୀ କେଉଁ ମହାନିର୍ବାଣର ଶୀଳାଲିପି ସତେ । ଏହି ବାଉଁଶରେ ଖେଳ ହୁଏ, ମେଳହୁଏ, ବାଦ୍ୟହୁଏ, ଘର ହୁଏ, ଘରକରଣା ବି ହୁଏ, ଶେଷ ସମୟରେ ଏହି ବାଉଁଶରେ ରାଣୀକୁ ନିଆଯାଏ ଜୁଇ ପର୍ଯ୍ୟନ୍ତ । ଠିକ୍ ଅନ୍ୟମାନଙ୍କ ପରି । କିନ୍ତୁ ଉଆସର ରାଣୀର କଥା ଓ ବ୍ୟବସ୍ଥା ଭିନ୍ନ । ସେ ରାଣୀ ଆଉ ଏ ରାଣୀ କୁହନ୍ତୁ ଜୀବନର ଭିନ୍ନ ଭିନ୍ନ କଥା ଗାଥା ବ୍ୟଥା । କେଉଁ ରାଣୀର କେତେ ବ୍ୟଥା କିଏ ବା ପରିକଳ୍ପନା କରିପାରିଛି । ସମୟ ଓ ସଂଘର୍ଷର ପ୍ରତିନିଧି ଆମର ଏଇ ମୁକୁଟ ବିହୀନ ରାଣୀମାନେ । ସେ ସମୟ କେବଳ କୁରାଳର ନୁହେଁ, ସୀମିତ ମଣିଷର ନୁହେଁ । ସମଗ୍ର ମାନବଜାତିର ଦଶନ୍ଧି ଧରି ରହି ବଞ୍ଚି ରହିବାର ଅପରିସୀମ କଳ୍ପନା । ଈଶ୍ୱରଙ୍କର ସୃଷ୍ଟିକୁ ସୁନ୍ଦର କରିବା ପାଇଁ ପ୍ରତିମୁହୂର୍ତ୍ତରେ ମଣିଷ ଆବେଦନ, ସମ୍ବେଦନ ଓ ପ୍ରତିବେଦନରେ ପୃଥିବୀ ମାତାର ବନ୍ଦନା ଗାନକରେ । ସମୟ ରୂପକ ଉପହାରଟିକୁ ସୁବିନିଯୋଗ କରି ନିଜେ ହସେ । ଅନ୍ୟକୁ ହସାଏ ମଧ୍ୟ । ଏହାରି ମଧ୍ୟରେ ଲୁଚି ରହିଥାଏ ସାହିତ୍ୟ ସଂସ୍କୃତିର ବିଭୂଷିତ ମନ୍ଦାକିନୀ । ସାହିତ୍ୟ ମାଟିର ସଂପଦଟିଏ, ସଂପତ୍ତିଟିଏ । କଥା ଅଛି ଏ ମାଟି ହିଁ ବୈକୁଣ୍ଠ । ଏ ମାଟି ହିଁ ସ୍ୱର୍ଗ । ପ୍ରକୃତିକୁ ଅନୁସରଣ କରି ମୁହୂର୍ତ୍ତ ମୁହୂର୍ତ୍ତ ମଣିଷ ଅଦୃଶ୍ୟ ଈଶ୍ୱରଙ୍କର ଗାନକରେ, ଈଶ୍ୱରଙ୍କୁ ସବୁଠି ଦେଖେ । ପାଞ୍ଚ ତିରିଶ ଫୁଟ ଉଚ୍ଚତା ବିଶିଷ୍ଟ ବାଉଁଶ ଉପରେ ରହି ସେ ଦେଖୁଥାଏ ଈଶ୍ୱରଙ୍କୁ ଏଠି ସେଠି ସବୁଠି । ରାଣୀର ଡର ନଥାଏ ମୃତ୍ୟୁକୁ । ଗୀତରେ କୁହନ୍ତି ତଳେ ଧରିତ୍ରୀ ମାତା / ଉପରେ ଜଗତକର୍ତ୍ତା / କର୍ମ ଦାତା ଅନ୍ନଦାତା / ଜ୍ଞାନଦାତା... । ଦୁଃଖ ନଥାଏ, ଆନନ୍ଦ ପାଆନ୍ତି କର୍ମରେ । ବହୁ ସାହିତ୍ୟ ସଙ୍ଗୀତକୁ ଭିନ୍ନ ଭିନ୍ନ ଛନ୍ଦ ତାଳ ରାଗରେ ଗାନକରି ମନ୍ତ୍ରମୁଗ୍ଧ କରନ୍ତି । ସାହିତ୍ୟ ବଞ୍ଚେ । ଏଇମାନେ ହିଁ କବିମାନଙ୍କର ଉଦ୍‌ଘୋଷକ । ଯାହାଙ୍କର ତୁଣ୍ଡରେ ଅମୃତମୟ ସାହିତ୍ୟର


ଅପୂର୍ବ ଝଙ୍କାର ଫୁଟିଉଠେ । ସମୟର ବଦଳ ସ୍ରୋତରେ ସବୁ ବଦଳିଛି । କିନ୍ତୁ ମାଟି ଉଖାରିଲେ ଦେଖାଯାଏ ରାଣୀର ଚିତ୍ର, ଗୀତ, ରାଣୀର ନୃତ୍ୟ ଏବଂ ଦୁଃସାହସିକ ଘୂର୍ଣ୍ଣନ । ବାଉଁଶ ରାଣୀ ଖେଳ ପ୍ରଦର୍ଶନ କରିବା ଏମାନଙ୍କ ବଂଶଗତ କଳା । ଗୋଟିଏ ପରିବାରର ପୁରୁଷ ସଦସ୍ୟ ବ୍ୟତୀତ ସାତ ଆଠ ଜଣ ମହିଳାଙ୍କୁ ନେଇ ଗୋଟିଏ ବାଉଁଶରାଣୀ ଦଳ ଗଢ଼ା ଯାଇଥାଏ । ଏହି ପରିବାରର ଶିଶୁକୁ ପାଞ୍ଚବର୍ଷ ବୟସରୁ ଏହି ଦୁଃସାଧ୍ୟ ଶିକ୍ଷା ପ୍ରଦାନ କରାଯାଏ । ଏହି ଦୃଶ୍ୟ ଅତ୍ୟନ୍ତ ଚିତାକର୍ଷକ ଢୋଲ, ବଂଶୀ, ଝୁମୁକା, ହାରମୋନିୟମ୍ ବାଦ୍ୟଯନ୍ତ୍ରର ତାଳେ ତାଳେ କଳାକାରମାନେ ଚଳଚଞ୍ଚଳ ହୋଇ ଉଠନ୍ତି । ବାଦ୍ୟର ତାଳେ ତାଳେ ଛାନ୍ଦ ରତ୍ନାକର, ଚମ୍ପୂ, ଓଡ଼ିଶୀ, ଭଜନ ଜଣାଣ, ପଲ୍ଲୀଗୀତ ଇତ୍ୟାଦି ରାଣୀମାନେ ଗାଇଥାନ୍ତି । ଅନ୍ୟ ସଦସ୍ୟମାନେ ଖେଳ ପ୍ରଦର୍ଶନ କରିବା ସହିତ ବାଦ୍ୟ ବଜାଇବାରେ ସହଯୋଗ କରନ୍ତି । ଖେଳର ମଝିରେ ମଝିରେ ବିଭିନ୍ନ ଲୋକସଂଗୀତ ଗାନ କରାଯାଏ ଯେପରି- ୧ -ବାଉଁଶରାଣୀ ଲୋ ବାଉଁଶରାଣୀ / ବାଉଁଶ ଆଗରେ ମାରୁ ଉଜାଣି / ସଳଖ ଚାଲି ତୋ ନହକ ବାଙ୍କ / ଭେଣ୍ଡା ଭୁଆସୁଣି ହୋଇବେ ରଙ୍କ / ବୁଢ଼ାବୁଢ଼ୀ ଦେବେ ତାଳି / ଟଙ୍କା ଚାଉଳରେ ଅଣ୍ଟି ଭରିଯିବ / ସରିବ ଯାତରା ପାଳି । ୨- ରାଜା ଡାକିଥିଲେ ରଙ୍ଗ ସଭାକୁ / କଟାଳ କରିଲେ ରାଣୀ / ପାଇକ ନାଟରେ ମନ ଭରୁଥାଅ / ଗିରସ୍ତ ହେ !/ ଆମ୍ଭର ବାଉଁଶ ରାଣୀ । ୩- ଘିରିଘିରି ବୁଲେ ବାଉଁଶ ରାଣୀ / ଟୁକୁରା ମାରଇ ଗଜା / ବାର ଭଙ୍ଗିମାରେ ଗୀତ ଗାଉ ଅଛି / ଶୁଣିବାକୁ ଲାଗେ ମଜା ।



### ଶେଷକଥା :

ପିଢ଼ି ପରେ ପିଢ଼ି ଏମାନେ ବାଉଁଶ ରାଣୀ ଖେଳ ଦଖାଇ ଜୀବିକାର୍ଜନ କରି ଆସୁଛନ୍ତି । ପ୍ରଥମେ ଏମାନେ କୁରାଳ ଗ୍ରାମରେ ତିନୋଟି ପରିବାର ଥିଲେ, ବର୍ତ୍ତମାନ କୋଡ଼ିଏରୁ ଊର୍ଦ୍ଧ୍ୱ ପରିବାର । ଗୋଟିଏ ସମୟରେ କୌଳିକ ବୃତ୍ତିକୁ ହିଁ ଜୀବିକା କରିଥିଲେ । ସମୟର ସୁଅରେ ଘଟିଛି ପରିବର୍ତ୍ତନ । ଏଥିରୁ ରୋଜଗାର କହିଲେ, ଖାଲି ପେଟ ବଞ୍ଚି ଯାଉଛି । ଜୀବନକୁ ବାଜି ଲଗାଇ ଏ ଦୁଃସାଧ୍ୟ ଖେଳ ପଦର୍ଶନ କରିବା ପାଇଁ ସାହସ କରୁନାହାଁନ୍ତି । ଏପରି ବିପଜ୍ଜନକ ଖେଳ ଦେଖାଉଥିଲେ ମଧ୍ୟ କାହାର ଜୀବନ ବୀମା ନାହିଁ । ଯେତେବେଳେ ପଚିଶ ହାତ ବାଉଁଶ ଉପରେ ନିଜର ଝିଅ ଖେଳ ପ୍ରଦର୍ଶନ କରୁଥାଏ, ସେତେବେଳେ ବାପର ଛାତିଟା ଥରୁଥାଏ, ସମସ୍ତଙ୍କର ଅଜାଣତରେ । ଜୀବନ ଓ ଜୀବିକାର ଦ୍ୱାହି ଦେଇ ସମ୍ଭାଳି ନଅିନ୍ତି ନିଜକୁ । ଏ କଳା ଧିରେ ଧିରେ ମରି ଆସୁଛି । ଏ କଳାକୁ ବିପଦ ଶୂନ୍ୟ କରି କରାଗଲେ ଅନେକ ସୁନାମ ମିଳନ୍ତା । ଏହି କଳା ଏବେ ତାଳଚେରର ସସାମରା, ବୋଲଗଡ଼ର ସଁପୁର, ଗଂଜାମର ମଥୁରା, ଶାନ୍ତିପଡ଼ାର ଗୁଣଣ୍ଠୁଣି, ଗୋବିନ୍ଦପୁର, ସିଙ୍ଗପଲ୍ଲି, ଛପନି, ବାଉଁଶପଲ୍ଲୀ ଇତ୍ୟାଦି କେତୋଟି ହାତ ଗଣତି ଗ୍ରାମରେ ବାଉଁଶ ରାଣୀ ଖେଳାଳି ଅଛନ୍ତି । ବିପଦ ବି ଅଭ୍ୟାସରେ ପଡ଼ିଗଲେ ଆଉ ବିପଦ ପରି ମନେହୁଏ ନାହିଁ । ସେପରି ଏମାନଙ୍କର ବିପଦ ସହଚରୀ ହୋଇଗଲାଣି । ଏକ ଅଦ୍ଭୁତ ଆକର୍ଷଣ ଥାଏ ଏହି ଖେଳରେ ଏକ ଭିନ୍ନ ରୋମାଂଚ । ନିଆରା ଆବେଦନ ଓ ଆତ୍ମୀୟତା । ଏହି ଆତ୍ମୀୟତା ହିଁ ବିପଦ ପୂର୍ଣ୍ଣ ଖେଳ ଦେଖାଉଥିବା ଲୋକଙ୍କ ଭିତରେ ଆଣିଦିଏ ସମବେଦନା... ।





HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



# ରୁଷିଛି ରଷି

**ଡକ୍ଟର ରଞ୍ଜନ ପ୍ରଧାନ**
ଜିଲ୍ଲା ପ୍ରତିନିଧି, 'ସମ୍ବାଦ', କନ୍ଧମାଳ (ଫୁଲବାଣୀ)
ଫୋନ୍: ୯୪୩୭୨୧୩୮୫୪



▶ ଲେଖକ ଡକ୍ଟର ରଞ୍ଜନ ପ୍ରଧାନ

ରଷିକୁଲ୍ୟା ନଦୀକୁ ଗଙ୍ଗା ଦେବୀଙ୍କ ଜ୍ୟେଷ୍ଠ ଭଗିନୀ ('ଗଙ୍ଗାୟାଃ ଜ୍ୟେଷ୍ଠ ଭଗିନୀ') ବୋଲି ଋଗ୍ ବେଦରେ ଉଲ୍ଲେଖ ରହିଛି । ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ କନ୍ଧମାଳ ଜିଲ୍ଲାର ଦାରିଂବାଡ଼ି ବ୍ଲକର ରଷିମାଳ ପର୍ବତରୁ ଉତ୍ପତ୍ତିଲାଭ କରିଥିବାରୁ ଏହି ନଦୀର ନାମ ରଷିକୁଲ୍ୟା ହୋଇଛି ।

ଉତ୍ତର-ପୂର୍ବଘାଟ ପର୍ବତମାଳା ଜୈବମଣ୍ଡଳ ଅନ୍ତର୍ଗତ ଭୂଖଣ୍ଡ କନ୍ଧମାଳ ଜିଲ୍ଲାର ଅଧିକାଂଶ ବର୍ଷା ଜଳ ଛୋଟବଡ଼ ନଦୀମାନଙ୍କ ମାର୍ଫତରେ ମହାନଦୀ, ବଂଶଧାରା ଓ ରଷିକୁଲ୍ୟାକୁ ନିଷ୍କାସିତ ହୋଇଥାଏ । କନ୍ଧମାଳ ଜିଲ୍ଲାରୁ ନିର୍ଗତ ସାଲୁଙ୍କି, ବାଘ, ସୁନାମୁହିଁ, ଖଡ୍‌ଗ, ରାହୁଲ, ସୀତାପଙ୍ଗା, ଚାଉଳଧୁଆ, ବୁଢ଼ାନଦୀ, ଉତ୍ତେଇ, ଝିରିପାଣି, ବୃତ୍ତଙ୍ଗ ଭଳି କ୍ଷୁଦ୍ର ନଦୀଗୁଡ଼ିକ ବିଭିନ୍ନ ପାହାଡ଼ରୁ ନିର୍ଗତ ହୋଇ ମହାନଦୀ ଓ ବଂଶଧାରାରେ ମିଳିତ ହୋଇଛନ୍ତି ।

ରଷିକୁଲ୍ୟା ନଦୀ ଦାରିଂବାଡ଼ି ବ୍ଲକର ରଷିମାଳା ପର୍ବତରୁ ନିର୍ଗତ ହୋଇ ପୂର୍ବ ଦିଗକୁ ଗତି କରି ଗଞ୍ଜାମ ଜିଲ୍ଲାକୁ ପ୍ରବେଶ କରିଛି । ରଷିକୁଲ୍ୟା ଦାରିଂବାଡ଼ି ଛାଡ଼ି ହୁଲୁହୁଲିଗଣ୍ଡା, ଗୁଣ୍ଡୁରୁବାଡ଼ି, ଶୁଣ୍ଢିଡିହାପାଲି ଦେଇ ସୋରଡ଼ା (ଗଞ୍ଜାମ ଜିଲ୍ଲା)କୁ ପ୍ରବେଶ କରିଛି । ସୋରଡ଼ା ନିକଟରେ ରଷିକୁଲ୍ୟା ନଦୀରେ ଏକ ବିଶାଳ ଜଳଭଣ୍ଡାର ନିର୍ମାଣ କରାଯାଇଛି, ଯାହାର ନାମ ସୋରଡ଼ାଘାଇ ।

# କୁଲ୍ୟା



ସେହିଭଳି ଗଞ୍ଜାମ-ଗଜପତି ସୀମାନ୍ତ କଇଥପାଲି ନିକଟରୁ ଉତ୍ପତ୍ତିଲାଭ କରିଥିବା ଜରାଓ ନଦୀ ସୋରଡ଼ା ନିକଟରେ ଋଷିକୁଲ୍ୟାର ଦକ୍ଷିଣରେ ମିଳିତ ହୋଇଛି ।

ସୋରଡ଼ା ଠାରୁ ଜରାଓ ନଦୀକୁ ସାଥୀରେ ଧରି ଋଷିକୁଲ୍ୟା ଗୋପାଳପୁର ଶାସନ, ବୈଷ୍ଣବ କୋଟିବାଡ଼ି, ତାଟବାଲି, ସିଙ୍ଗିପୁର, ଖୁକୁଣ୍ଡିଆପଲ୍ଲୀ, ଥୁରୁଥୁରା, ବରଦାବାଲି, ମୁକ୍ତାପୁଞ୍ଜି, ନନ୍ଦିଘର, ଗଡ଼ମୋଦରପଲ୍ଲୀ, ହନୁମନ୍ତଦ୍ୱାର, ଧରାକୋଟ, ଜଗମୋହନ, ଲକ୍ଷ୍ମୀପୁର, ଚଡ଼େୟାପଲ୍ଲୀ, ଜଗନ୍ନାଥପଲ୍ଲୀ, ଦାମୋଦରପଲ୍ଲୀ, ନରସିଂହପଲ୍ଲୀ ଛୁଇଁଛି ।

ନରସିଂହପଲ୍ଲୀ ଠାରେ ଋଷିକୁଲ୍ୟାର ବାମ ପାର୍ଶ୍ୱରେ ଏହାର ପ୍ରମୁଖ ଉପନଦୀ ବଡ଼ନଦୀ ମିଳିତ ହୋଇଛି । ବଡ଼ନଦୀକୁ ସାଥୀରେ ଧରି ଋଷିକୁଲ୍ୟା ପାତାଳିଗୁଡ଼ା, ଜୟପୁର, ତାରାସିଙ୍ଗି, ପାକିଡ଼ିପର୍ବତ, ତାରାତାରିଣୀ ମନ୍ଦିର, ପିଉଳ, ଭେଟାସିଙ୍ଗି, ଟଙ୍କଛାଇ, ଝାଡ଼ବନ୍ଧ ଦେଇ କାଳୀଦାସପୁର ଛୁଇଁଛି । କାଳୀଦାସପୁର ଓ ଗଙ୍ଗାପୁର ନିକଟରେ ଋଷିକୁଲ୍ୟାର ଅନ୍ୟତମ ଉପନଦୀ ଘୋଡ଼ାହାଡ଼ ନଦୀ ଦକ୍ଷିଣ ପାର୍ଶ୍ୱରେ ମିଳିତ ହୋଇଛି ।

ଗଙ୍ଗାପୁର ନିକଟରେ ଇତିହାସ ପ୍ରସିଦ୍ଧ ଜଉଗଡ଼ (ଅଶୋକଙ୍କ ଶିଳାଭିଲେଖ) ରହିଛି ।

କାଳୀଦାସପୁର ଓ ଗଙ୍ଗାପୁର ନିକଟରୁ ଘୋଡ଼ାହାଡ଼କୁ ସାଥୀରେ ଧରି ଋଷିକୁଲ୍ୟା ଆଗକୁ ଗତି କରିଛି । ଏଠାରୁ ଋଷିକୁଲ୍ୟା ନନ୍ଦିକା, ଦୟାନିଧିପୁର, ବୁରୁତୁଲ୍ଲୁ, ପାଣ୍ଡିଆ, ଭୀମପୁର, ଋଷିକୁଲ୍ୟା, ପୁରୁଷୋତ୍ତମପୁର, ଚଢ଼ିଆପଲ୍ଲୀ, ଜଳେଶ୍ୱରଖଣ୍ଡି, ପ୍ରତାପପୁର, ବାଲିଆ, କାଲୁଆବାଡ଼ିକ୍ଷେତ, ଭୁଆଁଭୂଇଁ, ଅଲାଡ଼ିଗାଁ, ବଡ଼ପଲ୍ଲୀ, ବାଳସିଂହପଲ୍ଲୀ, ବଜ୍ରକୋଟ, ରାଉଳିବନ୍ଧ, ବରଡ଼ା, ଶ୍ରୀବେଣା, କରପଡ଼ା, ଝାଡ଼ପଦର, କଲ୍ୟାଣପୁର, ଗଞ୍ଜାମ, ଛତ୍ରପୁର ମଧ୍ୟ ଦେଇ ୧୬ ନମ୍ବର ଚେନ୍ନାଇ-କୋଲ୍‌କତା ଜାତୀୟ ରାଜପଥ ଅତିକ୍ରମ କରିଛି । ଏଠାରେ ଋଷିକୁଲ୍ୟା ନଦୀ ଉପରେ ଏକ ଦୀର୍ଘ ପୋଲ ନିର୍ମିତ ହୋଇଛି । ଏହାର କିଛିଦୂର



ପଟାଗଡ଼ ଫୋର୍ଟ

ଆଗରେ ଋଷିକୁଲ୍ୟାର ଉତ୍ତର ତୀରରେ ପ୍ରସିଦ୍ଧ ପୋତାଗଡ଼ ଦୁର୍ଗ ଅବସ୍ଥିତ ।

ପୋତାଗଡ଼ ଦୁର୍ଗରୁ କିଛିବାଟ ଆଗକୁ ପ୍ରବାହିତ ହୋଇ ଋଷିକୁଲ୍ୟା; ନୋଳିଆନୂଆଗାଁ, ପୁରୁଣାବନ୍ଧ ଓ ଗୋଖରକୁଦ ନିକଟରେ ବଙ୍ଗୋପସାଗରରେ ମିଳିତ ହୋଇଛି । ଋଷିକୁଲ୍ୟା ମୁହାଁଣ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଅନ୍ୟତମ ପସନ୍ଦର ସ୍ଥାନ ଅଟେ । ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ସମୂହ ଅଣ୍ଡାଦାନ କରିବାକୁ ଋଷିକୁଲ୍ୟା ମୁହାଁଣକୁ ଆସିଥାନ୍ତି । ଋଷିକୁଲ୍ୟା ମୁହାଁଣର ଦକ୍ଷିଣ ପାର୍ଶ୍ୱରେ ଗୋପାଳପୁର ସମୁଦ୍ର ବେଳାଭୂମି ଓ ଗୋପାଳପୁର ବନ୍ଦର ଅବସ୍ଥିତ । ସେହିଭଳି ଋଷିକୁଲ୍ୟା ମୁହାଁଣର ବାମ ପାର୍ଶ୍ୱରେ କିଛି ଦୂରରେ ଚିଲିକା ହ୍ରଦ ଗଞ୍ଜାମ ଉପକୂଳ ସ୍ପର୍ଶ କରିଛି ।

ଋଷିକୁଲ୍ୟା ନଦୀକୁ ଗଞ୍ଜାମ ଜିଲ୍ଲାର 'ଜୀବନ ରେଖା' ଭାବେ ବିଚାର କରାଯାଇଥାଏ ।

## ଋଷିକୁଲ୍ୟାର ଉତ୍ପତ୍ତି ଓ ଲକ୍ଷ୍ୟ

ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ କନ୍ଧମାଳ ଜିଲ୍ଲା ଦାରିଂବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତର ଡାମାଙ୍ଗି ନିକଟବର୍ତ୍ତୀ ଋଷିମାଳ ପର୍ବତରୁ ୧ ହଜାର ମିଟର ଉଚ୍ଚରୁ ଋଷିକୁଲ୍ୟା ନଦୀ ତଳକୁ ଓହ୍ଲାଇଛି । ପ୍ରଥମେ ଏହି ନଦୀଟି ସମାଗଣ୍ଡା ନାମ ବହନ କରି ପୂର୍ବାଭିମୁଖୀ ହୋଇ କିଛିବାଟ ଗଲାପରେ ଦକ୍ଷିଣ-ପଶ୍ଚିମାଭିମୁଖୀ ହୋଇ ଗତି କରିଛି । ଡୋମୁଂ ଗ୍ରାମ ନିକଟରେ ଏହା ଜାଡ଼େଇ ନାଳ ନାମରେ ପରିଚିତ ହୋଇଛି ।

ଡୋମୁଂଠାରୁ ଜାଡ଼େଇନାଳ କିଛିବାଟ ଗତିକଲା ପରେ ପେରେଦୁ ନାଳ ନାମ ବହନ କରିଛି । ବାଡ଼ବଙ୍ଗା ଗ୍ରାମ ନିକଟରେ ନଦୀଟି ରାକାଟାଜୁ ନାଳ ନାମରେ ନାମିତ ହୋଇ ଦକ୍ଷିଣ-ପୂର୍ବକୁ ଗତିକରି ଆଡ଼ିପଟା ନିକଟରେ ଆଡିଗୁଡ଼ି ନାଳ ନାମରେ ପରିଚିତ ହୋଇଛି । ଶେଷରେ ଦାରିଂବାଡ଼ି ବ୍ଲକର ରାହାଗଣ୍ଡା ଗ୍ରାମ ନିକଟରେ ଏହା ଋଷିକୁଲ୍ୟା ନାମ ବହନ କରିଛି ।

କନ୍ଧମାଳ ଜିଲ୍ଲାର ଦାରିଂବାଡ଼ି ବ୍ଲକ ଅଞ୍ଚଳର ପ୍ରାୟ ୩୦ କିଲୋମିଟର ପଥ ଅତିକ୍ରମ କରିବା ପରେ ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲ୍ଲାର ମାଟିକୁ ଛୁଇଁଛି । ଗଞ୍ଜାମ ଜିଲ୍ଲାର ପିପଳପଙ୍କା, ପଦଭାଇଶୁଣୀ, ଗେଞ୍ଜା, ସୋରଡ଼ା, ସୁରମଣି, ନୂଆଗଡ଼ ଦେଇ ଜାନିବିଲିଠାରେ ଦୁଇ ଭାଗରେ ବିଭକ୍ତ ହୋଇଛି । ଏହାର ଗୋଟିଏ ପତଳା ଶାଖା ମୁଣ୍ଡମରାଇ, ଶେରଗଡ଼ ଦେଇ ପୁନର୍ବାର ଗଞ୍ଜାମ ଠାରେ ମୂଳ ନଦୀ ସହ ମିଶିଛି ।

ନଦୀଟି କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲାରେ ପ୍ରବାହିତ ହୋଇ ଗଞ୍ଜାମ ଜିଲ୍ଲାର ଛତ୍ରପୁରର ପୁରୁଣାବନ୍ଧ ମୁହାଁଣ ନିକଟରେ ବଙ୍ଗୋପସାଗରରେ ମିଳିତ ହୋଇଛି । ଋଷିକୁଲ୍ୟା ନଦୀ ମୁହାଁଣରେ ତ୍ରିକୋଣଭୂମି ସୃଷ୍ଟି ହୋଇ ପାରିନାହିଁ । ମାତ୍ର, ଋଷିକୁଲ୍ୟା ମୁହାଁଣ ଅଲିଭ ରିଡ୍‌ଲେ କଇଁଛଙ୍କ ପାଇଁ ସ୍ୱର୍ଗ ପାଲଟିଛି । ନଦୀର ମୋଟ ଦୂରତା ୧୮୫ କିଲୋମିଟର ।

## ବାରୁଣୀ ମେଳା

ପ୍ରତିବର୍ଷ ଚୈତ୍ର କୃଷ୍ଣ ତ୍ରୟୋଦଶୀ ଦିନ ଋଷିକୁଲ୍ୟାର ଉତ୍ପତ୍ତି ସ୍ଥଳ ବିନ୍ଦୁସର ଠାରେ ବାରୁଣୀ ମେଳା ଅନୁଷ୍ଠିତ ହୋଇଥାଏ । ଏହି ବାରୁଣୀ ମେଳାରେ ସହସ୍ରାଧିକ ଭକ୍ତ ଉପସ୍ଥିତ ହୋଇ ପବିତ୍ର ବୁଡ଼ ପକାନ୍ତି । କାଟିଙ୍ଗିଆ ଓ ଗଡାପୁର ରାଜାଙ୍କ ପୁରୋହିତ ଓ ପ୍ରତିନିଧିମାନେ ନଦୀର ଉତ୍ପତ୍ତି ସ୍ଥଳକୁ ଆସିଥାନ୍ତି । ଉତ୍ପତ୍ତି ସ୍ଥଳରେ ଥିବା ପବିତ୍ର କୁଣ୍ଡରେ ପୂଜା ଅନୁଷ୍ଠିତ ହୋଇଥାଏ । ଗଡାପୁର, ବ୍ରାହ୍ମଣୀଗାଁ ଓ ଗଞ୍ଜାମ ଜିଲ୍ଲାର ବହୁ ଭକ୍ତ ଏହି ବାରୁଣୀ ମେଳାରେ ସାମିଲ ହୁଅନ୍ତି । ଏହି ଉତ୍ସବକୁ ଗଡାପୁରର ଗଙ୍ଗବଂଶୀ ରାଜାମାନେ ଆଜି ଯାଏ ପାଳନ କରି ଆସୁଛନ୍ତି ।

## ଋଷିକୁଲ୍ୟାର ଉପନଦୀ

ଅନେକ ଛୋଟବଡ଼ ପାହାଡ଼ୀ ନଦୀ ଋଷିକୁଲ୍ୟାରେ ପଡ଼ିଛନ୍ତି । ଋଷିକୁଲ୍ୟା ନଦୀରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଅନେକ ଉପନଦୀ ମିଳିତ ହୋଇଛନ୍ତି ।

ଋଷିକୁଲ୍ୟାର ପ୍ରମୁଖ ଉପନଦୀ

୧. ଚୂଡ଼ାଖାଇ
୨. ଧନେଇ
୩. ବଡ଼ନଦୀ
୪. ପଦ୍ମା
୫. ଘୋଡ଼ାହାଡ଼
୬. ବୋରିଙ୍ଗିନଳା
୭. ଖରଖରି
୮. ଜରାଓ
୯. ବାଘୁଆ

୧୦. କରଡ଼ାନାଳ
୧୧. ଦେବହୁତି
୧୨. ଓଡ଼ଙ୍ଗି
୧୩. ଲୋହରାଖଣ୍ଡି

ଦାରିଂବାଡ଼ି ବ୍ଲକର ଋଷିମାଳ ପର୍ବତର ଅନତିଦୂରରେ ଚୂଡ଼ାଖାଇ ନଦୀ ଋଷିକୁଲ୍ୟାରେ ମିଳିତ ହୋଇଛି । ଏହା ଋଷିକୁଲ୍ୟାର ପ୍ରଥମ ଉପନଦୀ । ଋଷିକୁଲ୍ୟାର ବାମ ପାର୍ଶ୍ୱରେ ଧନେଇ, ବାଘୁଆ ଓ ବଡ଼ନଦୀ ଓ ଦକ୍ଷିଣ ପାର୍ଶ୍ୱରେ ଜରାଓ ଏବଂ ଘୋଡ଼ାହାଡ଼ ନଦୀ ମିଳିତ ହୋଇଛନ୍ତି ।



## ପୁରାଣ ଓ ସାହିତ୍ୟରେ ଋଷିକୁଲ୍ୟା

ଋଷିକୁଲ୍ୟା ନଦୀର ମହାତ୍ମ୍ୟ ବ୍ୟାସଦେବକୃତ ମୂଳ ମହାଭାରତରେ ଉଲ୍ଲେଖ ରହିଛି ।

"ଋଷିକୁଲ୍ୟାଂ ସମାସାଦ୍ୟ ବାଶିଷ୍ଟଂ ଚୈବ ଭାରତ
ବାଶିଷ୍ଟଂ ସମ୍ପତି କ୍ରମ୍ୟ ସର୍ବେବର୍ଣ୍ଣା ଦ୍ୱିଜାତୟଃ
ଋଷିକୁଲ୍ୟାଂ ନରଃସ୍ନାତା ଋଷିଲୋକମ୍ ପ୍ରପଦ୍ୟତେ
ଯଦି ତତ୍ର ବସେନ୍ମାସଂ ଶାକାହାରେ ନଗଧିପ
ଭୃଗୁତୁଙ୍ଗ ସମାସାଦ୍ୟ ବାଜିମେଧ ଫଳମ୍ ଲଭେତ୍
ଗତ୍ୱାବୀର ପ୍ରମୋକ୍ଷଂ ଚ ସର୍ବପାପୈଃ ପ୍ରମୁଚ୍ୟତେ"

ଏହାର ଅର୍ଥ:

"ହେ, ଧର୍ମରାଜ ଯୁଧିଷ୍ଠିର, ବ୍ରାହ୍ମଣ, କ୍ଷେତ୍ରୀୟ, ବୈଶ୍ୟାଦି ସମସ୍ତ ଦ୍ୱିଜ ଋଷିକୁଲ୍ୟା ନଦୀରେ ସ୍ନାନ କରି ଯେଉଁ ପୁଣ୍ୟ ଅର୍ଜନ କରନ୍ତି ତାହାର ପ୍ରଭାବରେ ସମସ୍ତେ ଇନ୍ଦ୍ରଲୋକରେ ପ୍ରବେଶ କରନ୍ତି । ପୁନରାୟ ମଣିଷ ଯଦି ଋଷିକୁଲ୍ୟା ନଦୀରେ ସ୍ନାନ କରି ଶାକାହାରୀ ହୋଇ ଏହାର ତଟଭୂମିରେ ଏକ ମାସ ଅତିବାହିତ କରେ ତେବେ ସେ ଋଷିଲୋକରେ ପ୍ରବେଶ କରିବ । ପୁନଶ୍ଚ ହେ ଯୁଧିଷ୍ଠିର, ଉତ୍ତୁଙ୍ଗ ଭୃଗୁ ଭୂମିରେ ତପସ୍ୟା କରିବା କିମ୍ବା ଅଶ୍ୱମେଧ ଯଜ୍ଞ କରିବା ଫଳରେ ମନୁଷ୍ୟ ଯେଉଁପରି ସର୍ବପାପରୁ ମୁକ୍ତିଲାଭ କରେ, ସେହିପରି ଋଷିକୁଲ୍ୟା ନଦୀରେ ସ୍ନାନ କରିବା ଦ୍ୱାରା ମଣିଷ ସକଳ ପାପରୁ ମୁକ୍ତିଲାଭ କରିଥାଏ ।"

ଋଷିଶ୍ରେଷ୍ଠ କର୍ଦ୍ଦମ ସ୍ୱୟଂଭୂବ ମନୁଙ୍କ ପୁତ୍ରୀ ଦେବହୁତୀଙ୍କୁ ବିବାହ କରି ପଦ୍ମନାଭ ପର୍ବତର ପାଦଦେଶରେ ବାସ କଲେ । ଆଶ୍ରମରେ ରହି ଏକ ସହସ୍ରବର୍ଷ ତପସ୍ୟା କଲେ ଏବଂ ନିଜ ବ୍ୟବହାର ନିମନ୍ତେ ଏକ କୁଲ୍ୟା (ଝରଣା) ସୃଷ୍ଟି କଲେ । ଏହି ଝରଣା ପରବର୍ତ୍ତୀ ପର୍ଯ୍ୟାୟରେ ଋଷିକୁଲ୍ୟା ନାମରେ ନାମିତ ହେଲା । ଆଶ୍ରମରେ ଅବସ୍ଥାନ କାଳରେ କର୍ଦ୍ଦମ ଋଷି ଏବଂ ଦେବହୁତୀଙ୍କର ନଅଗୋଟି କନ୍ୟା ଯଥା- କଳା, ଅନସୂୟା, ଶ୍ରଦ୍ଧା, ହବିର୍ଭୁଃ, ଗତି, କ୍ରିୟା, କ୍ଷାତି, ଶାନ୍ତି ଓ ଅରୁନ୍ଧତୀ ଏବଂ ସନ୍ତାନ ରୂପେ ଭଗବାନ କପିଳ ଜନ୍ମ ହୋଇଥିଲେ । ପୁରାଣପ୍ରସିଦ୍ଧ ଏହି ପଦ୍ମନାଭ ପର୍ବତଟି ଚୂଡ଼ାଖାଇ ନଦୀ ତଟଦେଶରୁ ଦୃଶ୍ୟମାନ ହୋଇଥାଏ ।

ଋଷିକୁଲ୍ୟା ସମ୍ପର୍କରେ ସ୍କନ୍ଦ ପୁରାଣରେ ମଧ୍ୟ ଉଲ୍ଲେଖ ରହିଛି ।

"ଋଷିକୁଲ୍ୟାଂ ସମାସାଦ୍ୟ ଯାବତ୍ ବୈତରଣୀ ନଦୀ
ତୀର୍ଥଯାତ୍ରା ବିନାଗଛତ ପୁନଃ ସଂସ୍କାରମର୍ହତି"

ଋଷିକୁଲ୍ୟା ନଦୀକୁ ନେଇ ରାଶିରାଶି ସାହିତ୍ୟ ସର୍ଜନା ହୋଇଛି । କବି ପୀତାମ୍ବର ଦାସଙ୍କ କୃତ 'ଚତୁର୍ଥ ରତ୍ନାକର'ରେ ଉଲ୍ଲେଖ ରହିଛି-

"ଋଷିକୁଲ୍ୟା ନଦୀ ତୀରେ ଅଟେ ମୋର ମଠ
କୁଟୁମ୍ବ ଜଞ୍ଜାଳେ ପଡ଼ି କଲି କାଳ ନଷ୍ଟ
ଖୋରାକ ଯେଉଁଦିନ ନ ମିଳେ କଦାଚିତେ
କୁଟୁମ୍ବ ଆକୁଳେ ମନ ଘାଣ୍ଟିହୁଏ ନିତ୍ୟେ ।"



ପ୍ରାବନ୍ଧିକ, ଗବେଷକ ତାରିଣୀ ଚରଣ ରଥ ତାଙ୍କ ରଚିତ 'ଋଷିକୁଲ୍ୟା' କାବ୍ୟରେ ଉଲ୍ଲେଖ କରିଛନ୍ତି-

"ଅୟି ଋଷିକୁଲ୍ୟା ! ଋଷିମାଳ ସୂତେ
ହୋଇ ସହଚର କଳ୍ପନାର ନେତ୍ରେ
ଦେଖିଲି ତ ମୁହିଁ ଯେତେ ଦୃଶ୍ୟାବଳୀ
କ୍ଷୀଣ ଲେଖନୀ ମୋ ନ ପାରଇ ଚଳି
ଦେଖିଅଛି ଗଙ୍ଗା ପୁଣି ଗୋଦାବରୀ
ନ ମଣଇ କିମ୍ବା କାହାକୁ ତୋ ସରି
ତୋ ନାମ ସ୍ମରଣେ ତୋ ରୂପ ଦର୍ଶନେ
ଆନନ୍ଦ ଉଚ୍ଛ୍ୱାସ ଉପୁଜଇ ମନେ ।"

ସେହିଭଳି କବିଶେଖର ଚିନ୍ତାମଣି ମହାନ୍ତି ଋଷିକୁଲ୍ୟାର ମୋହିନୀ ରୂପକୁ ଦେଖି ବିଭୋର ହୋଇଛନ୍ତି ।

"ଦିଶିଲାଣି ଋଷିକୁଲ୍ୟା ଏଇତ ଆଗରେ
ଶିଖିଭୀତ ଫଣା ପରି ଗତି କରେ ଖରେ
ଋଷି ତପସ୍ୟା ସମ୍ଭବା ଋଷିମାଳ କନ୍ୟା
ସୁପବିତ୍ରା ସ୍ୱଚ୍ଛନୀରା ନଦୀକୂଳ ଧନ୍ୟା"

## ପ୍ରାଚୀନ ପାଲୁର ବନ୍ଦର

ଋଷିକୁଲ୍ୟା ଉପତ୍ୟକାରେ ଥିବା ଦନ୍ତପୁର ପ୍ରାଚୀନ କଳିଙ୍ଗର ରାଜଧାନୀ ଓ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଥିଲା । ଋଷିକୁଲ୍ୟା ମୁହାଁଣର ପ୍ରାଚୀନ ପୋତାଶ୍ରୟର ନାମ 'ପାଲୁର' ଥିଲା । ଇଜିପ୍ଟର ଭୌଗୋଳିକ ଟଲେମି ପାଲୁରକୁ କଳିଙ୍ଗ ଉପକୂଳର ଏକ ବୃହତ୍ ବନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଅଶୋକଙ୍କ ରାଜତ୍ୱ ସମୟରେ ଗଞ୍ଜାମଣ ବଣିକ ମାନେ ଋଷିକୁଲ୍ୟା ନଦୀରେ ପଣ୍ୟଦ୍ରବ୍ୟ ନେଇ ପାଲୁର-ଦନ୍ତପୁର ବନ୍ଦରରେ ପହଞ୍ଚି ସେଠାରୁ ବଙ୍ଗୋପ ସାଗରରେ ସାମୁଦ୍ରିକ ଯାତ୍ରା କରି ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କ ସହ ବାଣିଜ୍ୟ କାରବାର କରୁଥିଲେ ।

କଙ୍ଗୋଦ ରାଜ୍ୟର ଶୈଳୋଦ୍ଭବ ବଂଶୀୟ ଶାସକଗଣ ଦକ୍ଷିଣ-ପୂର୍ବ ଏସିଆର ବର୍ମା (ମ୍ୟାଁମାର), ମାଳୟ (ମାଲେସିଆ), ଜାଭା (ଯବଦ୍ୱୀପ), ସୁମାତ୍ରା (ସୁବର୍ଣ୍ଣଦ୍ୱୀପ), ବାଲି (ବଳୀ ଦ୍ୱୀପ), ବୋର୍ଣ୍ଣିଓ (ବରୁଣ ଦ୍ୱୀପ), ଶ୍ୟାମ (ଥାଇଲାଣ୍ଡ), କମ୍ବୋଜ (କାମ୍ବୋଡ଼ିଆ), ସିଂହଳ (ଶ୍ରୀଲଙ୍କା) ଆଦି ଦେଶମାନଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । ଋଷିକୁଲ୍ୟା ନଦୀ ଦେଇ ବିଦେଶକୁ ହାତୀ, ହାତୀଦାନ୍ତ, ରତ୍ନପଥର, ପାନ,ଗୁଆ, ଧାନ, ପାଟବସ୍ତ୍ର, ତୈଳବୀଜ, ହୀରା, ପଥରମୂର୍ତ୍ତି ଆଦି ବିଦେଶକୁ ରପ୍ତାନୀ ହେଉଥିଲା । ବିଦେଶରୁ ମସଲା, ଚିନାପାତ୍ର, ତମ୍ବା, ମୁକ୍ତା, ସୁନା ପ୍ରଭୃତି ଆମଦାନି ହେଉଥିଲା ।

ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶା ବନ୍ଦରରୁ ଚଳାଚଳ କରୁଥିବା ହିନ୍ଦୁ ମାଲିକମାନଙ୍କ ଜାହାଜର ନାମ ଗୋପାଳସ୍ୱାମୀ, ଭବାନୀଶଙ୍କର, ଶମ୍ଭୁଶିବ, ଗୃହଲକ୍ଷ୍ମୀ, ଭେଙ୍କଟଚଳମ୍ ଆଦି ଥିଲା ବୋଲି ଡ. ଦେବେନ୍ଦ୍ର ମାନସିଂହ ତାଙ୍କର 'ପ୍ରାଚୀନ ନୌବାଣିଜ୍ୟ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ।


## ଋଷିକୁଲ୍ୟା ମୁହାଁଣ: ଅଲିଭ୍ ରିଡ୍‌ଲେଙ୍କ ସ୍ୱର୍ଗ

ଋଷିକୁଲ୍ୟା ମୁହାଁଣରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିବାକୁ ଆସୁଛନ୍ତି ବୋଲି ୧୯୯୩ ମସିହାରେ ପ୍ରଥମେ ଜଣାପଡ଼ିଲା । ଭାରତୀୟ ବନ୍ୟ ପ୍ରାଣୀ ସଂସ୍ଥା ଏବଂ ଓଡ଼ିଶା ବନ ବିଭାଗର ମିଳିତ ସର୍ଭେ ରିପୋର୍ଟରୁ ଏ ସଂପର୍କରେ ସୂଚନା ମିଳିଲା । ଋଷିକୁଲ୍ୟା ମୁହାଁଣ ନିକଟରେ ଥିବା ମତ୍ସ୍ୟଜୀବୀ ଗାଁ ଯଥା- ପାଲିବନ୍ଧ, ପୁରୁଣାବନ୍ଧ, ଗୋଖରକୁଦ, କଣ୍ଟିଆପଦାର ଲୋକେ ଏ ସଂପର୍କରେ ଜ୍ଞାତଥିଲେ । ମାତ୍ର, ଜଙ୍ଗଲ ବିଭାଗ ଏହା ଜାଣିପାରି ନଥିଲା ।

ପ୍ରତିବର୍ଷ ନଭେମ୍ବର ମାସରୁ ଜାନୁୟାରୀ ଶେଷ ମଧ୍ୟରେ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛମାନେ ଓଡ଼ିଶାର ଋଷିକୁଲ୍ୟା ମୁହାଁଣ ସମେତ ଦେବୀ ନଦୀ ମୁହାଁଣ ଓ ଗହୀରମଥା ଅଭୟାରଣ୍ୟକୁ ଅଣ୍ଡା ଦେବାକୁ ଆସିଥାନ୍ତି । ଏହି ସମୟରେ ଏହି ନଦୀ ମୁହାଁଣର ବାଲୁକା ଶଯ୍ୟାରେ ପୁରୁଷ ଓ ସ୍ତ୍ରୀ କଇଁଛ ମଧ୍ୟରେ ମିଳନ ଘଟେ ଏବଂ ସେମାନେ ଅଣ୍ଡା ଦାନ କରି ସେଗୁଡ଼ିକୁ ବାଲିରେ ପୋତି ଦେଇ ପୁନର୍ବାର ନିଜର ଗନ୍ତବ୍ୟ ସ୍ଥଳକୁ ଫେରି ଯାଆନ୍ତି । ଅଣ୍ଡା ଦେବାର ୫୦ ଦିନ ପରେ ଛୁଆ କଇଁଛମାନେ ଅଣ୍ଡାରୁ ଆପେ ଆପେ ବାହାରି ସମୁଦ୍ର ମଧ୍ୟକୁ ଚାଲି ଯାଆନ୍ତି । କଇଁଛମାନଙ୍କ ସୁରକ୍ଷା ପାଇଁ "ଋଷିକୁଲ୍ୟା ସାମୁଦ୍ରିକ କଇଁଛ ସୁରକ୍ଷା ସମିତି" ନାମରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା କାର୍ଯ୍ୟ କରୁଛି । ଏହା ସହିତ ବନ ବିଭାଗର ଅଧିକାରୀମାନେ କଇଁଛଙ୍କ ସୁରକ୍ଷା ନେଇ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମମାନ ହାତକୁ ନେଉଛନ୍ତି । ଏହା ସତ୍ତ୍ୱେ ଏସବୁ ମୁହାଁଣମାନଙ୍କରେ ସାମୁଦ୍ରିକ କଇଁଛମାନେ ଅସୁରକ୍ଷିତ ।

## ଋଷିକୁଲ୍ୟା ତୀରରେ ତାରାତାରିଣୀ ଶକ୍ତି ପୀଠ

ଋଷିକୁଲ୍ୟା ନଦୀ ତୀରରେ ଥିବା କୁମାରୀ ପାହାଡ଼ର ଶୀର୍ଷ ପ୍ରଦେଶରେ ତାରାତାରିଣୀଙ୍କ ପୀଠ ଅବସ୍ଥିତ । ଏହା ଭାରତବର୍ଷର ଅନ୍ୟତମ ପ୍ରମୁଖ ଶକ୍ତିପୀଠ । ପତ୍ନୀ ସତୀଙ୍କ ମୃତ୍ୟୁରେ ମହାଦେବ ଶିବ ଏକପ୍ରକାର ଉନ୍ମତ୍ତ ହୋଇ ପଡ଼ିଥିଲେ । ଏହି କାରଣରୁ ସେ ପତ୍ନୀ ସତୀଙ୍କ ଶବକୁ ଧରି ତାଣ୍ଡବ ନୃତ୍ୟ କରିଥିଲେ । ଶିବଙ୍କ ତାଣ୍ଡବ ନୃତ୍ୟ ଯୋଗୁଁ ମହାପ୍ରଳୟ ସୃଷ୍ଟି ହେବାର ଆଶଙ୍କା କରି ଭଗବାନ ବିଷ୍ଣୁ ନିଜ ସୁଦର୍ଶନ ଚକ୍ରରେ ସତୀଙ୍କୁ ଖଣ୍ଡବିଖଣ୍ଡିତ କରି ବିଭିନ୍ନ ସ୍ଥାନରେ ପକାଇଥିଲେ । ଦେବୀ ସତୀଙ୍କ ସ୍ତନ ଏହିଠାରେ ପଡ଼ିଥିଲା । ଏଣୁ





ଏହା 'ସ୍ତନକ୍ଷେତ୍ର' ଭାବେ ପରିଚିତ । ମାତ୍ର, ଆଉ କିଛି ଗବେଷକଙ୍କ ମତରେ ଏହା ବୌଦ୍ଧ ଦେବୀ ତାରାଙ୍କ ପୀଠ ଅଟେ । ଏଠାରେ ଦେବୀ ତାରା ଓ ତାରିଣୀ ପୂଜା ପାଇଥାନ୍ତି । ଏହି ଦୁଇ ମୂର୍ତ୍ତି ପଥରରେ ନିର୍ମିତ । ଜଣେ ଦେବୀ ସୁନା ଓ ଅନ୍ୟ ଜଣେ ଦେବୀ ରୂପାର ଗହଣା ପରିଧାନ କରିଥାନ୍ତି ।  ଏହି ଦୁଇ ପଥର ମୂର୍ତ୍ତି ମଧ୍ୟରେ ଦୁଇଟି ପିତଳ ମୁଖା ପୂଜା ପାଉଛନ୍ତି । ସେମାନେ ହେଉଛନ୍ତି ତାରା ଓ ତାରିଣୀଙ୍କ ଚଳନ୍ତି ପ୍ରତିମା ।

ତାରାତରିଣୀ ପୀଠରୁ ଅଶୋକଙ୍କ ଜଉଗଡ଼ର ଦୂରତା ମାତ୍ର ୪ କିଲୋମିଟର । କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରିଥିଲେ । ଜଉଗଡ଼ ଏବଂ ଏହା ସଂଲଗ୍ନ ଅ*ଳରେ ବୌଦ୍ଧ ଧର୍ମ (ମହାଯାନ)ର ପ୍ରଭାବ ଥିଲା । ଏଣୁ ତାରାତାରିଣୀ ବୌଦ୍ଧଦେବୀ ବୋଲି ଗବେଷକମାନେ ଯୁକ୍ତି ଉପସ୍ଥାପନ କରନ୍ତି । ତାରାତାରିଣୀ ଅଶୋକଙ୍କ ପୀଠ ଦେବୀ ଥିଲେ । 'ତାରା' ଯେହେତୁ ବୁଦ୍ଧ ଦେବୀ, ଏହାକୁ ଦୃଷ୍ଟିରେ ରଖି ତାରାତାରିଣୀଙ୍କୁ ବୌଦ୍ଧ ଦେବୀ ଭାବେ ଉପସ୍ଥାପନ କରାଯାଉଛି । ଏଠାରେ ପ୍ରତିବର୍ଷ ଚୈତ୍ର ପର୍ବ ଧୁମଧାମରେ ପାଳିତ ହୋଇଥାଏ । ଚୈତ୍ର ମାସର ପ୍ରତି ମଙ୍ଗଳ ବାର ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ ।

## ଋଷିକୁଲ୍ୟା ଓ ଜଉଗଡ଼

ଋଷିକୁଲ୍ୟା ନଦୀ ଉପତ୍ୟକାରେ ଶୈବ, ବୈଷ୍ଣବ, ଶାକ୍ତ ଓ ସୌର ଉପାସନାର ବହୁଳ ନିଦର୍ଶନ ରହିଛି । କୃଷ୍ଣଗିରି ଜୈନଧର୍ମର କେନ୍ଦ୍ରସ୍ଥଳ ଥିଲାବେଳେ ଜଉଗଡ଼, ସମାଗା, କ୍ଷପିଙ୍ଗଳ ଗିରି, ଦନ୍ତପୁର (ପାଲୁର) ଆଦି ବୌଦ୍ଧ ଧର୍ମର ପ୍ରାଣକେନ୍ଦ୍ର ଥିଲା ।

ଜଉଗଡ଼ ହେଉଛି ଏକ ପ୍ରାଚୀନ ଦୁର୍ଗ । ଏହା ତାରାତାରିଣୀ ପୀଠରୁ ମାତ୍ର ୪ କିଲୋମିଟର ଦୂରରେ ଋଷିକୁଲ୍ୟା ନଦୀର ଉତ୍ତର ତୀରରେ ଅବସ୍ଥିତ । ଏଠାରେ ସମ୍ରାଟ ଅଶୋକଙ୍କ ଶିଳାଲେଖ ମଧ୍ୟ ରହିଛି । ଏହି କ୍ଷେତ୍ରଟି "ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା" (ଏଏସ୍ଆଇ) ଦ୍ୱାରା ସଂରକ୍ଷିତ । ଏଏସ୍ଆଇ ଏହି ଶିଳାଲେଖ ଉପରେ ଏକ କଂକ୍ରିଟ ଛାତ ନିର୍ମାଣ କରିବା ସହ ଗ୍ରୀଲ୍ ଲଗାଇ ଏହାର ସୁରକ୍ଷା ବ୍ୟବସ୍ଥା କରିଛି । 'ଜଉଗଡ଼' ବର୍ତ୍ତମାନର ପୁରୁଷୋତ୍ତମପୁରଠାରୁ ମାତ୍ର ୫ କିଲୋମିଟର ଦୂରରେ ଅବସ୍ଥିତ ।

ପ୍ରତ୍ନତତ୍ତ୍ୱବିତ୍ ଆର୍.ପି. ମହାପାତ୍ରଙ୍କ "ଆର୍କିଓଲୋଜି ଇନ୍ ଓଡ଼ିଶା" ପୁସ୍ତକ ଅନୁସାରେ, 'ଜଉଗଡ଼'ର ଅର୍ଥ ହେଉଛି 'ଜଉ' (ଲାଖ) ନିର୍ମିତ 'ଗଡ଼' (ଦୁର୍ଗ) । ଏହାକୁ ମହାଭାରତ ସମୟର ନିର୍ମାଣ ବୋଲି କେହି କେହି କୁହନ୍ତି । ପଞ୍ଚୁ ପାଣ୍ଡବଙ୍କୁ ହତ୍ୟା କରିବା ପାଇଁ ଦୁର୍ଯ୍ୟୋଧନ ଜଉ (ଲାଖ)ରେ ଏଭଳି ଏକ ଗୃହ ନିର୍ମାଣ କରିଥିଲେ । ପଞ୍ଚୁପାଣ୍ଡବଙ୍କ ଉପସ୍ଥିତିର ପ୍ରମାଣସ୍ୱରୂପ, ଜଉଗଡ଼ଠାରେ ଥିବା ଗୁପ୍ତେଶ୍ୱର ଶିବ ମନ୍ଦିରରେ ପା*ଗୋଟି ପଥର ମୂର୍ତ୍ତି ପଞ୍ଚୁ ପାଣ୍ଡବ ଭାବେ ପୂଜା ପାଉଛନ୍ତି ।

ମାତ୍ର, 'ଜଉଗଡ଼' ଯେ ଏକ ମହାଭାରତୀୟ କାଳର ନିର୍ମାଣ, ଏହା ପଛରେ ସେଭଳି କିଛି ଯୁକ୍ତି ବା ପ୍ରମାଣ ଆପାତତଃ ନାହିଁ । ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଜେ.ଡି. ବେଗ୍ଲାର ୧୮୭୪ ମସିହାରେ ଏଠାକୁ ବୁଲିଆସି ଏହାର ମୂଳନାମ 'ଜଗତ' ବୋଲି ଦର୍ଶାଇଥିଲେ ଏବଂ ପରବର୍ତ୍ତୀ କାଳରେ ଏହା ଜଉଗଡ଼ ହୋଇଛି ବୋଲି କହିଥିଲେ ।

ଖ୍ରୀ:ପୂ: ୨୬୧ରେ କଳିଙ୍ଗ ଯୁଦ୍ଧ ପରେ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ପଞ୍ଚମ

ପ୍ରୋଭିନ୍‌ସ ହୋଇଥିଲା । ଭୁବନେଶ୍ୱର ନିକଟ 'ତୋଷାଳି' ଏବଂ ଗଞ୍ଜାମ ନିକଟ 'ସମ୍ପା' କଳିଙ୍ଗ ପ୍ରୋଭିନ୍‌ସର ଦୁଇ ରାଜଧାନୀ ଥିଲା । ଧଉଳି (ତୋଷାଳି) ଭଳି ଜଉଗଡ଼ (ସମ୍ପା)ରେ ମଧ୍ୟ ଅଶୋକଙ୍କ ଶିଳାଭିଲେଖ ଖୋଦିତ ହୋଇଛି ।

ଜଉଗଡ଼ରେ ତିନୋଟି ପ୍ଲେଟରେ ତିନିଟି ଶିଳାଲେଖ ରହିଛି । ଏହା ପ୍ରାକୃତ ଭାଷାରେ ଏବଂ ବ୍ରାହ୍ମୀ ଲିପିରେ ଖୋଦିତ ହୋଇଛି । ଏସବୁ ଶିଳାଲେଖରେ ଅଶୋକଙ୍କ ଦ୍ୱାରା ନିଯୁକ୍ତ ବୌଦ୍ଧ ଧର୍ମ ପ୍ରଚାରକ 'ଧର୍ମ ମହାମାତ୍ର'ଙ୍କ ଉଦ୍ଦେଶ୍ୟରେ ବୌଦ୍ଧବାଣୀ ଓ ନୀତିନିୟମ ଖୋଦିତ ହୋଇଛି ।

ଜଉଗଡ଼ ଦୁର୍ଗଟି ଧ୍ୱଂସ ପାଇଯାଇଥିବାରୁ ଏହାର ନିର୍ମାଣ ସମୟ ନେଇ ଭିନ୍ନମତ ରହିଛି । ଜଉଗଡ଼ରୁ ଅନେକ ତମ୍ବା ମୁଦ୍ରା (କୁଶାଣ ମୁଦ୍ରା) ମିଳିଛି । ଏଣୁ ଏଠାରେ କୁଶାଣମାନଙ୍କ ରାଜଧାନୀ ଥାଇପାରେ ବୋଲି ଅନୁମାନ କରାଯାଉଛି । 'ଜଉଗଡ଼' ଶୈଳୋଦ୍ଭବ ବଂଶୀ ଶାସକମାନଙ୍କର ଦୁର୍ଗ ଥିଲା



ବୋଲି ଐତିହାସିକ ଏସ୍.ସି. ବେହେରା ମତ ଦିଅନ୍ତି ।

ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଦେବଳା ମିତ୍ରଙ୍କ ତତ୍ତ୍ୱାବଧାନରେ "ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା" ପକ୍ଷରୁ ୧୯୫୬-୫୭ ମସିହାରେ 'ଜଉଗଡ଼'ର ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା । 'ଜଉଗଡ଼' ପ୍ରାଚୀନ ଓଡ଼ିଶାର ଏକ ସହର ଥିଲା । ଏହାକୁ ପ୍ରାଚୀନ ଋଷିକୁଲ୍ୟା ସଭ୍ୟତାର ଏକ ସ୍ମାରକୀ ଭାବେ ବିଚାର କରାଯାଇପାରେ ।

## ପୋତାଗଡ଼ ଦୁର୍ଗ

ଋଷିକୁଲ୍ୟା ନଦୀ ମୁହାଁଣରୁ ଅଳ୍ପ ଦୂରରେ ଛତ୍ରପୁର ଓ ଗଞ୍ଜାମ ନିକଟରେ ପ୍ରସିଦ୍ଧ ଦୁର୍ଗ 'ପୋତାଗଡ଼' ଅବସ୍ଥିତ । ଏହି ଦୁର୍ଗର ବିଶେଷତ୍ୱ ହେଉଛି; ଏହା ତାରକା ଆକୃତିର ଏବଂ ଚତୁର୍ପାର୍ଶ୍ୱରେ ମୋଟେଇ କାନ୍ଥଯୁକ୍ତ ପ୍ରାଚୀର ଘେରି ରହିଛି । ପ୍ରାଚୀର ପାର୍ଶ୍ୱରେ ଗଭୀର ଗଡ଼ଖାଇ ମଧ୍ୟ ଖନନ କରାଯାଇଥିଲା । ଶତ୍ରୁମାନେ ସହଜରେ ଆକ୍ରମଣ ନ କରିବା ଉଦ୍ଦେଶ୍ୟରେ ଦୁର୍ଗର ଆକାର 'ତାରକା' ଭଳି କରାଯାଇଥିଲା ।

ଇଂରେଜ ଅଧିକାରୀ ଏଡ଼ୱାର୍ଡ କଷ୍ଟଫର୍ଡଙ୍କ ଦ୍ୱାରା ୧୭୬୮ ମସିହାରେ ଏହି ଦୁର୍ଗ ଋଷିକୁଲ୍ୟା ନଦୀ କୂଳରେ ନିର୍ମିତ ହୋଇଥିଲା । ଏହା ଗୋଟିଏ ମାତ୍ର ଦୁର୍ଗ ନୁହେଁ ବରଂ ଅନେକ ଦୁର୍ଗର ସମାହାର । ଆକାଶମାର୍ଗରୁ ଦେଖିଲେ, ଏହାର ଆକାର ଏକ ତାରକା ଭଳି ମନେହୁଏ । ତାରକା ଆକୃତି ଏବଂ ଏହା ନିକଟରେ ଅବସ୍ଥିତ ମସଜିଦ୍ ପ୍ରମାଣିତ କରେ, ଏହି ଦୁର୍ଗକୁ ପୂର୍ବରୁ କେହି ମୁସଲମାନ ଶାସକ ନିର୍ମାଣ କରି ଥାଇପାରନ୍ତି । ଏହି ଦୁର୍ଗରୁ ଏକ ଗୁପ୍ତ ପଥ ସମୁଦ୍ର ଆଡ଼କୁ ଏବଂ ଅନ୍ୟ ଏକ ସୁଡ଼ଙ୍ଗ ପଥ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଛି । ଶତ୍ରୁ ଆକ୍ରମଣର ସମ୍ଭାବନା ଦେଖିବା ମାତ୍ରେ ଏହି ଗୁପ୍ତ ପଥ ଦେଇ ସମୁଦ୍ରରେ ପହଞ୍ଚିବା ସହ ସେଠାରୁ ନୌକା କିମ୍ବା ଜାହାଜ ଦ୍ୱାରା ବାହାରକୁ ଚାଲିଯାଇ ହେବ । ନଦୀ ପର୍ଯ୍ୟନ୍ତ ଯାଇଥିବା ସୁଡ଼ଙ୍ଗ ପଥ ଦେଇ ସମ୍ଭବତଃ ରାଣୀ ସ୍ନାନ କରିବାକୁ ଯାଉଥିଲେ । ଦୁର୍ଗର ଦୁଇଟି ଦ୍ୱାର ଅଛି । ଗୋଟିଏ ଦ୍ୱାର ସମ୍ମୁଖ ଭାଗରେ ଏବଂ ଅନ୍ୟ ଦ୍ୱାରଟି ପଛ ଭାଗରେ ନଦୀ ଆଡ଼କୁ ମୁହଁ କରି ରହିଛି । ତେବେ ମୁଖ୍ୟ ଦ୍ୱାରଟି ଧ୍ୱଂସ ପାଇଗଲାଣି । ମାତ୍ର ପଛ ଦ୍ୱାର ଶକ୍ତ ଅଛି । ଦୁର୍ଗ ମଧ୍ୟରେ ବିଭିନ୍ନ ପ୍ରକାର କୋଠା, ଆୟୁଧାଗାର, ତୋପ, କମାଣଶାଳ, କଷ୍ଟମ ହାଉସ୍, ଆର୍ମରି, ଷ୍ଟୋର୍ ହାଉସ୍ ଆଦି ନିର୍ମାଣ କରାଯାଇଥିଲା ।

ୱାର୍ଲ୍ଡ ବ୍ୟାଙ୍କର "ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ଜୋନ୍ ମ୍ୟାନେଜ୍‌ମେଣ୍ଟ ପ୍ରୋଜେକ୍ଟ" (ଆଇସିଜେଡ୍‌ଏମ୍‌ପି) ପ୍ରକଳ୍ପ ଜରିଆରେ ରାଜ୍ୟ ସରକାର ପୋତାଗଡ଼ର ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି ।

୧୮୧୫ ମସିହାରେ ମହାମାରୀ ପ୍ରବଳ ରୂପ ନେବାରୁ ଏଠାରେ ଲକ୍ଷାଧିକ ଲୋକ ପୋକମାଛି ଭଳି ମରିଥିଲେ । ସେହିଭଳି ୧୯୯୦ ମସିହାରେ ଋଷିକୁଲ୍ୟାରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ମଧ୍ୟ ଦୁର୍ଗର ଅନେକ କ୍ଷୟକ୍ଷତି ଘଟିଥିଲା । ଏହାପରେ ଏହି ଦୁର୍ଗର ଗୁରୁତ୍ୱ କ୍ରମେ ହ୍ରାସ ପାଇଥିଲା ।

## ଘୋଡ଼ାହାଡ଼ ଡ୍ୟାମ୍ ଓ ଉଜ୍ୱଳେଶ୍ୱର ମନ୍ଦିର

ଋଷିକୁଲ୍ୟା ନଦୀର ପ୍ରମୁଖ ଉପନଦୀ ଘୋଡ଼ାହାଡ଼ ନଦୀରେ ଦିଗପହଣ୍ଡି ଠାରେ ଏକ ବୃହତ୍ ଜଳଭଣ୍ଡାର ନିର୍ମିତ ହୋଇଛି । ପାହାଡ଼କୁ ପାହାଡ଼ ସହ ଯୋଡ଼ି ଏହି ଜଳଭଣ୍ଡାର ନିର୍ମାଣ କରାଯାଇଛି । ଏହି ଡ୍ୟାମ ସଂଲଗ୍ନ ପାହାଡ଼ର ଶୀର୍ଷ ଦେଶରେ ଉଜ୍ୱଳେଶ୍ୱର ମହାଦେବଙ୍କ ମନ୍ଦିର ଓ ପାହାଡ଼ ଗୁମ୍ଫାମାନ ରହିଛି । ଏହି ଜଳଭଣ୍ଡାରରେ ବିଜୟନଗରଗଡ଼ (ପ୍ରାଚୀନ ଦୁର୍ଗ) ଜଳମଗ୍ନ ଅବସ୍ଥାରେ ରହିଛି । ଏହା ସହିତ ଏକ ପ୍ରାଚୀନ ମନ୍ଦିର ମଧ୍ୟ ଜଳଭଣ୍ଡାର ମଧ୍ୟରେ ସମାଧି ନେଇଛି । ମାତ୍ର ଜଳଭଣ୍ଡାର ନିର୍ମାଣ ଯୋଗୁଁ ଦିଗପହଣ୍ଡି ସମେତ ଗଞ୍ଜାମ ଜିଲ୍ଲାର ବହୁ ଚାଷ ଜମିରେ ଜଳସେଚନ ହୋଇପାରୁଛି । ଜଳଭଣ୍ଡାର ଚତୁର୍ପାର୍ଶ୍ୱରେ ରାଶି ରାଶି ପାହାଡ଼, ଜଙ୍ଗଲ ମଧ୍ୟରେ ହାତୀ, ହରିଣ ଭଳି ଜୀବଜନ୍ତୁ, ଘୋଡ଼ାହାଡ଼ ନଦୀର କୁଳୁକୁଳୁ ସ୍ରୋତ, ଏଠାରେ ଥିବା ହରିଣ ପାର୍କ ଓ ସର୍ବୋପରି ଏଠାକାର ପ୍ରାକୃତିକ ପରିବେଶ ଯେକୌଣସି ବ୍ୟକ୍ତିଙ୍କୁ ଆନମନା କରିଥାଏ ।

## ବାଘୁଆ ଡ୍ୟାମ୍

ଋଷିକୁଲ୍ୟା ନଦୀର ପ୍ରମୁଖ ଉପନଦୀ 'ବାଘୁଆ'ରେ ଏକ ଡ୍ୟାମ୍ ନିର୍ମାଣ କରାଯାଇଛି । ୨୦୦୩ ମସିହାରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିକଟରେ ଏହି ଡ୍ୟାମ୍‌ର ନିର୍ମାଣ କାମ ଶେଷ ହୋଇଛି । ଏହି ଡ୍ୟାମଟିର ଉଚ୍ଚତା ୧୭ ମିଟର । ଦୁଇଟି ପାହାଡ଼କୁ ଯୋଡ଼ି ଏହି ଡ୍ୟାମ ନିର୍ମାଣ କରାଯାଇଛି ।

## ଧନେଇ ଡ୍ୟାମ୍

ଋଷିକୁଲ୍ୟା ନଦୀର ପ୍ରମୁଖ ଉପନଦୀ 'ଧନେଇ'ରେ ଏକ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମିତ ହୋଇଛି । ଏହାର ଅନ୍ୟ ନାମ ଧନେଇ ଡ୍ୟାମ୍ । ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ୧୯୬୦ ମସିହାରେ ପଡ଼ିଥିଲା ଏବଂ ୧୯୬୫ ମସିହାରେ ଏହି ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଏହି ଡ୍ୟାମଟି ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକର ଚିରିକିପଡ଼ା ଶାସନରେ ଅବସ୍ଥିତ । ଦୁଇଟି ପାହାଡ଼କୁ ଯୋଡ଼ି ଏହି ଡ୍ୟାମ ନିର୍ମାଣ କରାଯାଇଛି । ଏହି ଡ୍ୟାମ ଯୋଗୁଁ ପୋଲସରା ଓ ବୁଗୁଡ଼ା ଅଞ୍ଚଳ ଚାଷ ଜମିକୁ ଜଳସେଚିତ ହୋଇଥାଏ ।

ଗଙ୍ଗା, ନର୍ମଦା, ବୈତରଣୀ ଭଳି ଋଷିକୁଲ୍ୟା ନଦୀ ମଧ୍ୟ ଏକ ପବିତ୍ର ନଦୀ । ଓଡ଼ିଶାରେ ଏହି ନଦୀକୁ ପୂଜା କରାଯାଏ । ଏହି ନଦୀଟି ଓଡ଼ିଶାରୁ ଉତ୍ପତ୍ତିଲାଭ କରି ଓଡ଼ିଶାରେ ସମୁଦ୍ର ମଧ୍ୟରେ ବିଲୀନ ହୋଇଛି । କିନ୍ତୁ ଋଷିକୁଲ୍ୟା ପ୍ରତି ଏବେ ବିଭିନ୍ନ ଦିଗରୁ ବିପଦ ଦେଖାଦେଇଛି । ଋଷିକୁଲ୍ୟା ମୁହାଁଣ ପୋତି ହୋଇ ପଡୁଥିବାରୁ ସମୁଦ୍ର ମଧ୍ୟକୁ ଜଳ ନିଷ୍କାସନରେ ବିଭ୍ରାଟ ଦେଖାଦେଉଛି ।

ସଂସ୍ମରଣ

# ମହିୟସୀ ମହାଶ୍ୱେତା



# ସାହିତ୍ୟର ସ୍ରୋତସ୍ୱିନୀ : ମହାଶ୍ୱେତା ଦେବୀଙ୍କ ଚିରନ୍ତନ ବାଣୀ


**ଡକ୍ଟର ମଣୀନ୍ଦ୍ର କୁମାର ମେହେର**

ପୂର୍ବତନ ବିଭାଗୀୟ ମୁଖ୍ୟ:
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯
ଫୋନ: ୯୯୩୭୭୩୬୫୬୯୮


ଫଟୋ ସୌଜନ୍ୟ : ଗୁଗୁଲ୍



▲ ଡକ୍ଟର ମଣୀନ୍ଦ୍ର କୁମାର ମେହେର

ନିଜ ପ୍ରଦେଶର ସାହିତ୍ୟ ସ୍ରଷ୍ଟାମାନଙ୍କ ପ୍ରତି ହୃଦୟରେ ଅସୀମ ଶ୍ରଦ୍ଧା ରହିବା ସ୍ୱାଭାବିକ । ତେବେ ସାହିତ୍ୟର ବଳୟ କେତେ ସଂପ୍ରସାରିତ ତାହା ଉପଲବ୍ଧି କରିହୁଏ ଅନ୍ୟ ଭାଷା ଓ ସାହିତ୍ୟର ସ୍ରଷ୍ଟାମାନଙ୍କୁ ଅନୁଭବ କରିବା ଦ୍ୱାରା । ଓଡ଼ିଶା ବାହାରକୁ ଯାଇ କେଉଁ ଲେଖକ ଲେଖିକାଙ୍କୁ ପ୍ରତ୍ୟକ୍ଷ ଭାବରେ ସାକ୍ଷାତ କରିବାର ସୁଯୋଗ କେବେ ମିଳିପାରେ– ଏକଥା ମୁଁ କଳ୍ପନା କରି ନଥିଲି । କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି ଯୁବ ଲେଖକ ଲେଖିକାଙ୍କ ସାହିତ୍ୟିକ ଭାବ ବିନିମୟ କରିବା ପାଇଁ ନିଜ ପ୍ରଦେଶ ବ୍ୟତୀତ ଅନ୍ୟ ପଦେଶକୁ ଯାତ୍ରା କରିବାର ଦୁର୍ଲଭ ସୁଯୋଗ ସୃଷ୍ଟି କରିବା । ଯଦିଓ ମୁଁ କଲେଜ ଛାତ୍ର ଥିବା ସମୟରୁ ଲେଖାଲେଖି ପ୍ରତି ହୋଇ ଯାଇଥିଲି ଧ୍ୟାନ ନିବିଷ୍ଟ ଓ ସେଇ ଧାରା ମୁଁ ଅଧ୍ୟାପକ ହେବା ପର୍ଯ୍ୟନ୍ତ ଥିଲା ଅବ୍ୟାହତ; ତଥାପି ଅନ୍ୟ ପ୍ରଦେଶକୁ ଯାତ୍ରାକରି କେଉଁ ପ୍ରସିଦ୍ଧ ଲେଖକ ଲେଖିକାଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟ ଲାଭ କରିବାର ସୁଯାଗ ପାଇବି– ଏହା ମୋ ପାଇଁ ଥିଲା କଳ୍ପନାତୀତ ।


ବରପାଲି ମହାବିଦ୍ୟାଳୟରେ ଅଧ୍ୟାପନା ଆରମ୍ଭ କରିଥିଲି ୧୯୮୭ ମସିହାରେ । ସେତେବେଳେ ମୋର ବୟସ ୨୫ବର୍ଷ, ୧୯୯୭ ମସିହାରେ ଯେତେବେଳେ ମୋତେ ୩୪ ବର୍ଷ ବୟସ, ସେତିକି ବେଳେ ସାହିତ୍ୟ ଏକାଡ଼େମୀରୁ ପାଇଲି ଶୁଭ ସଂକେତ–ନିହିତ ଏକ ପତ୍ର, ଯେଉଁଠି ଅନ୍ୟ ପ୍ରଦେଶକୁ ଯାତ୍ରା କରିବାର ଏକ ସୁଯୋଗ ସାହିତ୍ୟ ଏକାଡ଼େମୀ ପ୍ରଦାନ କରିଥିଲେ ମୋତେ । ଏହାର ପଶ୍ଚାତ୍‌ରେ ଏକାଡ଼େମୀର ସଦସ୍ୟ ଥିବା ବିଶିଷ୍ଟ କଥାଶିଳ୍ପୀ ଦୟାଲାଲ୍ ଯୋଶୀଙ୍କ ଆଶୀର୍ବାଦ ରହିଥିଲା ପ୍ରଚ୍ଛନ୍ନ ହୋଇ ।

୧୯୯୭ ମସିହା ମାର୍ଚ୍ଚ ମାସରେ ମୋର ଅତ୍ୟନ୍ତ ଘନିଷ୍ଠ ଛାତ୍ର ବର୍ତ୍ତମାନ ସମ୍ବଲପୁର ବିଶ୍ୱବଦ୍ୟାଳୟର ଆସିଷ୍ଟାଣ୍ଟ୍ ପ୍ରଫେସର ଡକ୍ଟର ଶୁକମୁନି ମେହେରଙ୍କୁ ସାଥିରେ ନେଇ ବାହାରିଥିଲି କୋଲକାତା ଉଦ୍ଦେଶ୍ୟରେ । ସେଠାରେ ପହଞ୍ଚିବା ପରେ ସାହିତ୍ୟ ଏକାଡ଼େମୀର ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇ କର୍ମକର୍ତ୍ତାମାନଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିବା ଥିଲା ମୋର ପ୍ରଥମ କର୍ତ୍ତବ୍ୟ । କିନ୍ତୁ କିଏ ବା ଜାଣିଥିଲା ଯେ ବଙ୍ଗଳା ସାହିତ୍ୟ ଜଗତର ଦେବୀ ସଦୃଶା ଜଣେ ମହାନ ଲେଖିକାଙ୍କ ସହିତ ସେହି ସନ୍ଧ୍ୟାରେ ହିଁ ହେଇଯିବ ଅଲୌକିକ ସାକ୍ଷାତ । ଏକାଡ଼େମୀର ପ୍ରତ୍ୟେକ କର୍ମଚାରୀ ସହଯୋଗର ସଦିଚ୍ଛା ପୂର୍ଣ୍ଣ ହସ୍ତ ପ୍ରସାରିତ କରି ଦେଇଥିଲେ । କେଜାଣି କେମିତି ତାଙ୍କ ମଧ୍ୟରେ ଆସିଲା ଏକ ସ୍ୱତସ୍ଫୂର୍ତ୍ତ ପ୍ରେରଣା ଯେ ମହାଶ୍ୱେତା ଦିଦି ଅଛନ୍ତି କି ନାହିଁ ନିଜ ଘରେ ତାହା ଜାଣିବା ସକାଶେ ସେମାନେ ଫୋନ୍ ମାଧ୍ୟମରେ ଯୋଗାଯାଗ କଲେ । ଉତ୍ତର ମିଳିଲା ସକରାତ୍ମକ । ତତ୍‌କ୍ଷଣାତ ବ୍ୟବସ୍ଥା କରିଦେଲେ ସେମାନେ । ମହାଶ୍ୱେତା ଦେବୀଙ୍କ ନିକଟକୁ ଆମକୁ ପହଞ୍ଚାଇ ଦେବା ପାଇଁ ଏକାଡ଼େମୀର ଜଣେ କର୍ମଚାରୀ ତାଙ୍କର ସୁପରିଚିତ ସଂକ୍ଷିପ୍ତ ପଥ ମଧ୍ୟ ଦେଇ ଚଲାଇ ଚଲାଇ ଆମକୁ ନେଇଗଲେ ସିଧାସଳଖ ମହାଶ୍ୱେତା ଦେବୀଙ୍କ ଗୃହ ସମ୍ମୁଖକୁ । ସେଠି ଆମକୁ ଛାଡ଼ିଦେଇ ସେ କଲେ ପ୍ରତ୍ୟାବର୍ତ୍ତନ । ଆମେ ସଙ୍କୁଚିତ ଚିତ୍ତରେ ପ୍ରବେଶ କରିଥିଲୁ ମହାଶ୍ୱେତା ଦେବୀଙ୍କ ନିଜସ୍ୱ ପ୍ରକୋଷ୍ଠ ମଧ୍ୟକୁ । ସମଗ୍ର ପ୍ରକୋଷ୍ଠଟି ଥିଲା ନିମ୍ନମଧ୍ୟବିତ୍ତ ଶ୍ରେଣୀର ଅବହେଳିତ ଦେଶବାସୀଙ୍କ ଗୃହ ପରି ସଂପୂର୍ଣ୍ଣ ନିରାଡ଼ମ୍ବର । ଗୋଟିଏ ଗଦି ସମ୍ମୁଖ ଭାଗରେ ଉପବିଷ୍ଟ ଥିଲେ ଖଟ ଉପରେ ଜଣେ ଅତ୍ୟନ୍ତ ନିକଟତର ମହାଶ୍ୱେତା ଦେବୀଙ୍କ ଜଣେ ସାହିତ୍ୟିକ ବନ୍ଧୁ । ଯାହାଙ୍କର ବୟସ ହୋଇଥାଇପାରେ ପ୍ରାୟ ୭୫ ।

ମହାଶ୍ୱେତା ଦେବୀ ଓ ତାଙ୍କର ସାରସ୍ୱତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ନିବେଦନ କରି ଆମେ ବି ବସିଲୁ ସେହି ଅତି ସାଧାରଣ ଖଟଟି ଉପରେ । ମହାଶ୍ୱେତା ଦେବୀ ସ୍ଥିର ଚକ୍ଷୁରେ ଜିଜ୍ଞାସୁ ଭାବ ନେଇ ଆମକୁ ଚାହିଁ ରହିଥିଲେ । କାହିଁକି ଆମେ ଆସିଛୁ ତାଙ୍କ ନିକଟକୁ ଏହା ବିନମ୍ରତାର ସହିତ ସଂକ୍ଷେପରେ ଉଚ୍ଚାରଣ କରିଥିଲି ମୁଁ । ମହାଶ୍ୱେତା ଦେବୀ ଏ ସମ୍ବାଦରେ ଅନୁଭବ କଲେ ଏକ ସ୍ନିଗ୍ଧ ଶିହରଣ ଯେପରି । ମୁଁ ଅତି ସାଧାରଣ ଓ ସ୍ୱାଭାବିକ ଭାବରେ ତାଙ୍କ ନିକଟକୁ ବୁଲି ଯାଇଥିବା ପରି ଆରମ୍ଭ କରିଥିଲି ବାର୍ତ୍ତାଳାପ । ତାଙ୍କ ରଚିତ 'ଅରଣ୍ୟର ଅଧିକାର' ପୁସ୍ତକଟି ପଢ଼ି ସାରିଥିଲି ସେତେବେଳେ । ପୁଣି 'ସଚିତ୍ର ବିଜୟା' ପତ୍ରିକାରେ ପ୍ରକାଶିତ ତାଙ୍କ ସାକ୍ଷାତକାର ସହିତ ଅନୁଦିତ ଗଳ୍ପ 'ମକର ଶବର', ପାଠ କରିଥିଲି । ସେ ସବୁର ଅନୁଭୂତି ମୋ ଅନ୍ତରରେ ରହିଥିଲା ସଂପୂର୍ଣ୍ଣ ସତେଜ ହୋଇ । ଏ ସଂପର୍କରେ ଭାବ ବିନିମୟ କରିବା ବେଳେ ମହାଶ୍ୱେତା ଦେବୀଙ୍କ ଯେଉଁ ଚକ୍ଷୁ ଯୁଗଳ ଥିଲା ସ୍ଥିର ଓ ନିଥର ଶୀତଳ ଜଳାଶୟ ପରି, ସେଥିରେ ସୃଷ୍ଟି ହୋଇଗଲା ଛୋଟ ଛୋଟ ଆଲୋକିତ ଢେଉ କେତୋଟି ।

ଆଦିବାସୀମାନଙ୍କ ସମ୍ପର୍କରେ ଲେଖନୀ ଚାଳନା କରି ଅନେକ ଲେଖକ ପ୍ରତିଷ୍ଠିତ ଆସନର ଅଧିକାରୀ । ଏସବୁ ଲେଖାଲେଖି ଦ୍ୱାରା ଆଦିବାସୀମାନଙ୍କର କ'ଣ କଲ୍ୟାଣ ସାଧିତ ହୁଏ ମୁଁ ତାହା

ଜାଣିପାରିନି । ବେଳେବେଳେ ଆମ ଓଡ଼ିଆ ସମ୍ବାଦ ପତ୍ରର ଶୀର୍ଷକ ଶୋଭିତ ହେଉଥାଏ ଏପରି ଯେ 'ଅମୁକ ଆଦିବାସୀଙ୍କ ପାଇଁ ସଂପୂର୍ଣ୍ଣ ସମର୍ପିତ ।' ଏହି ପ୍ରକାରର ସମ୍ବାଦରେ କେତେଖଣ୍ଡ ପୁସ୍ତକ ଲେଖକ ଆଦିବାସୀମାନଙ୍କୁ କେନ୍ଦ୍ରକରି ଲେଖିଛନ୍ତି ଓ ସେଥିପାଇଁ ସରକାରଙ୍କ କେଉଁ କେଉଁ ପାଣ୍ଠିରୁ କେତେ ଅର୍ଥ ଅନୁଦାନ ଲାଭ କରି ନିଜସ୍ୱ ପ୍ରତିଭାର ପରିଚୟ ଦେଇଛନ୍ତି ତାହା ଉଲ୍ଲେଖ କରାଯାଇଥାଏ । ମୁଁ ନିଜ କ୍ଷୁଦ୍ର ବୁଦ୍ଧି ବୃତ୍ତିରେ ବୁଝିପାରେ ନାହିଁ ଯେ ଏପରି ଲେଖକ ବା ଗବେଷକଙ୍କ ଜୀବନ ଆଦିବାସୀମାନଙ୍କ ପାଇଁ କିପରି ହେଲା ସମ୍ପୂର୍ଣ୍ଣ ସମର୍ପିତ । କେତେ ଆଦିବାସୀଙ୍କୁ ସେ ଶିକ୍ଷାର ଆଲୋକ ଦେଇ ପାରିଛନ୍ତି, କେତେ ଆଦିବାସୀ ଦରିଦ୍ର ଛାତ୍ରଛାତ୍ରୀମାନଙ୍କୁ ନିଜ ଦରମାରୁ କେତେ ଅଂଶ ପ୍ରଦାନ କରିଛନ୍ତି ଉଚ୍ଚଶିକ୍ଷା ପ୍ରାପ୍ତି ନିମନ୍ତେ କିମ୍ବା ଆଦିବାସୀ ସମାଜର କେଉଁ ସମସ୍ୟା ଦୂରୀଭୂତ କରିବାର ପ୍ରୟାସ ସେ କରିଛନ୍ତି ତାହା ଉଲ୍ଲେଖ ନଥାଏ କିମ୍ବା ଆମ ଓଡ଼ିଶାରେ କୌଣସି ପାଠକ ସେ ବିଷୟରେ କୌଣସି ପ୍ରଶ୍ନ ପଚାରି ନଥାନ୍ତି ।



ଏସବୁ ଅନୁଭୂତି ଉଲ୍ଲେଖ କରିବାର କାରଣ ହେଉଛି ଯେ ମହାଶ୍ୱେତା ଦେବୀ ଏହି ଧାରାର ଅନାସକ୍ତ ଲେଖିକା କଦାପି ନୁହଁନ୍ତି । ନିଜେ ବିଳାସ ବ୍ୟସନରେ ଥାଇ ଦରିଦ୍ର ଆଦିବାସୀଙ୍କ ପ୍ରତି କୃତ୍ରିମ ସହାନୁଭୂତି ପ୍ରକାଶ କରିବା ଥିଲା ତାଙ୍କ ସ୍ୱଭାବ ବିରୁଦ୍ଧ । ଆଶ୍ଚର୍ଯ୍ୟ ହେଲି ଏହା ଜାଣି ଯେ ମହାଶ୍ୱେତା ଯେଉଁ ଚୌକିଟିରେ ବସିଥିଲେ ତାହା ମଧ୍ୟ ଏହା ପୂର୍ବରୁ ତାଙ୍କ ପାଖରେ ନଥିଲା । ନିକଟରେ ବସିଥିବା ତାଙ୍କ ଲେଖକ ବନ୍ଧୁଙ୍କ ଠାରୁ ଜାଣି ପାରିଲି ଯେ ଅଣ୍ଟା ବ୍ୟଥା ଅସହ୍ୟ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏହି ଏକ ସପ୍ତାହ ମଧ୍ୟରେ ହିଁ ଆସିଛି ଏହି ଚୌକିଟି । ମହାତ୍ମା ଗାନ୍ଧୀ ଯେଉଁଥିପାଇଁ ଆଣ୍ଠୁ ଲୁଚୁ ନଥିବା ଧୋତି ପରିଧାନ କରୁଥିଲେ ମହାଶ୍ୱେତା ଦେବୀଙ୍କ ଆଦିବାସୀଙ୍କ ପ୍ରତି ଭଲପାଇବା ଥିଲା ସେହି ଶ୍ରେଣୀର । ସେ କେବଳ ଆଦିବାସୀଙ୍କୁ କେନ୍ଦ୍ର କରି ପୁରସ୍କାର ଲାଭ ଆଶାରେ ଗଳ୍ପ, ଉପନ୍ୟାସ ଲେଖି ନାହାନ୍ତି । ଆଦିବାସୀ ସମାଜ ସହିତ ସେ ଓତଃପ୍ରୋତ ଜଡ଼ିତ । ଆଦିବାସୀମାନଙ୍କ ସମସ୍ୟାର ସମାଧାନ ପାଇଁ ସେ ଗ୍ରହଣ କରିଥାନ୍ତି ମୁଖ୍ୟ ନେତୃତ୍ୱ । ଜୀବନର ବହୁଳାଂଶ ତାଙ୍କର ବିତିଥାଏ ଏହି ସରଳ ନିଷ୍କପଟ ଆଦିବାସୀମାନଙ୍କ ସହିତ । ଆଦିବାସୀମାନେ ମଧ୍ୟ ମହାଶ୍ୱେତା ଦେବୀଙ୍କୁ ଭଲ ପାଆନ୍ତି ହୃଦୟ ଦେଇ । ସେ କଣ ଲେଖିଛନ୍ତି ତାହା ଜାଣନ୍ତି ନାହିଁ ସେମାନେ । କିନ୍ତୁ ସେ ଯେ ଜଣେ ବାତ୍ସଲ୍ୟମୟୀ ଜନନୀ ପରି ତାଙ୍କ ହୃଦୟକୁ ସଂଲଗ୍ନ କରି ଦେଇଛନ୍ତି ଆଦିବାସୀମାନଙ୍କ ପ୍ରାଣ ସହିତ ଏକଥା ବୁଝିବାରେ କୌଣସି ପ୍ରତିବନ୍ଧକ ନଥାଏ ସେମାନଙ୍କ ମଧ୍ୟରେ । ଏପରି ଭାବରେ ଆଦିବାସୀମାନଙ୍କ ଆତ୍ମା ସହିତ ନିଜକୁଏକାକାର କରି ଦେଉଥିବା ବ୍ୟକ୍ତିତ୍ୱ କେତେଜଣ ଅଛନ୍ତି ଭାରତବର୍ଷରେ ? ଏ ସମସ୍ତ ବିଷୟ ଉପଲବ୍ଧି କରିବା ବେଳେ ଜଣେ ଲେଖକ ବା ଲେଖିକାଙ୍କ ଜୀବନ ଅକୃତ୍ରିମ ମମତାରେ ହୋଇଉଠେ କିପରି ଅନୁପମ ତାହା ହିଁ ଭାବୁଥିଲି ମନେମନେ ।

ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇ ଯାଇଥାଏ । ଅଧିକ ସମୟ ମହାଶ୍ୱେତା ଦେବୀଙ୍କୁ ଦେବା ପାଇଁ ବାଧ୍ୟ କରିବା ପରି ପ୍ରଚେଷ୍ଟାରୁ ଆମେ କ୍ଷାନ୍ତ ରହିବା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଅନୁଭବ କରି ଛିଡ଼ା ହୋଇ ପଡ଼ିଲି । ଆସିବା ବେଳେ ତାଙ୍କୁ ପଚାରିଥିଲି ଗୋଟିଏ କଥା ଯେ, ଆପଣଙ୍କ ଗଳ୍ପ ଉପନ୍ୟାସ ପାଠକମାନଙ୍କ ଉପରେ କିପରି ପ୍ରଭାବ ପକାଉଛି ବୋଲି ଆପଣ ମନେ କରୁଛନ୍ତି ? ସେ ଯାହା ଉତ୍ତର ଦେଲେ ତାହା ଥିଲା ଆଶା ଓ ଆସ୍ଥା-ବ୍ୟଞ୍ଜକ । ଆଉଥରେ ତାଙ୍କ ପାଖକୁ ଆସିବା ଜୀବନରେ ସମ୍ଭବ ନୁହେଁ- ଏହା ଜାଣିଥିଲି ଭଲ ଭାବରେ । ଏହାପୂର୍ବରୁ ଓଡ଼ିଆ ସାହିତ୍ୟ ସମ୍ପର୍କରେ ମଧ୍ୟ ପଚାରିଛି ତାଙ୍କୁ । ଓଡ଼ିଆରେ କେଉଁ ଲେଖକ ବା କେଉଁ ବହି ତାଙ୍କର ପ୍ରିୟ ବୋଲି ଯେତେବେଳେ ଜିଜ୍ଞାସା କରିଥିଲି, ସେତେବେଳେ ସେ କହିଥିଲେ ଯେ ତାଙ୍କ ପ୍ରିୟ ଲେଖକ ଗୋପୀନାଥ ମହାନ୍ତି ଓ ପ୍ରିୟ ପୁସ୍ତକ ହେଲା ତାଙ୍କ ରଚିତ 'ପରଜା' । ମହାଶ୍ୱେତା ଦେବୀଙ୍କ ଅନ୍ତରାତ୍ମା ଓଡ଼ିଶାର ମାଟି ସହିତ ଓ ଆଦିବାସୀ ଜୀବନ ସହିତ କିପରି ସମ୍ପର୍କିତ ତାହା ବୁଝିବାକୁ ବାକିନଥିଲା କିଛି ।

ଏମିତି ସାଧାରଣ ଭାବରେ ତାଙ୍କ ଠାରୁ ବିଦାୟ ନେଇ ଚାଲି ଆସିବା ପାଇଁ ଲାଗୁଥିଲା ଅସ୍ୱାଭାବିକ । ଆମେ ଦୁହେଁ ତାଙ୍କର ପାଦସ୍ପର୍ଶ କରି ଉକ୍ତି ନିବେଦନ କଲୁ । ମୁଁ ନିଜର ଆବେଗକୁ ରୁଦ୍ଧ କରି ନପାରି କମ୍ପିତ ଗଳାରେ ତାଙ୍କ ଉଦ୍ଦେଶ୍ୟରେ କହିଲି- "ମାଡାମ୍, ଅନେକ ଦିନରୁ ଇଚ୍ଛା ଥିଲା ଆପଣଙ୍କୁ ଥରୁଟିଏ ହେଲେ ଦେଖା କରିବା ପାଇଁ । ଆପଣଙ୍କ ସହ ଏପରି ଭାବମୟ ମୁହୂର୍ତ୍ତ କେତୋଟି ବିତାଇବାର ସ୍ୱପ୍ନ ଦେଖିଛି ଅନେକଥର । କିନ୍ତୁ ତାହା ଯେ ବାସ୍ତବତାରେ ହୋଇଯାଇପାରେ ରୂପାୟିତ ଏହା କେବେହେଲେ ଆଶା କରି ନଥିଲି ।"

ଦେଖିଲି ମହାଶ୍ୱେତା ଦେବୀଙ୍କ ଦୁଇଟି ଆଖିରେ ଜକେଇ ଆସୁଛି ବିନ୍ଦୁ ଅଶ୍ରୁକଣା । ସେଇ ତାରିଖଟିକୁ ଲିପିବଦ୍ଧ କରି ରଖିଛି ତାଙ୍କ କଲମରେ ଲେଖି ଦେଇଥିବା ଆଶୀର୍ବାଦ ସୂଚକ ବାକ୍ୟସହ । ତାହା ଥିଲା ୧୯୯୭ ମସିହା ମାର୍ଚ୍ଚ ୨୧ ତାରିଖ । ଆଜି ମହାଶ୍ୱେତା ଦେବୀ ନାହାନ୍ତି ଏହି ଧରାଧାମରେ । ମାତ୍ର ମୁଁ କ'ଣ କେବେ ହେଲେ ଭୁଲିଯାଇ ପାରିବି ତାଙ୍କ ଓଠରୁ ଉଚ୍ଚାରିତ ହୋଇଥିବା ଶବ୍ଦସବୁକୁ ? ସନ୍ଧ୍ୟାର ଆସ୍ତରଣ ଓ ମହାଶ୍ୱେତା ଦେବୀଙ୍କ ସ୍ନେହାଚ୍ଛନ୍ନ ଭାବ ଭିତରେ ନଥିଲା କୌଣସି ପ୍ରଭେଦ । ପୁଣିଥରେ ଉଚ୍ଚାରଣ କଲି : 'ଆପଣଙ୍କୁ ଦେଖି ଧନ୍ୟ ହୋଇଛି ମୋ ଜୀବନ ।'

ମହାଶ୍ୱେତା ଦେବୀଙ୍କ କଣ୍ଠରେ ଶୁଣି ପାରିଲି ଗଙ୍ଗାନଦୀର କଳକଳ ଧ୍ୱନି । ଭାବମୟୀ ବାତ୍ସଲ୍ୟ ମମତାର, ସାହିତ୍ୟ ସୃଜନର ଦେବୀ ମହାଶ୍ୱେତା ଉଚ୍ଚାରଣ କଲେ ମୋ ଆଖି ସହିତ ଆଖି ମିଳାଇ "ଇଚ୍ଛା ଥିଲେ ନଦୀ ନଦୀକୁ ଭେଟେ, ମଣିଷ ମଣିଷକୁ ଭେଟେ ।" ବୁଝି ପାରିଲି ମହାଶ୍ୱେତା ଦେବୀ ପରିଶୁଦ୍ଧ ଏକ ସାହିତ୍ୟର ସ୍ରୋତସ୍ୱିନୀ । ସେଥିପାଇଁ ତାଙ୍କ କଣ୍ଠରେ ଉଚ୍ଚାରିତ ହେଲା ତାହା, ଯାହାକୁ କୁହାଯାଏ 'ଚିରନ୍ତନ ବାଣୀ' । ଆଜି ଜୀବନର କର୍ମ କ୍ଷେତ୍ରରୁ ଅବସରନେଲା ପରେ ୨୬ ବର୍ଷ ଅତକ୍ରମ କରିଗଲା ପରେ ମଧ୍ୟ ତାଙ୍କ କୋମଳ ସ୍ନେହସିକ୍ତ କଣ୍ଠସ୍ୱର ଧ୍ୱନିତ୍ୱ ଓ ପ୍ରତିଧ୍ୱନିତ୍ୱ ହେଉଛି ମୋ ଅନ୍ତରରେ ଆଉ ହେଉଥିବ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଶ୍ଚିତ ଭାବରେ । ଯେଉଁମାନେ ଜାଣନ୍ତି ମହାଶ୍ୱେତା ଦେବୀ କି ଉପାଦାନରେ ଗଠିତ ସେମାନେ ବି କେବେ ହେଲେ ଭୁଲିଯାଇ ପାରିବେ ନାହିଁ ତାଙ୍କୁ । ଦରଦୀ ପାଠକ ବର୍ଗ ଯେଉଁମାନେ ମୋପରି ସାମାନ୍ୟ ଲେଖକଟିର ଏ ଲେଖାଟି ପଢ଼ିବେ ମନଯୋଗ ସହକାରେ ସେମାନେ ବି ଭୁଲି ପାରିବେ ନାହିଁ ସେହି ପଦକ ଚିରନ୍ତନ ବାଣୀ- "ଇଚ୍ଛା ଥିଲେ ନଦୀ ନଦୀକୁ ଭେଟେ, ଆଉ ମଣିଷ ମଣିଷକୁ ।"




# ଶୈବ ପୀଠ ବାଲୁଙ୍କେଶ୍ୱର


## ଆଦିକନ୍ଦ ରାମ

ଫକୀରପୁର, କେନ୍ଦୁଝର-୭୫୮୦୨୨
ଫୋନ: ୮୦୧୮୯୪୨୦୩୯


ଫଟୋ ସୌଜନ୍ୟ: ଲେଖକ



"କଃ ଇନ୍ଦୁ ଝରଯସ୍ୟ ସଃ କେନ୍ଦୁଝର । / କେନ୍ଦୁଝର ନୁହେଁ ସେ ତ ସାକ୍ଷାତ ଈଶ୍ୱର
ଯାହାକୁ ନେଇ ଗର୍ବ ଗୌରବ ଜିଲ୍ଲାର / ସେ ମୋ ଜନ୍ମଭୂମି ଏ ଆନନ୍ଦପୁର ।"

ସେହି ବିତରଣା ବାରି ବହୁଳା ବାରିଣୀ ତୀର୍ଥ ପୂଣ୍ୟତୋୟା ବୈତରଣୀ କୂଳେ କୂଳେ ବହୁ କୁଶଲିଙ୍ଗ ବା' ଶୈବତୀର୍ଥ ବିଦ୍ୟମାନ । ଆଦ୍ୟରେ ଗାନାସିକାରେ ବ୍ରହ୍ମେଶ୍ୱର ବିଜେ ସ୍ଥଳି ବେଳେ ପ୍ରାନ୍ତରେ ଆରଡ଼ିଶ୍ୱର, ମଧ୍ୟ ଭାଗରେ ବାବା ବାଲୁଙ୍କେଶ୍ୱର ଅବସ୍ଥିତ । ଆଳୁ ଖୋଳ ଖୋଳୁ ମହାଦେବ ବାହାରିଲା ପରି ସ୍ୱ ଆବିର୍ଭାବ ହୋଇଥିବା ଏହି ବାଲୁଙ୍କେଶ୍ୱରଙ୍କ ଆଦିଭୂମି ଏହି ଆନନ୍ଦପୁର ଭୂଖଣ୍ଡର ଫକୀରପୁରରେ ଅବସ୍ଥିତ । ଏହି ଭଞ୍ଜଭୂମିର କଞ୍ଜ ପୟରେ ଏହାର ଅବସ୍ଥିତି ଯେମିତି ବୈଚିତ୍ର୍ୟମୟ ଠିକ୍ ସେହିପରି ହୋଇ ପ୍ରକୃତି ଅତୀବ ମନୋରମ । ସେହି ଉଦ୍‌ଭାସିତ ଜ୍ୟୋତିର୍ମୟ ପ୍ରଭୁ ଗ୍ରାମର ଐଶାନ୍ୟ କୋଣରେ ବିଲ ପ୍ରାନ୍ତରରେ ବିଦ୍ୟମାନ । ତାଙ୍କର ଆବିର୍ଭାବ, ଐତିହ୍ୟ, ସଂସ୍କୃତି, ମହିମା ଅବତାରଣା ନିମନ୍ତେ ସକ୍ଷମ ହୋଇଥିବାରୁ ନିଜକୁ ଧନ୍ୟ ଓ ଗୌରବାନ୍ୱିତ ମନେ କରୁଛି । ତାଙ୍କୁ ଲକ୍ଷ୍ୟ କରି କବି ଗାଇ ଉଠେ : "ବଇଁଚମୂଳିଆ ବାବା ବାଲୁଙ୍କେଶ୍ୱର/ବୈତରଣୀ କୂଳେ ବିଜେ ଫକୀରପୁର ।/ପାରୁଶେ ଭୀମାବାରେହୀ ମାତିଛନ୍ତି ବିଜେ ହୋଇ ପରେ ଶୋଭା ପାଉଅଛି ଖଣ୍ଡା ଖର୍ପର । ।" ତାଙ୍କରି ପାଇଁ ଏ ଫକୀରପୁର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ପ୍ରସିଦ୍ଧି ଲାଭ କରିଛି । ସଭ୍ୟତା ଓ ସଂସ୍କୃତିର ବିବର୍ତ୍ତନରେ ସ୍ୱକୀୟ ଧର୍ମୀୟ ପରମ୍ପରାକୁ ଉପଜୀବ୍ୟ କରି ବହୁଧା ବିବିଧ ଗୁଣଯୁକ୍ତ କଳା, ସ୍ଥାପତ୍ୟ ଓ ସୌଷ୍ଠବ ସଂଜତ ଭାସ୍କର୍ଯ୍ୟ ପରିଦୃଷ୍ଟ ହୋଇଥାଏ । ସୁତରାଂ, ବୁଦ୍ଧଦେବ, ଜୈନ ମୂର୍ତ୍ତି ମାଟି ଖନନରୁ ଉଦ୍ଧୃତ ହୋଇ ମନ୍ଦିରରେ ସ୍ଥାନିତ କରାଯାଇ ବହୁ ପ୍ରାଚୀନତାର ପ୍ରମାଣ ପରିଲକ୍ଷିତ ହୋଇଥାଏ ।

ପ୍ରଭୁଙ୍କର ଆବିର୍ଭାବ ସମ୍ପର୍କରେ କିମ୍ବଦନ୍ତୀ ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ, ଏଠି ବିସ୍ତୀର୍ଣ୍ଣ ବିଲପ୍ରାନ୍ତର ବଇଁଚ ବଣ ମଧ୍ୟରେ ଏକ ଉଈହୁଙ୍କା ରହିଥିଲା । ପ୍ରତିଦିନ ଗୋଟିଏ ଗାଈ ଆସି ସେହି ହୁଙ୍କା ମଧ୍ୟସ୍ଥ ଲିଙ୍ଗ ଉପରେ ଠିଆହୁଏ । ଆପେ ଆପେ ଦୁଗ୍ଧ ସ୍ରାବ କରିସାରିବା ପରେ ସେ ସେଥିରୁ ଚାଲିଯିବା ପରେ ନାଗ ବାହାରି ତା ଉପରେ ଆଚ୍ଛାଦିନ କରି କିଛି ସମୟ ରହିଯାଏ । ଏହାପରେ କିଛିଦିନ ଅନ୍ତେ ଜଣେ ହଳୁଆ ହଳ କରୁ କରୁ ତାର ଲଙ୍ଗଳ ମୁନ ବାଜି ଶିବ ଶଙ୍କରଙ୍କର ସନ୍ଧାନ ପାଇ ବାଳିନଗ୍ର ରାଜାଙ୍କୁ ସମ୍ବାଦ ପ୍ରେରଣ କରେ । ତା' ପରେ ବାଳିନଗ୍ର ରାଜା ଦେଖି ଯାଇ ସାରିବା ପରେ ରାତି ସ୍ୱପ୍ନରେ ଆସି



ବାଲଙ୍କେଶ୍ୱରଙ୍କୁ ସ୍ୱପ୍ନାଦେଶ ଦେଇ କହନ୍ତି– "ହେ ରାଜନ୍, ତୁମେ ଆମ୍ଭ ଲାଗି ଏକ ଦେଉଳ ତୋଳିବାର ବନ୍ଦୋବସ୍ତ କର ।" ଏକଥା ଅବଗତ ହେଲାପରେ ସେ କରଦ ରାଜା ହୋଇଥିବାରୁ କେନ୍ଦୁଝର ରାଜା ଜ୍ୟୋତିଭଞ୍ଜଙ୍କୁ ଜଣାଇଲେ । ତା'ପରେ ଜ୍ୟୋତିଭଞ୍ଜଙ୍କ ଉଦ୍‌ଯୋଗ କ୍ରମେ ଦେଉଳ ନିର୍ମାଣ ସହିତ ବିଲବାଡ଼ି, ବ୍ରାହ୍ମଣ ଖଞ୍ଜି ଦେଇଥିଲେ ଓ ସେହିଦିନ ଠାରୁ ଏଯାବତ୍ ସେ ବାଲୁଙ୍କେଶ୍ୱର ନାମରେ ପୂଜା ପାଇ ନିଜର ମହିମା ବାନା ଉଡ଼ାଇବା ସଙ୍ଗେ ସଙ୍ଗେ ଅନେକ ଅଲୌକିକ ଲୀଳା ପ୍ରକଟ କରିଥାନ୍ତି । ତାଙ୍କର ଏତାଦୃଶ ମହିମାକୁ ଲକ୍ଷ୍ୟ ରଖି ବୈତରଣୀ ବାଣୀରତ୍ନ ତଥା ଫକୀରପୁରର ଫକୀରମୋହନ କବି ଆଦିରାମ ଗାଇ ଉଠନ୍ତି: "ବୈତରଣୀ କୂଳିଆ ହେ ବଇଁଚମୂଳିଆ / କରୁଣା କଟାକ୍ଷେ ଚାହିଁ ପଞ୍ଝା ଭୋଳିଆ । /ମହିମା ବିସ୍ତାର ପାଇଁ ବିଜେ ହୁଙ୍କା ତୋଳି ଦୁହାଁଳ ଗାଇ ଯା'ପରେ କ୍ଷୀର ଦେଲା ଢାଳି ଖେଳି ଖେଳି ନାଗ ହାଲିଆ ହେ ଚାହେଁ ହଳୁଆ ଶରଧା ବାଲିରେ କି ମୋ ବାବା ବାଲିଆ ?"

ସେହି ମହାମହିମ ବାବା ବାଲୁଙ୍କେଶ୍ୱରଙ୍କ ମହିମା ସୁଦୂର ପ୍ରସାରି । ତାଙ୍କ କୃପାରୁ ଅନେକ କୁଷ୍ଠରୋଗୀ, ପାରାଲିସିସ୍ ପରି ମହାବ୍ୟାଧିରୁ ଆରୋଗ୍ୟ କରିବାର ଚାକ୍ଷୁଶ ପ୍ରମାଣ ପରିଲକ୍ଷିତ ହୋଇଥାଏ । ଏତଦ୍‌ବ୍ୟତୀତ ଭକ୍ତଙ୍କର ନାନାବିଧ ମନୋବାଞ୍ଛା ପୂର୍ଣ୍ଣ କରିଥାନ୍ତି । ସେଠାକାର ପ୍ରଧାନ ପୂଜକଙ୍କ ଠାରୁ ମୁଖ ନିଃସୃତ ମହିମା ଅନେକ କିଛି ଶୁଣିବାକୁ ମିଳିଥାଏ । ତାଙ୍କର ପର୍ବପର୍ବାଣି ମଧ୍ୟରେ ମକର, ଜାଗର, ବାରିଣୀ, ଶିବ ବାରେହୀ ବିବହ, ଦଶହରା ଆଦି ପାଳନ କରାଯାଉଥିଲେ ହେଁ ନିତ୍ୟ ନୈମିତ୍ତିକ ବାଲ୍ୟ ବଲ୍ଲଭ ଭୋଗ ତଥା ଖିଚିଡ଼ି ଭୋଗ କରାଯାଇଥାଏ । ଏତଦ୍‌ବ୍ୟତୀତ ତାଙ୍କର କୂଅର ଜଳ ପ୍ରତିଦିନ ତିନୋଟି ରଙ୍ଗ ପରିଲକ୍ଷିତ ହୋଇଥାଏ । ସକାଳ ସ୍ନାନ ସମୟରେ ଦୁଧିଆ, ମଧ୍ୟାହ୍ନରେ ଗୋଳିଆ ଓ ଉପର ଓଳି ସ୍ୱଚ୍ଛ ନିର୍ମଳ ଜଳ ଦେଖା ଯାଇଥାଏ । ଏଠାରେ ମୁଗୁନି ପଥର ନିର୍ମିତ ପାଞ୍ଚଫୁଟ୍ ଉଚ୍ଚତା ବିଶିଷ୍ଟ ପାର୍ବତୀ ବା ବାରେହୀ ମୂର୍ତ୍ତି ପୂଜା ପାଉଛନ୍ତି । ସେ ମଧ୍ୟ ବୈତରଣୀ ଗର୍ଭରୁ ଉଦ୍ଧାର ହୋଇଥିଲା ବୋଲି ଜନଶ୍ରୁତି ରହିଛି । ପାର୍ଶ୍ୱ ଦେବାଦେବୀ ମଧ୍ୟରେ ଗଣେଶ, କାର୍ତ୍ତିକ, ନାରାୟଣ, ହନୁମାନ, ଜୈନ ମୂର୍ତ୍ତି ପୂଜା ପାଉଛନ୍ତି ।

ଏ ଯୁଗରେ ପ୍ରଚଳିତ ଜନଶ୍ରୁତି ଓ କେନ୍ଦୁଝର ଇତିହାସ ଅବଲୋକନ କଲେ ଜଣାଯାଏ ଭଞ୍ଜ ବଂଶର ରାଜାମାନେ ଶାକ୍ତ ବା ଶକ୍ତି ପୂଜନ କରିଥିଲେ । ଶାକ୍ତ ପରମ୍ପରା ଅନୁଯାୟୀ ଖ୍ରୀଷ୍ଟିୟ ପଞ୍ଚମ ଶତାବ୍ଦୀର ପୂଜିତ ଭୋଗ ପ୍ରମାଣିତ ହୁଏ । ଏତଦ୍‌ବ୍ୟତୀତ ପାଲା ସଂସ୍କୃତିରେ ଫକୀରପୁର ସାରା ଉତ୍କଳରେ ସ୍ୱତନ୍ତ୍ର



ଅନୁଷ୍ଠାନ ତଥା ଉତ୍କଳରେ ଶ୍ରେଷ୍ଠ ମାନ୍ୟତା ବଜାୟ ରଖିବାର ନିଖିଳ ଉତ୍କଳ ନୀଳାଚଳ ପାଲା ଗାୟକ ସମ୍ମିଳନୀ ଦ୍ୱାରା ମାନପତ୍ର ପାଇ ପ୍ରାଚୀନତାର ପାଲାବ୍ରହ୍ମ ସତ୍ୟ ପୀର ଫକୀର ନାମାନୁସାରେ ଏ ଗ୍ରାମର ନାମ ଫକୀରପୁର ହୋଇଥିବାର ଜଣାଯାଇଥାଏ ।

ଅଧୁନା ଏ ବାଲୁଙ୍କେଶ୍ୱର ମନ୍ଦିର ସରକାରଙ୍କର ଦେବୋତ୍ତର ବିଭାଗ ଦ୍ୱାରା ପରଚାଳିତ ହେଉଅଛି । ଏତଦ୍‌ବ୍ୟତୀତ ଯେତେ ପ୍ରାକୃତିକ ବିପର୍ଯ୍ୟୟ ଆସିଛି । ତାହା କିଛି କ୍ଷତି କରିନପାରି ଅଟଳ ମହାମେରୁ ସଦୃଶ ଏ ଶିବ ମନ୍ଦିର ମଥା ଟେକି ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଏବେ ବିଦ୍ୟୁତ୍ ସଂଯୋଗ ଦ୍ୱାରା ଆଲୋକିକରଣ କରାଯାଇଅଛି । ଏ ମନ୍ଦିର ନିକଟକୁ ଭଦ୍ରକ ଆନନ୍ଦପୁର ରାସ୍ତାର ମୋଚିନ୍ଦା ଛକ ଠାରୁ ସୁନ୍ଦର ରାସ୍ତା ୧ କି.ମି. ଯାଏଁ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ତାର ବେଢ଼ାକୁ ମଧ୍ୟ ସୁସଜ୍ଜିକରଣ କରାଯାଇ ଚିତ୍ତାକର୍ଷକ କରା ଯାଇଅଛି ।

ସର୍ବଶେଷରେ ପ୍ରଭୁଙ୍କ ପହଡ଼ ଭାଙ୍ଗିବା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ସଙ୍ଗୀତ ମୁଖରିତ ହେବା ସମୟରେ ପ୍ରାଚୀ ଦିବ୍ୟାଙ୍ଗନାଙ୍କ ଆରକ୍ତ ଅଞ୍ଚଳ ଉହାଡ଼ରେ ତରୁଣ ଅରୁଣସ୍ତମ୍ଭରେ ଧ୍ୟାନସ୍ଥବେଳେ କବି ପ୍ରତି ପ୍ରଭାତରେ ଗାଇ ଉଠେ ।

"କଳୁଷିତା ବିଭାବରୀ ସୁନ୍ଦରୀ ଲାଜରେ ସରି / ଧିରେ ଧିରେ ଅପସରି ଯାଉଛି ଛାଡ଼ି / କେଉଁ ଅଜଣା ପ୍ରବେଶୁ ଉଷା ପୂଣ୍ୟବତୀ ଶିଶୁ / ସବିତା କାଖରେ ଧରି ଆସୁଛି ମାଡ଼ି / ଦରଶନ ଦେ' ଶିବବ୍ରହ୍ମ / ଯିବ ସେ ପଶ୍ଚିମ ଭାଗେ ଭାଜି ତୋ ନାମ ।"

ପୁନଶ୍ଚ ଆଉ ଏକ ଭକ୍ତି ଗୀତିକା ମନକୁ ଛୁଇଁ ଯାଏ ପ୍ରଭୁସ୍ନାନ ସମୟରେ–

"ବାବା ବାଲୁଙ୍କେଶ୍ୱର ହେ ବ୍ରହ୍ମାଣ୍ଡ ବଡ଼ ଗୋସାଇଁ ଦେବା ଦେବୀଯାର ଚରଣ ପୂଜାରୀ କି ଭାବେ ପୂଜିବି ମୁହିଁ । / ଦେହ ଯା' ଦୁର୍ଦ୍ଧୁରା ପଦ୍ମ ଶ୍ରୀପୟର / ଜବା ଅଧରରେ ମଲ୍ଲୀ ହସଯାର / କି ଫୁଲେ ପୂଜିବି ମୁହିଁ / କି ଜଳ ଢାଳିବି ଗଙ୍ଗା ଶୀରେ ଯାର / କି ଦୀପ ଜାଳିବି ଯେ ଚନ୍ଦ୍ର ଶେଖର / ନିମିତ୍ତ ମାତର ମୁହିଁ ।"

## ଉପସଂହାର

ଏଇ ମୋ ନିଃଶ୍ୱାସ ନଇ କୂଳେ ଜପତପ କରି ବିଶ୍ୱାସର ବତୀଘରକୁ ପାଇବା ଲକ୍ଷ୍ୟରେ ସ୍ନାୟୁ ସନ୍ନ୍ୟାସୀ ପାଲଟି ଯାଇ ଜୀବନ ଜାହାଜକୁ ଗତି କରିବାରେ ସାଫଲ୍ୟ ମଣ୍ଡିତ କରିଥିବାରୁ ମୁଁ ତାଙ୍କ ନିକଟରେ ଚିରଋଣୀ । ସର୍ବଶେଷରେ ସମାଜକୁ କାନେ କାନେ ବାର୍ତ୍ତା ଦେଇ କହୁଅଛି କି– ପ୍ରତ୍ୟେକ ବ୍ୟକ୍ତି ବିଶେଷ ନିଜ ଗାଆଁ ନିଜ ମାଆ ଓ ତାର ଐତିହ୍ୟକୁ ଭଲ ପାଇବା ସଙ୍ଗେ ସଙ୍ଗେ ପ୍ରଭୁଙ୍କର ସାନ୍ନିଧ୍ୟ ଲାଭ ନିମନ୍ତେ ପ୍ରୟାସୀ ହେବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଅନୁଗାମୀ ହେଲେ ଲେଖାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ– ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ସୁଗ୍ରୀ



# ସିକ୍କିମ୍



# ରୂପା ରାଇଜର ରୂପକଥା : ଗ୍ୟାଙ୍ଗ୍‌ଟକ୍‌ରୁ ଉତ୍ତର ସିକିମ

**ସୁପ୍ତି କର**
କେ.ଏନ.ଲେନ, ଡେଲି ମାର୍କେଟ, ରାଉରକେଲା-୧
ଫୋନ : ୯୪୩୮୩୯୩୮୩୮

ଫଟୋ ସୌଜନ୍ୟ : ଗୁଗୁଲ୍

ଗାଡ଼ିର ବ୍ରେକ୍ ଝଟକାରେ ଢୁଳେଇ ପଡୁଥିବା ମୋର ଆଖିପତା ଅଚାନକ ଖୋଲିଗଲା । କାର୍‌ର କାଚ ଝରକା ଦେଇ ବାହାରକୁ ଚାହିଁଲି । ରାସ୍ତାର ଗୋଟିଏ ପଟେ ଛୋଟ ବଜାରଟିଏ । ଆରପଟେ ଈଷତ୍ ସବୁଜ ରଙ୍ଗର ପଣତ ମେଲାଇ ବେଶ୍ ଚଉଡ଼ା ଆୟତନରେ ବହି ଯାଉଛି ତିସ୍ତା ନଦୀ । ହଁ, ଏଇ ନଦୀର ରଙ୍ଗ ପାନ୍ନା ଧାତୁ ଭଳି ଈଷତ୍ ସବୁଜ । ଏହି ନଦୀ ସିକିମ ରାଜ୍ୟ ଏବଂ ଉତ୍ତରବଙ୍ଗର ଜଳପାଇଗୁଡ଼ିର ମୁଖ୍ୟ ନଦୀ । ଆମେ, (ମୁଁ, ମୋର ପରିବାର ଓ କିଛି ବନ୍ଧୁ) କଲିକତାରୁ ବାହାରି ପଦାତିକ ଏକ୍ସପ୍ରେସରୁ ଓହ୍ଲାଇ ସିଲିଗୁଡ଼ିର ଜଳପାଇଗୁଡ଼ି ଷ୍ଟେସନରୁ ଟ୍ରାଭେଲ ଏଜେଣ୍ଟ ଦ୍ୱାରା ପ୍ରେରିତ ଭଡ଼ା ଟ୍ୟାକ୍ସି ଯୋଗେ ଗ୍ୟାଙ୍ଗଟକ ଅଭିମୁଖେ ଯାତ୍ରା କରୁଥାଉ । ଯାତ୍ରା ପଥରେ ସହରୀ ଦୃଶ୍ୟ ସବୁକୁ ପଛରେ ପକାଇ ଗାଡ଼ି ଆମର ଗଡ଼ି ଚାଲିଥାଏ ତିସ୍ତା ନଦୀର କଡ଼େକଡ଼େ ଉତ୍ତରପୂର୍ବ ଭାରତର ଏକ ସୁନ୍ଦର ରାଜ୍ୟ ସିକିମର ରାଜଧାନୀ ଗ୍ୟାଙ୍ଗଟକ ଅଭିମୁଖେ । ମୋ ବନ୍ଧୁ ତିସ୍ତା ନଦୀର ହାଲ୍‌କା ସବୁଜ ରଙ୍ଗ ପାଇଁ ସେଠାର ଉପତ୍ୟକାରେ ଥିବା ଡୋଲୋମାଇଟ ଓ ଚୂନପଥରର ଉପସ୍ଥିତି ଦାୟୀ ବୋଲି ମତ ଦେଲେ ।  ସେହି ସମୟରେ ମୋର ଆଉଜଣେ ବନ୍ଧୁ କହିଲେ, ତିସ୍ତାର ମାନେ ହେଉଛି- (ତ୍ରି-ସ୍ରୋତା) । ଏଠାରେ ବହୁ ପୂର୍ବକୁ ତିନୋଟି ସ୍ରୋତ 'କାରାୟୋ'- ପୂର୍ବରେ, 'ପୁନର୍ଭବ' ପଶ୍ଚିମରେ ଓ 'ଆତ୍ରାଇ'- କେନ୍ଦ୍ରରେ ପ୍ରବାହିତ ହୋଇ ଗଙ୍ଗା (ସେଠାରେ ପଦ୍ମା ନାମରେ ନାମିତ) ସହିତ ମିଶିଥିଲେ । ହେଲେ ୧୭୮୭ ମସିହାରେ ଏକ ଭୀଷଣ ବନ୍ୟାରେ ପ୍ରଭାବିତ ହୋଇ ଏହି ନଦୀର ଗତିପଥ ବଦଳିଗଲା । ଏହା ଦକ୍ଷିଣପୂର୍ବକୁ ଗତି କରି ବାଙ୍ଗାଲା ଦେଶ ଠାରେ ବ୍ରହ୍ମପୁତ୍ର ସହିତ ମିଳିତ ହେଲା । ସେ ଆହୁରି ମଧ୍ୟ କହିଲେ ଏହି ନଦୀ ଦେବୀପାର୍ବତୀଙ୍କ ସ୍ତନରୁ ପ୍ରବାହିତ ହେଉଛି ବୋଲି ପୌରାଣିକ ମତ ଅଛି । ରାସ୍ତାରେ ଆମର ଦୃଷ୍ଟି ଗୋଚର ହେଲା 'ତିସ୍ତାଉର୍ଜା' । ଏହି ନଦୀର ପ୍ରଖର ସ୍ରୋତରୁ ବାନ୍ଧି ରଖି ମଝିରେ ତିଆରି ହୋଇଛି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର । ଆମର ସିକିମ ଯାତ୍ରା ସମୟରେ ସ୍ଥାନେ ସ୍ଥାନେ ଏହିପରି ତିସ୍ତା ଉର୍ଜା ନାମରେ ନାମିତ ବିଦ୍ୟୁତ୍ ଉତ୍ପାଦନ ସ୍ଥଳ ଆମର ଦୃଷ୍ଟିଗୋଚର ହୋଇଥିଲା । ଆମ ସହିତ ଥିବା ପାହାଡ଼ି ଡ୍ରାଇଭର ରାଜନ ଆଗରେ ଏକ ସୁନ୍ଦର ସ୍ଥାନ 'ତ୍ରିବେଣୀ' ଆସିବାର ସୂଚନା ଦେଲା । ତିସ୍ତା ବ୍ରିଜର ଟିକେ ଆଗରୁ ତିସ୍ତା ଏବଂ ରଙ୍ଗୀତ ଦୁଇଟି ନଦୀ ମିଶି ଏକ ତ୍ରିକୋଣ ଭୂମି ସୃଷ୍ଟି କରିଛନ୍ତି । ସେଇ ଭୂମିର ପାଠ ହାଲ୍କା ସଫେଦ ରଙ୍ଗର ବାଲୁକାରେ ପରିପୂର୍ଣ୍ଣ । ସେଠାରେ ପର୍ଯ୍ୟଟକଙ୍କ ପାଇଁ କାମ୍ପିଂ ଏବଂ ରିଭର ରାଫ୍‌ଟିଂର ସୁବିଧା ରହିଛି । ସେଦିନ ପାଗ ମେଘୁଆ ଥିବାରୁ ସୁରକ୍ଷା ଦୃଷ୍ଟିରୁ ରାଫଟିଂ ବନ୍ଦଥିଲା । ତେଣୁ ଆମେ ଜଳକ୍ରୀଡ଼ା ଅନୁଭୂତିରୁ ବଞ୍ଚିତ ହେଲୁ । ତ୍ରିବେଣୀ ପାର ହୋ କିଛି ବାଟ ପରେ ରାଜନ ଗାଡ଼ି ରୋକି ଆମର ପ୍ରମାଣ ପତ୍ର ନେଇ ରାସ୍ତାକଡ଼ରେ ଥିବା ଅଧିକାରମାନଙ୍କ ପାଖକୁ ଗଲା । ମୁଁ ସାମ୍ନାରେ ଦେଖିଲି ଏକ ସୁନ୍ଦର ରାଜଉଆସର ତୋରଣ ଭଳି ଏକ ଗେଟ୍ । ନାଲି, ନେଳି, ସବୁଜ, ହଳଦିଆ ଆଦି ରଙ୍ଗରେ ରଙ୍ଗେଇ ହୋଇ ତାଉପରେ ଇଂରାଜୀ ଅକ୍ଷରରେ ଲେଖା ହୋଇଛି 'ସିକିମ' । ରାଜନ ଗ୍ୟାଙ୍ଗଟକ୍  ସହର ଆଡ଼କୁ ଗାଡ଼ି ମୁହାଁଇଲା । ସେ କହି ଚାଲିଥାଏ....ଗ୍ୟାଙ୍ଗଟକ୍‌କୁ ତାଙ୍କର ସ୍ଥାନୀୟ ଭାଷାରେ 'ଗନ୍ତୋକ୍' ବୋଲି କୁହାଯାଏ । ଯାହାର ଅର୍ଥ 'ପାହାଡ଼' । ମୁଁ ପଚାରିଲି ଆଚ୍ଛା ତେବେ ସିକିମର ଅର୍ଥ କଣ ? ସେ ହସି କହିଲା...ଲିମ୍ବୁ ଭାଷାରେ 'ସୁ'ମାନେ (ନୂଆ)ଏବଂ 'ଖିମ'ମାନେ (ଉଆସ) । ଆଗରେ ଗ୍ୟାଙ୍ଗଟକ୍ ସହରର ଆଗମନର ସୂଚନା । ବିଭିନ୍ନ କଲେଜ, ସ୍କୁଲ, ଚର୍ଚ୍ଚ, ଗୁରୁଦ୍ୱାରା, ବୌଦ୍ଧ ପାଗୋଡ଼ା, ବିଷ୍ଣୁ ଓ ଶିବ ମନ୍ଦିର, ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଇତ୍ୟାଦି ଗୋଟିକ ପରେ ଗୋଟିଏ ଡେଇଁ ଡେଇଁ ଉଭେଇ ଯାଉଥାନ୍ତି ଦୃଶ୍ୟପଟଳରୁ । ଶେଷରେ ଆମର ପୂର୍ବ ନିର୍ଦ୍ଧାରିତ ହୋଟେଲ ପାଖରେ ଡ୍ରାଇଭର ରାଜନ ଆମକୁ ଛାଡ଼ି ବିଦାୟ ନେଲା । ଆମେମାନେ ପ୍ରାୟ ଏପ୍ରିଲ ମାସ ଶେଷ ସପ୍ତାହରେ ଚାଳିଶ ଡିଗ୍ରୀ ତାପମାତ୍ରାରୁ ଯାଇ ସେଠାର ସେତେବେଳେ ଥିବା ସତର ଡିଗ୍ରୀ ତାପମାତ୍ରାରେ ପହଞ୍ଚିବା ପରେ ଥଣ୍ଡା ଅନୁଭବ ହେବା ସ୍ୱାଭାବିକ । ଗ୍ୟାଙ୍ଗ୍‌ଟକ୍ ସମୁଦ୍ର ତଳ ଠାରୁ ପ୍ରାୟ ୫୪୧୦ ଫୁଟ ଉଚ୍ଚତାରେ ଅବସ୍ଥିତ । ଏଠାରେ ବର୍ଷସାରା ତାପମାତ୍ରା ପନ୍ଦର..ସତର ଡିଗ୍ରୀରୁ ପ୍ରାୟ ଉପରକୁ ଯାଏ ନାହିଁ । ନଭେମ୍ବର ଡିସେମ୍ବରରେ ପ୍ରାୟ ନ୍ୟୁନତମ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିଥାଏ । ଏଠାକାର ପ୍ରାୟ ଘର ଏବଂ ହୋଟେଲ ଗୁଡ଼ିକରେ ସିଲିଂ ଫ୍ୟାନ୍ ନାହିଁ । ଏୟାର କଣ୍ଡିସନ୍‌ର୍ ତ ଏଠି ଅନାବଶ୍ୟକ । ଆମ ହୋଟେଲ ରୁମ୍ ଗୁଡ଼ିକର ଛାତ ଓ ଚଟାଣ ସବୁ କାଠରେ ତିଆରି ଥିଲା ଏବଂ ବନ୍ଦ ଝରକାରେ ମୋଟା ମୋଟା ପରଦା ଝୁଲୁଥିଲା ତେଣୁ ଆମକୁ ବେଶ ଆରାମ ଲାଗୁଥାଏ । ଗରମ ଗରମ ଚା' ପିଇ ହୋଟେଲ ନିକଟସ୍ଥ ମହାତ୍ମାଗାନ୍ଧୀ ମାର୍ଗ ବା ଏମ.ଜି. ରୋଡ଼ ବୁଲିବା ପାଇଁ ବାହାରି ପଡ଼ିଲୁ । ଏଠାରେ ଦୁଇ କଡ଼ରେ ସପିଙ୍ଗ୍‌ମଲ, ରାସ୍ତା ମଝିରେ ମହାତ୍ମାଗାନ୍ଧୀଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି, ପାଣିର



ଫୁଆରା, ତଥା ଏକ ସୁନ୍ଦର ଲାଲ ପାଣ୍ଡାର ମୂର୍ତ୍ତି ରହିଛି । ଲାଲ ପାଣ୍ଡା ସିକିମର ରାଜ୍ୟ ପଶୁ ଭାବେ ମାନ୍ୟତା ଲାଭ କରିଛି । ସନ୍ଧ୍ୟାର ବିଜୁଳିବତୀର ଆଲୋକ ସହିତ ଏମ୍.ଜି ରୋଡ଼୍ ପର୍ଯ୍ୟଟକଙ୍କ କୋଳାହଳରେ ବେଶ ଚଳଚଞ୍ଚଳ ହୋଇ ଉଠୁଥାଏ । ଏହା ଭିତରେ ଆମକୁ ଭୋକ ଲାଗିବାରୁ ସେଠାରେ ଏକ ରେଷ୍ଟୁରାଣ୍ଟରେ 'ଥୁପକା' ଖାଇଲୁ । ଏହା ନୁଡ଼ଲସ ଓ ସୁପ୍ର ମିଶ୍ରଣରେ ତିଆରି ଏକ ପ୍ରକାର ତେଲ ମସଲା ବିହୀନ ତିବ୍‌ତୀୟନ ଖାଦ୍ୟ । ସାମାନ୍ୟ କିଛି ଶୀତବସ୍ତ୍ର କିଣାକିଣି କରି ହୋଟେଲକୁ ଫେରିବା ବେଳକୁ ରାତି ନଅଟା । ଏଠାରେ ପ୍ରୟତଃ ରାତ୍ରୀ ନଅଟା ପରେ ରାସ୍ତାଘାଟ ସବୁ ଶୂନଶାନ ହୋଇଆସେ । ଅନ୍ୟମାନେ ସବୁ କ୍ଳାନ୍ତି ଅନୁଭବ କରୁଥିବାରୁ ଶୋଇବାକୁ ଚାଲିଗଲେ । ମୁଁ ରୁମରେ କଫି କପେ ତିଆରି କରି ରୁମ ସଂଲଗ୍ନ ବାଲକୋନିରେ ଯାଇଁ ଠିଆହୋଇ ମନ୍ତ୍ରମୁଗ୍ଧ ହେଲି । ରାତ୍ରୀର ଆକାଶରେ ଚିକ୍‌ମିକ୍ ତାରା, ଫୁଲ ଫୁଟିଲା ପରି ବିଛାଇ ହୋଇଥାନ୍ତି । ତଳେ ପାହାଡ଼ିଆ ଢଳାଣ ଉପରେ ଛୋଟ ଛୋଟ ଖେଳନା ଭଳି ଦିଶୁଥିବା ସୁନ୍ଦର ଘରସବୁ ଅନ୍ଧାରରେ ମୁହଁ ଲୁଚାଇ ଦେଇଥାନ୍ତି । କେବଳ ସେଇ ଘର ଗୁଡ଼ିକରେ ମିଞ୍ଜି ମିଞ୍ଜି ଜଳୁଥିବା ଆଲୋକର ରୋଷଣୀ ଯାହା ଆଖିକୁ ଝଲମଲ କରୁଥାଏ । ରାତ୍ରୀ ବଢୁଥିଲା । ହାଲ୍କା ହାଲ୍କା ଥଣ୍ଡା ପବନରେ ଶାଲ୍‌ଟିକୁ ଆଉ ଟିକେ ଜୋରରେ ଦେହରେ ଗୁଡ଼ାଇ ରୁମ ବାହାରେ ଥିବା ଲବିକୁ ଆସିଲି । ଲବିକୁ ଲାଗି ପଡ଼ିଥିବା ଲମ୍ବା ଡେସ୍କ ଉପରେ ରାତ୍ରୀ ଡ୍ୟୁଟି ପାଇଁ ଆସିଥିବା ଅଳ୍ପବୟସ୍କ ମ୍ୟାନେଜର ରେଜିଷ୍ଟର ଧରି କାର୍ଯ୍ୟବ୍ୟସ୍ତ ଥିଲେ । ମୋ ଆଖି ସେଇ ଡେସ୍କକୁ ଲାଗିଥିବା କାନ୍ଥ ଉପରେ ଟାଙ୍ଗା ହୋଇଥିବା ଫଟୋ ଗୁଡ଼ିକ ଉପରକୁ ଗଲା । ସେଥିମଧ୍ୟରୁ ଗୋଟିଏ ଫଟୋ ମୋ ଦୃଷ୍ଟି ଆକର୍ଷଣ କଲା । ସେଠାରେ ଇଂରାଜୀରେ ଲେଖାଯାଇଥିଲା ଜବାହରଲାଲ ନେହେରୁଙ୍କ ସହିତ 'ଚୋଗ୍ୟାଲ' । ଉତ୍ସୁକତାର ସହିତ ସେଇ ଅଳ୍ପବୟସର ପାହାଡ଼ି ମ୍ୟାନେଜର ଯୁବକଙ୍କୁ 'ଚୋଗ୍ୟାଲ'ମାନେ ପଚାରିଲି । ସେ ହିନ୍ଦୀରେ କହିଲେ- 'ଚୋଗ୍ୟାଲ'ମାନେ ରାଜା । ଏଠାରେ ସମସ୍ତେ ପର୍ଯ୍ୟଟକଙ୍କ ସହିତ ହିନ୍ଦୀ ଓ ଇଂରାଜୀ ଜାଣିଥିଲେ ଇଂରାଜୀରେ କଥା ହୁଅନ୍ତି । ନେପାଳୀ ଏଠାକାର ପ୍ରମୁଖ ଭାଷା । ତାଛଡ଼ା ଲେପଚା, ଗୁରୁଙ୍ଗ ଭୁଟିଆ, ଲିମ୍ବୁ ଇତ୍ୟାଦି ଭାଷା ମଧ୍ୟ ପ୍ରଚଳିତହୁଏ । ସିକିମ ବିଷୟରେ କିଛି କହିବା ପାଇଁ ମୁଁ ମ୍ୟାନେଜରଙ୍କୁ ଅନୁରୋଧ କଲି । ସେ ଆରମ୍ଭ କଲେ...ମହାନ ବୌଦ୍ଧଗୁରୁ 'ରିନପୋଚେ' ବା ଗୁରୁ ପଦ୍ମସମ୍ଭବ ପ୍ରଥମ ଶତାବ୍ଦୀରେ ଏହି ଭୂମିରେ ପାଦ ରଖି ଆଶୀର୍ବାଦ ଦେଇଥିଲେ କି ରାଜା ଶାସନ ଯୁଗର ପ୍ରାରମ୍ଭ ହେବ । ଏହାପରେ ସିକିମରେ ତିନିଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜ ଶାସନ ଚାଲିଥିଲା । ଏହାପରେ ଭାରତୀୟ ସେନା ଦ୍ୱାରା ଏହା ଅଧିକୃତ ହୋଇ ଶେଷରେ ୧୬ମେ-୧୯୭୫ରେ ସିକିମ ବାଇଶିତମ ରାଜ୍ୟ ଭାବେ ଘୋଷିତ ହେଲା । ପାଖରେ ଥିବା କାଞ୍ଚନଜଙ୍ଘା ପର୍ବତର ଏକ ଫୋଟୋକୁ ଦେଖାଇ ସେ କହିଲ, ଏହି ପର୍ବତକୁ ଆମେ ଆମର ରକ୍ଷକ ଭାବେ ପୂଜା କରୁ । କାଲି ସକାଳେ ପାଗ ସଫା ଥିଲେ ଆପଣ ହୋଟେଲର ପୁରା ଉପରେ ଥିବା ଛାତରୁ ଏହି ପର୍ବତର କିଛି ଅଂଶ ଦେଖି ପାରିବେ । ମୁଁ ଏତେ ସବୁ ବିଷୟରେ ଜାଣିବାକୁ ପାଇଥିବାରୁ ତାଙ୍କୁ ଧନ୍ୟବାଦ ଓ ଶୁଭରାତ୍ରୀ କହି ବିଦାୟ ନେଲି । ପୂର୍ବରାତ୍ରୀରେ ମ୍ୟାନେଜର କହିଥିବା ମୁତାବକ ସକାଳ ଛ'ଟା ସମୟରେ ହୋଟେଲର ରୁଫଟପ୍ ଯାଇ ଦେଖିଲି, ରୂପାରଙ୍ଗ ଚାଦର ଉପରେ ସୂର୍ଯ୍ୟର ଲଳିମା ବୋଳା କାଞ୍ଚନଜଙ୍ଘାର ସୁଉଚ୍ଚ ଶୃଙ୍ଗର ମନୋରମ ଦୃଷ୍ୟ । ଗ୍ୟାଙ୍ଗଟକ ପୂର୍ବ ସିକିମରେ ଅବସ୍ଥିତ । ଏହି ଠାରୁ ପର୍ଯ୍ୟଟକମାନେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ସିକିମ ପାଇଁ ଯାତ୍ରା କରିଥାନ୍ତି । ଉତ୍ତର ସିକିମଟି ଅନ୍ୟ ତିନୋଟି ଜିଲ୍ଲା ଅପେକ୍ଷା ଏରିଆ ହିସାବରେ ବେଶ ବଡ଼ ୪,୨୨୬ ବର୍ଗ କିଲୋମିଟର କିନ୍ତୁ ଲୋକସଂଖ୍ୟା କମ । ଏମିତି ତ ସିକିମ ରାଜ୍ୟର ପ୍ରତ୍ୟେକଟି ଦିଗ ଏବଂ ଦୃଶ୍ୟ ତାର ଅନନ୍ୟ ସୌନ୍ଦର୍ଯ୍ୟରେ ଦର୍ଶକର ମନକୁ ବାନ୍ଧିରଖେ । ତଥାପି ଉତ୍ତର ସିକିମରେ ହିମାଳୟ ପର୍ବତର ଦୃଶ୍ୟରାଜି ବେଶ ସୁନ୍ଦର ଓ ମନମୁଗ୍ଧକର । ସେଥିପାଇଁ ତାହା ଆମର ସିକିମ୍ ଟୁର୍ ସୂଚୀରେ



ପ୍ରାଥମିକତା ଲାଭ କରିଥିଲା । ଅଳ୍ପ ସମୟ ମଧ୍ୟରେ ସକାଳ ଜଳଖିଆ ସାରି ଆମେ ଲଗେଜ ନେଇ ତଳକୁ ଆସିଲୁ । ଆସନ୍ତା ଚାରିଦିନ ଆମକୁ ଉତ୍ତର ସିକିମ ବୁଲାଇବା ପାଇଁ ଟ୍ୟାକ୍ସି ନେଇ ହୋଟେଲର ଗେଟ୍ ପାଖରେ ହସହସ ମୁହଁରେ ୨୭-୨୮ ବର୍ଷର ଜଣେ ପାହାଡ଼ି ଯୁବ ଡ୍ରାଇଭର ପେମା ସିରିନ ଲେପଚା ଅପେକ୍ଷା କରିଥିଲା । 'ପେମା' ଆମକୁ ଗୁଡ଼୍‌ମର୍ଣ୍ଣିଂ କହି ଟ୍ୟାକ୍ସିର ଦୁଆର ଖୋଲିଦେଲା । ଆମ ଗାଡ଼ି ଗଡ଼ି ଚାଲିଲା ଉତ୍ତର ସିକିମ ଅଭିମୁଖେ । ବାଟରେ ପବନ ସହିତ ଧାଡ଼ି ଧାଡ଼ି ହୋଇ ବୌଦ୍ଧ ପତାକା ସବୁ ଧଳା, ନେଳି, ନାଲି, ସବୁଜ, ହଳଦିଆ ରଙ୍ଗର ଫରଫର ଡେଣା ଉଡ଼ାଇ ଆମ ପାଇଁ ସ୍ୱାଗତ ସଙ୍ଗୀତ ଗାଉଥିବା ଭଳି ମନେହେଲା । ପେମାକୁ ପଚାରିବାରୁ ଜଣାପଡ଼ିଲା ଧଳା ପତାକା ଗୁଡ଼ିକ କୌଣସି ବୌଦ୍ଧ ଧର୍ମାବଲମ୍ବୀଙ୍କର ମୃତ୍ୟୁ ପରେ ତାଙ୍କରି ସ୍ମୃତିରେ ଲଗା ଯାଇଥାଏ ଆଉ ରଙ୍ଗୀନ ପତାକା ଗୁଡ଼ିକ କୌଣସି ଶୁଭ କାର୍ଯ୍ୟରେ ଲଗାଯାଏ ।

କ୍ଷଣିକ ଭିତରେ ଗୋଟିଏ ପରେ ଗୋଟିଏ ଦୃଶ୍ୟ ପରିବର୍ତ୍ତନ ହେଉଥାଏ । କେଉଁଠି ତରଳ ରୂପା ପରି ତ କେଉଁଠି ଦୁଗ୍ଧଧାର ଭଳି ପ୍ରବହମାନ ଝରଣା, ତିସ୍ତା ନଦୀର ପ୍ରଖର ତଥା ପ୍ରଲୁବ୍ଧ କରୁଥିବା ପ୍ରଶସ୍ତ ଅବୟବ, ବରଫାବୃତ ରୂପାରଙ୍ଗର ପାହାଡ଼ରୁ ଉଠୁଥିବା ଧୂଆଁ ସଦୃଶ କୁହୁଡ଼ି ସବୁକିଛି ଥିଲାଭବ୍ୟ । ସ୍ୱର୍ଗକାତର ସୀମା ସବୁକୁ ନେଇ ଏଇ ରାଜ୍ୟ ସିକିମ । କେବଳ ଦକ୍ଷିଣରେ ପଶ୍ଚିମବଙ୍ଗକୁ ଛାଡ଼ିଦେଲେ ଏହାର ଅନ୍ୟ ତିନି ପାର୍ଶ୍ୱ ପୂର୍ବରେ....ଭୁଟାନ, ପଶ୍ଚିମରେ ନେପାଳ, ଉତ୍ତର ଓ ଉତ୍ତରପୂର୍ବରେ ଚାଇନା ଅଧିକୃତ ତିବତ କ୍ଷେତ୍ର । ତେଣୁ ପ୍ରାୟ ଦଶ ମନ୍ଦର କିଲୋମିଟ ଦୂରତାରେ ଭାରତୀୟ ସେନା ବିଭାଗର ଛାଉଣୀ ସବୁ ଦୃଷ୍ଟିଗୋଚର ହେଉଥାଏ । ସେହି ସବୁ ଛାଉଣୀ ବାହାରେ ପ୍ରତ୍ୟେକ ରେଜିମେଣ୍ଟର 'ମୋଟୋ' ବା ସିଦ୍ଧାନ୍ତ ଲଗା ଯାଇଥିବା ବୋର୍ଡ଼ରୁ ଇଂରାଜୀ ଓ ହିନ୍ଦୀ ଭାଷାରେ ପଢ଼ିବାକୁ ମିଳୁଥିଲା । ଯେମିତିକି... 'ଉଇ ଗିଭ ଆୱାର ଟୁ ଡେ ଫର ୟୋର ଟୁମୋରୋ ।' ଏସବୁ ଦେଖି ମୋ ମନ ଭିତରେ ଏକ ହଲଚଲ ସୃଷ୍ଟି ହେଉଥିଲା ଏହି ଫୌଜି ଭାଇମାନଙ୍କ ପାଇଁ । ସତରେ ତାଙ୍କ ପାଇଁ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ' । ପ୍ରତି ଦୁଇଶହରୁ ପାଞ୍ଚଶହ ମିଟର ଦୂରତାରେ ଝରଣା ମାନ ବହିଆସୁଥାନ୍ତି । ମନେହେଉଥାଏ ସତେ କି ଶିବଲିଙ୍ଗ ସଦୃଶ ଏହି ପାହାଡ଼ ଗୁଡ଼ିକରେ ମା' ଗଙ୍ଗା ପ୍ରବାହିତ ହେଉଛନ୍ତି । ପାଣି ପାଇ ପାହାଡ଼ରୁ ଛୋଟ ଛୋଟ ପାହାଡ଼ି ଫୁଲ ଉଙ୍କି ମାରୁଥାନ୍ତି । ସିକିମର ଉତ୍ତର ପଟେ ସବୁଠାରୁ ଅଧିକ ଝରଣା ରହିଛି । ଦୋଲୁଙ୍ଗ, ମଙ୍ଗନ, ଲୋଚନ, ଲାଚୁଙ୍ଗ ଆଦି ସ୍ଥାନରେ ସୁଉଚ୍ଚ ପାହାଡ଼ରୁ ପତିତ ସୁନ୍ଦର ମନଲୋଭା ଝରଣା ସବୁ ରହିଅଛି । ବାଟରେ ଆସଲା 'ଭୀମନାଲା' ଜଳପ୍ରପାତ । ଦୁଧପରି ସଫେଦ ଜଳଧାରା ଗୁରୁଗମ୍ଭୀର ଗର୍ଜନ ସହିତ ପାହାଡ଼ ଉପରୁ ତଳକୁ ଲମ୍ଫ ପ୍ରଦାନ କରୁଥାଏ । ସ୍ଥାନେ ସ୍ଥାନେ ବର୍ଡ଼ର ରୋଡ଼୍ ଅର୍ଗାନାଇଜେସନ ତରଫରୁ ରାସ୍ତା କାମ ଓ ମରାମତି କ୍ଷିପ୍ର ଗତିରେ ଚାଲିଥାଏ । ଏହି କାମରେ ଲାଗିଥାନ୍ତି ବହୁ ପାହାଡ଼ି ସ୍ତ୍ରୀ ଓ ପୁରୁଷ ।

ସେହି ପାହାଡ଼ି ସ୍ତ୍ରୀ ଲୋକମାନଙ୍କ ମଧ୍ୟରୁ କେହି କେହି ଟିସାର୍ଟ ଓ ପ୍ୟାଣ୍ଟ ଆଉ କେହି କେହି ସିକିମର ଜାତୀୟ ପୋଷାକ 'ବାକୁ' ପରିଧାନ କରିଥାନ୍ତି ।

କଳକଳ ମୁଖରିତ ଜଳଧାର ଉପରେ ବାଟ ସାରା ଅସଂଖ୍ୟ ଛୋଟ ଛୋଟ ବ୍ରିଜ ଯେପରି ମାଲଟିନ, ଚୁ ବ୍ରିଜ, ଦୋଙ୍ଗ କାୟାଲା ଚୁ ବ୍ରିଜ ଇତ୍ୟାଦି ଯାତାୟତରେ ବେଶ୍ ସହାୟକ ବାଟରେ ଆସିଲା ଏକ ଗୁମ୍ଫା ଭଳି ଲମ୍ବା ଟନେଲ । ଲେଖାଥିଲା 'ଥେଙ୍ଗ ନେଲ' । ପେମା କହିଲା, ୫୭୮ ମିଟର ଲମ୍ବା ଏହି ଟନେଲ ସିକିମର ଗର୍ବ । ଏହା ତପରୋଧକ, ଏଲିଡ ଲାଇଟ, ଅଗ୍ନି ପ୍ରତିରୋଧକ ଆଦି ଆଧୁନିକ ବ୍ୟବସ୍ଥାରେ ସଜ୍ଜିତ । ପାହାଡ଼ିଆଘାଟି ରାସ୍ତାରେ ଯାତାୟତର ସୁବିଧା ପାଇଁ ୨୦୧୮ ମସିହା ଜୁନ ସାତ ତାରିଖରେ ଏହାର ଉଦଘାଟନ କରାଯାଇଥିଲା । ବାଟରେ କିଛି ସ୍କୁଲ ପିଲା ପିଠିରେ ବସ୍ତାନୀ ଧରି ଚାଲିଚାଲି ବିଦ୍ୟାଳୟକୁ ଯାଉଥିବାର ଦୃଶ୍ୟ ଦେଖି ଆମ ସହରିଆ ପିଲାଙ୍କ କଥା ମନେ ପଡୁଥିଲା । ବସ, ଅଟୋ, କାର୍ ପ୍ରଭୃତିରେ ଯିବାର ଅନେକ ସୁବିଧା ଥାଇ ମଧ୍ୟ ସେମାନଙ୍କର ଅଶେଷ ଅଭିଯୋଗ ଥାଏ । ପେମା କହୁଥିଲା...ଏହି ପାହାଡ଼ିଆ ରାସ୍ତାରେ ଏମାନଙ୍କ ପାଇଁ ଯାତାୟତର ସୁବିଧା କିଛି ନାହିଁ । ନିଜସ୍ୱ ପାଦ ହିଁ ତାଙ୍କର ବିଦ୍ୟାଳୟରେ ପହଞ୍ଚିବାର ଏକମାତ୍ର ଯାନ । 'ମଙ୍ଗନ' ନାମକ ସ୍ଥାନରେ ପ୍ରଶାସନିକ ଅଫିସରେ ଆମର ପ୍ରଥମ ଗନ୍ତବ୍ୟ ସ୍ଥଳ 'ଲାଚେନ'ଗ୍ରାମକୁ ପ୍ରବେଶ ପାଇଁ 'ପେମା' ଯାଇ ଅନୁମତି ପତ୍ର ଆଣିଲା । ଉତ୍ତର ସିକିମର 'ଲାଚେନ' ଓ 'ଲାଚୁଙ୍ଗ' ଏହି ଦୁଇ ଗ୍ରାମ ଠାରୁ ଆନ୍ତର୍ଜାତିକ ସୀମାରେଖା ଅଳ୍ପ କିଛି କିଲୋମିଟର ଦୂରରେ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଅନୁମତି ଦରକାର ଏବଂ ଏଠାରେ ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ପ୍ରବେଶ ଅନୁମତି ନାହିଁ ।

ଅବଶ୍ୟ ଏହି ଅନୁମତି ପତ୍ର ଆମ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଟ୍ରାଭେଲ ଏଜେଣ୍ଟମାନେ ବ୍ୟବସ୍ଥା କରାଇ ଦିଅନ୍ତି । 'ଲାଚେନ' ଗ୍ରାମଟି ସମୁଦ୍ରତଳ ଠାରୁ ହାରାହାରି ଆଠହଜାର ପାଞ୍ଚଶହଫୁଟ ଉଚ୍ଚତାରେ ପାହାଡ଼ ଘେରା ଘନଜଙ୍ଗଲର ବଳୟ ଭିତରେ ଅବସ୍ଥିତ । ସାଙ୍ଗରେ 'ତିସ୍ତା ଚୁ'.. (ଚୁ'ମାନେ ଆଞ୍ଚଳିକ ଭାଷାରେ ନଦୀ) କଳକଳ ଧାରାରେ ଗୀତଗାଇ ଏକ ଚଞ୍ଚଳ ହରିଣୀ ଭଳି ଆମ ସହିତ ଧାଉଁଥାଏ । ଛୋଟିଆ ଛୋଟିଆ କାଠ ତିଆରି ଘର ଏବଂ ଦୁଇରୁ ତିନିମହଲା ବିଶିଷ୍ଟ ଘର ସବୁ ରାସ୍ତାର ଦୁଇକଡ଼ରେ ମୁଣ୍ଡଟେକି ଠିଆ ହୋଇଛନ୍ତି । ସବୁ ଗୁଡ଼ିକ ପ୍ରାୟ ହୋଟେଲ ଥିଲା କେବଳ କିଛି ସେଇ ଗ୍ରାମବାସୀଙ୍କ ଘର ଥିଲା । ଏବେବି ସେଠାରେ ଆଂଚଳିକ ପ୍ରଶାସନ ବ୍ୟବସ୍ଥା 'ଜୁମସା'ର ନିୟମ ପ୍ରଣାଳୀ ସେହି ସବୁ ଗ୍ରାମରେ ଲାଗୁ ହେଉଛି । ଧୀରେ ଧୀରେ ଆମ ଗାଡ଼ି ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ହୋଟେଲ ପାଖରେ ପହୁଞ୍ଚିଲା । ହୋଟେଲ ରୁମର ଝରକା ଖୋଲି ଦେଖିଲି ସୁନ୍ଦର ପାହାଡ଼, ଝରଣା ଏବଂ କିଛି ପାଇନ ବୃକ୍ଷର ଦୃଶ୍ୟ ଏକ ମନୋଲୋଭା ତୈଳଚିତ୍ର ଭଳି ମୋ ଝରକା ଆରପଟେ ଦିଶୁଥାଏ । ସମୟ ପ୍ରାୟ ଅପରାହ୍ନ ଚାରିଟା ଗ୍ୟାଙ୍ଗଟକ ଠାରୁ ଲାଚେନର ଦୂରତା 'ସିଙ୍ଗତାମ ଓ 'ଚୁଙ୍ଗଥାମ' ନାମକ ସ୍ଥଳୀ ଦେଇ ପ୍ରାୟ ଶହେ ଏକୋଇଶି କିଲୋମିଟର ହେବ । ଘାଟୀ ରାସ୍ତା ଯୋଗୁଁ ପହଞ୍ଚିବାକୁ ୪-୫ ଘଣ୍ଟା ସମୟ ଲାଗିଥାଏ । ଦୁଆର ଠକ୍ ଠକ୍ ଶବ୍ଦରେ ମୁଁ ଫେରି ଚାହିଁଲି । ଗରମ ପକୁଡ଼ି ଓ ଚା' ଧରି ପିଲାଟିଏ ଛିଡ଼ା ହୋଇଥିଲା । ତା ସହିତ ସେହି ହୋଟେଲର ମ୍ୟାନେଜର ଛିଡ଼ା ହୋଇଥିଲେ । ସେ ଦୁଃଖ ପ୍ରକାଶ କଲେ କି ଏଠାରେ ବହୁତ ସମୟ ହେଲା କରେଣ୍ଟ ନଥିବାରୁ ଗିଜର ଚାଲିବ ନାହିଁ । ତେଣୁ ସେମାନେ ଚୁଲିରେ ଗରମପାଣି କରି ମୁହଁ ହାତ ଧୋଇବା ପାଇଁ ଯୋଗାଇ ଦେବେ । ମୁଁ ପଚାରିଲି...ତେବେ ପାଣି ମଧ୍ୟ ଟାଙ୍କିକୁ ଉଠିବ ନାହିଁ । ସେ ହସି ହିନ୍ଦୀରେ କହିଲେ...ନା ପାଣି ପାଇଁ ଚିନ୍ତା ନାହିଁ କାରଣ ଆମେ ଝରଣାରୁ ସିଧାସଳଖ ପାଇପ ଯୋଗେ ଟାଙ୍କିକୁ ଉଠାଉ । ସେଥିପାଇଁ ଇଲେକ୍ଟ୍ରିର ବ୍ୟବହାର ଦରକାର ପଡ଼େନି ।

ଆସନ୍ତା କାଲି ସକାଳ ସାତଟା ସୁଦ୍ଧା ଆମକୁ ପ୍ରସ୍ତୁତ ହେବାକୁ କହି ପେମା ବିଶ୍ରାମ ପାଇଁ ଚାଲିଗଲା । ସେଠାରେ ଗୋଟିଏ ଭଲ ବନ୍ଦୋବସ୍ତ ଦେଖିଲି । ତାହାହେଲା ଡ୍ରାଇଭରମାନଙ୍କ ରହଣୀ ଖାଇବାର ବ୍ୟବସ୍ଥା ହୋଟେଲ ତରଫରୁ ହୋଇଥାଏ । ସେଠାରେ ଟ୍ୟାକ୍ସି ସବୁ ଟ୍ରାଭେଲ ଏଜେଣ୍ଟମାନେ ହିଁ ଯୋଗାଇଥାନ୍ତି । ପର୍ଯ୍ୟଟକମାନଙ୍କୁ ଘରୋଇ ଗାଡ଼ିରେ ଯାତ୍ରା ପାଇଁ ଅନୁମତି ନାହିଁ । ସନ୍ଧ୍ୟା ହୋଇ ଆସୁଥାଏ । ଦଶ ଡିଗ୍ରୀ ତାପମାତ୍ରାରେ ବେଶ୍ ଥଣ୍ଡା ଲାଗୁଥାଏ । ଛୋଟ ଗାଁଟିଏ । ହଜାରରୁ ବାରଶହ ଲୋକସଂଖ୍ୟା । ପ୍ରାୟ କିଛି ଲୋକ ସରକାରୀ ଚାକିରୀ କରନ୍ତି ବାକି ଅନ୍ୟମାନେ ଧାନ, ଆଳୁ, ଗୁଜୁରାତି, ବାଜରା ଇତ୍ୟାଦି ଚାଷ କରନ୍ତି । ବହୁତଲୋକ ପର୍ଯ୍ୟଟକଙ୍କ ଜରିଆରେ ନିଜର ପେଟ ପୋଷିଥାନ୍ତି । ଏହି ଗ୍ରାମକୁ ପଶିବା ଆଗରୁ ପେମା ଆମ ପାଖରେ ଥିବା ସମସ୍ତ ପ୍ଲାଷ୍ଟିକପାଣି ବୋତଲକୁ ଗ୍ରାମ ବାହାରେ ଥିବା ଏକ ବାଉଁଶ ତିଆରି ଡଷ୍ଟବିନରେ ଫିଙ୍ଗିଦେବାକୁ କହିଥିଲା । ଏହା ପ୍ଲାଷ୍ଟିକ ବର୍ଜିତ ଓ ବାହ୍ୟ ମଳମୁକ୍ତ ସ୍ଥାନ ଭାବରେ ଗୌରବ ଅର୍ଜନ କରିଛି । ଗାଁ ରାସ୍ତାରେ ବୁଲୁବୁଲୁ ଦେଖିଲୁ ଦୁଇକଡ଼ରେ ଛୋଟ ଛୋଟ କ୍ୟାବିନ ଦୋକାନ ଗୁଡ଼ିକ ହେଉଥିଲା । ସନ୍ଧ୍ୟା ସାତଟା ବେଳକୁ ଅଚାନକ ବର୍ଷା ଆସିଲା । ତେଣୁ ହୋଟେଲକୁ ଫେରି ସେଠାରେ ପ୍ରସ୍ତୁତ ଭାତ, ରୁଟି, ଆଳୁ ଓ ପନୀର ତରକାରୀ, ଗୁଲାବଜାମୁନ ଖାଇଲୁ । ସକାଳ ଜଳଖିଆରୁ ଆରମ୍ଭ କରି ମଧ୍ୟାହ୍ନ ଓ ରାତ୍ରୀ ଭୋଜନ ମେନୁ ସେମାନେ ହିଁ ନିର୍ଦ୍ଧାରିତ କରିଥାନ୍ତି । ରୁମ୍‌କୁ ଆସି ମୋଟା ରେଜେଇର ଉଷ୍ମତାରେ ଆଖିପତା ଆପେ ଆପେ ମୁଦି ହୋଇ ବେଶ ସୁନ୍ଦର ନିଦ ଆସିଗଲା । ତାପରଦିନ ସକାଳେ ଆମେ ନିତ୍ୟକର୍ମ ସାରି ସାମାନ୍ୟ ଜଳଯୋଗ ପରେ ବାହାରିଲୁ ଗୁରୁଦୋଙ୍ଗମାର ହ୍ରଦ ଅଭିମୁଖେ ।




ଘାଟି ରାସ୍ତା ପାର ହୋଇ ଆମ ଗାଡ଼ି ଆଗକୁ ଗଡ଼ି ଚାଲୁଥାଏ । କିଛିବାଟ ଯିବା ପରେ 'ଥେଙ୍ଗୁ' ନାମକ ଜାଗାରେ ଆସିଲା ସେନା ଦ୍ୱାରା ପରିଚାଳିତ 'ହାଇଏଷ୍ଟ ଡୋସା ପଏଣ୍ଟ' । ଗାଡ଼ି ଆଗକୁ ବଢ଼ିବା ସହିତ ଉଚ୍ଚତା ବଢ଼ି ବଢ଼ି ଚାଲିଥାଏ । କିଛିବାଟ ଯିବା ପରେ ଆଗରେ ଆସିଲା ଏକ ସବୁଜ ତୃଣ, ମସ୍, ଆଦିରେ ଆଚ୍ଛାଦିତ ସବୁଜରଙ୍ଗର ଭ୍ୟାଲି ବା ଉପତ୍ୟକା । ସେଠାରେ ବହୁ ଲୋକ କ୍ୟାମ୍ପିଂ କରୁଥିଲେ । ଉଚ୍ଚରେ ଥିବା ରାସ୍ତାରୁ ସେମାନେ ଛୋଟ ଛୋଟ ଖେଳନା ଭଳି ଦୃଶ୍ୟମାନ ହେଉଥିଲେ । ପେମା କହିଲା...ଏହାର ନାମ 'ଚୋପ୍ତା ଭ୍ୟାଲି' । ଏହା ସମୁଦ୍ରତଳ ଠାରୁ ଚଉଦ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ । ପର୍ଯ୍ୟଟକମାନେ ଏଠାରେ କ୍ୟାମ୍ପିଂ ଓ ଟ୍ରେକିଂ କରିଥାନ୍ତି । ଶୀତ ଋତୁକୁ ଛାଡ଼ିଦେଲେ ବାକି ସମୟରେ ଏଠାରେ ତାପମାତ୍ରା ପ୍ରାୟ ଦଶ ଡିଗ୍ରୀ ଠାରୁ ଅଧିକ ଯାଏନାହିଁ ।

ସେଠାରେ କିଛି ଫଟୋକୁ ସ୍ମୃତି ହିସାବରେ ସାଉଁଟି ଧରି ଆମେ କଳାପଥର ଅଭିମୁଖେ ଆଗେଇଲୁ । ଏହି ପାହାଡ଼ ଗୁଡ଼ିକର ବିଶେଷତ୍ୱ ଏହି ଯେ ଏହାର ଚାରିପଟେ ବରଫାବୃତ ହେଲେ ମଧ୍ୟ ଏହାର ଶିଖର ଗୁଡ଼ିକ ତୁଷାର ରହିତ ହୋଇ କଳାରଙ୍ଗରେ ଛାୟା ଭଳି ଶୋଭା ପାଉଥାଏ । ତେଣୁ ଏହି ସ୍ଥାନଟି 'କାଲାପଥର' ନାମରେ ନାମିତ ।

ଏହାପରେ ଆମର ଲକ୍ଷ୍ୟସ୍ଥଳୀ 'ଗୁରୁଦୋଙ୍ଗମାର ହ୍ରଦ' ।

ଯାହାକି ମହାନ ବୌଦ୍ଧଗୁରୁ ପଦ୍ମସମ୍ଭବ ବା ଗୁରୁ ରେନପୋଚେଙ୍କ ନାମରେ ନାମିତ । ସତର ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ପବିତ୍ର ହ୍ରଦର ସୁନ୍ଦର ନୀଳାଭ ଜଳରାଶି ଏକ ଐଶ୍ୱରୀକ ଉନ୍ମାଦନା ଭରି ଦେଉଥିଲା ସେଇ ବାତାବରଣରେ । ପବନର ଗତି ଖୁବ ବେଶୀ ଥିଲା । ସେଠାରୁ ପାଞ୍ଚ କିଲୋମିଟର ଦୂରରେ ଚୀନ ଅଧିକୃତ ତିବତ । ଏହାର ଜଳରାଶି ଆଂଶିକ ବରଫ ଓ ଆଂଶିକ ତରଳ ଥିଲା । ପେମା ଠାରୁ ଜାଣିବାକୁ ପାଇଲୁ କି କିମ୍ବଦନ୍ତୀ ଅନୁସାରେ ଏଠାରେ ବସବାସ କରୁଥିବା ଜନଜାତି ଶୀତଋତୁରେ ପାଣିସଙ୍କଟ ଦୂର କରିବା ପାଇଁ ବୌଦ୍ଧ ଧର୍ମର ମହାନ ଗୁରୁ ପଦ୍ମସମ୍ଭବଙ୍କ ଅନୁରୋଧ କରିଥିଲେ । ସେ ତାଙ୍କର ପବିତ୍ର ଦଣ୍ଡ ସାହାଯ୍ୟରେ ଏହି ହ୍ରଦର ଏକ ଅଂଶକୁ ଛୁଇଁ ଦେଇଥିଲେ ।





ସେଇଦିନଠାରୁ ଏହି ହ୍ରଦର ସେଇ ଅଂଶ ମାଇନସ ଡିଗ୍ରୀ ତାପମାତ୍ରାରେ ବି ବରଫ ପାଲଟେ ନାହିଁ । ଏହା ଶୁଣି ମୁଁ ଭାବୁଥିଲି ସତରେ ଈଶ୍ୱରଙ୍କ ଉପରେ ଆସ୍ଥା ଓ ଦୃଢ଼ ବିଶ୍ୱାସ ମଧ୍ୟ ବେଳେ ବେଳେ ବିଜ୍ଞାନକୁ ଆଶ୍ଚର୍ଯ୍ୟ ଚକିତ କରିଦିଏ । ହ୍ରଦଟି ବୌଦ୍ଧ, ହିନ୍ଦୁ, ଶିଖ ଆଦି ଧର୍ମାବଲମ୍ବୀଙ୍କ ନିମିତ୍ତ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ ।

ଲାଚେନରେ ରାତ୍ରି ବିତାଇ ତା ପରଦିନ ଲାଚୁଙ୍ଗ ଗ୍ରାମ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଲୋଚନ ଠାରୁ ଏହା ହାରାହାରି ଛୟାଳିଶ କିଲୋମିଟର ଦୂରରେ ଅବସ୍ଥିତ । ଲାଚୁଙ୍ଗ ଗ୍ରାମର ଚେକ୍‌ପୋଷ୍ଟ ଠାରେ ପେମା ଆମ ସମସ୍ତଙ୍କର ଆଧାରକାର୍ଡ଼ ଦେଖାଇ ପରମିଶନ ଆଣିଲା ।

ଚାଇନା ୧୯୫୦ ମସିହାରେ ତିବତକୁ ଅକ୍ତିଆରରେ ନେବା ପୂର୍ବରୁ ଏହି ଗ୍ରାମ ସିକିମ ଓ ତିବତ ମଧ୍ୟରେ ବ୍ୟବସାୟିକ ଗମନାଗମନ ପାଇଁ ବ୍ୟବହୃତ ହେଉଥିଲା । ଏହି ଗ୍ରାମଟି ଲାଚେନ ଠାରୁ କ୍ଷେତ୍ରଫଳ ହିସାବରେ ବଡ଼ । ଏହାର ଲୋକସଂଖ୍ୟା ପ୍ରାୟ ଅଢ଼େଇ ହଜାର ପାଖାପାଖି । ଏହି ଗ୍ରାମର ଅବସ୍ଥିତ ସମୁଦ୍ର ତଳ ଠାରୁ ପ୍ରାୟ ନଅହଜାର ଛଅଶହ ଫୁଟ ଉଚ୍ଚରେ । ସିକିମର ଏକ ସୁନ୍ଦର ଗ୍ରାମ ଭାବରେ ଲାଚୁଙ୍ଗ ପରିଚୟ ଲାଭ କରିଛି । ବ୍ରିଟିଶ ଆବିଷ୍କାରକ- ଜୋସେଫ ଡାଲଟନ ହୁକର ତାଙ୍କର ପୁସ୍ତକ 'ଦ ହିମାଳୟନ ଜର୍ଣ୍ଣାଲ'ରେ ମଧ୍ୟ ଏହା ବର୍ଣ୍ଣନା କରିଛନ୍ତି । ଏହି ଗ୍ରାମରେ ପହଞ୍ଚିବା ବେଳକୁ ଅପରାହ୍ନ । ତିସ୍ତାର ଏକ ଶାଖା ନଦୀ ଲାଚୁଙ୍ଗନଦୀ ତାର ଗୁରୁଗମ୍ଭୀର ନାଦରେ ସର୍ପ ପରି ଅଙ୍କାବଙ୍କା ରାସ୍ତା ଧାରରେ ବହି ଯାଉଛି । ଆମେ ପହଞ୍ଚିବା ବେଳକୁ ଝରଝର ବର୍ଷା ମନପ୍ରାଣ ଦେଇ ଭିଜାଇ ଚାଲିଥାଏ ସେଇ ପାହାଡ଼, ତଟିନୀ ଘେରା ସୁନ୍ଦର ଗ୍ରାମଟିକୁ । ମନ୍ତ୍ରମୁଗ୍ଧ ହୋଇ ଲବିରେ ବସିଥିବା ବେଳେ ଗରମ ଷ୍ଟିଲ୍‌ର କେଟିଲରେ ଚା'ଆଣିଦେଲା ତଳ ମହଲାରେ ରୋଷେଇ ଘରେ କାମ କରୁଥିବା ନେପାଳୀ ପିଲାଟି । ହିନ୍ଦୀରେ ପଚାରିଲି...ଅଦରକ ବାଲି ଚାୟ ? ସେ ବିଚରା ମୁହଁ ଶୁଖାଇ ତାର ଛୋଟ ଛୋଟ ନିଷ୍ପାପ ଆଖିଦୁଇଟିକୁ ଆଉ ଟିକେ ଛୋଟ କରି ହିନ୍ଦୀରେ ଉତ୍ତର ଦେଲା..ଯାହାର ସାରମର୍ମ ଥିଲା....ନା ଅଦା ସରି ଯାଇଛି । ଜିନିଷ ପତ୍ର ପାଇଁ ସେମାନଙ୍କୁ ଦୂରକୁ ଯିବାକୁ ପଡ଼େ । ଚା' ପିଉ ପିଉ ସେଠାରେ ଥିବା ମ୍ୟାନେଜର ସେହି ଗ୍ରାମଟି ବିଷୟରେ ସମ୍ୟକ ସୂଚନା ଦେଲେ । ତାଙ୍କ ଠାରୁ ଜାଣିବାକୁ ପାଇଲୁ....ଏହାର ଚାରୋଟି ସବଡିଭିଜନ ରହିଛି...ମଙ୍ଗନ, ଜୋଙ୍ଗୁ, କାବି ଏବଂ ଚୁଙ୍ଗଥାଙ୍ଗ । 'ମଙ୍ଗନ'ରେ ମୁଖ୍ୟ ଅଫିସ ଓ ପ୍ରଶାସନିକ କାର୍ଯ୍ୟାଳୟ ରହିଛି । ଏଠାରେ ବହୁ ସଂଖ୍ୟାରେ ଲେପଚାମାନେ ବାସ କରନ୍ତି । 'କାବି' ଏକ ଐତିହାସିକ ସ୍ଥାନ ଯେଉଁଠାରେ ତେର ଶତାବ୍ଦୀରେ ଲେପଚା ଓ ଭୁଟିଆ ଜନଜତି ଭିତରେ ଚାଲିଥିବା ଦୀର୍ଘ ଲଢ଼େଇର ଅନ୍ତ ହୋଇ ସନ୍ଧି ପତ୍ରରେ ସ୍ୱାକ୍ଷର ହୋଇଥିଲା । ଏଠାରେ ବହୁ ସଂଖ୍ୟାରେ ନେପାଳୀ ବାସ କରନ୍ତି । ୧୭୭୫-୧୮୧୫ ମଧ୍ୟରେ ପ୍ରାୟ ଲକ୍ଷାଧିକ ନେପାଳୀ ପୂର୍ବ ଓ ମଧ୍ୟ ନେପାଳରୁ ଚାଲିଆସି ସିକିମରେ ପ୍ରବାସୀ ରୂପେ ବସବାସ ଆରମ୍ଭ କରିଥିଲେ । କଥାହେବା ଭିତରେ ରାତ୍ରୀ ଭୋଜନ ପ୍ରସ୍ତୁତ ହୋଇସାରିଥିଲା । ତେଣୁ ଆମେମାନେ ଖାଇ ଶୀଘ୍ର ଶୋଇ ପଡ଼ିବାକୁ ସ୍ଥିର କଲୁ । ସାତ ଡିଗ୍ରୀ ଶୀତଳ ତାପମାତ୍ରାରେ କୋମଳ ଓ ଉଷୁମ ରେଜେଇ ଭିତରେ କେତେବେଳେ ଯେ ଆଖି ଲାଗି ଯାଇଛି ଜାଣେନା । ଆଖି ଖୋଲିଲା ଚଢ଼େଇମାନଙ୍କ ଆବାହନୀ ସୁମଧୁର ଶବ୍ଦରେ । ବର୍ଷା ଛାଡ଼ି ଯାଇଥିଲା । ସବୁଆଡ଼ ପରିଷ୍କାର ସବୁଜିମାରେ ଭରପୂର । ସକାଳର ଚା'କପଟି ଧରି ବାହାର ବାରଣ୍ଡା ଆଡ଼କୁ ଯାଇ ଯାହା ଦେଖିଲି ମୋ ଆଖିକୁ ବିଶ୍ୱାସ ହେଉ ନଥିଲା । କାଲି ଦେଖିଥିବା ସବୁଜ ପାହାଡ଼ ଗୁଡ଼ିକ ଏବେ ରୂପେଲି ବରଫରେ ଢାଙ୍କି ହୋଇ ପରୀ ସଦୃଶ ଦୃଶ୍ୟମାନ ହେଉଛି । ହାଲ୍କା ବାଦଲ ଖଣ୍ଡ ତାର ଆଖପାଖରେ ଭାସମାନ ହୋଇ ଡେଣାର ଭ୍ରମ ସୃଷ୍ଟି କରୁଛନ୍ତି । ଇତି ମଧ୍ୟରେ ଜଳଖିଆ ପ୍ରସ୍ତୁତ ହୋଇସାରିଥିଲା । ଗରମ ଗରମ ପୁରୀ ଓ ଆଳୁ ତରକାରୀ ଖାଇ ଚା' ପିଉ ପିଉ ହଠାତ୍ ଏକ ଘର୍ ଘର୍ ଶବ୍ଦ ମୋର ଦୃଷ୍ଟି ଆକର୍ଷଣ କଲା । ପାଖରେ ଥିବା ଏକ ଛୋଟ କ୍ୟାବିନ ଘର ଯେଉଁଠାରୁ ଏହି ଶବ୍ଦ ଆସୁଥିଲା ସେଇଆଡ଼କୁ ଗଲି । ସେଠାରେ ପାହାଡ଼ ଉପରୁ ମୋଟରେ ବହି ଆସୁଥିବା ଝରଣାପାଣିର ଶକ୍ତିଶାଳୀ ପ୍ରବାହ ଦ୍ୱାରା ଏକ ଚକ୍କି ସେଇ କ୍ୟାବିନ ତଳେ



ଘୁରିବାର ଦେଖିଲି । ସେହି କାଠକ୍ୟାବିନ ଭିତରକୁ ପ୍ରବେଶ କରି ଦେଖିଲି ସେଇ ଚକ୍ରର ଉପରେ ଏକ ଘୋରଣା ଲାଗିଛି । ପାହାଡ଼ି ବୟସ୍କା ସ୍ତ୍ରୀ ଲୋକଟିଏ ସେଥିରେ ମୁଠେ ମୁଠେ ଚଣା ପୁରାଇ ପେଷୁଛି । ପ୍ରାକୃତିକ ଶକ୍ତିର ସୁନ୍ଦର ବିନିଯୋଗ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ମୋ ଭଳି ସହରୀଜୀବନରେ ବିଦ୍ୟୁତ ସରବରାହ ଉପରେ ଚବିଶ ଘଣ୍ଟା ନିର୍ଭର କରୁଥିବା ମଣିଷଟିଏ ପାଇଁ ଏହି ପ୍ରକାର ଏକ ଦୃଶ୍ୟ ବେଶ ଆନନ୍ଦ ଦାୟକ ଥିଲା । ପ୍ରକୃତି ସହିତ ସେମାନଙ୍କର ସହାବସ୍ଥାନର ପ୍ରଶଂସା ନକରି ମୁଁ ରହି ପାରୁନଥିଲି । ସେଠାରୁ ବାହାରି ଦେଖିଲି 'ମୋ' ନିତ୍ୟକର୍ମ ସାରି ଗାଡ଼ିକୁ ପୋଛି ରେଡି ହୋଇଗଲାଣି । ସେ କହିଲା ଜଲଦି ବାହାରନ୍ତୁ । ସକାଳ ଆଠଟା ସୁଦ୍ଧା ଆମେ ବାହାରିଯିବା । କାହିଁକିନା ଅପରାହ୍ଣରେ ପ୍ରାୟ ସବୁଦିନ ଏଠାରେ ବାଦଲ ଜମା ହୋଇ ବର୍ଷା ହୁଏ । ତେଣୁ ଆମେ ତା ପୂର୍ବରୁ ଭିଟ କରି ଫେରି ଆସିବା । ପ୍ରସ୍ତୁତ ହୋଇ ଆମେ ଗାଡ଼ିରେ ବସିଲୁ । ଗାଡ଼ି ଆଗକୁ ଗଡ଼ି ଚାଲିଥାଏ । ଆମର ଦୃଷ୍ଟିଗୋଚର ହେଲା ବହଳିଆ ତୋଫା ଧଳା ରଙ୍ଗର କଳକଳ ଛଳଛଳ ଝରଣା, ବରଫାବୃତ ତୁଙ୍ଗ ଶିଖର, ଅର୍ଦ୍ଧ ବରଫ ଓ ଅର୍ଦ୍ଧ ତରଳ ତଟିନୀ, ସୁନ୍ଦର ରୋଡ଼ୋଡେନଡ୍ରନ, ପ୍ରିମୁଲା ଫୁଲର ବଗିଚା । ସବୁଠାରୁ ଆଶ୍ଚର୍ଯ୍ୟ ଲାଗୁଥିଲା ଏହି ବଗିଚା ହାତ ତିଆରି ନୁହେଁ, ପ୍ରାକୃତିକ । ବିସ୍ତୃତ ଚାରଣ ଭୂମିରେ ଚରୁଥିବା ଚମରୀ ଗାଈ, ପାହାଡ଼ୀ ଛେଳି, ରଙ୍ଗୀନ ପ୍ରଜାପତି ଭିତରେ ମନେହେଉଥାଏ ସତେକି ସ୍ୱର୍ଗର ନନ୍ଦନକାନନରେ ମୁଁ ଯେପରି ବାଟହରା ପଥିକଟିଏ ।

ପେମା ଆମକୁ ଅନୁରୋଧ କଲା....ଆମେ ପ୍ରଥମେ ଜିରୋ ପଏଣ୍ଟ ଦେଖି ଫେରିବା ବାଟରେ ଏହି ଡ୍ୟାଲିରେ କିଛି ମୁହୂର୍ତ୍ତ କଟାଇବାଟା ଠିକ୍ ହେବ । ତା କଥା ମାନି ଆମେ ଜିରୋ ପଏଣ୍ଟ ଯିବା ଆଗରୁ ଶିବମନ୍ଦିର ଚେକପୋଷ୍ଟ ପାଖରେ ଭଡ଼ାରେ ମିଳୁଥିବା ରବର ଜୋତା ଓ ରବର ଗ୍ଲୋଭସ୍ ପିନ୍ଧିନେଲୁ । ବାଟରେ ଯାଉଥିବା ବେଳେ ହିମାଳୟର ବରଫାବୃତ ପାହାଡ଼କୁ ଦେଖାଇ ପେମା କହୁଥିଲା....ଏସବୁ ଆମର ଜଳସଂସାଧନର ଉତ୍ସ । ଶୀତରେ ଜମିଥିବା ଥଣ୍ଡା ବରଫ ଗରମ ଦିନରେ ତରଳି ଆମକୁ ଜଳଯୋଗାଣର ସୁବିଧା କରିଥାଏ ପ୍ରକୃତି । ଏହି ହିମାଳୟ ଗ୍ଲାସିୟର ତିସ୍ତା କାଙ୍ଗସେ'ରୁ ସିକିମର ଜୀବନରେଖା ତିସ୍ତାନଦୀର ଉତ୍ପତ୍ତି ହୋଇଛି । ପ୍ରତିମୁହୂର୍ତ୍ତରେ ହିମାଳୟର ବହୁରୂପୀ ଭଳି ରଙ୍ଗ, ରୂପରେ ପରିବର୍ତ୍ତନ ଘଟୁଥିଲା । କିଛି ସମୟପରେ ଗାଡ଼ିର ଗତି ବନ୍ଦ ହେଲା । ଆଗରେ ଥିଲା ତୁଳା ପରି ଧଳା ବିସ୍ତୃତ ବରଫର ଚାଦର । ଯା ଉପରେ ସୂର୍ଯ୍ୟ କିରଣ ପଡ଼ି ରୂପା ଭଳି ଚିକ୍ ଚିକ୍ କରୁଥାଏ । ପେମା କହିଲା- ଜିରୋ ପଏଣ୍ଟ । ପର୍ଯ୍ୟଟକଙ୍କ ଗାଡ଼ି ଧାଡ଼ି ହୋଇ ରହିଥାଏ । ପ୍ରକୃତରେ ଏହି ସ୍ଥାନଟିର ନାମ ୟୁମେସାମଡଙ୍ଗ । ପନ୍ଦର ହଜାର ଫୁଟରୁ ଅଧିକ ଉଚ୍ଚତାରେ ଏହି ବରଫାବୃତ ଅଞ୍ଚଳଟି ଭାରତ ଓଚାଇନାର ସୀମାନ୍ତରେ ଅବସ୍ଥିତ । ଲାଚୁଙ୍ଗ ଠାରୁ ଆସିଲେ ଏହିଠାରେ ହିଁ ଶେଷ ମୋଟରଚାଳନା ରୋଡ଼ । ସେଇଥିପାଇଁ ଏହାର ନାମ 'ଜିରୋପଏଣ୍ଟ' ରଖାଯାଇଛି । ଆଗରେ ସୁଉଚ୍ଚ ହିମ ଶିଖର ରୂପାରଙ୍ଗର ଅଭେଦ୍ୟ ପ୍ରାଚୀର ଟିଏ ସୃଷ୍ଟି କରିଛି ଦୁଇଟି ଦେଶ ମଧ୍ୟରେ । ସେଇ ବରଫାବୃତ ଭୂଇଁରେ ଜିରୋପଏଣ୍ଟ ଲେଖା ହୋଇ ସୁନ୍ଦର ତ୍ରିରଙ୍ଗା ଆମ ଦେଶର ଗର୍ବ ଓ ଗୌରବର ପ୍ରତୀକ ଭାବେ ସେଠାରେ ପୋତା ଯାଇଛି । ବରଫାବୃତ ଭୂମିର କଇଁଛ ପିଠି ପରି ଠାଆକୁ ଠାଆ ଭାରତୀୟ ସେନାବାହିନୀର ବଙ୍କର ଦୃଶ୍ୟମାନ ହେଉଥାଏ । କଫି, ଚା ମୋମସ, ସିଝା ଚଣା ପ୍ରଭୃତିର ବ୍ୟବସ୍ଥା ସେଠାରେ ଅସ୍ଥାୟୀ ଦୋକାନୀମାନଙ୍କ ଦ୍ୱାରା ଉପଲବ୍ଧ ହେଉଥାଏ । ରବର ଗ୍ଲୋଭସ୍ ଓ ଜୋତା ପିନ୍ଧି ବରଫ ଉପରେ ଚାଲିବାର ମଜା ନେଉଥାନ୍ତି ପର୍ଯ୍ୟଟକ ।

ଏହି ସ୍ଥାନରେ ତାପମାତ୍ରା ମାଇନସ ସତରଡିଗ୍ରୀ ପର୍ଯ୍ୟନ୍ତ ଶୀତ ଋତୁରେ ପହଞ୍ଚିଯାଏ । ମାର୍ଚ୍ଚରୁ ନଭେମ୍ବର ଏଠାରେ ଚଉଦ ଡିଗ୍ରୀରୁ ସାତ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାରେ ପରିବର୍ତ୍ତନ ଘଟିଥାଏ । ତେଣୁ ଗ୍ରୀଷ୍ମ ଋତୁରେ ଏହି ସ୍ଥାନ ପର୍ଯ୍ୟଟନ ପାଇଁ ଉପଯୋଗୀ ହୋଇଥାଏ । ହଠାତ୍ କିଛି ପର୍ଯ୍ୟଟକ ଅସୁସ୍ଥତା ଅନୁଭବ କରୁଥିବା ମୋର ଦୃଷ୍ଟିଗୋଚର ହେଲା । ଅମ୍ଳଜାନର ପରିମାଣ କମି ଯାଉଥିବାରୁ ଏଠାରେ ଅଣନିଃଶ୍ୱାସୀ ଲାଗିବା ସ୍ୱାଭାବିକ । ସେଥିପାଇଁ ସେଠାରେ ବହୁ ପର୍ଯ୍ୟଟକ ଉପଲବ୍ଧ କର୍ପୂର ପୁଡ଼ିଆସବୁ ଶୁଙ୍ଘି ଶୁଙ୍ଘି ପାହାଡ଼ ଉପରକୁ ଚଢୁଥାନ୍ତି । ଏଠାରେ ପର୍ଯ୍ୟଟକଙ୍କ ପାଇଁ ରହିବାର  କୌଣସି ବ୍ୟବସ୍ଥା ନାହିଁ । ତେଣୁ ସକାଳୁ  ବାହାରି ଦ୍ୱିପ୍ରହର ପର୍ଯ୍ୟନ୍ତ ବୁଲାବୁଲି ଶେଷକରି ଫେରିବାକୁ ହୁଏ ଲାଚୁଙ୍ଗ ଗ୍ରାମକୁ । ଲାଚୁଙ୍ଗ ଠାରୁ ଏହାର ଦୂରତ୍ୱ ଏକାବନ କିଲୋମିଟର । ଏଠାରେ ବିକ୍ରି କରୁଥିବା ଅସ୍ଥାୟୀ ଦୋକାନୀମାନେ ମଧ୍ୟ ଦ୍ୱିପ୍ରହର ସୁଦ୍ଧା ତଳରେ ଥିବା ଗ୍ରାମକୁ ଫେରିଯାନ୍ତି । ଏହାପରେ ପର୍ଯ୍ୟଟକଙ୍କ ଯାତାୟତ ବନ୍ଦ ରୁହେ ପୁଣି ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ । ଗୁରୁଦୋଙ୍ଗମାର ହ୍ରଦ ହେଉ  ବା ଜିରୋପଏଣ୍ଟ ସବୁଠାରେ ସେନାବାହିନୀ ଦ୍ୱାରା ପ୍ରବନ୍ଧ କରାଯାଇ ପର୍ଯ୍ୟଟକଙ୍କ ଗଣତି ରଖାଯାଏ । ଯାତ୍ରୀ ତଥା ସ୍ଥାନର ସୁରକ୍ଷା ଦୃଷ୍ଟିରୁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ମୁଁ ଓ ମୋର ସାଥିମାନେ ବରଫ ଉପରେ ସ୍ନୋ ମ୍ୟାନଟିଏ ତିଆରି କରି ଫୋଟନେବା ବେଳକୁ ଗୋଡ଼ ହାତ କାଲୁଆ ହୋଇଯିବାରୁ ଚା' ଓ ଗାମ ସିଝା ଚଣା ଉପଭୋଗ କରୁକରୁ କୌତୁହଳ ବଶତଃ ଚା' ଦୋକାନୀଟିର ନାମ ପଚାରିଲି







ଏବଂ ସେହି ସ୍ଥାନ ବିଷୟରେ ପଚାରିଲି । ସେ ତାର ଛୋଟ ଛୋଟ ପାହାଡ଼ି ଆଖିକୁ ଉଜ୍ଜ୍ୱଳ କରି କହିଲା....ତେନଜିଂ ଶେରପା । ଆଉ ମଧ୍ୟ କହିଲା....ଏହି ସ୍ଥାନକୁ ପବିତ୍ର ବୋଲି ଏବ ଈଶ୍ୱରଙ୍କ ବାସସ୍ଥଳୀ ବୋଲି ଆମେ ଭାବୁ । ତେଣୁ ଏଠାରେ ନନଭେଜ ବା ଆମିଷ ଖାଦ୍ୟ ଭକ୍ଷଣ ନିଷେଧ । ମୁଁ ନତମସ୍ତକ ହେଉଥିଲି ମନ, ପ୍ରାଣ, ଶରୀର ତଥା କାର୍ଯ୍ୟରେ ପ୍ରକୃତିକୁ ନିଜର କରିଥିବା ଏହି ମଣିଷମାନଙ୍କ ପାଖରେ ।  ସୂର୍ଯ୍ୟର ତୀର୍ଯକ୍ ରଶ୍ମି ବରଫ ଉପରେ ପଡ଼ି ତାର ପ୍ରତିଫଳନରେ ଆମ ଆଖି ଝଲସି ଯାଉଥାଏ ତେଣୁ ବ୍ୟାଗରୁ ସନଗ୍ଲାସ ବାହାରକରି ଆମେ ସମସ୍ତେ ପିନ୍ଧିନେଲୁ । ପେମା ସଙ୍କେତ ଦେଲା ୟୁମଥାଙ୍ଗ ଭ୍ୟାଲି ନିକଟତର ହେଉଛି ।

ଏହି ୟୁମଥାଙ୍ଗ ଭ୍ୟାଲି ପର୍ଯ୍ୟଟକଙ୍କ ପାଇଁ ଖୋଲିବାର ଚମତ୍କାର ପରିକଳ୍ପନା ଭାରତୀୟ ଆର୍ମିରେ କାର୍ଯ୍ୟରତ ଥିବା କ୍ୟାପଟେନ ଶେଖର ଦତ୍ତାଙ୍କ ମସ୍ତିଷ୍କ ଉପ୍ନନ୍ନ ହୋଇଥିଲା । ହିମାଳୟର ବରଫ ତରଳି ପ୍ରାୟତଃ ଫେବୃଆରୀ ମାସ ଠାରୁ ଜୁନ ମାସ ଭିତରେ ଏହି ଫୁଲ ଗୁଡ଼ିକ ଫୁଟିଥାନ୍ତି । କଠୋର ପାର୍ବତ୍ୟ ମାଟିରୁ ବାହାରି ଆସି ତାଙ୍କ କୋମଳ ସ୍ପର୍ଶରେ ନିର୍ଜୀବ ପାହାଡ଼ିଆ ଭୂଇଁକୁ କରିଦିଅନ୍ତି ଜୀବନ୍ତ । 'ୟୁମଥାଙ୍ଗ'ର ଅର୍ଥ ହେଉଛି...ଭ୍ୟାଲି ଅଫ ଫ୍ଲାୱାର ବା ଫୁଲର ଉପତ୍ୟକା । ନାମର ସ୍ୱାର୍ଥକତାକୁ ପଦର୍ଶିତ କରି ଭ୍ୟାଲିଟି ସଜାଇ ହୋଇଥିଲା ପ୍ରକୃତି ହାତରେ ଆପେଆପେ । ନାଲି, ନେଳି, ବାଇଗଣୀ, ଗୋଲାପୀ ଗୋଟିଏ ପରେ ଗୋଟିଏ ରଙ୍ଗର ଫୁଲ ସତେକି ଭାବିଚିନ୍ତି କେହି ଉଦ୍ୟାନବିତ୍ କିମ୍ବା ମାଳଲୀଟିଏ ଯେମିତି ଲଗେଇ ଦେଇଛି ଏଇ ମାଟିରେ । 'ରୋଡ଼ୋଡେନଡ୍ରନ', ପ୍ରିମୁଲା ଆଦି ଜାତିର ଫୁଲର ଗହଣାରେ ସଜେଇ ହୋଇ ଉପତ୍ୟକାଟି ରାଣୀ ଭଳି ଦିଶୁଥାଏ । ସୁନ୍ଦର ଫୁଲ ଗଉଡ଼ିକ ନିକଟରେ ଫୋଟ ନେଉ ନେଉ ହଠାତ୍ 'ପେମା'ର ଭାରି  କିନ୍ତୁ ଅତ୍ୟନ୍ତ ସରଳ କଣ୍ଠସ୍ୱର ମୋ ଦୃଷ୍ଟି ଆକର୍ଷଣ କଲା । ଦେଖିଲି 'ପେମା' ଆମ ଟ୍ୟାକ୍ସି ଆଗରେ ଥିବା ଏକ ଟ୍ୟାକ୍ସି ପାଖରେ ଯାଇ ସେଥିରେ ଆସିଥିବା ପର୍ଯ୍ୟଟକଙ୍କୁ କିଛି କହୁଛି । ତା ସହିତ ସେଇ ଟ୍ୟାକ୍ସିରେ ଥିବା ପାହାଡ଼ି ଡ୍ରାଇଭର ଜଣକ ମଧ୍ୟ ସାଙ୍ଗ ଦେଉଛି । ବୁଝୁ ବୁଝୁ ଜଣାପଡ଼ିଲା, ସେଇ ଟ୍ୟାକ୍ସିରେ ଆସିଥିବା ପର୍ଯ୍ୟଟକ ଦଳଟି ସେଠାରୁ କିଛି ଫୁଲ ତୋଳି ପକାଇଛନ୍ତି । ପେମା ଓ ଆର ଡ୍ରାଇଭର ଦୁହେଁ ଯଦିଓ ହିନ୍ଦୀରେ ଅନୁନୟ କରୁଥାନ୍ତି କିନ୍ତୁ ତାଙ୍କ ଶବ୍ଦରେ କଠୋରତା ଏବଂ ପ୍ରକୃତିର ସଂରକ୍ଷଣ ପାଇଁ କାତରତା ଦୁଇଟି ଯାକ ବେଶ ଝଲସି ଉଠୁଥିଲା । ସେମାନେ କହୁଥିବା କଥାଟି ଏଇଆ ଥିଲା ଯେ....


ମ୍ୟାଡାମ ! ଆପଣ ତ ଏହାକୁ ତୋଳିନେଇ କେଇଟା ମୁହୂର୍ତ୍ତ ମାତ୍ର ପିନ୍ଧିବେ । ତାପରେ ତ ଏହା ଶୁଖି ଡଷ୍ଟବିନକୁ ଯିବ । କିନ୍ତୁ ଏହି ଫୁଲ ଯଦି ଏଇଠି ରହିବ ତେବେ ସେମାନେ ଏଇଠି ପରିପକ୍ୱ ହେବେ, ମଉଳିବେ ଏବଂ ତାଙ୍କ ମଞ୍ଜିରୁ ନୂତନ ଗଛ ଓ ଫୁଲର ସୃଷ୍ଟି ହେବ । ଆପଣଙ୍କ ଭଳି ଆସୁଥିବା ଶହଶହ ଯାତ୍ରୀ ଯଦି ଏପରି ବ୍ୟବହାର କରିବେ ତେବେ ଦିନ ଆସିବ ଏଠି ଗୋଟିଏ ବି ଫୁଲ ଫୁଟିବ ନାହିଁ । ଆମେ ଏହି ପ୍ରକୃତି, ପାହାଡ଼କୁ ପୂଜା କରୁ । ଏହା ଆମର ଭଗବାନ । ତେଣୁ ଏହି ସ୍ଥାନର ପବିତ୍ରତା ଓ ସୁନ୍ଦରତା ବଜାୟ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ସେଦିନ ମୋର ମଥା ଏହି ପ୍ରକୃତିପ୍ରେମୀ ମଣିଷ ଦୁଇଟିଙ୍କ ଆଗେଇ ନଇଁ ଯାଇଥିଲା ।

ସେଠାରୁ ଟିକେ ଆଗକୁ ଯିବା ପାଇଁ ଆମକୁ 'ପେମା' ଇଙ୍ଗିତ ଦେଲା । ଏକ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ପ୍ରାୟ କୋଡ଼ିଏ ସରିକି 'ୟାକ' ଚରୁଥିଲେ । କେବେ କେମିତି ପର୍ଯ୍ୟଟକଙ୍କ କୋଳାହଳ ଓ ଫଟୋ ନେବାର ଅଙ୍ଗଭଙ୍ଗୀ ଦେଖି ମଝିରେ ମଝିରେ ସାମାନ୍ୟ ମୁହଁ ଟେକି ଅନାଉଥାନ୍ତି । ମୁଁ ଆଖି ବୁଜି ଏକା ନିଃଶ୍ୱାସରେ ଶୋଷି ନେବାକୁ ଚେଷ୍ଟା କରୁଥିଲି ସମସ୍ତ ସତେଜ ବାୟୁକୁ । ଜିରୋ ପଲ୍ୟୁସନ ବା ଶୂନ୍ୟ ପ୍ରଦୂଷଣ ଘୋଷିତ ସେଇ ସ୍ଥାନରେ କିଛି ମୁହୂର୍ତ୍ତ ପାଇଁ ଭୁଲିଯାଇଥିଲି କି ମୁଁ ପନ୍ଦର ହଜାରଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତାରେ ଅଛି । ମୋ ମନ ଓ ମସ୍ତିଷ୍କରୁ ଉଚ୍ଚତା ଜନିତ ଭୟ ଭ୍ରାନ୍ତି ତଥା ସାମାନ୍ୟ ଅସୁସ୍ଥତା କୁଆଡ଼େ ଫୁର ହୋଇ ଉଡ଼ିଯାଇଥିଲା । ଚତୁର୍ଦ୍ଦିଗରେ ବିରାଜମାନ କରୁଥିଲା ଏକ ଅପୂର୍ବ ଶାନ୍ତି, ନୀରବତା । ଖରା ମିଳନରୁ ମିଳନତର ହେଲା । ବାଦଲ ଉହାଡ଼ରେ ସୂର୍ଯ୍ୟ ଲୁଚକାଳି ଖେଳୁ ଖେଳୁ ଏକଦମ ଅଦୃଶ୍ୟ ହୋଇଗଲେ । ଏପରି ମନେହେଲା ସତେକି ମେଘଖଣ୍ଡ ସବୁ ଆଲିଙ୍ଗନ କରିବା ପାଇଁ ଧାଇଁ ଆସୁଛନ୍ତି । ଦେହରେ ଥଣ୍ଡାପବନ ବର୍ଚ୍ଛା ପରି ଆସି ପିଟି ହେଉଥାଏ । ହଠାତ୍ 'ପେମା'ର ସ୍ୱର ମୋତେ ପ୍ରକୃସ୍ଥିତ କଲା । ସେଦିନ ମୁଁ ଦେଖିଥିବା ପ୍ରାକୃତିକ ଦୃଶ୍ୟରାଜି ଆଗରେ ମନୁଷ୍ୟକୃତ କୌଣସି କାନଭାସ ସବୁଠାରୁ ଶ୍ରେଷ୍ଠ ଛବି ବି ଅତି ନଗଣ୍ୟ ଥିଲା । ସେଇଥିପାଇଁ ତ ଈଶ୍ୱରୀୟ ସତ୍ତା ଏତେ ମହାନ ଆଉ ସମଗ୍ର ଜୀବଜଗତ ତାର ଅଧୀନ । ଏହା ଭିତରେ 'ପେମା'ତାର ଗାଡ଼ିର ଅଡ଼ିଓ ଅନ୍ କଲା ।

ନେପାଳୀ ଭାଷାରେ ଗୀତଟିଏ ଭାସି ଆସିଲା: "କିନା କିନା ତିମ୍ରୋ ତସବିର ମାଲାଇ ନିକୋ ଲାଗଚା..."

ସେଇ ସୁରସହିତ ତାଳ ଦେଇ ଆମେ ସେଦିନ ଫେରିଥିଲୁ ।






ପ୍ରଚ୍ଛଦ କଳ୍ପନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ମେଘା ଶାହା,**ବାରିପଦା
ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ୍**
ବୃତ୍ତି : **ବ୍ୟାଙ୍କର୍, ଆର୍ଟିଷ୍ଟ୍**
ଶିକ୍ଷା : **ବାଣିଜ୍ୟରେ ସ୍ନାତକୋତ୍ତର**
ରୁଚି : **ମଡ଼େଲିଂ, ଅଭିନୟ ଓ ନୃତ୍ୟ**
ପ୍ରଚ୍ଛଦ ଫଟୋଗ୍ରାଫି : **ସରୋଜ କୁମାର,**ବାରିପଦା
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ,** ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ମେଘା**
ସ୍ଥାନ : **ହରିପୁରଗଡ଼, ବାରିପଦା**



ଲେଣ୍ଡର

# ସେପ୍ଟେମ୍ବର - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

ଛୁଟିଦିନ

୦୫/୦୯/୨୦୨୩ : ଗୁରୁଦିବସ
୧୭/୦୯/୨୦୨୩ : ବିଶ୍ୱକର୍ମା ପୂଜା
୧୯/୦୯/୨୦୨୩ : ଗଣେଶ ବ୍ରତ
୨୦/୦୯/୨୦୨୩ : ନୂଆଖାଇ
୨୮/୦୯/୨୦୨୩ : ମହମ୍ମଦ ଜୟନ୍ତୀ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

# ଦ୍ରୌପଦୀ-୩୧

## ପ୍ରଫୁଲ୍ଲ କୁମାର ମହାନ୍ତି



**(ରାଜସୂୟ ଯଜ୍ଞ ସୂଚନା)**

ଯୁଧିଷ୍ଠିର ଠିକ୍ ବୁଝିଥିଲେ
ରାଜ୍ୟ ପାଇଁ ପ୍ରଜା ନୁହେଁ ପ୍ରଜା ହିଁ ରାଜ୍ୟ
ରାଜବାଟି ନୁହେଁ ରାଜ୍ୟର ବିକାଶ ସୌଧ
ଆଶ୍ରୟ କେବଳ ପ୍ରଜାର ସେବାକ୍ଷେତ୍ର
ଯାହା ପ୍ରଜାର ଦାନ ସେବକର ଆସ୍ଥାନ
ସେବା ହିଁ ରାଜଧର୍ମ ସେବା ହିଁ କର୍ମ
ସେଥିଲାଗି ଯୁଧିଷ୍ଠିର ଲାଗି ପଡ଼ିଥିଲେ
ପାଞ୍ଚଭାଇ ସାଥେ ଦିନରାତି ପ୍ରଜାରଞ୍ଜନରେ
ସୁଶାସନ ବାଣିଜ୍ୟ ବିକାଶରେ
ପ୍ରକୃତିର ବରଦାନ ସହ ପରିଶ୍ରମୀ ନିଷ୍ଠ ଉଦ୍ୟମରେ ।
ଧ୍ୟାନ କର୍ମ ଭକ୍ତିର ପ୍ରଶାନ୍ତ ଆତ୍ମାରେ ।
ଦ୍ରୌପଦୀ ଯୋଡ଼ିଥିଲେ ନିଜ ଦେହମନ
ଫୁଟିଥିଲା ଫୁଲଫଳ ଇନ୍ଦ୍ରପ୍ରସ୍ଥ ଧରଣୀରେ
ବିସ୍ତାରି ଯାଇଥିଲା ପ୍ରାଚୁର୍ଯ୍ୟର ମଧୁହାସ
ପ୍ରଜା ରାଜା ପଶୁପକ୍ଷୀ ମାଟି ଡେଇଁ ଗଗନରେ ।

ଚାଷଜମି ପାଇଁ ଜଳିଲା ଖାଣ୍ଡବ
ସୃଷ୍ଟି ହେଲା ସମ୍ଭାବନା ପୁଲକ ଋତୁର
ଅଭିଯାନ ପାଇଁ କ୍ରିୟାଶୀଳ ମଣିଷର
ଅବଶ୍ୟ ଜଳିଗଲେ ପଶୁପକ୍ଷୀ ବନୌଷଧି
କେବଳ ତକ୍ଷକ ଛଡ଼ା ବର୍ତ୍ତିଲେନି କେହି
ଅର୍ଜୁନର ଶରାନଳେ ଧ୍ୱଂସ ହେଲା ଅରଣ୍ୟ ସମ୍ପଦ
ପ୍ରଜାମାନେ ଲାଗିଗଲେ ସଜାଇବା ପାଇଁ

ତାଙ୍କ ନୂଆ କର୍ମଭୂମି ଶସ୍ୟ ସଂଭାରର
ଆଗେଇଲେ ମଣିଷର ଶ୍ରମଝାଳ ଦେଇ
ଗଢ଼ିବାକୁ ସଭ୍ୟତାର ଆନନ୍ଦ ତୋରଣ ।

ଦିନେ ଆସି ପହଞ୍ଚିଲେ ମହର୍ଷୀ ନାରଦ
ମହାଯୋଗୀ ଶୂନ୍ୟଚାରୀ କଉତୁକ କଳହର
ଭବ୍ୟ ନାଟ୍ୟକାର ଚକ୍ରାନ୍ତର ସରାଗ ସନ୍ୟାସୀ:
ଛଳଦୁଃଖ ପ୍ରକାଶିଲେ ରାଜସଭା ମଞ୍ଚରେ
କହିଲେ ଆସିଲି ଦେଖି ପଣ୍ଡୁ ବସିଛନ୍ତି
ଯମର ପାଦ ତଳେ ଧୂଳିଆ ଭୂମିରେ-

ହତବାକ୍ ହେଲେ ପାଣ୍ଡବ ପାଞ୍ଚଭାଇ
ହତାଶ ବେଦନାରେ ନଇଁଗଲା ସବୁ ମୁଣ୍ଡ
ଛଳଛଳ ହେଲା ଆଖି ଦ୍ରୁପଦ ନନ୍ଦିନୀର
ସଭାସଦ୍ ମୂକ ହେଲେ ସମବେଦନାରେ-
ନାରଦ କହିଲେ ପୁଣି ଭାବିଥିଲି କହିବି କି ନାହିଁ
କିନ୍ତୁ ବିଚାରିଲି ସତ୍ୟ ପ୍ରକାଶରେ କାହିଁକି କାରୁଣ୍ୟ
ପ୍ରିୟ ଯୁଧିଷ୍ଠିର ତୁମେ କର ପ୍ରତିକାର
ପଣ୍ଡୁରାଜା ବ୍ରହ୍ମହତ୍ୟା ଅପରାଧ ପାଇଁ
ଦେବତା ବ୍ରାହ୍ମଣଙ୍କୁ ତୁଷ୍ଟକରି ପୂଣ୍ୟ କର୍ମକର
ପିତାଙ୍କର ଯୋଗ୍ୟାସନ ମିଳିବ ନିଶ୍ଚୟ-

ହାତ ଯୋଡ଼ି ଠିଆ ହେଲେ ଯୁଧିଷ୍ଠିର
ନାରଦଙ୍କ ପାଦ ଧରି ପଚାରିଲେ
କୁହନ୍ତୁ ଯୋଗୀବର କଣ କଲେ ପିତା ମୋର
ମୁକ୍ତ ହେବେ ଅର୍ଜିତ ପାପରୁ
ପାଇବେ ଯୋଗ୍ୟାସନ ଅମର ସଭାରେ ?

ନାରଦ କହିଲେ ଶୁଣ ପୁତ୍ର ଯୁଧିଷ୍ଠିର
ରାଜସୂୟ ଯଜ୍ଞକର ତାହା ହିଁ ପ୍ରାୟଶ୍ଚିତ
ତୃପ୍ତ ହେବେ ଦେବଗଣ ମୁକ୍ତ ହେବେ ପଣ୍ଡୁ
ପାଇବେ ଆସନ ଉଚ୍ଚ ପବିତ୍ର ଭୂମିରେ ।

ଦ୍ରୌପଦୀ ପ୍ରଣମିଲେ ସ୍ୱାମୀଙ୍କ ସହିତ
ତାପରେ ଚାଲିଗଲେ ଏକାନ୍ତ କକ୍ଷକୁ ।
ଖଟରେ ଆଉଜି ବସି ଚିନ୍ତା କଲେ କୃଷ୍ଣା
ଏହା କଣ ସତ୍ୟ ଯାହା କହିଲେ ନାରଦ
ପ୍ରକୃତି ଉପରେ କଣ ଅଛି ଆଉ କିଛି
ପଞ୍ଚ ଉପାଦାନ ଛଡ଼ା ପାପପୂଣ୍ୟ ମୋକ୍ଷ ମିମାଂସା ?
ଯେଉଁଠି ବିଚାର ହୁଏ କର୍ମର ମହତ୍ତ୍ୱ !
ଯଦି ସେପରି ଥାଏ କାହିଁକି ହଟ୍ଟଗୋଳ
ବଞ୍ଚିବାର ସଂଘର୍ଷରେ ଲକ୍ଷ୍ୟ ଇଚ୍ଛା କାମନା ସାଧନା
ମନ ବିବେକର ଦ୍ୱନ୍ଦ୍ୱ ସମୀକ୍ଷା
ଅଭିଳାଷ ତୃପ୍ତିର ଦୁର୍ବାର ଜୁଆର ?

ଆଖି ବନ୍ଦ୍ କଲେ ମୁହୂର୍ତ୍ତେ ଦ୍ରୌପଦୀ
ଜମାଟ ବାନ୍ଧିଲା ଘର ବାହାର ଅନ୍ଧାର
ଲୁଚିଗଲା ମୟ ପ୍ରାସାଦର ଚମକ ଆଲୁଅ
ସାପ କୁକୁର କୁମ୍ଭୀର ସଲସଲ କଲେ
ଚିନ୍ତାର ଅରଣ୍ୟରେ ହଜିଗଲା ସବୁଜ ସଙ୍କେତ-

ଚମକି ଉଠିଲେ ଦ୍ରୌପଦୀ
ପଦଚାରଣ କଲେ ସାପ ଭରା ମୁଣ୍ଡ ନେଇ
ଇହପର ସଂଘାତରେ ବିବ୍ରତ ଅସ୍ଥିର ।
ରାଜସୂୟ ହୁଏତ ରାଜାର କର୍ତ୍ତବ୍ୟ ବୈଦିକ ମାନ୍ୟତା
ସହ ରାଜପରମ୍ପରା
କିନ୍ତୁ ଯେତେବେଳେ ଇନ୍ଦ୍ରପ୍ରସ୍ଥ ପ୍ରଜା
ପାଇନାହିଁ ବଞ୍ଚିବାର ପୂର୍ଣ୍ଣ ଉପଚାର
କାହିଁକି ଯୁଧିଷ୍ଠିର ମନ ଦେବେ ଯଜ୍ଞ କର୍ମରେ ?


ରାଜାଙ୍କର ବ୍ୟକ୍ତିଗତ ପ୍ରାୟଶ୍ଚିତ ପାଇଁ
ଯାହା ହୋଇପାରେ ବିଧିସିଦ୍ଧ କିନ୍ତୁ
କାହିଁକି ଟିକସ ଦେବେ ନିରୀହ ଜନତା:
କିନ୍ତୁ ମୂଳ ପ୍ରଶ୍ନ ହେଲା ପିତାଙ୍କର ପାପ କଣ
ଦୂର ହୁଏ ପୁତ୍ର କର୍ମରେ ? କେଉଁ ଯୁକ୍ତିରେ ?

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**


◀ ପ୍ରଫୁଲ୍ଲ କୁମାର ମହାନ୍ତି



▲ ଚିତ୍ର :ଶିଳ୍ପୀ ସୁସ୍ମିତା ମିଶ୍ର

# ଶବ୍ଦମାନେ ଶୋଇପଡ଼ିଛନ୍ତି

## ସୁଚିତ୍ରା ପାଣିଗ୍ରାହୀ

ଶବ୍ଦମାନେ ତ ମରିଯାଇ ନଥାନ୍ତି
ଅବା ପୋତି ହୋଇ ନଥାନ୍ତି ଗାଁ ମୁଣ୍ଡ ମଶାଣୀ ଭୂଇଁରେ
ସେମାନେ ଖାଲିଯାହା
ଶୋଇ ଯାଇଥାନ୍ତି,
ସେଇ ଶୋଇ ପଡ଼ିଥିବା ଘୁମନ୍ତ
ଶବ୍ଦମାନଙ୍କୁ
ଆଉ ଥରେ ନିଦରୁ ଜଗାଇବା ପାଇଁ
ଯେତିକି ଆକୁଳତା ଲୋଡ଼ା
ଯଦି ପାରୁଚ ତ
ସେଇ ଆତୁରତାରେ ସେମାନଙ୍କୁ ଖୋଜ
ଆଉ ନିଦରୁ ଉଠେଇ ତୋଳି ଧର
ତୁମ ହାତ ପାପୁଲିରେ

ଦେଖିବ,
କେତେ ଚମତ୍କାର କବିତାଟେ
ଉତୁରି ଆସିବ ତୁମ ଲେଖନୀରୁ

ଶୋଇଥିବା ଶବ୍ଦମାନେ
ଆପେ ଆଖି ମେଲି ଚାହିଁ ପାରନ୍ତିନି
ତାଙ୍କୁ ପରା କଅଁଳ ଚାପୁଡ଼ାରେ
ଉଠେଇବାକୁ ହୁଏ
ଦିନ ଦିନ ଧରି
ଧିରେ ଅତି ଧିରେ

ସେଇସବୁ ଶବ୍ଦମାନଙ୍କର
ଆଖିର ପତାଙ୍କୁ ଛୁଇଁବାକୁ ପଡ଼େ
ବୁନ୍ଦା ବୁନ୍ଦା କାକରରେ
ଘଷିମାଜି ସେଇ ଶବ୍ଦମାନଙ୍କୁ
ଆହୁରି ନରମ ଓ ମୁଲାୟମ କରିବାକୁ ହୁଏ
ତେବେ ସିନା ଝରି ଆସିବ
ଲୁହ ପରି ଉଷୁମ ଓ ବତୁରା
କବିତାର ନଈ,

ଶବ୍ଦସବୁ ନିଦେଇ ଯାଇଥିବା ରାସ୍ତାରେ
ଜଣେ କେହି ଯେତେବେଳେ
ପାଦ ଥାପେ-
ପାଦତଳେ କଣ୍ଟା ନୁହେଁ
କବିତାଟେ ପରି ରୁକ୍ ରୁକ୍ ହୁଏ
କେହିଜଣେ ପବନରେ ପହଁରେ
କାନପାଖେ କହିଯାଏ
ଦେଖ୍, ଏଇଠି କୋଉଠି
ଶୋଇ ପଡ଼ିଛନ୍ତି ଶବ୍ଦମାନେ
ଗହଳ ନିଦରେ
ତାଙ୍କ ପିଠିରେ ହାତ ମାରିଦେଲେ
ସେମାନେ ଉତୁରି ଆସିବେ
ତୋ ଆଙ୍ଗୁଳିର ଫାଙ୍କ ଦେଇ
ସୃଜନୀର ସଫା କାଗଜକୁ
ଲେଖନୀର ଓଠରେ ଧାରେ ହସ ହୋଇ ।

♥ ଅବସରପ୍ରାପ୍ତା ଅଧ୍ୟକ୍ଷା, 'ଛାଇ',
ଜଗନ୍ନାଥ ବିହାର, ସାଳନ୍ଦୀ ବାଇପାସ୍, ଭଦ୍ରକ-୭୫୬୧୦୦,
ଫୋନ:୮୯୧୭୧୭୭୦୩୩



▲ କବି ସୁଚିତ୍ରା ପାଣିଗ୍ରାହୀ



▲ କବି ସୁସ୍ମିତା ମିଶ୍ର

# ଋତୁବର୍ଣ୍ଣା

ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା

ଭଲ ଲାଗେ ବୋଲି ଭଲପାଏ
ଭୁଲ୍ ବୁଝାମଣାରେ
ଭୁଲିଯିବା, ଭାଗ୍ୟରେ ବାନ୍ଧି
ଭୁଲେଇ ଦେଇଛି
ପ୍ରେମ ଭୂଗୋଳରୁ
'ମୁଁ'ର ଶବ୍ଦଟିଏ ।

ଅକ୍ଷୟ, ଅମ୍ଳାନ
ଚିନ୍ମୟ ରାତିକୁ ସାକ୍ଷୀ ରଖି
ମିଳେଇ ଯାଇଥାଏ
ମିଶେଇ ଦେଇଥାଏ
କଇଁ ନିରବରେ
ନିଜ ସହ ନିରଭିଜା
ଅପେକ୍ଷାର କ୍ଷଣ ଓ ମୁହୂର୍ତ୍ତ ।

ନିଦୁଆ ଆଶା ଓ ଇଚ୍ଛା
ନିଦାଘକୁ ପିଠି କରି
ନିଠେଇ ଦେଖିଥାଏ
ନଈ ପଡୁଥିବା ସରଳତା
ଆଣ୍ଠୁ ମାଡ଼ି ବସୁଥିବା
ଉଦାର ସମର୍ପଣ ବି
ହାରିଯାଏ, ହରେଇ ଦିଏ
ବିଶ୍ୱାସରେ ବିତେଇଥିବା
ଦିନ, ମାସ, ବର୍ଷ ଓ ଦଣ୍ଡ ।

କାଉ ବସାରେ କୋଇଲି ଶାବକ
ପର ଖୋଲିଗଲେ
ଆପେ ଆପେ ସାତପର
ଆକାଶ ମଲ୍ଲୀ ଆକାଶକୁ
ଆଖିଠାର ମରୁଥାଏ
ଝାଉଁଳା ବାଉଳାମନ
ଅବଶ ଦେହକୁ
ଲୋଟେଇ ଦିଏ
ଧରାର ଧୂସର ପଣତ ତଳେ
ଏକା ଦେଖୁଥାଏ ଜହ୍ନ
ବିଧିର ବିଧାନକୁ ଡେଇଁ
ଜାହିର କରିପାରେନି ଅସ୍ତିତ୍ୱ ।

ଇଏ ତ, ଏକ ନିଆରା ଜୀବନ
ବେସୁରା ସାତସୁରର ତାଳ
ଗୁମ୍‌ସୁମ୍ ଫୁଲେଇ ଫଗୁଣ
ମେଘ ମହ୍ଲାରରେ ମତୁଆଲା
ହୋଇପାରେନି ଘୁଙ୍ଗୁର
ତଥାପି, ଆନମନା ମୟୂର
ସଂଭାଳି ନିଏ ଝରର ଚଞ୍ଚଳ,
ହରିଣର ବାତୁଳ ଆକର୍ଷଣ ।

ଏବେ ବି ମୁଁ ପଣ କରିଛି
ପାଇଲାପଣରେ ପୂରେଇ ପାରିବି
ଅବଶୋଷର ଅଭାବ
ଜିଇଁବି ଜିଏଁଇବି
ଧୈର୍ଯ୍ୟରେ ଧାଲୋକ
ବାସ୍ତବତାର ସ୍ୱରୂପ ।

♥ ଅଧ୍ୟାପିକା: ଶିକ୍ଷା ବିଭାଗ,
ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ଖଡ଼ିଆଳ, ନୂଆପଡ଼ା,
ଫୋନ:୯୪୩୭୨୮୦୫୧୨



▲ କବି ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା



ଚିତ୍ର : ଶିଳ୍ପୀ ଓଇଶ୍ରୀ ମହାପାତ୍ର

# ବିଡ଼ମ୍ବନା

## ଦୁର୍ଗା ଚରଣ ଷଡ଼ଙ୍ଗୀ

ଯେଉଁ ଜୀବନଟିକୁ ନେଇ ବଞ୍ଚିବାର ଥିଲା
ବଞ୍ଚି ପାରିଲି ନାହିଁ ସେ ଜୀବନ !
ଅସୀମ ଉତ୍କଣ୍ଠା ଆବେଗରେ ଜଡ଼ସଡ଼ ମନ
ତଟ୍ଟୁ ଘୋଡ଼ା ପରି ମତେ ଝପଟାଇ ନେଲା
ସେଇ ତିମିର ତୀର୍ଥକୁ
ଯେଉଁଠି ଖାଲି
ବିରାମ ହୀନ ଶୋଷ
ଆହରଣ ବିପୁଳ ଉପଲବ୍ଧି
ଦେହ ଦେଉଳର ଅବିଚାରିତ ଅର୍ଗଳି
ଡେଇଁ ଡେଇଁ ମତେ
ଅଥୟ ଉନ୍‌ମନା କଲା ନିଶିଦିନ ।

ଯେଉଁ ଜୀବନଟିକୁ ନେଇ ବଞ୍ଚିବାର ଥିଲା
ବଞ୍ଚିପାରିଲି ନାହିଁ ସେ ଜୀବନ ।

ମୋ ଜନ୍ମଜାତକର ସଂଜ୍ଞାସବୁ ଦିନେ ଭୁଲିଗଲି
ଠିକଣା ବି ଭୁଲିଗଲି ସେ ମହାଜନର
ସନାତନର ଆପ୍ତବାକ୍ୟ ଯେତେ
ମିଳେଇଗଲେ ଶୂନ୍ୟ ମଣ୍ଡଳରେ
ପଞ୍ଚଭୂତର ସ୍ତୋତ୍ର-ଶ୍ଳୋକ ସବୁକୁ ଭୁଲିଲି
ଏବେ ମରଣ ହେବ କି ବୋଲି
ସଂଜୀବନୀର ମନ୍ତ୍ର ପଢୁଛି ଶୋଇ ଶୋଇ
ନିତି ରାତି ଶେଯରେ ।



ଫଟୋ ଦୁର୍ଗାଚରଣ ଷଡ଼ଙ୍ଗୀ

ବାରମ୍ବାର ଗହନ ତରୁଡାଳରୁ ମୁଁ ଓହଳି ଆସୁଛି
ବଣମଣିଷ ଭଳି
ସ୍ୱଚ୍ଛ ନଈଧାରରୁ ଜଳ ଦର୍ପଣରେ
ନିରେଖି ଦେଖୁଛି ମୋ କୁତ୍ସିତ କଦାକାର ମୁହଁକୁ
ସନ୍ତର୍ପଣରେ
ଚମକି ପଡୁଛି, ବିଷାଦର ମୁହଁଟିକୁ ଦେଖି
ଲେଉଟି ଯାଉଛି ପୃଷ୍ଠା ପରେ ପୃଷ୍ଠାର ଅତୀତ
ଶୈଶବରୁ ଜରା
ଜରାରୁ ମରଣ
ଏ' କଣ ମୁଁ କି ସିଏ !

ଯିଏ ଦିନେ ସନ୍‌ସନି ବାଉଳା ପବନ ପରି
କାହା କାହା ପଣତରେ
ଲୁଚୁଥିଲା, ହାୟ !

ଯେଉଁ ଜୀବନ ଧରି ଏତେ ଉଲ୍ଲାସ
ଏତେ ପୁଲକ ପାଇଲି
ବଞ୍ଚିପାରିଲି ନାହିଁ ସେ ଜୀବନ ।
କିଏ ଜାଣେ !
ମୋର ଆଉ ଜନ୍ମ ଅଛି କି ନା ଆଗକୁ
ମିଳିବ କି ସ୍ୱର୍ଗ
ଅବା ରଉରବ ନର୍କ
ତା' ବି ଜାଣେନା ।
ଯେଉଁ ଜୀବନଟିକୁ ନେଇ ବଞ୍ଚିବାର ଥିଲା
ବଞ୍ଚି ପାରିଲି କି ସେ ଜୀବନ ?

ପ୍ଲଟ ନଂ- ୨୦, କୋ-ଅପରେଟିଭ୍ କଲୋନୀ, ପୋଷ୍ଟ- କିଟ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୪, ଫୋନ:୯୪୩୮୫୩୫୫୭୭



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

# ହରିଣ ପିଠିରେ ସୂର୍ଯ୍ୟୋଦୟ

## ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ସେ ଚାଲିଗଲା
ସୂର୍ଯ୍ୟଙ୍କୁ ଧାରେ ହସ
ଆଉ ଚନ୍ଦ୍ରକୁ ଫାଳେ ଦୁଃଖ ଦେଇ ।

ପଛରେ ଝଡି ପଡୁଥିଲେ
କୃଷ୍ଣଚୂଡ଼ା ଗଛର ଫୁଲ
ଓ କଢିମାନେ ।

ବୁଢା ବରଗଛର ଓହଳମାନେ ବି
ଏକ ପ୍ରକାର ଶୁଖି ଶୁଖି
ଯାଉଥିଲେ ।

ହଠାତ୍ ଦିନେ
ବାଇଚଢେଇର ବସାଟି ଝଡିପଡିଲା
ପୁରୁଣା ତେନ୍ତୁଳି ଗଛରୁ ,
କେଉଁ ଏକ ଦୁର୍ବୃତ୍ତର
କୁରାଢ଼ୀ ଚୋଟରେ ।

କେବେ ଦିନେ ଦେଖା ଦେଇନଥିବା
ବିଲୁଆ, କୋକିଶିଆଳି,
ଏବେ ରୁଣ୍ଡ ବାନ୍ଧିଲେ

ବଗିଚା ଆମ୍ବ ଗଛ ତଳେ ।

ଆଜିକାଲି କୁଆଡେ
ଥପ୍ ଥପ୍ ଲୁହବୁନ୍ଦା ଝରୁଛି
ଗାଁ ମୁଣ୍ଡ ମଶାଣିର
ସେଇ ସୁଉଚ୍ଚ ସ୍ମୃତି ମନ୍ଦିରରୁ ।

ବେଳେ ବେଳେ ନଈ ବାଲିବନ୍ଧରେ
ଭାଲୁଟୁଙ୍ଗୁରୀ ପାହାଡ଼ ତୀଖରେ
ପୁଷ୍ପ ବୃଷ୍ଟି ବି ହେଇଚାଲିଛି ।

ତେବେ କ'ଣ
ସିଏ ଫେରୁଛି କି !
ନୂତନ ସୂର୍ଯ୍ୟୋଦୟ ପାଇଁ !

ଯିଏ ଦିନେ ଉଡି ଯାଇଥିଲା
ହରିଣ ପିଠିରେ ବସି
ସୂର୍ଯ୍ୟାସ୍ତ ବେଳାକୁ !

♥ ସହକାରୀ ପ୍ରଫେସର,
ଓଡ଼ିଆ ବିଭାଗ, ସୁନ୍ଦରଗଡ଼, ଫୋନ: ୯୩୩୭୦୬୭୧୮୬



▲ ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ



▲ ଚିତ୍ର : ଶିଳ୍ପୀ ସ୍ନିଗ୍ଧା ତ୍ରିପାଠୀ

# ଧରୋବର

## ପ୍ରଦ୍ୟୁମ୍ନ ପଟ୍ଟନାୟକ

ବାପାଙ୍କର ବୟସ ପ୍ରତକ୍ଷୁ
ପାଦର କଠଉ, ବେତବାଡ଼ି,
ଘୁଣଲଗା ବାଉଁଶ ବେଣ୍ଟଛତା
ଅଚଳ ହାତ ଘଡ଼ି

ବୋଉର କୋଥଳି ବାକ୍ସ
ସିନ୍ଦୂର ଫରୁଆ, ଚନ୍ଦନ ପେଡ଼ି
କଜଳପାତି ପାଦର ଝୁଣ୍ଟିଆ
ପୁରୁଣା ମଠା ଶାଢ଼ି
କଳଙ୍କିଲଗା ଟିଣବାକ୍ସରେ
ସାଇତା ହୋଇଛି କେବେଠୁ
ଖୋଲା ହେଉ ନଥିବା
ଗମ୍ଭୀରା ଘରେ
ଯେଉଁଠି ଦିନେ ଜଳିଥିଲା
ଆମ ଭାଇ ଭଉଣୀମାନଙ୍କ ଏନ୍ତୁଡ଼ି
ଅଙ୍କା ହୋଇଥିଲା ଷଠୀଘର ।

ସେସବୁକୁ ଅଦରକାରୀ ଭାବି
ଅପତ୍ୟମାନେ ଛାଡ଼ି ଯାଇଛନ୍ତି
ହତାଦରରେ ସେଇଠି ସେମିତି ।
ତା' ବ୍ୟତୀତ ଥିଲା ଯେତେ
ସ୍ଥାବର ଅସ୍ଥାବର ସମ୍ପତ୍ତି
ବାଣ୍ଟିନେଲେ ନିଜ ନିଜ ମଧ୍ୟରେ
ତାଙ୍କ ଅନ୍ତେ ।

ବାପା ବୋଉ ଫୁଲନୋଳ ପିନ୍ଧି
ବାହାବେଦୀରେ ବସିବାର ଫଟୋ
ନଥିଲା କେଉଁ କ୍ୟାମେରାରେ
ସେ କେବଳ ରହିଥିଲା
ଆଜି ଦୁନିଆରେ ନଥିବା
କେଇଜଣ ଆତ୍ମୀୟଙ୍କ
ମାନସପଟରେ ।

ଅବଶ୍ୟ ଦୁହେଁ ବୁଢ଼ାବୁଢ଼ୀ ହୋଇ
ଦାନନେବା ବେଳର ଚିତ୍ରକୁ
କିଏ ଶ୍ରଦ୍ଧାରେ ଟାଙ୍ଗିଛି
ଦାଣ୍ଡଘର କାନ୍ଥରେ ତ
ଆଉ କିଏ ଫିଙ୍ଗି ଦେଇଛି
ଅଳିଆ ଗଦାରେ ।

ସେ ତ ସ୍ନେହ ଶ୍ରଦ୍ଧାର କଥା
କାହାକୁ କ'ଣ ଜୋର ଜବରଦସ୍ତ କରିହୁଏ
ନା କାହା ମନରେ ଶ୍ରଦ୍ଧା ଭକ୍ତି
ଭରିହୁଏ ବେଲୁନ୍‌ରେ
ହାୱା ଭରିବା ଭଳି !

ମନେ ପଡ଼ନ୍ତି ପୂର୍ବଜ
ବର୍ଷରେ ଗୋଟେ ଦିନ
ପିତୃପକ୍ଷରେ ଶ୍ରାଦ୍ଧତର୍ପଣ ଦେବାବେଳେ
ଏବେ ସେତକ ବି ନାହିଁ
ଯେବେଠୁ ଗଙ୍ଗା ଗୟାରେ
ହେଲାଣି ଅସ୍ଥି ବିସର୍ଜନ ।

ଜମିବାଡ଼ି, ଟଙ୍କା ପଇସା
ପାର୍ଥିବ ପ୍ରଲୋଭନ
ସବୁ ଅନର୍ଥର ମୂଳ
କିନ୍ତୁ ଅନାବିଳ ସ୍ନେହଶ୍ରଦ୍ଧା
ଭକ୍ତିର ଗନ୍ତାଘର
କେବଳ ସେହି
ଜୀର୍ଣ୍ଣଶୀର୍ଣ୍ଣ ଗମ୍ଭୀରା ଘର
ଯେଉଁଠି ଅବହେଳିତ ପଡ଼ିଛି
କାଳକାଳ ପୂର୍ବପୁରୁଷଙ୍କ
ଧରୋବର ।

♥ ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶଦୀପ ଟାୱାର
ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬
ଫୋନ:୯୯୬୮୨୮୦୮୯୬



▶ କବି ପ୍ରଦ୍ୟୁମ୍ନ ପଟ୍ଟନାୟକ

# ସେଇ ପାଉଁଜିର ସୁରେ

## ରବି କୁମାର ମହାନ୍ତି

ନଈ ସେମିତି ବହୁଥିଲା,
ତୁଠ ସେମିତି କଥା କହୁଥିଲା
ଅନେକ
ସ୍ୱରରେ ସ୍ୱର ମିଳେଇ,
ଅନେକ କୁଆଁରୀ ହସରେ
ବତୁରି ପଡୁଥିଲା ଗୋଟାମନ୍ତେ
ଖୁବ୍ ଅୟସରେ
ବାସ ଚହଟୁଥିଲା ପବନରେ
ସଦ୍ୟସ୍ନାତ ଦେହ ଆଉ
ମନ ମାନଙ୍କର
ପାଣି ବି ଦିଶୁଥିଲା ଅଧା ରଙ୍ଗୀନ
ଅଧା ଫିକା
ଅଳତା ମିଶି
କେମିତି ଏକ ରଙ୍ଗଶାଳା ପରି
ଶିଉଳିରେ ଲାଗିଥିଲା
କାହା ବିମୁଗ୍ଧ ପାଉଁଜିର ଗାର
ଆକାଶ କି କାହା ଆଖିର ନୀଳକୁ
କରିଥିଲା ଚୋରି

ଯେଉଁଦିନ ସେ ପାଉଁଜିର ଗୀତ ଶୁଣିଲି
ଭୁଲିଗଲି ଜନ୍ମ ଜନ୍ମାନ୍ତର ମୋହ
ମୁଠା ମୁଠା ସପ୍ତଫେଣୀ ସ୍ୱପ୍ନର ଆଘାତ
ଚେତନାର ଚୁନା ଚୁନା ଆବିଳ ମାୟା ମୋ
ଭେଦିଗଲା
ନାଭି ଠାରୁ ନକ୍ଷତ୍ର ମଣ୍ଡଳ
ମୁଁ ଆଉ ଅଧିକ କଣ ବା କରିଥାନ୍ତି ?
ଫୁଟେଇବାକୁ
କାୟାରେ କମଳ

ପ୍ରଥମ ଥର ସେଦିନ
ବିଭୋର ହେଉଥିଲା ମୋ ମୋହନ ବଂଶୀ,
ନୃତ୍ୟ ଛାଡି ଧ୍ୟାନ ମଗ୍ନ ହେଉଥିଲେ
ଇଚ୍ଛାମାନେ
ପ୍ରିୟତମ ସୁଖର ସନ୍ଧାନେ
ବିଜନରେ ବାହୁଫାଶ
କାହା ସାନ୍ନିଧ୍ୟର
ଶବ୍ଦ ଗୁନ୍ଥି ବରୁ ଥିଲା ମାଳା ମରମ ର
କାଚକେନ୍ଦୁ ପାଣି ସାଥେ ମିଶୁଥିଲା
କ୍ରମଶଃ ତରଳି ଯାଉଥିବା
ସ୍ତୁପିକୃତ ଏକାଗ୍ର ମୂର୍ଚ୍ଛନା
ଏକାବେଳେ ଆନମନା ମୋ
ଛବିଳ ମନର



▲ ଚିତ୍ର : ଶିଳ୍ପୀ ସ୍ନିଗ୍ଧା ତ୍ରିପାଠୀ

ମୁଁ ଜାଣିନି ସେଦିନ ନଈ ତୁଠକୁ
ମୋର ଯିବାର ଥିଲା କି ନାହିଁ
ଅଳସାୟିତ ମଧ୍ୟାହ୍ନରେ
କଦମ୍ବର ଛାଇ ଛାଡି
ମୋର ତଲ୍ଲିନ ହେବାର ଥିଲା କି ନାହିଁ
ନଈର ଗୀତରେ
ମୁଁ ଜାଣିନି ଧେନୁ ପଲ ଛାଡ଼ି
ଆକସ୍ମିକ ବତାସର ପଛରେ
ନିଜକୁ ଉଜାଡି ଦେବା ପାଇଁ
ଧାଇଁବାର ଥିଲା କି ନା ମୋର
ଧାଇଁଲି ତ
ସେ ପାଉଁଜିର ଅନର୍ଗଳ ଇସାରାରେ
ଲାଜର ପୀତବସ୍ତ୍ର ମୋ
ଚିରକାଳ ଉଝେଇ ଦେବାର
ଥିଲା କି ନାହିଁ
ମୁଁ ତ ଜାଣିନଥିଲି
ଏମିତି ଅକଳ୍ପନୀୟ ଏକ ସଂପର୍କର
ଭୃଣଟିଏ ସେଦିନ
ଇତିହାସରେ ରୋପି ଦେବ କେହି

ସେଦିନ ମୁଁ ଶିଆଳି ଲତାରେ
ମୋ ଦୁଃର୍ଭାଗ୍ୟ ଆଉ ଅସହାୟତା ସହ
ରାସ ରଚିଲା ବେଳେ
ପୁନଶ୍ଚ ମୁଁ ଶୁଣି ପାରୁଥିଲି
ସେ କମନୀୟ ପାଉଁଜିର
କାରୁଣ୍ୟର ସ୍ୱର
ଏଥର ଆଉ ଆମନ୍ତ୍ରଣ ନୁହେଁ

ବୈରାଗ୍ୟର
ବିଭୂତିରେ କମ୍ପୁଥିଲା
ମୋ ସମଗ୍ର ଶରୀର

ଆକାଶରେ ମେଘମାନେ ଶୋକାଚ୍ଛନ୍ନ ଥିଲେ
ଅଥଚ ଝରୁନଥିଲା ବିନ୍ଦୁଏ ବି ନୀର
ମୃଗମାନେ ତୃଣ ଛାଡି ଚାହିଁ ଥିଲେ ସତ
ବେପୁଥୁରେ ବେସୁରା ହେଉନଥିଲା କିନ୍ତୁ ଛନ୍ଦ
ସେମାନଙ୍କ ତ୍ରସ୍ତ ଚାହାଣୀର
ମୋ ଭିତରେ କ୍ଷଣିକରେ ଶୁଭୁଥିଲା
ବ୍ୟଥାତୁର ବଇଁଶୀର
ଆହତ ରାଗିଣୀ
ଆନବେଳେ ଶୁଭୁଥିଲା
ଯେମିତିକି ଛାତି ତଳେ ଝରୁଥିଲା
ସେପାଉଁଜିର ତାଳେ ତାଳେ
ଅସହାୟ ବିରହର
ନିସ୍ୱ ନିର୍ଝରିଣୀ ।

♥ ମାତୃନୀଡ, କମାରିଆ,ତିହିଡି, ଭଦ୍ରକ,
ଫୋନ : ୭୦୬୪୭୭୮୨୪୭



# ଝାଳ

## ନରେନ୍ଦ୍ର କୁମାର ସେଠୀ



▶ ଚିତ୍ର : ଶିଳ୍ପୀ ଅମୂଲ୍ୟ ସିକନ୍ଦର

ସବୁ ଦେହର ଝାଳ ନୁହେଁ
ତୁମ ଦେହରୁ ନିଗିଡ଼ି ପଡୁଥିବା
ଝାଳ ପରି ବାପା !

ସେ ଝାଳ...
ରଙ୍ଗ ବଦଳେଇଥିବା
ତୁମ ଧମନୀର ଖଣ୍ଡ ରକ୍ତ
ଦୁବ ଉପରେ ଥରୁଥିବା ଶୀତ କାକର
ପାଣି ଶୁଅରେ କାତର ପିମ୍ପୁଡ଼ିର ସାହସ

ସେଇ ଝାଳରେ ଓଦା ହେଲା କେତେ ପେଟ
ଲେଖା ହେଲା କେତେ ଭାଗ୍ୟ

ଉଙ୍କି ମାରିଲେ ଅଙ୍କୁରିତ ଭବିଷ୍ୟତ
ପର ଲାଗିଲା ପକ୍ଷୀ ଡେଣାରେ
ପର ଲାଗିଲା ପକ୍ଷୀ ଡେଣାରେ

ସବୁ ଝାଳ ପୋଛା ହୁଏନି ମଥାରୁ
କିଛି କିଛି ନିଗିଡ଼ିଯାଏ
ଉଡ଼ିଯାଏ ପବନରେ କିଛି
ଆଉ ପୋଷେ ଥାଏ ବେକ ଓ ଦେହରେ
ମୁଣ୍ଡରୁ ଠେକା ଖୋଲି





▶ କବି ନରେନ୍ଦ୍ର କୁମାର ସେଠୀ

ତୁମ ଦେହର ଝାଳ ବାପା
ଏ ପର୍ଯ୍ୟନ୍ତ ମେଣ୍ଟେଇ ଚାଲିଛି
ମୋ ବିଲ ମାଟିର ଶୋଷ
ମୋ ପେଟ ପୃଥିବୀର ଭୋକ
ଓ ମୋର ଅୟୁତ ଆୟୁଷ

ପଡ଼ିଯିବା ଆଗରୁ ହଠାତ୍ ଆବିର୍ଭାବ ହେଇ
ହାତ ଧରି ଟାଣି ନେଉଥିବା
ସ୍ପାଇଡର ମ୍ୟାନ୍ ତୁମେ ବାପା
ସବୁ ସମସ୍ୟାକୁ ସମାଧାନ କରୁଥିବା
ସାହସୀ ଜେମ୍ସ୍ ବଣ୍ଡ୍ ତୁମେ ବାପା

ଆଉ ବୋହୁନି ରକ୍ତ ଝାଳ ହେଇ
ଆଉ ପୋଛୁନ ତୁମେ ହାଲିଆ ହେଇ
ସବୁ ରକ୍ତକୁ ପାଣି ଫଟେଇ
ନିଗାଡ଼ି ଦେଇଛ ଝାଳ କରି ବାପା
ମୁଁ ଖୋଜୁଛି ପବନରେ
ସେ ଝାଳ ଓ ରକ୍ତର ଅଣୁକୁ

କେମିତି ଭୁଲ କରିବି
କେମିତି କଳି କରିବି
କୁଆଁ ତାରା ଦେଖେଇ
ଯୋଉ ଆକାଶକୁ ଚିହ୍ନେଇ ଥିଲ ମୋତେ
ଏବେ ତୁମେ ସେଇଠି ତାରା ହେଇ
ଅନେଇଛ ମତେ ଅହରହ
ସେଇଠି ଉପରେ ଥାଇ
ସେଇଠି ଉପରେ ଥାଇ
ମୋ ଉପରେ ନିଘା ଥାଉ ତୁମର ବାପା ।

♥ ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ଏନଭରମେଣ୍ଟ
ସୌରଭ ଲାବୋରେଟୋରୀ, ଜାଦୁଗୁଡ଼ା,
ଝାଡ଼ଖଣ୍ଡ-୮୩୨୧୦୨, ଫୋନ: ୭୦୦୪୦୬୮୧୧୦

# କଳାପାଣିର କୋହ

## ନିରୁପମା କର

ତୁମ ଆଉ ମୋତେ
ବାରମ୍ବାର କରନା ଖିନ୍‌ଭିନ୍
ଛାତିରୁ ମୋର ସ୍ମୃତିସବୁକୁ ଉଖାରି ଉଖାରି
ଜୀବନସାରା ସଂଗ୍ରାମ କରି କରି
ସେମାନେ ଏବେ
ଶୋଇ ପଡ଼ିଛନ୍ତି ନିଶ୍ଚିନ୍ତରେ
କାହିଁକି ନା ସେମାନଙ୍କର ଏବେ
ବିଶ୍ରାମ ଲୋଡ଼ା
ଏତେ ଗହଳ ଚହଳ କୋଳାହଳ ଶୁଣି
ଭଲା କେମିତି ସେମାନେ ଶୋଇପାରିବେ ?

ବାରମ୍ବାର ବାରଣ କରିଛି ତୁମମାନଙ୍କୁ
ନେହୁରା ହୋଇଛି ଢେର୍‌ଥର
ଭାଙ୍ଗି ଦିଅନା ମୋ ବୁକୁର ନିରବତା
ଉନ୍ମାଦ ପରି ମୋ ସହ ଉଠାଅନା ଫଟୋ
ଆଉଁସି ଦିଅନା କ୍ଷତଥାନକୁ ମୋର
କାହିଁକି ନା ଆଜି ବି ଦେହରେ ମୋର
ସେମିତି ଭରି ରହିଛି ପରାଣ
ଏଯାଏଁ ଭୁଲିନି ମୁଁ ସେ ଲାଠି ଆଉ ଚାବୁକ୍‌ର ପ୍ରହାର
ତୁମେ ସାଉଁଳେଇ ଦେଲେ ହୁଏତ
ଉତୁରିଯିବ କ୍ଷତରୁ ବକଳ
ଏମିତି କଲେ ହୁଏତ ସେମାନେ
ହୋଇଯିବେ ତୁମ ଦୟାର ପାତ୍ର ।

ତୁମେ କଣ ଜାଣିନ ସେମାନଙ୍କର ସ୍ୱପ୍ନ ?
ସ୍ୱାଧୀନତା, ସ୍ୱରାଜ୍ୟ, ସ୍ୱାଧିକାର ପାଇଁ
କେମିତି ସେମାନେ ପତାଇ ଦେଇଛନ୍ତି
ଗୁଳି ଆଗକୁ ଛାତି ?
ଯନ୍ତ୍ରଣା ଜର୍ଜରିତ ଅନ୍ଧକାର କାରା କୋଠରିକୁ
ଆଦରି ନେଇଛନ୍ତି ଆଦରରେ
ଲାଠି ଖାଇଛନ୍ତି, ବେଠି ଖଟିଛନ୍ତି
ଜଙ୍ଗଲି ଜାନୁଆର ପରି
ଘୂରି ବୁଲିଛନ୍ତି ବଣ ଜଙ୍ଗଲ, ପାହାଡ଼ ଖୋଲ
ଭୁଲି ଯାଇଛନ୍ତି ଗାଁଗଣ୍ଡା, ଆତ୍ମୀୟ ସ୍ୱଜନ
ସାଙ୍ଗସାଥି, ବନ୍ଧୁ ପରିଜନ
ପାଶୋରି ଦେଇଛନ୍ତି ମା'ର ମମତା
ପତ୍ନୀର ପ୍ରେମ ସହ ଭୋକର ଅଦଉତି...

କେତେବେଳେ ହୋଲି ଖେଳିଛନ୍ତି
ରକ୍ତରେ ତ, କେତେବେଳେ
ଅହିଂସାର ଅସ୍ତ୍ର ଧରି ସହିଛନ୍ତି
ଅକଥନୀୟ ନାରକୀୟ ଯନ୍ତ୍ରଣା
କେତେ କେତେ ତ୍ୟାଗ, ତିତିକ୍ଷା
ପୁଣି ବଳିଦାନ ସବୁକୁ ଏକଜୁଟ କରି
ଶେଷରେ ତୁମମାନଙ୍କ ହାତରେ
ଟେକି ଦେଇଗଲେ ଏ ଦେଶର
ଏ ଜାତିର ସ୍ୱାଧୀନତା
ମାତୃଭୂମିର ପାଦରୁ ଖୋଲିଗଲା ବେଡ଼ି
ଗୋଟିଏ ଦୁର୍ଦ୍ଦାନ୍ତ ଜାତିର କବଳରୁ
ତୁମେ ମାନେ ଆଜି ମୁକ୍ତ ।

ସେସବୁ ଆଜି ଇତିହାସ
ଯାହାକୁ ତୁମେ ପଢୁଛ
ପୂର୍ବପୁରୁଷଙ୍କୁ ଜାଣିବା ପାଇଁ
ଦର୍ଶନୀୟ ଥାନ ଭାବି ବୁଲି ଆସିଛ
ସ୍ମୃତିର ସୌଧକୁ ଦେଖିବା ପାଇଁ
ଥରେ କେବେ ଭାବିଛ, ସେମାନଙ୍କ
ପଦାଙ୍କ ଅନୁସରଣ ପାଇଁ ?
ତୁମମାନଙ୍କ ପରି ଅପାରଗ
ଦାୟାଦମାନଙ୍କ ଠାରୁ ସେକଥା
ଆଶା ରଖିବା ବି ନିରର୍ଥକ
ତୁମମାନଙ୍କ ନିର୍ଲଜପଣ ଦେଖି
ମୋ ପ୍ରତି ମୋର ବି ଘୃଣା ଆସୁଛି
ଦୟାକରି ତୁମେମାନେ ଫେରିଯାଅ
ବରଂ, ସବୁଦିନ ପାଇଁ
ସମୁଦ୍ରର ଜୁଆରିଆ ଛାତିରେ
ନିଶ୍ଚିହ୍ନ ହୋଇଯାଉ,
ଯେତେଯେତେ ବ୍ୟଥା ଓ ବେଦନା ସହ
କଳାପାଣିର କୋହ...

♥ ମାର୍ଫତ: ରବୀନ୍ଦ୍ର କୁମାର କର, ପ୍ଲଟ୍ ନଂ କେ-୪/୧୨୩୫, ଏଲଆଇଜି, କଳିଙ୍ଗ ନଗର, କଳିଙ୍ଗ ବିହାର, ତମାଣ୍ଡୋ, ଭୁବନେଶ୍ୱର-୭୫୧୦୧୯, ଫୋନ:୮୭୬୩୪୯୮୨୦୨



ନିରୁପମା କର

**ଭ୍ରମ ସଂଶୋଧନ:** ଅଗଷ୍ଟ ୨୦୨୩ ସଂଖ୍ୟା 'ରେବତୀ'ରେ 'କଳାପାଣିର କୋହ' ଶୀର୍ଷକ ଏଇ କବିତାଟି ଭୁଲବଶତଃ ଡାକ୍ତର ନୀଳମାଧବ କରଙ୍କ ନାମରେ ପ୍ରକାଶ ପାଇଥିବାରୁ ଆମେ ଦୁଃଖିତ । ପ୍ରକୃତରେ ଏ କବିତାଟିର ସ୍ରଷ୍ଟା ହେଲେ ନିରୁପମା କର । ପାଠକଙ୍କ ଅବଗତି ନିମନ୍ତେ ଆମେ ଉକ୍ତ କବିତାଟିକୁ ପୁନଃ ପ୍ରକାଶ କରୁଛୁ ମୂଳ ସ୍ରଷ୍ଟାଙ୍କ ନାମରେ । ଉଭୟ କବିଙ୍କ ଠାରେ ଆମର ଏ ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ କ୍ଷମାପ୍ରାର୍ଥନା କରୁଛୁ ।



▲ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

# ମୋ ଅଜନ୍ମା ପୁଅର କଥା

**ଡାକ୍ତର ନୀଳମାଧବ କର**

ତୁ ସିନା ଆସିଲୁ ନାହିଁ
ତୋ ପାଇଁ ଅପେକ୍ଷା ଏଠି
ସମସ୍ତଙ୍କର, ସାରା ଜୀବନର
ଅନେକ ଆଶା ଆଉ ବିଶ୍ୱାସର ପୂଜାଧୂପ
ଉପବାସ, ଉପାସନା ପରେ
ଯେମିତିକି ତୋତେ କେହି ମନେଇ ପାରିଲେ ନାହିଁ
ଆସିବାକୁ, ଏ ଧରାକୁ, ମୋ କୋଳକୁ

ଶ୍ୱଶୁର ବୁଝାନ୍ତି ବାପାଙ୍କୁ:
'ପୁଅଟିଏ ନାହିଁ ବୋଲି ସିନା
ହେଲେ କଣ ଆଉ କରାଯାଏ, କହିଲ ସମୁଦି ?'
ବାପା ଖାଲି ଆଖି କଣ ଲୁହକୁ ଲୁଚାନ୍ତି
ଅଯଥାରେ, ପ୍ରତିଥର ଧରାପଡ଼ି ମୋ ଆଗରେ
ସବୁ ବୁଝୁଛି ଲୋ ମା' ବୋଲି ମୁଣ୍ଡ ଟୁଙ୍ଗାରନ୍ତି

କାହା ଦୃଷ୍ଟି ପଡ଼ିଛି କେଜାଣି,
ମୋ ସୁନାନାକୀ ବୋହୂଟା ଉପରେ
ତେଉଁରିଆ ବାନ୍ଧିଦେଇ ମୋ ହାତରେ, ଶାଶୁ ମୋର
ଶହେ-ଆଠ ବେଲପତ୍ରୀ ମନାସନ୍ତି ପ୍ରତି ସୋମବାର,
ମନ ଦେଇ ଡାକିଲେ ସେ ନିଶ୍ଚୟ ଶୁଣିବେ ବୋଲି ଦୋହରାଉଥାନ୍ତି
ସବୁ ଓଷା ଓ ବ୍ରତରେ, ମୋ ନିଘା ରଖନ୍ତି
ଆଶାଟେ ଦିଅନ୍ତି କି ଆଶ୍ୱାସନା,
ମୋତେ କି ନିଜକୁ ଜଣାପଡ଼େ ନାହିଁ

ତୁ ଯେ ଆସିଲୁ ନାହିଁ
ଏମିତିଟେ ଦୁଃଖ କଣ ମୋର ଅଛି ବୋଲି

ମୋ ସ୍ୱାମୀ ବାରମ୍ବାର ପଚାରି ବସନ୍ତି
ତାଙ୍କୁ ଦିଶୁଥିବା ମୋ ଦୁଃଖ ପାଇଁ
ସେ ମୋତେ ଡାକ୍ତର ଓ ଔଷଧ ଯାଚନ୍ତି
ହେଲେ ଯେତେ ଘୋଡ଼େଇ ହେଲେ ବି
ତାଙ୍କ ଜଳ ଜଳ ଦିଶୁଥିବା ମନକଥା
ଖୋଲିକି ସେ କେବେ କହନ୍ତିନି

ଆଉ ମୋ ଦି' ଝିଅ
ତୁ ମୋ ଅନ୍ୟମନସ୍କତାର କାରଣ ବୋଲି
ବେଳେବେଳେ ଛିଗୁଲାନ୍ତି ସିନା
ହସିହସି ଲୋଟନ୍ତି କୋଳରେ
ମୋ ପାଇଁ ପୁଅଟିଏ ଖୋଜିଦେବେ ବୋଲି
ଭରସା ଦିଅନ୍ତି

କେହି କେବେ ପଚାରେନି ମୋ କଥା
ମୁଁ ବି ଜାଣେନି,
ମୁଁ କଣ  ସତରେ ତୋ ଅପେକ୍ଷା ରଖିଛି
ତୋ ପାଇଁ, ତୁ ଆସିବୁ ବୋଲି !

ଏତେ ସବୁ ଆଶା ଓ ବିଶ୍ୱାସ,
ଅନ୍ତହୀନ ଅପେକ୍ଷା ମୋ ଚାରିଆଡ଼େ, ବର୍ଷ ବର୍ଷ
ଅଜନ୍ମା, ଅସମ୍ଭୁ, ଏକ କଳ୍ପନାର କଥା ପାଇଁ
ଅଣନିଶ୍ୱାସୀ ମୁଁ, ଆକ୍ଟାମାକ୍ଟା
ଖୋଜୁଛି ମୁଁ ମୁକ୍ତି ଏବେ, ମୋ ପାଇଁ, ତୋ ପାଇଁ
ଏ ଚିନ୍ତାରୁ, ସମୟ ଓ ସମାଜ ପାଖରୁ ।

♥ ଓଲଭରହାମ୍ପଟନ୍, ୟୁକେ



▲କବି ଡାକ୍ତର ନୀଳମାଧବ କର

# ଘରଭର୍ତ୍ତି ଲୋକ

## ରାମଚନ୍ଦ୍ର ଦାଶ

ଟିକେ ବି ଜାଗା ନାହିଁ
ଛାଇ ମାଡ଼ିଗଲାଣି
ଆଲୁଅଙ୍କ ଘୁରାଫେରା ପଥ ।

ସାହାଣମେଲା ଜାଉଁଳି ବନ୍ଧରେ
ଠିଆଠିଆ ଜହ୍ନରାତି
ଅପେକ୍ଷା କିଏ ଅଜାଡ଼ି ଦବ
ବୟସର ସ୍ୱର୍ଗସୁଖ ।

କେହି ପଳାତକ
ଫେରି ଆସିଲାଣି ତ
ଶୂନ୍ୟହସ୍ତ
କେହିକେହି ଏଯାଏଁ
ମାଡ଼ିନାହିଁ ଯୁଦ୍ଧକ୍ଷେତ୍ର ।

ଓପଡ଼ା ଚାଲିଛି
ଆହୁରି ବେଣାମୂଳ
ମିଳିବାକୁ ଅଧିକ ସାମର୍ଥ୍ୟ ।

ସଦ୍ୟ ଫେରିଛି ଜଣେ
ଦେହେ ସୋନାଗାଛିର ବାସ୍ନା
ଘରେ ଲହଡ଼ି ଭାଙ୍ଗୁଛି
ଅଲୋଡ଼ା ଚନ୍ଦ୍ରମୁଖୀର
ଅଳସ ରୂପଜ୍ୟୋତ୍ସ୍ନା ।

ଆଉ ଜଣେ କାନ୍ଦୁଛି
ଛାତିତଳେ ବେଦନାର ସ୍ୱର
ଫେରେଇ ଆଣିବାକୁ
ମଲାପୁଅ ଯମ ହାତରୁ ।



◀ ଫଟୋ ଉତକଳ ଦାଶ

କିଛିଲୋକ ଯାଚିଦବାର ଈଶ୍ୱରଙ୍କୁ
ମାଗି ଚାଲିଛନ୍ତି ପ୍ରାର୍ଥନାରେ
ଦୁଃଖ ଘୁଂଚେଇ ସୁଖଫଳ ।

ଏତେ ଜାମ୍
ନିଃଶ୍ୱାସ ଫେରୁନି ପବନ ଫାଙ୍କରେ ।

ନୀଳନୀଳ ଦିଶିଲେ ଆକାଶ
ମେଘ ପଣତରେ
ମୁହଁ ଓହଳେଇ ଦେଲେ ଶ୍ରାବଣ
ଫୁଲି ଉଠିଲେ ତନୁପାତେଳୀ ନଈର ଛାତି
ଶୀତ କାଖେଇ ଆସିଲେ ପୁଷମାସ
ଏମାନଙ୍କୁ ଖୋଲାମେଲା ଦିଶେ ପୃଥ୍ୱୀ
ହାତ ପାହାନ୍ତାରେ ଆୟୁଷ ।

ଫି' ବର୍ଷ ଆସୁଛି ବସନ୍ତ ।
କମଳଘୋଡ଼େଇ ମାଘୁଆଣୀ ଶୀତ
ବର୍ଷାଭିଜା ରାତି
ଝାଞ୍ଜିର ବୈଶାଖ
ସମସ୍ତେ ନିଜଲୋକ ।

ଏମାନେ  କିନ୍ତୁ ଲୋକ ନୁହଁନ୍ତି ହୋ..
ମରୁଭୂମିର ମରିଚୀକା
ସେମାନଙ୍କୁ କହିହେବନି
ପଦେ ତୁଣ୍ଡଖୋଲା କଥା ।

କାନି ପତେଇ ବସିଚି
ତଥାପି ନିରିମାଖି କୋଳେଇ ନବାକୁ
କିଏ ବା ଶୁଣୁଛି
ଚଳଚଳ ପାଣିବୁହା ଚାଲିଛି
ଠେଙ୍ଗ କିଆରୀକୁ ।

କୋଉ ବସି ପାରୁଛି ସଙ୍ଗାତ ନା
ଗାରେଡ଼ିରେ ଝାଡ଼ି ପାରୁଛି ବିଷ
ଅଣନିଶ୍ୱାସୀ ବୟସ ।

ଖୋଜିବାକୁ ହବ
ଭିଡ଼ ଠେଲି ଚୋରାବାଟ
ଆଡ଼େଇ ଅଳନ୍ଧୁ
ଚିରାଫଟା ବିଶ୍ୱାସ ।

ଝରଝର ଝରଣା ହେଇ
ସୁରସୁର ପଥର ସନ୍ଧିର
ବାହାରି ଯିବାକୁ ହବ
ଶୂନ୍ୟପଥ ।

♥ ସା/ପୋ: ଦଶରଥପୁର, ଯାଜପୁର-୭୫୫୦୦୬,
ଫୋନ: ୯୪୩୮୦୬୨୩୮୦

# ଜୀବନ ତ ଏକ ନଦୀ

**ହଂସନାଥ ମୁଦୁଲି**

ଜୀବନ ତ ଏକ ନଦୀ
ଜନମ ପାହାଡୁ ଧାରେ ଗଡ଼ି ଗଡ଼ି
ମରଣସାଗରେ ଯାଏ ସେ ଯେ ପଡ଼ି
ସଂସାର ମାଟିକୁ ଭେଦି ।୦।

ଜୀବନ ତ ଏକ ନଦୀ
ବିପଦ ଆପଦ ତାର ଦୁଇକୂଳ
ବହିପାରେ ନାହିଁ କେବେ ଏହି ନଦୀ
ଏ ଦୁଇ କୂଳକୁ ଛାଡ଼ି
ଜୀବନ ତ ଏକ ନଦୀ ।୧।

ଜୀବନ ତ ଏକ ନଦୀ
କୂଳ ଲଙ୍ଘିବାକୁ ଚାହେଁନାହିଁ ଜମା
ଏମିତି ସମୟ ତଥାପି ଆସଇ
କୂଳ ଟପି ଯାଏ ମାଡ଼ି
ଜୀବନ ତ ଏକ ନଦୀ ।୨।

♥ ଖଣ୍ଡଗିରି(ଡୁମ୍‌ଡୁମା-କ), ଭୁବନେଶ୍ୱର-୭୫୧୦୩୦,
ଫୋନ:୯୭୭୭୯୬୮୭୧୯



▶ ଛବି ହଂସନାଥ ମୁଦୁଲି

# ଭିନ୍ନ ଜଣେ ଋଷ୍ୟଶୃଙ୍ଗ

**ଚୈତନ୍ୟ ପ୍ରସାଦ ବେହେରା**

କିଛି ନହେଲେ ବି
ତମ ସହ ଦେଖା ହେଲା
ବେଶ୍ ଭଲ ହେଲା
ମୁଁ କିନ୍ତୁ ପାଲଟି ଗଲି
ଋଷ୍ୟ ଶୃଙ୍ଗରୁ ରସ ଶୃଙ୍ଗାରୀ
କିନ୍ତୁ ତୁମେ କୁହ ପ୍ରିୟତମା
ତୁମେ କି ପାଲଟିନ
ସୁନ୍ଦରୀ ଜରତା ।

ପୁଣି କରିନ କି ମୋତେ
ବୈଷ୍ଣବରୁ ଶୈବ ?
ହର ନାମେ ବକ୍ଷୋଜ ଉନ୍ମୁକ୍ତେ
କିଛି ନ ହେଲେ ବି ତମ ସହ ମିଶିଗଲି
କଥାରେ କଥାରେ
ଆଖିରେ ଆଖିରେ
ରସ ସୁରସରେ
ଗୀତି ଭାରତୀରେ
କବିତା ଆସରେ ।

ହେଲେ କୁହ ପ୍ରିୟତମା
ଶ୍ରୀରାମ ପୀଠରେ
ଶୈବ ଦୀକ୍ଷା ଦେଇ
ପୁଣି ଅଦୃଶ୍ୟ କିମ୍ପା ।
ନିତ୍ୟ ମାଜଣାର ପ୍ରତୀକ୍ଷାରେ
ଋଷ୍ୟ ଶୃଙ୍ଗ ମୁଁ ସାଜିଛି ପୂଜାରୀ
ଖାସ୍ ତମ ପ୍ରତୀକ୍ଷାରେ
ହରଙ୍କ ସେବାରେ ।

ବରଂ ତମେ ପାଇଯାଅ
ପଂଚ ରତ୍ନଥାଳୀ
ହେଲେ ବର୍ଷି ଯାଉ ଅମୃତର ଧାରା
ମନ ଅଙ୍ଗଦେଶେ ତୁମ
ମୁଁ ଯେଣୁ ଭିନ୍ନ ଜଣେ ଋଶ୍ୟଶୃଙ୍ଗ ।

♥ ଅଧ୍ୟକ୍ଷ, ଓଡ଼ିଶା ଅକ୍ଷୟ
ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ,
ଖୋର୍ଦ୍ଧା-୭୫୨୦୫୫
ଫୋନ-୯୪୩୭୬୩୭୪୧



▶ ଛବି ଚୈତନ୍ୟ ପ୍ରସାଦ ବେହେରା

ଧାରାବାହିକ
ଚରିତ୍ର-ଉପନ୍ୟାସ



# ଦାସେ ଆପଣେ

୩୪

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



▶ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

କେଉଁ ଅନୁଷ୍ଠାନ ତା'ର ଭିତ୍ତି ଭୂମିକୋଠା ବାଡିକୁ ନେଇ ଗର୍ବ କରେ ତ ଆଉ କେହି ତା'ର ପିଲାମାନଙ୍କର ପରୀକ୍ଷାରେ ସଫଳତାକୁ ନେଇ ଗୌରବ ବୋଧ କରେ । ହେଲେ ଗୋପବନ୍ଧୁ ଓ ତାଙ୍କର ସମସ୍ତ ଶିକ୍ଷକ ଚାହାଁନ୍ତି ପିଲାମାନଙ୍କର ସାମଗ୍ରିକ ବିକାଶ । ଏଇ ପିଲାମାନେ ତାଙ୍କ ପାଇଁ ଆଗାମୀ ଦିନର ଓଡିଶା, ଭବିଷ୍ୟତର ଭାରତ । ଏମାନେ କିଛି ଯାଦୁ ବଳରେ ବଡ଼ ଓ ଭଲ ହୋଇ ଉଠିବେନି । ଏ ମାଟି ପିଣ୍ଡୁଳାକୁ ସେ ଓ ତାଙ୍କର ସହକର୍ମୀମାନେ ଚକଟି ଲାଗିଛନ୍ତି । ମାଟି ପିଣ୍ଡୁଳାକୁ ଖାଲି ମୂର୍ତ୍ତିରେ ପରିଣତ କଲେ ଉଦ୍ଦେଶ୍ୟ ସାଧିତ ହେବ ନାହିଁ । ସେମାନଙ୍କ ଭିତରେ ପ୍ରାଣ ସଂଚାର କରାଇବାକୁ ପଡିବ । ସେମାନେ କିପରି ଏକ ଆଦର୍ଶ ଜୀବନ ବଂଚିବେ ସେଥିଲାଗି ଯତ୍ନଶୀଳ ହେବାକୁ ପଡିବ । ସେଥିପାଇଁ ସେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶରେ ମନ ଦିଅନ୍ତି । ଶିକ୍ଷା ସହିତ ସେମାନଙ୍କର ସାଂସ୍କୃତିକ ଓ ନୈତିକ ଉନ୍ନତି ପ୍ରତି ଧ୍ୟାନ ଦିଅନ୍ତି । ସେମାନଙ୍କର ଉଭୟ ଅନ୍ତର୍ଜଗତ ଓ ବହିର୍ଜଗତର ପ୍ରସ୍ଫୁଟନ ପାଇଁ ଯତ୍ନ କରନ୍ତି ।


ଗୋପବନ୍ଧୁ ଦାସ

ଦିନେ ଉପର ବେଳା ପିଲାଏ ଖେଳୁଥାନ୍ତି । ବାସୁଦେବ ସେମାନଙ୍କୁ ବ୍ୟାୟମର କୌଶଳ ଶିକ୍ଷା ଦେଉଥାନ୍ତି । ସେମାନେ ମନେ ହେଉଥାନ୍ତି ସତେଜ ଓ ପ୍ରାଣବନ୍ତ । ଅଦୂରରେ ଥାଇ ଗୋପବନ୍ଧୁ ପିଲାଙ୍କ ପ୍ରାଣ ସ୍ପନ୍ଦନ ବାରୁଥାନ୍ତି । ସେମାନଙ୍କ ଖୁସିରେ ସେ ନିଜେ ଉଚ୍ଛୁଳି ଉଠୁଥାନ୍ତି ତାଙ୍କର ମନେ ପଡୁଥାଏ ସେମାନଙ୍କୁ ନେଇ କେତେ ଘଟଣା । ସେମାନଙ୍କ ଉତ୍ସାହ ଦେଖି ମନେ ହେଉଥାଏ ସେମାନଙ୍କ ଶରୀର ସମସ୍ତ ଜୀବ କୋଷ ଯେପରି ଅମ୍ଳଜାନ ଆହରଣ କରୁଛନ୍ତି । ଗୋପବନ୍ଧୁ ଆନନ୍ଦିତ ହେଉଥାନ୍ତି । ନିଜକୁ ନିଜେ କହୁଥାନ୍ତି, "ଏ ପିଲାମାନେ କେତେ ନିରୀହ । ଆମକୁ ଭରସା କରି ଏଠିକି ଜୀବନ ଗଢି ଆସିଛନ୍ତି । ଆମକୁ ନିଜ ମୁରବୀଙ୍କ ଠାରୁ ଅଧିକ ଦେଖନ୍ତି । ଏମାନଙ୍କ ଭିତରେ ଲୁଚି ରହିଛି ଅକଳନ୍ତି ଶକ୍ତି । ସେ ଶକ୍ତିକୁ ସକାରାତ୍ମକ ବାଟରେ ନେଲେ ଭଲ ।" ବେଳେବେଳେ ସେ ଶକ୍ତି ସହଜ ଆବେଗରେ ମାତି ଉଠେ । ପିଲାଏ ତାଙ୍କୁ ଯେପରି ମାନନ୍ତି ସେ କଥା ଭାବିଲେ ସେମାନଙ୍କ ପ୍ରତି ମାୟା ଜାଗେ ।

ଗୋପବନ୍ଧୁଙ୍କର ମନେ ପଡେ ତାଙ୍କୁ ଓ ବିଜ୍ଞାନ ଶିକ୍ଷକ ବେଣୁମାଧବ ଆଚାରୀଙ୍କୁ ନେଇ ଘଟିଥିବା ଏକ କଥା । ବେଣୁମାଧବ ପରମ ବୈଷ୍ଣବ । ତାମିଲ ନାଁ ତାଙ୍କର ଶଙ୍କରନ ଆୟାର । କୃଷ୍ଣଙ୍କ ପ୍ରତି ନିବିଡ଼ ଅନୁରାଗରୁ ସେ ନିଜ ନାଁ ବଦଳାଇ ରଖିଥାନ୍ତି ବେଣୁମାଧବ ଆଚାରୀ । ସରଳ ଓ ନିରାଡ଼ମ୍ବର ଜୀବନ ଭିତରେ କୃଷ୍ଣ ଉପାସନା ତାଙ୍କର ପରମ ଧ୍ୟେୟ । ଗୋପବନ୍ଧୁ ଓ ତାଙ୍କ ଭିତରେ ଥିବା ଅନାବିଳ ସମ୍ପର୍କର କାରଣ ଦୁହିଁଙ୍କର କୃଷ୍ଣ ପ୍ରୀତି ।

ନିଜର କୃଷ୍ଣ ଭକ୍ତିକୁ ନେଇ ଗୋପବନ୍ଧୁଙ୍କଠାରେ କୌଣସି ସଂକୋଚ ନଥିଲା । ଥରେ ନୀଳକଣ୍ଠ ଓ ଗୋପବନ୍ଧୁ ସଂସ୍କୃତ ମହାଭାରତ ପଢ଼ାର ଆୟୋଜନ କଲେ । ସଂସ୍କୃତ ପଣ୍ଡିତ ଭୁବନେଶ୍ୱର ରଥ ମହାଭାରତ ପାଠ କରନ୍ତି, ଅନ୍ୟମାନେ ଶୁଣନ୍ତି । ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ମଧ ଶୁଣନ୍ତି । ପଣ୍ଡିତଙ୍କ ବ୍ୟାଖ୍ୟା ପରେ ସମସ୍ତଙ୍କ ଭିତରେ ଚର୍ଚ୍ଚା ହୁଏ । ଏହିପରି ଦଶ ପନ୍ଦର ଦିନ ପଢା ପରେ ଗୋପବନ୍ଧୁ ପଚାରନ୍ତି, "ନୀଳକଣ୍ଠ କୁହ ମହାଭାରତର ଏ ରସ କିପରି ଲାଗୁଛି ।"

ନୀଳକଣ୍ଠ ଦେଲେ ଅଭୁତ ଉତ୍ତର, "ମହାଭାରତରେ ଯିଏ କୃଷ୍ଣଙ୍କ ଚରିତ୍ର ଯୋଡ଼ିଛି ସେ ବଡ଼ ଚତୁର ବୈଷ୍ଣବ । ପ୍ରକୃତେ ହେବ ସତେ ଅବା କୃଷ୍ଣ ନଥିଲେ ମହାଭାରତ ନଥାନ୍ତା । ହେଲେ କୃଷ୍ଣଙ୍କୁ ବାଦ୍ ଦେଲେ ମଧ ମହାଭାରତର ବିଶେଷ କ୍ଷତି ହେବ ନାହିଁ । ମହାଭାରତର ଅନ୍ୟ ନାମ 'ଜୟନ୍ତରେ କିଛି ପରିବର୍ତ୍ତନ ଦରକାର ହେବ ନାହିଁ ।'

ସେ ଏ କଥାରେ ଢେର କଷ୍ଟ ପାଇଲେ । କହିଲେ, "ଏପରି କହିବ ନାହିଁ । ପାପ ହେବ ।"

ଗୋପବନ୍ଧୁଙ୍କର ଏମନ୍ତ କୃଷ୍ଣ ପ୍ରୀତି ତାଙ୍କୁ ବେଣୁମାଧବଙ୍କର ଆହୁରି ଘନିଷ୍ଠ କରିଥିଲା । ବେଣୁମାଧବଙ୍କର ପୁଣି ସବୁ କଥା ଭିତରେ କର୍ତ୍ତବ୍ୟ ନିଷ୍ଠା ଓ ସମାୟାନୁବର୍ତ୍ତିତା ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟରେ ସମସ୍ତେ ତାଙ୍କୁ ସମିହ କରନ୍ତି । ଥରେ ସେ କହିଲେ, "ଗୋପବନ୍ଧୁ ବାବୁ ! ଆମେ କାଲି ପୁରୀ ଯିବା କି ? ବହୁତ ଦିନ ହେଲାଣି ତୀର୍ଥରାଜ ମହୋଦଧି ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହୋଇନାହିଁ । ବୁଲି ଆସିଲେ ମନ ପବିତ୍ର ହେବ । ତା ଛଡା ଆପଣଙ୍କ ସଖ୍ୟ ସୁଖ ଦାୟକ । ଆପଣଙ୍କ ସହଯାତ୍ରୀ ହୋଇ ପୁରୀ ଭ୍ରମଣ କଲେ ହୃଦୟ ଆହୁରି ଆନନ୍ଦମୟ ହେବ । କଣ କହୁଛନ୍ତି ଯିବା ତ ?"

ଗୋପବନ୍ଧୁ ସହମତ ହୋଇ କହିଲେ, "ହଁ ଯିବା । ମୋର ବି କେତେକ ସାଂଗଠନିକ କାମ ଅଛି । କେତେ ଜଣ ବନ୍ଧୁଙ୍କୁ ଭେଟିବାର ଅଛି ।"

"ତେବେ କେତେବେଳେ ବାହାରିବା ?"

ଗୋପବନ୍ଧୁ ଉତ୍ତର ଦେଲେ, "ପୂର୍ବାହ୍ନ ଦଶଟାରେ ।"

ପରଦିନ ଠିକଣା ସମୟରେ ବେଣୁମାଧବ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସେ ଗୋପବନ୍ଧୁଙ୍କ ରହୁଥିବା ଘରେ ପହଁଚିଲେ । ସମୟ ଠିକ ଦିନ ଦଶଟା । ସେତେବେଳକୁ ଗୋପବନ୍ଧୁ ପ୍ରସ୍ତୁତ ହୋଇ ନାହାନ୍ତି । କୌଣସି କଥାକୁ ନେଇ ଜଣା ପଡୁଥାନ୍ତି ବିବ୍ରତ । କଣ ସବୁ ଖାଦ୍ୟ ଦ୍ରବ୍ୟ ସଂଗ୍ରହରେ ଲଗାଇଥାନ୍ତି କାହା କାହାକୁ । ଟିକେ ଟାଣ ଗଳାରେ ସେ ପ୍ରଶ୍ନ କଲେ, "ଏ କଣ ଗୋପବନ୍ଧୁବାବୁ, ଆପଣ ପ୍ରସ୍ତୁତ ହୋଇନାହାନ୍ତି ଯେ । ସମୟ ଦଶଟା ହୋଇ ଗଲାଣି ।"

"ନା ମହାଶୟ !ମୁଁ ଦୁଃଖିତ । ମୁଁ ଆଜି ଆପଣଙ୍କ ସହ ପୁରୀ ଯିବା ଯୋଜନା ସ୍ଥଗିତ ରଖିଛି । ଖବର ଆସିଛି ଗୋପ ଅଞ୍ଚଳରେ ପ୍ରବଳ ବଢି । ଧନୁଆ ଓ କୁଶଭଦ୍ରାରେ ଅକାତ କାତ ବନ୍ୟା ଜଳ । ମୋତେ ଯେମିତି ହେଲେ ଯିବାକୁ ହେବ । ଭୋକିଲା ଲୋକଙ୍କ ମୁହଁରେ ଚୁଡା ମୁଠେ ଗୁଡ଼ ଟେଳାଏ ପହଞ୍ଚାଇ ପାରିଲେ ମୋ ମନ ଶାନ୍ତି ପାଇବ ।"

ତାଙ୍କ ଠାରୁ ନାସ୍ତି ବାକ୍ୟ ଶୁଣି କ୍ଷୁବ୍ଧ ହୋଇ ଉଠିଲେ ବେଣୁମାଧବ । କହିଲେ, "ଆପଣ ଜାଣନ୍ତି ସପ୍ତାହକ ଲାଗି ମୁଁ ଆଗରୁ ମୋର ନିର୍ଘଣ୍ଟ ପ୍ରସ୍ତୁତ କରିଥାଏ । ଆପଣ କାଲି ରାଜି ହୋଇ ଆଜି ମନା କରିପାରୁଛନ୍ତି କିପରି ?"

"ସେମିତି କୁହ ନାହିଁ ବନ୍ଧୁ । ସେ ବନ୍ୟାକ୍ଲିଷ୍ଟମାନଙ୍କ ସେବା ମୋ ପାଇଁ ଜଗନ୍ନାଥଙ୍କ ଅର୍ଚ୍ଚନା ଠାରୁ ବେଶି । ତାଙ୍କ ପାଖରେ ଅନ୍ୟାନ୍ୟ ଉତ୍ସରୁ ସହାୟତା ପହଞ୍ଚାଇ ପାରିଲେ ମୁଁ ଆଶ୍ୱସ୍ତ ହେବି ।" ତାଙ୍କ ଠାରୁ ଏ ପ୍ରକାର କଥା ଶୁଣି ଚିଡି ଉଠି ବେଣୁମାଧବ କହିଲେ, "Then you are a liar. ଆପଣଙ୍କର ସତ୍ୟ ପ୍ରତି ସମ୍ମାନ ନାହିଁ । ଆପଣଙ୍କ ନିକଟରେ ଅନ୍ୟ ଲୋକର ସମୟର କିଛି ମୂଲ୍ୟ ନାହିଁ ।"

ତାଙ୍କ ପରି ଜଣେ ସତ୍ୟନିଷ୍ଠ ବ୍ୟକ୍ତିର କଥାରେ ବିଚଳିତ ହୋଇ ଗୋପବନ୍ଧୁ କହିଥିଲେ, "ମୋ ଦେଶବାସୀଙ୍କ ଦୁଃଖ ସମୟରେ ମୁଁ ଆଉ ସବୁ କଥା ଭୁଲିଯାଏ । ନିଜେ ନିଜ ଆୟତ୍ତରେ ରହି ପାରେନା । ମୋ ପାଇଁ ବଡ଼ ହୁଏ ସେମାନଙ୍କ ପାଖରେ ପହଞ୍ଚିବା । ସେମାନଙ୍କ ପାଇଁ ବେଳେବେଳେ ମୋତେ ଏପରି ମିଥ୍ୟା କହିବାକୁ ପଡିଥାଏ । ଗୋପ ବାସୀ ଏବେ କିପରି ଥିବେ । ତାଙ୍କ ପାଖରେ ଦାନା ମୁଠେ ପହଁଚିଲା କି ନାହିଁ – ଏବେ ସେତିକି ମୋତେ ଘାରୁଛି । ଆପଣଙ୍କୁ

ଦେଇଥିବା କଥା ରକ୍ଷା କରି ପାରୁ ନାହିଁ । ଲୋକଙ୍କ ଅସୁବିଧା ସମୟରେ ମୁଁ ବାଧ୍ୟ ହୋଇ ମୋର ବ୍ୟକ୍ତିଗତ ନିର୍ଘଣ୍ଟ ବଦଳାଇ ଥାଏ । ତାହା ଆପଣଙ୍କ ଭଳି ନୀତି ନିଷ୍ଠ ବ୍ୟକ୍ତିଙ୍କୁ ମିଥ୍ୟାଚାର ଭଳି ଲାଗି ପାରେ । ଆପଣଙ୍କୁ ଅସୁବିଧାରେ ପକାଇବା ମୋର ଉଦ୍ଦେଶ୍ୟ ନଥିଲା । ତେଣୁ ମୁଁ କ୍ଷମା ପ୍ରାର୍ଥୀ ।"

ଏପରି କଥାବାର୍ତ୍ତା ପରେ ସେ ବାହାରି ଗଲେ ଗୋପ । ବିଦ୍ୟାଳୟ ଭିତରେ ଚହଳ ପଡିଲା । ଦାସେ ଆପଣଙ୍କୁ ମିଥ୍ୟାବାଦୀ କହିଛନ୍ତି ବେଣୁମାଧବ । ଆପଣେ କ୍ଷମା ମାଗିବା ପରେ ମଧ୍ୟ ତାଙ୍କ ମନ ବଦଳି ନାହିଁ । ଛାତ୍ରମାନଙ୍କ ପାଖକୁ ଏକଥା କେମିତି ଗଲା କେଜାଣି, ସେମାନେ କ୍ଷୁବ୍ଧ ହୋଇ ଉଠିଲେ । ସେମାନଙ୍କର ସବୁ କିଛି ହେଲେ ଗୋପବନ୍ଧୁ । ଏ ତାମିଲ ଶିକ୍ଷକ ଏତେ ଅହଂକାରୀ ଯେ ତାଙ୍କୁ ପୁଣି କ୍ଷମା ମାଗିବାକୁ ପଡିଲା । ଛାତ୍ରମାନେ ଏ କଥା ଦେହକୁ ନେଲେ ।

ଦିନକର ବେଣୁମାଧବ ନିଜ ରହିବା ଘରେ ବସି ଏକ ପ୍ରକାର ଧ୍ୟାନସ୍ଥ ହୋଇ ପଢ଼ାରେ ନିମଗ୍ନ ଥାଆନ୍ତି । ପିଲାଏ ତାଙ୍କ ଘରେ ନିଆଁ ଲଗାଇ ଦେଲେ । ବେଣୁମାଧବ ନିଆଁ ଜଳୁଛି ଦେଖୁଥାନ୍ତି କିନ୍ତୁ ପଢା ଛାଡି ଉଠୁ ନଥାନ୍ତି । ଚାରି ଆଡ଼େ ଚହଳ ପଡି ଗଲା । ଶେଷରେ ଶିକ୍ଷକ ଓ ପିଲାଏ ମିଶି ନିଆଁ ଲିଭାଇଲେ । ଗୋପବନ୍ଧୁ ପିଲାମାନଙ୍କୁ କହିଲେ, "ବେଣୁମାଧବ ଜଣେ ମହାନ ଶିକ୍ଷକ ଓ ମହତ ମଣିଷ । ସେ କେବେ ବି ନିଜ କର୍ତ୍ତବ୍ୟରେ ଅବହେଳା କରନ୍ତି ନାହିଁ । ମୁଁ ମୋ ତରଫରୁ ତାଙ୍କୁ କ୍ଷମା ମାଗିଥିଲି । ତୁମେମାନେ ଏହାକୁ ମୋର ଅସମ୍ମାନ ବୋଲି ଭାବି ଏ ଭୟଙ୍କର କାଣ୍ଡ କଲ । ଏଥିରେ ମୁଁ ବେଶି ମର୍ମାହତ । ଏହା ଆମ ଦୁହିଁଙ୍କ ଭିତରର କଥା ଥିଲା । ହୁଏତ ନିଆଁ ଲାଗି ସେ ନିଜେ ମୃତ୍ୟୁ ବରଣ କରିଥାନ୍ତେ । ତୁମମାନେ ଗୁରୁ ହନ୍ତା ହୋଇଥାନ୍ତ । ଏଭଳି ଭୁଲ୍ କରି ତମେମାନେ ତାଙ୍କ ନିକଟରେ ମୋ ମୁଣ୍ଡ ନୁଆଁଇ ଦେଲ ।"

ଏହାପରେ ପିଲାଏ ନିଜର ଭୁଲ ବୁଝିଲେ । ବେଣୁମାଧବଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ସେଇ ପିଲାଏ ତ ତାଙ୍କର ସମ୍ପତ୍ତି । ସେମାନଙ୍କୁ ଗଢିବାକୁ ଯାଇ ସେ ବୁଲି ବୁଲି ଖୋଜନ୍ତି ଭଲ ଶିକ୍ଷକ । ଯେମିତି ସେ ଆଣିଥିଲେ ସଙ୍ଗୀତ ଗୁରୁ ଅପନ୍ନା ପରିଛାଙ୍କୁ ।

ସଂଗଠନ କାମରେ ଗୋପବନ୍ଧୁ ଯାଇଥାନ୍ତି ପାରଳାଖେମୁଣ୍ଡି । ଗଲେ ରହନ୍ତି ପରିଛା ମଠରେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ନେଇ ରାଜାଙ୍କ ସହ ହୁଏ ବ୍ୟାପକ ଆଲୋଚନା । ସେଥିରେ ବିଭିନ୍ନ ରାଜନୈତିକ ରଣ କୌଶଳ କଥା ମଧ୍ୟ ପଡେ । ଥରେ ଫେରିବା ବାଟରେ ସେ ରାଜାଙ୍କୁ ଅନୁରୋଧ କରନ୍ତି, "ମୋତେ ଅପନ୍ନାଙ୍କୁ ସାଙ୍ଗରେ ନେଇଯିବାକୁ ଦିଅନ୍ତୁ ।"

ରାଜା ପଚାରନ୍ତି, "ଅପନ୍ନା ଆପଣଙ୍କର କି କାମରେ ଆସିବ ଗୋପବନ୍ଧୁ ବାବୁ ? ଏକେ ତ ସେ ଅନ୍ଧ ଦୁଜେ ସଂଗୀତ ବାହାରେ ଯେ ଦୁନିଆଁ ଅଛି ସେ ଜାଣେ ନାହିଁ । ଆପଣଙ୍କ ପରି କର୍ମଠ ଦେଶପ୍ରେମୀର କି କାମରେ ଆସିବ ସେ ?"

"ମୁଁ ମୋର ବ୍ୟକ୍ତିଗତ କାମର କଥା କହୁନାହିଁ ମହାରାଜ । ମୋ ବିଦ୍ୟାଳୟରେ ଏବେ ଶହ ଶହ ପିଲା । ସେମାନେ କେବଳ ଗ୍ରନ୍ଥ କୀଟ ହୁଅନ୍ତୁ ଏହା ମୁଁ ଚାହେଁନା । ସେମାନେ ଯେପରି ବ୍ୟାୟାମ ଶିକ୍ଷା କରୁଛନ୍ତି, ରଥ ଯାତ୍ରା ବେଳେ ହଇଜା ରୋଗୀଙ୍କ ସେବା କରୁଛନ୍ତି । ସେହିପରି ସେମାନେ ମଧ୍ୟ ସଂଗୀତ ଶିକ୍ଷା କରନ୍ତୁ ଏହା ମୋର ଆନ୍ତରିକ ଇଚ୍ଛା । ସେଥିପାଇଁ ଅପନ୍ନାଙ୍କୁ କିଛି ମାସ ପାଇଁ ଆପଣଙ୍କ ଠାରୁ ଉଧାର ଚାହେଁ । ତା କଣ୍ଠରୁ –ବ୍ରଜ ରାଜ ତନୟ ଗୁଣ ଗା ରେ– ଶୁଣି ମୋ ମନ ପ୍ରଫୁଲ୍ଲ ହୋଇଛି ।"

"ଓହୋ । ଆପଣ ତ ବହୁ ଗଭୀରରେ ଅଛନ୍ତି । ହେଉ ଯଦି ଅଳ୍ପ କିଛି ଦିନ ପାଇଁ ଅପନ୍ନା ଗଲେ ପିଲାଏ ଲାଭବାନ ହେବେ । ତେବେ ସେଥିରେ ମୁଁ ସମ୍ମତ ।"

ସତ୍ୟବାଦୀ ବିଦ୍ୟାଳୟକୁ ଅପନ୍ନା ଆସିବା ଦିନ ଗୋଟିଏ ସଭାର ଆୟୋଜନ ହେଲା । ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ସମେତ ଶିକ୍ଷକବୃନ୍ଦ ଓ ପିଲାମାନେ ଏକତ୍ରିତ ହୋଇଥାନ୍ତି । ଗୋପବନ୍ଧୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏ ସଭାରେ ପ୍ରଥମେ ନୀଳକଣ୍ଠ ସଙ୍ଗୀତ ଶାସ୍ତ୍ର ଉପରେ କହିଲେ, "ସଙ୍ଗୀତ ଜୀବନର ଏକ ମୂଲ୍ୟବାନ ବିଭବ । ସାରା ବିଶ୍ୱଜଗତ ସଙ୍ଗୀତର ତାଳେ ତାଳେ ନୃତ୍ୟରତ । ପାହାଡୀ ଝରଣାର ସଙ୍ଗୀତ ଅଛି ପୁଣି ନଦୀର କୁଳୁକୁଳୁରେ ବି ଅଛି ତାଳ ଲୟ । ପ୍ରକୃତିର ସବୁ ଉପାଦାନରେ ସଙ୍ଗୀତ ଅଛି । ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ରାଗଗୁଡିକ ଅତ୍ୟନ୍ତ ମୌଳିକ । ଅପନ୍ନା ଏ ଉଭୟ ଶାସ୍ତ୍ରୀୟ ଧାରା ସହିତ ଆମ ଓଡିଶୀ ସଙ୍ଗୀତରେ ମଧ୍ୟ ପ୍ରବୀଣ । ଆଜି ଅପନ୍ନାଙ୍କ ଠାରୁ ଆମେ ସମସ୍ତେ ଗୀତ ଶୁଣିବା ।" ଏତିକି କହିସାରି ସେ ବିଭିନ୍ନ ଛାନ୍ଦ ବରାଦ କଲେ ଓ ଅପନ୍ନା ତାଙ୍କ ବରାଦ ମୁତାବକ ଗାଇ ଚାଲିଲେ ।

ସେ କରୁଣ ରସର ଛାନ୍ଦଟିଏ ବିଚିତ୍ର ରାମାୟାଣରୁ ଗାଇଲେ । ବେହେଲା ସହିତ ପରିବେଷଣ କଲେ, "ଆହା ଧନୁର୍ଦ୍ଧର ବୀରବର/ ଧନୁ ଶର ନଥିଲା କି କର/ ଯାହାର ବାଣେ ବ୍ରହ୍ମାଣ୍ଡ ଦହି ପାରେ / ତାକୁ ମାଇଲା ପ୍ରହସ୍ତ ଛାର ହେ ଦଇବ ।"

ପରିବେଶ ହଠାତ୍ କାରୁଣ୍ୟ ପ୍ଲାବିତ ହୋଇଉଠିଲା । ସମସ୍ତେ ନିଜନିଜ ସ୍ଥାନରେ ତଟସ୍ଥ ହୋଇ ବସିଥାନ୍ତି । ଲାଗୁଥାଏ ରାମାୟଣ ର ସେ ଦୃଶ୍ୟ ସତେ ଅବା ସମସ୍ତଙ୍କ ଆଗରେ ଅଭିନୀତ ହେଉଛି । କେତେ ଜଣ ଛାତ୍ରଙ୍କ ଆଖି ଜକେଇ ଆସିଲା । ଗୋପବନ୍ଧୁ ରାହା ଧରି କାନ୍ଦିବା ଆରମ୍ଭ କରିଦେଲେ । ଗୀତ ଶେଷକୁ କହି ଉଠିଲେ, "ଅପନ୍ନା ଏ କରୁଣ ମୂର୍ଚ୍ଛନା ମୁଁ ସହ୍ୟ କରିପାରୁନାହିଁ । ବରଂ ମନକୁ ସରସ କଲା ଭଳି କିଛି ଗାଅ ।"

ଏଥର ଗୋଡ଼ ଆଙ୍ଗୁଠିରେ ଜଳତରଙ୍ଗ ଓ ହାତରେ ବେହେଲା ବଜାଇ ସେ ଗାଇଲେ, "ବିନାଶ ନାସା ଶ୍ରବଣ ସୂର୍ପଣଖା ପ୍ରବେଶ ଲଙ୍କାର ।" ତାଙ୍କର କଳାକୌଶଳ ସମସ୍ତଙ୍କ କଲା ଆମୋଦିତ । ତା ପରେ ସଙ୍ଗୀତ ଓ ତା'ର ଉତ୍ତମ ପ୍ରଭାବ ବିଷୟରେ ନୀଳକଣ୍ଠ କହିଲେ । ଗୋପବନ୍ଧୁ ନିଜେ କହିଲେ, "ସୃଷ୍ଟିର ମୂଳ ହେଉଛି ସଙ୍ଗୀତ ଓ ସଂହତି । ଆମେ ପକ୍ଷୀଙ୍କ କାକଳି ଠାରୁ ଆରମ୍ଭ କରି ନଦୀର କଳ ନିନାଦରେ ସଙ୍ଗୀତ ଶୁଣୁ । ତେଣୁ ଏହା ମଣିଷର ସ୍ୱଭାବ ସହଜ ଗୁଣ । ଯହିଁ ଜୀବନ ତହିଁ ସଙ୍ଗୀତ । ମଣିଷ ଠାରୁ ଆରମ୍ଭ କରି ପତଂଗ ପର୍ଯ୍ୟନ୍ତ ସମସ୍ତେ ଜ୍ଞାତ ବା ଅଜ୍ଞାତ ଭାବେ ସଙ୍ଗୀତରେ ନିଜକୁ ପ୍ରକାଶ କରନ୍ତି । ଦୁଃଖରେ ସୁଖରେ,ମିଳନ ଅବା ବିଚ୍ଛେଦରେ ସଙ୍ଗୀତ ମାଧ୍ୟମରେ ଭାବ ପ୍ରକାଶ ପାଏ । ସନ୍ତାନହରା ମାଆର କୋହ ସଙ୍ଗୀତ ରୂପେ କାନ୍ଦଣାରେ ନିଗିଡି ପଡେ ।"

ତା ପରେ ଅପନ୍ନା ବିଭିନ୍ନ ଛାନ୍ଦର ନାଁ କହିବା ସହ ତା'ର ଗାୟନ ରୀତି ଓ କୌଶଳ ପ୍ରାଞ୍ଜଳ ଭାବେ ବୁଝାଇ ଦେଲେ । କିଛି ସମୟ ପାଇଁ ସେ ସମସ୍ତଙ୍କୁ ନିଜ କଣ୍ଠର ଯାଦୁରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ରଖିଲେ ।

ଯେଉଁ ମାନେ ଛାନ୍ଦ ଶିକ୍ଷା କରିବାକୁ ଆଗ୍ରହୀ ସେମାନେ ଅପନ୍ନାଙ୍କ ନିକଟକୁ ଆସିବାକୁ କୁହା ଗଲା । ଗୀତର ଭାବ ପିଲାମାନଙ୍କୁ ମୁଗ୍ଧ କରିଥିଲା । ତେଣୁ ସଙ୍ଗୀତ ଶିକ୍ଷା କିଛି ଦିନ ଚାଲିଥିଲା ।

ପିଲାଏ ମହତ୍ତର ପ୍ରତିଭା ଓ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସି ନିଜ ବ୍ୟକ୍ତିତ୍ୱର ଉତ୍କର୍ଷ ସାଧନ କରନ୍ତୁ ଏହାଥିଲା ଗୋପବନ୍ଧୁଙ୍କର ଆନ୍ତରିକ ଇଚ୍ଛା ।

ଫକୀର ମୋହନ ସେନାପତି ବିଭିନ୍ନ ଉତ୍ସରୁ ବିଦ୍ୟାଳୟର ପ୍ରଶଂସା ଶୁଣି ସତ୍ୟବାଦୀ ଆସନ୍ତି ପିଲାଙ୍କୁ ଆଶିଷ ଦେବା ପାଇଁ । ବାଲେଶ୍ୱରରୁ ଆସି ଟ୍ରେନ ଯେତେବେଳେ ସାକ୍ଷୀଗୋପାଳରେ ପହଞ୍ଚେ ଷ୍ଟେସନ ହୋଇଯାଏ ଲୋକାରଣ୍ୟ । ବନ ବିଦ୍ୟାଳୟର ଛାତ୍ର, ଶିକ୍ଷକ ପୁଣି ସ୍ଥାନୀୟ ଲୋକେ ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ବ୍ୟାସ କବି କି ଜୟ, ଫକୀରମୋହନ କି ଜୟ ଏପରି ଧ୍ୱନିରେ ଷ୍ଟେସନ କମ୍ପି ଉଠେ । ତାଙ୍କୁ ନେଇ ଏକ ସଭା ଆୟୋଜିତ ହୁଏ ।

ଗୋପବନ୍ଧୁ ତାଙ୍କ ପରିଚୟ ଦେଇ କହନ୍ତି, "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁର ଜବାବରେ ଯଦି କେହି ନଖ ଦାନ୍ତ ଲଗାଇ ଓଡ଼ିଆ ଭାଷା ପାଇଁ କାମ କରୁଥାନ୍ତି ସେ ହେଲେ ବ୍ୟାସ କବି । ତାଙ୍କୁ ଅତିଥି ରୂପେ ପାଇ ଆମେମାନେ ଗର୍ବିତ । ସେ ଆମ ସାହିତ୍ୟର ଭୀଷ୍ମ ପିତାମହ । ଆଜି ଏ ଉତ୍ତର ବୟସରେ ବି ସେ ଭାଷା କଲ୍ୟାଣ ପାଇଁ କାର୍ଯ୍ୟ କରନ୍ତି । ବାର୍ଦ୍ଧକ୍ୟ ତାଙ୍କ ଦେହକୁ ଦୁର୍ବଳ ଓ କ୍ଷୀଣ କରିଛି । ହେଲେ ତାଙ୍କ ମନୋବଳ ଭାଙ୍ଗି ପାରିନାହିଁ ।"

ଫକୀର ମୋହନ ଭଲରେ ଠିଆ ହୋଇ ପାରୁ ନଥାନ୍ତି । ହାତ ଗୋଡ଼ ଥରୁଥାଏ । ତଥାପି ବଳ ଜୁଟାଇ ସେ ପିଲାମାନଙ୍କୁ ସାହିତ୍ୟ ଓ ଦେଶମାତୃକାର ସେବା ପାଇଁ ଉଦ୍‌ବୋଧନ ଦେଲେ ।

ସେ ରାତିରେ ତାଙ୍କର ରହିବାର ବ୍ୟବସ୍ଥା ହୋଇଥାଏ କଚେରୀ ବଙ୍ଗଳାରେ । ସେଠି ଗୋପବନ୍ଧୁ ଓ ତାଙ୍କର ସହକର୍ମୀମାନେ ଥାଆନ୍ତି । ସମସ୍ତେ ଫକୀରମୋହନଙ୍କ ପରିଚର୍ଯ୍ୟା ରେ ବ୍ୟସ୍ତ । ଗୋପବନ୍ଧୁ ତାଙ୍କ କ୍ଳାନ୍ତ ଦେହକୁ ଆଉଁସି ଦେଉଥାନ୍ତି ଓ ଆଖିରୁ ଲୁହ ଗଡାଉଥାନ୍ତି । ନୀଳକଣ୍ଠ ଗୋଦାବରୀଶ ପ୍ରମୁଖ ନିଜକୁ ତାଙ୍କ ସହ ପରିଚୟ କରାଉଥାନ୍ତି । ତା ପରେ ଫକୀର ମୋହନ କୁହନ୍ତି, "ଏତେ ବଡ଼ ସଂକଳ୍ପ ନେଇ ତୁମେମାନେ ସାଧନା କରୁଛ । ଇଏତ ଅଭିନବ ନାଳନ୍ଦା । ତୁମ୍ଭମାନଙ୍କ ଯିଏ ପ୍ରେରଣା ଓ ଶକ୍ତି ମୁଁ ତା'ର ସାମର୍ଥ୍ୟ ଜାଣିଛି ।"




ଏତିକି କହି ସେ ଗୋପବନ୍ଧୁଙ୍କ ଆଡ଼କୁ ଚାହିଁଲେ । ଗୋପବନ୍ଧୁଙ୍କ ଆଖିରୁ ଝରିଗଲା ଉଷ୍ମ ଲୁହ କେତେ ଟୋପା । ତା ପରଦିନ ବିଦ୍ୟାଳୟର ପିଲାମାନେ ଫକୀର ମୋହନଙ୍କୁ ଏକ ମେହେନାରେ ବସାଇ ବିଦ୍ୟାଳୟ ଆଡ଼କୁ ନେଲେ । ଏ ଥିଲା ବ୍ୟାସ କବିଙ୍କୁ ସମ୍ମାନ । ହେଲେ ସେ ବଡ଼ ଅପ୍ରତିଭ ବୋଧ କରୁଥାନ୍ତି । ହଠାତ୍ ସେ କହିଲେ, "ଆରେ ମୋର ଲଣ୍ଡମାନେ ! କୁଆଡେ ନେଉଛ ମୋତେ । ତୁମ୍ଭମାନଙ୍କୁ କେତେ କଷ୍ଟ ହେଉଥିବ । ମୁଁ ମେହେନାରୁ ଡେଇଁ ପଡିବି । ମୋ ପ୍ରାଣ ଯିବ, ତୁମମାନଙ୍କୁ ହତ୍ୟା ଦୋଷ ଲାଗିବ ।" ପିଲାଏ ତାଙ୍କୁ ଧରି କୌଣସି ମତେ ବିଦ୍ୟାଳୟ ଆଡ଼କୁ ଘେନି ଗଲେ । ସେଠି ସେ ପ୍ରତି ପିଲାଙ୍କ ମୁଣ୍ଡ ଆଉଁସି ଆଶୀର୍ବାଦ ଦେଲେ । କହିଲେ, "ମୋର ଆୟୁଷ ତୁମ ସମସ୍ତଙ୍କୁ ଲାଗୁ ।"

ତା ପରେ ସେ ବିଦ୍ୟାଳୟ ସମ୍ପର୍କରେ ମତ ଦେଇଥିଲେ, "ଆପଣମାନେ ଏଠାରେ ଗୋଟିଏ ସ୍ୱାଧୀନତା ବୃକ୍ଷର ମଞ୍ଜି ପୋତିଛନ୍ତି । ଶୀଘ୍ର ଗଛ ହୋଇ ଫୁଲ ଫୁଟି ଫଳ ଫଳିବ । ଗୋପବନ୍ଧୁ ଜଣେ ପ୍ରବୀଣ, ନିଃସ୍ୱାର୍ଥପର ଦେଶ ସେବକ । ଆପଣମାନଙ୍କ ଶକ୍ତିକୁ ସେ ଯଥାର୍ଥ ଭାବେ କାର୍ଯ୍ୟରେ ଲଗାଇଛନ୍ତି । ଦେଶର ସ୍ୱାଧୀନତା ମୁଁ ସିନା ଆଖିରେ ଦେଖି ପାରିବି ନାହିଁ, ଆପଣମାନେ ଫଳ ଭୋଗ କରି ଏ ଜଗତରୁ ବିଦାୟ ନେବେ ।"

ପିଲାଙ୍କ ପାଇଁ ସାହିତ୍ୟ ଓ ସଙ୍ଗୀତ ରସ ଆସ୍ୱାଦନର ବ୍ୟବସ୍ଥା କରିବା ତାଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା ସେତିକି ଥିଲା ସେମାନଙ୍କ ଭିତରେ ନୈତିକତା ବିକାଶ କରାଇବାର ଇଚ୍ଛା । ନୈତିକତା ବର୍ଜିତ ଜୀବନ ପଶୁର ଜୀବନ ବୋଲି ସେ ମନେ କରୁଥିଲେ । ତେଣୁ ବିଦ୍ୟାଳୟ ରେ ପିଲାଙ୍କ ନୈତିକ ଜୀବନ ପ୍ରତି ଗୁରୁତ୍ୱ ଦିଆଯାଉ ବୋଲି ସେ ଚାହୁଁଥିଲେ । ସହଜେ କିଶୋର ବୟସ । ଯୌନତା ର ଉନ୍ମେଷ କାଳ । ଏ ସମୟରେ ଚରିତ୍ର ବିଗିଡିବାର ଆଶଙ୍କା । ପୁଣି ଗୋଡ଼ ଖସିବାର ଭୟ । ଚରିତ୍ର ପ୍ରଭାବିତ ହେବାର ଭୟ । ଅନୁଷ୍ଠାନରେ ଏପରି କିଛି ଘଟଣା ତାଙ୍କୁ ବ୍ୟଥିତ କରିଥିଲା ।

ଥରକର ଜଣେ ଶିକ୍ଷକ ଓ ବାଳକ ମଧ୍ୟରେ ଅବୈଧ ସମ୍ପର୍କ କଥା ଜଣା ପଡେ । ମନିଟରମାନେ ଏ କଥା ଜାଣିଥାନ୍ତି । ସେମାନେ ଘଟଣା ପ୍ରଘଟ ନ କରି କଥାଟି କେବଳ ଆଚାର୍ଯ୍ୟ ହରିହରଙ୍କୁ ଜଣାଇଥାନ୍ତି । ଦିନକର ଛାତ୍ର ଜଣକ ଅନୁନୟ ବିନୟ କରି ଚନ୍ଦ୍ରଶେଖରଙ୍କୁ କହେ, "ମୁଁ ସାଂଘାତିକ ଭାବେ ଅନୁତପ୍ତ । ମୁଁ ବିଷମ ସମସ୍ୟାରେ ପଡିଲି । ମୋର ଭବିଷ୍ୟତ ନଷ୍ଟ ହୋଇଯିବ । ମୋ ଉପରେ ପ୍ରଧାନଶିକ୍ଷକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରନ୍ତି । ଗୁରୁମାନଙ୍କ ନିକଟରେ ମୁଁ ଛୋଟ ହୋଇଗଲି । ଶିକ୍ଷାର୍ଥୀମାନଙ୍କ ପାଖରେ ମଧ୍ୟ ମୁଁ ଘୃଣ୍ୟ ହେଲି ।" ଏତିକି କହି ସେ ରାହା ଧରି କାନ୍ଦିଲା ।

ଚନ୍ଦ୍ର କହିଲା, "ସତ କଥା ପଦାକୁ ଆସିଲେ ତୁ ରଷ୍ଟିକେଟ ହେବୁ ନାହିଁ । ବରଂ ସେ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ତା ଛଡା ତୁ ତ ନୀଳକଣ୍ଠଙ୍କର ପ୍ରିୟ ଛାତ୍ର ।"

ହେଲେ ଯେତେ ବୁଝାଇଲେ ମଧ୍ୟ ପିଲାଟି ବୁଝିଲା ନାହିଁ । ଚିନ୍ତା କରି କରି ଜ୍ୱରରେ ପଡିଲା ।

ଗୋପବନ୍ଧୁ ମନେ ପକାଉଥାନ୍ତି ସେ ଦୁର୍ଦ୍ଦିନ । କଥା ବୁଲିବୁଲି ନୀଳକଣ୍ଠ ଓ ତାଙ୍କ କାନକୁ ଆସିଲା ।

ଥରେ ଶନିବାର । ଅଧା ପର୍ଯ୍ୟନ୍ତ ପାଠପଢା ପରେ ତାଙ୍କ ସମେତ ଅନ୍ୟ ସବୁ ଶିକ୍ଷକ ଦେଉଳ କଚେରୀର ବଙ୍ଗଳାକୁ ଗଲେ । ବ୍ଲାକ ରେଜିଷ୍ଟର ମଗାଇ ଅଣା ଗଲା । ପିଲାଟି ଅତି ବିକଳ ହୋଇ କାନ୍ଦୁଥାଏ ।

ଯଥା ସମୟରେ ଦପ୍ତରି ଆସି ଡାକିଲା, "ଆପଣେ ଡାକୁଛନ୍ତି । ଜଲ୍‌ଦି ଆସ ।"

ଭୟ ପାଇ ଯାଇଥିବା ପିଲାଟି ସହିତ ଚନ୍ଦ୍ର ଆସିଲା । ହେଲେ ତାକୁ ଭିତରକୁ ଯିବାକୁ ଦିଆ ଗଲା ନାହିଁ । ସେ କିନ୍ତୁ ଖୁବ୍ ଜୋର୍‌ରେ କବାଟରେ କରାଘାତ କରିବାକୁ ଲାଗିଲା । ଚାହୁଁଥିଲା ପିଲାଟିର ଅସହାୟତା ବେଳେ ତା ସହିତ ଠିଆ ହେବ । ଚନ୍ଦ୍ରର କବାଟ ବାଡ଼େଇବା ଜୋର୍ ହେଲାରୁ ଗୋପବନ୍ଧୁ କବାଟ ଖୋଲି କହିଲେ'ଆ ଚନ୍ଦ୍ର ଭିତରକୁ ଆ ।"

ନୀଳକଣ୍ଠ ପଚାରିଲେ, "ଆଚ୍ଛା ବାବୁ ଆମେ ଯାହା ଖବର ପାଇଲୁ ତାହା କଣ ସତ୍ୟ ?"

ଚନ୍ଦ୍ରକୁ ପାଖରେ ପାଇ ପିଲାଟିର ସାହସ ବଢ଼ିଲା । ସେ କାନ୍ଦିବା ସହିତ ନିଜ ସହ ଯାହା ଘଟିଥିଲା ତାହା ବିସ୍ତୃତ ଭାବେ କହିଲା ।

ତେଣେ ପିଲାଟିର ଦୁର୍ଦ୍ଦଶା ଦେଖି ସେ ନିଜେ ବି କାନ୍ଦିଲେ । ତେବେ ନୀଳକଣ୍ଠ ଥରୁଥାନ୍ତି କ୍ରୋଧରେ । ତା ପରେ କଲମ ଧରି କୁହନ୍ତି, "ମୁଁ ତୋତେ ରଷ୍ଟିକେଟ କରିବି । ତୋ ପ୍ରତି ଏତେ ଭଲ ପାଇବାର ଫଳ ତୁ ବେଶ ଦେଲୁ । ତୋତେ ଏଠୁ ବାହାରି ଯିବାକୁ ହେବ, ନ ହେଲେ ଅନ୍ୟମାନଙ୍କ ଉପରେ କୁପ୍ରଭାବ ପଡିବ ।"

ଏତିକି ବେଳେ ଚନ୍ଦ୍ର ତାଙ୍କର ହାତ ସମେତ କଲମକୁ ଧରି ପକାଏ ।

ତହୁଁ ଗୋପବନ୍ଧୁ ପଚାରନ୍ତି, "ଏ କଣ ଚନ୍ଦ୍ର ?"

ଚନ୍ଦ୍ର ଉତ୍ତର ଦିଏ, "ଆମେ ଏ କଥା ଛାତ୍ରମାନଙ୍କ ସ୍ତରରେ ସମାଧାନ କରି ପାରିଥାନ୍ତୁ । ଦୁଃଖର କଥା ଏଥିରେ ଜଣେ ଶିକ୍ଷକ ଜଡିତ । ତେଣୁ କଥା ଆପଣମାନଙ୍କ ପାଖକୁ ଆସିଲା । ଆମର ଅନୁତପ୍ତ ଭାଇ ଜଣକୁ ଆମେ ବଳ ଦେଇଥିଲୁ । ହେଲେ ଏବେ ସବୁ ଓଲଟି ଯିବାକୁ ବସିଛି ।"

ଗୋପବନ୍ଧୁ ବିବ୍ରତ ହୋଇ ପଡିଲେ । ନୀଳକଣ୍ଠ କଲମ ରଖି ଶାନ୍ତ ହେଲେ । ଚନ୍ଦ୍ର ସେ ପିଲାଟିକୁ ସାଙ୍ଗରେ ଘେନି ଚାଲି ଗଲା । ଆଉ ସେ ଶିକ୍ଷକ ?

ଗୋପବନ୍ଧୁ ମନେ ପକାଇଲେ – ତାଙ୍କୁ ବରଖାସ୍ତ କରିବା ଦରକାର ପଡ଼ିଲା ନାହିଁ । ସେ ଛାଏଁ ଇସ୍ତଫା ଦେଇ ଚାଲିଗଲେ ।

ଆଉ ଥରେ ତାଙ୍କୁ ଓ ବିଦ୍ୟାଳୟକୁ ଅସୁବିଧାରେ ପଡ଼ିବାକୁ ହୋଇଥିଲା । କଟକ ଜିଲ୍ଲାର ଜଣେ ଛାତ୍ରଠାରେ ଏ ପ୍ରକାରର ନୈତିକ ବିଚଳନ ହୋଇଥିଲା । ଅବୈଧ ଯୌନ ଆଚରଣ ପାଇଁ ତାକୁ ଦଣ୍ଡିତ କରାଯିବାକୁ ସ୍ଥିର କରାଯାଇଥିଲା । ବିଦ୍ୟାଳୟରେ ପ୍ରଚଳିତ ବିଧାନ ଦୃଷ୍ଟି କୋଣରୁ ତାକୁ ଆତ୍ମ-ପ୍ରାୟଶ୍ଚିତ କରିବାକୁ କୁହାଯାଇଥିଲା । ଦଣ୍ଡ ଥିଲା ଯେ- ଛାତ୍ର ଜଣକ ସମସ୍ତଙ୍କଠାରୁ ଅଲଗା ହୋଇ ଗୋଟିଏ କୋଠରୀରେ ଏକାକୀ ରହିବ ।

– ହବିଷ୍ୟାନ୍ନ ଭୋଜନ କରି ଆତ୍ମଶୁଦ୍ଧି କରିବ ।

ପିଲାଟି କୌଣସି ମତେ ଏହା ପାଳୁଥିଲା । ତା ଉପରେ ନୈତିକ ଚାପ ପକାଇବା ଉଦ୍ଦେଶ୍ୟରେ ଗୋପବନ୍ଧୁ ଏକ ସଭାର ଆୟୋଜନ କରନ୍ତି । ଅନ୍ୟମାନେ କହି ସାରିବା ପରେ ସେ ପିଲାଟିକୁ କହିଥିଲେ, "ଦେଖ ବାବୁ

ଏସବୁ ବ୍ୟବସ୍ଥା ତୋର ହୃଦୟ ପରିବର୍ତ୍ତନ ପାଇଁ କରାଯାଇଛି । ଏ ସଭାର ଉଦ୍ଦେଶ୍ୟ ତୋତେ ଆକ୍ଷେପ କରିବା ନୁହେଁ , ବରଂ ତୋ ଭିତରେ ନୈତିକ ସାହସ ବଢାଇବା । ତୁ ନିଜକୁ ବଦଳାଇ ମହତ୍ତର ଛାତ୍ରରେ ପରିଣତ ହେବୁ । ଏତିକି କହି ସେ ପିଲାଟିର ମୁଣ୍ଡ ଆଉଁସି ଦେଇଥିଲେ ।” ହେଲେ ପିଲାଟିର ଗ୍ଲାନି ଜର୍ଜର ମନ ଶାନ୍ତ ହୋଇ ନଥିଲା । ଗୋପବନ୍ଧୁଙ୍କ ଉଦ୍ଦେଶ୍ୟ ଥିଲା ପିଲାଟି ଗ୍ଲାନି ମୁକ୍ତ ହୋଇ ଉନ୍ନତ ଜୀବନ ପାଇଁ ସାଧନା କରୁ । ହେଲେ ଫଳ ଫଳିଲା ବିପରୀତ । ପିଲାଟି ଅଧିକ ଅନୁତପ୍ତ ହୋଇ ଅଫିମ ଖାଇ ଆତ୍ମହତ୍ୟା କଲା ।

ଏ ଘଟଣାକୁ ନେଇ ଚାରିଆଡେ ଚହଳ ପଡିଲା । ସମସ୍ତେ ଦୁଃଖରେ ଘାରି ହେଲେ । ସେ ଭୟଙ୍କର ପରିସ୍ଥିତିରେ ଗୋପବନ୍ଧୁ ବିଷର୍ଣ୍ଣ ଥାନ୍ତି । ପିଲାଟିର ପରିବାରକୁ ଖବର ଦିଆ ଗଲା । ତା’ର ବାପାଙ୍କୁ ଧରି ଗୋପବନ୍ଧୁ ଏକ ପ୍ରକାର ବାହୁନି ଉଠିଲେ । ଘରେ ତା’ର ମା କିପରି ଅଛନ୍ତି ଭାବି ଆହୁରି ବିବ୍ରତ ହେଲେ । ବହୁ କଷ୍ଟରେ ଛାତିରେ ପଥର ରଖି ଶବ ସତ୍କାର କରାଗଲା ।

ସହଜେ ଗୋରା ସରକାରର ଗୋଇନ୍ଦା ଅନୁଷ୍ଠାନ ଉପରେ ନଜର ରଖିଛନ୍ତି । ସରକାର ବିରୋଧୀ କାର୍ଯ୍ୟ ଚାଲିଛି ବୋଲି ସନ୍ଦେହ କରୁଛନ୍ତି । ସତ୍ୟବାଦୀକୁ କିଏ ଆସିଲା , କାହିଁକି ଆସିଲା ଏ ବିଷୟରେ ମଧ୍ୟ ଗୁଇନ୍ଦା ଖବର ରଖୁଛନ୍ତି । ପ୍ରଚାର ହେଉଛି ଏଠି ଗୋରା ସରକାର ବିରୋଧୀ ଚକ୍ରାନ୍ତ ଚାଲିଛି । ତହିଁ କି ପୁଣି ଏ ଘଟଣା ।

ଗୋପବନ୍ଧୁଙ୍କ ବିଷାଦ ମେଣ୍ଟି ନଥାଏ । ବିଦ୍ୟାଳୟ ପରିସରରେ ଏକ ପ୍ରକାର ଉଦାସ ଭାବ ଥାଏ । ସାକ୍ଷୀଗୋପାଳରୁ ପୁରୀ ପର୍ଯ୍ୟନ୍ତ ଏ ଅପମୃତ୍ୟୁ ବିଷୟରେ ଚର୍ଚ୍ଚା ହେଉଥାଏ ।

ଘଟଣା ଚକ୍ରରେ ପୁରୀ ଜିଲ୍ଲା ହାକିମଙ୍କ ଠାରୁ ଗିରଫର ପରୱାନା ଧରି ପହଁଚିଲା ପୋଲିସ ବାହିନୀ । ଏସ୍.ପି. ଇନିସ୍ପେକ୍ଟରଙ୍କ ସହିତ ଆଉ କେତେ ଜଣ ପୋଲିସ କର୍ମଚାରୀ ମଧ୍ୟ ଆସିଥାନ୍ତି । ଏ ପଲଟଣ ଦେଖି ବିଦ୍ୟାଳୟରେ ଆତଙ୍କ ଖେଳିଗଲା ।

“ବିଦ୍ୟାଳୟର ସମ୍ପାଦକ ବାବୁ ଗୋପବନ୍ଧୁ ଦାସଙ୍କୁ ଆମେ ଗିରଫ କରିବାକୁ



ଆସିଛୁ । ଆମ ପାଖରେ ଆଦେଶ ପତ୍ର ଅଛି ।”

ଖବର ପାଇ ଗୋପବନ୍ଧୁ ବସିଥାନ୍ତି ସ୍ଥିର, ଅବିଚଳ । ଏସ୍.ପି.ତାଙ୍କ ପାଖରେ ପହଂଚି କହିଲେ, “ଆମେ ଗିରଫ ପରୱାନା ଧରି ଆସିଛୁ । ଆପଣଙ୍କୁ ଆମ ସହ ଯିବାକୁ ହେବ ।”

ଭଗ୍ନ ହୃଦୟ ଗୋପବନ୍ଧୁ ସେଦିନ କ୍ରୋଧରେ ଅଗ୍ନିଶର୍ମା ହୋଇ ଉଠିଥିଲେ ।

“ସହଜେ ମୋର ପୁତ୍ରୋପମ ଛାତ୍ରଟି ଆତ୍ମହତ୍ୟା କରିଛି । ତା’ର ଭଲ ପାଇଁ ଯାହା କରାଯାଇଥିଲା ତା’ର ଫଳ ବିପରୀତ ହୋଇଛି । ତା’ର ପିତାମାତାଙ୍କୁ କିପରି ସାନ୍ତ୍ୱନା ଦେବି ଜାଣି ପାରୁ ନାହିଁ । ଆଉ ଆପଣମାନେ ମୋତେ ଦୋଷୀ ଠଉରାଇ ଗିରଫ କରିବାକୁ ଆସିଛନ୍ତି । ମୁଁ କାହାରି ହତ୍ୟାକାରୀ ନୁହେଁ ।” ଆଖିରୁ ଅଗ୍ନି ସ୍ଫୁଲିଙ୍ଗ ସ୍ଫୁରଣ ହେଉଥାଏ ।

ତାଙ୍କର ଏ ପ୍ରତିକ୍ରିୟା ଦେଖି ସେଦିନ ଫେରି ଯାଇଥିଲେ ପୋଲିସ ବାହିନୀ । ଅଳ୍ପଦିନ ପରେ ପୁରୀ ଜିଲ୍ଲାପାଳ ସତ୍ୟବାଦୀ ଆସି ମିଳାମିଶା କରିଥିଲେ ।

ପିଲାଙ୍କ ଖେଳ କେତେବେଳୁ ସରିଲାଣି । ଗୋପବନ୍ଧୁ ଭାବନା ରାଜ୍ୟରୁ ବାହାରି ପ୍ରକୃତିସ୍ଥ ହେଲେ ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା



- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ ‘ରେବତୀ ମିଡିଆ ହାଉସ ପ୍ରା. ଲିଃ.’ ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
ରେବତୀ
ଆମ ମାଟିର ସର
୪୦/-



# ବାହୁଡ଼ିର ଡେଣା

**ପ୍ରଭାତ ସିହ୍ନା**
କୋରେଇ,ଯାଜପୁର ରୋଡ-୭୫୫୦୨୨
ଫୋନ: ୯୪୩୮୧୧୧୩୦୯



ଗୋମତୀ ସେତେଟା ହସଖୁସିଆ ଝିଅ ନୁହେଁ – ଏଇଟା ତା'ସ୍ୱାମୀ ଜାଣିଥିଲା । ହେଲେ ସେ କ'ଣ କରିବ ! କଂସା ପିତଳ କି କିରୋସିନି ଷ୍ଟୋଭ୍ ନୁହେଁ ଯେ ବଦଳାଇ ଦେବ ସ୍ତ୍ରୀକୁ .... । ସେଡିଷ୍ଟ୍ କିସମର ଲଳନା ଯେଖୁ ସୈକତ୍‌କୁ ଆଡ୍‌ଜଷ୍ଟ୍ କରି ଚଳିବାକୁ ହେଉଚି ।

ବିଛଣା ଛାଡି ନଥିବ ସୈକତ୍ । ଗୋମତୀ ହାତରେ ଧରି ଧୂଆଁ ଉଠୁଥିବା ଲେମନ୍ ଟି ' ପହୁଞ୍ଚାଇ ଦେଉଥିବ । ନ ଉଠିଲେ ଆଖି ଖୋଲି ପାଣି ସିଞ୍ଚି ଉଠାଇ ଦେଉଥିବ । ସେଇଠୁ ସୈକତ୍ ଆଖି ଖୋଲିବ । ନିତିଦିନର ସକାଳରେ ରେଜେଇ ମଧକୁ କୁମ୍ଭୀର ଭଳି ଝିଙ୍କି ନେଇଗଲା ।

"ନା...ନା...ଠାକୁର ପୂଜା ହେଇନି । ପୁଣି ଗାଧେଇବି ନା କ'ଣ ?"

ଗୋମତୀ ଭିଡି ମୋଡି ହୋଇ ଦାମ୍ପତ୍ୟର ବହଳ ଅଠାରୁ ନିଜକୁ ଅଲଗା କରି ନେଇଥିଲା । କେଉଁ ନାରୀ ମାତୃତ୍ୱକୁ ପୁଣି ଏଡାଇ ପାରେ ସମାଜ ଆଖିରେ ବନ୍ଧ୍ୟା ନାରୀର ଅପବାଦ ମୁଣ୍ଡାଇ କେହି ଜଣେ !

ଗୋମତୀ ଏକ ରାଇଟିଆ ଝିଅ । ଯା ବୁଝିଥିବ ସେୟା । ହଜ୍‌ବେଣ୍ଡ୍ ଓ୍ୱାଇଫ୍‌ର ରିଲେସନ୍ ସିପ୍ କହିଲେ ଯା ବୁଝିବା କଥା ସେ ସେୟା ବୁଝେନା । ବଧୂ ପାଇଁ ବନ୍ଧୁ ହୋଇ ରହିବାରେ ବେଶି ଖୁସି ନିଭାଇଥାଏ । ଇସ୍ୟୁଲେସ୍ ଲିଭିଙ୍ଗ୍ । ୟେସ୍ ଆର୍ଟ ଅଫ୍ ଇସ୍ୟୁଲେସ୍ ଲିଭିଙ୍ଗ୍ ।

– ପରିଣତ ବୟସ ଉପନୀତ ହୋଇଗଲେ ସେଇଠୁ ଆମେ କ'ଣ କରିବା ।

– ବୃଦ୍ଧାଶ୍ରମ, ପେ ଆଣ୍ଡ୍ ଲିଭ୍ । ଗୋମତୀ ଆହୁରି ସ୍ୱଷ୍ଟ ଜଳି ଉଠୁଥିଲା ।

ଉଷୁମ କ୍ଷୀର ସହ ପ୍ରତି ରାତିରେ ଭେଟୁଥାଏ ଗୋମତୀ । ଚାତକ ପକ୍ଷୀ ପରି ଅନାଇ ରହୁଥିଲା

କ୍ଷୁଧିତ ପାଷାଣ । ଅନ୍ୟମନସ୍କ ରହୁଥିବା ହେତୁ ସୈକତ୍ କ୍ଷୀର ଗ୍ଲାସ ନେବ କ'ଣ ଚହଲି ପଡି ଯାଉଥାଏ ତହିଁରୁ । ଚି-ହିଁ-କି ଉଠିଲା ଗୋମତୀ । ମୋ ହାତ । ଆଃ ...ଉଁ ।

– ଆରେ ମୁଁ କ'ଣ ଢାଳି ଦେଲି ଜାଣିକି ! ଠିକ୍ ଅଛି । ରୁହ ଦେଖି, ଟେବୁଲ ଡ୍ରରେ ପଡିଥିବ କାଳେ ବର୍ଣ୍ଣଲ କିମ୍ୱା ସିଲଭରକସ୍ । ଆଳସ୍ୟ ଭାଙ୍ଗି ସୈକତ୍ ବିଛଣାରୁ ଉଠି ବସିଲା ।

ମନକୁ ମନ ଭାବିଥିଲା ଗୋମତୀ କୌଠି ନା କୌଠି ସୈକତ୍ ଉପରେ ଅସନ୍ତୁଷ୍ଟ । ଯାର ପ୍ରତିଫଳନ ବ୍ୟବହାରରେ ଦେଖିବାକୁ ମିଳୁଚି ।

ଆରେ ସ୍ତ୍ରୀ ହୋଇ ବି ଗୋଟେ ଶେଯରେ ନିଦ୍ରା ଯାଉନି । ରିଲେସନ୍ ସିପ୍ ରଖୁନି । ଦୂରତା ରଖୁଚି, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଏକାନ୍ତ ଅନ୍ତରଂଗତା ରହୁନି । ଦେଖ, ବହୁତ ଥର କହିଚି । ଏଥର ବି କହୁଚି । ତୁମେ ସ୍ୱାମୀ ହିସାବରେ ମୋ ଦେହକୁ ସ୍ୱାମୀ ଦେବତାଙ୍କ ପାଦପଦ୍ମରେ ଭୋଗ ଲଗାଇବାକୁ ଚାହୁଁଚ, ତା'ହା ମୋ ମାନସିକତାର ପରିସର ଭୁକ୍ତ ନୁହେଁ । ସେ ସବୁ କସରତ ମତେ ଅବଶ୍ୟ ଭଲ ଲାଗେନା । ଯା'ବାଦ ତୁମର ସବୁ ଇଚ୍ଛା ପୂରଣ କରି ଦେବି ।

– ମତେ ବାହା ହେଉଥିଲ କାହିଁକି ଶୁଣେ ! ମୋ ଲାଇଫ୍‌ଟାକୁ ବରବାଦ କରି ଦେଲ । ରାଗି ଯାଉଥିଲା ସୈକତ୍ ।

–ସ୍ୱାମୀ ହିସାବରେ ତୁମର ରାଗିବାର ସବୁ ଅଧିକାର ରହିଚି । ମ୍ୟାରେଜ୍ ପୂର୍ବରୁ ଏଇତ ସର୍ତ୍ତ ଥିଲା ମୋର । ସାମାଜିକ ଦୂରତା ସହ ଶାରିରୀକ ଦୂରତା ବି, ଗୋମତୀ ସ୍ମରଣ କରାଇ ଦିଏ ଅତୀତର ଉକ୍ତି ।

ସୈକତ୍ ମୁଖମଣ୍ଡଳରେ ବିସ୍ମୟ ଭାବ ଚକା ଭଉଁରୀ ଖେଳୁଥାଏ । ଝିଅ ମାନେ ପୁଣି ଏମିତି ରଂଗ ବଦଳାଇ ପାରନ୍ତି ! ବାପରେ ବାପ୍ । ତୁମେ ଝିଅ ମାନେ ସବୁ ଏମିତି ! ସେଇ କଥାକୁ ଆଜିଯାଏ ଗଣ୍ଠି ପକାଇ ବସିଚ । ମୁଁ ତ ଭାବୁଥିଲି ଜୋକ୍ କରୁଥିଲ ବୋଲି ।

ପାଳ ଧୁଣା କାଠର ନିଆଁ ଝୁଲ ପରି ଝଡି ପଡୁଥାଏ କାମନାର ଅଗ୍ନି ସ୍ଫୁଲିଙ୍ଗ । ସୈକତ୍ ଏକ ଖାଁ ଖାଁ ଉତ୍ତପ୍ତ ବାଲୁକା ଶଯ୍ୟାର ନଈପଠା ଯେମିତି । କଥାଥିଲା...ଏମିତି ।

ସେମାନେ ନିଷ୍ପତ୍ତି ନେଲେ ଗୋଟେ ଷ୍ଟାର ହୋଟେଲରେ ପାର୍ଟି ହେବ । ବାର୍ଥଡେ ପାଳିବ ଗୋମତୀର । ବୁକିଙ୍ଗ୍ ହେଇଗଲା । ସୈକତ୍ ଲାଗି ପଡିଚି ପ୍ରେୟସୀକୁ ଖୁସି ଦେବାକୁ । ଖୁସି ଖୁସି ଭାବରେ ଆନ୍ତରିକ ଭାବେ ତଲ୍ଲୀନ ହୋଇ ଅଜାଡି ଦେବ ପ୍ରେମ । ପ୍ରେମ ବିନା ଦାମ୍ପତ୍ୟ ଜୀବନ ମରୁଭୂମୀ ସଦୃଶ ହୋଇଗଲାଣି । ପ୍ରାଣ ଶାନ୍ତ ପଡିଯାଉ ଅନ୍ତତଃ । ସମୁଦ୍ର ତା'ର ପାଖେ ପାଖେ ଥାଇ କି କ'ଣ ପାଇଁ କେଜାଣି ହୃଦୟ ତୃଷାର୍ତ୍ତ ।

ଠିକ୍ ଅଛି । ଦେଖିବା ରୁହ ପ୍ରିୟତମା ! ପିଇ ପିଇକା କଲିଜା ଜାଳି ଦେବି । ରାସ୍ତାରେ ଗଡିବି । ପାଗଳ ପ୍ରେମୀର ଆଇ କାର୍ଡ ପକାଇ ଫୁଟ୍‌ପାଥିରେ ରୋଳା କରିବି, ଗାଳି କରିବି । ପ୍ରଚୁର ଗୋଟେ ନିବ୍ର ମୂଲ୍ୟ ଉଠାଇବାକୁ । ସେବେ ତୁମକୁ ଭଲ ଲାଗିବ ତ ! ସାଇଲେଣ୍ଟ ଲଭରରୁ ଭାଓଲେଣ୍ଟ ଲଭର୍ ହୋଇଯିବି ପ୍ରିୟେ । ମୋର ତାଣ୍ଡବ ଦେଖିବ ଖାଲି ।

ରାଗି ଗଲାଣି ସୈକତ୍ । ମାତାଲ ଭଳି ଆକ୍‌ସନ୍ ମୋଡରେ ରହୁଥିଲା ।

ଆଜି କାଲି, ପହର ଦିନ, କୋଉ ଦିନ ସେ ସୌଭାଗ୍ୟ ଆସିବ ଦେହ ଦାହର ଅଗ୍ନିରେ ଆମେ ପୋଡା ଆଳୁ ବାଇଗଣ ପରି ସିଝିବା । ମତେ ନପୁଂସକ ମନେ କର କି ! ପାଟି କଲା, ଶୋଧିଲା ସେଇଠୁ ବହେ ।

ମତେ ଲାଗେ ଚୁଲି ପାଖେ ବରଫ କଳ ଚାଲିଚି । ହୋଟେଲରେ ବାର୍ଥଡେ ପାର୍ଟି କଲେ । ବେଜାଏ ଟଙ୍କା ଖର୍ଚ୍ଚ ହେଲା । ସବୁ ବେକାର କରି ଦେଲେ ଗୋଟେ ରାତି । ବିଚରା କେତେ ସହିବ ପତ୍ନୀର ମାନସିକ ନିର୍ଯ୍ୟାତନା ପୁରୁଷ ସ୍ୱାମୀଟି ।

ଇଚ୍ଛା ହେଉଚି, ତତେ ମୁଁ ଡିଭୋର୍ସ ଦେଇ ଦେବି । ଏଇଠି ତତେ ଛାଡି ଦେଇ ହିମାଳୟକୁ ଚାଲିଯିବି । ବରଂ ଭଲ ଗେରୁଆ ବସ୍ତ୍ର ଧାରଣ କରି ହାତରେ ତ୍ରିଶୂଳ, କମଣ୍ଡୁଳ ଧରି ତପସ୍ୟା କରୁଥିବି । ବାସ୍ ଏକ ମହତ୍ୱପୂର୍ଣ୍ଣ ଜୀବନ ପ୍ରାପ୍ତିର କଥା ସକାଶେ ।

ଦିହେଁ ଢେର ସମୟ କଥା ହେଲେନି ପୃଥକ ଶେଯ ବାଛି ନେଲେ । ରାତିରେ ଛଟପଟ ହେଉଥା'ନ୍ତି ଦୁଇଟି ଜ୍ୱଳନ ଭରା ଆତ୍ମା ।

ବିବାହ ଏକ ତ୍ରୁଟି ପୂର୍ଣ୍ଣ ନିର୍ଣ୍ଣୟ ଥିଲା କି । ସିଙ୍ଗଲ ଲାଇଫ୍‌କୁ ଡବଲ କଲ ମାନେ ସ୍ୱାମୀ ଦାବି କରିବ ଦୁଇ ଦୁଇଟି ଫାଏଦା । ପୁରୁଷର ମଉଜ ମଜଲିସ୍ ଆଉ ପରବର୍ତ୍ତି ଅବସ୍ଥାରେ ପିତୃତ୍ୱ । ପୁରୁଷର ଗବେଷଣା ଗାର କି ନାରୀର ଜନନେନ୍ଦ୍ରିୟ । ସନ୍ତାନ ପ୍ରାପ୍ତି ମୋର ଚରମ ଲକ୍ଷ୍ୟ ନୁହେଁ । ଦୁଃଖ ଯାଉନଥିଲା ନଅ ଦଶ ମାସ ପେଟ ଫୁଲେଇ ଘଡିଆଳ କୁମ୍ଭୀର ଓଦା ବାଲିରେ ପଡି ରହିବି । ପୁଣି ମୋର ଅଫିସ ବନ୍ଦ ହେବ । ମେଟରନିଟି ଲିଭ୍‌ରେ ରହିବି । ମାତୃତ୍ୱ ଲାଭକୁ ସୁଖଦ ଅନୁଭୂତି କେହି କେହି କହୁଥିବା ବେଳେ ଶିଶୁ ଓ ମାତୃତ୍ୱ ହାର ବି ରହିଛି । ବୋଧହୁଏ ସନ୍ତାନ ପ୍ରସବ ସବୁଠୁ ବେଶି କଷ୍ଟ ଦାୟକ ଉପଲବ୍ଧି ଜଣେ ନାରୀ ପାଇଁ । ତୁମ ଖାନଦାନକୁ ଉତ୍ତରାଧିକାର ପ୍ରାପ୍ତି ଯୋଗ କେବଳ ନାରୀ ମାଧ୍ୟମରେ କାହିଁକି ?

ଗୋମତୀ ଆଉ ସୈକତ୍ ବନ୍ଧୁ ପରି ଚଳି ଆସୁଚନ୍ତି । ଫ୍ଲାଟ୍‌ଟିକୁ ମେସ୍ ବନାଇ ରଖିଛନ୍ତି । ଘର କାମକୁ ଭାଗ କରି ଉଠାଉଛନ୍ତି । ଟଙ୍କା ଖର୍ଚ୍ଚ ପ୍ରସଙ୍ଗ ଉଠିଲେ ସମାନ ଭାବରେ ବିଭାଗ ହେଉଥିଲା । ଘରର କୁଞ୍ଚିକାଠି ଗୋଟେ ମାତ୍ର ନକଲ ଦୁଇଟି । ପାଳି କରି ରୋଷେଇ ଘର ସମ୍ଭାଳୁଛନ୍ତି ଦୁହେଁ । ସପିଙ୍ଗ୍ ବ୍ୟାଗର ଦୁଇଟି ହ୍ୟାଣ୍ଡଲକୁ ଦି'ଜଣ ଧରି ଧରିକା ଅଫିସରୁ ବାହୁଡୁଥା'ନ୍ତି ।

କୋଉ ଦିନ ଆଉ ପିତୃତ୍ୱ ଲାଭ କରିବୁ କହ । ପଚାରିଲେ ସୈକତ୍ ଚଟାପଟା ଉତ୍ତର ମିଳୁଥିବ, ଭାରତୀୟ ନାରୀ ପ୍ରତିନିୟତ ତଥାକଥିତ ସ୍ୱାମୀ ଦ୍ୱାରା ଜବରଦସ୍ତିର ଶରବ୍ୟ ହେଉଥିଲା । ଶାରିରୀକ ସମ୍ବନ୍ଧ ବନାଇବା ପାଶବିକତା । ସନ୍ତାନ ପ୍ରସବ ଏକ ସୁପର ସାଇକ୍ଲୋନ୍ । ଆଉ ଯୌଥ ପରିବାରର ପରିକଳ୍ପନା ଏକ ବାଓଲୋଜି କଲ୍ ଗାର୍ଡେନ ।

ସତରେ ରାତ୍ରୀ ଶେଜରେ ସ୍ୱାମୀ ସହିତ ଗୋମତୀର ବାକ୍‌ବିତଣ୍ଡା ନୂଆ କଥା କ'ଣ ? ବଡ ଅଜବ୍ ମଧ । ତା ହେଲେ ସବୁ ନାରୀ ବ୍ରହ୍ମାକୁମାରୀ ରାଜଯୋଗୀ ବୈଷ୍ଣବୀ ପାଲଟି ଯିବେ କି ? ଗୋମତୀର ଅଦ୍ଭୁତ ପ୍ରଶ୍ନରେ ବିଚଳିତ ସୈକତ୍ । ସେ ବି ପ୍ରତି ପ୍ରଶ୍ନ ଥୋଇଦେଲା ପତ୍ନୀ ସମ୍ମୁଖରେ । ତୁମ ଦେହରେ ହରମୋନ୍ ଜନିତ ଅସନ୍ତୁଳନ ରହିଛି କି ? ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେଲାଣି ଘରର ଚାରିକାନ୍ଥ ମଧ୍ୟରେ । ଦୁଇଟି ଜୀବନ ବନାଗ୍ନି ପରି ଜଳୁଛନ୍ତି । ଉପରକୁ ସବୁ ଠିକ୍ ଠାକ୍ ଯେମିତି ।

ସୈକତ୍ ଓ ଗୋମତୀଙ୍କ ବିବାହ ଲଭ୍.ଡଟ.କମ ଆରେଂଜ ମ୍ୟାରେଜରେ ସମ୍ପନ୍ନ ହୋଇଥିଲା । ପ୍ରେମର ଲକ୍ଷ୍ୟ ଯଦି ବିବାହ ହୋଇଥାଏ, ତେବେ ସେଇ ପ୍ରେମ ଜୈବିକ କ୍ଷୁଧା ନିବାରଣର ଉପପାଦ୍ୟ । ଦାମ୍ପତ୍ୟ ସେଇଠି ଅବଶ୍ୟ ସଫଳ ଯେଉଁଠି ବୁଝାମଣା ଓ ବାଟବଣା ଉଭୟର ପରିପୂରକ ।

ଗୋମତୀର ସ୍ୱଚ୍ଛଭାସ ଏକ ପ୍ରକାର ଦୁର୍ବିସହ ଜୀବନ । ମନ ମାନିରେ ସଂସାରର ତେଲଲୁଣର ଅଭିଯୋଗ ଆଡେଇ ଚାଲିଛି । ଅନେକ କ୍ଷେତ୍ରକୁ ଇଗନୋର କରିବା ଆଜିକା ଦାମ୍ପତ୍ୟର ଫରମୁଲା ନ ମାନିଲେ ସମ୍ପର୍କ ବୋଝ ହୋଇ ପାରେ ।

ଦୁଇ ଜଣକ ଦରମା ମିଶାଇଲେ ମାସକୁ ହାତକୁ ଆସେ ଲକ୍ଷାଧିକ ଟଙ୍କା । ମାତ୍ର ଘର କ୍ୟାଶ୍ ଲେସ୍‌ରେ ଚାଲେ । ନଗଦ ନୋଟ୍ ଉଠାଣ କମ୍ । ବାକି ମହଜୁଦ୍ ଥାଏ ଖାତାରେ । ପୁଣି ଡ୍ରିମ୍ ହୋମ୍ ଖର୍ଦ୍ଦି କରା ଯିବାର ମଣିଷ ସ୍ୱପ୍ନ ଦେଖିବା ଛାଡୁନି । ଦିହେଁ ବାଣ୍ଟିକୁଣ୍ଟି ଦେବେ । ଜଣେ ଡାଉନ ପେମେଣ୍ଟ ଆଉ ଜଣକ କିସ୍ତି ନେଣଦେଣ ।

ସବୁ କିଛି ଚାଲିଥିଲା ଷ୍ଟେରିଓ ଟାଇପ୍ । ଚାକିରୀ ଓ ଜୀବନ ଯାପନ । କହିବ କି ସୈକତ୍, ଗୋମତୀ ! ମୁଁ କ'ଣ ଟାଇମ୍ ପାସ୍ ? ମୋ ଶବ୍ଦ ଗୁଡିକ ପାଖକୁ ଆସି ଧକ୍କା ଖାଇ ଫେରିଯାଉଛି । ଲାଜ କଥା କ'ଣ ବା କହିବ ପତ୍ନୀକୁ । ସେ କିଛିତ ବୁଝିଯାଉ । ଅପେକ୍ଷା

ବି ଖୁବ୍ ଆନନ୍ଦଦାୟକ । ବିବାହ ପରଠୁ ପତ୍ନୀକୁ ସ୍ପର୍ଶ କରିବାର ଆନନ୍ଦର ଅଗ୍ନି ସ୍ଫୁଲିଙ୍ଗରେ ଜଳିବି ନାହିଁ ଥରେ ଫୁର-ଫୁର ହୋଇ । ପ୍ରେମର ମାନେଟା ସିଏ ଲିଟେରାଲି ଯା କମ୍ଭ ବୁଝିଥିବ । ଅମରି ଲତା ପରି କେବେ ଆଉ ଗୁରେଇ ଯିବ ସୈକତ୍ ଶରୀରରେ ।

ନହୁଲୀ ବୟସର ତମ୍ବା ରଂଗର ସେଇ ଝିଅଟି ଯେ ଅନର୍ଗଳ ଇଂରାଜୀ କବିତା ଗାଇ ଯାଉଥିଲା, ସେ ମଝି ସମୁଦ୍ର ପରି ଶାନ୍ତ ହୋଇ ଗଲା କେମିତି ? କେତେବେଳେ କ'ଣ ରୁମରେ ଥାଇ ନାଁ ଧରି ଡାକୁଥିବ, କେବେ ଲାଇବ୍ରେରୀ ହଲରେ ଗଦା ଗଦା ବହିର ର୍ୟାକ ପଛ ପଟେ ଲୁଚି ରହି ଡରାଉଥିବ । ଉତ୍କଣ୍ଠା ପୂର୍ଣ୍ଣ ଲଭ୍‌ଷ୍ଟୋରୀ ବିବାହ ପରଠୁ ଦି'ଏଣ୍ଡ ହୋଇଗଲା ସିନା ସଂସାରୀର ଭୂମିକା କ'ଣ ହେବା ଉଚିତ ଅନୁଭବ କରି ପାରେନି କେମିତି ? ପ୍ରେମରେ ମିଛ ବାହାନା ବନାଇବାକୁ ଭଲ ଲାଗେ । ଦୁନିଆର ଅଶି ଭାଗ ମିଛ କେବଳ ପ୍ରେମରେ ଲୁଚିଥାଏ ।

ସିଧା ତ କହିବ, ଗୋମତୀ ତୁମକୁ ମୁଁ ବାହା ହେବାକୁ ଚାହେଁ । କ'ଣ ରାଜି ତ ! ଯଦି ଗୋଟେ ମାମୁଲି କିରାଣୀ ଚାକିରୀରେ ଜୀବନର ସଉଦା କରିବାର ଅଛି, ତେବେ ଏତେ ଗପୁଥିଲ କାହିଁକି ? ବ୍ୟାଙ୍କ୍ ଅଫିସର ଜବ୍ ଲଗାଇଛି । ଭାଇଭା ସରିଗଲାଣି, କେବଳ ମେଡିକାଲ ଏକ୍‌ଜାମ୍ ବାକି । ସିଭିଲ ସର୍ଭିସ ମୋ ଏମ୍ବିସନ୍ । ସେଇଟା ହେଇଗଲେ ତମକୁ ଲଟେରୀ ଟିକେଟ ପରି ପକେଟରେ ରଖି ସ୍ୱପ୍ନ ଦେଖିବି । କୁଲୁ ମନାଲି, ଦାର୍ଜିଲିଙ୍ଗ, ସିମଲା ପାଇଁ ଆଗୁଆ ଶୈଳ ନିବାସ ବୁକ୍ ହୋଇଥିବ । ହନିମୁନ୍ ଟ୍ରାପ୍‌ର ପ୍ଲାନିଙ୍ଗ୍ କରିବି । ଭାବିଥିଲି ବଡ ଘରର କଣ୍ଢେଇ ପରି ସଜେଇ ରଖିବି । ଆଜି କେମିତି ତମେ ହାତରୁ ପଡି ଝଣ ଝଣ ହୋଇ ଭାଙ୍ଗିଗଲ ।

ସତେ କ'ଣ ପ୍ରେମରେ ମିଛ ନ ଥିଲେ ବେଶି ଦିନ ତିଷ୍ଠି ପାରେ ନାହିଁ । ବ୍ଲଫ୍ ମାଷ୍ଟରର ଗପ ମିଛ ବୋଲି ପ୍ରମାଣିତ ହୋଇଗଲେ ପ୍ରତାରଣାରୁ ପ୍ରେମକୁ ଉପଲବଧି କରି ହୁଏ ।

ଠିକ୍ କଥା ତ ! ସେ ତ ଆଜି କଥା କହୁନଥିବା ଚଳଚ୍ଚିତ୍ରର ନାୟିକା ପରି ଅଭିନୟ କରୁଛି କେବଳ । ସୌମ୍ୟମୟୀ ହାସ୍ୟମୟୀ ଗୋମତୀ ଶୁଖିଲା ନଈ ପାଲଟି ଗଲା କେମିତି ! ଜରୁରୀ ନୁହେଁ କି ସବୁ ଭଲ ପାଇବାର ଅର୍ଥ କେବଳ ପ୍ରେମ ହିଁ ହୋଇଥିବ । ବେଳେ ବେଳେ କିଛି ଅଜଣା ସମ୍ପର୍କ ପାଇଁ ମଧ୍ୟ ହୃଦୟ କାନ୍ଦି ପକାଇଥାଏ ।

ଆଉ ସେ ଦିନ ଅବିକା ନାହିଁ । ଜଣେ ... ରାତି ଅଧ ଯାଏଁ ଓ୍ୱାର୍କ ଫ୍ରମ୍ ହୋମ୍ କାମ କରୁଛି, ଆଉ ଜଣେ ଘରର ଡିବିରି ଲିଭାଇ ଦେଇ ଗଧ ପରି ନିଦେଇ ଯାଉଚି । ତା'ପୁଣି ସଂଧ୍ୟା ପ୍ରହରରୁ । ଏଥିରେ କୁଆଡେ ବିଭାଗର ଉଦ୍ଦେଶ୍ୟ ସମ୍ପନ୍ନ ହେବ । ବନ୍ଧୁତାରୁ ରୂପ ନେଇଥିବା ପ୍ରେମ ବିବାହ ପର୍ଯ୍ୟନ୍ତ ରେଳ ଗାଡି ଭଳି ଗଡି ଆସିଲା ସିନା କୌଣସି ଷ୍ଟେସନରେ ରହି ପାରିଲାନି । ଶୈଶବରୁ ବନ୍ଧୁତା ଯଦିଓ ସବୁ ଠିକ୍‌ଠାକ୍ ରହିଥିଲା । ଦିନେ ଥିଲେ ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ର ଛାତ୍ରୀ । ଦିହିଁଙ୍କ ଡ୍ୟାଡି ପୁଣି ସରକାରୀ ଚାକିରୀଆ । ସ୍କୁଟରରେ ବସାଇକି ଆଣିକି ପିଲାଙ୍କୁ ଛାଡି ଦେଉଥିଲେ ବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ । ଜଣକର ଡାଡ୍ ବ୍ୟସ୍ତ ଥିଲେ ଅନ୍ୟ ଜଣକର ଦୁଇ ଛୁଆଙ୍କୁ ଗାଡିରେ ବସାଇ ନେଇ ଯାଉଥିଲେ । ଆଉ ସେହି ସମୟରେ ଖୁସି ବର୍ଣ୍ଣନାତୀତ । ଦିହେଁ ଦିହିଁଙ୍କୁ ଏକତ୍ର ମିଶିବାର ସୁଯୋଗ ହାତଛଡା ନ କରି ।

ଏ ଭାବ ବରାବର ଥିଲା ନା ସେବେ । ଠିକ୍ ତାହାର ବହୁତ ବର୍ଷ ପରେ ଗୋଟିଏ ସେଙ୍କ ସେଙ୍କିଆ ଶେଯରେ ନିଦ୍ରା ଗଲା ବେଳେ ଢେର ମନକୁ ଆନ୍ଦୋଳିତ କରୁଛି ।

ଅଧ ରାତିକୁ ଗୋମତୀ ଦେଖେକି ତା'କତିରେ ସୈକେତ ନାହିଁ । ଏମିତି ଲୋକଟା ଗହଳ ଅନ୍ଧାର ମଝିରେ କୁଆଡେ ହଜିଯାଏ, ଦେଖୁ ଦେଖୁ ହେଇ ଯାଇ ବାଲ୍‌କୋନି ବାଡାକୁ ଆଉଜି ସିଗାରେଟ ଦଉରେ ନିଆଁ ଲଗାଉଥିବ । ଉଠି ଆସିବ ଶେଜରୁ ସେଇଠୁ ଗୋମତୀ । ଜାଣେନି କେତେବେଳେ ଛାଇ ପରି ପତ୍ନୀ ଆସି ଛିଡା ହୋଇ ଯାଇଛି ।

କାହିଁକି ଗୁଡାଏ ଧୂଆଁ ସେବନ କରୁଚ । ଦେହ ଖରାପ ହେବନି । ମୋ ଉପରେ ଆକ୍ରୋଶ ରଖି ରାଗ ଶୁଝାଉଛ ।

ପଚାରିଦିଏ ଗୋମତୀ ।

ଶୀଘ୍ର ତମ ଜୀବନରୁ ଆଲବିଦା ହୋଇ ଯିବାକୁ ଚାହେଁ । ତମକୁ ବୀମା କମ୍ପାନୀ କ୍ଲେମ୍ ଏମାଉଣ୍ଟ୍ ମିଳିବା ହେଉ । କାନ୍ଥ ବାଡକୁ ମୁହଁ କରି କହିଲା ସୈକତ୍ ।

- କାଲି ଡ୍ରିଙ୍କ୍‌ସ୍ ବି ନେଇ ପାର । କହିଲା ଗୋମତୀ ।

- ଯା'ର ଶୋଷ ଯେତେ ଅଧିକ ସେ ସେତେ ନବ । ପୁରା ଭିଜେଇ ଦବ କଳିଜାକୁ କାଦମ୍ବରୀର ନିଶାରେ । ତୁମର କ'ଣ ଅସୁବିଧା ହେଉଛି ।

- ଡ୍ରିଙ୍କିଙ୍ଗ୍ ଇଜ୍ ଇଂଜୁରିୟସ୍ ଟୁ ହେଲ୍‌ଥ୍ । ଗୋମତୀର ଉତର ।

- ନୋ ଲଭ୍ ଇଜ୍ ଇଂଜୁରିୟସ୍ ଟୁ ହେଲ୍‌ଥ ।

ପୂର୍ବରୁ ଏମିତି ନଥିଲା ଗୋମତୀ । ରୂପ ଗୁଣ, ବିଦ୍ୟା, ବୁଦ୍ଧି ଈଶ୍ୱର ଭରି ଦେଇଥିଲେ ତା'ଠାରେ । ତା ଡାଡଙ୍କର ବଦଳି ହୋଇଯାଏ । ସେ ଖସିଯାଏ ତା'ହାତ ମୁଠାରୁ । ଠିକ୍ ମାଟ୍ରିକ ପାସ୍ ପରଠାରୁ ...।

ବାସ୍ ତା'ପର ଠାରୁ ଲମ୍ବା ଦଉଡ ଜୀବନର । କଲେଜ ପାଠ, ବିଶ୍ୱ ବିଦ୍ୟାଳୟ ପର୍ଯ୍ୟାୟ ସବୁ ଭେଟିଲା ଯୌବନର ପାଖୁଡା ପାଖୁଡା ଫୁଲରେ ।

ସେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିଲା ବେଳେ ଗୋମତୀ ସହିତ ସୈକତ୍‌ର ଦେଖାଚାହାଁ । ତା'ପୁଣି ହାଉଜ୍ ଖାସସ୍ଥ ଜଗନ୍ନାଥ ମନ୍ଦିରରେ । ଗୋଟେ ବିବାହ ଉତ୍ସବ ପାଳନ ଅବସରରେ । ଜେ.ଏନ.ୟୁ.ରେ ପଢୁଥିଲା ସୈକତ୍ ଆଉ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଥିଲା ଗୋମତୀ ।

ଦୁହେଁ ପରସ୍ପର ଖୁସି ବାଣ୍ଟିଲେ । ଆନନ୍ଦିତ ହେଲେ । ବହୁ ଦିନର ଲୁକାୟିତ ବ୍ୟଥା ଓ ଅନ୍ତର୍ବେଦନା ଜଳାଇ ଦେଇଥିଲା ଡାକ ପତ୍ର ।

ଦେଖା ନଥିଲା ତ ଠିକ୍ ଥିଲା । ଆଉ ଯେବେ ତାଜା ହୋଇଯାଏ ଶୈଶବର ସ୍ମୃତି ଅମାନିଆ ହୋଇଯାଏ ମନ । ଅଟକି ଯାଇଥିବା ପ୍ରେମକୁ ନୂଆ ଦିଶା ମିଳି ଯାଇଥିଲା । ସେମାନେ ଆତ୍ମହରା ହୋଇଗଲେ ଆହେତୁକ ଉନ୍ମାଦନାରେ । ପୁଅଟେ ଗୋଟେ ଭଲ ଜବ୍ ଲଗାଇଲା ବେଳକୁ ଝିଅ ଆଉ ଗୋଟେ ଜବ୍ ପାଉଥାଏ । ଜିଦା ଜିଦି ଚାଲିଥିଲା ନିଜ ନିଜ ଭିତରେ ।

ଗୋମତୀ ଜିନିୟସ୍ ଥିଲା । ଆରମ୍ଭରୁ ଭଲ ପଢୁଥିଲା । ପ୍ରେମରେ ପଡିଲେ ପ୍ରତିଯୋଗିତା ଆସିବା ସ୍ୱାଭାବିକ । ସୈକତ୍‌କୁ ଟପିବାକୁ ଚାହୁଁଥିଲା କଥା କଥାକେ । ତା'ବ୍ୟାଙ୍କ ପ୍ରୋବେସନାରୀ ଚାକିରୀ ଠାରୁ ଆହୁରି ର୍ୟାଙ୍କ, କ୍ଷମତା ଓ ପଇସା ବାଲା ଜବ୍ ଲଗାଇବାକୁ ଚଳାଇଥିଲା ଉଦ୍ୟମ ପ୍ରେମରୁ ପ୍ରେରଣା ଆସିଥାଏ । ଆଗକୁ ରାସ୍ତା ବନାଇବାରେ ଇନ୍ଧନ ପାଇଥାଏ ।

- ଓ, ହେଲୋ ! ସୈକତ୍ ନା ! କେମିତି ଅଛ ! କଥା ଦେଇଥିଲି ଓଡଶାକୁ ଫେରି ସର୍‌ପ୍ରାଇଜ୍ ଦେବି । ଅବିକା ତ ଦେଖା ହେଇଗଲା । ଭଲ ହେଲା ତଥାପି ତୁମ ପାଇଁ ସସ୍‌ପେନସ୍ କିଛି ସାଇତି ରଖିଚି । ଜାଣିବନି ବଳେ ।

- କ'ଣ ? ଗୋମତୀ ପ୍ରଶ୍ନ କଲା ।

- ସେଇଟା ସିକ୍ରେଟ୍ ଅଛି ।

- କେଉଁ ଡି.ଓ ଲଗାଇଛ ?

- ସେଇଟା ବି ସିକ୍ରେଟ୍ ଅଛି !

- ତା'ହେଲେ ଓପେନ କ'ଣ ?

- ମୁଁ ତୁମକୁ ଭଲପାଏ । ରାସ୍ତା, ଘାଟ,ଅଫିସ, ପାର୍କ,ସିନେମାହଲରେ ହୋଡିଂ ଲଗାଇ ଦେବି ଯେ ଆଇ ଲଭ୍ ୟୁ । ଉତ୍ତର ରଖିଲା ଚଟାପଟ ସୈକେତ ।

- ତୁମ ସାହାଡା ସୁନ୍ଦରୀ ଯେ ଆଜି ଯାଏଁ ବଞ୍ଚିଛି ।

- ଗୋମତୀ, ମାଇଁ ସୁଇଟ ହାର୍ଟ । ଭଲ ହେଲା ଦେଖା ହେଲା । ନଦୀ ଯଦି ବାଟ ଭାଙ୍ଗୁ ନଥାନ୍ତା ଅନେକ ନଦୀର ଅବବାହୀକା ମାନେ ତୃଷାର୍ତ୍ତ ରହି ଯାଉଥା'ନ୍ତେ ।

- ପାହାଡ ସାଙ୍ଗେ ଘଷି ହୋଇ ବାଦଲ ଯଦି ବର୍ଷା ନ କଲା ସେ ମଳୟ ପବନ । ସେ ଉଞ୍ଚା ଉଞ୍ଚା ଗିରିଶୃଙ୍ଗ ବୀରଦର୍ପରେ ଛିଡା ହେବାରେ ମାନେ

କ'ଣ ?

– ଠିକ୍ ସେ ବୁଝି ପାରିଲିନି ଡିଅର । ଗୋମତୀ ଆଖି ବଡ ବଡ କରି ପ୍ରଶ୍ନ ଉତ୍ଥାପନ କରୁଥିଲା ।

– ଆମେ ବାହା ହେବା କେବେ ? ଘର ଖର୍ଦ୍ଦି ପତ୍ର କରିବା, ସ୍କୁଲକୁ ପିଲାକୁ ଛାଡିବାକୁ ଯିବା । ଅଧା ଦେଖା ସ୍ୱପ୍ନ କେବେ ପୂରଣ ହେବ । ସୈକତ୍ ତା'ର ଭାବନା ରାଇଜ ଭିତରକୁ ଟାଣି ନେଉଥିଲା ଗୋମତୀକୁ । ଗୋମତୀ ନଈଟିଏ ପରି ମାଡି ଯାଇ ଓଦା କରୁଥିଲା ସୈକତ୍‌ର ଶୁଷ୍କ ମରୁଭୂଇଁ ।

ବରଂ ଭଲ ହୋଇଥାନ୍ତା ପ୍ରେମର ପାଇପ୍ ଲାଇନ୍‌ରେ ଥିବା ପାରାକୁ ଫୁରକିନା ଉଡାଇ ଦେଇ ଅନ୍ୟ ସାଧାରଣ ଝିଅଟିର ହାତ ଧରିବା ।

ଶ୍ୱେତଲିନା ଚାତକ ପରି ଚାହିଁ ବସିଚି ବାଟ ତାର । ଫୋନ କରୁଚି ବାରମ୍ବାର, ମ୍ୟାସେଜ୍ ଦେଇ ଚାଲିଛି, ମାତ୍ର ଅଣଦେଖା କରି ଚାଲିଛି ବୋଲି ରାଗ ବେଶି ବେଶି । ସବୁ ରାତ୍ରିର ଶେଯ ହେମାଳିଆ ଲାଗନ୍ତା ନାହିଁ । ଚାଦର ଯେତେ ମଇଳା, ଦାଗ ମୟ ହେବ ସେତେ ସମ୍ବନ୍ଧର ଡୋରି ମଜବୁତ ବୋଲି ମାନିବାକୁ ହେବ । ଶ୍ୱେତଲିନାକୁ ଘରକୁ ସଂଖୋଳି କି ଅଣା ଯାଇପାରେ । ଗୋମତୀକୁ କାଗଜ ଡଙ୍ଗା କରି ନଈ ସୁଅରେ ଭସାଇ ଦିଆଗଲେ ସେ ତ କୂଳ କିନାରା । କିଛି ପାଇବନି । ତ କ'ଣ ହେଲା ସେଠୁ । ଯେପର୍ଯ୍ୟନ୍ତ କର୍ମଫଳ, ଅବଶ୍ୟ ଭୋଗିବ ସେମନ୍ତ ।

ଶ୍ୱେତଲିନା ଗୋଟେ ଝିଅ ନୁହେଁ ଗୋଟା ପରି ଏକ ମନୋହରି ଦୋକାନର ଖେଳନା । ଅଗ୍ରଣୀ ନ୍ୟୁଜ୍ ଚାନେଲର ଆଙ୍କର୍ । ମୋଟା ଅଙ୍କର ଦରମା ମାସକୁ ଲକ୍ଷେ । ସ୍ମାର୍ଟ ସୁନ୍ଦରୀ ଶିକ୍ଷିତା । ଫ୍ଲୁଏଣ୍ଟ ଇଂରାଜୀ ବି କହିପାରେ । ଜିନସ୍ ପ୍ୟାଣ୍ଟ୍ ଓ ଲାଲ ଟି ସାର୍ଟ ପରିହିତା ଆଧୁନିକ ରମଣୀ । ଫଟାଫଟ ଟୋଣ୍ଟିଟୋଣ୍ଟି ଲଭ୍ ଷ୍ଟୋରୀର ପ୍ରେମିକା ।

ଯେବେଠୁ ସୈକତ୍ ଆଉ ଗୋମତୀ ମଧ୍ୟରେ ଶୀତଳ ଯୁଦ୍ଧ ଘନେଇଛି, ସେବେଠୁ ଅଠାକାଠି ସଜେଇକିନା ବସିଥିଲା ଆଉ ଗୋଟେ ଚିଡିଆ । ପଡିଗଲାନା ଫାଶରେ । ଯେଉଁ ଅଭାବ ପତ୍ନୀ ଠାରେ ପରିଦୃଷ୍ଟ ହେଉଥିଲା, ତା'ର ପରିପୂରକ ହୋଇ ଆସି ଯାଇଥିଲା ଶ୍ୱେତଲିନା । କାନ୍ଧରେ ଫ୍ଲାସ୍କ ଗଳାଇ ଉଷ୍ମତାର ସ୍ପର୍ଶ ଓଠକୁ ବାରମ୍ବାର ମିଳିଯାଉ ଅନ୍ତତଃ ।

ଏଣିକି ସୈକତ୍‌ର ପୁରୁଷତ୍ୱ ଚାଲିବ ଅନ୍ୟ ଜଣେ ନାରୀର ବ୍ୟାଟେରୀ ଦ୍ୱାରା । ଗୋମତୀ ନିମ୍ନ ଅବକ୍ଷୟ ମୁଖୀ ପଟୁ ଅଞ୍ଚଳକୁ ଗଡିଯିବ ଯାହା ଜଣେ ନାରୀର ଧନ୍ଦା ତା'ର ଇଚ୍ଛା ହେଲେ ଘରେ ରହୁ ନତୁବା ଅନ୍ୟ ବସା ଘର ଖୋଜୁ । ଯେଉଁଠି ପୁରୁଷଟେ ତା' କଞ୍ଚା ମାଉଁସରେ ଭୋଜ୍ୟ ଟେକିବାକୁ ଚାହୁଁ ନଥିବ ।

ଆଉ ସେଇ ନାରୀଟିଏ ତ ଶ୍ୱେତଲିନା । ନିଜେ ଡ୍ରାଇଭ୍ କରି ଅଫିସ୍ ଯାଏ । ଡିଉଟି ସାରି ଢେର ରାତିକୁ ଘର ବାହୁଡେ । କ୍ଲବ୍ ଯାଏ । ଡ୍ରିଙ୍କସ୍ ନିଏ । ଆଖିରେ ଗଗଲସ୍ ମଡାଏ । ଟାଇଟ୍ ଡ୍ରେସ୍ ନାଇ ପାରେ । ଛାତିକୁ ଦୋହଲାଇ ଚାଲିପାରେ । କମେଣ୍ଟ୍ ଖାଏ । ସୋସିଆଲ ମିଡିଆରେ ଆକ୍‌ଟିଭ୍ ରହେ । ଇଣ୍ଡିଆନ୍ ଆଇଡୋଲ୍‌ରେ ଗୀତ ଗାଏ । ପ୍ରେମ କରେ । ପ୍ରେମ ଚିଠି ଲେଖେ । ଜାଳେ, ଚିରେ,ପୁଣି ଲେଖେ । ପ୍ରେମରେ ପଡେ । ଧୋକ୍କା ଦିଏ ।

ଗୋମତୀ ଜାଣେନି ଏ କଥା । ଜାଣିଲେ ବି କିଛି କରି ପାରିବନି । ତା'ପାଖରେ ଏମିତି କୋ'ଉ ସ୍ନାୟବିକ ଉତ୍ତେଜନାକାରୀ ଯନ୍ତ୍ରପାତି ଖଂଜା ହୋଇଥାଏ କି । କେବଳ ଜଳାଇବା ଶିଖିଛି ସେ । ଭୋକ କରିଲେ ସେ ଖାଦ୍ୟର ଆବଶ୍ୟକତା କ'ଣ ବୁଝିଚି । ରକ୍ତରେ ନିଆଁ ଲାଗିବା କ'ଣ ଜାଣିନି । ନାରୀ ଆଉ ପ୍ରେମ ଦି'ଟା ଯାକ କ'ଣ ଅସ୍ପୃଶ୍ୟ ?

ଲୁଚାଣିଆ ଭାବେ ସେମାନେ କଥା ହେଉଥିଲେ । ଚାଟିଙ୍ଗ୍ ଫାଟିଙ୍ଗ୍ ଚାଲିଥିଲା । ରାତି ଅଧ ହେଲେ ବହି ଜଳୁଥିଲା ସୈକତ୍‌ର ଶ୍ୱେତଲିନା ସଙ୍ଗେ । ଭିଡିଓ କଲ୍‌ରେ ନଗ୍ନରୂପ ଦେଖା ଦେଖି ହେଉଥିଲେ । ସୈକତ୍‌କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲା ଗୋମତୀ । ରାତି ଅଧରେ ସିଗାରେଟ୍‌ର ପୋଡା ବାସନା ଛୁଟି ଆସୁଚି କୌଠି ? କ'ଣ ଅଛିସେ ଡିର୍ଲାଟା ପାଖେ ଯାହା ମୋ ପାଖେ ନାହିଁ । ସୈକତ୍ ବିଶ୍ୱାସ ଭାଙ୍ଗିଚି । ବିବାହିତ ପୁରୁଷଟିଏ ଲୁଚାଇ ଲୁଚାଇ ରିସ୍ତା ବନାଇଛି ।

ସେ ସବୁ ଲୁଚି ଛପି ଶୁଣି ଲାଣି । ସୈକତ୍ କହିବାର । ତୁମେ ମୋ ଲାଇଫ୍ ମଧ୍ୟକୁ ଆସିବା ଆଗରୁ ସବୁ କିଛି ଲାଗୁଥିଲା ବିଷ ମୟ । ଏବେ ତ ଖାଲି ପ୍ରେମ ଆଉ ପ୍ରେମ । ଗୋମତୀ ଗୋଟେ ରଙ୍ଗ ହୀନ ସ୍ୱପ୍ନ । ଜୁଆର ଏ ଥିବା ସମୁଦ୍ର । ଧୂ ଧୂ ମରୁବାଲି ସାଗର ବକ୍ଷରେ ଘେରାବାଲି । ଭାବ ନଥିବା ଚିଟାଉ ପକ୍ଷୀ । ସେ ମ୍ୟଜିଷ୍ଟ । ଏମିତି ଲୋକ ମୁଁ ଦୁନିଆରେ ଦେଖିନି । ଗୋଟେ ହେଁସ ମୃତୁରୀ । ଦୁଇଟି ଶରୀରର ଉପତ୍ୟକା ମଧ୍ୟରେ ଯୋଜନା ଯୋଜନା ବ୍ୟବଧାନ ।

ସୈକତ୍ ଘରକୁ ଫେରିଲେ ଗୋମତୀ ଚେକ୍ କରୁଛି ସେଲ୍ ଫୋନ୍ । ତା'ର ସନ୍ଦେହ ବଢୁଛି । କଥା ହେଉନି ଭଲସେ । କେବଳ କୈଫତ୍ ତଲବ୍ କରୁଛି ।

ହଁ । ଟଙ୍କା ପଇସା ଉପାର୍ଜନ କରୁଥିବା ମହିଳାର ଦୋଷ ଦୁର୍ଗୁଣ ଧରା ଯାଏନି ପରା– ଶାସ୍ତ୍ର କହିଛି । ଶରଣ ପତ୍ନୀର ମାସିକ ଉପାର୍ଜନ ଘର ଚଳେବାର ଏକ ଅଂଶ । ବାକି ରହିଲା ପ୍ରେମ ଓ ଦାମ୍ପତ୍ୟ । ପ୍ରେମ ହୁଏତ ସଭିଙ୍କ କପାଳରେ ନଥାଏ । ଏଇଥି ପାଇଁ ତ ଅନେକ ଦୁଃଖ !

ମୋ ସହ ରିଲେସନ୍‌ସିପ୍‌ରେ ରହିବ ମାନେ ଜଣା ତ ପଡିଯିବ ନା କେବେ । କ'ଣ ଉତ୍ତର ଦବ ସେବେ ତୁମର ସେ ଗାଉଁଲୀ ଚୁଡା ମୁଢି ବ୍ରେକ୍‌ଫାଷ୍ଟକୁ । ପଚାରି ଦେଲା ଶ୍ୱେତଲିନା ଗୋଟେ ସଂଜକୁ ହୋଟେଲ ବାର୍‌ରେ ଉପଭୋଗ କରୁ କରୁ ।

ତା' ବେଡ୍‌ରୁମ ଅଲଗା ! ମୋ ଠୁ ଶାରିରୀକ ଦୂରତାର ସହ... । ସେ ନାରୀ ପୁରୁଷ ସମ୍ପର୍କ କହିଲେ ଯା ବୁଝାଯାଏ ସେ ତା'ଓଲଟା ବୁଝେ । ମାତୃତ୍ୱ ଲାଭର ସୁଖଦ ଜଂଜାଳ ଯା'ର ଆବଶ୍ୟକତା ନାହିଁ । ତା'ର ପୁଣି ଟାଇମ୍ ନାହିଁ । ମେଟର୍‌ନିଟି ଲିଭ୍ ମିଳିବନି ତାକୁ । ସେ ନେଇ ପାରିବନି । ସନ୍ତାନ ସମ୍ଭବା ହେବା ଏକ ଦୁର୍ଭାଗ୍ୟ । କିଏ ଏତେ କଷ୍ଟ ସ୍ୱୀକାର ହେବ । ହାର୍ଟ ଫେଲ୍ ହୋଇଯିବ କହୁଚି । ଏଇଆ ଲେକ୍‌ଚର୍ ଶୁଣିବ ଗୋଟେ ଝିଅକୁ ମ୍ୟାରେଜ୍ କରିକିନା ।

ପକ୍ଷୀର ଚଞ୍ଚୁ ଖାଲି ଆହାର ଗ୍ରହଣ ପାଇଁ ନୁହେଁ । ଗୀତ ଗାଇବା ପାଇଁ ବି । ତୁମେ ତୁମ ଓ୍ୱାଇଫ୍‌କୁ ଡରୁଚ ।

ଗୋମତୀ କ'ଣ ପାଇଁ ପ୍ରେଗ୍‌ନାନ୍‌ସି ଆଭଏଡ୍ କରି ଚାଲିଚି । ମୁଁ ତ ସଠିକ ବୁଝି ପାରୁନି । ମେଡିକାଲ ସାଇନ୍‌ସ୍‌ରେ କେତେ ଫାସିଲିଟି ମିଳୁଛି । ଟେଷ୍ଟ ଟ୍ୟୁବ୍ ବେବି । ସାରୋଗେଟ୍ ମଦର ସିପ୍ । ସିଜରିଆନ୍, କେତେ କେତେ ସେଫ୍‌ଟି ମେଥଡ ସବୁ ... । ଗାଁ ମାଇପେ ତ ପୁଣି ପାଞ୍ଚ ସାତଟା କୁକୁର ଛୁଆ ପରି ଜନ୍ମ କରୁଛନ୍ତି । ଶ୍ୱେତଲିନା ବୁଝାଇ ଦେଲା ।

ଘରକୁ ଚାଲ । ବୁଝୁଚି ତମ କଥା । ଯେମିତି ଗୋମତୀ ଏଇଠି କୌଠି ଲୁଚି ଛପି ତାଗିଦ କରୁଛି । ସୁପର ଭାସମଲ୍ କେଶ ଚର୍ଯ୍ୟାର ବିଜ୍ଞାପନ ହୁଏତ ଏମିତି । ପାର୍ଟିରେ ସମସ୍ତେ ତୁମକୁ ଅଙ୍କଲ ବୋଲି ଡାକିବେ । ତା'ର ଡରିବାର କିଛି ନାହିଁ ।

ସୈକତ୍ – ଶ୍ୱେତଲିନାର ଜଟାଜୁଟରେ ପ୍ରେମର ଗଙ୍ଗୋତ୍ରୀ ଅବିରତ ବୋହି ଚାଲିଚି । ଆଉ ଗୋମତୀ ଖ୍ରୀଷ୍ଟ ପ୍ରାନ୍ତର ଠେଇଁ ଅଂଶୁଳ ବୋଲି ସ୍ୱାମୀ ନାମକ ପୁରୁଷଙ୍କ ଭୋଲେଭାଲା ବାବା ମହେଶ୍ୱର ! ତାଣ୍ଡବ ରଚିବ । ଗୋଟେ ପଟେ ଡେଣା ଲୁଚାଇ ଗୋମତୀ ସହିତ ରହିଲେ ପଶୁ ବର୍ଗରେ ଆତଯାତ ହୋଇ ପାରିବ । ଅନ୍ୟ ପଟେ ଶ୍ୱେତଲିନା ସହିତ ମୁକ୍ତାକାଶର ବିହଙ୍ଗ ହୋଇ ପକ୍ଷ ଉତ୍ତୋଳନ କଲେ ପକ୍ଷୀ ଶୃଙ୍ଖଳାରେ ପରିଗଣିତ ହୋଇ ଦୁଇ ଆଡୁ ଫାଏଦା ଖାଲି ଫାଏଦା । ଗ୍ରାହସ୍ଥ୍ୟ ଜୀବନ ଖାଲି ଜିଇଁବ । ଦୁହିଁଙ୍କ ସାଙ୍ଗେ ସନ୍ତୁଳନ ରକ୍ଷା କରି ଚଳାଇ ନେବାରେ ଅଛି । ସିଏ କିଶୋର ଶ୍ରବଣ କୁମାର ଆଉ ଭାରରେ ତାର ଦୁଇ ନୟନା ।

– ତୁମେ କାହା ସାଙ୍ଗେ କଥା ହେଉଥିଲ ?

– କୌଦିନ ! ପଚାରିଲା ଗୋମତୀ । ଉତ୍ତର ଥିଲା ଏମିତି ।

– ଏଇ ଆଜିତ । ପାଞ୍ଚଟାରେ ଅଫିସ୍‌ରୁ ଫେରୁ ଫେରୁ ଦେଖିଲି ।

– ହେଇଥିବ ଚିହ୍ନା ପରିଚିତ ।

– ମାତ୍ର ୱାନ୍ ଉଇମ୍ୟାନ । ସ୍ମାର୍ଟ ଲେଡି ।

– ଓଃ ! ଦ୍ୟାଟସ୍ ମାଇଁ ବ୍ୟାଙ୍କ ଷ୍ଟାଫ୍ ।

– ହସି ହସିକା କଥା ହେଉଥିଲା ରୋମାଣ୍ଟିକ୍ ମୁଡ୍‌ରେ ଥିବା ପରି ଲାଗୁଥିଲା । ସେ ପୁଣି ବହଳ ବହଳ ଲିପ୍‌ଷ୍ଟିକ୍ ବୋଳିଥିଲା । ମେରୁନ୍ କଲର୍‌ର ଶାଢି ସାଙ୍ଗକୁ ଗଭାରେ ରଜନୀ ଗନ୍ଧାର ମାଳା– ଏମିତି ସବୁ କେଉଁମାନେ ସଜ ହୁଅନ୍ତି କହିଲ ! କଲ୍ ଗାର୍ଲ ମାନେ କେବଳ ।

– ଏମିତି ସବୁ ଶସ୍ତା କଥାବାର୍ତ୍ତା କରୁଚ । ଟିକେ ଖରାପ ଲାଗୁନି । ସୈକତ୍ ଚିଡି ଉଠିଲା ହଠାତ୍ ।

– ଆଉ ହେଇଥିବ ଷୋଳଣା ସତ ତମ କଥାରେ ନୁହେଁ । କେତେ ବେଳେ କହୁଚ ପାର୍ଟି ଆପ୍ଲାଏ କରିଚି ଲୋନ ପାଇଁ ତୁମ ବ୍ରାଞ୍ଚ୍‌ରେ ତ କେବେ କୁହ ଟେଲିଭିଜନ ଆଙ୍କରର୍ । କେବେ ପୁଣି ରିଏଲ ଇଷ୍ଟେଟ କମ୍ପାନୀର ସେଲସ୍ ମ୍ୟାନେଜର । ଗୋମତୀ ବିଦ୍ରୁପ କଲା ।

– ଗୋମତୀ, ଆଜି ରାତିଟା କଣ ଆମେ ଦିହେଁ ଅନାହାରରେ ଶୋଇବା । ରୋଷେଇ ହବନି ?

– ନା... ଅନ୍‌ଲାଇନ୍ ଜୋମାଟୋରୁ ପାର୍ସଲ ଅର୍ଡର କରି ନିଅ । ମୁଁ ଏତେ ଖଟି ପାରିବିନି । ବଡ ପାଟିଆଙ୍କ ବେଡ୍ ପାର୍ଟନର୍ ହୋଇ ପାରିଲେ ସିନା ଗଦା ଗଦା ବିକ୍ରି ନ ହୋଇ ପଡି ରହିଥିବ । ଫ୍ଲାଟ୍ ଗୁଡିକ ଶୀଘ୍ର କଟି ଯିବ । ଶୁଣ ! ତୁମେ ସେ ଡାହାଣୀକୁ ଡାକି ଆଣି ଯଦି ବେଡ ରୁମ୍‌ରେ କମ୍ବଳ ତଳେ ଶୋଇ ବି ଯାଅନା ଏ ଗୋମତୀ ଆଖି ବୁଜି ଦେବ । ପ୍ରତିବାଦ କରିବନି କି ଆତ୍ମହତ୍ୟା କରିବନି । ଗୋମତୀ ଝାଡି ଦେଇଥିଲା ।

ମଣିଷ କାହାକୁ ସମ୍ଭାଳିବ ଏବେ । ତୁ ଦେବୁନୁ ଯଦି କିଏ ଦେଲା ତ ସହିବୁନୁ । ଗୋଟେ ବୁକ୍ ୱାର୍ମ ନା ହୁକ୍ ୱାର୍ମ ତୁ । ତୋ'ପାଇଁ ମୋଜୀବନଟା ନର୍କ କୁଣ୍ଡ ପାଲଟି ଗଲା । ଶଳା ଏମ.ଏ. ଏଲ.ଏଲ.ବି କରିଚି ତ କଥା କଥାକେ ସେକସନ୍ , ଆର୍ଟିକିଲ, କ୍ଲଜ୍, ଦେଖାଉଚି । ଆଉ ଶ୍ୱେତଲିନା ହଣ୍ଡ୍ରେଡ୍ ପରସେଣ୍ଟ୍ ଲଭ୍ ବାଲୀ ୱିମ୍ୟାନ । ତୋ ପାଖେ ମୁଁ କାନ ଧରି ଉଠ୍ ବସ୍ ହେବି ! କହୁଛି ତ, ଶ୍ୱେତଲିନା ଫ୍ଲାଟ୍‌କୁ ମୁଁ ଯିବିନି । ଯେତେ ବୁଲେଇ ବଙ୍କେଇ କହିଲେ ବି ଧରା ପଡି ଯାଉଚି ଗୋମତୀ କତିରେ । ପୁଣି ରାଜା ବିଲ୍ୱ ମଙ୍ଗଳ ପରି ଚିନ୍ତାମଣି ରୂପଜୀବୀ ପାଖେ ହାଜର ।

ତୁମେ ଜାଣିଚ ନା ଶ୍ୱେତ, ସେ, ମାଇକିନିଆଟା ଗୋଟେ ଛୁଞ୍ଚିବାଇ । ସକାଳୁ ଉଠି ଦୁଆରେ ଦୁଆରେ ଗୋବର ପାଣି ସିଞ୍ଚିବ । ଦିଅଁ ପୂଜିବ ଘଣ୍ଟେ । ଦୁନିଆ ଓଷା ବାର ତୀର୍ଥ କରିବ ମାତ୍ର ପିଲା ଜନ୍ମ କରିବାକୁ ସ୍ୱାମୀ ପାଖେ ଶୋଇବନି । ସେଇଟା ଦୁନିଆର ସବୁଠୁ ଜଟିଳ କର୍ମ କାଳେ । ସୈକତ୍ ଗପିଗଲା ବହେ ।

– ଗୋଟେ କଥା କହିବ କି ସୈକତ୍ ! ପଚାରିଲା ଓ ନିରବ ରହିଲା ଉତ୍ତର ଶୁଣିବାକୁ ସୈକତ୍ ମୁହଁରୁ।

– କୁହ ଶ୍ୱେତ ଡାର୍ଲିଂ ।

– ମ୍ୟୁଚୁଆଲ ଡିଭୋର୍ସ ନେଇ ଯାଉନା । ସାପ ମରିବ ନି କି ବାଡି ଭାଙ୍ଗିବନି ।

– ଆଏଁ ଡି..ଭୋର୍ସ । ହ୍ୱାଟ୍ । ଜାଣିଚ ଏତିକି ଶୁଣିଦବା ମାତ୍ରକେ ଗୋମତୀର ହାର୍ଟଟା ଫେଲ୍ ହୋଇ ଯାଇପାରେ । ତା'ର ସରଳ ବିଶ୍ୱାସକୁ ଭାଙ୍ଗି ଦେବା ! ସାତ କଳସ ଆଠ ଦୀପ ଜଳାଇ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ବାହା ହୋଇ ଥିବା ନାରୀ ପାଇଁ ଏହା ଏକ ଅଭିଶାପ । ସୈକତ କଥାରେ ସଂପୂର୍ଣ୍ଣତା ଆଣି ତୁନି ପଡିଗଲା ।

– ଓକେ ! ଗୋମତୀକୁ ଧରିକି ଘଇତା ମାଇପ ଚାରିଧାମ ତୀର୍ଥାଟନରେ ଚାଲି ଯାଅ ଯେ ଧର୍ମ, ମୋକ୍ଷ, ଶାନ୍ତି ଏକା ବେଳେକେ ମିଳିଯିବ ।

– ଶ୍ୱେତଲିନା ! ତା'ବୋଲି ...

– ମତେ ଭୁଲି ଯାଅ ଏବେଠୁ । ମୋ ଯାଗାରେ ମୁଁ ସ୍ଥିର ନକ୍ଷତ୍ର । ତମ ଲଟେଇର ମାଂଜାଦିଆ ସୂତାରେ ମତେ ରଂଗୀନ ଗୁଡି କରି ଉଡାଇବା କଥା ମନରୁ ପୋଛି ଦିଅ ।

– ବଟ୍ ସଲ୍ୟୁସନ ଇଜି ନଟ୍ ଡି...ଭୋର୍ସ ।

– ପ୍ରକୃତ କଥା ହେଉଚି ତୁମେ ଏବେ ବି ଗୋମତୀକୁ ଭଲପାଅ । ତୁମକୁ ପରୀକ୍ଷା କରୁଥିଲି । ସେ ଏବେ ବି ତମ ସାର୍ଟ ତଳ ହାର୍ଟ ଭିତରେ ଗୁମ ସୁମ ହୋଇକିନା ଅଛି ଯେ । ରାଗରେ ଦେଖୁଥିଲା ଗୋଟା ପଣେ ଶ୍ୱେତଲିନା .... ଯାଅ ଯୁବରାଜ । ଗୃହକୁ ପ୍ରତ୍ୟାବର୍ତ୍ତନ କର । ପତିବ୍ରତା ପତ୍ନୀ ତେଣେ ତୁମ ପଥ ଚାହିଁ ଅନ୍ନଜଳ ସ୍ପର୍ଶ କରି ନଥିବେ । ଆଉ ଆସିବନି ମୋ ପାଖକୁ ...ଖୋଜିବନି ମତେ । ମୁଁ ହଜିଯିବି ଆଜିଠୁ । ସରି । ଭେରି ସର୍‌ରି ସୈକତ୍।

ଧଡ୍ କରି ଦରଜା ବନ୍ଦ ହୋଇଗଲା । ସେ ତଡା ଖାଇ ଦାଣ୍ଡ ଦୁଆରେ ମୁଣ୍ଡ ବାଡଉ ଥିଲା ।

ଓୟେ, ଓୟେ, ! କ'ଣ କ'ଣ ଭାବୁଥିଲ । କେଉଁ ଦୁନିଆରେ ହଜି ଯାଇଥିଲ ! ଶଳା ... ସବୁ ପ୍ରେମିକ ଗୋଟେ ଲାଉର ମଂଜି । ସେମାନଙ୍କୁ ପ୍ରେମିକାର ଧିକାର, ଭର୍ତ୍ସନା କିଛି ବାଧେ ନାହିଁ ।

ବାହାରି ଆସିଲା ପଦାକୁ ସୈକତ୍ ଥଣ୍ଡା ହାୱା ଖାଇବାକୁ ଆଉ ବାହାରି ପଡିଲା ସାଙ୍ଗେ ସାଙ୍ଗେ ହାୱାଲା ବାଲୀ ପାଖକୁ ।

ବୃକ୍ଷ ବରଗଛ ପରି ଝଙ୍କାଳିଆ ହେବାକୁ ଦିନେ ଯେ ସ୍ୱପ୍ନ ଦେଖୁଥିଲା, ଯା ଓହଳରେ କୁନି କୁନି ସ୍ୱପ୍ନ ମାନେ ଦୋଳି ଖେଳୁଥାନ୍ତି । ଏବକୁ ଥୁଣ୍ଟା ହୋଇ ଅନାଦାର ଭାବେ ଜୀବନଟା ଜାଳେଣି କାଠ ପାଲଟି ଯାଇଛି, ପୃଥିବୀ ଗଣନାଟ୍ୟର ଅସଂଖ୍ୟ ନାରୀ ମୋର ଶଯ୍ୟାସଙ୍ଗିନୀ, ଭୋଗ୍ୟା ।

ଏବେ ହୁଏତ ଗୋମତୀ ଅଫିସ୍‌ରୁ ଲେଉଟି ବାଥ୍‌ରୁମ୍‌କୁ ପଶି ଯାଉଥିବ । ସାୱାର୍‌ର ଅସଂଖ୍ୟ ଜଳକଣା ତଳେ ନଗ୍ନ ଦେହଟିକୁ ଭିଜାଉଥିବ । ତା ପରେ ଟାୱେଲ୍ ନାଇ ମୁଣ୍ଡରେ ପଗଡି ଭିଡି ପଦାକୁ ଆବିର୍ଭାବ ହେବ । ମତେ ଖୋଜିବ, ଟେଲିଭିଜନ ଦେଖୁଥିବ, ଚା ବନେଇବ । ଶ୍ୱେତଲିନା ଗୋଟେ ୱାଇଲ୍ଡ ଉଇମ୍ୟାନ୍ । ବହୁତ ଲୋଡ୍ ନେଇପାରେ । ମତେ କହିଲା କ'ଣ ଶିଖିବ ? ମ୍ୟାରେଜ୍ ପରଠୁ ଫୋର୍ଥ ନାଇଟ୍ କ'ଣ ଜାଣିନା । ମୁଁ ଗୋଟେ ଭଲ ଗ୍ୟାରେଜ୍ ମିସ୍ତ୍ରୀ , ପ୍ରାଇଭେଟ୍ ପାର୍ଟସ୍ ଖୋଲି ଦେବି ପୁଣି ଯୋଡି ଦେବି । ଦେଖିବ । ଶୋଇପଡ । ଢେର ରାତି ହେଲାଣି । ଶ୍ୱେତଲିନା ଡ୍ରିଙ୍କ୍‌ସ୍ ପଞ୍ଚ୍ କରି ଗଳାକୁ ଓଦା କରୁଥାଏ । କିଛି ଅପ ଶବ୍ଦ ପତ୍ନୀ ଉଦ୍ଦେଶ୍ୟରେ ଛାଡିଦେଲା । ପବନରେ ସୈକତ୍ ଗୋଟେନାକୁ ପର୍ଣ୍ଣ ଭିଡିଓ ଉତ୍ତୋଳନ ହେଉ । ଆସ ଖେଳ ହେବ । ର୍ୟାଣ୍ଡମ ପ୍ରହାର ବ୍ୟାଡ୍ ମ୍ୟାନର୍ । ନିଆଁର ଧାସରେ ତରଳୁଥିଲା । ପୁରୁଷ ଧାତୁ ।

– ଓଃ ,ହ୍ୟାଲୋ– ଫୋନ ନମ୍ବର ଟାଇପ୍ କଲା ଶ୍ୱେତଲିନା ।... ୟେସ୍ ସ୍ପିକିଙ୍ଗ୍ । ଦିସ୍ ଇଜ୍ ଗୋମତୀ।

– ଆପଣଙ୍କ ହଜ୍‌ବେଣ୍ଡ୍ ମିଷ୍ଟର ସୈକତ୍ ଇଜ୍ ଉଇଥ୍ ମି । କମ୍ ଅନ୍ ଡିଅର ।

– ହ୍ୱାଟ୍ ହେପେଣ୍ଡ୍ ! କାଲିରାତିରେ ସେ ଫେରି ନାହାନ୍ତି ।

– ଆପଣ ଜଲ୍‌ଦି ଆସିଯାନ୍ତୁ । ତାଙ୍କ ଦେହ ଭଲ ନାହିଁ ।

– ସେ ଆପଣଙ୍କ ଫ୍ଲାଟ୍‌କୁ କିପରି ଗଲେ । ଆପଣ କିଏ ?

– ମୁଁ କିଏ ପରେ ଜାଣିବେ ।

ସଙ୍ଗେ ସଙ୍ଗେ ଆସିଗଲେ ଗୋମତୀ । ସେଇ ପାଖାପାଖି ଆର୍ପାଟ ମେଣ୍ଟ୍ ରହୁଥିଲା । ଗୋମତୀ ଆସିକି ଦେଖେ ତ , ମୁହଁ ଘୋଡା ହେଇଚି ଧଳା କପଡାରେ। ହିଜ୍ ହାର୍ଟ ଇଜ୍ ଫେଲ୍ୟୁଅର ଇନ୍ ଦି ଡ୍ୟୁ କୋର୍ସ ଅଫ୍ ଫିଜିକାଲ ରିଲେସନ୍ ଉଇଥ୍ ମି ... । ଶ୍ୱେତଲିନା ମୁହଁରୁ ଏପରି ଶବ୍ଦ ଶୁଣି ଗୋମତୀ ହତବାକ୍ । ଜଣେ ନାରୀ ଏପରି କୁତ୍ସିତ ବାର୍ତ୍ତାଳାପ କରିପାରୁଛି କିପରି ?

– ନୋ ଲେଟ୍ ପ୍ଲିଜ୍ ଡିଅର । ହି ଇଜ୍ ନୋ ମୋର୍ ଇନ୍ ଦିସ୍, ପୁଲିସ ନାକରେ ଶୁଖୁଆ ଗନ୍ଧ ବାଜିଲେ ବଡିକୁ ଆନାଟୋମି କରିବାକୁ ପଠେଇ ଦବ ।

– ଆଇ ଉଇଲ୍ ନଟ ଲେଟ୍ ୟୁ !

– ଛାଡ ନା ... ହଉ ହଉ ହେଇଗଲା ।

– ଏବେ ବୁଝିବାକୁ ସୈକତ୍ ତମେ ନାହଁ । ଡାକ୍ତର ବାରମ୍ବାର କହିଥିଲେ ଫିଜିକାଲ ରିଲେସନ୍ ରଖିଲେ ଇ ତୁମର ହାର୍ଟ ଫେଲ୍ ହୋଇଯିବ । ସୈକତ୍ ଇଜ୍ ଏ ହାର୍ଟ ପେସେଣ୍ଟ୍ । ଏବେ ଜାଣ ମୁଁ ମନା କରୁଥିଲି କାହିଁକି ମାତୃତ୍ୱ ଲାଭ କରିବାକୁ ...।



# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୁ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ
ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୁ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**


**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***

# ଘୁମୁ ଘୁମୁ ଘୁମୁରେ ପାରା



# କପୋତ


## ଦେବଯାନୀ ରାୟ

ରାମଚନ୍ଦ୍ରପୁର ବଜାର, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପଛପାଖ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ଫୋନ: ୯୪୩୭୪୧୩୧୪


ଫଟୋ ସୌଜନ୍ୟ : ଗୁଗୁଲ୍

ପୂର୍ବରୁ ଶୁଣିଥିଲି ଠାକୁର ପାରା ଘରକୁ ଆସିଲେ କୁଆଡ଼େ ବହୁତ ଶୁଭ ହୋଇଥାଏ । କିନ୍ତୁ କାହିଁକି ଶୁଭ ହୋଇଥାଏ ଆଉ କ'ଣ ପାଇଁ ସେମାନଙ୍କୁ ଖାଇବାକୁ ପିଇବାକୁ ଦିଆଯାଏ, ସେ ବିଷୟରେ ଅଜ୍ଞ ଥିଲି । ହେଲେ ଏବେ ଏବେ କିଛିଦିନ ହେବ ମୋ ପଢ଼ାଘର ଝର୍କା ସମ୍ମୁଖରେ ହଠାତ୍ ପାରାମାନଙ୍କର 'ଗୁଟୁରୁ-ଗୁମ୍' ସ୍ୱର ଏବଂ ଏପାଖରୁ ସେପାଖକୁ ସେମାନଙ୍କର ଉଡ଼ାଣ ମତେ ସେମାନଙ୍କ ପ୍ରତି ଆକର୍ଷିତ କରାଇଛି । ଦିନେ ବାହାରକୁ ଯାଇ ଦେଖେ ତ ପାରାମାନଙ୍କ ପାଖରେ ଗୋଟିଏ ପାତ୍ରରେ ପାଣି ଆଉ ଅନ୍ୟ ପାତ୍ରରେ କିଛି ଚଡ଼େଇ ଦାନା ଥୁଆ ହୋଇଛି । ଭାବିଲି, ଆଚ୍ଛା ତେବେ ଖାଦ୍ୟ ଦିଆ ଯାଇଥିବାରୁ ସେମାନେ ତାହାଲେ ଏହିଠାରେ ଗହଳି ଲଗାଇଛନ୍ତି । ହେଲେ ଏ ପ୍ରକାରର ଗୋଟିଏ ଭଲ କାମ କରିଛି ବା କିଏ ? ତାପରେ ଘରର ସମସ୍ତ ସଦସ୍ୟଙ୍କୁ ପଚାରିଲି ସମସ୍ତେ ଗୋଟିଗୋଟି ହୋଇ କହିଲେ ଯେ, ଆମେ ଜାଣିନାହୁଁ । ପୁଅ ସ୍କୁଲ ଯାଇଥିଲା, ତେଣୁ ତାକୁ ପଚାରି ପାରିନଥିଲି । ଏମିତି ଭାବରେ କେତେଦିନ ବିତିଗଲା । ଏ ଭିତରେ ମୁଁ ବି ପାରାମାନଙ୍କୁ ଦାନା ଓ ପାଣି ଖାଇବାକୁ ଦେଉଥାଏ ଆଉ ନିଜକୁ ନିଜେ ଖୁସି ଅନୁଭବ କରୁଥାଏ । ଦିନେ ସ୍କୁଲ ଛୁଟିଥିବା ସମୟରେ ପୁଅ ଆସି କହିଲା, "ମାମା, ଦେଖିଲ ପିଜନ୍‌ମାନେ କେମିତ ଆମଘରକୁ ଆସି 'ଗୁଟୁରୁ ଗୁମ୍' ଗୀତ ଗାଉଛନ୍ତି ।" ସେହି ସମୟରେ ମୁଁ ତାକୁ ପଚାରିଲି, "ପ୍ରଥମରୁ ପାରାମାନଙ୍କୁ ଖାଇବାକୁ କିଏ ଦେଇଥିଲା ଆଉ ଏ ଚଡ଼େଇ ଦାନା କିଏ ଘରକୁ ଆଣିଛି ?" ସେତେବେଳେ ପୁଅ କହିଲା, "ମାମା' ମୁଁ ପରା ଟିଉସନ୍ ଗଲାବେଳେ ଚଡ଼େଇ ଦାନା କିଣି ଆଣି ସେମାନଙ୍କୁ ଖାଇବାକୁ ଦେଉଅଛି ।"

ସେବେଠାରୁ ଆଜି ପର୍ଯ୍ୟନ୍ତ ଏ ପାରାଦଳ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଆସି ଦାନା ଓ ପାଣି ଖାଇ କିଛି ସମୟ ରହି ପୁଣି ଉଡ଼ିଯାଆନ୍ତି । ଏଇ କିଛିଦିନ ହେବ ଦୁଇଟି ସଂଦିଗ୍ଧ ପାରାଙ୍କୁ ନେଇ ଓଡ଼ିଶାରେ ବେଶ୍ ଚର୍ଚ୍ଚା ଚାଲିଛି । ଏହିସବୁ କାରଣରୁ ପାରାମାନଙ୍କ ଉପରେ ଆହୁରି ଅନେକ କଥା ଜାଣିବା ଆସନ୍ତୁ । କପୋତ ହେଉଛି ଗୋଟିଏ ଫରାସୀ ଶବ୍ଦ ଯାହା ଲାଟିନ୍ ଶବ୍ଦ PiPio (ପିପିଓ)ରୁ ଉତ୍ପନ୍ନ ହେଉଛି । ଏହାର ଅର୍ଥ Chirping bird ବା ଚିତ୍କାର କରୁଥିବା ପକ୍ଷୀ । କପୋତ ବା Pigeon ର ଏକ ଗୋଷ୍ଠୀକୁ 'ଡୁଏଲ୍' କୁହାଯାଏ ଯାହା ଫରାସୀ ଶବ୍ଦ 'ଡିୟୁଲ'ରୁ ନିଆଯାଇଛି ।

**ବିବରଣୀ:**

କପୋତ ଗୁଡ଼ିକ ଅବିଶ୍ୱସନୀୟ ଭାବରେ ଏକ ବୁଦ୍ଧିମାନ ପକ୍ଷୀ । ସେମାନେ ମାନବ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରକୁ ଚିହ୍ନିପାରିବା ସହ ଗଣିତର ଅଙ୍କ ଚିହ୍ନି କୌଣସି ବିଶେଷ ସଂଖ୍ୟକ ଜିନିଷକୁ ପୃଥକ ଓ ମିଶ୍ରଣ କରିବା ପରୀକ୍ଷାରେ ସଫଳ ମଧ୍ୟ ହୋଇଛନ୍ତି । ଫଟୋଗ୍ରାଫ୍ ମଧ୍ୟରେ ପାର୍ଥକ୍ୟ କରି ବିଭିନ୍ନ ମନୁଷ୍ୟକୁ ପୃଥକ ମଧ୍ୟ କରିପାରନ୍ତି । କପୋତଗୁଡ଼ିକ ସେମାନଙ୍କର ଉଲ୍ଲେଖନୀୟ ନାଭିଗେସନ୍ ଦକ୍ଷତା ପାଇଁ ପ୍ରସିଦ୍ଧ ଅଟନ୍ତି । ସେମାନେ ବଭିନ୍ନ ପ୍ରକାରର କୌଶଳ ଯେପରିକି ସୂର୍ଯ୍ୟଙ୍କୁ ଏକ ଗାଇଡ୍ ଏବଂ ଆଭ୍ୟନ୍ତରୀଣ ଚୁମ୍ବକୀୟ କ୍ୟାମ୍ପସ୍ ଭାବରେ ବ୍ୟବହାର କରିଥାନ୍ତି । ଅକ୍ସଫୋର୍ଡ଼ ୟୁନିଭରସିଟିରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସେମାନେ ଚିହ୍ନ ଭାବରେ ଲ୍ୟାଣ୍ଡମାର୍କ ମଧ୍ୟ ବ୍ୟବହାର କରିଥାନ୍ତି । ମନୁଷ୍ୟକୃତ ରାସ୍ତା ଏବଂ ମୋଟରୱେ ଆଉ ଟ୍ରାଫିକ ସିଗ୍‌ନାଲ୍‌କୁ ଲ୍ୟାଣ୍ଡମାର୍କ ଭାବରେ ବ୍ୟବହାର କରିଥାନ୍ତି । ଏମାନଙ୍କର ଶ୍ରବଣ କ୍ଷମତା ମଧ୍ୟ ବହୁ ତୀକ୍ଷ୍ଣ । ମନୁଷ୍ୟ ଅପେକ୍ଷା ଏମାନେ ବହୁତ କମ୍ ଫ୍ରିକ୍ୱେନ୍ସିରେ ଶବ୍ଦ ଚିହ୍ନଟ କରିପାରନ୍ତି । ଯେଉଁଥିପାଇଁ ଏମାନେ ପ୍ରାକୃତିକ ବିପର୍ଯ୍ୟୟରେ ପୂର୍ବାନୁମାନ କରିପାରନ୍ତି । ଉଭୟ ପୁରୁଷ ଓ ମହିଳା କପୋତ ଅଣ୍ଡାର ଯତ୍ନନେବା ସହିତ ଛୁଆ କପୋତର ପ୍ରତିପୋଷଣ ଦାୟିତ୍ୱ ବାଣ୍ଟିକୁଣ୍ଟି ନେଇଥାନ୍ତି । ପାରାମାନେ ଅପରିଷ୍କାର ପକ୍ଷୀ ଭାବରେ ସାମାଜିକ ଧାରଣା ରହିଥିବା ସତ୍ତ୍ୱେ ପ୍ରକୃତରେ ଏହା ଏକ ପରିଷ୍କାର ପକ୍ଷୀ । ଏହି ପକ୍ଷୀ ସଂକ୍ରମିତ ହେବାର ବହୁତ ସୂଚନା ରହିଅଛି । କପୋତମାନଙ୍କର ବୟସ ପ୍ରାୟତଃ ୬ରୁ ୭ ବର୍ଷ ହୋଇଥାଏ । ଏହା ସେମାନଙ୍କର ପ୍ରଜାତି ଉପରେ ନିର୍ଭର କରିଥାଏ । କପୋତମାନେ ମଣିଷ ପାଖରେ ତଥା ମନୁଷ୍ୟ ସହିତ ନିକଟତର ଭାବରେ ହଜାର ହଜାର ବର୍ଷ ଧରି ରହି ଆସିଛନ୍ତି । କପୋତମାନେ ୬୦୦୦ ଫୁଟ୍ ଉଚ୍ଚତାରେ ହାରାହାରି ୭୭ .୬ ମିଲିମିଟର ବେଗରେ ଉଡ଼ିପାରନ୍ତି । ଏମାନଙ୍କର ଉଚ୍ଚତାର ରେକର୍ଡ଼ ହୋଇଥିବା ଦ୍ରୁତତମ ବେଗ ହେଉଛି ୯୨.୫ ମିଲିମିଟର ।

କପୋତ ଛୋଟ ମୁଣ୍ଡ, ଛୋଟ ଗୋଡ଼, ଛୋଟ ବେକ ଓ ପତଳା ଥଣ୍ଟ, ପୃଥୁଳ ଶରୀର ଓ ଲୋମଯୁକ୍ତ ଦୃତ ଉଡ଼ାଣ ଭରି ପାରୁଥିବା ପକ୍ଷୀ । ଏହି ପକ୍ଷୀମାନଙ୍କର ଜୈବିକ ପରିବାରର ନାମ ହେଉଛି, କଲମବିଡ଼ା (Columbidae) । ଏହି ଜୈବିକ ବଂଶର ସମସ୍ତ କପୋତ ଅନ୍ତର୍ଭୁକ୍ତ । କଲମ୍ବିଡ଼ା ପରିବାରର ସଦସ୍ୟମାନେ ବିଶ୍ୱବ୍ୟାପୀ ଦେଖିବାକୁ ମିଳନ୍ତି କିନ୍ତୁ ସେମାନଙ୍କର ସର୍ବାଧିକ ଜୈବ ବିବିଧତା ଇଣ୍ଡୋ ମାଲାୟାନ୍ ଏବଂ ଅଷ୍ଟ୍ରେଲିୟାସ୍ ବାୟୋରେଜିଅନ୍ସରେ ପାଳନ କରାଯାଏ । ଏହି ବଂଶରେ ୩୩୪ ଜାତି ଅଛନ୍ତି, ଯାହା ୫୦ଟି ପରିବାରରେ ସଂଗଠିତ ହୋଇଅଛି । ଏହାମଧ୍ୟରୁ



◀ ଲେଖିକା ଦେବଯାନୀ ରାୟ



ତେରଟି ପ୍ରଜାତି ବିଲୁପ୍ତ ହୋଇଯାଇଛନ୍ତି । ଏହି କଲମ୍ବିଡ଼ା (Columbidae) ପ୍ରଜାତିର ନାମ ଇଂରାଜୀ ପ୍ରାଣୀବିଜ୍ଞାନୀ ଓବିଲିୟମ୍ ଏଲଫୋର୍ଡ଼ ଲିଚ୍ ଙ୍କ ଦ୍ୱାରା ୧୮୨୦ ମସିହାର ପ୍ରକାଶିତ ବ୍ରିଟିଶ୍ ସଂଗ୍ରହାଳୟର ବିଷୟବସ୍ତୁ ବିଷୟରେ ଏକ ଗାଇଡ଼ରେ ଦର୍ଶାଯାଇଥିଲା ।

## ଶାରୀରିକ ଗଠନ

କପୋତ ବା ପାରା ଏକ ଉଷ୍ମପକ୍ଷୀ । ଯାହାର ଶରୀର ପୋଷଦ୍ୱାରା ଆବୃତ୍ତ । ପାଟି ବଦଳରେ ଏହାର ଏକ ଛୋଟ ଥଣ୍ଟ ରହିଛି । ପାଟି ଥଣ୍ଟ ଦ୍ୱାରା ଘେରି ରହିଛି ଏବଂ ଏହା ଦନ୍ତହୀନ । ଏହି ପକ୍ଷୀର ଗୋଡ଼ ଗୁଡ଼ିକର ତିନୋଟି ଆଙ୍ଗୁଠି ଆଗପଟକୁ ରହିଥିବା ବେଳେ ଗୋଟିଏ ଆଙ୍ଗୁଠି ପଛପାଖକୁ ରହିଥାଏ । ଏହିପକ୍ଷୀ ମନୁଷ୍ୟ ସହିତ ଅଧିକ ଯୋଗାଯୋଗ ରଖିବାକୁ ପସନ୍ଦ କରିଥାନ୍ତି । ଏହି ପକ୍ଷୀ ଭାରତରେ ଧୂସର ଓ ଧଳାରଙ୍ଗର ବେଶୀ ଦେଖା ଦେଇଥାନ୍ତି- କପୋତର ଦୃତ ଉଡ଼ାଣ ପାଇଁ ପୁରାତନ ଯୁଗରେ ଏହି ପକ୍ଷୀକୁ ଚିଠି ପଠାଇବା ପାଇଁ ବ୍ୟବହୃତ କରାଯାଉଥିଲା । ଓଡ଼ିଆରେ ଏହି ପକ୍ଷୀକୁ କପୋତ କୁହା ଯାଉଥିବା ବେଳେ ହିନ୍ଦୀରେ କବୁତର ଏବଂ ଇଂରାଜୀରେ ଉଭୟ Pigeon ଏବଂ Dove କୁହାଯାଇଥାଏ ।

## କପୋତର ଖାଦ୍ୟ

କପୋତ ଶସ୍ୟ, ବାଦାମ, ଡାଲି ଏବଂ ସମସ୍ତ ପ୍ରକାରର ମଂଜି ଖାଇବା ସହିତ ମନୁଷ୍ୟ ତିଆରି ଭାତ, ରୁଟି ଇତ୍ୟାଦି ମଧ୍ୟ ଖାଇଥାଏ । ଯେଉଁ କପୋତମାନେ ଜଙ୍ଗଲରେ ବାସ କରନ୍ତି, ସେମାନେ ବିଭିନ୍ନ ପ୍ରକାର ଫୁଲଫଳ, ପତ୍ର, କୀଟପତଙ୍ଗ ଇତ୍ୟାଦି ଖାଇଥାନ୍ତି । ନିଜର ଉର୍ଜାକୁ ସନ୍ତୁଳିତ ରଖିବା ପାଇଁ ଏମାନେ ଦିନକୁ ୩୦ ମିଲି ପାଣି ଆବଶ୍ୟକ କରିଥାନ୍ତି । ସହରରେ ରହୁଥିବା କପୋତମାନଙ୍କୁ ଗୋଟିଏ ପ୍ରକାର ଖାଦ୍ୟ ବହୁଦିନ ଦେଲେ ଏମାନେ ତାହା ଖାଇନଥାନ୍ତି ତେଣୁ ଏମାନଙ୍କୁ ମିଶ୍ରିତ ଖାଦ୍ୟ ଦେବା ଆବଶ୍ୟକ ।

## ଆବାଜ୍ ବା ସ୍ୱର

କପୋତମାନଙ୍କର ସ୍ୱର ବହୁତ ଗଭୀର ଅଟେ । ଏହି ପକ୍ଷୀ କେବଳ ଖୁସିଥିବା ସମୟରେ ଗଟର୍-ଗୁମ୍, ଗୁଟର-ଗୁମ୍ ସ୍ୱର ନିର୍ଗତ କରିଥାନ୍ତି । ଯେତେବେଳେ ସେମାନେ ଯନ୍ତ୍ରଣା ଅନୁଭବ କରନ୍ତି କିମ୍ବା କୌଣସି ଅନ୍ୟ ପ୍ରକାର ମନୋଭାବରେ ଥାନ୍ତି, ସେତେବେଳେ ସେମାନେ କୌଣସି ସ୍ୱର ବାହାର କରିନଥାନ୍ତି ।

## ପ୍ରଜନନ

କପୋତମାନେ ଅପେକ୍ଷାକୃତ ଭାବେ ନିଜର ବସା ନିଜେ ନିର୍ମାଣ କରିଥାନ୍ତି । ଶାରୀରିକ ଭାବରେ କପୋତମାନ ୬ମାସ ବୟସ ପର୍ଯ୍ୟନ୍ତ ପ୍ରଜନନ କରିବାକୁ ସକ୍ଷମ ହୋଇଥାନ୍ତି । ଏହି ପକ୍ଷୀମାନେ ବର୍ଷସାରା ଯେକୌଣସି ସମୟରେ ପ୍ରଜନନ କରିଥାନ୍ତି । କପୋତମାନେ ସମଗ୍ର ଜୀବନ କାଳରେ ଗୋଟିଏ ଜୀବନସାଥୀ ଗ୍ରହଣ କରିଥାନ୍ତି ଏବଂ ତାଙ୍କ ସହିତ ପୁରା ଜୀବନ ବିତେଇଥାନ୍ତି । ସାଧାରଣତଃ ମହିଳା କର୍ପୋରେଟର ଥରକରେ ତିନୋଟି ଅଣ୍ଡା ଦେବାର କ୍ଷମତା ରହିଥାଏ କିନ୍ତୁ ଅନେକଥର ସେମାନଙ୍କୁ ଦୁଇଟି ଅଣ୍ଡା ଦେବାର ଦେଖିବାକୁ ମିଳିଛି । ଏହି ଯୋଡ଼ି ସେମାନଙ୍କ ଅଣ୍ଡା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି । ପୁରୁଷ କପୋତ ଦିନ ସମୟରେ ଅଣ୍ଡାକୁ ଉଷୁମାଉଥିବା ବେଳେ ନାରୀ କପୋତ ରାତିରେ ଅଣ୍ଡାକୁ (ଇନ୍‌କ୍ୟୁବ୍) ଉଷୁମାଉଥିବାର ଦେଖାଯାଏ । ଛୁଆମାନେ ଅଣ୍ଡାରୁ ବାହାରକୁ ବାହାରିବା ପାଇଁ ୧୮ରୁ ୧୯ଦିନ ସମୟ ଲାଗିଥାଏ । ୨୫ କିମ୍ବା ୩୨ ଦିନ ବା ୪ରୁ ୫ ସପ୍ତାହ ମଧ୍ୟରେ ସେମାନେ ଉଡ଼ିବାକୁ ସକ୍ଷମ ହୋଇଥାନ୍ତି । ସ୍ତନ୍ୟପାନ କରୁଥିବା କପୋତ ଛୁଆମାନଙ୍କୁ ସ୍କ୍ୱାବ୍ କୁହାଯାଏ । ଯେତେବେଳେ ସେମାନେ କ୍ଷୀର ପିଇବା ବନ୍ଦ୍ କରିଦିଅନ୍ତି ତାଙ୍କୁ ସ୍କାକର କୁହାଯାଏ ।

## ପ୍ରଥମେ କେଉଁଠି ଓ କେବେ କପୋତ ଉଡ଼ାଣ ହୋଇଥିଲା

୧୮୧୮ ମସିହାରେ ପ୍ରଥମଥର ପାଇଁ ବେଲ୍‌ଜିୟମରେ କପୋତ ଉଡ଼ାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଉଡ଼ାଣରେ କପୋତମାନଙ୍କୁ ୧୬୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପଡ଼ିଥିଲା । ସେବେଠାରୁ ସମଗ୍ର ବିଶ୍ୱରେ କପୋତ ଗୁଡ଼ିକ ମନୋରଞ୍ଜନର ଉତ୍ସ ପାଲଟିଛନ୍ତି । ୧୨୦୬ରୁ ୧୨୨୭ ପର୍ଯ୍ୟନ୍ତ ମୋଗଲ ସାମ୍ରାଜ୍ୟରେ ରାଜା ଚେଙ୍ଗିସ୍‌ଖାନ୍ ମଧ୍ୟ ତାଙ୍କ ସାମ୍ରାଜ୍ୟର ବାର୍ତ୍ତା ପ୍ରଶାସନ ପାଇଁ କପୋତ ବ୍ୟବହାର କରିଥିଲେ ।

## କପୋତର ଇତିହାସ ଓ କିଛି ତଥ୍ୟ

ପ୍ରାଚୀନ ଇତିହାସର ପୃଷ୍ଠାରେ କପୋତ ଏବଂ ମଣିଷ ଏକାଠି ବାସ କରୁଥିବାର ଅନେକ ବର୍ଣ୍ଣନା ରହିଅଛି । ଉଦାହରଣ ସ୍ୱରୂପ: ଖ୍ରୀଷ୍ଟପୂର୍ବ ୩୦୦ ମସିହାରେ ଇଜିପ୍ଟର ପଞ୍ଚମ ରାଜବଂଶ କପୋତ ପାଳିଥିଲେ ।





– ୧୧୫୦ ମସିହାରେ ଇରାକ ବାଗଦାଦ୍‌ର ସୁଲତାନ ଡାକସେବା ପାଇଁ କପୋତ ବ୍ୟବହାର କରିଥିଲେ ।

– ୧୮୪୮ ବିପ୍ଳବର ଭୟଙ୍କର ସମୟରେ କପୋତମାନେ ୟୁରୋପରେ ମେସେଞ୍ଜର କାର୍ଯ୍ୟର ଯତ୍ନ ନେଇଥିଲେ ।

– ଆମେରିକା କୋଷ୍ଟଗାର୍ଡ଼ ୧୯୭୦ ଏବଂ ୧୯୮୦ ଦଶକରେ ଜାହାଜ ଦୁର୍ଘଟଣାରେ ନିଖୋଜ ପୀଡ଼ିତଙ୍କୁ ଖୋଜିବା ପାଇଁ କପୋତ ବ୍ୟବହାର କରିଥିଲେ ଏବଂ ଏହି ପ୍ରତିରକ୍ଷା ଅଭିଯାନରେ କୋଷ୍ଟଗାର୍ଡ଼ ସୈନିକମାନଙ୍କ ଅପେକ୍ଷା କପୋତମାନେ ବହୁତ ଭଲ ପ୍ରଦର୍ଶନ କରିଥିଲେ ।

– କପୋତ ଏପରି ଏକ ପକ୍ଷୀ ଯାହା ମଧ୍ୟରେ ଶାନ୍ତିବାର୍ତ୍ତା ପ୍ରେରଣ କରାଯାଇ ଇତିହାସର ଅନେକ ଯୁଦ୍ଧକୁ ବନ୍ଦ କରି ଦିଆଯାଇଥିଲା ।

– କପୋତମାନଙ୍କ ଦ୍ୱାରା ଅନେକ ରାଜା ଓ ସମ୍ରାଟ ସେମାନଙ୍କର ବାର୍ତ୍ତା ସଠିକ୍ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇ ପାରୁଥିଲେ ।

– ଆଶ୍ଚର୍ଯ୍ୟର କଥା ଯେ, ଅଣ୍ଡା ଦେଉଥିବା କପୋତ ପକ୍ଷୀମାନେ ନିଜ ନିଜ କ୍ଷୀରକୁ ନିଜ ପିଲାମାନଙ୍କୁ ଖାଇବାକୁ ଦେଇଥାନ୍ତି । ସବୁଠାରୁ କୌତୁହଳର ବିଷୟ ହେଉଛି ଉଭୟ ପୁରୁଷ ଓ ମହିଳା ମଧ୍ୟ ନିଜ ପିଲାଙ୍କୁ ସ୍ତନ୍ୟପାନ କରାଇପାରିବେ । କପୋତ କ୍ଷୀରକୁ ଫସଲ କ୍ଷୀର କୁହାଯାଏ ।

– କପୋତର ଦୃଷ୍ଟିଶକ୍ତି ଅତ୍ୟନ୍ତ ତୀକ୍ଷ୍ଣ । ଏହି ପକ୍ଷୀପ୍ରାୟ ୨୬ କିଲୋମିଟର ଦୂରରେ ଥିବା କୌଣସି ବସ୍ତୁକୁ ସ୍ୱଷ୍ଟ ଭାବରେ ଦେଖିପାରେ । ଏହି ପକ୍ଷୀର ବିଭିନ୍ନ ପ୍ରଜାତି ବିଶ୍ୱର ପ୍ରତ୍ୟେକ ସ୍ଥାନରେ ବାସ କରୁଥିଲେ ମଧ୍ୟ ଆଣ୍ଟାର୍କଟିକା ଏବଂ ସାହାରା ପରି ଦୁର୍ଗମସ୍ଥାନରେ ରୁହନ୍ତି ନାହିଁ । ଏମାନଙ୍କର ୩୫୧ ପ୍ରଜାତି ଆଜି ପର୍ଯ୍ୟନ୍ତ ମିଳିଅଛି । ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ସାରା ପୃଥିବୀରେ କପୋତ ସଂଖ୍ୟା ପ୍ରାୟତଃ ୪୦କୋଟି ।

– ଉଡ଼ିବା ସମୟରେ ବିପରୀତ ଦିଗକୁ ଉଡୁଥିବା କପୋତ ପ୍ରଜାତିର ନାମ 'ଟମ୍ବଲର ପିଜି' । ଏହାର ଦକ୍ଷତା ପାଇଁ ଏହି ପକ୍ଷୀକୁ କ୍ରୀଡ଼ା ପ୍ରତିଯୋଗିତାରେ ବ୍ୟବହୃତ କରାଯାଉଅଛି ।

– ଭାରତୀୟ ତାମିଲନାଡୁର ରାଜ୍ୟପକ୍ଷୀ ହେଉଛି ଏମେରାର୍ଡ଼ ପିଜି ଯାହା ମାର୍କତି ପାଣ୍ଡୁକ୍ ନାମରେ ମଧ୍ୟ ଜଣାଶୁଣା । ଏହା ଦେଖିବାକୁ ବହୁତ ସୁନ୍ଦର । ସବ୍ ଟ୍ରପିକାଲ, ଭାରତୀୟ ଉପମହାଦେଶ, ମିଆଁମାର, ଥାଇଲ୍ୟାଣ୍ଡ, ମାଲେସିଆ ଏବଂ ଇଣ୍ଡୋନେସିଆରେ ମଧ୍ୟ ଦେଖାଯାନ୍ତି ।

– ଏହିପକ୍ଷୀ ୨୦ରୁ ୩୦ କପୋତଦଳ ମଧ୍ୟର ରହିଥାଏ ।

– ଏହି ପକ୍ଷୀର ବୈଜ୍ଞାନିକ ନାମ Columba livia ଅଟେ ।

– କପୋତ ଦର୍ପଣରେ ଦେଖି ନିଜକୁ ମଧ୍ୟ ଚିହ୍ନିପାରେ ।

– ଶିକାରୀ ପକ୍ଷୀମାନଙ୍କ ଠାରୁ ବର୍ତ୍ତିବା ପାଇଁ କପୋତମାନେ ବାୟୁରେ ଗୁଳି ଚଳାଇଥାନ୍ତି ।

– କପୋତ ବର୍ଷକୁ ୮ଥର ଅଣ୍ଡା ଦେଇପାରନ୍ତି ।

– ମିଳିଥିବା ତଥ୍ୟରୁ ଜଣାଯାଏ କି, ଏ ପର୍ଯ୍ୟନ୍ତ ଅଧିକ ଦିନ ବଞ୍ଚିଥିବା କପୋତର ବୟସ ୨୫ବର୍ଷ ଥିଲା ।

– ପ୍ରାଚୀନ ଗ୍ରୀକ୍ ଭାଷାରେ କପୋତମାନଙ୍କୁ ପେରିଷ୍ଟେରା ନାମରେ ସମ୍ବୋଧିତ କରାଯାଉଥିଲା । ପ୍ରାଚୀନ ଗିଲ୍ ଗେମଶାଙ୍କ ଉପନ୍ୟାସରେ କପୋତର ଉଲ୍ଲେଖ ସ୍ୱଷ୍ଟ ଭାବରେ ଲିପିବଦ୍ଧ ହୋଇଛି ।

– ୪୦୦ ବର୍ଷ ପୂର୍ବେ କପୋତମାନେ ଆମେରିକାରେ ପରିଚିତ ହୋଇଥିଲେ । ସେବେଠାରୁ ସେମାନେ ସମଗ୍ର ଯୁକ୍ତ ରାଷ୍ଟ୍ରରେ ବ୍ୟାପିଗଲେ । କପୋର ଶରୀରରେ ପାଖାପାଖି ୧୦,୦୦୦ ପର ରହିଥାଏ । କପୋତମାନେ ନିଜର ବସା କୌଣସି ଗଛ ଉପରେ ନଦେଇ ମନୁଷ୍ୟ ବାସସ୍ଥଳୀ  କିମ୍ବା କୋଠର ଝରକା ଆଦି ଜାଗାରେ ବନାଇଥାନ୍ତି । ଭାରତରେ ରୋକ୍ କପୋତ ବା ସାଧାରଣ ପାରାମାନ୍କ ସଂଖ୍ୟା ସବୁଠାରୁ ଅଧିକ ।

– ୧୯୧୮ ମସିହାରେ ଏକ ହୋମିଂକପୋତ ବାର୍ତ୍ତା ପ୍ରଦାନ କରି ହଜି ଯାଇଥିବା ବାଟାଲିୟନ ୧୯୪ ସୈନିକଙ୍କ ଜୀବନ ରକ୍ଷା କରିଥିଲେ । ଏଥିପାଇଁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

– ୧୯୦୭ ମସିହାରେ ଏରିଲ୍ ଫଟୋଗ୍ରାଫିକ୍‌ରେ କପୋତ ମଧ୍ୟ ବ୍ୟବହୃତ ହୋଇଥିଲା ଏପ୍ରିଲ ଫଟୋଗ୍ରାଫି ଅର୍ଥ, ଭୂମିରୁ ଏକ ଉଚ୍ଚତାରେ ଭାସମାନ ଅବସ୍ଥାରେ ଚିତ୍ର ଉତ୍ତୋଳନ କରିବା । ଜୁଲିୟସ୍ ନେଉବ୍ରୋଦର ନାମକ ଜଣେ ଜର୍ମାନ୍ ଫାର୍ମାସିଷ୍ଟ ଏହି ଫଟୋଗ୍ରାଫି ପାଇଁ ଏକ ସ୍ୱତନ୍ତ୍ର କ୍ୟାମେରା ଉଦ୍ଭାବନ କରିଥିଲେ । ଯାହା କପୋତ ବେକରେ ବନ୍ଧାହୋଇ କପୋତକୁ ଆକାଶରେ ଉଡ଼ାଇ ଫଟୋ ଉତ୍ତୋଳନ କରାଯାଉଥିଲା ।

– ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବାର୍ତ୍ତାବାହକ କପୋତମାନେ ଶତ୍ରୁଙ୍କୁ ଗୁପ୍ତବାର୍ତ୍ତା ପ୍ରଦାନ କରି ଅଗଣିତ ନିରୀହ ଲୋକମାନଙ୍କ ଜୀବନ ରକ୍ଷାକରିଥିଲେ ।

– କପୋତ ଦୀର୍ଘ ସମୟ ଧରି ମନ୍ୟୁର ଚେହେରା ମନେ ରଖିଥାଏ । ସେହି ଦୃଷ୍ଟିରୁ ସେମାନଙ୍କୁ ଖାଇବାକୁ ଦେଉଥିବା ସେମାନଙ୍କ ମାଲିକର ଚେହେରା ଭଲଭାବରେ ମନେରଖିଥାଏ । ଭାରତରେ ମିଳୁଥିବା କପୋତଙ୍କର ରଙ୍ଗ ପ୍ରାୟ ଧୂସର କିମ୍ବା ଧଳା ହୋଇଥାଏ ।

– କପୋତ ହୃଦୟ ୧ ମିନିଟ୍‌ରେ ୬୦୦ଥର ଧକ୍ ଧକ୍ କରିଥାଏ । ଯେତେବେଳେ କି ମାନବର ମାତ୍ର ୭୨ଥର ଧକ୍ ଧକ୍ ହୋଇଥାଏ ।

– ୧୯୪୬ରେ ଭାରତର ପ୍ରଥମ ରାଜ୍ୟଭାବେ ଓଡ଼ିଶାରେ ପୋଲିସ୍ ପାରା ସେବା ଆରମ୍ଭ ହୋଇଥିଲା । ସେନାରୁ  ଆସିଥିବା ଦୁଇଶହ ତାଲିମ ପ୍ରାପ୍ତ ପାରା ଏହି ସେବାରେ ସାମିଲ୍ ହୋଇଥିଲେ । ଯୋଗାଯୋଗର ତ୍ୱରିତ ସୁବିଧା ନଥିବାରୁ ସେତେବେଳେ ତିନି ପ୍ରକାରର ପାରାସେବା ଯଥା: ଷ୍ଟାଟିକ୍, ମୋବାଇଲ୍ ଏବଂ ବୁମେରାଂ କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥିଲା । ଭିନ୍ନ ଭିନ୍ନ ସେବା କ୍ଷେତ୍ରରେ ଭିନ୍ନ ଭିନ୍ନ ତାଲିମପ୍ରାପ୍ତ ପାରାମାନଙ୍କୁ ବ୍ୟବହାର କରାଯାଉଥିଲା । ପାରା ସେବାର ପ୍ରଥମ ବ୍ରାଞ୍ଚ କୋରାପୁଟ୍ ଠାରେ ଖୋଲା ଯାଇଥିଲା । ପରେ ଜିଲ୍ଲାଓ୍ୱାରି ଏହାର ବ୍ରାଞ୍ଚ୍ ପ୍ରତିଷ୍ଠା କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟ ପାରାସେବା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ୧୯୮୨ ପ୍ରଳୟଙ୍କାରୀ ବନ୍ୟା ଠାରୁ ଆରମ୍ଭ କରି ୧୯୯୯ ମହାବାତ୍ୟା ଯାଏ ପାରା



ସେବାର ଲାଭ ଓଡ଼ିଶା ଭଲ ଭାବରେ ପାଇଛି । ରାଜ୍ୟ କ୍ୟାରିୟର ପ୍ରିଜନ୍‌ସର୍ଭିସ୍ କାର୍ଯ୍ୟାଳୟ ସୂଚନା ମୁତାବକ ୧୯୮୨ ବନ୍ୟାରେ ବାଙ୍କି ସମ୍ପୂର୍ଣ୍ଣ ଭାବରେ ପାଣି ଘେରରେ ଥାଇ ବାହ୍ୟ ଜଗତ ଠାରୁ ବିଚ୍ଛିନ୍ନ ହୋଇଥିଲା । ସେତେବେଳେ ଏହି ପାରା ସେବା ଦ୍ୱାରା ସ୍ଥିତି ସୁଦୃଢ଼ ହୋଇଥିଲା । ୧୯୪୮ ଏପ୍ରିଲ ୧୩ ତାରିଖରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ସମ୍ବଲପୁରରୁ କଟକ ଦୀର୍ଘ ୪୦୦ କିମି ଦୂରରେ ଥାଇ କଟକ ସ୍ଥିତ ରାଜ୍ୟ ପୁଲିସ୍ ଆଇଜିଙ୍କୁ କିଛି ଜରୁରୀ ସୂଚନା ଚିଠି ମାଧ୍ୟମରେ ପାରାଦ୍ୱାରା ଦେଇଥିଲେ । ଦୀର୍ଘ ପାଞ୍ଚ ଘଣ୍ଟା ପରେ ନେହେରୁଙ୍କ ଚିଠଉ ପୋଲିସ ମୁଖ୍ୟାଳୟରେ ପାରା ମାଧ୍ୟମରେ ପହଞ୍ଚିଥିଲା । ବର୍ତ୍ତମାନ ସୁଦ୍ଧା ଏହି ଘଟଣାକୁ ୭୫ବର୍ଷ ବିତିଯାଇଅଛି । କ୍ରମେ ଡାକସେବା, ଲ୍ୟାଣ୍ଡଲାଇନ୍, ଓୟାରଲେସ୍ ମୋବାଇଲ, ଶେଷରେ ଇଣ୍ଟରନେଟ୍ ସେବାର ଉପଲବ୍ଧି କାରଣରୁ ଧୀରେ ଧୀରେ ଆଉ ପାରାସେବା ଉପଯୋଗୀ ହୋଇପାରୁ ନାହିଁ । ୨୦୦୬ ମସିହାରୁ ଏହା କେବଳ ରାଜ୍ୟ ପୋଲିସ ଉତ୍ସବ ଅନୁଷ୍ଠାନର ଶୋଭା ବୃଦ୍ଧି କରୁଛି । କପୋତମାନଙ୍କୁ ଯେଉଁଠାରେ ଛାଡ଼ିଦେଲେ ବି ସେମାନେ କିପରି ନିଜ ଘରକୁ ଫେରି ଆସିଥାନ୍ତି ?

କୌଣସି କପୋତ ଏଖ ଅଜ୍ଞାତ ସ୍ଥାନରୁ ନିଜ ଘରକୁ ଫେରିବା ପାଇଁ ଦୁଇଟି ଜିନିଷ ଆବଶ୍ୟକ କରିଥାଏ । ଯଥା: ମ୍ୟାପ୍ ସେନ୍‌ସ୍ ଏବଂ କମ୍ପାସ୍ ସେନ୍ସ ।

୧. ମ୍ୟାପ ସେନ୍ସ: ଏଥିରେ କପୋତ ଭୌଗଳିକ ଅବସ୍ଥିତି ବିଷୟରେ ସୂଚନା ପାଇପାରିଥାଏ ।

୨. କମ୍ପାସ୍ ସେନ୍ସ: ଏଥିରେ କପୋତ ଅଜ୍ଞାତ ଯେକୌଣସି ସ୍ଥାନରୁ ନିଜ ବସାକୁ ସଠିକ୍ ଦିଗରେ ଉଡ଼ିପାରିଥାଏ ।

ଲୋକମାନଙ୍କର ବିଶ୍ୱାସ ରହିଛି ଯେ, ଏହି ପକ୍ଷୀ ନିଜ ମୁଣ୍ଡରେ କ୍ଷୁଦ୍ର ଚୁମ୍ବକୀୟ ଟିସୁ (ମ୍ୟାଗ୍ନେଟୋଟୁମାସ୍) ମାଧ୍ୟମରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଅନୁଭବ କରିପାରିବାରେ ସକ୍ଷମ ଅଟନ୍ତି । ସେଥିପାଇଁ ଯେକୌଣସି ସ୍ଥାନରୁ ନିଜ ଘରକୁ ସହଜରେ ଫେରିପାରନ୍ତି ।

## Dave ଏବଂ Pigeon ମଧ୍ୟରେ ପାର୍ଥକ୍ୟ

ଉଭୟ ପ୍ରାୟତଃ ସମାନ । Dave ଏବଂ Pigeon ମଧ୍ୟରେ ରଙ୍ଗର ପାର୍ଥକ୍ୟତା ରହିଛି । ଧଳା କପୋତକୁ ଅଧିକାଂଶ ପାଣ୍ଡୁକ୍ ବା Dave କୁହାଯାଇଥାଏ ।

## କପୋତ ନେଇ ସଙ୍ଗୀତ

କପୋତକୁ ନେଇ ବହୁତ ସଙ୍ଗୀତ ରଚନା କରାଯାଇଅଛି । ଓଡ଼ିଆ-ହିନ୍ଦୀ ଭାଷାରେ କବୁତରକୁ ନେଇ ଅନେକ ଗୀତ ରହିଛି । ସେଥିମଧ୍ୟରୁ 'ମୈନେ ପ୍ୟାର୍ କିୟା' ଫିଲ୍ମର 'କବୁତର ଯା...ଯା...ଯା...' ଗୀତଟି ଆଜି ପର୍ଯ୍ୟନ୍ତ ଲୋକମୁଖରେ ସୁପରହିଟ୍ ଗୀତ ହୋଇ ରହିଅଛି ।

## ପୌରାଣିକ କଥା ତଥା ଜ୍ୟୋତିଷ ଶାସ୍ତ୍ର ଅନୁସାରେ କପୋତ

କପୋତ ମାତା ମହାଲକ୍ଷ୍ମୀଙ୍କର ପ୍ରିୟ ପକ୍ଷୀ ହୋଇଥାଏ । ଏହିପକ୍ଷୀ ଶାନ୍ତ ଓ ସିଧା ସ୍ୱଭାବର ପକ୍ଷୀ ଅଟେ । ଏହିପକ୍ଷୀ କାହାର କିଛି ବି କ୍ଷତି କରି ନଥାଏ । ସେଥିପାଇଁ ଅନେକ ବ୍ୟକ୍ତି ପାରା ପାଳିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ବହୁଥର ଏମିତି ହୋଇଥାଏ ଯେ, ପାରାମାନେ ଆମମାନଙ୍କ ଘରକୁ ଆପଣାଛାଏଁ ଆସିଥାନ୍ତି । ଏହି ଲକ୍ଷଣକୁ ଆମ ଅତ୍ୟନ୍ତ ଶୁଭଲକ୍ଷଣ ବୋଲି ମାନିନେବା ଉଚିତ୍ । କାରଣ, ବିଶ୍ୱାସ ରହିଛି ଯେ, ପାରାମାନେ ଘରକୁ ଆସିବା ଦ୍ୱାରା କମ୍ ସମୟ ମଧ୍ୟରେ ସଫଳତାର ସୂଚନା ମିଳିଥାଏ । ଏହା ପରିବାର ସଦସ୍ୟଙ୍କର ଉନ୍ନତିର ଶୁଭ ସୂଚନା ଅଟେ । ପରିବାର ଭିତରେ ଯଦି କାହାର ଦେହ ଖରାପ ଥାଏ, ତେବେ ପାରାମାନଙ୍କୁ ଖାଇବାକୁ ଦେବା ଦ୍ୱାରା ସେହି ବ୍ୟକ୍ତି ସୁସ୍ଥ ହୋଇଯିବାର ବିଶ୍ୱାସ ରହିଛି । କିନ୍ତୁ କେତେକଙ୍କ ମତରେ ପାରାମାନେ ଘରେ ଅଣ୍ଡାଦେବା ଶୁଭସୂଚକ ନୁହେଁ ବୋଲି ମାନିନିଆଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପାରାମାନଙ୍କୁ ଖାଇବାକୁ ଦେବା ଗୋଟିଏ ଭଲ କାର୍ଯ୍ୟ । ରାହୁଗ୍ରହ, ବୁଧଗ୍ରହ ଏବଂ ବୃହସ୍ପତି ଗ୍ରହଙ୍କ ସହିତ ପାରାମାନଙ୍କର ସମାନତା ରହିଥାଏ । ତେଣୁ ଯଦି ଆମେ ପାରାମାନଙ୍କୁ ଖାଇବାକୁ ଦେବାସହ ସେମାନଙ୍କର ମଳମୂତ୍ର ଇତ୍ୟାଦିର ପରିଷ୍କାର ପରିଚ୍ଛନ୍ନ କରିପାରୁଥିବା ତେବେ ତାହା ବହୁତ ଭଲଫଳ ପ୍ରଦାନ କରିଥାଏ । ଆଧ୍ୟାତ୍ମିକ କାରଣରୁ ପାରାମାନଙ୍କୁ ଖାଇବାକୁ ଦବାକୁ ଅନେକ ଭଲ ପାଇଥାନ୍ତି । ବିଭିନ୍ନ ଧର୍ମାବଲମ୍ବୀ ଲୋକ ଯଥା- ହିନ୍ଦୁ, ମୁସଲମାନ୍ ଏବଂ ଶିଖ୍‌ମାନଙ୍କୁ କପୋତମାନଙ୍କୁ ଖାଇବାକୁ ଦେବାର ଦେଖାଯାଏ । ତେବେ ପାରାମାନଙ୍କୁ ଘରର ଛାତଉପରେ ଖାଇବାକୁ ନଦେଇ ଖୋଲାସ୍ଥାନମାନଙ୍କରେ ଖାଇବା ଦେଲେ ଶୁଭ ମାନି ନିଆଯାଏ ।

## କପୋତ କାହାର ପ୍ରତୀକ

କପୋତ ଓ ମନୁଷ୍ୟ ପ୍ରାୟ ୫୦୦୦ ବର୍ଷରୁ ପୁରୁଣା ନିକଟତର ଭାବେ ରହିଆସିଛନ୍ତି । କପୋତକୁ ସନ୍ଦେଶ ବା ବାର୍ତ୍ତା ପ୍ରଦାନର ମୁଖ୍ୟ ପରିବାହକ ଭାବରେ ବିବେଚନା କରାଯାଇଛି । ଏହି ପକ୍ଷୀ ସେମାନଙ୍କ ପ୍ରଥମ ପକ୍ଷୀ ପ୍ରଜାତି ମଧ୍ୟରୁ ଗୋଟିଏ ଯିଏକି, ମାନବ ଦ୍ୱାରା ପ୍ରାଚୀନ କାଳରୁ ଗୃହୀତ ହୋଇଥିଲା । ପୌରାଣିକ ଯୁଗରୁ ଏହି ପକ୍ଷୀକୁ ଉର୍ବରତା, ସମୃଦ୍ଧତା ଭାଗ୍ୟ ଏବଂ ଭାଗ୍ୟ ପରିବର୍ତ୍ତନର ପ୍ରତୀକାତ୍ମକ । ଏହି ପକ୍ଷୀ ସ୍ଥିରତା, ସମନ୍ୱୟ ଏବଂ ସୁସ୍ଥତା, ଦୟା, କ୍ଷମା ଓ ସ୍ୱାଧୀନତାର ପ୍ରତୀକ ଅଟେ । କେତେକ କପୋତ ଯୁଦ୍ଧ ଭେଟେରାନ୍ ଅଟନ୍ତି । ଧଳା କପୋତକୁ 'ଶାନ୍ତି କପୋତ' କୁହାଯାଏ । ଧଳା କପୋତ ତାହାର ସୁବର୍ଣ୍ଣ ଇତିହାସରେ ବାର୍ତ୍ତାଦେଇ ଅନେକ ଲୋକଙ୍କ ଜୀବନ ରକ୍ଷା ସହ ଅନେକ ପ୍ରେମୀଯୁଗଳଙ୍କୁ ମଧ୍ୟ ଏକାଠି କରିଅଛି । ପଶ୍ଚିମ ଏସିଆର ଲେଭେଣ୍ଟରରେ ପ୍ରାଚୀନ କାଳରେ କପୋତକୁ କିଣାନୀୟ ଦେବୀ ଆଶେରାର ପ୍ରତୀକ ଭାବରେ ପୂଜା କରାଯାଉଥିଲା । ପ୍ରାଚୀନ ଗ୍ରୀକ୍ ଶାସ୍ତ୍ରରେ କପୋତମାନେ ଗ୍ରୀକ୍ ଦେବୀ 'ଆଫ୍ରେଡାଇଟ୍' ପାଇଁ ପବିତ୍ର ବିବେଚିତ ହୋଇଥିଲେ । ହିନ୍ଦୁପୁରାଣ ଅନୁଯାୟୀ କପୋତକୁ ମହାନ କାମଦେବଙ୍କ ପତ୍ନୀ ପ୍ରେମ ଏବଂ ସୌନ୍ଦର୍ଯ୍ୟର ଦେବୀ ରତିଙ୍କର ବାହନ ଭାବରେ ବିବେଚନା କରାଯାଏ ।

## କପୋତ

କଳମ୍ବିଡ଼ା ପରିବାରର ସାଧାରଣ ପକ୍ଷୀ ହେଉଛି କପୋତ ଭାରତରେ ୭ ପ୍ରଜାତିର ପାରା (Dove) , ୪ ପ୍ରଜାତିର କପୋତ (Pigeon) ଏବଂ ୧୦ ପ୍ରଜାତିର ସବୁଜ କପୋତ ରହିଛନ୍ତି । ଯଥା-

୧. Laughing Dove (ହସୁଥିବା କପୋତ)
୨. Common Emerald Dove (ସାଧାରଣ ଏମ୍ରଲା)
୩. Spotted Dove (ଦାଗଯୁକ୍ତ କପୋତ)
୪. Oriental Turtle Dove (ପୂର୍ବାଞ୍ଚଳ କଇଁଚକପୋତ)

୫. Red Collared Dove (ଲାଲ୍ କଲର୍ କପୋତ)
୬. Eurasian Collared Dove (ୟୁରାସିଆନ୍ କପୋତ)
୭. Nilgiri Wood Pigeon (ନୀଳଗିରି କପୋତ)
୮. Nicobar Pigeon (ନିକୋବର କପୋତ)
୯. Rock Dove (ରକ୍‌ଡୋଭ୍ / ପଥର କପୋତ)
୧୦. Common Wood Pigeon (ସାଧାରଣ କାଠ କପୋତ)
୧୧. Mauntain Imperial Pigeon (ପର୍ବତ-ସାମ୍ରାଜ୍ୟ କପୋତ)

## ଭାରତୀୟ କପୋତ

ଭାରତରେ କପୋତ ପରିବାରରେ କେତେକ ସୁନ୍ଦର ପ୍ରଜାତିର ପକ୍ଷୀ ଅଛନ୍ତି । ଯାହା କିଛି କମ୍ ଅଞ୍ଚଳରେ ବହୁତ ସାଧାରଣ କିନ୍ତୁ କମ୍ ଜଣାଶୁଣା । କପୋତ ହେଉଛି କିଲମ୍ବିଡ଼ା ପରିବାରର ସାଧାରଣ ପକ୍ଷୀ । ଭାରତରେ ୭ ପ୍ରଜାତିର ପାରା (Dove) ୪ ପ୍ରଜାତିର (Pigeon) କପୋତ ଏବଂ ୧୦ ପ୍ରକାରର ସବୁଜ କପୋତ ଅଛନ୍ତି । ଭାରତରେ ୩୦୦ରୁ ଅଧିକ ପ୍ରଜାତିର କପୋତ ବାସକରନ୍ତି । ବିଭିନ୍ନ ରଙ୍ଗର କପୋତ ଯେପରିକି ଧଳା, କଳା, ଧୂସର ଇତ୍ୟାଦି । ଧଳା ରଙ୍ଗର କପୋତକୁ ଶାନ୍ତିର ପ୍ରତୀକ ମାନିନିଆଯାଏ । ସେଥିମଧ୍ୟରୁ Laughing Dove, Common Emerald Dove, Spotted DOve, Oriental Turtle Dove, Red Collared Dove, Eurasian Collared Dove, Nilgiri Wood Pigeon, Nicobar Pigeon, Rock Dove Common Wood Pigeon, Mourtain Imperial Pigeon Yellow fotted green Dove ଅନ୍ୟତମ ।

## ହସୁଥିବା କପୋତ

ହସୁଥିବା କପୋତ ହେଉଛି କପୋତର ସବୁଠାରୁ ସାଧାରଣ ପ୍ରଜାତି, ଏହା ଭାରତୀୟ ଉପମହାଦେଶର ବାସିନ୍ଦା । ଏହି ଛୋଟ ବାଦାମୀ କପୋତ ସେନେଗାଲ୍ କପୋତ ଭାବରେ ଜଣାଶୁଣା । ଏହି ପ୍ରଜାତିର ବୈଜ୍ଞାନିକ ନାମ ସ୍ପିଲୋପେଲିଆ ସେନେଗାଲେନ୍‌ସିସ୍ (Spillopelia Senegalensis) ।

## The Common emerald Dove (ସାଧାରଣ ମୃତ୍ତିକା କପୋତ)

ସାଧାରଣ ମୃତ୍ତିକା କପୋତ ହେଉଛି ଏକ ସବୁଜ ରଙ୍ଗର କପୋତ । ଯାହା ସବୁଜ କପୋତ ବା ସବୁଜ ଡେଣା ବିଶିଷ୍ଟ କପୋତ ଭାବରେ ଜଣାଶୁଣା । କିନ୍ତୁ ପ୍ରକୃତରେ ସବୁଜ କପୋତ ନୁହେଁ । ଏମେରାଲ୍ଡ କପୋତ ତାମିଲନାଡୁର ରାଜ୍ୟପକ୍ଷୀ ଏବଂ ଅନ୍ୟ ପ୍ରଜାତିର କପୋତ ପରି ସେମାନେ ସାଧାରଣତଃ ଯୋଡ଼ି କିମ୍ବା ଛୋଟ ଦଳରେ ଦେଖାଯାଆନ୍ତି ।

## Spotted Dove (ଦାଗଯୁକ୍ତ କପୋତ)

ଦାଗଯୁକ୍ତ କପୋତ ଭାରତର ଅନ୍ୟ ଏକ ସାଧାରଣ ବାସିନ୍ଦା । ଯାହା ଭାରତୀୟ ଉପମହାଦେଶରୁ ଦକ୍ଷିଣପୂର୍ବ ଏସିଆ ପର୍ଯ୍ୟନ୍ତ ମିଳିଥାଏ । ହସୁଥିବା କପୋତ ଏବଂ କଲରକପୋତ ସହିତ ଜଙ୍ଗଲଜମି, ସ୍କ୍ରବ୍, ଚାଷଜମି ଏବଂ ବାସସ୍ଥାନ ସହିତ ବିଭିନ୍ନ ସ୍ଥାନରେ ଦେଖାଯାଏ । ଏହାର ବୈଜ୍ଞାନିକ ନାମ ସ୍ପିଲୋପେଲିଆ ଚିନାସିସ୍ (Spillopeliachirersis)

## Oriental Turtle Dove (କଇଁଚ କପୋତ)

ଓରିଏଣ୍ଟାଲ୍ କଇଁଚ କପୋତ, ମଞ୍ଜି, ସୂର୍ଯ୍ୟମୁଖୀ, ଗହମ, ମିଲେଟ୍ ଅମୃତ, ଅମୃତ ଭଣ୍ଡା ଆଦି ଖାଇଥାଏ । ଏହି କଇଁଚ କପୋତର ୟୁରୋପର ଭାରତ ପର୍ଯ୍ୟନ୍ତ ବିସ୍ତୃତ ବିତରଣ ପରିସର ଅଛି ।

## Red Collored (ନାଲିରଙ୍ଗର କପୋତ)

ନାଲି ରଙ୍ଗର କପୋତ ହେଉଛି ଏକ ଛୋଟ କପୋତ ପକ୍ଷୀ । ଯାହାକୁ ନାଲିରଙ୍ଗ କଇଁଚ କପୋତ ପକ୍ଷୀ ମଧ୍ୟ କୁହାଯାଏ । ଯାହା ଦେଖିବାକୁ ଫିକା ବାଦାମୀ ରଙ୍ଗ, ରେଡ୍ କଲର କପୋତ ହେଉଛି ଏକ ଛୋଟ ପ୍ରଜାତିର କପୋତ । ଏହା ପଞ୍ଜାବର ସବୁଠାରୁ ସାଧାରଣ କପୋତ ।

## Eurasian Collared Dove (ୟୁରସିଆନ୍ କଲରଡ୍ କପୋତ)

Eurasian Collared Dove ଏକ ବୃହତ୍ତ ଆକାରର କପୋତ ପ୍ରଜାତି । ଯାହା ଭାରତ ୟୁରୋପ ଏବଂ ଏସିଆର ମାନବ ବାସସ୍ଥାନର ନିକଟରେ ପକ୍ଷୀ ।

## Nilgiri Woood Pigeon (ନୀଳଗିରି କପୋତ)

ନୀଳଗିରି କାଠ କପୋତ ପଶ୍ଚିମଘାଟ ଜଙ୍ଗଲ ଏବଂ ଶୋଲାରେ ମିଳିଥାଏ । ନୀଳଗିରି କାଠ କପୋତ ଛୋଟ ଦଳରେ ପଶ୍ଚିମଘାଟରେ ଦେଖାଯାଆନ୍ତି ।

## Nicobar Pigeon (ନିକୋବର କପୋତ)

ନିକୋବର କପୋତ ଗୁଡ଼ିକ ଭାରତର ସବୁଠାରୁ ସୁନ୍ଦର ଏବଂ ବଡ଼ କପୋତ । ଆଣ୍ଡାମାନ ଛୋଟ ଦ୍ୱୀପରୁ ନିକୋବର ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ପଲପଲ ହୋଇ ବୁଲିଥାନ୍ତି । ଏହି କପୋତ ଗୁଡ଼ିକୁଖାଦ୍ୟ ପାଇଁ ଶୀକାର କରାଯାଉଥିବାରୁ ଏହା ବିପଦଜନକ ପ୍ରଜାତି ଭାବେ ତାଲିକାଭୁକ୍ତ ।

## Common Pigeon/Rock Dove (ସାଧାରଣ କପୋତ)

ସାଧାରଣ କପୋତ ଗୁଡ଼ିକ ପଥର କପୋତ ଭାବରେ ଜଣାଶୁଣା । ଭାରତର ଦେଖାଯାଉଥିବା ବ୍ଲାକ୍‌ବାର ଫେରାଲ୍ କପୋତ ଏବଂ ପଥର କପୋତ ବା ସାଧାରଣ ଧୂସର କପୋତ ବର୍ଷରେ ଯେକୌଣସି ସମୟରେ ପ୍ରଜନନ କରିଥାନ୍ତି । ଏହା ଏକ ସର୍ବଭାରତୀୟ କପୋତ ଅଟେ । ଏହି ପକ୍ଷୀ ସବୁଠାରୁ ପ୍ରାଚୀନ ପାଳିତ ପକ୍ଷୀ ଭାବେ ପ୍ରସିଦ୍ଧ ।

## Common Wood Pigeon (ସାଧାରଣ କାଠ କପୋତ):

ସାଧାରଣ କାଠ କପୋତ କପୋତ ପରିବାରର ଏକ ବୃହତ୍ତ ପ୍ରଜାତି । ଏହା ଜଙ୍ଗଲର ଗଛରେ ପ୍ରଜନନ କରିଥାଏ । ପିମ୍ପୁଡ଼ି ପୋକଯୋକ ଇତ୍ୟାଦି ଖାଇଥାଏ । ଏହି କପୋତ ଉତ୍ତର-ପଶ୍ଚିମ ଭାରତ ଏବଂ ନେପାଳରେ ଦେଖିବାକୁ ମିଳେ । ଇତିହାସରେ ଏହି ପକ୍ଷୀ 'Ring Dove' ନାମରେ ପ୍ରସିଦ୍ଧ ଥିଲା । ଦକ୍ଷିଣ-ପୂର୍ବ ଇଂଲଣ୍ଡ ଅଞ୍ଚଳରେ ଏହା 'କୁଲଭର' ନାମରେ ଜଣାଶୁଣା । ଏହାର ଲମ୍ବ ୩୮୭ରୁ ୪୪.୫ସେ.ମି.ଏବଂ ଓଜନ ପ୍ରାୟ ୩୦୦-୬୧୫ଗ୍ରାମ ।

## Mountain Imperial Pigeon (ଡୁକୁଲାବାଡ଼ିଆ)

ଏହି କପୋତକୁ ହଡ୍‌ସନ୍‌ଙ୍କ ସାମ୍ରାଜ୍ୟ କପୋତ କିମ୍ବା ମାରୁନ୍ ସାମ୍ରାଜ୍ୟ କପୋତ (Maroon-backed Imperial Pigeon) କୁହାଯାଏ । ଏମାନଙ୍କର ଛୋଟ ବେକ, ପତଳା ଥଣ୍ଟ ସହିତ ମାଂସଯୁକ୍ତ ଷ୍ଟଉଟ ବଢ଼ି ରହିଅଛି । ଏମାନେ ମୁଖ୍ୟତଃ ମଞ୍ଜିଫଳ ଏବଂ ଉଦ୍ଭିଦ ଖାଇଥାନ୍ତି ।

## Treron is a gerus bird (ଟ୍ରେରନ୍ ପକ୍ଷୀ)

କପୋତ ପରିବର କଲମ୍ବିଡ଼ାରେ ଟ୍ରେରନ୍ ପକ୍ଷୀ ଏକ ବଂଶ । ଏହାର ବଂଶଧରମାନଙ୍କୁ ସାଧାରଣତଃ green Pigeon ବା ସବୁଜ କପୋତ କୁହାଯାଏ । ଏହି ବଂଶ ଏସିଆ ଏବଂ ଆଫ୍ରିକାରେ ଦେଖାଯାଆନ୍ତି । ଟ୍ରେରନ୍ ବଂଶ ୩୦ଟି ପ୍ରଜାତି ଧାରଣ କରିଥାଏ । ସେମାନଙ୍କର ସବୁଜ ରଙ୍ଗ ପାଇଁ ସେମାନେ ଅନନ୍ୟ ଅଟନ୍ତି । ସବୁଜ କପୋତ ବିଭିନ୍ ଫଳ, ବାଦାମ ଏବଂ ମଞ୍ଜି ଖାଇଥାନ୍ତି । ଏହି କପୋତମାନେ ପ୍ରାୟତଃ ଗଛରେ ରୁହନ୍ତି । ବଂଶର ସଦସ୍ୟମାନଙ୍କୁ ଲମ୍ବା ଲାଞ୍ଜ, ମଧ୍ୟମ ଲାଞ୍ଜ ଏବଂ ୱେଜ୍ ଆକୃତିର (Wedge Shaped) ଲାଞ୍ଜସହିତ ବିଭିନ୍ନ ପ୍ରଜାତିରେ ବିଭକ୍ତ କରାଯାଇଥାଏ । ଅଧିକାଂଶ ପ୍ରଜାତିର ସବୁଜ କପୋତ ସେକ୍ସୁଆଲ ଡିମୋର ଫିଜମ୍ (Sexual dimorphison) ପ୍ରଦର୍ଶନ କରନ୍ତି । ଯାହାଦ୍ୱାରା ପୁରୁଷ ଓ ସ୍ତ୍ରୀମାନେ ବିଭିନ୍ନ



ରଙ୍ଗର ପୁ୍ସ ଦ୍ୱାରା ସହଜରେ ପୃଥକ୍ ହୋଇପାରନ୍ତି । ସରିସ୍କା ଅଭୟାରଣ୍ୟରେ ସବୁଜ କପୋତ ଦେଖିବାକୁ ମିଳିଥାନ୍ତି । ସରିସ୍କା ଜାତୀୟ ଉଦ୍ୟାନ ବଙ୍ଗଳାବାଘର ମୁଖ୍ୟ ଆକର୍ଷଣ ପାଇଁ ପ୍ରାୟତଃ ପ୍ରସିଦ୍ଧ । ୧୯୫୫ରେ ସରିସ୍କା ଅଭୟାରଣ୍ୟକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା । ଏହି freen Pugeon (ସବୁଜ କପୋତ)ମାନଙ୍କ ମଧ୍ୟରେ ୧-Yello-Footed green (ହଳଦିଆ ପାଦଯୁକ୍ତ ପାରା) ୨- Orange ୩- breasted Green Pigeon (କମଳା-ସ୍ତନଯୁକ୍ତ ପାରା), ୪- Thick-billed green Pigeon (ମୋଟା ଥଣ୍ଟ ଥିବା ସବୁଜ କପୋତ) ୫- Imperial Green Pigeon (ସାମ୍ରାଜ୍ୟ କପୋତ), ୬- Grey-Fronted Green Plgeon (ଧୂସର ସାମ୍ନୁଖ୍ୟ ସବୁକ କପୋତ), ୭-Ashy headed Green Plgeon (ଆଶି ମୁଣ୍ଡିଆ ସବୁଜ କପୋତ) ୮- Wedge-taild Green Pigeon (ୱେଜଲାଞ୍ଜ ବା ଭି-ଆକୃତିର ଲାଞ୍ଜଥିବା କପୋତ), ୯- Andaman Green Pigeon (ଆଣ୍ଡାମାନ ସବୁଜ କପୋତ), ୧୦- White bellied green plgeon (ଧଳା ରଙ୍ଗଯୁକ୍ତ ସବୁଜ କପୋତ)

ଏହି ୧୦ ପ୍ରକାରର ସବୁଜ କପୋତମାନଙ୍କ ବିଷୟରେ ଜଣାଯାଏ ।

## Low Footed green pigeon (ହଳଦିଆ ପାଦଯୁକ୍ତ କପୋତ)

ହଳଦିଆ ପାଦଯୁକ୍ତ ସବୁଜ କପୋତ, Treron Phoeni Copterus (ଟ୍ରେରନ୍ ଫୋନି କୋପଟରସ୍) ବୈଜ୍ଞାନିକ ନାମରେ ପ୍ରସିଦ୍ଧ । ଏହା ଭାରତୀୟ ଉପମହାଦେଶ ତଥା ଦକ୍ଷିଣ ପୂର୍ବ ଏସିଆର କିଛି ଅଂଶରେ ଦେଖାଯାଉଥିବା ଏକ ସାଧାରଣ ପ୍ରଜାତି ଅଟେ । ଏହା ମହାରାଷ୍ଟ୍ରର ରାଜ୍ୟପକ୍ଷୀ । ମରାଠୀରେ ଏହି ପକ୍ଷୀକୁ 'ହରୋଲି' ବା 'ହରିୟାଲ' କୁହାଯାଏ । ଉପର ଆସାମରେ ଏହାକୁ 'ହଇଥା' ଓ ଲୋୟର ଆସାମରେ 'ହାଇଟୋଲ୍' ଭାବରେ ଜାଣନ୍ତି । ପ୍ରଭାତରେ ଏହି ପକ୍ଷୀମାନେ ଘଞ୍ଚ ଜଙ୍ଗଲରେ ଗଛର ଶିଖରରେ ଉଦୀୟମାନ ସୂର୍ଯ୍ୟଙ୍କ କିରଣରେ ବସିଥିବାର ଦଖାଯାଏ । ସରିସ୍କା ଅଭୟାରଣ୍ୟରେ ସବୁଜ କପୋତ ଦେଖିବାକୁ ମିଳେ । ସରିସ୍କା ଜାତୀୟ ଉଦ୍ୟାନ ବାଘର ମୁଖ୍ୟ ଆକର୍ଷଣ ପାଇଁ ପ୍ରାୟତଃ ପ୍ରସିଦ୍ଧ । ୧୯୫୫ରେ ସରିସ୍କାକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା । ହଳଦିଆ ପାରା ବିଷୟରେ ଜଣାଯାଏ କି ଏହି ପକ୍ଷୀ ମାଟି ଉପରେ ବସୁନଥିବା ଭାରତରେ ମହାରାଷ୍ଟ୍ର ରାଜ୍ୟର ରାଜକୀୟପକ୍ଷୀ ଅଟେ । ଏହି ପକ୍ଷୀ କେବେ ମାଟି ଉପରେ ବସିନଥାଏ । ଯଦି ବସିଥାଏ ପାଦରେ ଗୋଟିଏ ବାଡ଼ି ଧରି ତା ଉପରେ ବସିଥାଏ ।ଏହି ପକ୍ଷୀର ଆକାର ୨୦ସେମିରୁ ଆରମ୍ଭ କରି ୩୩ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ । ଏହାର ଓଜନ ୨୨୫ ଗ୍ରାମରୁ ୨୬୦ ଗ୍ରାମ୍ସିତରେ ହୋଇଥାଏ । ଏହାର ଡେଣାର ଲମ୍ବ ୧୭ରୁ ୧୯ ସେମି ହୋଇଥାଏ । ଏମାନଙ୍କର ଶରୀରର ରଙ୍ଗ ହାଲ୍‌କା ସବୁଜ ଓ ହଳଦିଆ ହୋଇଥାଏ । ଏହାର ମୁଣ୍ଡ ଉପରେ ନୀଳ ରଙ୍ଗର ଛୋଟ ଛୋଟ ଚୁଟି ରହିଥାଏ । ଏମାନଙ୍କର ଆଖିକଳାରଙ୍ଗର ଏବଂ ଏହାର ଚାରିପାଖରେ ଲାଲ୍ ରଙ୍ଗର ଗୋଲେଇ ରହିଥାଏ । ହରିୟଲ ପକ୍ଷୀ ସବୁବେଳେ ଜଙ୍ଗଲର ଉଚ୍ଚାଉଚ୍ଚା ଗଛରେ ବସା ବାନ୍ଧିବାକୁ ଭଲ ପାଇଥାନ୍ତି । ଡିମ୍ବିରିଫଳକୁ ଖାଇବାକୁ ଭଲପାଆନ୍ତି । ଖାଦ୍ୟ ଅନ୍ୱେଷଣରେ ଏମାନେ ସହରର ପାର୍କରେ ମଧ୍ୟ ଦେଖା ଯାଆନ୍ତି । ଏହି ପକ୍ଷୀଙ୍କ ସଂଗଠନ(ଦଳ) ଛୋଟ ହୋଇଥାଏ । ୫ରୁ ୧୦ କପୋତଙ୍କର ଦଳ ହୋଇଥାଏ । IUCN (International Union for Conservation of Nature) ଇଣ୍ଟରନ୍ୟାସନାଲ ୟୁନିୟନ୍ ଫର୍ କନ୍‌ଭର୍ସନ ଅଫ୍ ନେଚର୍ ହରିୟଲ୍ ପ୍ରଜାତି ଗୁଡ଼ିକୁ ବିଲୁପ୍ତ ପ୍ରାୟ ପ୍ରଜାତିର ଅନ୍ତର୍ଭୁକ୍ତ କରିଛି ।

## Orange-Breasted Green Pigon (କମଳାସ୍ତନ ଯୁକ୍ତ ସବୁଜ କପୋତ)

କମଳାସ୍ତନ ଯୁକ୍ତ ସବୁଜ କପୋତ Treronbicirctus (ଟ୍ରେରନ ବାଇକକିନ୍ତୁ କପୋତ ହିମାଳୟର ଦକ୍ଷିଣରେ ଥିବା ଟ୍ରପିକାଲ ଏସିଆରେ ଭାରତୀୟ ଉପମହାଦେଶ ଏବଂ ଦକ୍ଷିଣପୂର୍ବ ଏସିଆର କିଛି ଅଂଶରେ ଦେଖିବାକୁ ମିଳିଥାନ୍ତି । ଅନ୍ୟ ସବୁଜ କପୋତମାନଙ୍କ ପରି ଏହା ମୁଖ୍ୟତଃ ଛୋଟ ଫଳ ଖାଇଥାଏ । ଏଗୁଡ଼ିକ ଯୋଡ଼ି କିମ୍ବା ପଲରେ ଦେଖା ଯାଆନ୍ତି । ଗଛ ଉପରେ ଧୀରେ ଧୀରେ ଗତି କରନ୍ତି । ନୀଳ-ଧୂସର ଏବଂ ମୁକୁଟ ହଳଦିଆ କଭର ଏବଂ ବ୍ରୋଞ୍ଜ ରଙ୍ଗଯୁକ୍ତ । ଏହାର ଉଡ଼ାଣ ଦୃତ । ପୁରୁଷ ପକ୍ଷୀର ଉପର ସ୍ତନରେ ଗୋଲାପୀ ରଙ୍ଗର ବ୍ୟାଣ୍ଡ ରହିଛି ଏବଂ ତଳେ ଏକ ପ୍ରଶସ୍ତ କମଳା ରଙ୍ଗ ଥିବାବେଳେ ମହିଳାମନଙ୍କର ଉଜ୍ଜ୍ୱଳ ହଳଦିଆ ସ୍ତନ ଅଛି । ଓଡ଼ିଶାରେ ଏହା





ହରଡ଼ା ଖାଇ ଭାବରେ ଜଣାଶୁଣା ।

## Thick-billed Green Pigeon (ମୋଟା ବିଲ୍‌ଯୁକ୍ତ ସବୁଜ କପୋତ)

ମୋଟାବିଲ୍ ହୋଇଥିବା ସବୁଜକପୋତ (Treron Curvirostra) କଲମ୍ବାଇଡ଼ ପରିବାରର ଏକ ପ୍ରଜାତି ପକ୍ଷୀ । ଏଲି କପୋତକୁ ୩୦ଟି ପ୍ରଜାତି କପୋତ ମଧ୍ୟରେ ରଖାଯାଇଛି । ଅନ୍ୟ ସବୁଜ କପୋତମାନଙ୍କ ତୁଳନାରେ ଏହା ଛୋଟ । ଏହା ୨୬ ସେମି ବା ୧୦ ଇଞ୍ଚରୁ କମ୍ । ଲାଲ ଆଧାରରେ ମୋଟା ନୀଳ-ସବୁଜ ରଙ୍ଗଯୁକ୍ତ । ଏହାର ଆଖିରେ ରିଙ୍ଗ୍ ଧୂସର ମୁକୁଟ ଏବଂ ମୋଟା ଫିକା ସବୁଜ ରଙ୍ଗର ବିଲ୍ ରହିଛି । ଉଭୟ ଲିଙ୍ଗର ପକ୍ଷୀଙ୍କର ଜଙ୍ଘ ଗାଢ଼ ସବୁଜ ଅଟେ । ଏମାନେ ଭାରତୀୟ ଉମମହାଦେଶ ଏବଂ ଦକ୍ଷିଣ ପୂର୍ବ ଏସିଆର ପୂର୍ବ ଅଞ୍ଚଳରେ ପୂର୍ବ ହିମାଳୟ ଠାରୁ ବାର୍ନୋଏବଂ ସୁମାତ୍ରା ପର୍ଯ୍ୟନ୍ତ ଦେଖାଦେଇଥାନ୍ତି । ଏମାନେ ମଧ୍ୟ ଡିମ୍ବିର ଫୁଲ ଖାଇବାକୁ ଭଲ ପାଇଥାନ୍ତି ।

## Imperial Oreen Pigeon (ସାମ୍ରାଜ୍ୟ କପୋତ)

ସାମ୍ରାଜ୍ୟ କପୋତ କଲମ୍ବାଇଡ଼ା ପରିବାରର ଏକ ବଂଶ । ଏହି କପୋତ ଡୁକୁଲା କପୋତ ଭାବରେ ଜଣାଶୁଣା । ଏହି କପୋତ ଗୁଡ଼ିକ ସାଧାରଣତଃ ବଡ଼ ଆକାରର । ଏହା ଲାଞ୍ଜ ଲମ୍ବା ହୋଇଥିବା ବେଳେ ଏମାନେ ମୁଖ୍ୟତଃ ଫଳ ଖାଇଥାନ୍ତି ଏବଂ ଜଙ୍ଗଲରେ ରହିଥାନ୍ତି । ନେପାଳ, ଦକ୍ଷିଣ ଭାରତ ଏବଂ ଶ୍ରୀଲଙ୍କା ଠାରୁ ପୂର୍ବ ଚୀନ ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ପର୍ଯ୍ୟନ୍ତ ପରିସର ମଧ୍ୟରେ ଏମାନେ ଦେଖା ଦେଇଥାନ୍ତି ।

## Pin-taild green Pigeon (ପିନ୍ ଲାଞ୍ଜର ସବୁଜ କପୋତ)

ଦକ୍ଷିଣ ପୂର୍ବ ଏସିଆର କଲମ୍ବିଡ଼ା ପରିବାରର ପିନ୍ ଲାଞ୍ଜ ସବୁଜ କପୋତ ହେଉଛି ଏକ ପ୍ରଜାତିର ପକ୍ଷୀ । ଏହା ଏକ ମଧ୍ୟମ ଆକାରର କପୋତ । ଯାହାର ହାରାହାରି ଓଜନ ୧୮୫-୧୮୮ ଗ୍ରାମ । ପୁରୁଷ କପୋତ ୩୨-୩୬ ସେ.ମି. ଏବଂ ମହିଳା ସାଧାରଣତଃ ୨୮ ସେମି । ଏହା ହଳଦିଆ ସବୁଜ, ଗାଢ଼ ସବୁଜ, କଳା ରଙ୍ଗ ଯୁକ୍ତ । ଗୋଡ଼ ଏବଂ ପାଦ ଉଜ୍ଜ୍ୱଳ ଲାଲ- ଗୋଲାପୀ ରଙ୍ଗର ଏବଂ ନାରୀମାନେ ହଳଦିଆ ରଙ୍ଗ ଯୁକ୍ତ । ଏମାନେ ବାଂଲାଦେଶ, ଭୁଟାନ, ଚୀନ, ମିଆଁମାର, ନେପାଳ ଏବଂ ଥାଇଲାଣ୍ଡରେ ଦେଖିବାକୁ ମିଳନ୍ତି । ଲାଇସ୍ ଏବଂ ଭିଏସନାମର ପର୍ବତରେ ଦେଖାଯାଆନ୍ତି ।

## Grey Fronted Green Pigeon (Treron affinis) (ଧୂସର ସାମ୍ମୁଖ୍ୟ କପୋତ)

ଧୂସର ସାମ୍ମୁଖ୍ୟ କପୋତ ଟ୍ରେରନ ବଂଶର ଏକ କପୋତ । ଏହା ଭାରତର ପଶ୍ଚିମଘାଟ ଜଙ୍ଗଲରେ ଦେଖିବାକୁ ମିଳିଥାନ୍ତି । ଅନେକ କର୍ତ୍ତୃପକ୍ଷ ପାମ୍ପୋଡ଼ର ସବୁଜ କମ୍ପ୍ଲେକ୍ସ ପ୍ରଜାତି ଗୁଡ଼ିକୁ ବିଭକ୍ତ କରିଛନ୍ତି । ପୁରୁଷ ପକ୍ଷୀର ଲାଲ୍ ରଙ୍ଗର ପୋଷାଥିଲା ବେଳେ ମହିଳା ପକ୍ଷୀର ସବୁଜ ପୋଷା ରହିଥାଏ । ଧୂସର ସାମ୍ମୁଖ୍ୟ କପୋତ ସାଧାରଣତଃ ଏକକ କିମ୍ବା ଛୋଟ ଦଳରେ ଦେଖାଯାଆନ୍ତି । ଏହାର ଉଡ଼ାଣ ଦୃତ ଅଟେ । ଏହା ବିଭିନ୍ନ ପ୍ରକାରର ମଞ୍ଜି ଏବଂ ଫଳ ଖାଇଥାଏ । ଏହା ଗଛରେ ବାଡ଼ିବସା ନିର୍ମାଣ କରି ରହିଥାଏ ।

## Wedge-tailed green pigeon (ୱେଜ୍‌ଲାଞ୍ଜ ବା ଭି-ଆକୃତିର ଲାଞ୍ଜଥିବା ସବୁଜ କପୋତ)

ୱେଜ୍ ଲାଞ୍ଜର ସବୁଜ କପୋତ କିମ୍ବା କୋକଲା ସବୁଜ କପୋତ (Treron Sphenurus) କଲମ୍ବାଇଡ଼େ ପରିବାରର ଏକ ପ୍ରଜାତି ପକ୍ଷୀ । ୱେଜ ଆକୃତିର ଲାଞ୍ଜ ସହିତ ସବୁଜ ହଳଦିଆ ରଙ୍ଗ, ମୁକୁଟ କମଳାରଙ୍ଗର ପୁରୁଷମାନଙ୍କ ପିଠିରେ ପରିବର୍ତ୍ତନ ଶୀଳ ମେରୁନ୍ ରଙ୍ଗଥାଏ । ମାଲେସିଆ ମିଆଁମାର, ନେପାଳ, ଥାଇଲ୍ୟାଣ୍ଡ, ତିବ୍ବତ ଏବଂ ଭିଏତନାମ ମଧ୍ୟରେ ଅବସ୍ଥିତ ଏହାର ପ୍ରାକୃତିକ ବାସସ୍ଥାନ ହେଉଛି, ସବଟ୍ରପିକାଲ କିମ୍ବା ଟ୍ରପିକାଲ୍, ଆର୍ଦ୍ର ନିମ୍ନଭୂମି ଜଙ୍ଗଲ ଏବଂ ମୋଣ୍ଟେନ ଜଙ୍ଗଲ ।

## Andaman Green Piseon (Treron Chloropterus)

ଆଣ୍ଡାମାନ୍ ସବୁଜ କପୋତ ଟ୍ରେରନ୍ ବଂଶର ଏକ କପୋତ । ଏହା ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ଦେଖିବାକୁ ମିଳନ୍ତି । ଏହି ପ୍ରଜାତି ଗୁଡ଼ିକ ମଧ୍ୟ ପାମ୍ପୋଡ଼ର ସବୁଜକପୋତ କମ୍ପ୍ଲେକ୍ସରୁ ବିଭକ୍ତ କରାଯାଇଛି । ୨୦୧୪ ଜୁଲାଇ ମାସରେ ଏହା ଆନ୍ତର୍ଜାତୀୟ ୟୁନିଅନ୍ ଫର ପ୍ରକୃତି ସଂରକ୍ଷଣ (IUCN) ରୁ ୨୦୧୪ ରେଡ୍ ତାଲିକାରେ ଯୋଡ଼ି ହୋଇଅଛି ।

## White -bellied green pigeon (ଧଳାରଙ୍ଗଯୁକ୍ତ ସବୁଜ କପୋତ)

ଧଳା ରଙ୍ଗଯୁକ୍ତ ସବୁଜ କପୋତ (Treron Sicboldii) କଲମ୍ବିଡ଼ା ପରିବାରର ଏକ ପ୍ରଜାତିର ପକ୍ଷୀ । ଏହାଚୀନ, ଜାପାନ, ଦକ୍ଷିଣ କୋରିଆ ଲାଓସ୍ ରୁଷିଆ, ତାଇୱାନ, ଥାଇଲ୍ୟାଣ୍ଡ, ଭାରତ ଏବଂ ଭିଏତନାମରେ ଦେଖିବାକୁ ମିଳେ । ଏହାର ପ୍ରାକୃତିକ ବାସସ୍ଥାନ ମଧ୍ୟମ ଜଙ୍ଗଲ ଅଟେ । ଲୁଣିଆ ପାଣି ପିଇବାର ଅସାଧାରଣ ଅଭ୍ୟାସ ପାଇଁ କପୋତଟି ଜଣାଶୁଣା ଜାପାନର କାନାଗାୱା ଜିଲ୍ଲାର ଟେରୁଗାସାକିରେ ଏମାନେ ବେଶ୍ ପରିଚିତ ।

ଏହିଠାରେ କପୋତ ଉପରେ ବିସ୍ତୃତ ବର୍ଣ୍ଣନା ଦ୍ୱାରା ଜଣାଯାଏ ଯେ, ଆଜିକା ସମୟରେ ମାନବ ଦ୍ୱାରା ଦୃତ ଗତିରେ ଜଙ୍ଗଲ ଧ୍ୱଂସ ପାଇଯାଉଛି । କପୋତ ଗୁଡ଼ିକୁ ଖାଦ୍ୟପାଇଁ ଶୀକାର କରିବା ଦ୍ୱାରା ସେମାନଙ୍କର ବଂଶ ଲୋପ ପାଇ ଯାଉଅଛି । ଏହାଦ୍ୱାରା ଅନେକ ପ୍ରଜାତି ବିଲୁପ୍ତ ହେବା ସହିତ କେତେକ ପ୍ରଜାତି ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ସାରିଛନ୍ତି । ଉଦାହରଣ ସ୍ୱରୂପ ଜେନାଏଡ଼ା ଗ୍ରେସୋନି, ଡୋଡ଼ୋ ଏବଂ ଯାତ୍ରୀ କପୋତ ।

ସୁତରାଂ କପୋତମାନଙ୍କୁ ବଞ୍ଚାଇବାକୁ ହେଲେ ମଣିଷ ସମାଜକୁ ତତ୍‌ପର ହୋଇ ଉଚିତ ପଦକ୍ଷେପ ନେବାକୁ ହେବ । ଯାହାଦ୍ୱାରା ଆଗାମୀ ପିଢ଼ି କପୋତର ଅନେକ ବିରଳ ପ୍ରଜାତି ଦେଖିପାରିବେ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# ୨୪ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଓଡ଼ିଆ କାବ୍ୟ ପରମ୍ପରାରେ କବି ବୃନ୍ଦାବତୀଦାସୀ ଏକ ବିରଳ ବ୍ୟତିକ୍ରମ । ପୁରୀ ନିକଟସ୍ଥ ମଳିପଡ଼ା ଗ୍ରାମ ଅଧିବାସୀ ଜଗନ୍ନାଥ ମହାପାତ୍ରଙ୍କ ପୁତ୍ର ଚନ୍ଦ୍ରଶେଖରଙ୍କୁ ବିବାହ କରିଥିଲେ ବୃନ୍ଦାବତୀ । ଶ୍ୱଶୁର ସ୍ୱାମୀ, ପୁତ୍ର ଓ ପୌତ୍ର ସମସ୍ତେ ଥିଲେ କବିତ୍ୱ ଶକ୍ତିର ଅଧିକାରୀ ।

ଶ୍ୱଶୁର ଜଗନ୍ନାଥ ଦାସ ଶ୍ରୀକୃଷ୍ଣ ଲୀଳାତତ୍ତ୍ୱ ସମ୍ବନ୍ଧୀୟ ଗୀତ, ସ୍ୱାମୀ ଚନ୍ଦ୍ରଶେଖର 'ଶ୍ରୀକୃଷ୍ଣତତ୍ତ୍ୱ ଚନ୍ଦ୍ରୋଦୟ' ପୁତ୍ର ଭୀମ ଦାସ 'ଭକ୍ତି ଚନ୍ଦ୍ରୋଦୟ' ଓ 'ରତ୍ନାବଳୀ', ପୌତ୍ର କୃଷ୍ଣ ଦାସ 'କୃପାସିନ୍ଧୁ ଉପାସନା ଚନ୍ଦ୍ରୋଦୟ' କାବ୍ୟଗ୍ରନ୍ଥ ରଚନା କରିଥିଲେ । ଶ୍ୱଶୁର ଓ ସ୍ୱାମୀଙ୍କ ଦ୍ୱାରା ଅନୁପ୍ରାଣିତ ହାଇ ବୃନ୍ଦାବତୀ ଲେଖିଥିଲେ ବିଶିଷ୍ଟ କୃଷ୍ଣକାବ୍ୟ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' ।

ଏଇ ନାରୀକବିମାନଙ୍କର ସୃଷ୍ଟି ବେବିର ପ୍ରାଣକୁ ପ୍ରେମରସରେ, ଭକ୍ତିରସରେ ଆପ୍ଲୁତ କରି ଦେଉଥିଲା । ବୋଉ ଯେ ତା' ଭାବରେ ସହଭାଗୀ ହେଉଥିଲା, ତାହା ଥିଲା ତା' ପାଇଁ ଦିବ୍ୟ ସାରସ୍ୱତ ଅନୁଭବ ।

ଝିଅମାନେ ବଡ଼ ହେବା ପରେ ମାଆର ସାଙ୍ଗ ପାଲଟି ଯାଆନ୍ତି ବୋଲି ଯାହା କୁହାଯାଏ ତାହା ବେବି କ୍ଷେତ୍ରରେ ଶତ ପ୍ରତିଶତ ସତ ହୋଇଥିଲା ।

ବୋଉ ଥିଲା ତା'ର ଶ୍ରେଷ୍ଠ ବାନ୍ଧବୀ । ଦିଗ୍‌ଦର୍ଶିକା । ବୋଉ ତା'ର ଐହିକ ଅଭାବ ପୂରଣ ସହିତ ଆଧ୍ୟାତ୍ମିକ ତୃଷ୍ଣା ପ୍ରଶମିତ କରୁଥିଲା । କେତେ ଜନ୍ମର ପୁଣ୍ୟ ଥିଲେ ଏମିତି ମାଆ ମିଳନ୍ତି ।

ତେତିଶ ବର୍ଷ ଚାକିରୀ କାଳ ଭିତରେ ନାନା ପ୍ରକାର ଶାରୀରିକ ଅସୁସ୍ଥତା ଭୋଗିଛି ବେବି । କେବେ ଆଣ୍ଠୁ ଗଣ୍ଠିରେ ପୀଡ଼ା, କେବେ ବେକ ଦରଜ କେବେ ଡାହାଣ ହାତ କହୁଣୀଠୁ ତଳ ଯାଏଁ ଯନ୍ତ୍ରଣା, କେବେ ଅଧାକପାଳୀ କଷ୍ଟ ଯୋଗୁଁ ରାତି ରାତି ଅନିଦ୍ରା, କେବେ ପୁଣି ଶ୍ୱାସ କଷ୍ଟ, କେବେ ଭୟଙ୍କର ଆସିଡିଟି । ଶରୀରକୁ ଯେ ବ୍ୟାଧି ମନ୍ଦିର କୁହାଯାଏ, ତାହା ତା' କ୍ଷେତ୍ରରେ ସତ ପାଲଟି ଯାଇଛି ।

ବିନା ତକିଆରେ ଶୋଇବାର ଅଭ୍ୟାସ, ପ୍ରଚଣ୍ଡ ଗରମ ଦିନରେ ଆଣ୍ଠୁରେ ବେଲ୍‌ଟ୍ ପିନ୍ଧି ଚାଲିବାର ଅଭ୍ୟାସ, ହିଲ୍ ଚଟି ଛାଡ଼ି ଖଦ ଖଦଡ଼ିଆ ଆକ୍ୟୁପ୍ରେସର ଚଟିରେ ଚାଲିବାର ଅଭ୍ୟାସ, ନଖ ଉଷୁମ ଗରମ ପାଣିରେ ଗୋଡ଼ ବୁଡ଼େଇବାର ଅଭ୍ୟାସ...ଏମିତି ନାନା ପ୍ରକାର ବିଷମ ଅଭ୍ୟାସ...ଏମିତି ନାନା ପ୍ରକାର ବିଷମ ଅଭ୍ୟାସର ସମାହାର ହୋଇ ଉଠୁଥିଲା ଜୀବନ ।

ରହିରହି ଭିତରୁ କିଏ ଆବୃତ୍ତି କରୁଥିଲା:

"କେବେ ଉଜାଗର ରହେ
କ୍ଷୋଭରେ ଅବସୋସରେ
ବିରହରେ ଅବା ଅପ୍ରାପ୍ତିରେ
ଅବିଶ୍ୱାସର ଅନ୍ଧକୂପରେ
ତଥାପି ରହେ
ଜୀବନ ମୁଁ ତତେ ଭଲପାଏ ।
ମୁଁ ତତେ ଭଲପାଏ ।"

ଆୟୁର୍ବେଦ ଚିକିତ୍ସା କେନ୍ଦ୍ରର ନର୍ସ, ଡାକ୍ତର, ରୋଗୀ, ଫିଜିଓଥେରାପି ସେଣ୍ଟରର ସାହାଯ୍ୟକାରୀ, ଘରକୁ ଆକ୍ୟୁପ୍ରେସର ଦେବାକୁ ଆସୁଥିବା ଲକ୍ଷ୍ମୀଧର, ନିୟମିତ ଗାଁରୁ ପସାରୁଣୀ ପତ୍ର ଆଣି ଦେଉଥିବା ଗ୍ୟାଲେରୀ ଆଟେଣ୍ଡାଣ୍ଟ ଚନ୍ଦ୍ରମା, ସେକ ପାଇଁ ବ୍ୟବହାର କରୁଥିବା ନିମ୍ବ, ବାସଙ୍ଗ, ଅରଖ ପତ୍ର, ବାଲି, ଗୋଡ଼ି- ଏ ସମସ୍ତ ସଜୀବ ପ୍ରାଣୀ । ନିର୍ଜୀବ ବସ୍ତୁ ତା' ଜୀବନର ଅଂଶ ପାଲଟି ଯାଇଥିଲେ ।

ତେବେ ତା'ର ସେଇ ତିନି ବଖୁରିଆ ସରକାରୀ ଫ୍ଲାଟ୍ ଆଗରେ ବିରାଟ ଓସ୍ତଗଛ, କଦମ୍ବ ଗଛ କୋଣରେ ଆମ୍ବଗଛ, ସପେଟା ଗଛ ପଛ ପଟେ ବେଲଗଛ, ନିମ୍ବ ଗଛ, ପଣସଗଛ ଆହୁରି କେତେ ରକମର ଗଛର ଘେର । ବସନ୍ତ ଆସିଲେ ସନ୍ଦେଶ ନେଇ ଆସେ କୋଇଲି । ସବୁ ଋତୁରେ ଗଛ ଡାଳରେ ହଳଦୀ ବସନ୍ତ ଓ ନାନା ପ୍ରକାର ପକ୍ଷୀଙ୍କ ସମାଗମ ।

ଝରକା ପାଖରେ, ବାଲକୋନିରେ, ଗ୍ରୀଲ୍ ପାଖରେ ଯେଉଁଠି ଠିଆ ହେଲେ ତାକୁ ମିଳିଯାଏ ଜୀବନର ସ୍ପର୍ଶ, କବିତାର ସ୍ପର୍ଶ । ଭାଙ୍ଗି ଯାଉଥିବା ସ୍ୱପ୍ନକୁ ସାଉଁଟେ । ଯୋଗ, ପ୍ରାଣାୟମର ନିୟମ ମାନି ଅଂଟା ସଳଖ କରେ । ବେକ ସଳଖ କରେ, ଛାତ ଉପରକୁ ଯାଇ ଉଦିତ ସୂର୍ଯ୍ୟଙ୍କୁ ନମସ୍କାର କରେ, କୁଣ୍ଡରେ ଲଗେଇଥିବା ମନ୍ଦାର ଗଛ, ଗୋଲାପ ଗଛର ପତ୍ରକୁ କଢ଼ିକୁ ଆଉଁସେ । ବଞ୍ଚିବା

ପାଇଁ, ଆଗକୁ ବଢ଼ିବା ପାଇଁ ପ୍ରତ୍ୟୟ ମାଗେ । ଦେଖେ ବିସ୍ତୃତ ନୀଳ ଆକାଶକୁ । ଭାବେ ଆକାଶ, ସମୁଦ୍ର, ଅରଣ୍ୟ, ମାଟି ଏପରିକି ଗୋଟିଏ ଗୋଟିଏ ଗଛ ବି ସବୁଠୁ ସୁନ୍ଦର ପୁସ୍ତକ । ଅନୁଚ୍ଛିଷ୍ଟ ।

ଅକୁହା କଥା କହିବା ପାଇଁ ଆକାଶ ଲୋଡ଼େ ସୂର୍ଯ୍ୟ, ଚନ୍ଦ୍ର, ଉଲ୍‌କା, ଧୂମକେତୁ, ପୃଥିବୀ ଲୋଡ଼େ ଗଛ, ଲତା, ନଦୀ, ପାହାଡ଼, ପକ୍ଷୀ । ଠିକ୍ ସେମିତି ଜୀବନ ଲୋଡ଼େ ସ୍ୱପ୍ନ । ବିଶ୍ୱାସ । କୌଣସି ପରିସ୍ଥିତିରେ ଜୀବନଠୁ ଆସ୍ଥା, ବିଶ୍ୱାସ ହରେଇବାକୁ ଚାହୁଁ ନଥିଲା ବେବି । ନୂତନ କିଛି ସୃଷ୍ଟି କରିବାର ସ୍ୱପ୍ନରେ ବିଭୋର ରହୁଥିଲା ବେବି ଯାବତୀୟ ଦୁର୍ଭୋଗ ସତ୍ତ୍ୱେ । ଇତିହାସର ବହୁ ଘଟଣା, ଦୁର୍ଘଟଣା ତା'କୁ ପ୍ରଚୋଦିତ କରୁଥିଲା– ପାରୁଚୁ ତ ଏସବୁକୁ ନେଇ ଲେଖ୍ । ପରଦା ଅପସରି ଯାଉଥିଲା କାଳର । ଶହ ଶହ ବର୍ଷର ଅତୀତ ତାକୁ ଦୃଶ୍ୟ ହେଉଥିଲା ।

ରାଜା କୃଷ୍ଣଚନ୍ଦ୍ର ସିଂହ ଭ୍ରମରବର । ବେବିର ପୈତୃକ ଗ୍ରାମ ବଡ଼ାମ୍ବା ପାଖ ଖଣ୍ଡପଡ଼ା ଗଡ଼ଜାତର ରାଜା । ୧୮୪୦ ଖ୍ରୀଷ୍ଟାବ୍ଦରେ ତାଙ୍କର ଦେହାନ୍ତ ହେଲା । ତାଙ୍କର ଥିଲେ ତିନିରାଣୀ । ପାଟରାଣୀ ପାରିକୁଦ ଜେମାଙ୍କ ଦୁଇପୁଅ ଓ ଗୋଟିଏ ଝିଅ । ସତୀ ହେବାର ଦୁର୍ଭାଗ୍ୟରୁ ସେ ବର୍ତ୍ତିଗଲେ । ନିସ୍ତାର ପାଇଲେ ନାହିଁ ଆଉ ଦୁଇରାଣୀ । ପାଇଛା ମଣିମା । କନିଆ ମଣିମା । ୧୮୩୫ ବେଳକୁ ସତୀଦାହ ପ୍ରଥା ଆଇନତଃ ଅସିଦ୍ଧ ବୋଲି ଘୋଷିତ ହୋଇ ସାରିଥିଲା । ତଥାପି ମୃତ ରାଜାଙ୍କର କୁଚକ୍ରୀ ପରାମର୍ଶଦାତା ମନ୍ଦାର ବେବର୍ତ୍ତା ଓ ଫୁଲ ବିବାହୀ ପତ୍ନୀ ବା ଦେହଲଗା ପୋଇଲୀ ଡମି ସିଂହାରୀ ନିର୍ମମ ଷଡ଼ଯନ୍ତ୍ରର ଶିକାର ହେଲେ ଦୁହେଁ । ସେମାନଙ୍କୁ ବାଧ୍ୟ କରାଯାଇଥିଲା ଅଗ୍ନିରେ ଆତ୍ମାହୂତି ଦେବା ପାଇଁ । ସତୀ କୁମ୍ଭ ମୁଣ୍ଡରେ ମୁଣ୍ଡେଇ, ସତୀ ଗାଡ଼ିଆ ପ୍ରଦିକ୍ଷଣ କଲାବେଳେ ଝୁଂଟି ପଡ଼ିଥିଲେ କନିଆଁ ମଣିମା । ତାଙ୍କ କଅଁଳ ସୁକୁମାର ପାଦରୁ ଧାର ଧାର ରକ୍ତ ବୋହିଥିଲା । ବିକଳ ହୋଇ ପିନ୍ଧା ପାଟ ଶାଢ଼ିରେ ସେ ରକ୍ତ ପୋଛିଲା ବେଳକୁ ପାଇଛା ମଣିମା ଆକଟି କରି କହିଥିଲେ– "ହଇଲୋ କନିଆଁ ମଣିମା ! ତୁ ପରା ଆଉ ଟିକକ ପରେ ସତୀ ହେବୁ ! ରକ୍ତ ପୋଛୁଚୁ କ'ଣ ?" ୧୮୩୫ରେ ସତୀଦାହ ପ୍ରଥା ଲୋପ କରାଯାଇଥିଲା । ଆଇନ୍ ଖିଲାପ କରାଯାଇଥିବାରୁ ଏଇ ଘଟଣା ବିରୁଦ୍ଧରେ ମୋକଦ୍ଦମା ରୁଜୁ କରାଯାଇଥିଲା । ଏହା ଥିଲା ଭାରତ ବର୍ଷର ଶେଷ ସତୀ ମକଦ୍ଦମା । ସମ୍ବଲପୁର କମିଶନରଙ୍କ ଅଫିସ୍ ଦପ୍ତରରେ ଏହାର ଫଇସଲା ହୋଇଥିଲା । ମନ୍ଦାର ବେବର୍ତ୍ତା ଓ ଡମୀ ସିଂହାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ତେବେ ପାଇଛା ମଣିମା ଓ କନିଆଁ ମଣିମା ଆଉ ଲେଉଟି ଆସିବାର ନଥିଲା । ସତୀ ଗାଡ଼ିଆ ଏବେ ବି ଅଛି । ଏ ଦୁଇ ରାଣୀଙ୍କ ସତୀ ହେବା କଥା ଲୋକ ମୁଖରେ ଉଜ୍ଜୀବିତ ଅଛି ଏବେ ବି ।

କାଗଜ କଲମରେ ଏଇଟା ଥିଲା ସତୀଦାହକୁ ନେଇ ଶେଷ ମୋକଦ୍ଦମା ସତ । କିନ୍ତୁ ସହମରଣର ଅମାନୁଷିକ, ବର୍ବର ପ୍ରଥା କ'ଣ ସତରେ ନିଶ୍ଚିହ୍ନ ହୋଇ ଯାଇଥିଲା ! ବିଂଶ ଶତାବ୍ଦୀର ଶେଷପାଦରେ ରାଜସ୍ଥାନର ରୂପ୍ କନ୍‌ୱାରର ସ୍ମୃତି ତ ଏବେ ବି ଅଲିଭା ମନରେ । କେତେ ରୂପ୍ କନ୍‌ୱାରଙ୍କ ଜୀବନ ଜଳିଥିବ ଜୁଇରେ ସେ ହିସାବ କିଏ ରଖିବ !

ଏ ନିଷ୍ଠୁର ପ୍ରଥାର ଯଥାର୍ଥତା କ'ଣ ? ଉତ୍ତର ଖୋଜି ପାଏନା ବେବି । ଯୁଦ୍ଧରେ ସ୍ୱାମୀଙ୍କର ପରାଜୟ ସୁନିଶ୍ଚିତ ଜାଣିବା ପରେ କେତେ ରାଜପୁତ ରମଣୀ ଇଚ୍ଛାମୃତ୍ୟୁ ବରଣ କରିଛନ୍ତି ।

ସେମାନଙ୍କର ଯୁକ୍ତି ଥିଲା ସମ୍ମାନର ସହିତ ମରିବୁ । ଅପମାନର ସହ ଶତ୍ରୁପକ୍ଷ ଶାସକର କ୍ରୀତଦାସୀ ହୋଇ ବଞ୍ଚିବୁ ନାହିଁ ।

ତେବେ ସ୍ୱାଭାବିକ ଭାବେ ବଞ୍ଚୁଥିବା ନାରୀଟିଏ ସ୍ୱାମୀର ଅକାଳ ମୃତ୍ୟୁରେ ସହଯାତ୍ରିଣୀ ହେବ କାହିଁକି ? ହିନ୍ଦୁ ଧର୍ମରେ କେଉଁଠି ଲେଖା ହୋଇଛି ଏଇ ବର୍ବରୋଚିତ ପ୍ରଥା ସପକ୍ଷରେ ? କେଉଁଠି ?

\+ + + +

ମୋଗଲ ସମ୍ରାଟ ହୁମାୟୁନ୍ ତାଙ୍କ ବିଦ୍ରୋହୀ ଭାଇ କାମ୍‌ରାନ୍‌ଙ୍କୁ ଅନ୍ଧ କରିଦେବା ପାଇଁ ଆଦେଶ ଦେଇଥିଲେ । କାମରାନ୍ କହିଥିଲେ– "ଯା'ଠୁ ଭଲ ମୋତେ ହତ୍ୟା କରିଦିଅ ।" କିନ୍ତୁ ରାଜାଦେଶ ଉଲ୍ଲଂଘନ କରିବ କିଏ ? ବହୁ ବାଦ ବିବାଦ ପରେ ତାଙ୍କୁ ହତ୍ୟା କରଗଲା ଓ ଆଖିର କୋଟରରେ ଲେମ୍ବୁରସ ଓ ଲୁଣ ଛାଟି ଦିଆଗଲା । ଅନ୍ଧ ହେବା ବେଳର ଦାରୁଣ ଯନ୍ତ୍ରଣାକୁ ସେ ବିନା ଶବ୍ଦରେ ସହ୍ୟ କରିଥିଲେ । ତା'ପରେ ଅବଶ୍ୟ ତାଙ୍କୁ ମକ୍କା ଯିବାର ଅନୁମତି ମିଳିଥିଲା ମକ୍‌କା ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ।

କ'ଣ ହୋଇଥାନ୍ତା ପ୍ରଥମରୁ କାମ୍‌ରାନ୍‌ଙ୍କୁ ହତ୍ୟା କରା ଯାଇଥିଲେ ? ନା । ଶତ୍ରୁକୁ ବଞ୍ଚେଇ ରଖ । କଷ୍ଟ ଦିଅ । ପର୍ଯ୍ୟାପ୍ତ କଷ୍ଟ । ମରିଗଲେ ଆଉ କଷ୍ଟ କ'ଣ ? କ୍ଷମତା ମତ୍ତ ମଣିଷ ଭୁଲିଯାଏ ବିବେକ । ଭୁଲିଯାଏ ଦୟା / କ୍ଷମାର ଅର୍ଥ ।

ଇତିହାସର ଅଳ୍ପ ଚର୍ଚ୍ଚିତ ଘଟଣା ତାକୁ ବେଶି ଆଲୋଡ଼ିତ କରେ ।

ମୋଗଲ ସମ୍ରାଟ ଜାହାଙ୍ଗୀର ଥିଲେ କଳା ଓ ସୌନ୍ଦର୍ଯ୍ୟର ପୂଜାରୀ । ନ୍ୟାୟର ଅବତାର ପ୍ରଜାଙ୍କ ସୁଖଦୁଃଖ ବୁଝିବା ପାଇଁ ସେ ପ୍ରତି ଗୁରୁବାର ସନ୍ଧ୍ୟାରେ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଥିଲେ । ଘଣ୍ଟି ବଜେଇ ଯେକୌଣସି ପ୍ରଜା ପ୍ରତ୍ୟକ୍ଷ ଭାବେ ତାଙ୍କ ସହ ଯୋଗାଯୋଗ କରିପାରୁଥିଲା ।

ଶୀତଦିନେ ରାତିର ଥଣ୍ଡା ପାଣିରେ ହାତୀମାନଙ୍କର ପୋଖରୀରେ/ ଜଳାଶୟରେ ଗାଧୋଇବାର ଦୃଶ୍ୟ ତାଙ୍କୁ କଷ୍ଟ ଦେଉଥିଲା । ଜଳାଶୟ ଭିତରେ ଉଷୁମ ପାଣି ପୁରାଯାଇ ତାପରେ ହାତୀମାନଙ୍କୁ ଗାଧୋଇବାକୁ ନେବା ପାଇଁ ସେ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଅସମୟରେ ତାଙ୍କ କ୍ରୀଡ଼ାରେ ବାଧା ସୃଷ୍ଟି କରିଥିବାରୁ ଉତ୍‌କ୍ଷିପ୍ତ ହୋଇ ସେ ଜଣଙ୍କ ଦେହରୁ ଚମଡ଼ା ଉତାରିଦେବାର ଆଉ ଦୁଇଜଣଙ୍କ ଗୋଡ଼ର ମାଂସପେଶୀ କାଟି ପଙ୍ଗୁ କରିଦେବାର ନିଷ୍ଠୁର ଆଦେଶ ଦେଇଥିଲେ । ଦୟା ଓ ନିଷ୍ଠୁରତାର ବିଚିତ୍ର ବିରୋଧାଭାସ । ପଳାଶ, ବକୁଳ, ଚମ୍ପାଫୁଲ ତାଙ୍କର ବହୁତ ପ୍ରିୟ ଥିଲା । ଆମ୍ବକୁ ଅଦ୍ୱିତୀୟ ଫଳ ବୋଲି ସେ ବିଚାର କରୁଥିଲେ । ହିନ୍ଦୁଧର୍ମ ଶାସ୍ତ୍ରଜ୍ଞମାନଙ୍କ ସହ ସେ ବିଶଦ ଆଲୋଚନା କରୁଥିଲେ । ଅପରପକ୍ଷେ ବିଷ୍ଣୁଙ୍କ ବରାହ ମୂର୍ତ୍ତିକୁ ଭାଙ୍ଗି ପୁଷ୍କର ହ୍ରଦରେ ନିକ୍ଷେପ କରିବାର ଆଦେଶ ଦେଇଥିଲେ । ପିତା ଆକବରଙ୍କ ଶ୍ରେଷ୍ଠ ପରାମର୍ଶଦାତା ଆବୁଲ ଫାଜଲଙ୍କୁ ସେ ଅତି ନୃଶଂସ ଭାବେ ହତ୍ୟା କରିଥିଲେ ।

ଭ୍ରାନ୍ତ ରାଜପୁତ୍ରର ଜ୍ୱଳନ୍ତ ଉଦାହରଣ ଜାହାଙ୍ଗୀର । ଚିତ୍ର କଳାରେ, ମୁଦ୍ରା କଳାରେ ନୂତନ ଦିଗନ୍ତ ଉନ୍ମୋଚନ କରିଥିବା ଜାହାଙ୍ଗୀର ଜୀବନ ଥିଲା ଦୁର୍ବୋଧ୍ୟ । ଦୁର୍ଗମ ।

ମୋଗଲ ରାଜବଂଶର ସବୁଠୁ ନିଷ୍ଠୁର, ସବୁଠୁ ବିବେକଶୂନ୍ୟ ବିଚାର ଶୂନ୍ୟ ସମ୍ରାଟ ଭାବେ ଚିତ୍ରିତ ହୋଇଥିବା ଆଉରଙ୍ଗଜେବ୍‌ଙ୍କ ଚରିତ୍ରର ଉଜ୍ଜ୍ୱଳ ଦିଗ । କୋମଳ ଦିଗ ବିଷୟରେ ବେଶି କିଛି କୁହାଯାଇନାହିଁ । ତାଙ୍କ ଭିତରେ ପ୍ରେମିକର ସତ୍ତାଟିଏ ଥିଲା ଏ କଥା ଜାଣନ୍ତି କେତେଜଣ ? ହୀରାବାଇ (ଜୈନାବାଦି) ନାମ୍ନୀ ଜଣେ ଗାୟିକାଙ୍କୁ ସେ ନିବିଡ଼ ଭାବରେ ପ୍ରେମ କରୁଥିଲେ । ଜୈନାବାଦିଙ୍କ ଅନୁରୋଧ ରକ୍ଷା କରି ସେ ମଦ୍ୟପାନ ବର୍ଜନ କରିଥିଲେ । ଅକାଳରେ ଜୈନାବାଦିଙ୍କର ମୃତ୍ୟୁ ହେବାରୁ ଆଉରଙ୍ଗଜେବ୍ ଦୁଃଖରେ ମୁହ୍ୟମାନ ହୋଇ ପଡ଼ିଥିଲେ ।

ପନିପରିବା, ମାଛ, ଜାଳେଣି, କାଠ, ଘଷି, ଘଣସ, ବାଉଁଶ, ତେଲ, ମାଟିପାତ୍ର, ତମାଖୁ, କ୍ଷୀର, ଦହି ଏସବୁ ଦ୍ରବ୍ୟ ଉପରେ କରଛାଡ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଆଉରଙ୍ଗଜେବ୍ । ପ୍ରଜାମାନଙ୍କର ଶଗଡ଼ଗାଡ଼ି, ଡୋଲି ଏବଂ ଅନ୍ୟାନ୍ୟ ସାମଗ୍ରୀ ଖାନତଲାସ କରି ସେମାନଙ୍କୁ ଅଯଥଶ ହଇରାଣ ହରକତ ନକରିବା ପାଇଁ ସେ କଠୋର ନୀତି ପ୍ରଣୟନ କରିଥିଲେ । କର ଆଦାୟ କରିବା ପାଇଁ ଯାଇଥିବା ରାଜକର୍ମଚାରୀମାନେ ଜନୈକ ସୈନିକର ଶଗଡ଼ଗାଡ଼ିରୁ କିଛି ତମାଖୁ ସଂଗ୍ରହ କରିଥିଲେ । ଲୁଚେଇ ରଖିଥିବା ତମାଖୁ

ଧରା ପଡ଼ିଯିବା ପରେ ଉତକ୍ଷିପ୍ତ ହୋଇ ସେଇ ସୈନିକ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି ଦେଇଥିଲେ । ଏ ଖବର ପାଇ ଆଉରଙ୍ଗଜେବ୍ ବ୍ୟଥିତ ହୋଇଥିଲେ । ଅବକାରୀ ଶୁଳ୍କ ଆଦାୟ ଦିଗରେ ପରିବର୍ତ୍ତିତ ନୀତି ଥିଲା ତାହାର ପରିଣତି ।

କାଶ୍ମୀରର ଜୁମା ମସ୍‌ଜିଦ୍ ପୋଡ଼ି ଯିବାର ସମ୍ବାଦ ଦିଆଯାଇଥିଲା ଜାହାଁପନା ଆଉରଙ୍ଗଜେବ୍‌ଙ୍କୁ । ସେ କିଛିକ୍ଷଣ ଚୁପ୍ ରହିବା ପରେ ଗମ୍ଭୀର ସ୍ୱରରେ ପଚାରିଥିଲେ ମସ୍‌ଜିଦ୍ ସାମ୍ନାରେ ଚାରିଟା ଚିନାର ଗଛ ଥିଲା । ଗଛ ଜଳି ଯାଇନି ତ ?

ମସ୍‌ଜିଦ୍ ପୁନଃନିର୍ମାଣ ସମ୍ଭବ । କିନ୍ତୁ ସେଇ ବିଶାଳ ଆକାରର ଚିନାର ଗଛ ପାଇବାକୁ ହେଲେ ଆହୁରି ଶହେ ବର୍ଷ ଅପେକ୍ଷା କରିବାକୁ ହେବ– ଏକଥା ଜାଣିଥିଲେ ପରିବେଶ ବିଜ୍ଞାନୀ ସମ୍ରାଟ୍ ।

ନିଜ ଝିଅମାନଙ୍କୁ ସାଙ୍ଗରେ ନେଇ ସେ ଏଲୋରାର କାରୁକାର୍ଯ୍ୟ ଦେଖାଇଥିଲେ । ବ୍ୟକ୍ତିଗତ ଜୀବନରେ ସେ ବିଳାସ ବ୍ୟସନ ଠାରୁ ଦୂରରେ ଥିଲେ । ତଥାପି ତଥାପି...ସାମଗ୍ରିକ ଭାବେ ସେ ମୂଲ୍ୟାୟିତ ହୁଅନ୍ତି ବିଫଳ ଅଧୀଶ୍ୱର ଭାବେ । ତାଙ୍କ ସୁଗୁଣକୁ ବିଚାରକୁ ନିଆଯାଏ ନାହିଁ ହୁଏତ ଏଇଥିପାଇଁ ଯେ ତାଙ୍କର କୁକର୍ମ, ନାସ୍ତିବାଚକ ଗୁଣର ଓଜନରେ ଚାପି ହୋଇ ଯାଉଥିଲା ତାଙ୍କର ସୁକର୍ମ ।

+ + + +

ବିଶ୍ୱ ବିଖ୍ୟାତ ଦାର୍ଶନିକ ବ୍ରଟାଣ୍ଡ୍ ରସେଲ୍ ଆତ୍ମଜୀବନୀରେ ତାଙ୍କ ପ୍ରେମ ସଂପର୍କରେ ଅବତାରଣା କରିଛନ୍ତି ନିଷ୍କପଟ ଭାବରେ ।

ଏକ ପାଖରେ ପ୍ରତିଷ୍ଠା– ଅନ୍ୟ ପାଖରେ ପ୍ରେମ । ତଉଲିବା ବେଳେ ପ୍ରେମ ଉଠିଯାଏ ଉପରକୁ । ପ୍ରତିଷ୍ଠା ଭାରି ହୋଇ ରହିଯାଏ ତଳେ ।

ଗୋଟିଏ ଭାଙ୍ଗିପଡ଼ିଥିବା ଝିଅକୁ ପ୍ରେମର ପ୍ରତ୍ୟୟ ଦେଲେ । ନିୟମିତ ତା' ସହିତ ପତ୍ର ଯୋଗାଯୋଗ ରଖିଥିଲେ । ପରେ ପରେ ପ୍ରଥମ ବିଶ୍ୱଯୁଦ୍ଧ ଘୋଷିତ ହେଲା । ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ଝିଅଟି ରସେଲ୍‌ଙ୍କୁ ଦେଖିବାକୁ ବ୍ୟାକୁଳ ହୋଇ ଉଠିଲା । ନିଜ ବାପାଙ୍କୁ ଧରି ଚାଲି ଆସିଥିଲା ରସେଲଙ୍କ ନିକଟକୁ । ସେତେବେଳକୁ ବ୍ରିଟିଶ୍ ରାଜନୀତିରେ ରସେଲ ପ୍ରମୁଖ ବ୍ୟକ୍ତିତ୍ୱ । ତେଣୁ ସେ ଏଇ ପ୍ରେମ ବ୍ୟାପାରରେ ସଂଶ୍ଳିଷ୍ଟ ହେବାକୁ ଚାହିଁଲେ ନାହି । ଝିଅଟି ଏ ଦାରୁଣ ଧକ୍କା ସମ୍ଭାଳି ପାରିଲା ନାହିଁ । ସେ ପାଗଳୀ ହୋଇଗଲା । ପକ୍ଷାଘାତଗ୍ରସ୍ତା ହୋଇଗଲା ।

ପ୍ରେମର କି ବିଦୀର୍ଣ୍ଣ ରୂପ । କେବେ ବି ଦେଖି ନଥିବା ସେଇ ଝିଅଟି ପାଇଁ ମନରେ ମାୟା ଜାଗେ ବେବିର । ବହିର ପୃଷ୍ଠା ଭିତରୁ ସେ ଅବଲୋକନ କରେ ବିବିଧ ଘଟଣା । ବିବିଧ ଚରିତ୍ର ।

ଦାରିଦ୍ର୍ୟର କଷାଘାତରେ ସଢୁଥିଲେ ନାରୀଟିଏ ଇଟାଲୀରେ । କ୍ଷୁଧାର ତାଡ଼ନା ସହି ନପାରି ସେ ନିଜ ଝିଅକୁ ଗୋଟିଏ କନ୍‌ଭେଣ୍ଟରେ ଛାଡ଼ିଦେଲେ । ଝିଅଟି ବହୁ ଅଭାବ, ଅସୁବିଧା ଭିତରେ ମାଡ଼ି ମକଚି ଚଳୁଥିଲା ତେବେ ସେଠି ରହିବା ଭିତରେ ସେ ପ୍ୟାଷ୍ଟ୍ରି ତିଆରି କରିବା ଶିଖିଗଲା । ଦିନେ ଖାଲି ହାତରେ ସେ ସେଇଠୁ ବାହାରି ଆସିଲା । ବାହାରେ ବହୁ କଷ୍ଟରେ କିଛି ଅର୍ଥ ଉପାର୍ଜନ କରି ପ୍ୟାଷ୍ଟ୍ରି ତିଆରି କରି ବିକିବାକୁ ଲାଗିଲା । ଏଇ ବ୍ୟବସାୟ ତାକୁ ବହୁ ସଂପତ୍ତିର ଅଧିକାରିଣୀ କଲା । ନିଜ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ସେ ଲେଖିଲା ବହିଟିଏ: 'The Sighs and Desires'

ଦୀର୍ଘଶ୍ୱାସରୁ ଜନ୍ମ ନେଇପାରେ ଆଶା, ସ୍ୱପ୍ନ ? ନିଜ ଉପରେ କେତେ ଆସ୍ଥା ଥିଲେ ଏହା ସମ୍ଭବ ହୋଇପାରେ ? ସ୍ୱପ୍ନ କେବଳ ଦେଖିଲେ ହୁଏ ନାହିଁ । ସ୍ୱପ୍ନକୁ ଧରଣ କରିବାକୁ ପଡ଼େ । ସଂକଳ୍ପ ସହିତ । ସାହସ ସହିତ ।

ବ୍ରଟାଣ୍ଡ୍ ରସେଲ୍ ଅତି ସମର୍ଥ, ଅତି ଯୋଗ୍ୟ ମଣିଷ ଥିଲେ ନିଶ୍ଚୟ । ମାତ୍ର ସେଇ ଝିଅଟିର ବିଶ୍ୱାସର ପ୍ରେମର ଭାଜନ ନଥିଲେ । ସେଇ ଝିଅଟି ବାସ୍ତବ ସତ୍ୟକୁ ବୁଝିଲାନି କାହିଁକି ? ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ସେ ସୁନ୍ଦର ଜୀବନଟେ ବଞ୍ଚି ନଥାନ୍ତା !

ବହି ସହିତ ଯୁକ୍ତ ହୋଇ ନପାରିବା ବେଳେ ସେ ସଂଯୁକ୍ତ ହୋଇ ରହେ ସ୍ମୃତି ସହ । ପ୍ରକୃତି ସହ । ଅନ୍ତରଙ୍ଗ ବନ୍ଧୁମାନଙ୍କ ସହ । ନିଃସଙ୍ଗ ବେଳ, ଅନ୍ଧକାର ବେଳ ସେ ଅତିକ୍ରମ କରିଛି ପ୍ରାର୍ଥନା କରି କରି । ଭଲ ପାଉଥିବା କବିତାର ପଂକ୍ତି ନିରବରେ ଆବୃତ୍ତି କରି କରି । ତା'ର ମନେ ହୋଇଛି କବିତା ତା'ର ଅନ୍ତରକୁ ବିଶୋଧିତ କରିଛି । ତା' ଚଲାବାଟର ଗୋଟିଏ ପାଖରେ କବିତାର ଗୁଂଜରଣ ତ ଅନ୍ୟ ପାଖରେ ଆଧ୍ୟାତ୍ମିକ ଗ୍ରନ୍ଥର ଆହ୍ୱାନ । ତାକୁ ବେଳେ ବେଳେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ତା' ଭିତରେ ଆଧ୍ୟାତ୍ମିକତା ଓ ସ୍ୱପ୍ନବିଳାସ କେଉଁଠି କେତେବେଳେ ମିଶନ୍ତି ତ କେଉଁଠି ବିଚ୍ଛିନ୍ନ ହୋଇଯାଆନ୍ତି ।

କର୍ମକ୍ଷେତ୍ରରେ ଅନ୍ୟ ସହକର୍ମୀମାନଙ୍କର, ଅଧସ୍ତନମାନଙ୍କର ଅଭାବ ଅସୁବିଧାର ସେ ସହଭାଗୀ ହୁଏ ।

ଜୀବନ ବୃତ୍ତିର ଊର୍ଦ୍ଧ୍ୱରେ ରହେନା ସବୁବେଳେ । ବେଳେବେଳେ ବୃତ୍ତି ବିଚାର ଜୀବନର ଊର୍ଦ୍ଧ୍ୱକୁ ଚାଲିଯାଏ ।

କେତେ ପ୍ରକାରର ଦୃଶ୍ୟ ।

କେତେ ପ୍ରକାରର ଅନୁଭବ ।

ଦିନ ଚାରିଟା ବାଜୁ ନବାଜୁଣୁ ଗ୍ୟାଲେରୀ ଆଟେଣ୍ଡାଣ୍ଟ୍ ରୂପ ଆସି ସାମ୍ନାରେ ଠିଆ ହୁଏ ।

– ଦିଦି, ମୁଁ ଘରକୁ ଯିବି ?

– ଏତେ ଶୀଘ୍ର କ'ଣ ?

– ଦିଦି, ଶୀତ ଦିନ । ପାଞ୍ଚଟା ବେଳକୁ ପୂରା ଅନ୍ଧାର । ଆମ ଚନ୍ଦକା ପଟେ ହାତୀ ମାତିଛନ୍ତି । ହାବୁଡ଼ରେ ପଡ଼ିଲେ ଦଳି ଦେବେ । ଆଲୁଅ ଥାଉ ଥାଉ ନଗଲେ ହେବନି ।

– ହଉ, ହଉ ଯାଆ ।

ରୂପ ଯାଏ ।

ବିକଳ୍ପ ବ୍ୟବସ୍ଥା କରିବାକୁ ହୁଏ ।

ତା' ଗ୍ୟାଲେରୀ ଉପରେ ଆଖି ରଖିବାକୁ ପାଖ ଗ୍ୟାଲେରୀ ଆଟେଣ୍ଡାଣ୍ଟ୍‌କୁ ଚେତେଇ ଦେବାକୁ ହୁଏ ।

ରୂପ ମାଝି । ନହ ନହକା ପତଳା...କିଛି କିଛି କଳା ମଣିଷଟା । ଦେହରେ ଜୀବନ ଥିଲା ପରି ଲାଗେନି । ଥିଲା ଥିଲା...ହଠାତ୍ ତା' ମୁଣ୍ଡ ବିଗିଡ଼ି ଗଲା । ବଡ଼ ଠେଙ୍ଗାଟିଏ ଧରି ଅଫିସ୍‌କୁ ଆସିବାକୁ ଲାଗିଲା । କହିଲା ବଡ଼ପାଟିରେ– ମୁଁ ଶିବ । ଯାହାକୁ ଚାହିଁବି ତାକୁ ମାରିବି । ତା'ର ମାନସିକ ଚିକିତ୍ସା କରିବା ଜରୁରୀଥିଲା । ମାତ୍ର ସେ କୁଆଡ଼େ ଉଭାନ୍ ହୋଇଯାଏ ଦିନ ଦିନ ଧରି । ତା'ର ପତ୍ତା ମିଳେନା, ତା' ଘର ଚଳିବାରେ ବହୁତ ଅସୁବିଧା ଜାଣି ନା' ସ୍ତ୍ରୀକୁ ତା' ସ୍ଥାନରେ ରଖାଗଲା । ତାକୁ ବି ଚାକିରି କରିବାକୁ ଦେଲାନି ରୂପ । ଏତେ ଦୁର୍ବଳିଆ ମଣିଷଟା । ତା' ଭିତରେ ଏତେ ପୁରୁଷାକାର କେଉଁଠି ଲୁଚିଥିଲା । ତା'ର ଅତିଶୟ ପ୍ରତିରୋଧକୁ ସମ୍ଭାଳି ନପାରି ତା' ସ୍ତ୍ରୀ ଅଫିସ୍ ଆସିବା ଛାଡ଼ି ଦେଲା । ପୁଅଟିଏ ଥିଲା । ୧୨/୧୩ ବର୍ଷର । ସେ ଘର ଛାଡ଼ି କୁଆଡ଼େ ଚାଲିଗଲା । ତା'ସ୍ତ୍ରୀର ବେଦନାଭରା ମୁହଁଟି ମନେ ପଡ଼ିଲେ ଏବେ ବି ମନ ଉଦାସ ହୋଇଯାଏ ବେବିର । ଭାବେ ଯେଉଁ ସମାଜରେ ଦାନ ମାଝି ପରି ହୃଦୟବାନ ସ୍ୱାମୀ ରୋଗିଣା ସ୍ତ୍ରୀକୁ କାନ୍ଧରେ ବୋହି ବୋହି ହସ୍‌ପିଟାଲ ନିଏ, ସେଇଠି ରୂପମାଝି ପରି ବିଚାରହୀନ ସ୍ୱାମୀମାନେ ବି ଥାଆନ୍ତି । ଯେଉଁମାନେ ନିଜ ଖିଆଲରେ ହାତ ଧରି ବାହା ହୋଇଥିବା ସ୍ତ୍ରୀର ଜୀବନକୁ ଦଳି ଚକଟି ଦିଅନ୍ତି ।

# ଡାଲେ ଡାଲେ ଡାଲିଆ



# ଡଉଲ ଡାଉଲ ଡାଲିଆ


## ଶ୍ୱେତା ରାଉତ

ପ୍ଲଟ ନଂ ୨୩୬, ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଗୁଗୁଲ୍



▲ ଲେଖିକା ଶ୍ୱେତା ରାଉତ

ଫୁଲ: ପବିତ୍ରତା, ଶକ୍ତି ଏବଂ ନିଃସ୍ୱାର୍ଥତାର ପ୍ରତୀକ। ସମ୍ପୂର୍ଣ୍ଣ ମାନବ ଜାତିକୁ ସେ ଧାର୍ମିକ ମାର୍ଗରେ ଚାଲିବାକୁ ପ୍ରେରଣା ଦିଏ। କେବଳ ଦେଖିବାକୁ ଆକର୍ଷକ ଓ ସୁନ୍ଦର ନୁହେଁ, ଯେଉଁ ଆଖି ଫୁଲ ଉପରେ ପଡ଼େ, ତା' ଭିତରେ ଶାନ୍ତି, ଉତ୍ସାହ ଓ ସକରାତ୍ମକ ଉର୍ଜା ଭରିଯାଇଥାଏ। ଫୁଲ ପବିତ୍ର ହୋଇଥିବା କାରଣରୁ ଈଶ୍ୱରଙ୍କ ଶୀରରେ ଶୋଭା ପାଇଥାଏ । ଫୁଲ ଆମକୁ ଶିଖାଇଥାଏ ସମସ୍ତଙ୍କୁ ସୁଗନ୍ଧ ବାଣ୍ଟିବା, କଣ୍ଟା ଭିତରେ ରହି ବି ହସି ହସି ନିଜକୁ ପ୍ରତିପାଦନ କରିବା । ବିଭିନ୍ନ ଅବସରରେ ସମସ୍ତଙ୍କ ଆଗ୍ରହ, ରୁଚି ଓ ସଂସ୍କାର ଅନୁଯାୟୀ ନିଜର ଉପଯୋଗୀତା ସିଦ୍ଧ କରିବା, ନିଜର ମହକ, ସୁଗୁଣ ଓ କୋମଳତା ଦ୍ୱାରା ସମସ୍ତଙ୍କୁ ନିଜ ଶ୍ରଦ୍ଧାରେ ବାନ୍ଧି ରଖିବା। ଫୁଲର ଅନେକ ଭାଗରେ ଏକ ଗ୍ରନ୍ଥିଥାଏ, ଯାହାକୁ ପରାଗ (ଘରମଣ୍ଡବକ୍ସ) କୁହାଯାଏ, କିଛି ଫୁଲ ସଂରଚନା କରିଥାନ୍ତି, ଯାହାକୁ ମଧୁରସ ନିର୍ଦ୍ଦେଶ (Nectar guides) କୁହାଯାଏ । ଯିଏକି ମଧୁ କେଉଁ ଭାଗରେ ଅଛି ପରାଗଣ କରୁଥିବା କୀଟମାନଙ୍କୁ ଜଣାଇଥାଏ। ମଧୁମକ୍ଷୀ ବା କୀଟମାନେ ଫୁଲର ରଙ୍ଗ ଓ ମହକରେ ଆକର୍ଷିତ ହୋଇ ଆସିଥାନ୍ତି ଓ ପରାଗଣ କରିଥାନ୍ତି। ସମଗ୍ର ଜଗତରେ ସମସ୍ତଙ୍କର ପ୍ରିୟ ଫୁଲକୁ ବଗିଚାରେ ସଜାଇବାର ଆଗ୍ରହ ସମସ୍ତଙ୍କର ଥାଏ। ଅଧୁନା ବୈଜ୍ଞାନିକ ପଦ୍ଧତି ଅନୁସାରେ ଗୋଟିଏ ଗୋଟିଏ ଫୁଲରୁ ଶଙ୍କରୀକରଣ କରି ସହସ୍ର ପ୍ରଜାତିର ଫୁଲ ଉତ୍ପନ୍ନ କରିବା ପାଇଁ ବନସ୍ପତି ବିଜ୍ଞାନୀମାନେ ସଫଳ ହୋଇଛନ୍ତି । ସେମିତି ଏକ ସୁନ୍ଦର ଆକର୍ଷକ ଓ ବହୁଳ ପ୍ରଜାତିବିଶିଷ୍ଟ ଫୁଲ ହେଉଛି 'ଡାଲିଆ', ଯେଉଁଥିରୁ ବୈଜ୍ଞାନିକମାନେ ହଜାର ହଜାର ପ୍ରକାର ରଙ୍ଗ ଓ ଆକାରର ଡାଲିଆ ଉତ୍ପନ୍ନ କରିପାରିଛନ୍ତି। ମଣିଷମାନେ, ସମାଜସେବୀମାନେ ଅନେକ ସଂଗଠନ କରି ବିଭିନ୍ନ କାର୍ଯ୍ୟ ଓ ସହଯୋଗ ପାଇଁ ନ୍ୟସ୍ତ ରହିବା ସାଧାରଣରେ ଆମେ ସମସ୍ତେ ଜାଣିଛେ, କିନ୍ତୁ ଏକ ଫୁଲ (ଡାଲିଆ)ର ବିଭିନ୍ନ ଦେଶରେ ଶହଶହ ସଂଗଠନ ହେବା, ପ୍ରଦର୍ଶିତ ହେବା ଓ ସେ ଫୁଲକୁ ଅଧିକରୁ ଅଧିକ ପ୍ରଜାତି ଉତ୍ପନ୍ନ କରି ବଗିଚାର ଆକର୍ଷଣ ବଢାଇବାରେ ବିଶିଷ୍ଟ ଭୂମିକା ଗ୍ରହଣ କରିବା ସତରେ ବିରଳ। ବିଶ୍ୱର କୋଣାନୁକୋଣରେ ଗଢ଼ି ଉଠିଥିବା 'ଡାଲିଆ – ସୋସାଇଟି' ଗୁଡ଼ିକ ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ତେବେ ଆସନ୍ତୁ ଜାଣିବା ଡାଲିଆ ସମ୍ପର୍କରେ କିଛି ଜାଣିବା କଥା।

## ଡାଲିଆର ପରିଚୟ

ଡାଲିଆ, ଦ୍ୱିପାକ୍ଷକ ଶ୍ରେଣୀର, ସୂର୍ଯ୍ୟମୁଖୀ ପରିବାରର ଏକ ଉଦ୍ଭିଦ। ମେକ୍ସିକୋ ହେଉଛି ଏହାର ବିତରଣ କେନ୍ଦ୍ର । ଡାଲିଆ ଏକ ବଡ଼ ଆକର୍ଷଣୀୟ ଫୁଲ ଯାହା ଅନେକ ରଙ୍ଗ ଏବଂ ଆକାରରେ ମିଳିଥାଏ। ୫୦,୦୦୦ ରୁ ଅଧିକ ପ୍ରଜାତିର ବିଭିନ୍ନ ରଙ୍ଗ ବା ଫର୍ମର ଡାଲିଆ ରହିଛି ଯାହା ବଗିଚାର ସୌନ୍ଦର୍ଯ୍ୟ ବଢାଇଥାଏ । ଏହା ୨–୩ ମିଟର ଯାଏ ଉଚ୍ଚତାରେ ବଢେ, କିନ୍ତୁ ବୋନି ପ୍ରଜାତିର ଡାଲିଆ ରହିଛି ଯାହା ଅଧା ମିଟର ବଢିଥାଏ। ଡାଲିଆ ମୂଳରେ ଖତ ଓ ଉର୍ବରକ ମିଶି ମୂଳକୁ ମଜବୁତ କରିଥାଏ। ଏହା ଦେଖିବାକୁ ସୂର୍ଯ୍ୟମୂଖୀ ଫୁଲ ପରି ହୋଇଥାଏ, ବିଭିନ୍ନ ରଙ୍ଗର ଓ ପାଖୁଡାଗୁଡ଼ିକ ବିଭିନ୍ନ ଆକାରର ହୋଇଥାଏ କେତେଗୁଡ଼ିଏ ପ୍ରଜାତି ରହିଛି, ଯାହା ଗେଣ୍ଡୁଫୁଲ ଭଳି ଦେଖା ଯାଇଥାଏ । ପ୍ରାୟତଃ ଡାଲିଆର ଆକୃତି ଗୋଲ ରହିଥାଏ । ଅଧିକ ଶୀତ ପଡ଼ିଲେ ଫୁଲ ନଷ୍ଟ ହୋଇଯାଏ। ଡାଲିଆର ଆକର୍ଷକ ରୂପ ମନମୁଗ୍ଧକର ହୋଇଥାଏ ।

## ଡାଲିଆର ଇତିହାସ

ଏଜେଟ୍‌କ୍ ସମୟ ପୂର୍ବରୁ ଡାଲିଆ ସମ୍ପର୍କରେ ଖୁବ୍ କମ୍ ଜଣାଥିଲା। ଏଜେଟ୍‌କ୍ ରାଜବଂଶୀ ଭୋଜନ ଓ ଔଷଧି ପାଇଁ ଡାଲିଆ ଫୁଲର ବ୍ୟବହାର କରୁଥିବାର ଜାଣିବାକୁ ମିଳେ। ମେକ୍ସିକୋ ଏବଂ ଗ୍ୱାଟେମାଲାର ପର୍ବତାଞ୍ଚଳ ଡାଲିଆର ଜନ୍ମସ୍ଥାନ ଏବଂ ସେଠାରେ ରୋପଣ କରାଯାଇଥାଏ । ୧୫୭୦ ମସିହାରେ ସ୍ପେନର ରାଜା ଦ୍ୱିତୀୟ ଫିଲିପ୍ ଦେଶର ପ୍ରାକୃତିକ ସମ୍ପଦ ଅଧ୍ୟୟନ ପାଇଁ ଫ୍ରିନ୍ସିସ୍କୋ ଫର୍ଣ୍ଣାଡିଜ୍‌ଙ୍କୁ ମେକ୍ସିକୋକୁ ପଠାଇଥିଲେ । ଫର୍ଣ୍ଣାଡିଜ୍ ସେଠାରେ ୭ ବର୍ଷ ରହିଲେ ଓ ଡାଲିଆ ଭଳି ଦିଶୁଥିବା 'ଏକୋକୋଟିଲି', କୋକୋକ୍ସୋଚିଟଲି 'ନାମରେ ନାମିତ ଦୁଇଟି ପ୍ରଜାତିର ବର୍ଣ୍ଣନା କରିଥିଲେ। ଡାଲିଆର ପ୍ରଥମ ଚିତ୍ର ଫର୍ଣ୍ଣାଡିଜ୍‌ଙ୍କ ସହିତ ଯାତ୍ରା କରୁଥିବା ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ ୧୬୫୧ ମସିହାରେ ପ୍ରକାଶ ପାଇଥିଲା। ବନସ୍ପତି ବୈଜ୍ଞାନିକମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିବା ଏହି ଫୁଲକୁ ଆମେ 'ଡାଲିଆ' ବୋଲି କହୁଛେ । ଡାଲିଆ ଗୋଟି ଗୋଟି ହୋଇ ଫୁଟେ। ୨୦ ଫୁଟରୁ ଅଧିକ ଏହା ବଢିପାରେ । ଏଜେଟ୍‌କ୍‌ମାନେ ଡାଲିଆକୁ 'ଏକୋକୋଟଲୀ ବା ୱାଟର କେନ୍' କହୁଥିଲେ। ପରବର୍ତ୍ତୀ ସମୟରେ ୧୭୮୯ ମସିହାରେ ଡାଲିଆର ବର୍ଣ୍ଣନା ଦେଖିବାକୁ ମିଳିଲା, ଯେତେବେଳେ ମେକ୍ସିକୋ ସିଟିର ବଟନିକାଲ୍ ଗାର୍ଡେନର ନିର୍ଦ୍ଦେଶକ ସ୍ପେନର ମାଡ୍ରିଡ୍, ରୟାଲ ଗାର୍ଡେନ୍ସରେ କାର୍ଯ୍ୟ କରୁଥିବା ଅଣ୍ଟାନିଓ ଜୋସେ କାଭାରିଲ୍ସଙ୍କୁ ଉଦ୍ଭିଦର କିଛି ଅଂଶ ପଠାଇଥିଲେ। ଏଥିରେ ସେ ତିନିଟି ନୂଆ ଫର୍ମ ଡାଲିଆ ପିନ୍ନାଟା, ଡି. ଗୋଲାପ ଏବଂ ଡି. କୋନୋସିନିଆ ରୋପଣ କରିଥିଲେ ଏବଂ ସ୍ୱିଡିଶ୍‌ର ବନସ୍ପତି ଶାସ୍ତ୍ରୀ

ଏଣ୍ଡ୍ରିୟାସ ଡାହଲଙ୍କ ନାମାନୁସାରେ ଏହି ଫୁଲର ନାମ କରଣ କରିଥିଲେ 'ଡାହଲିଆ ବା ଡାଲିଆ' ।

୧୮୦୦ ମସିହାରେ ଏହି ଡାହଲିଆ ବା ଡାଲିଆର ମଞ୍ଜି ସମଗ୍ର ୟୁରୋପକୁ ପଠା ଯାଇଥିଲା । ଯେତେବେଳେ ଏହା ଶଙ୍କରୀକରଣ ପ୍ରକ୍ରିୟା ଦ୍ୱାରା ରୋପଣ ହେବାକୁ ଲାଗିଲା, ପ୍ରଥମେ ଡବଲ ଫର୍ମଗୁଡ଼ିକ ବିଭିନ୍ନ ରଙ୍ଗରେ ଫୁଟିବାକୁ ଲାଗିଲା। ୧୮୭୨ରେ ଏହି ଶଙ୍କରୀ ପ୍ରଜାତିର ଚାରା ମେକ୍ସିକୋରୁ ହଲାଣ୍ଡ ପଠାଯାଇଥିଲା, କିନ୍ତୁ ସେଠାରେ ପହଞ୍ଚିବା ପରେ ଜଣାପଡ଼ିଥିଲା ଯେ ଲମ୍ବା ଆଟଲାଣ୍ଟିକ କ୍ରସିଂରୁ କେବଳ ଗୋଟିଏ ଟୋକରି ଚାରା ବଞ୍ଚିଛି। ଏକ ନୂଆ କିସମର ଏହି ଏକପତ୍ର ଫୁଲ (ଡି. ଜୁଆରେଜୀ)ର ଟୋକରୀ ସେଠାରେ ରୋପଣ ହେବାପରେ ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଫୁଲ ଫୁଟିଲା ଓ ଏହାର ପାଖୁଡାଗୁଡ଼ିକ ମୁନିଆ ଓ ପଛକୁ ଢଳିଲା ପରି ରହୁଥିଲା। ପ୍ରଥମେ ସେଠାରେ ଥିବା କିସମର ଡାଲିଆ ସହିତ ଏହି ଡି. ଜୁଆରେଜୀର ମିଳିତ ସଂଯୋଜନାରେ ବିଭିନ୍ନ ପ୍ରକାର ନୂଆ କିସମ ଉତ୍ପନ୍ନ କରାଗଲା । ଏହାକୁ ପ୍ୟାରେଣ୍ଟ ଷ୍ଟକ୍ ଭାବେ ରଖି ବିଭିନ୍ନ ଶଙ୍କରୀ ପ୍ରଜାତି ଉତ୍ପନ୍ନ ପାଇଁ କାର୍ଯ୍ୟକାରୀ ହେଲା । ଏହି ସମୟରେ ସ୍କାରଲେଟ୍ ବା ଲାଲ୍ ରଙ୍ଗର ଡାଲିଆ 'କୋକୋସିନିଆ'କୁ ଡି ପିନ୍ନାଟା କିସମ ସହିତ ମିଳିତ ଭାବେ ଶଙ୍କରୀକରଣ କରାଯାଇ ଆଧୁନିକ ଡାଲିଆ ବା ହାଇବ୍ରିଡ୍ କିସମ ' ଲରେନ୍ସ'କୁ ୧୯୬୯ ମସିହାରେ ଉତ୍ପନ୍ନ କରାଗଲା । ଧୀରେ ଧୀରେ ଡାଲିଆର ନୂଆ କିସମ ୟୁରୋପ ସମେତ ଆମେରିକା ବଗିଚାମାନଙ୍କରରେ ବିକଶିତ ହେବାକୁ ଲାଗିଲା । ୨୦୦୦ ବର୍ଷର ସଂସ୍କୃତି, ଚୟନାତ୍ମକ ପ୍ରଜନନ ଏବଂ ଶଙ୍କରୀକରଣ ପରେ ଏବେ ଡାଲିଆର ହଜାର ହଜାର କିସମ ବିକଶିତ ହୋଇପାରିଛି ଏବଂ ପ୍ରତି ବର୍ଷ ନୂଆ ନୂଆ କିସମକୁ ଜନ୍ମ ଦେଉଥିବା ଫୁଲମାନଙ୍କ ମଧ୍ୟରେ ଡାଲିଆ ସର୍ବୋତ୍ତମ ଓ ଆକର୍ଷକ ଫୁଲ । ସେଥିପାଇଁ ଡାଲିଆକୁ ମେକ୍ସିକୋର ରାଷ୍ଟ୍ରୀୟ ଫୁଲ ଘୋଷଣା କରାଯାଇଛି ।



## ଡାଲିଆର ବିଭିନ୍ନ ନାମ

ସମଗ୍ର ବିଶ୍ୱରେ ଡାଲିଆକୁ 'ଡାହାଲିଆ' ନାମରେ ଜାଣନ୍ତି। ଏହାର ବନସ୍ପତିକ ନାମ ମଧ୍ୟ 'ଡାହଲିଆ' । ଏହାର ବୈଜ୍ଞାନିକ ନାମ 'ଡାହଲିଆ ବେରିବେଲିସ୍' । ଇଂରାଜୀରେ ଡାଲିକୁ "ୱାଟର କେନ୍, ୱାଟର ପାଇପ, ହୋଲୋ ଷ୍ଟେମ୍ ଫ୍ଲାୱାର, କେକ୍ ଫ୍ଲାୱାର" କହିଥାନ୍ତି। ହିନ୍ଦୀରେ - ଡାଲିଆ, ଜର୍ମାନୀରେ - ଜାର୍ଜୀନା, ଋଷରେ- ଜାର୍ଜିନା, ସଂସ୍କୃତରେ - ଦାଲିଆପୁଷ୍ପ, ସ୍ଥଳପଦ୍ମ, କନ୍ନଡରେ - ଡେଲିଆ, ଥାଇଲାଣ୍ଡରେ ରାକ୍-ରାଏ, ରାକ୍ ରୋଜ, ଫାଷ୍ଟ ଲଭ୍ ଓ ଅନ୍ୟ ସବୁସ୍ଥାନରେ ପ୍ରାୟ ଡାଲିଆ କହିଥାନ୍ତି। ଯେହେତୁ ଡାଲିଆ ଭାରତୀୟ 'ଫୁଲ ନୁହେଁ, ଭାରତତରେ ଏହାର ଅଧିକ ନାମକରଣ କରାଯାଇନାହିଁ, କେବଳ ମେକ୍ସିକୋରୁ ଆସିଥବା ବା ଅଣା ଯାଇଥିବା ଡାଲିଆ ଚାରାକୁ ଶଙ୍କରୀକରଣ କରାଯାଇ ଭାରତୀୟ ବନସ୍ପତି ବୈଜ୍ଞାନିକମାନଙ୍କ ଦ୍ୱାରା କେତେଗୁଡିଏ ନୂଆ ପ୍ରଜାତି ଉତ୍ପନ୍ନ କରାଯାଇଛି। ଏମାନଙ୍କ ମଧ୍ୟରେ ଡାଲିଆ ବେରିବେଲିସ୍ ଓ ପିନ୍ନାଟା ଅନ୍ତର୍ଭୁକ୍ତ।

## ଡାଲିଆର ପ୍ରଜାତି ଓ ପ୍ରକାର

ଡାଲିଆ ଏକ ଚିରାଚରିତ ସୁନ୍ଦର ଫୁଲ ଯାହାର ସବୁ ପ୍ରଜାତି ଓ ପ୍ରକାର ଆପଣଙ୍କୁ ନିଶ୍ଚୟ ଆକର୍ଷିତ କରିବ। ଆପଣ ଦ୍ୱନ୍ଦ୍ୱରେ ପଡ଼ିଯିବେ ଡାଲିଆର କେଉଁ ପ୍ରଜାତି ନିଜ ବଗିଚାରେ ଲଗାଇବେ। ଏହାର ୬୪ଟି ଗ୍ରହଣୀୟ ପ୍ରଜାତି ମଧ୍ୟରେ ୪୨ଟି ମାନ୍ୟତା ପ୍ରାପ୍ତ ପ୍ରଜାତି ରହିଛି ଓ ଅନେକ ଗୁଡ଼ିଏ ଉପପ୍ରଜାତି ରହିଛି। ପ୍ରତି ପ୍ରଜାତିର ଡାଲିଆକୁ ଶଙ୍କରୀକରଣ କରାଯାଇ ହଜାର ହଜାର ପ୍ରକାର ଡାଲିଆ ଉତ୍ପନ୍ନ କରାଯାଉଛି । ଏମାନଙ୍କ ମଧ୍ୟରେ ଅଧିକ ପାଖୁଡାଥିବା ଡାଲିଆଗୁଡ଼ିକ ହେଉଛି 'ଡିଆନା ଗ୍ରିଗୋରୀ, ହଲମାକ, ଲିଟିଲ୍ ବିଲୋ, ଲିଟିଲ୍ ମେରିଅନ୍, ରୋହଣ୍ଡା, ଡବ୍ଲୁ ଜେ.ଏନ୍. ବିଲିଅନ୍ ଦାନସନ୍, ଗୋରଡନ୍ ଲାକ ବୁଡ୍, ଗିଲିନ୍ ପ୍ଲେସ୍, ବିଲ୍ଲୋ ସରପ୍ରାଇଜ୍ ମାର୍ଟିଲ୍ସ ଏଲୋ, ଲିସ୍କୋରେ ପେଜ୍‌କୋଡ୍ ମେରିଆନ୍ ଇତ୍ୟାଦି। ଛୋଟ ଆକାର ବିଶିଷ୍ଟ ପ୍ରଜାତିଗୁଡ଼ିକ ମଧ୍ୟରେ "ଏଲ୍ଲନ୍ - ମରଜୋରୀ, ଡାଉନ୍‌ଲହମ୍ ରୟାଲ୍, ରେଡ୍ ଏଡ୍‌ମେରିଅଲ୍ ନେଟି, ବିକ୍ଟର ଡି, ହ୍ୱାଇଟ୍ ନେଟି, ବୁକସାଇଡ୍ - ଡାଇଡ୍ରେ,ସିମିସ୍, କୋଇନୋନିଆ 'ଅତ୍ୟନ୍ତ ଲୋକପ୍ରିୟ ପ୍ରଜାତି ।

ଗୋଲାକାର ପ୍ରଜାତି ମଧ୍ୟରେ 'କନୋରା ଫାୟାର ବଲ, ଏଲ ଏନ୍ କ୍ରେସେ, ଡିପ୍ ସାଉଥ୍, ବୋଟନ୍‌କୁ ପିଡ, ପିଟର ନେଲସନ୍, କ୍ରଟଟନ୍ ହନି, ସିନିଅର ବଲ, ୱିଷ୍ଟା, ରସ୍କିନ୍ ବିସ୍ପି, ସ୍ନୋହୋ, ଏଲ୍ଲେମୀର ଚେରୀ, ଫିଓନା ଷ୍ଟିୱାର୍ଟ'କୁ ଶ୍ରେଷ୍ଠ ବିବେଚନା କରାଯାଏ । ଭାରତୀୟ ପ୍ରଜାତି ଗୁଡ଼ିକ ମଧ୍ୟରେ ସ୍ୱାମୀ ବିଦ୍ୟାନନ୍ଦ, ଜ୍ୟୋତ୍ସ୍ନା, ଲଡ୍‌ବୁଦ୍ଧ, ଭିକ୍ଷୁସ୍ ମଦର, ସ୍ୱାମୀ ଲୋକେଶ୍ ବରାନନ୍ଦ, ଡା. ବି.ପି. ପାଲ୍ ବ୍ରଦର ସମିଲିୟମ ପ୍ରଜାତି ଶ୍ରେଷ୍ଠ ଅଟେ । ଡାଲିଆର ସୁବୁଠୁ ଉତ୍କୃଷ୍ଟ ପ୍ରଜାତି ହେଉଛି କ୍ୟାକ୍ଟସ୍, ସେମି କ୍ୟାକ୍ଟସ୍, ପମ୍ପନ୍, ଆନିମୋନ୍ ଓ କୋଲୋରେଟି ଇତ୍ୟାଦି । ବିଭିନ୍ନ ରଙ୍ଗ, ଆକାର, ସୌନ୍ଦର୍ଯ୍ୟରେ ଭରପୁର ଡାଲିଆର ୫୦ ହଜାରରୁ ଅଧିକ ଶଙ୍କରୀପ୍ରଜାତି ରହିଛି ଯାହା ବର୍ଣ୍ଣନା କରିବା ଅସମ୍ଭବ। ତେବେ ଆସନ୍ତୁ ଅଳ୍ପ କିଛି ପ୍ରଜାତି ଉପରେ ଆଲୋକପାତ କରିବା।

## ଡାଲିଆର ଶଙ୍କରୀ ପ୍ରଜାତି : ଏ ଲା ମୋଡ୍

ଦକ୍ଷିଣ ଆମେରିକା ଓ ମେକ୍ସିକୋ ଏହାର ଉତ୍ପତ୍ତିସ୍ଥଳ। ଏହା ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରେ । ଏହା ଉଜ୍ଜଳ ପିଚ୍ କମଳା ରଙ୍ଗର ଧଳା ଛିଟ୍ ପଡ଼ିଥିବା ସୁନ୍ଦର ପ୍ରଜାତିର ଡାଲିଆ ଓ ଛଅ ଇଞ୍ଚ ବିଶିଷ୍ଟ ହୋଇଥାଏ । ଏହାକୁଣ୍ଡ ଏବଂ ଉଭୟ ସ୍ଥାନରେ ଖୁବ୍ ଭଲ ବଢିପାରେ,େ କୌଣସି ପଶୁ ପକ୍ଷୀ ଖାଇବାର ଡର ନଥାଏ। ୨-୩ ଦିନରେ ଥରେ ଏଥିରେ ପାଣି ଦେବାକୁ ପଡ଼େ ଓ ମାଟିକୁ ଆଦ୍ର ରଖାଯାଇଥାଏ ।

## ଆଲ୍‌ଫ୍ରେଡ୍ ଗ୍ରିଲି

ଜୁଲାଇରୁ ଶରତ ଆଗମନ ପର୍ଯ୍ୟନ୍ତ ହଳଦିଆ ଉଜ୍ଜ୍ୱଳ କେନ୍ଦ୍ର ବିଶିଷ୍ଟ ସେଲ୍ମନ୍ ଗୋଲାପୀ ରଙ୍ଗର ଅତି ଆକର୍ଷକ ଡାଲିଆ ହେଉଛି ଆଲ୍‌ଫ୍ରେଡ୍ ଗ୍ରିଲ୍। ଏହା ଏକ ଅଳଙ୍କରଣ ବୃକ୍ଷ ଓ ଏହାର ପାଖୁଡାଗୁଡ଼ିକ ଲମ୍ବା, ପତଳା ଯାହା ସମୁଦ୍ରର ଆନିମେନ୍ ବା ଉଇଣ୍ଡ ଫ୍ଲାୱାର ଭଳି ହୋଇଥାଏ। ଅଲଫ୍ରେଡ୍ ଗ୍ରିଲିର ଏକ ବିଶେଷତା ଏହା ଯେ ପ୍ରବଳ ବର୍ଷା ସତ୍ତ୍ୱେ ବି ଏହି ଫୁଲ ତା'ର ଡାଳ ସହିତ ସିଧା ରହିଥାଏ । ଯାହାଫଳରେ ଫୁଲ ନଇଁଯିବା ବା ଭାଙ୍ଗିଯବାର ଭୟ ନଥାଏ। ଏହା ଏକ ଦୀର୍ଘଜୀବୀ ଉଦ୍ଭିଦ ଯାହା ପାଚେରୀ କଡ଼ମାନଙ୍କରେ ଏକ ବାଡ ଭଳି ସୀମାର ଭ୍ରମ ସୃଷ୍ଟି କରିଥାଏ ।

## ଆମେରିକାନ୍ ଡ୍ରିମ୍

ଏହି ଡାଲିଆର ଉତ୍ପତ୍ତିସ୍ଥଳ ହେଉଛି ମେକ୍ସିକୋ, ସେଣ୍ଟ୍ରାଲ୍ ଏବଂ ସାଉଥ୍ ଆମେରିକା । ଏହା ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରେ । ଏହା ଏକ ପ୍ରମୁଖ ପ୍ରଜାତିର ଡାଲିଆ, ଯାହାର ଚଉଡା ୧୦ ଇଞ୍ଚ ପର୍ଯ୍ୟନ୍ତ ଓ ରଙ୍ଗ ଗୋଲାପୀ

ହୋଇଥାଏ । ଏଥିରେ ବହୁମାତ୍ରାରେ ଥୋପା ଫୁଲ ଫୁଟିଥାଏ । ଆପଣ ପାଖରୁ ଦେଖିଲେ ଏହି ଫୁଲରେ ଥିବା ରାସ୍ପବେରୀ ଷ୍ଟିପ୍ ଗୁଡ଼ିକ ନିଶ୍ଚୟ ପ୍ରଶଂସନୀୟ ମନେ କରିବେ । ଆମେରିକାନ୍ ଡ୍ରିମ୍ କିସମର ଡାଲିଆ ଯଦିଓ ଦେଖିବାକୁ ସୁନ୍ଦର, କିନ୍ତୁ ପବନରେ ଭାଙ୍ଗିଯିବାର ଆଶଙ୍କା ଥାଏ ଓ ମାଟିକୁ ସବୁବେଳେ ଆଦ୍ର ରଖିବାକୁ ପଡ଼େ ।

## ଅପ୍ରିଲଡନ୍

ଏହି କିସମର ଡାଲିଆ ଏକ ସଜାବଟୀ ବା ଅଳଙ୍କରଣ ଶ୍ରେଣୀଭୁକ୍ତ, କାରଣ ଏହା ଡବଲ୍ ପାଖୁଡା ବିଶିଷ୍ଟ ଓ ଆକର୍ଷକ ଝୁଲାୟମାନ ପାଖୁଡା ହୋଇଥାଏ। ପାଖୁଡାଗୁଡ଼ିକ ସମାନ ଭାବେ ବିତରଣ ହେବା ସହିତ ଏହାର ଏକ ଔପଚାରିକ ସଜାବଟୀ ରୂପ ଥାଏ । ଅଧିକାଂଶ ଡାଲିଆ ପରି ଏପ୍ରିଲ୍ ଡନ୍, କୁକୁର, ବିଲେଇ, ଘୋଡା ଭଳି ଅନେକ ପ୍ରାଣୀମାନଙ୍କ ପାଇଁ ବିଷାକ୍ତ ଅଟେ। ଆପଣ ଏହାକୁ ପାଞ୍ଚଟି ବର୍ଗରେ ରୋପଣ କରି ବଗିଚାର ସୌନ୍ଦର୍ଯ୍ୟ ବଢାଇ ପାରିବେ।

## ଆରବିଆନ୍ ନାଇଟ୍

ଏହି କିସମର ଡାଲିଆର ଭୌଗୋଳିକ ଉପସ୍ଥିତି ବା ମୂଳ ଉତ୍ପତ୍ତି ସ୍ଥଳ ହେଉଛି ହଲାଣ୍ଡ । ଏହାର ପ୍ଲାଣ୍ଟ ସାଇଜ୍ ୩୬ ଇଞ୍ଚରୁ ୪୦ ଇଞ୍ଚ । ଏହାର ରଙ୍ଗ ଗାଢ ଲାଲ୍ ଓ କେନ୍ଦ୍ରରେ ଗଭୀର ଲାଲ ଅଂଶ କଳା ପରି ମନେହୁଏ। ଏହି ଡାଲିଆ ପ୍ରଚୁର ପରିମାଣରେ ଫୁଟେ, ଯାହା ଜୁନ୍‌ରୁ ଆରମ୍ଭ ହୋଇଥାଏ। ଏହା ୪ ଇଞ୍ଚ ଚଉଡା ବିଶିଷ୍ଟ ବକ୍ର ପଟିଯୁକ୍ତ ଓ ଅଧିକ ଉତ୍ପାଦକ ଫୁଲ। ଯଦିଓ ଏହା ପୂର୍ଣ୍ଣ ସୂର୍ଯ୍ୟକିରଣ



ଆବଶ୍ୟକ କରେ, ତଥାପି ଏହାକୁ ହାଲୁକା ଛାଇରେ ରଖାଯାଇଥାଏ। ଏହାର ଡାଳ ଗୁଡ଼ିକ ମରିଗଲେ ବା ଶୁଖିଗଲେ ଯଦି କାଟି ଦିଆଯାଏ, ଏହା ଅଧିକ ଫୁଲ ଫୁଟାଇଥାଏ ।

## ଆର୍ଲିକୁଇନ୍ ଡେକୋରେଟିଭ୍

ଏହି କିସମର ଡାଲିଆର ଉତ୍ପତ୍ତିସ୍ଥଳ ହେଉଛି ସାଉଥ୍ ଆମେରିକା ଓ ମେକ୍ସିକୋ। ଏହାର ପ୍ଲାଣ୍ଟ ସାଇଜ୍ ୩୬-୪୮ ଇଞ୍ଚ । ଏହା ଶଙ୍କରୀ ପ୍ରଜାତିର ଡାଲିଆ ଯାହାକୁ ୧୯୫୧ରେ ପଞ୍ଜିକରଣ କରାଯାଇ ବଗିଚାମାନଙ୍କ ପାଇଁ ଏକ ଉତ୍କୃଷ୍ଟ ଓ ଆକର୍ଷକ ଫୁଲଭାବେ ଗଣନା କରାଯାଇଛି । ଏହା ୬-୮ ଇଞ୍ଚ ବିଶିଷ୍ଟ ହଳଦିଆ, ଲାଲ୍‌ରୁ ଗାଢ ଲାଲ୍ ରଙ୍ଗର ହୋଇଥାଏ । ଏହା ବର୍ଷକୁ ଥରେ ବା ବାରମାସୀ ଭାବେ ମଧ ଫୁଟିଥାଏ । ଏହି ଡାଲିଆକୁ କଟିଂ କରି ବା ପୁଆ ଦ୍ୱାରା ରୋପଣ କରାଯାଇପାରେ।

## ଆରୋରାସ୍ କିସ୍ :

ଏହାର ଉତ୍ପତ୍ତିସ୍ଥଳ ହେଉଛି କାନାଡା । ଏହା ଏକ ବଲ୍ କାଟାଗୋରିର ଫୁଲ, ଯାହାର ଆକାର ଗୋଲାକାର ପମପମ୍ ସେପର ହୋଇଥାଏ । ଏହାର ପାଖୁଡାଗୁଡ଼ିକ ଛୋଟ ଛୋଟ ଓ ଭିତରକୁ ମୋଡି ହୋଇ ରହିଥାଏ । ଉପରୁ ଦେଖିଲେ ମହୁଫେଣା ଭଳି ଦିଶେ । ଆରୋରା କିସ୍‌ର ରଙ୍ଗ ଗାଢ ଲାଲ୍ ଓ ଏହା ଗ୍ରୀଷ୍ମ ଋତୁର ମଧ୍ୟଭାଗରୁ



ଶରତ ଋତୁ ଯାଏ ଫୁଟିଥାଏ। ଅଧିକ ଫୁଲ ଫୁଟାଇବା ପାଇଁ ଏଥିରେ ପୋଟାସ୍ ସହିତ ଉର୍ବରକ ସାର ପ୍ରୟୋଗ କରାଯାଇଥାଏ। ପୁରୁଣା ଶୁଖିଲା ଫୁଲର ଖତ ମଧ୍ୟ ବ୍ୟବହାର କରାଯାଇପାରେ ।

## ଅଟମନ୍ ସନବ୍ରଷ୍ଟ

ଏହି କିସମର ଉତ୍ପତ୍ତିସ୍ଥଳ ହେଉଛି କଲମ୍ବିଆ ଓ ଯୁକ୍ତରାଷ୍ଟ୍ର ଆମେରିକା । ଏହାର ସୁନ୍ଦର ଲାଲ୍ ଓ ନାରଙ୍ଗୀ ରଙ୍ଗ ସହିତ ହାଲୁକା ହଳଦିଆର ଛିଟଯୁକ୍ତ ପାଖୁଡା ପାଇଁ ଏହାକୁ 'ଅଟମନ୍ ସନ୍‌ବ୍ରଷ୍ଟ' ନାମ ଦିଆ ଯାଇଛି । ଏହି ଡାଲିଆ ଥୋପା ଫୁଟିଥାଏ ଓ ପାଖୁଡାଗୁଡ଼ିକ ଝାଲର ପରି ହୋଇଥାଏ, ଯାହାକି ତା'ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ। ବସନ୍ତ ଋତୁର ଶେଷ ଆଡ଼କୁ ଏହି ଡାଲିଆ ରୋପଣ କଲେ ଠିକ୍ ସମୟରେ ପ୍ରଚୁର ଫୁଲ ଫୁଟାଇଥାଏ। ଏହି ଫୁଲ ୮-୧୦ ଇଞ୍ଚ ବିଶିଷ୍ଟ ହୋଇଥାଏ ଓ ଗ୍ରୀଷ୍ମ ସମୟରେ ପ୍ରଥମଫୁଲ ଧରିବା ଆରମ୍ଭ କରେ।

## ବ୍ଲିଥ୍ ସିରିଟ୍

ଏହି କିସମ ଡାଲିଆର ଉତ୍ପତ୍ତିସ୍ଥଳ ହେଉଚି ହଲାଣ୍ଡ। ଲାଲ୍ ପାଖୁଡା ଓ ଅଗ୍ରଭାଗରେ ଧଳା ରଙ୍ଗର ସୁସଜ୍ଜିତ ଚମକଦାର ଫୁଲ ହେଉଛି ବ୍ଲିଥ୍ ସିରିଟ୍। ଏହା ଏକ ବିଦେଶୀ ଉଷ୍ମ କଟୀବନ୍ଧୀୟ ଉଦ୍ଭିଦ । ଏହି ଅଳଙ୍କରଣ ଫୁଲର ଆରମ୍ଭ ୧୯୬୨ରେ ହୋଇଥିଲା, ଯାହାର ପତ୍ରଗୁଡ଼ିକ ଚିକ୍କଣ, ସୁନ୍ଦର ଓ ସବୁଜ ରଙ୍ଗର। ଏହା ତଟବର୍ତ୍ତୀ ଅଞ୍ଚଳରେ ଭଲ ବଢିପାରେ ।

ଏହି ଶଙ୍କରୀ ପ୍ରଜାତିଗୁଡ଼ିକ ମଧ୍ୟରେ ଆହୁରି ଅନେକ ପ୍ରକାର ଡାଲିଆ ରହିଛି ଯଥା- ବୁଗି ବୁଗି, ଚେକର୍ସ, ଚିମ୍ପୋରୋଜା, କୋରାନେଲ୍, ଡେଭିଡ୍ ହ୍ୱାଡ୍, ଡୋରିସ୍ ଡେ, ଡଚ୍ ଏକ୍ସ୍‌ପ୍ଲୋଇଜନ୍, ଏଡିନ୍ ବର୍ଗ, ଫ୍ରାଞ୍ଜ କାଫକା, ଫ୍ରାଗୋଲେଟ୍, ଗାର୍ଡେନ୍ ସୋ, ଜେରିହକ୍, ହାରାସିଙ୍ଗଲ୍, ଫରେଷ୍ଟ ଲଭ୍, ହେନେରିଚ୍ଚି, ହଲାଣ୍ଡ ଫେରିଭାଲ୍, ହୋଙ୍କା ସରପ୍ରାଇଜ୍, ଜୋମଣ୍ଡା, କରମା ବନ୍ ବିନି, କେଲଭିନ୍ ଫ୍ଲୋଡଲାଇଟ୍, ଲିଲାକଟାଇମ୍, ମଜେଷ୍ଟା ଷ୍ଟାର, ମେଲୋଡି ଡୋରା, ମୁନ୍ ଫାୟାର ଇତ୍ୟାଦି ଆହୁରି ଅନେକ ।

## ଡାଲିଆର ରୋପଣ ବିଧି

ଡାଲିଆ ରୋପଣ ବା ଚାଷ ପାଇଁ ଖୋଲା ସ୍ଥାନ ଓ ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନ ଆବଶ୍ୟକ ହୋଇଥାଏ । ଏହି ଫୁଲ ଯେକୌଣସି ପ୍ରକାର ମାଟିରେ ରୋପଣ କରାଯାଇପାରେ, କିନ୍ତୁ ମାଟି ଜଳନିଷ୍କାସନ କରିପାରୁଥିବା ଆବଶ୍ୟକ। ଭଲ ଭାବେ କୋଡି ମାଟିକୁ ସମତଳ କରାଯିବା ପରେ ୪୦ ସେ.ମି. ରୁ ୬୦ ସେ.ମି. ବ୍ୟବଧାନରେ ଡାଲିଆର ଚାରା ରୋପଣ କରାଯାଇଥାଏ । ପ୍ରଜାତି ଅନୁସାରେ ଦୂରତା ନିର୍ଦ୍ଧାରିତ ହୋଇଥାଏ । ସଢିଯାଇଥିବା ଖାଦ ବା ଖତ ପର୍ଯ୍ୟାପ୍ତ ମାତ୍ରାରେ ମିଶାଇ ଭଲ ଭାବେ ମାଟିରେ ମିଶିଯାଏ । ଯଦି ଉର୍ବରକ ଦେବାକୁ ଚାହାନ୍ତି ୪:୧୦:୬ ନାଇଟ୍ରୋଜେନ୍, ଫସ୍‌ଫରସ୍ ଏବଂ ପୋଟାସଯୁକ୍ତ ମିଶ୍ରଣ ବନାଇ ମାଟିରେ ଦେଇପାରିବେ । ଭଲ ଓ ସୁନ୍ଦର ଫୁଲ ଫୁଟିବା ପାଇଁ ପୋଟାସ ଦେବା



ଜରୁରୀ । ଖାଦ ଏବଂ ଜଳସିଞ୍ଚନ ନିହାତି ଆବଶ୍ୟକ । କାରଣ ଫୁଲ ଧରିଲେ ଯେମିତି ପାଣିର ଅଭାବ ନ ଦେଖାଯାଏ। ଡାଲିଆକୁ କୁଣ୍ଡରେ ଲଗାଇବାକୁ ଚାହଁଉଥିଲେ ୧୦ କି.ଗ୍ରା. ପଟୁମାଟି, ୫ କି.ଗ୍ରା. ସଢାପତ୍ର, ୭ କି.ଗ୍ରା. ଗୋବର ଖତ, ୩୦ ଗ୍ରାମ୍ ସୁପର ଫସ୍‌ଫେଟ୍ । ୨୦ ଗ୍ରାମ ପୋଟାସ୍ ଓ ୫.୧୦ ଗ୍ରାମ୍ ଚୂନ୍‌ର ମିଶ୍ରଣ କରି କୁଣ୍ଡରେ ଭରିବାକୁ ପଡ଼େ । ମାଟିର ଉପର ସ୍ତରକୁ ସମତଳ କରି ହାଲୁକା ପାଣି ସିଞ୍ଚି ଆଦ୍ର କରିବାକୁ ପଡ଼େ ଓ ତା'ପରେ ଡାଲିଆର ଚାରା ବା କଟିଂ ରୋପଣ କରାଯାଏ । ଅକ୍ଟୋବରରୁ ନଭେମ୍ବର ଭିତରେ ଲଗାଇଲେ ଏହା ଅଧିକ ଉର୍ବର ହୋଇଥାଏ । କଲମି ଦ୍ୱାରା ମଧ୍ୟ ଡାଲିଆ ଲଗାଯାଇଥାଏ । ଡାଲିଆକୁ ବର୍ଷା, ପବନରୁ ରକ୍ଷା କରିବା ପାଇଁ ସାହାରର ଆବଶ୍ୟକ ହୋଇଥାଏ, ତେଣୁ ଗଛ ସହିତ ଖଣ୍ଡେ ଖଣ୍ଡେ ବାଡି ପୋତିବା ଜରୁରୀ।

## ଡାଲିଆ ସୋସାଇଟି

ଶୁଣିବାକୁ ବିଚିତ୍ର ଲାଗିଲେ ମଧ୍ୟ ଏହା ସତ ଯେ ଡାଲିଆକୁ ନେଇ ବିଶ୍ୱର ବିଭିନ୍ନ ଦେଶରେ ଅନେକ ଗୁଡିଏ ସଂଗଠନ ବା ସୋସାଇଟି ଗଠନ କରାଯାଇଛି। ଶଙ୍କରୀକରଣ ଦ୍ୱାରା ଡାଲିଆର ନୂଆ ନୂଆ ପ୍ରଜାତି ଓ ପ୍ରକାରର ବୃଦ୍ଧି କରିବା, ଔଷଧୀୟ ଉପଯୋଗରେ ବ୍ୟବହାର କରିବା, ଡାଲିଆର ସଂରକ୍ଷଣ କରିବା, କସ୍ମେଟିକ୍ ଦୁନିଆରେ ଡାଲିଆର ଉପଯୋଗ କରିବା ସୋସାଇଟି ଗୁଡ଼ିକର ମୂଳଲକ୍ଷ୍ୟ । 'ଆମେରିକାନ୍ ଡାଲିଆ ସୋସାଇଟି'ର କାମ ହେଲା ସଂଗଠନର ପ୍ରତିଟି ସଦସ୍ୟ ଅନେକ ଛୋଟ ଛୋଟ ସଂଗଠନ ଗୁଡ଼ିକର ଗବେଷଣାତ୍ମକ କାମକୁ ପ୍ରୋତ୍ସାହିତ କରିବା ଓ ଡାଲିଆର ସଂରକ୍ଷଣ କରିବାର ଦାୟିତ୍ୱ ନେବା ୭୫ଜଣଙ୍କୁ ନେଇ ଏହି ସୋସାଇଟି ଡାଲିଆ ଉପରେ ବିଭିନ୍ନ ଗବେଷଣା ଜାରି ରଖିଛି । ଆଉ ଏକ ବୃହତ୍ ଡାଲିଆ ସୋସାଇଟି ହେଉଛି 'ନେସ୍‌ନଲ୍ ଡାଲିଆ ସୋସାଇଟି' । ୧୯୮୧ ମସିହାରେ ଗଠିତ ହୋଇଥିବା ଏହି ଅନୁଷ୍ଠାନଟି ଏକ ଶତାବ୍ଦୀ ଧରି ପୁଷ୍ପପ୍ରେମୀମାନଙ୍କ ଏକ ଅଦ୍ଭୁତ ବରଦାନ ଭାବେ କାର୍ଯ୍ୟ କରୁଛି । ଡାଲିଆ ପ୍ରତି ଆକର୍ଷିତ କରାଇ ଏହାକୁ ଅଧିକରୁ ଅଧିକ ପ୍ରଜାତି ଓ ପରିଚୟ ଦେବା ଏହି ସଂଗଠନର ଲକ୍ଷ୍ୟ । ଏହା ଏକ ପଞ୍ଜିକୃତ ସଂଗଠନ, ଯାହା ଡାଲିଆକୁ ପ୍ରଦର୍ଶନ, ପ୍ରଶିକ୍ଷଣ, ସମ୍ମେଳନ ମାଧ୍ୟମରେ ଲୋକମାନଙ୍କୁ ଡାଲିଆ ପ୍ରତି ଆକର୍ଷଣ ବଢ଼ାଇଥାଏ । ଦୁନିଆର ସବୁଠୁ ବଡ଼ ଡାଲିଆ ସଂଗଠନ ହେଉଛି 'ନେସନାଲ୍ ଡାଲିଆ ସୋସାଇଟ' ଯାହା ବର୍ଷରେ ଥରେ ସେମାନଙ୍କର ମୁଖ୍ୟ ପ୍ରଦର୍ଶନୀ ଆର.ଏନ୍.ଏସ୍. ବିସ୍ଲି ଏ ନ୍ୟୁମର ହଲ୍ ରିପ୍, ଲୋକସାୟର ଠାରେ ପ୍ରଦର୍ଶିତ କରାଯାଇଥାଏ । ଶୀକ୍ଷାର୍ଥୀମାନଙ୍କ ପାଇଁ ସ୍ୱଚ୍ଛ ପ୍ରବେଶ ମୂଲ୍ୟ ଦେବାର ସୁବିଧା କରାଯାଇଥାଏ ।

ଡାଲିଆର ଆଉ ଏକ ସଂଗଠନ ଅଛି 'ଗ୍ରେଟର କନସାସ୍ ସିଟ୍' ଯାହା ୧୯୬୭ ମସିହାରେ ଆରମ୍ଭ ହୋଇଥିଲା ଯାହା ପ୍ରାୟ ଘାଟାରେ ଚାଲେ, କିନ୍ତୁ ପ୍ରତିବର୍ଷ ଏହି ଅନୁଷ୍ଠାନ ମାର୍ଚ୍ଚରୁ ଅକ୍ଟୋବର ମଧ୍ୟରେ ଏକ ବିରାଟ ପ୍ରଦର୍ଶନୀ ମାଧ୍ୟମରେ ଲୋକମାନଙ୍କୁ ଡାଲିଆ ରୋପଣ ବିଧି, ରକ୍ଷଣାବେକ୍ଷଣ କୃଷି ପଦ୍ଧତି ସମ୍ବନ୍ଧରେ ସଚେତନ କରାଇ ଶିକ୍ଷା ଦେଇଥାନ୍ତି । ସାଧାରଣତଃ ଏହା ଅନିତାବି. ଗୋର୍ମାନ ଡିସ୍କବରୀ ସେଣ୍ଟରରେ ଅନୁଷ୍ଠିତ ହୋଇଥାଏ । ସେହିପରି 'ଭିକ୍ଟୋରିଆ ଡାଲିଆ ସୋସାଇଟି'ର ସଦସ୍ୟମାନେ ପ୍ରତିବର୍ଷ ଅଗଷ୍ଟ ମାସରେ ଏକ ପ୍ରଦର୍ଶନୀ ରଖିଥାନ୍ତି ଏବଂ ସେମାନଙ୍କର ବୃହତ, ସୁନ୍ଦର ଓ ଶୋଭନୀୟ ଡାଲିଆକୁ ପ୍ରଦର୍ଶିତ କରିଥାନ୍ତି। ୧୯୬୦ ମସିହା ନଭେମ୍ବରରେ ଗଠିତ ଏହି ସୋସାଇଟିକୁ ଉଦ୍‌ଘାଟନ୍ କରିଥିଲେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବର୍ଣ୍ଣସ ଓ ପ୍ରଥମେ ଏହି ସଂଗଠନର ସଦସ୍ୟ ରହିବାର ସମ୍ମତି ଜଣାଇଥିଲେ । ଡାଲିଆର ଚାରା ନିଲାମ ହେବା ସମୟରେ ସେତେବେଳେ ପ୍ରଥମ ନିଲାମ ଘୋଷଣା କରାଯାଇଥିଲା ୬ ପାଉଣ୍ଡ, ୮ ଶିଲଙ୍ଗ୍ ଓ ୬ ପଇସା । ଜର୍ଜ ବର୍ଣ୍ଣ ଏହି ସୋସାଇଟିକୁ ସହଯୋଗ କରୁଥିଲେ ଓ ଡାଲିଆର କୃଷି ପଦ୍ଧତି ଉପରେ ଏକ ପତ୍ରିକା (ଉଇଐଖଓଇଝ) ଆରମ୍ଭ କରାଇବାକୁ ଜଣେ ଟାଇପ୍ ରାଇଟରଙ୍କୁ ୧୦୦ ପାଉଣ୍ଡ ଅର୍ଥରାଶି ଦେଇଥିଲେ । ଏବେ ମଧ୍ୟ ପତ୍ରିକା ରଙ୍ଗୀନ ପତ୍ରିକା ଭାବେ ବର୍ଷକୁ ଦୁଇଥର ସଦସ୍ୟ ତଥା ସହଯୋଗୀମାନଙ୍କୁ ବିତରଣ କରାଯାଇଥାଏ । ଡାଲିଆର ଲୋକପ୍ରିୟତା ଓ ନୂଆ ନୂଆ ପ୍ରଜାତିର ଉତ୍ପାଦନ କରି ରେକର୍ଡ କରିବାରେ କାଲିଫର୍ଣ୍ଣିଆ କିଛି କମ୍ ନୁହେଁ। 'ଡାଲିଆ ସୋସାଇଟି ଅଫ୍ କାଲିଫର୍ଣ୍ଣିଆ' ପ୍ରତି ବର୍ଷ ପରିଦର୍ଶକମାନଙ୍କ ପାଇଁ ଏକ ବାର୍ଷିକ ଉତ୍ସବ ବା ପ୍ରଦର୍ଶନୀ ଆୟୋଜନ କରିଥାଏ ଏବଂ ଏହା 'ଗୋଲ୍ଡେନ୍ ଗେଟ୍' ପାର୍କଠାରେ ପ୍ରଦର୍ଶିତ ହୋଇଥାଏ । 'ଗ୍ରେଟର କଲମ୍ବସ୍ ଡାଲିଆ ସୋସାଇଟି'(GCDS) ଆଉ ଏକ ପ୍ରମୁଖ ସଂଗଠନ ଯାହା ଡାଲିଆ ରୋପଣ ବିଧି ଓ ଶଙ୍କରୀକରଣ, ନୂଆ ପ୍ରଜାତି ଉତ୍ପାଦନ ସମ୍ବନ୍ଧରେ ପୁଷ୍ପପ୍ରେମୀମାନଙ୍କୁ ଅନେକ ତଥ୍ୟ ଓ ପ୍ରଶିକ୍ଷଣ ଦେଇଥାଏ। ରାଷ୍ଟ୍ରପତି ଜେଫ୍ ଲାଇନ୍, ଉପ ରାଷ୍ଟ୍ରପତି (କଲମ୍ବିଆ) ଗିଲ୍ ଗ୍ରାହମ, ଦ୍ୱିତୀୟ ରାଷ୍ଟ୍ରପତି ଜେସନ୍ ଫାରଚିଡ ଓ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଏହି ଅନୁଷ୍ଠାନର ସଦସ୍ୟ ଭାବେ ରହିଛନ୍ତି । ଠିକ୍ ସେହିପରି 'ନିଉ ଇଂଲଣ୍ଡ ଡାଲିଆ ସୋସାଇଟି' (NEDS), ନେସନାଲ୍ କ୍ୟାପିଟାଲ୍ ଡାଲିଆ ସୋସଇଟି (NCDS), ଇନ୍‌ଲାଣ୍ଡ ଏମ୍ପାୟାର ଡାଲିଆ ସୋସାଇଟି (IEDS) ପୁଗେଟ୍ ସାଉଣ୍ଡ ଡାଲିଆ ଆସୋସିଏସନ୍, ଡାଲିଆ ସୋସାଇଟି ଅଫ୍ ନୋଭା ସ୍କୁଟିଆ, ପୋର୍ଟଲାଣ୍ଡ ଡାଲିଆ ସୋସାଇଟି (PDS) ଆଦି ଅଗଣିତ ଅନୁଷ୍ଠାନ ରହିଛି ଯାହା ଡାଲିଆର ସୌନ୍ଦର୍ଯ୍ୟ ଓ ପ୍ରିୟ ଫୁଲ ଭାବେ ପ୍ରୋତ୍ସାହିତ କରିବା ସହିତ ବିଶ୍ୱର କୋଣାନୁକୋଣରେ ସମସ୍ତଙ୍କ ହୃଦୟ ଜିତିଥାଏ ଭାରତ ମଧ୍ୟ ଏ ବାବଦରେ ପଛରେ ନାହିଁ । ଡାଲିଆର ନୂଆ ପ୍ରଜାତି ଉତ୍ପନ୍ନ ଓ ବିତରଣ ପାଇଁ 'ଇଣ୍ଡିଆନ୍ ଡାଲିଆ ସୋସାଇଟି' (IDS) ଏକ ପ୍ରମୁଖ ସଂଗଠନ ଭାବେ ଡାଲିଆ ରୋପଣକୁ ପ୍ରୋତ୍ସାହିତ କରୁଛି । ଭାରତ, ଶଙ୍କରୀକରଣ ଦ୍ୱାରା ଅନେକ ନୂଆ ପ୍ରଜାତି ଉତ୍ପନ୍ନ କରିପାରିଛି।

## ଡାଲିଆର ଔଷଧୀୟ ଗୁଣ

ଡାଲିଆର ସବୁ ପ୍ରଜାତିରେ ଔଷଧୀୟ ଗୁଣ ନଥାଏ, ଅଳ୍ପ କେତୋଟି ପ୍ରଜାତି ରହିଛି ଯେଉଁଥିରେ ଔଷଧୀୟ ଗୁଣ ଦେଖିବାକୁ ମିଳେ। ଏକଦା ଡାଲିଆ କେନ୍ଦ୍ରୀୟ ମେକ୍ସିକୋ, ୟୁକାଟାନ୍ ଏବଂ ଗୁଆଟେମାଲାର ପ୍ରି-କଲମ୍ବିଆ ଭାରତୀୟମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମୂଳ ଫସଲ ଓ ଔଷଧୀୟ ଉଦ୍ଭିଦ ଥିଲା। ଏହାର ମୂଳଗୁଡ଼ିକ ଭିତରେ ଗଚ୍ଛିତ ପୁଷ୍ଟିକର ଇନୁଲିନ୍ ଏବଂ ଟ୍ୟୁବର ଚର୍ମରେ ଥିବା ଆଣ୍ଟିବାୟୋଟିକ୍ କୋଷଗୁଡ଼ିକପାଇଁ ମୂଲ୍ୟବାନ୍ କୁହାଯାଇଥାଏ । ଡାଲିଆରେ ଥିବା ଫାଇଭର ହଜମ ପ୍ରକ୍ରିୟାକୁ ସହଜ କରିଥାଏ ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ । ସାଧାରଣତଃ ଡାଲିଆ ଚୋପାଥିବା ଗହମ ଭଳି ହୋଇଥାଏ । ଚୋପାଗୁଡ଼ିକୁ ଖାଦ୍ୟରେ ଭରପୁର ମାତ୍ରାରେ ଫାଇବର ଦେଇଥାଏ ଏବଂ ଅନ୍ତନଳୀ ସଫା ରଖିବା ସହିତ ହଜମଶକ୍ତି ବଢ଼ାଇଥାଏ। ପାଚନ ପ୍ରକ୍ରିୟାକୁ କ୍ରିୟାଶୀଳ କରାଏ ଓ ଶରୀରରେ ଓଜନ କମ୍ କରିଥାଏ । ଡାଲିଆ ଡାଇବେଟିସ୍ ପାଇଁ ଉପଯୋଗୀ ହୋଇଥାଏ । ତ୍ୱଚା ସଂକ୍ରମଣ, କୁଣ୍ଡେଇ ହେବା ରୁକ୍ଷ ତ୍ୱଚାର ଉପଚାର ପାଇଁ ଡାଲିଆ ଏକ ଉପଯୋଗୀ ଔଷଧର କାମ କରିଥାଏ । ଶରୀରରେ ମେଟାବୋଲିଜିମ୍ ବୃଦ୍ଧିକରେ । ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଡାଲିଆ ବଗିଚାର ସୌନ୍ଦର୍ଯ୍ୟ ସହିତ ମନରେ ଶାନ୍ତି ଓ ଆନନ୍ଦ ଆଣିଥାଏ ।

ଆଇନକାନୁନ

ସିଟି କୋଅପରେଟିଭ୍ ବ୍ୟାଙ୍କ,
ଦରଜୀପୋଖରୀ, ବାଲେଶ୍ୱର-୭୫୬୦୦୧
[illegible]

**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତି ଉପରେ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୨୪

# ଧାରା ୩୭୬




**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫


୩୭୬ ବା 'ରେପ୍'ର ମୋକଦ୍ଦମା ଏଫ୍.ଆଇ.ଆର୍ ଯଦି ଆପଣଙ୍କ ବିରୋଧରେ ହୋଇ ସାରିଚି, ତେବେ ଏଫ୍.ଆ.ଆର୍. ପରେ ଆପଣଙ୍କ ପ୍ରେମିକା କହୁଛି ତାକୁ ବିବାହ କଲେ ହିଁ ମୋକଦ୍ଦମା ହଟାଇବ । ଆପଣ ଦ୍ୱନ୍ଦ୍ୱରେ ଅଛନ୍ତି ବିବାହ କରିବେ କି ନାହିଁ । ଯଦି ବିବାହ କରିଛନ୍ତି, ତେବେ ସମ୍ପର୍କକୁ କିଭଳି, କେମିତି ତୁଲାଇବେ ଏକଥା ମୁଣ୍ଡରେ ପଶୁନି । କାରଣ ଆପଣ ଯେଉଁ ସମ୍ପର୍କ ଗଢ଼ିଥିଲେ ତାହା କମ୍ ସମୟ ପାଇଁ ହୋଇଥିଲା, ଆପଣଙ୍କୁ ଜଣାନଥିଲା ଯେ ଆପଣଙ୍କ ଗାର୍ଲଫ୍ରେଣ୍ଡ୍ ଆପଣଙ୍କ ସହ ଏପରି କରିବ । ଗାର୍ଲଫ୍ରେଣ୍ଡର ସହମତିରେ ଆପଣ ବି ଯଦି ତା'ସହ ଶାରୀରିକ ସମ୍ପର୍କ ରଖି ଦେଇଛନ୍ତି ତାକୁ ନେଇ ରେପ୍‌ର ଆଖ୍ୟା ଦେଇ ଆପଣଙ୍କୁ ବିବାହ ପାଇଁ ଚାପ ପକାଉଛି ତେବେ ସେଥିରୁ ବାହାରିବେ କିପରି ? ଆସନ୍ତୁ ଜାଣିବା..

ଏକ ରିପୋର୍ଟ ଅନୁଯାୟୀ, ରେପ୍ ମାମଲାରେ ନୋଏଡ଼ାର ଏକ ଗ୍ରାମରେ ରହୁଥିବା ଯୁବତୀ ୧୧ ଅକ୍ଟୋବର ୨୦୧୯ ରେ ମହିଳା ଥାନାରେ କେସ୍ ଦେଇଥିଲା । ମୋହନ ନାମକ ବ୍ୟକ୍ତି ଏଥିରେ ଆରୋପୀ ଥିଲା । ଯୁବତୀ ଦୋଷ ଦେଇଥିଲେ ଯେ, ଯୁବକ ଜଣଙ୍କ ଜୀବନରୁ ମାରିଦେବାକୁ ଧମକ ଦେଇ ରେପ୍ କରିଥିଲେ ଏବଂ ତାଙ୍କର ଅଶ୍ଳୀଳ ଫଟୋ ତାଙ୍କ ସୋସିଆଲ୍ ମିଡ଼ିଆ ଆକାଉଣ୍ଟରେ ଶେୟାର୍ କରିଥିଲେ । ଯାଂଚ୍ ପରେ ପୋଲିସ ମୋହନକୁ ଜେଲ୍ ପଠାଇଦେଲା । ପୋଲିସ୍ ଏ କେସ୍‌ରେ ୧୧ଟି ସାକ୍ଷୀ ଦେଇଥିଲା । ଦୋଷ ଲଗାଇଥିବା ଯୁବତୀ ମଧ୍ୟ ସାକ୍ଷୀ ଦେଇଥିଲେ । ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବେ ବୋଲି ପ୍ରକାଶ କରିବାରୁ ଯୁବତୀ କୋର୍ଟରେ ବୟାନ ଦେଲେ ପରିବାରର ଚାପ ପାଇଁ ସେ ଯୁବକଙ୍କ ବିରୋଧରେ ଏଫ୍.ଆଇ.ଆର୍.ଦେଇଥିଲେ । ଏହାକୁ ଆଧାର କରି ମୋହନଙ୍କୁ ଛାଡ଼ି ଦିଆଗଲା ଏବଂ ଯୁବତୀ ମୋହନଙ୍କୁ ବିବାହ କଲେ ।

ଆପଣମାନେ ଏ ରିପୋର୍ଟରୁ ଜାଣିଲେ ଯେ କିପରି ପୂର୍ବ ଗାର୍ଲଫ୍ରେଣ୍ଡ ଏବଂ ଏଫ୍‌ଆଇଆର କରିଲା ପରେ ପ୍ରେମିକ ଗିରଫ ହେଲା ଏବଂ ଗିରଫ ପରେ ନିଜେ ଆପୋଷ ବୁଝାମଣାରେ ବିବାହ ପାଇଁ ରାଜି ହୋଇ ଜେଲ୍‌ରୁ ବାହାରି ଆସିଲା ।



ଏହା ପରର କାହାଣୀରେ ପ୍ରେମିକ ବିବାହ ତ କଲା ମାତ୍ର ୧୦ଦିନ ପରେ ପ୍ରେମିକା ବିରୋଧରେ ସି.ଆର.ପି.ସି. ସେକସନ ୩୪୪ ଧାରାରେ କୋର୍ଟରେ ମିଛ ମୋକଦ୍ଦମା ଦେଇଥିବା ପାଇଁ ଫାଇଲ୍ କଲା । ଯଦ୍ୱାରା ଯୁବତୀଙ୍କୁ ଦଣ୍ଡ ଦିଆଗଲା । ତାଙ୍କ ବିପକ୍ଷରେ ସିଆରପିସି ଧାରା ୩୪୪ ଅନୁଯାୟୀ ୫୦୦ ଟଙ୍କାର ଜୋରିମାନା ଭରିବାର ଆଦେଶ ଦିଆଗଲା । ଜୋରିମାନା ନ ଜମା କଲେ, ୭ଦିନ ପାଇଁ ଜେଲ୍ ଯିବାକୁ ହେବ ବୋଲି ସ୍ଥିର ହେଲା ।

୫୦୦ଟଙ୍କା ଓ ୭ଦିନ ଜେଲ୍ ଯେତିକି ମହତ୍ୱପୂର୍ଣ୍ଣ ନୁହେଁ ଏଥିରେ ସାବ୍ୟସ୍ତ ହେଉଚି ଯୁବତୀ ମିଛ ମୋକଦ୍ଦମା କରିଥିଲେ ବୋଲି କୋର୍ଟରେ ପ୍ରମାଣ ହୋଇଗଲା । ଏହି ଆଧାରରେ ଯୁବକ ଯୁବତୀଙ୍କ ବିପକ୍ଷରେ ଡିଭୋର୍ସ ଫାଇଲ୍ କରିଦେଲେ । ସେପଟେ ଯୁବତୀ ଯୁବକଙ୍କ ବିପକ୍ଷରେ ଯୌତୁକ, ନିଷ୍ଠୁରତା ଏବଂ ଭରଣପୋଷଣ ପାଇଁ କେସ୍ ଫାଇଲ୍ କଲେ ।

ଏଥିରୁ ଆମେ ଜାଣିଲେ ଯେ, ଯୁବକ ରେପ୍ କେସ୍‌ରେ ଜେଲ୍ ଗଲା ସତ, କିନ୍ତୁ କେସ୍ ସାବ୍ୟସ୍ତ ହୋଇଥିଲେ ୭ ବର୍ଷ ଜେଲ୍ ଭୋଗିଥାନ୍ତା । ଯୁବତୀଙ୍କୁ ଉଚିତ୍ ଶିକ୍ଷା ଦେବା ପାଇଁ ନିଜେ ବିବାହ ପାଇଁ ରାଜି ହୋଇ ପର ମୁହୂର୍ତ୍ତରେ ଯୁବତୀଙ୍କ ବିପକ୍ଷରେ କେସ୍ ଦେଲେ ।

ଯେତେବେଳେ ଝିଅଟି ଗୋଟେ ସମ୍ପର୍କରେ ଥାଏ ଏବଂ ଶାରୀରିକ ସମ୍ପର୍କ ରହି କୌଣସି କାରଣବଶତଃ ସମ୍ପର୍କ ଭାଙ୍ଗିଯାଏ, ସେତେବେଳେ ସେ ପରିସ୍ଥିତିକୁ ସହ୍ୟ କରିପାରେନା । ସେ ଭାବେ ତା' ଜୀବନ ନଷ୍ଟ ହେଲା ତ ସେ ପୁଅର ଜୀବନ ନଷ୍ଟ ପାଇଁ ଚାହେଁ । ଏପରି ଚିନ୍ତା ରଖିଲେ ନିଜେ ହିଁ ଫସିବା ସ୍ୱାଭାବିକ । ସବୁ ସମ୍ପର୍କକୁ ଭଲରେ ସମାପ୍ତ କରିଲେ ସମସ୍ତଙ୍କ ପାଇଁ ଭଲ ହୋଇଥାଏ । ଏଭଳି ପ୍ରତିଶୋଧ ପରାୟଣ ନହୋଇ ମିଛ ମୋକଦ୍ଦମା ଆଦୌ କରିବା କଥା ନୁହେଁ ।

# ହସଖୁସିର ପରିବାର - ୩୮

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ୱା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ ଏବେ ଯୁକ୍ତ ତିନି ପଢୁଛି । ମୁଁ ଦଶମ ଶ୍ରେଣୀ ଯାଏଁ ଭଲ ପଢୁଥିଲି । ପରୀକ୍ଷାରେ ଭଲ ମାର୍କ ରଖି ପାଶ୍ ମଧ କରିଥିଲି । କିନ୍ତୁ ଦଶମ ପରେ ମୋର ବହୁତ ପରିବର୍ତନ ହେଲା । କାରଣ ମୁଁ ଯେତେବେଳେ +୨ ରେ ନାମ ଲେଖାଇଲି, ଭାବିଲି କଲେଜ ପାଠ ବହୁତ ସହଜ । ପାଖରେ ଦୁଇ ବର୍ଷ ଅଛି ପାଠ ପଢିବା ପାଇଁ । ମୁଁ ବହୁତ ସହଜରେ ପାସ୍ କରିଯିବି । ହେଲେ ସେପରି କିଛି ହେଲା ନାହିଁ । ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା । ମୁଁ ଯୁକ୍ତ ଦୁଇ ପାଶ୍ କରିଲି ହେଲେ ପରୀକ୍ଷାରେ ମୋର ଭଲ ମାର୍କ ରହିଲା ନାହିଁ । ମୁଁ ଜଣେ ଭଲ ଛାତ୍ର ହେଇଥିବାରୁ ସମସ୍ତଙ୍କର ମୋ ଉପରେ ବହୁତ ଆଶା ଓ ବିଶ୍ୱାସ ଥିଲା ଯେ ମୁଁ ନିଶ୍ଚିତ କିଛି ଭଲ କରି ଦେଖାଇବି । ମାତ୍ର ମୁଁ ସମସ୍ତଙ୍କର ଭରସାକୁ ଭାଙ୍ଗି ଦେଇଥିଲି । ଘରେ ସମସ୍ତେ ଅସନ୍ତୁଷ୍ଟ ହେଲେ ଗାଳି ମଧ କରିଲେ । ଏବେଯାଏଁ ମଧ ଘରେ ସମସ୍ତେ ସବୁବେଳେ ମୋ ଉପରେ ଚିଡ୍‌ଚିଡ୍ ହେଉଛନ୍ତି । ମୁଁ କିଛି ବି କରିଲେ ସମସ୍ତେ ଭୁଲ ବୁଝୁଛନ୍ତି । ଅନ୍ୟ ପିଲାମାନଙ୍କ ଉଦାହରଣ ମତେ ଦେଉଛନ୍ତି । ମୋ ପାଇଁ ମୋ ବାପାମାଆ ସବୁବେଳେ ଚିନ୍ତାରେ ରହୁଛନ୍ତି । ମୋତେ ଲାଗୁଛି ମୁଁ ହିଁ ଏବେ ଆମ ପରିବାରରେ ଅଶାନ୍ତିର କାରଣ ହୋଇଯାଇଛି । ବେଳେ ବେଳେ ଭାବୁଛି ଘରଛାଡି କୁଆଡ଼େ ପଳେଇବି । ପୁଣି ମନରେ ଅନେକ ଖରାପ ଚିନ୍ତା ମଧ୍ୟ ଆସୁଛି । ମୁଁ କଣ କରିବି ଯେ ସବୁକିଛି ପୁଣି ପୂର୍ବପରି ଠିକ୍ ହେଇଯିବ ସେଥିପାଇଁ ମୋତେ

▼ଝରଣା ମଲ୍ଲିକଙ୍କ ହସଖୁସିର ପରିବାର



କିଛି ବୁଦ୍ଧିବାଟ ଦେଖା ଯାଉନି । ମୋତେ ଟିକେ ଏହାର ଉପାୟ ବତାନ୍ତୁ ।

**ରଞ୍ଜନ କୁମାର, ଫୁଲବାଣୀ**

### ସମାଧାନର ସୂତ୍ର

ତୁମେ ନିଜେ ହିଁ ଲେଖିଛ ଯେ ତୁମେ ଜଣେ ଭଲ ଛାତ୍ର ଥିଲ । ଦଶମ ଶ୍ରେଣୀଯାଏଁ ଭଲ ପାଠ ବି ପଢୁଥିଲ । ଏଥିରୁ ହିଁ ଜଣାପଡୁଛି ଯେ ତୁମର ଜ୍ଞାନ ଓ ଦକ୍ଷତା ନିଶ୍ଚିତ ଭାବରେ ବହୁତ ଭଲ । ତୁମର ମାନସିକ ବଳ ଓ ଆତ୍ମବିଶ୍ୱାସ ମଧ୍ୟ ରହିଛି । ଆତ୍ମବିଶ୍ୱାସ ରଖିବା ଭଲ କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ ଆମ ଜୀବନକୁ ନଷ୍ଟ କରିଦିଏ । ତୁମେ ଯୁକ୍ତ ଦୁଇରେ କମ ମାର୍କ ରଖିବାରୁ ତୁମ ମନରେ ନକାରାତ୍ମକ ଭାବନା ଆସିଯାଇଛି । ତଥା ଘରର ଲୋକମାନେ ମନଦୁଃଖ କରିଛନ୍ତି । କିନ୍ତୁ ତୁମେ ଯୁକ୍ତ ଦୁଇରେ ଭଲ ମାର୍କ ରଖିପାରିଲନି ବୋଲି ଯେ ତୁମର ସବୁକିଛି ନଷ୍ଟ ହୋଇଗଲା ତାହା ଭାବିବା ଉଚିତ୍ ନୁହେଁ । ଯେଉଁଥିପାଇଁ ତୁମେ ନିଜକୁ ସବୁବେଳେ ଦୋଷୀ ବୋଲି ଭାବି ମନରେ ଅନେକ ଦୁଶ୍ଚିନ୍ତା ସୃଷ୍ଟି କରୁଛ । ତୁମେ ଜଣେ ଭଲ ଛାତ୍ର ବୋଲି ସମସ୍ତଙ୍କର ତୁମ ଉପରେ ଆଶା ଓ ବିଶ୍ୱାସ ଥିଲା । ସେମାନଙ୍କର ଏବେ ବି ତୁମ ଉପରେ ସେହି ଭରଷା ଓ ବିଶ୍ୱାସ ରହିଛି । ଘରେ ତୁମକୁ ଅନ୍ୟପିଲାଙ୍କ ଉଦାହରଣ ଦେବା କିଛି ଭୁଲ ନୁହେଁ । ତୁମକୁ ଉତ୍ସାହିତ କରିବା ତଥା ତୁମର ମନୋବଳ ବଢ଼ାଇବା ପାଇଁ ସେମାନେ ଏପରି କହୁଛନ୍ତି । କାରଣ ତୁମେ ତୁମ ପରିବାରର ଏକ ସଦସ୍ୟ ଏବଂ ତୁମର ପିତାମାତା ହିସାବରେ ତୁମର ମଙ୍ଗଳ କାମନା କରିବା ସେମାନଙ୍କର ଏକ ଗୁରୁ ଦାୟୀତ୍ୱ । ଅନ୍ୟମାନେ ତୁମକୁ ଖରାପ ଭାବୁଛନ୍ତି କି ନାହିଁ ତାହା ଜଣା ନାହିଁ କିନ୍ତୁ ତୁମେ ନିଜେ ନିଜକୁ ବହୁତ ଖରାପ ଭାବୁଛ । ନିଜକୁ ନିଜେ ଧିକ୍କାର କରୁଛ । ଯାହା ଆଦୌ ଉଚିତ ନୁହେଁ । କାରଣ ତୁମେ ଅଯଥାରେ ଏତେଗୁଡ଼ିଏ ନକାରାତ୍ମକ କଥା ମୁଣ୍ଡରେ ପୁରାଇ ନିଜକୁ ନିରୁତ୍ସାହିତ କରିଲେ ନିଜେ ହିଁ ନିଜପାଇଁ ବାଧା ସୃଷ୍ଟି କରିବ । ଫଳରେ ତୁମର ମନୋବଳ ହ୍ରାସ ପାଇବ । ତେଣୁ ତୁମେ ଆଗ ନିଜ ମନକୁ ସ୍ଥିର ରଖି ଥଣ୍ଡା ମୁଣ୍ଡରେ ତୁମ କମ୍ ମାର୍କ ରହିବାର କାରଣ ଖୋଜି ବାହାର କର । କେଉଁ ଅବହେଳା ଯୋଗୁଁ ଏପରି ହେଲା ତାହା ଜାଣି ହୃଦୟଙ୍ଗମ କରିପାରିଲେ ହିଁ ତୁମେ ତାହାର ପ୍ରତିକାର କରିପାରିବ । ଅନେକ ଛାତ୍ରଙ୍କ ଜୀବନରେ ଏହିଭଳି ଘଟଣା ଘଟିଛି । ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ କରି ମଧ ପରେ ଫେଲ୍ ଅବା ଥାର୍ଡ଼ ଡିଭିଜନରେ ପାସ୍ କରିଛନ୍ତି । ତେଣୁ ତୁମକୁ ହିଁ ଏହାର କାରଣ ଖୋଜି ବାହାର କରିବାକୁ ହେବ । ପ୍ରକୃତ କାରଣ ଜାଣି ପାରିଲେ ହିଁ ତୁମେ ତାହାର ସମାଧାନ ପାଇଁ ଚେଷ୍ଟା କରିପାରିବ । ତେଣୁ ମନରେ ଏଣୁତେଣୁ କଥା ନ ଭାବି ନିଜର ଦକ୍ଷତାର ସଦ୍‌ବ୍ୟବହାର କରି ଆଗାମୀ ପରୀକ୍ଷାରେ କିପରି ଅଧିକ ମାର୍କ ରଖିବ ସେଥିପାଇଁ ଧ୍ୟାନ ଦିଅ । ଯଦି ତୁମର ଖରାପ ସାଙ୍ଗ ଥାଆନ୍ତି ତେବେ ସେମାନଙ୍କଠାରୁ ନିଜକୁ ଦୂରେଇ ରଖ । ମନକୁ ସବୁବେଳେ ସକାରାତ୍ମକ ରଖିବା ପାଇଁ ଯୋଗ ଅବା ପ୍ରାଣାୟାମର ଅଭ୍ୟାସ କର । ମନ ପ୍ରଫୁଲ୍ଲ ତଥା ସକାରାତ୍ମକ ରହିଲେ ତୁମେ ତୁମ ସମସ୍ୟାର ସମାଧାନ କରିପାରିବ ।

### ସମସ୍ୟା: ୨

ମୁଁ ଜଣେ ଯୁକ୍ତ ତିନି କଳା ଶେଷ ବର୍ଷର ଛାତ୍ର । ମୁଁ ବହୁତ ଭଲ ପାଠ ପଢେ । ଦଶମରେ ଓ ଯୁକ୍ତ ଦୁଇରେ ବହୁତ ଭଲ ମାର୍କ ମଧ ରଖିଥିଲି । ତଥାପି ଆଗକୁ ସିଭିଲ ସର୍ଭିସ ପରୀକ୍ଷା ଦେବାର ପ୍ଲାନ କରିଥିବାରୁ ବିଜ୍ଞାନ ନ ପଢି କଳାରେ ପାଠ ପଢିଲି । କଲେଜରେ ପଢିବା ପରେ ମୋର ବହୁତ ସାଙ୍ଗ ହେଲେ । ଅନେକ ସାଙ୍ଗ ମୋର ବହୁତ ଅନ୍ତରଙ୍ଗ ମଧ ହେଲେ । ସେ ଭିତରେ ଜଣେ ବନ୍ଧୁ ଦୁଇ ବର୍ଷ ତଳେ ଅକାଳରେ ସଂସାର ଛାଡି ଚାଲିଗଲେ । ତାପରେ ମୋତେ ବହୁତ ଏକୁଟିଆ ଲାଗୁଛି । କୌଣସି କାମରେ ମୋର ମନ ଲାଗୁନି । ଏହି ଦୁଇ ବର୍ଷରେ ମୋ ଭିତରେ ଅନେକ ପରିବର୍ତନ ଆସିଯାଇଛି । ଯାହା ମୁଁ ନିଜ ବିଷୟରେ ଭାବିଲେ ହିଁ ଜାଣି ପାରୁଛି । କିନ୍ତୁ ମୁଁ ମୋ ଘରେ କାହାକୁ ପ୍ରକାଶ କରି ପାରୁନି । ମୋର ଏବେ ଆଉ ସେ ସାହାସ ପାଉନି ଏବଂ ସିଭିଲ ସର୍ଭିସ ପରୀକ୍ଷା ଦେବାକୁ ଇଚ୍ଛା ବି ହେଉନି । ଏପରିକି ମୋର ବିଷୟଗତ ପାଠ



ବିଜୟ କୁମାର ଜେନାଙ୍କ ହସଖୁସିର ପରିବାର

ବି ପଢିବାକୁ ମୋର ଆଗ୍ରହ ଆସୁନି । ମନ ସବୁବେଳେ ବିଚଳିତ ରହୁଛି । ମନରେ ଅନେକ ଅହେତୁକ ଭୟ ଆସୁଛି । କେତେବେଳେ ଲାଗୁଛି ଯଦି ଏ ଜୀବନ ଏପରି କ୍ଷଣସ୍ଥାୟୀ ତେବେ କାହିଁକି ନିଜ ନିଜ ଭିତରେ ଏତେ କମ୍ପିଟିସନ ଅବା କଳିଝଗଡା ଇତ୍ୟାଦି ହେଉଛି । କାହିଁକି ପରସ୍ପର ଭିତରେ ଏତେ ରାଗରୋଷ ହିଂସା ଇତ୍ୟାଦି ରହୁଛି । ଏହିପରି ଅନେକ କିଛି ଭାବନା ମନକୁ ଆସି ମୋତେ ବ୍ୟତିବ୍ୟସ୍ତ କରି ଦେଉଛି । ଘରେ ମଧ୍ୟ ସମସ୍ତେ ମୋର ପରିବର୍ତ୍ତନ ଦେଖି ବ୍ୟସ୍ତ ହେଉଛନ୍ତି । ଘରେ ସମସ୍ତେ ଭାବୁଛନ୍ତି ମୋତେ ବୋଧେ କିଛି ଭୁତପ୍ରେତ ଲାଗିଛି ଅବା କେହି ଗୁଣିଗାରେଡି କରିଛି । ସେମାନେ ଅନେକ ଗୁଣିଆ ଏବଂ ତାନ୍ତ୍ରିକ ପାଖକୁ ମଧ୍ୟ ଯାଉଛନ୍ତି । ଯାହାକି ମୋତେ ଆଦୌ ଭଲ ଲାଗୁନି । ଜାଣି ପାରୁନି ତାଙ୍କୁ ମୁଁ ମୋ ମନର କଥାକୁ କିପରି ବୁଝାଇବି । ମୋତେ କାହାରି ସହିତ ମିଶିବାକୁ ଇଚ୍ଛା ହେଉନି କି କୌଣସି କାମ କରିବାକୁ ବି ଆଗ୍ରହ ଆସୁନି । ଏହା ମଧ୍ୟ ଜାଣି ପାରୁନି ଘର ଲୋକଙ୍କୁ ମୋତେ ବୁଝାଇବା ଦରକାର କି ନିଜକୁ ବୁଝାଇବା ଦରକାର । ବଡ ସଙ୍କଟରେ ପଡି ଯାଇଛି । ଦୟାକରି ମୋତେ ଟିକେ ଉପଯୁକ୍ତ ରାସ୍ତା ବତାନ୍ତୁ ।



▼ଲକ୍ଷ୍ମୀନାରାୟଣ ହୋତାଙ୍କ ହସଖୁସିର ପରିବାର

**◣ସୁବ୍ରତ ଜେନା, ଖୋର୍ଦ୍ଧା**

**ସମାଧାନର ସୂତ୍ର**

ତୁମେ ଯାହା ସବୁ ଲେଖିଛ ସେଥିରୁ ଜଣା ପଡୁଛି ଯେ ତୁମର ମାନସିକ ଅବସାଦ ବହୁ ପରିମାଣରେ ବଢି ଯାଇଛି । ତୁମେ ଭଲ ପାଠ ପଢୁଥିଲ ଏବଂ ଭବିଷ୍ୟତରେ ସିଭିଲ ସର୍ଭିସ ପରୀକ୍ଷା ଦେବା ପାଇଁ ନିଜର ମାନସିକ ପ୍ରସ୍ତୁତି କରି ସାରିଥିଲ । ଏହା ହିଁ ତୁମର ବଳିଷ୍ଠ ଆତ୍ମବିଶ୍ୱାସ ଓ ମନୋବଳର ପ୍ରମାଣ ଦିଏ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ଘଟଣା ଯୋଗୁଁ ତୁମର ମନ ବିଷାଦଗ୍ରସ୍ତ ହୋଇଗଲା । ଯାହା ଧୀରେ ଧୀରେ ତୁମ ମନରେ ଅବସାଦ ସୃଷ୍ଟି କଲା । ଫଳରେ ବିଭିନ୍ନ ପ୍ରକାରର ନକାରାତ୍ମକ ଭାବନା ଏବେ ତୁମ ମନକୁ ଆସୁଛି । ଅବସାଦଗ୍ରସ୍ତ ମନୋଭାବ ଯୋଗୁଁ ତୁମ ବ୍ୟବହାରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଗଲା । ଏଣୁ ପରିବାରର ଲୋକମାନେ ଯାହା ଭାବୁଛନ୍ତି ତାହା ସ୍ୱାଭାବିକ କଥା । ସକାରାତ୍ମକ ମନୋଭାବ ଥିବା ପିଲାଟି ଭିତରେ ହାଠାତ ନକାରାତ୍ମକ ଭାବନା ଓ ଆଚରଣ ଦେଖିଲେ ପରିବାର ଲୋକେ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଏହାର ପ୍ରତିକାର କରିବା ପାଇଁ ସେମାନେ ନିଜ ବୁଦ୍ଧି ମୁତାବକ କାର୍ଯ୍ୟ ମଧ୍ୟ କରିବେ । ଏଥିପାଇଁ ସେମାନଙ୍କୁ ଦୋଷ ଦେବା ଉଚିତ ନୁହେଁ । ତୁମର ଏକ ଅନ୍ତରଙ୍ଗ ବନ୍ଧୁର ମୃତ୍ୟୁରେ ତୁମେ ଏପରି ଭାଙ୍ଗି ପଡିଛ । ଜନ୍ମ ଓ ମୃତ୍ୟୁ ମଣିଷର ନିଜ ଇଚ୍ଛା ଅନୁସାରେ ହୁଏ ନାହିଁ । ଜନ୍ମ ଯେପରି ସତ୍ୟ ମୃତ୍ୟୁ ବି ସେହିପରି ସତ୍ୟ । ତୁମେ ତୁମର ବନ୍ଧୁଙ୍କୁ ଅତ୍ୟଧିକ ଭଲ ପାଉଥିଲ ବୋଲି ଆଜି ମର୍ମାହତ ହୋଇ ପଡିଛ । ଏହାଦ୍ୱାରା ତୁମର ହିଁ କ୍ଷତି ହେଉଛି । ତୁମେ ଯଦି ନିଜକୁ ସେତିକି ଭଲ ପାଉଥାଅ ତେବେ ନିଜର ଆଉ କ୍ଷତି କର ନାହିଁ । ଏ ସଂପର୍କରେ ନିଜ ସହିତ ସକାରାତ୍ମକ ମନୋଭାବ ନେଇ କଥା ହୁଅ । ଆଉ କେହି ଅନ୍ତରଙ୍ଗ ବନ୍ଧୁ ତୁମର ଥିଲେ ତାଙ୍କ ସହିତ ପରାମର୍ଶ କର । ପ୍ରକୃତ ବନ୍ଧୁଟିଏ ହିଁ ଏହି ସମୟରେ ତୁମ ମନୋବଳକୁ ଦୃଢ କରିବା ସହିତ ତୁମ ମନରେ ଆଶାର ସଂଚାର କରିପାରିବ । ନିଜର ଏହି ମନୋଭାବ ଦ୍ୱାରା ତୁମେ ତୁମ ପରିବାର ଲୋକଙ୍କୁ ମଧ୍ୟ ଦୁଃଖ ଦେଉଛ । ଏସବୁ ବିଷୟରେ ଗଭୀର ଭାବରେ ଚିନ୍ତନ କଲେ ହିଁ ତୁମେ ନିଜକୁ ସୁଧାରି ପାରିବ । କାରଣ ତୁମ ପାଖରେ ସେହି ପ୍ରତିଭା ରହିଛି । ତାକୁ କେବଳ ଜାଗ୍ରତ କରିବାକୁ ହେବ । ସକାରାତ୍ମକ ବହି ଓ ଲେଖା ପଢିବାର ଅଭ୍ୟାସ କର । ଟେଲିଭିଜନରୁ ସକାରାତ୍ମକ ପ୍ରୋଗ୍ରାମ ଦେଖିଲେ ଆହୁରି ଭଲ ହେବ । ଜୀବନରେ ଏହିପରି ଅଘଟଣ ଘଟେ କିନ୍ତୁ ସେସବୁକୁ ଆମକୁ ଦୃଢ ମନୋବଳ ସହିତ ମୁକାବିଲା କରି ଆଗକୁ ମାଡିଯିବାକୁ ହେବ ।

## ରଷିକା ରୁଚିରମ୍ୟା

ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ-୨୦୪,
ବୈଦ୍ୟନାଥ ନଗର, ସେଲ୍‌ସ୍‌ଟ୍ୟାକ୍ସ ଅଫିସ୍
ସ୍କୋୟାର୍, ବ୍ରହ୍ମପୁର-୭୬୦୦୧୦,
ଫୋନ:୯୦୭୮୪୪୧୭୧୧


# ସ୍ୱାସ୍ଥ୍ୟକର ଖାଦ୍ୟ: କଳାଜିରା

### କଳାଜିରାର ଖାଦ୍ୟମୂଲ୍ୟ

କଳାଜିରା ବା କାଲୋଞ୍ଜି ଫାଇଭର, ଆମିନୋ ଏସିଡ୍, ଆଇରନ, ସୋଡ଼ିଅମ, କ୍ୟାଲସିୟମ ଓ ପୋଟାସିଅମର ଶକ୍ତିଶାଳୀ ସ୍ରୋତ ଅଟେ । ଏଥିରୁ ପ୍ରଚୁର ପରିମାଣରେ ଭିଟାମିନ ଏ ଭିଟାମିନ ବି, ଭିଟାମିନ ବି୧୨, ଭିଟାମିନ ସି, ନିଆସିନ ଇତ୍ୟାଦି ମିଳିଥାଏ । କଳାଜିରା ତେଲ ଅନ୍ୟ ଯେ କୌଣସି ତେଲ ଠାରୁ ଅଧିକ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କାରଣ ଦରକାରୀ ଫ୍ୟାଟି ଏସିଡ୍, ଭିଟାମିନ, ମିନେରାଲ ଇତ୍ୟାଦି ଭରପୁର ଥାଏ । ଏଥିରେ ପ୍ରାୟ ୧୭% ପ୍ରୋଟିନ, ୨୬% କାର୍ବୋହାଇଡ୍ରେଡ, ୫୭% ପ୍ଲାଣ୍ଟ ଫ୍ୟାଟ୍ ଥାଏ ।

### କଳାଜିରାର ସ୍ୱାସ୍ଥ୍ୟଗତ ଉପକାରିତା

୧. କଳାଜିରାକୁ ମହୁ ଖାଇଲେ ବୁଦ୍ଧି ବଢ଼ିଥାଏ । ନିୟମିତ ଭାବେ ଖାଲି ପେଟରେ ଏହାକୁ ଖାଇଲେ ମସ୍ତିଷ୍କର ସ୍ୱାସ୍ଥ୍ୟ ଭଲ ରହିବାରେ ସାହାଯ୍ୟ କରେ । ଆୟୁର୍ବେଦରେ ଅଛି ଯେ ପୁଦିନା ପତ୍ର ଓ କଳାଜିରା ଚଟଣି ଖାଇବା ଦ୍ୱାରା ସ୍ମୃତିଶକ୍ତି ବଢ଼ାଏ ଓ ଅଲଝେମେର ଭଳି ନ୍ୟୁରୋଲିଜି ସମସ୍ୟାରୁ ରକ୍ଷା କରିଥାଏ ।

୨. ଏହା ମଧୁମେହକୁ ଆୟତ୍ତ କରିବାରେ ସାହାଯ୍ୟ କରିଥାଏ । ଟାଇପ୍ ୨ ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ସନ୍ତୁଳିତ ରଖେ । ମଧୁମେହ ରୋଗୀ ଖାଲି ପେଟରେ ବ୍ଲାକ୍ ଟିରେ ୨/୩ବୁନ୍ଦା କଳାଜିରା ତେଲ ପକାଇ ପିଇଲେ ଉପକାର ମିଳେ ।

୩. ହୃଦ୍‌ରୋଗ ପାଇଁ ଏହା ଅତି ଉତ୍ତମ । କାରଣ ଏହା ଶରୀରର ଖରାପ କଲୋଷ୍ଟ୍ରୋଲକୁ କମାଇ ହୃତ୍‌ପିଣ୍ଡକୁ ସୁସ୍ଥ ରଖେ । ଏଥିପାଇଁ କ୍ଷୀରରେ ୩/୫ବୁନ୍ଦା କଳାଜିରା ତେଲ ପକାଇ ପିଇବା ଦରକାର ।

୪. କଳାଜିରାରେ ଆଣ୍ଟି ଇନ୍‌ଫ୍ଲାମେଂଟାରୀ ତତ୍ତ୍ୱ ଥିବାରୁ ବିଭିନ୍ନ ପ୍ରକାର କ୍ରୋନିକ ଇନଫ୍ଲାମେସନ୍‌ରୁ ରକ୍ଷା କରିଥାଏ । ଗଣ୍ଠି ମଧ୍ୟସ୍ଥ ତୈଳ ବୃଦ୍ଧି କରି ଗଣ୍ଠି ଯନ୍ତ୍ରଣାରୁ ବି ଆରାମ ଦିଏ ।

୫. ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଯଦି ଉଷୁମ ପାଣିରେ କଳାଜିରା ତେଲ ୧ ଟା ଚାମଚ ମିଶାଇ ପିଅନ୍ତି ରକ୍ତଚାପକୁ ଆୟତ୍ତ କରିବାରେ ଏହା ଚମତ୍କାର କାମ କରିଥାଏ ।

୬. କଳାଜିରାକୁ ଉଷୁମ ପାଣିରେ ମିଶାଇ ଖାଇଲେ ମେଟାବୋଲିଜିମ୍ ବଢ଼େ ଓ ଓଜନ ହ୍ରାସରେ ସାହାଯ୍ୟ କରେ ।

୭. ଲେମ୍ବୁ ରସ ସହ ଏହାର ତେଲ ବ୍ୟବହାର କଲେ ତ୍ୱଚାରେ ଚମକ ଆସେ । ନଡ଼ିଆ ତେଲ ସହ ଏହି ତେଲକୁ ମିଶାଇ ଚୁଟିରେ ଲଗାଇଲେ ଚୁଟି ମୂଳ ଶକ୍ତ ହୁଏ ଓ ଚୁଟି ଝଡ଼ିବା ବନ୍ଦ ହୋଇଥାଏ ।

୮. ଏଥିରେ ଆଣ୍ଟି କ୍ୟାନ୍ସର ତତ୍ତ୍ୱ ଥିବାରୁ କ୍ୟାନ୍ସର ହେବାରୁ ରକ୍ଷା କରେ ବିଶେଷ ଭାବେ ସ୍ତନ କର୍କଟ, ସର୍ଭିକାଲ, ଫୁସଫୁସରେ କର୍କଟ ପାଇଁ ଏହା ବିଶେଷ ଉପକାରୀ ଅଟେ ।

୯. ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନରେ ପ୍ରାୟ ମୁଣ୍ଡବିନ୍ଧା ଏକ ସାଧାରଣ କଥା ହୋଇଯାଇଛି । ଏଥିପାଇଁ ସଙ୍ଗେସଙ୍ଗେ ମେଡ଼ିସିନ ଖାଇବା ଅପେକ୍ଷା ଅଳ୍ପ କଳାଜିରା ତେଲ କପାଳରେ ଘଷିଦେଲେ ଆରାମ ମିଳିପାରିବ । ସବୁବେଳେ ମେଡ଼ିସିନ ନେବା ବି ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ସାଧାରଣତଃ କଳାଜିରା ଆମର ନିତ୍ୟ ବ୍ୟବହାରରେ ଆସେ ନାହିଁ । କେବଳ ପଞ୍ଚଫୁଟଣରେ ଅଳ୍ପ ମାତ୍ରାରେ ପଡ଼ିଥାଏ । କିନ୍ତୁ ଅନେକ ପ୍ରକାର ଖାଦ୍ୟରେ କଳାଜିରା ବ୍ୟବହାର ହୁଏ । କିନ୍ତୁ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ କଳାଜିରାର ଚଟଣୀ/ମାଛ ଇତ୍ୟାଦି ବହୁ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ତାକୁ ଯଦି ଆମେ ସଚେତନ ଭାବେ ଗ୍ରହଣ କରିବା ହୁଏତ ଏହାର ଉପକାର ପାଇପାରିବା । ସେଥିପାଇଁ ନିମ୍ନରେ କଳାଜିରା ବ୍ୟବହାର କରି କେତେକ ଖାଦ୍ୟର ପ୍ରସ୍ତୁତ ପ୍ରଣାଳୀ ଦିଆଗଲା ।



### କଳାଜିରା ରୋହିମାଛ

**ଆବଶ୍ୟକ ସାମଗ୍ରୀ :** ରୋହି ମାଛ -୧/୨କିଲୋ, କଳାଜିରା-୨ ଟା ଚାମଚ, ରସୁଣ-୫/୬ଟି, କଞ୍ଚାଲଙ୍କା-୫/୬ଟି, ପିଆଜ - ୫/୬ଟି, ଲୁଣ ଓ ହଳଦୀ ଆବଶ୍ୟକ ଅନୁସାରେ । ସୋରିଷ ତେଲ- ୩ ଟେବୁଲ ଚାମଚ, ଦହି(ତାଜା)-୧କପ୍, ପଞ୍ଚଫୁଟଣ-୧/୨ ଚାମଚ, ତେଜପତ୍ର- ୧/୨ଟା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ଧୂଆଁ ହୋଇଥିବା ରୋହିଖଣ୍ଡକୁ ହଳଦୀ ଲୁଣ ଗୋଳାଇ ଭାଜି (କଡ଼ା ଭଜା ହେବ ନାହିଁ) ଗୋଟିଏ ପ୍ଲେଟ୍‌କୁ ବାହାର କରି ନିଅନ୍ତୁ । କଳାଜିରା ରସୁଣ କୋଳ ସହ ୩ଟି କଞ୍ଚାଲଙ୍କା ବାଟି ରଖିଥାନ୍ତୁ । ପିଆଜକୁ ସରୁସରୁ ଲମ୍ବା ଆକାରରେ କାଟନ୍ତୁ । ବଳିଥିବା କଞ୍ଚା ଲଙ୍କାକୁ ଚିରି ରଖନ୍ତୁ । ମାଛ ଭାଜିବା ପରେ ବଳକା ତେଲରେ (ତେଲ ଅଳ୍ପ ଥିଲେ ୧ ଟେବୁଲ ଚାମଚ ତେଲ ଦେଇ) ସେଥିରେ ଅଳ୍ପ ଫୁଟଣ ପକାଇ ତେଜପତ୍ର ଗୋଟିଏ ପକାଇ କଟା ପିଆଜ ପକାଇ ଅଳ୍ପ ଭାଜନ୍ତୁ । ତାପରେ ବଟା ମସଲା ଦେଇ ଅଳ୍ପ ଆଞ୍ଚରେ କଷନ୍ତୁ, କଷା ହୋଇଗଲେ ଦହିରେ ଅଳ୍ପ ହଳଦୀ ଗୁଣ୍ଡ ମିଶାଇ ଫେଣ୍ଟି କଡ଼ାଇରେ ଦେଇ ହାଇ ଆଞ୍ଚରେ କଷି, ପାଣି ଦେଇ ଦିଅନ୍ତୁ । ପାଣି ଫୁଟିଗଲେ ମାଛ ଖଣ୍ଡ ପକାଇ ଫୁଟାନ୍ତୁ । ଗୋଟେ ଫୁଟା ହେଲେ ଲୁଣ ଓ ଚିରା ହୋଇଥିବା କଞ୍ଚା ଲଙ୍କା ପକାନ୍ତୁ । ଝୋଳ ଫୁଟି ମାଛ ହୋଇ ଆସିଲେ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଳାଜିରା ରୋହିମାଛ ।



### କଳାଜିରା ପଲାଉ

**ଆବଶ୍ୟକ ସାମଗ୍ରୀ :** ବାସୁମତୀ ଚାଉଳ-୨କପ୍, କଳାଜିରା-୧ ଟେବୁଲ ଚାମଚ, ଲବଙ୍ଗ-୨ଟି, ଡାଲଚିନି-ଖଣ୍ଡେ, ଜିରା-୧ ଟା ଚାମଚ, ବଟର/ଘିଅ-୨ ଟା ଚାମଚ, ଆଲମଣ୍ଡ-୪/୫ଟି(କଟା) ।

**ପ୍ରସ୍ତୁତି ପ୍ରଣାଳୀ:** ବାସମତୀ ଚାଉଳକୁ ଧୋଇ ୮୦% ରାନ୍ଧି ବାହାର କରି ରଖନ୍ତୁ । ଗୋଟେ ପ୍ୟାନ୍ ଗ୍ୟାସରେ ବସାଇ ବଟର ବା ଘିଅ ପକାନ୍ତୁ । ସେଥିରେ ଜିରା ଓ କଳାଜିରା ଡାଲଚିନି ଲବଙ୍ଗ ପକାନ୍ତୁ । ଟିକେ ଫୁଟିଲେ କଟା ଆଲମଣ୍ଡ ପକାଇ ଟିକେ ଭାଜିହେଲେ ରନ୍ଧା ବାସୁମତୀ ଭାତକୁ ପକାଇ ଭଲ ଭାବେ ଗୋଳାଇ ଅଳ୍ପ ଆଞ୍ଚରେ ଘୋଡ଼ାଇ ରାନ୍ଧନ୍ତୁ । ୫ ମିନିଟ ପରେ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଳାଜିରା ପଲାଉ ।

**କଳାଜିରା ଚଟଣି:** କଳାଜିରା ନିଜର ଆବଶ୍ୟକତା ଅନୁସାରେ ନେଇ, ଅଳ୍ପ ଆଞ୍ଚରେ ଟିକେ ଶୁଖିଲା ଭାଜି, ସେଥିରେ କଞ୍ଚା ଲଙ୍କା ୨/୩ଟି ଓ ରସୁଣ ୫/୬ କୋଳା ବାଟି ସେଥିରେ ଲୁଣ ସୋରିଷ ତେଲ ଦେଇ ଚଟଣି ପ୍ରସ୍ତୁତ କରନ୍ତୁ । ଏହା ଭାତ ସହ ଖିଆଯାଏ ।

**କଳାଜିରା ଗୁଣ୍ଡ:** କଳାଜିରା-୨ ଟେବୁଲ ଚାମଚ, ଧନିଆଁ - ୬ ଟେବୁଲ ଚାମଚ, ଜିରା-୨ଟେବୁଲ ଚାମଚ, ପାନ ମଧୁରୀ- ୬ ଟେବୁଲ ଚାମଚ, ହଳଦୀ- ୧ଟେବୁଲ ଚାମଚ
ହଳଦୀକୁ ଛାଡ଼ି ସବୁ ମସଲାକୁ ଶୁଖିଲା ଭାଜି ଗୁଣ୍ଡ କରିଦିଅନ୍ତୁ । ତା ପରେ ସେଥିରେ ହଳଦୀ ମିଶାଇ ଏକ ଜାରରେ ରଖନ୍ତୁ । ଭେଜ୍/ନନ୍ ଭେଜ୍ ତରକାରୀରେ ମସଲା ଭାବେ ଏହି ଗୁଣ୍ଡ ବ୍ୟବହାର କରି ପାରିବେ ।





# ମୁସ୍କାନ୍‌ଙ୍କ ରେସିପି

**ଇଂ. ମୁସ୍କାନ**
ଏଚ୍‌ଆଇଜି ୧/୪୨,
ଲିଙ୍ଗରାଜ ଷ୍ଟେସନ ପାଖ, ସୁନ୍ଦରପଦା,
ଭୁବନେଶ୍ୱର-୭୫୧୦୦୨,
ଫୋନ୍: ୭୦୦୮୬୯୬୨୬୨

ଫଟୋ ସୌଜନ୍ୟ: ଲେଖିକା



## ଖମନ ଢୋକ୍‌ଲା

**ଆବଶ୍ୟକ ସାମଗ୍ରୀ :** ୨କପ୍ ବେସନ(୧୨୫ଗ୍ରାମ), ୩ ଚାମଚ ସୁଜି, ୫ ଚାମଚ ରିଫାଇନ ତେଲ, ୧/୩ ଚାମଚ ହଳଦୀ, ଲୁଣ, ଅଳ୍ପ ହେଙ୍ଗୁ, ବେକିଙ୍ଗ ସୋଡ଼ା, ଚିନି, ୧ ଲେମ୍ବୁ, ୧୦ଟି ଭୃର୍ଷଙ୍ଗପତ୍ର, ୧ଚାମଚ ଗୋଟା ସୋରିଷ, ୪ କଞ୍ଚା ଲଙ୍କା, ୬ କୋଲା ରସୁଣ, ଟିକେ ଅଦା ଏବଂ କିଛି ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟିଏ ବଡ଼ ପାତ୍ରରେ ୨ କପ୍ ବେସନ, ୩ଚାମଚ ସୁଜି, ୨ ଚାମଚ ଚିନି, ୧ଚାମଚ ବେକିଙ୍ଗ ସୋଡ଼ା, ୧/୪ ଚାମଚ ହଳଦୀ, ୨ ଚାମଚ ଅଦା-ରସୁଣ-କଞ୍ଚା ଲଙ୍କା ପେଷ୍ଟ, ୧/୩ ଚାମଚ ଲୁଣ, ୧ ଚାମଚ ଲେମ୍ବୁରସ, ୧ ଚାମଚ ରିଫାଇନ୍ ତେଲ ନେଇ ସେଥିରେ ୧ କପ୍ ପାଣି ମିସେଇ ଭଲ କରି ୧୫ ମିନିଟ୍ ଫେଣ୍ଟିବା ଯେମିତିକି ବେସନ ବଟାରେ ପବନ ନରହିବ ଏବଂ ଅଳ୍ପ ଗାଢ଼ ପେଷ୍ଟ ତିଆରି ହେଇଯିବ । ତାପରେ ପେଷ୍ଟ୍‌କୁ କିଛି ସମୟ ବିଶ୍ରାମ ଦେବା ପାଇଁ ଘୋଡ଼ାଇ ରଖିଦେବା । ଏଥର ନନଷ୍ଟିକ୍ କଡ଼େଇରେ ୩ ଗ୍ଲାସ୍ ପାଣି ନେଇ ଗ୍ୟାସ୍ ଚୁଲାରେ ୫ ମିନିଟ୍ ଫୁଟାଇବା । ଏବେ କେକ୍ ପ୍ୟାନ୍‌ରେ ତେଲ ଲଗେଇ ବନେଇଥିବା ବେସନ ମିଶ୍ରଣକୁ ସେଥିରେ ଢାଳି ଗ୍ୟାସ ଉପରେ ବସିଥିବା ନନ୍‌ଷ୍ଟିକ କଡ଼େଇ ଭିତରେ ଗୋଟେ ଷ୍ଟାଣ୍ଡ ରଖି ତା ଉପରେ ଏହି ମିଶ୍ରଣ ଥିବା ପ୍ୟାନ୍ କେକ୍ ପାତ୍ରକୁ ରଖି ଢାଙ୍କୁଣୀ ବନ୍ଦ କରିବା । ଏଥର ଗ୍ୟାସ ଆଞ୍ଚକୁ ମିଡ଼ିଅମ୍ ରଖି ମିଶ୍ରଣଟିକୁ ୩୦ ମିନିଟ୍ ସିଝିବା ପାଇଁ ଦେବା(ପ୍ରତି ୧୦ମିନିଟରେ ଥରେ ମିଶ୍ରଣଟି ଫୁଲୁଛି କି ନାଇଁ ଦେଖୁଥିବା) । ୩୦ ମିନିଟ ପରେ ଯେତେବେଳେ ମିଶ୍ରଣଟି କେକ୍ ପରି ଫୁଲିଯିବ ତା ଭିତରେ କଣ୍ଟା ଚାମଚ ପୁରେଇ ଦେଖିବା ଯଦି ଚାମଚରେ କିଛିବି ତରଳ ଜିନିଷ ଲାଗୁନି ତାହାଲେ ଜାଣିବା ଯେ ଆମର ଢୋକ୍‌ଲା ହୋଇଯାଇଚି । ଏବେ ଗୋଟିଏ ଛୋଟ କଡ଼େଇରେ ୩ ଚାମଚ ତେଲ ଗରମ କରି ସେଥିରେ ୧ ଚାମଚ ଗୋଟା ସୋରିଷ, ୪ଟି କଞ୍ଚାଲଙ୍କା, କିଛି ଭୃର୍ଷଙ୍ଗପତ୍ର, ୧/୪ ଚାମଚ ହେଙ୍ଗୁ ପକେଇ ଭଲକରି ଭାଜିବା ପରେ ୧ କପ୍ ପାଣି ଦେଇ ଭଲକରି ଫୁଟେଇବା । ତାପରେ ଗ୍ୟାସ୍ ବନ୍ଦ କରି ଏହା ଉପରେ ଟିକେ ଲୁଣ ୧ ଚାମଚ ଚିନି ଓ ୧ ଚାମଚ ଲେମ୍ବୁରସ ପକେଇ ମିଶେଇ ଥଣ୍ଡା ହେବା ପାଇଁ ରଖିଦବା । ଢୋକ୍‌ଲାଟିକୁ କଡ଼େଇରୁ ବଡ଼ ଥାଳିକୁ କାଢ଼ି ତିଆରି ହୋଇଥିବା ଛୁଙ୍କ ପାଣିକୁ ଆସ୍ତେ ଆସ୍ତେ କରି ସବୁତକ ଢୋକ୍‌ଲା ଉପରେ ଢାଳି ଦେଇ କିଛି ସମୟ ଛାଡ଼ିଦେବା ଯେମିତିକି ଢୋକ୍‌ଲାଟି ସବୁତକ ପାଣି ଶୋଷିନେବ । ବର୍ତ୍ତମାନ ଆମର ସ୍ୱାଦିଷ୍ଟ ଖମାନ ଢୋକ୍‌ଲା ପୁରା ରେଡ଼ି! ଏହାକୁ ଛୁରୀ ସାହାଯ୍ୟରେ ଚାରିକୋଣିଆ କାଟି ପ୍ଲେଟ୍‌ରେ ପରଷି ଦିଅନ୍ତୁ ।

## ଚିକେନ ହାଇଦ୍ରାବାଦୀ ଦମ ବିରିଆନି

**ଆବଶ୍ୟକ ସାମଗ୍ରୀ :** ୧କେଜି ବସୁମତୀ/ ବିରିଆନି ଚାଉଳ, ୧କେଜି ଚିକେନ, ୩ଟି ପିଆଜ, ୨ଟି ଟମାଟ, ୧ ରସୁଣ, ଫାଳେ ଅଦା, ୨ କପ୍ ଦହି, ଲୁଣ ୧ଚାମଚ, ଲାଲ ଲଙ୍କା ଗୁଣ୍ଡ, ୧ ଚାମଚ ଧନିଆ ଗୁଣ୍ଡ, ୧ ଚାମଚ ଜିରା ଗୁଣ୍ଡ, ୧ ଚାମଚ ଅଳେଇଚ ଗୁଣ୍ଡ, ୧ ଚାମଚ ବିରିୟାନୀ ମସଲା, ହଳଦୀ ଅଳ୍ପ, ୪ଟି କଞ୍ଚା ଲଙ୍କା, ୧/୨ କପ୍ ଗୁଆଘିଅ, ୧ କପ୍ କ୍ଷୀର, କିଛି କେଶର, ୫ ଲବଙ୍ଗ, ୫ ଅଳେଇଚ, ୩ ଅନାସଫୁଲ, ୪ ତେଜପତ୍ର, ୫ଗୋଲମରିଚ, ୩ ଜାଇତ୍ରି, ୩ ଡାଲଚିନି, କିଛି ଧନିଆପତ୍ର, କିଛି ପୁଦିନା ପତ୍ର ଏବଂ କିଛି ଗୋଟା ଜିରା ।

**ପ୍ରସ୍ତୁତି ପ୍ରଣାଳୀ:** ସର୍ବ ପ୍ରଥମେ ଚିକେନ ଭଲ କରି ଧୋଇଦେବା । ତାପରେ ଗୋଟେ ବଡ଼ ପାତ୍ରରେ ୧କେଜି ଚିକେନ, କଟା ଟମାଟ, ୧ କପ ଦହି, ୧ ଚାମଚ ଲୁଣ, ୧ ଚାମଚ ଲାଲ୍ ଲଙ୍କା ଗୁଣ୍ଡ, ୧ ଚାମଚ ଧନିଆଗୁଣ୍ଡ, ୧ ଚାମଚ ଜିରା, ଗୁଣ୍ଡ, ୧/୨ ଚାମଚ ଅଳେଇଚ ଗୁଣ୍ଡ, ୨ ଚାମଚ ବିରିୟାନି ମସଲା, ୧/୪ ଚାମଚ ହଳଦୀ, ୪ ଚାମଚ ପିଆଜ ରସୁଣ ଅଦା ବଟା, ୨ କଞ୍ଚା ଲଙ୍କା ବଟା ପକାଇ ଭଲକରି ମିଶାଇ ୩ ଘଂଟା ମାରିନେଟ୍ ପାଇଁ ରଖିଦେବା । ଏଥର ଚାଉଳକୁ ଭଲକରି ଧୋଇ ୧ଘଣ୍ଟା ଯାଏ ୨ ଗ୍ଲାସ୍ ପାଣିରେ ବତୁରେଇ ରଖିବା । ଏବେ ୧କପ ଗରମ କ୍ଷୀରରେ କିଛି କେଶର ପକେଇ ୧ଘଣ୍ଟା ପାଇଁ ରଖିବା । ଗ୍ୟାସ୍ ଚୁଲା ଲଗାଇ ଗୋଟେ ମାଟି ପାତ୍ରରେ ୪ ଚାମଚ ଘିଅ ପକାଇ ଗରମ କରି ସେଥିରେ ୨ଟି ବଡ଼ ପିଆଜକୁ ପତଳା ପତଳା କରି କାଟି ଭଲକରି ଭାଜିବା ଯେମିତିକି ପିଆଜ ରଙ୍ଗ ମାଟିଆ ହେଇଯିବ । ଏହାପରେ ଗୋଟିଏ ବଡ଼ ପାତ୍ରରେ ୪ଗ୍ଲାସ୍ ପାଣି ନେଇ ଭଲ କରି ଫୁଟାନ୍ତୁ । ପାଣି ଫୁଟିଲା ପରେ ବତୁରା ହୋଇ ରହିଥିବା ଚାଉଳ ପକାଇବା । ଚାଉଳ ପକେଇବା ପରେ ସେଥିରେ ୧ ବଡ଼ ଚାମଚ ଘିଅ, ୧ ଚାମଚ ଲୁଣ, ୫ଟି ଲବଙ୍ଗ, ୫ଟି ଅଳେଇଚ, ୩ଟି ଅନାସଫୁଲ, ୫ଟି ତେଜପତ୍ର, ୫ଟି ଗୋଲମରିଚ, ୩ଟି ଜାଇତ୍ରି, ୩ଟି ଡାଲଚିନି, ୨ଚାମଚ ପୁଦିନା ପତ୍ର ଓ କିଛି ଗୋଟାବଡ଼ ଜିରା ପକାଇ ଭଲ କରି ଗୋଳେଇ ଫୁଟିବା ପାଇଁ ଛାଡ଼ିଦେବା । ମଝିରେ ମଝିରେ ଭାତ ଯେମିତି ଯାଉ ନହବ ଦେଖୁଥିବା । ଭାତ ଦରସିଝା ହେଲା ପରେ ଗ୍ୟାସ୍ ବନ୍ଦ କରି ବଳକା ପାଣିତକ ଚାଉଳରୁ ନିଗାଡ଼ି ଦେବା । ଏବେ ଗୋଟେ ବଡ଼ ମାଟି ପାତ୍ର ଗ୍ୟାସ୍‌ରେ ବସାଇ ସେଥିରେ ୪ ଚାମଚ ଘିଅ ପକେଇ ଗରମ କରନ୍ତୁ । ତାପରେ ମାରିନେଟ୍ ହୋଇଥିବା ଚିକେନ୍‌କୁ ଭଲକରି କଷନ୍ତୁ ଯେମିତିକି ଚିକେନ ଦରସିଝା ହେଇଯିବ । ଏହାପରେ ଗୋଟିଏ ବଡ଼ ପାତ୍ର ନେଇ ପାତ୍ରର ଚାରିଆଡ଼େ ଭଲକରି ତେଲ ଲଗେଇଦେବେ ଏବଂ ପାତ୍ରଟିରେ ୪ ଚାମଚ ଘିଅ ପକାଇ ହାଲକା ଉଷୁମ ହେଲା ପରେ କଷା ଚିକେନର ଅଧା ଲେୟାର ଦେଇ ତା ଉପରେ ଅଧା ଭାତର ଲେୟାର ଓ ତା ଉପରେ ଭଜା ପିଆଜର ଗୋଟେ ଲେୟାର, ଧନିଆପତ୍ର, ପୁଦିନାପତ୍ରର ହାଲୁକା ଲେୟାର ଦେଇ ପୁଣି ପୂର୍ବ ଭଳି ବଳକା କଷା ଚିକେନ ଓ ଭାତର ଲେୟାର ଦେଇ ବଳକା ଥିବା ଭଜା ପିଆଜ, ଧନିଆ ପତ୍ରର ଓ ପୁଦିନା ପତ୍ରର ଗୋଟେ ଲେୟାର ଦେଇ ତା ଉପରେ ରଖିଥିବା କେଶର ମିଶା କ୍ଷୀର, ୨ ଚାମଚ ଘିଅ ଏବଂ ୧/୨ ଚାମଚ ଗୋଲାପ ଜଳ ପକାଇ ଢାଙ୍କୁଣୀ ସାହାଯ୍ୟରେ ପାତ୍ରଟିକୁ ଭଲ କରି ଘୋଡ଼େଇ ଅଟା ଗୁଳା ସାହାଯ୍ୟରେ ଥାଳିର ଚାରିପଟ ସିଲ୍ କରିଦେବା, ଯେମିତିକି ବାମ୍ଫ ବାହାରକୁ ନଯାଏ । ଏବେ ଏହାକୁ ୧୫ରୁ ୨୦ ମିନିଟ୍ ଯାଏ କମ ଆଁଚରେ ବସାଇବା । ୨୦ ମିନିଟ ପରେ ବିରିଆନିର ସିଲ୍‌ଟିକୁ ଖୋଲି ଗୋଟେ ଛୋଟିଆ ଗିନାରେ ୨ଟି ତତଲା କୋଇଲା ଥୋଇ ସେଥିରେ ୨ ଚାମଚ ଗୁଆଘିଅ ପକାଇ ବିରିୟାନି ଉପରେ ଥୋଇ ସଙ୍ଗେ ସଙ୍ଗେ ପୁଣିଥରେ ଢାଙ୍କୁଣୀଟିକୁ ପୂର୍ବ ଭଳି ଅଟା ଗୁଳା ସାହାଯ୍ୟରେ ସିଲ୍ କରିଦେବା । ଏବେ ଗୋଟିଏ ବଡ଼ ତାଂଟକୁ ଗ୍ୟାସ୍‌ରେ ବସାଇ ତା ଉପରେ ବିରିଆନି ପାତ୍ରଟିକୁ ୧୫ ରୁ ୨୦ ମିନିଟ ଯାଏ କମ୍ ଆଁଚରେ ବସାଇବା । ୨୦ ମିନିଟ ପରେ ଗ୍ୟାସ ବନ୍ଦ କର ବିରିଆନିଟିକୁ କିଛି ସମୟ ପାଇଁ ଛାଡ଼ିଦେବା । ଏବେ ଆମର ସୁପର ଟେଷ୍ଟି ଚିକେନ ହାଇଦ୍ରାବାଦୀ ଦମ୍ ବିରିଆନି ରେଡ଼ି ।





# ରତିକାନ୍ତଙ୍କ ରେସିପି

**ରତିକାନ୍ତ ପାତ୍ର**
ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ୍, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧,
ଫୋନ:୯୯୦୨୭ ୭୪୩୯୧
ଫଟୋ ସୌଜନ୍ୟ: ଲେଖକ


▶ ଲେଖକ ରତିକାନ୍ତ ପାତ୍ର

**ପାଳଙ୍ଗ ଶାଗକୁ ଧୋଇ ନିଅନ୍ତୁ ଏବଂ ତାକୁ କାଟି ଭଲ ଭାବରେ ପେଷ୍ଟ୍ ବନେଇ ଦିଅନ୍ତୁ । ପନିରକୁ ଚାରିକୋଣିଆ ଛୋଟ ଖଣ୍ଡ କରି କାଟନ୍ତୁ । ଅଳ୍ପ ଲୁଣ ଗୁଣ୍ଡ ଗୋଳାଇ ତାକୁ ତାୱାରେ ହାଲୁକା ଭାଜି ଦିଅନ୍ତୁ । ଏଥର ଭଜା ପନିରକୁ ଗରମ ପାଣି ରେ କିଛି ସମୟ ପର୍ଯ୍ୟନ୍ତ ଭିଜେଇ ରଖନ୍ତୁ ତା ହେଲେ ଦେଖିବେ ପନିର ସଫ୍ଟ ହେଇଯିବ ଅଥଚ ଭାଙ୍ଗିବନି ବା ଗୁଣ୍ଡ ହେବ ନାହିଁ ।**



## ପାଳଙ୍ଗ ଶାଗ-ପନିର

**ଆବଶ୍ୟକ ସାମଗ୍ରୀ :** ପନିର ୨୦୦ ଗ୍ରାମ, ପାଳଙ୍ଗ ଶାଗ, **ମସଲା ଦ୍ରବ୍ୟ:** ବଡ଼ ପିଆଜ ୧-୩ ଟା, ଅଦା ୧ ଛୋଟ ଖଣ୍ଡ, ରସୁଣ ୮-୧୦ କୋଳା, ଗୋଟା ଜିରା, ଶୁଖିଲା ଲଙ୍କା, ଡାଲଚିନି, ଅଳେଇଚ, ଗୁଜରାତି, ଗୋଲ ମରିଚ, **ଗୁଣ୍ଡ ମସଲା:** ଜିରା ଗୁଣ୍ଡ, ଧଣିଆ ଗୁଣ୍ଡ, କାଶ୍ମିରୀ ଲଙ୍କା ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, **ଅନ୍ୟାନ୍ୟ ସାମଗ୍ରୀ:** ସୋରିଷ ତେଲ, ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗ ଶାଗକୁ ଧୋଇ ନିଅନ୍ତୁ ଏବଂ ତାକୁ କାଟି ଭଲ ଭାବରେ ପେଷ୍ଟ୍ ବନେଇ ଦିଅନ୍ତୁ । ପନିରକୁ ଚାରିକୋଣିଆ ଛୋଟ ଖଣ୍ଡ କରି କାଟନ୍ତୁ । ଅଳ୍ପ ଲୁଣ ଗୁଣ୍ଡ ଗୋଳାଇ ତାକୁ ତାୱାରେ ହାଲୁକା ଭାଜି ଦିଅନ୍ତୁ । ଏଥର ଭଜା ପନିରକୁ ଗରମ ପାଣି ରେ କିଛି ସମୟ ପର୍ଯ୍ୟନ୍ତ ଭିଜେଇ ରଖନ୍ତୁ ତା ହେଲେ ଦେଖିବେ ପନିର ସଫ୍ଟ ହେଇଯିବ ଅଥଚ ଭାଙ୍ଗିବନି ବା ଗୁଣ୍ଡ ହେବ ନାହିଁ । ଏଥର କଡ଼େଇ ଗରମ କରି ସେଥିରେ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ସେଥିରେ ଡାଲଚିନି, ଅଳେଇଚ, ଗୁଜରାତି, ପିଆଜ ପକାଇ କିଛି ସମୟ ଭାଜନ୍ତୁ । ସେଥିରେ କଟା ପିଆଜ ପକାଇ ଆଉ କିଛି ସମୟ ଭାଜନ୍ତୁ । ଏଥର ଅଦା ରସୁଣ ବଟଓ ପକାଇ ଭଲ ଭାବରେ କଷି ନିଅନ୍ତୁ । ପାଣି ଛାଡ଼ି ଗଲା ପରେ ସେଥିରେ ଗୁଣ୍ଡ ମସଲା, ହଳଦୀ, ଲୁଣ ପକାଇ ଆଉ କିଛି ସମୟ କଷି ନିଅନ୍ତୁ । ବର୍ତ୍ତମାନ ଏହି ମିଶ୍ରଣରେ ବଟା ହେଇଥିବା ପାଳଙ୍ଗ ଶାଗକୁ ପକାଇ ଆଉ କିଛି ସମୟ କଷି ଦିଅନ୍ତୁ । ଶାଗ ଅଳ୍ପ କଷି ଗଲାପରେ ସେଥିରେ ଗରମ ପାଣି ଦେଇ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ । ଏଥର ଏଇ ଶାଗ ମିଶ୍ରଣରେ ପନିର ପକେଇ ଦିଅନ୍ତୁ । ଆଉ କିଛି ସମୟ ରନ୍ଧା ହେଇଗଲା ପରେ ଚୁଲି ବନ୍ଦ କରି ଘୋଡ଼େଇ ରଖନ୍ତୁ । ଏଥର ଆପଣଙ୍କର ପାଳଙ୍ଗ ଶାଗ-ପନିର ପ୍ରସ୍ତୁତ ହେଇ ଯାଇଛି । ଗରମ ଗରମ ଭାତ କିମ୍ବା ପରଟା ବା ରୁଟି ସହ ପରଷି ଦିଅନ୍ତୁ ।

## ମାଟି ହାଣ୍ଡି ଖାସି ମାଂସ

**ଆବଶ୍ୟକ ସାମଗ୍ରୀ :** ଖାସି ମାଂସ ୫୦୦ ଗ୍ରାମ, ମାଟି ହାଣ୍ଡି, **ମସଲା ଦ୍ରବ୍ୟ:** ବଡ଼ ପିଆଜ ୨-୩ଟା, ଅଦା ୧ ଛୋଟ ଖଣ୍ଡ, ରସୁଣ ୮-୧୦ କୋଳା, ଗୋଟା ଜିରା, ଗୋଟା ଧଣିଆ, ଶୁଖିଲା ଲଙ୍କା, ଡାଲ୍‌ଚିନି, ଅଳେଇଚ, ଗୁଜରାତି, ତେଜ ପତ୍ର, ଗୋଲ ମରିଚ, **ଗୁଣ୍ଡ ମସଲା:** ଜିରା ଗୁଣ୍ଡ, ଧଣିଆ ଗୁଣ୍ଡ, କାଶ୍ମିରୀ ଲଙ୍କା ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, **ଅନ୍ୟାନ୍ୟ ସାମଗ୍ରୀ:** ସୋରିଷ ତେଲ, ଘିଅ, ଦହ, ଲୁଣ, ଚିନି ।

**ପ୍ରସ୍ତୁତି ପ୍ରଣାଳୀ:** ଖାସି ମାଂସକୁ ପରିସ୍କାର କରି ପାଣି ବାହାର କରି ରଖନ୍ତୁ । ସେଥିରେ ଲୁଣ, ହଳଦୀ, ତେଲ, ଦହି ଓ ଅନ୍ୟାନ୍ୟ ଗୁଣ୍ଡ ମସଲା ମିଶାଇ ନିଅନ୍ତୁ । ଅଧା ତେଜପତ୍ର, ଡାଲଚିନି ଇତ୍ୟାଦି ମିଶାଇ ନିଅନ୍ତୁ । ସବୁ ସାମଗ୍ରୀ ଓ ମାଂସକୁ ଭଲ ଭାବରେ ଗୋଳାଇ, ଢାଙ୍କିକି, ୩୦ ମିନିଟ ପାଇଁ ରଖି ଦିଅନ୍ତୁ । ମାଂସ ମେରିନେଟ ହବା ଭିତରେ, ପିଆଜ, ଅଦା, ରସୁଣ ଓ ଅନ୍ୟାନ୍ୟ ଗୋଟା ମସଲା ଭଲ କରି ବାଟି ଦିଅନ୍ତୁ । ବଟା ହେଇ ଗଲା ପରେ, ମାଟି ହାଣ୍ଡି ଚୁଲିରେ ବସେଇ ଗରମ କରି ନିଅନ୍ତୁ । ଗରମ ହାଣ୍ଡିରେ ତେଲ ପକାନ୍ତୁ । ସେଥିରେ ଅଳ୍ପ ଚିନି ପକାନ୍ତୁ । ଚିନି ଖଇରିଆ ରଙ୍ଗ ହେଲା ପରେ ସେଥିରେ ତେଜ ପତ୍ର ଓ ଗୋଟା ମସଲା ପକେଇ ହାଲକା ଭାଜି ନିଅନ୍ତୁ । ଏଥର ବଟା ମସଲାକୁ ହାଣ୍ଡିରେ ପକେଇ ତେଲ ଛାଡ଼ିବା ପର୍ଯ୍ୟନ୍ତ କଷି ନିଅନ୍ତୁ । ଏବେ ହଳଦୀ, ଲୁଣ ଓ ଅନ୍ୟାନ ଗୁଣ୍ଡ ମସଲା ପକେଇ ଆଉ କିଛି ସମୟ କଷି ନିଅନ୍ତୁ । ବତ୍ତମାନ ମେରିନେଟ ହେଇଥିବା ମାଂସକୁ ହାଣ୍ଡିରେ ପକେଇ ଦିଅନ୍ତୁ । ଏବେ କମ ଆଂଚରେ ୩୦-୩୫ ମିନିଟ ମାଂସକୁ କସନ୍ତୁ । ହାଣ୍ଡିକୁ ଘୋଡ଼ାଇ ରଖନ୍ତୁ । ମଝିରେ ମଝିରେ ଘାଣ୍ଟି ଦେବେ ଯେମିତି ମାଂସ ଲାଗି ନ ଯାଏ । ଏଥର କସା ମାଂସରେ (ଆବଶ୍ୟକ ଅନୁଯାଇ) ଗରମ ପାଣି ପକେଇ ୧୫- ୨୦ ମିନିଟ ଫୁଟି ବା ପାଇଁ ଛାଡ଼ି ଦିଅନ୍ତୁ । ମାଂସ ଫୁଟିବା ସମୟରେ ଅଳ୍ପ ଡାଲଚିନି ଓ ଅଳେଇଚ ଶୁଖିଲା ଭାଜି ତାକୁ ହେମଦସ୍ତାରେ ଗୁଣ୍ଡ କରିନିଅନ୍ତୁ । ମାଂସ ହେଇଗଲା ପରେ, ଚୁଲି ବନ୍ଦ କରି, ଏଇ ମସଲା ଗୁଣ୍ଡ ମାଂସ ଉପରେ ପକେଇ ଢାଙ୍କି ଦିଅନ୍ତୁ । ଆପଣଙ୍କର ମାଟି ହାଣ୍ଡି ମାଂସ ପ୍ରସ୍ତୁତ ହେଇ ଯାଇଛି । ଏବେ ଗରମ ଗରମ ପରଷି ଦିଅନ୍ତୁ ।



# ପ୍ରଣତିଙ୍କ ରେସିପି


## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଅରବିନ୍ଦ ନଗର, ପଣ୍ଡା କ୍ଲିନିକ୍ ପାଖ,
ଲେଙ୍କୁଡ଼ିପଦା, ନୟାଗଡ଼-୭୫୨୦୭୦
ଫୋନ : ୯୪୩୭୬୪୨୯୪୭
ଫଟୋ ସୌଜନ୍ୟ: ଲେଖିକା


ଭେଣ୍ଡି ଅଳ୍ପ ଭାଜି ହୋଇଗଲେ ସେଥିରେ ବଟା ବେସରକୁ ପକାଇବେ । ସାମାନ୍ୟ ପାଣି ଦେଇ ବେସରକୁ ଅଳ୍ପ ସମୟ ପାଇଁ ଫୁଟାଇବେ । ବେସର ଫୁଟିଗଲେ ସେଥିରେ ଖଟା କମଳା ପାଣି ପକାଇବେ । ନଚେତ୍ ଖଟା ଅନୁସାରେ ଆମ୍ବୁଲ ପକାଇ ଗ୍ୟାସ୍ ବନ୍ଦ କରନ୍ତୁ । ଆପଣଙ୍କ ଘରେ ଯଦି ବାଟିବା ପାଇଁ ଶୀଳ ଅଛି ତେବେ ସେଥିରେ ବେସର ବାଟି ପାରିଲେ ସ୍ୱାଦ ଦ୍ୱିଗୁଣିତ ହୋଇଯିବ ।





### ଗୋଟା ଭେଣ୍ଡି ଭଜା

**ଆବଶ୍ୟକ ସାମଗ୍ରୀ :** ଭେଣ୍ଡି ୨୦୦ ଗ୍ରାମ, ଚାଉଳ ଚୁନା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ପାଉଡର, ଧନିଆ ପାଉଡର, ଚାରି ପାଞ୍ଚ କୋଳା ରସୁଣ, ରିଫାଇନ୍ ବା ସୋରିଷ ତେଲ, ସ୍ୱାଦ ଅନୁସାରେ ଲୁଣ ଓ ଚଟ୍‌ପଟା ସ୍ୱାଦ ପାଇଁ ଇଚ୍ଛା ହେଲେ ଚାଟ୍ ମସଲା ନେଇ ପାରିବେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟା ଭେଣ୍ଡିକୁ ଭଲଭାବେ ଧୋଇନେବେ । ପାଣି ଛାଡ଼ିଗଲେ ତାକୁ ଦୁଇପଟୁ(ମୁଣ୍ଡ ଓ ଲାଞ୍ଜ) କାଟି ନେବେ । ଗୋଟିଏ ପାତ୍ରରେ ରଖି ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ପାଉଡର, ଧନିଆ ପାଉଡର, ଚାଉଳ ଚୁନା (ଅଳ୍ପ) ରସୁଣକୁ ଭଲଭାବେ ଛେଚି (ପେଷ୍ଟ୍ କରି) ଓ ଲୁଣ ସ୍ୱାଦ ଅନୁସାରେ ଦେଇ ଗୋଳାଇ କିଛି ସମୟ ପାଇଁ ରଖିଦେବେ । ଯେପରି ସବୁ ମସଲା ଭେଣ୍ଡି ରେ ମିଶି ପାରିବ । ପାଞ୍ଚମିନିଟ ପରେ ଗ୍ୟାସ୍‌ରେ ତାୱା ଗରମ କରି ତେଲ ପକାଇବେ । ତେଲ ଗରମ ହେଲେ ଭେଣ୍ଡିକୁ ଗୋଟେ ଗୋଟେ ସେଥିରେ ପକାଇ ଭାଜିନେବେ । ଦେଖିବେ ଯେପରି ଭେଣ୍ଡିର ଦୁଇପଟୁ ଭାଜିହେବ । ହୋଇଗଲେ ଗୋଟିଏ ପ୍ଲେଟ୍‌କୁ କାଢି ଚଟ୍‌ପଟା ସ୍ୱାଦ ପାଇଁ ତା ଉପରେ ଚାଟ୍ ମସଲା ଛିଞ୍ଚିଦେବେ । ଏବେ ପ୍ରସ୍ତୁତ ଗୋଟା ଭେଣ୍ଡି ଭଜା । ଏହା ଗରମ ଗରମ ଭାତ ସହିତ ଖାଇବାକୁ ଭଲ ଲାଗେ ।



### ଭେଣ୍ଡି ମସଲା

**ଆବଶ୍ୟକ ସାମଗ୍ରୀ :** ଭେଣ୍ଡି ୨୦୦ ଗ୍ରାମ, ବଡ ପିଆଜ ୨ଟା, ରସୁଣ ଅଳ୍ପ, କଂଚା ଲଙ୍କା ୨ଟା, ମସଲାଗୁଣ୍ଡ, ଫୁଟଣ ପାଇଁ (ଜିରା, ସୋରିଷ, ଅଳ୍ପ ବିରି ଡାଲି,) ଆବଶ୍ୟକ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ଭେଣ୍ଡିକୁ ପ୍ରଥମେ ଧୋଇ ନେବା । ତାପରେ ତାକୁ ଦୁଇ ଖଣ୍ଡ କିମ୍ବା ତିନି ଖଣ୍ଡ କରି କାଟି ନେବା । ପିଆଜକୁ ଟିକେ ବଡ ସାଇଜ୍ ରେ କାଟିବା । ରସୁଣକୁ ଟିକ୍ ଟିକ୍ କରି କାଟି ନେବା (ରସୁଣ ଛେଚି ପେଷ୍ଟ୍ କରିବେ ନାହିଁ) କଡ଼େଇରେ ତେଲ ଗରମ ହୋଇଗଲେ ସେଥିରେ ଫୁଟଣ ଓ ଚୋପାଛଡା ବିରି ପକାନ୍ତୁ । ଫୁଟିଗଲେ ସେଥିରେ କଟା ପିଆଜ ପକାନ୍ତୁ । ପିଆଜ ସାମାନ୍ୟ ଭାଜି ହୋଇଗଲେ (ପିଆଜକୁ ବେଶି ଲାଲ୍ କରିବେନି) ସେଥିରେ ଛୋଟ ଛୋଟ କଟା ରସୁଣ ଓ କଞ୍ଚାଲଙ୍କା (ଲମ୍ବା ଆକାରରେ ଚିରି) ପକାନ୍ତୁ । ଟିକେ ଭାଜି ହେଲେ କଟା ହୋଇଥିବା ଭେଣ୍ଡି ପକାଇ ସେଥିରେ ହଳଦୀ ଗୁଣ୍ଡ, ମସଲା ଗୁଣ୍ଡ ଓ ଆବଶ୍ୟକତା ଅନୁସାରେ ଲୁଣ ପକାନ୍ତୁ । ଗ୍ୟାସ୍ ର ଆଞ୍ଚକୁ ଅଳ୍ପ ସିମ୍ କରି ଦେବେ । ବାରମ୍ବାର ଘାଣ୍ଟିବେନି । ଭେଣ୍ଡି ଗୁଣ୍ଡ ହୋଇଯିବ । ଦୁଇ ଚାରି ମିନିଟ୍ ପରେ ଦେଖିବେ ଭେଣ୍ଡି ହୋଇ ଯାଇଥିବ । ଓହ୍ଲାଇବା ପୁର୍ବରୁ କସ୍ତୁରୀ ମେଥି କୁ ହାତରେ ଗୁଣ୍ଡ କରି ଅଳ୍ପ ତା ଉପରେ ଛିଂ ଦେବେ । ଏବେ ଆମର ପ୍ରସ୍ତୁତ ହୋଇଗଲା ମସଲା ଭେଣ୍ଡି । ନିଜେ ଖାଆନ୍ତୁ ଓ ଖୁଆନ୍ତୁ`

### ଭେଣ୍ଡି ବେସର

**ଆବଶ୍ୟକ ସାମଗ୍ରୀ :** ଭେଣ୍ଡି ୨୦୦ ଗ୍ରାମ, ପଞ୍ଚଫୁଟଣ ଅଳ୍ପ, ଭୃର୍ଷଙ୍ଗ ପତ୍ର, ଛୋଟ ପିଆଜ ଗୋଟେ, ହଳଦୀ ଗୁଣ୍ଡ, ଲୁଣ, ବେସର ପାଇଁ - ୪, ୫ କୋଳା ରସୁଣ, ସୋରିଷ, ଜିରା ଖଟା କମଳା (କାନ୍ଧିଆ) ଗୋଟେ, ଯଦି ଉପଲବ୍ଧ ନହୁଏ ତେବେ ଆମ୍ବୁଲ ନେଇପାରିବେ । ଖଟା କମଳାକୁ ଦୁଇ ଫାଳ କାଟି ତା ପାଣି ରଖିବା । (ସେଥିରୁ ମଞ୍ଜି ବାହାର କରିଦେବା )

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବେସର ବାଟି ଦେବା (ଗ୍ରାଇଣ୍ଡର ଜାର୍‌ରେ ସୋରିଷ, ଅଳ୍ପ ଜିରା, ଶୁଖିଲା ଲଙ୍କା ଗୋଟେ, ରସୁଣ ଓ ଚିମୁଟାଏ ହଳଦୀ ଗୁଣ୍ଡ ଦେଇ ବାଟିନେବା । (ହଳଦୀ ଗୁଣ୍ଡ ନ ଦେଲେ ବି ଚଳିବ କିନ୍ତୁ ବେସରର ରଙ୍ଗ ପାଇଁ ଦେଇ ପାରିବା ) । ଭେଣ୍ଡିକୁ ସାମାନ୍ୟ ବଡ ଆକାରରେ କାଟିନେବେ । କଡେଇରେ ତେଲ ଗରମ କରି ସେଥିରେ ପଞ୍ଚଫୁଟଣ ପକାନ୍ତୁ । ପିଆଜ ଛୋଟ ଛୋଟ କାଟି ପକାନ୍ତୁ । ପିଆଜ ସାମାନ୍ୟ ଲାଲ୍ ହୋଇଗଲେ ଭୃର୍ଷଙ୍ଗ ପତ୍ର ପକାଇବେ । ତାପରେ କଟା ଭେଣ୍ଡି କୁ ପକାଇ ସେଥିଲେ ହଳଦୀ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇବେ । ଭେଣ୍ଡି ଅଳ୍ପ ଭାଜି ହୋଇଗଲେ ସେଥିରେ ବଟା ବେସରକୁ ପକାଇବେ । ସାମାନ୍ୟ ପାଣି ଦେଇ ବେସରକୁ ଅଳ୍ପ ସମୟ ପାଇଁ ଫୁଟାଇବେ । ବେସର ଫୁଟିଗଲେ ସେଥିରେ ଖଟା କମଳା ପାଣି ପକାଇବେ । ନଚେତ୍ ଖଟା ଅନୁସାରେ ଆମ୍ବୁଲ ପକାଇ ଗ୍ୟାସ୍ ବନ୍ଦ କରନ୍ତୁ । (ଆପଣଙ୍କ ଘରେ ଯଦି ବାଟିବା ପାଇଁ ଶୀଳ ଅଛି ତେବେ ସେଥିରେ ବେସର ବାଟି ପାରିଲେ ସ୍ୱାଦ ଦ୍ୱିଗୁଣିତ ହୋଇଯିବ)



# ଅବିକା'ସ୍ ରେସିପି

**ଅବିନାଶ ସାହୁ**

ନିର୍ଦ୍ଦେଶକ :
ଅବିକା ଟ୍ରେଣ୍ଡିପଲ୍ସ, ପ୍ଲଟ୍ ନଂ ୩୦୯୫,
ଡେରଙ୍ଗ, କଣିହାଁ, ଅନୁଗୁଳ-୭୫୯୧୧୭
ଫୋନ୍ : ୭୮୭୩୦୭୪୧୪୨
ଫଟୋ ସୌଜନ୍ୟ: ଅବିକା



## ତାଳ ଇଟିଲି

**ଆବଶ୍ୟକ ସାମଗ୍ରୀ :** ପାଚିଲା ତାଳ, ଅରୁଆ ଚାଉଳ ଚୁନା, ଗୁଡ଼, ଖାଇବା ସୋଡା, ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପାଚିଲା ତାଳରୁ ମଣ୍ଡ କାଢ଼ି ନିଅନ୍ତୁ । ତାଳ ମଣ୍ଡକୁ ଏବେ ଗୋଟିଏ କଡ଼େଇରେ ଦିଅନ୍ତୁ । ଅଳ୍ପ ପାଣି ମିଶାଇ ଚୁଲାରେ ବସାଇ ଲଗାତାର ଘାଣ୍ଟନ୍ତୁ । ତାଳ ମଣ୍ଡ ସିଝି ଆସିଲେ ମଣ୍ଡର ରଙ୍ଗ ପରିବର୍ତ୍ତନ ହେବ । ଏବେ ତାଳ ମଣ୍ଡକୁ କାଢ଼ି ଥଣ୍ଡା କରି ନିଅନ୍ତୁ । ମଣ୍ଡ ଥଣ୍ଡା ହେଲା ପରେ ଏଥିରେ ଏବେ ଆବଶ୍ୟକ ଅନୁସାରେ ଅରୁଆ ଚାଉଳ ଚୁନା, ଗୁଡ଼, ଅଳ୍ପ ଟିକେ ଖାଇବା ସୋଡା, ସ୍ୱାଦ ଅନୁସାରେ ଲୁଣ ଦେଇ ଭଲ ଭାବରେ ଗୋଳାନ୍ତୁ । ଯେତେ ଅଧିକ ଗୋଳେଇବେ, ଫେଣିବେ ସେତେ ଅଧିକ ନରମ ହେବ ଇଟିଲି । ଏବେ ଏଇ ତାଳ ପିଠଉରେ ପ୍ରସ୍ତୁତ କରନ୍ତୁ ଇଟିଲି । ଗରମ ଗରମ ଖାଆନ୍ତୁ ଘୁଗୁନି ଆଉ ଆଳୁଦମ୍ ସାଙ୍ଗରେ । ଆଜି ହିଁ ଘରେ ତିଆରି କରି ଖାଆନ୍ତୁ ଆଉ କେମିତି ଲାଗିଲା ଜଣାନ୍ତୁ ।

## ସରୁ ବାଲିଛତୁ ପତ୍ରପୋଡା

**ଆବଶ୍ୟକ ସାମଗ୍ରୀ :** ସରୁ ବାଲିଛତୁ, କୁରେହିଁ ପତ୍ର ଅବା ଶାଳ ପତ୍ର, ସୋରିଷ ତେଲ, ରସୁଣ, କଞ୍ଚାଲଙ୍କା, ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ସରୁ ବାଲିଛତୁକୁ ଭଲ ଭାବରେ ଧୋଇ ଦିଅନ୍ତୁ । କାହିଁକି ନା ଟିକିଏ ବି ମାଟି ରହିଗଲେ ବାଲିଆ ଲାଗିବ । କୁରେହିଁ ପତ୍ର ଅବା ଶାଳ ପତ୍ର ଯାହା ଅଛି ସେଥିରୁ ଦଶ ବାରଟି ପତ୍ର ଆଣନ୍ତୁ । ଅଧିକ ଛତୁ ହେଲେ ପୁଡିଆ ବଡ଼ ନକରି ପୁଡିଆ ସଂଖ୍ୟା ବଢେଇବେ । ପତ୍ର ଗୁଡ଼ିକ ଭଲ ଭାବରେ ଧୋଇ ଦିଅନ୍ତୁ । ପତ୍ର ଗୁଡ଼ିକୁ ଉପରକୁ ଉପର ରଖନ୍ତୁ । ଏବେ ପତ୍ର ଉପରେ ଧୋଇ ରଖିଥିବା ସରୁ ବାଲିଛତୁ, ଦି' ଚାରିଟା ଗୋଟା କଞ୍ଚାଲଙ୍କା, ଦୁଇ ତିନି କୋଳ ଗୋଟା ରସୁଣ, ସୋରିଷ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ ଦେଇ ଗୋଳେଇ ଦିଅନ୍ତୁ । ସୋରିଷ ତେଲ ଟିକେ ଅଧିକ ଦେଇଥିବେ । କାହିଁକି ନା ପତ୍ର କିଛି ତେଲ ପିଇଦେବ । ଏବେ ପୁଡ଼ିଆ ବନେଇ ତା ଉପରେ ସରୁ ବାଇଣ୍ଡ୍ ତାର ଗୁଡ଼େଇ ଦିଅନ୍ତୁ । ଏବେ ଚୁଲିର ରଡ଼ ନିଆଁ ଉପରେ ପକେଇ ଦିଅନ୍ତୁ । ପାଞ୍ଚ ସାତ ମିନିଟ୍ ପରେ ବାସ୍ନା ଆସିବ । ଏଇ ବାସ୍ନାରେ ଆପଣଙ୍କ ଅଧା ପେଟ ପୁରିଯିବ । ଏବେ ପୁଡ଼ିଆଟିକୁ ନିଆଁ ଉପରେ ଓଲଟାଇ ଦିଅନ୍ତୁ । ଆଉ ପାଞ୍ଚସାତ ମିନିଟ୍ ପରେ କାଢ଼ି ପୁଡ଼ିଆ ଖୋଲନ୍ତୁ । ପୋଡ଼ି ଯାଇଥିବା ପତ୍ର ଗୁଡ଼ିକ କାଢ଼ି ସେଇ ପତ୍ରରେ ହିଁ ପଖାଳ ସହିତ ଖାଆନ୍ତୁ ଏଇ ଦେଶୀ ସରୁ ବାଲିଛତୁ ପତ୍ରପୋଡା । ମୁଁ ଗ୍ୟାରେଣ୍ଟି ଦେଉଛି ଆପଣଙ୍କୁ ନିଶ୍ଚିତ ଭଲ ଲାଗିବ ମୋର ଏହି ସରଳ ଦେଶୀ ରେସିପି । ନିଶ୍ଚିତ ଟ୍ରାଏ କରିବେ । କେମିତି ଲାଗିଲା କହିବେ ।

ଏବେ ଚୁଲିର ରଡ଼ ନିଆଁ ଉପରେ ପକେଇ ଦିଅନ୍ତୁ । ପାଞ୍ଚ ସାତ ମିନିଟ୍ ପରେ ବାସ୍ନା ଆସିବ । ଏଇ ବାସ୍ନାରେ ଆପଣଙ୍କ ଅଧା ପେଟ ପୂରିଯିବ । ଏବେ ପୁଡ଼ିଆଟିକୁ ନିଆଁ ଉପରେ ଓଲଟାଇ ଦିଅନ୍ତୁ । ଆଉ ପାଞ୍ଚସାତ ମିନିଟ୍ ପରେ କାଢ଼ି ପୁଡ଼ିଆ ଖୋଲନ୍ତୁ । ପୋଡ଼ି ଯାଇଥିବା ପତ୍ର ଗୁଡ଼ିକ କାଢ଼ି ସେଇ ପତ୍ରରେ ହିଁ ପଖାଳ ସହିତ ଖାଆନ୍ତୁ ଏଇ ଦେଶୀ ସରୁ ବାଲିଛତୁ ପତ୍ରପୋଡା । ମୁଁ ଗ୍ୟାରେଣ୍ଟି ଦେଉଛି ଆପଣଙ୍କୁ ନିଶ୍ଚିତ ଭଲ ଲାଗିବ ମୋର ଏହି ସରଳ ଦେଶୀ ରେସିପି । ନିଶ୍ଚିତ ଟ୍ରାଏ କରିବେ । କେମିତି ଲାଗିଲା କହିବେ ।





# ସର୍ଜନାରେ ରକ୍ଷଣଶୀଳତା

ସାହିତ୍ୟ କେଉଁ ପ୍ରକାର ହିତ ସାଧନ କରୁଥାଏ ସମାଜର, ସେକଥା ଆମେ ସମସ୍ତେ ପ୍ରାୟ ଜାଣୁ । ସାହିତ୍ୟ ପୁଣି ସମାଜର ବିକାଶ ସହିତ, କାଳଖଣ୍ଡର ପରିବର୍ତ୍ତନ ସହିତ ବଦଳୁଥାଏ କେମିତି, ତାହା ବି ଆମେ ଜାଣୁ । ଆମେ ଯୋଉ କାଳଖଣ୍ଡକୁ ନେଇ ବଞ୍ଚୁ, ଆମେ ଯୋଉ ସମାଜକୁ ପ୍ରତିନିଧିତ୍ୱ କରୁ, ଆମେ ଯୋଉ ଜୀବନ ଜିଉଁ, ତା ସହିତ ସାହିତ୍ୟ ବି ଗତିଶୀଳ, ବିବର୍ତ୍ତନକ୍ଷମ ଓ ସମଭାବରେ ବିକଶିତ ।

ଜୀବନକୁ ନେଇ ତ ସାହିତ୍ୟ । ଜୀବନକୁ ବାଦ୍ ଦେଇ ନୁହେଁ । ଯଦି ଜୀବନ ଆଗୋଉଛି, ତେବେ ସାହିତ୍ୟ କାହିଁକି ନୁହେଁ ?

ସାହିତ୍ୟର ସ୍ୱରୂପରେ ପରିବର୍ତ୍ତନକୁ କେବେ କେବେ ଆମେ ଗ୍ରହଣ କରିପାରୁନା । ତେବେ ପ୍ରତ୍ୟେକ ନୂଆକଥାକୁ ଗ୍ରହଣ କରିବା ବେଳେ ଦୁଇଭାଗ ହୁଏ ସମୁଦାୟ ମଣିଷ । ସାହିତ୍ୟ ହେଉ, ଅବା ହେଉ ରାଜନୀତି କି ସଂସ୍କୃତି ଓ ପରମ୍ପରା । ନୂଆକୁ ଥୋକେ ସ୍ୱୀକାର କରିବେ ତ ଆଉ ଥୋକେ କରିବେ ନାହିଁ । ପ୍ରତ୍ୟେକ ପରିବର୍ତ୍ତନ ବି ସେମିତି ସାମ୍ନା କରେ ଗ୍ରାହ୍ୟ ଓ ଅଗ୍ରାହ୍ୟକୁ । ଏଥିରେ ଚକିତ ହେବାର କିଛି ନାହିଁ ।

ଏକ ସାହିତ୍ୟ କର୍ମଶାଳାରେ ଜଣେ ବରିଷ୍ଠ ଲେଖକ ଜଣେ ନବପିଢ଼ି ଲେଖକଙ୍କୁ ଦିଗ୍‌ଦର୍ଶନ ଦେବାବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ଶବ୍ଦ ପ୍ରୟୋଗ ପାଖରେ ଆପତ୍ତି ଉଠାନ୍ତି । ପରାମର୍ଶ ଛଳରେ ସେ ଶବ୍ଦଟିକୁ ଲେଖାରୁ ଉଠେଇ ନେବାକୁ କହନ୍ତି । ନବପିଢ଼ି ଲେଖକ ଜଣକ ତାଙ୍କ ଲେଖାରେ ପ୍ରୟୋଗ କରିଥିବା ଉକ୍ତ ଶବ୍ଦଟି ବାବଦରେ ବେଶ୍ ସଚେତନ ଏବଂ ସେ ଜାଣନ୍ତି ଶବ୍ଦଟିକୁ ସେ ପ୍ରତ୍ୟାହାର କରିନେଲେ ଲେଖାଟି ତାଙ୍କର କେବଳ ଅନର୍ଥ ହୋଇଯିବ ନାହିଁ, ଅନ୍ତସାରଶୂନ୍ୟ ହୋଇଯିବ ।

ଏହା ପଶ୍ଚାତ୍‌ରେ ଥିବା କଥାଟି ହେଉଛି, ବରିଷ୍ଠ ଲେଖକ ଜଣକ ରକ୍ଷଣଶୀଳତାର ସୀମା ଭିତରେ ଥାଇ ପରାମର୍ଶ ଦେଉଥିବା ବେଳେ ଅତ୍ୟାଧୁନିକ କାଳଖଣ୍ଡରେ ଜନ୍ମିତ ନୂଆପିଢ଼ି ଲେଖକଟି ରକ୍ଷଣଶୀଳତାର ସୀମା ବାହାରେ ଥାଇ ଯୁକ୍ତି ରଖନ୍ତି ଯେ, ମୋ ଲେଖାରୁ ଶବ୍ଦଟିକୁ ଉଠାଇନେଲେ ଲେଖାଟିରେ ମୁଁ ଯାହା କହିବାକୁ ଚାହୁଁଛି, ତାହା ଫୁଟିବ ନାହିଁ । ଏହା ମୁଁ କରିବି କେମିତି ?

କଥାହେଲା, ସାହିତ୍ୟରେ ରକ୍ଷଣଶୀଳତାର ଗାରକୁ ଆମ ଲେଖକମାନେ ଅତିକ୍ରମ କରିବା ଉଚିତ ନା ତା'ରି ଭିତରେ ଥାଇ ସାହିତ୍ୟ-ସର୍ଜନାରେ ନିମଗ୍ନ ହେବା ଉଚିତ ? ଏପରି ଏକ ପ୍ରଶ୍ନର ଉତ୍ତରରେ ଅନେକେ କହିବେ, ଉଚିତ । ଅନେକେ ବି କହିବେ, ନା ଉଚିତ୍ ନୁହେଁ ।



ଦେଖାଯାଏ, କିଛି ଗଳ୍ପ ଓ କବିତାରେ ଭାରାକ୍ରାନ୍ତ କରିଦେବା ଭଳି ଶବ୍ଦ ପ୍ରୟୋଗ ହୋଇଥାଏ । ସେ ସବୁ ଶବ୍ଦର ପ୍ରୟୋଗ ଲେଖାଟିକୁ ଅର୍ଥପ୍ରଦ କରିବା ପରିବର୍ତ୍ତେ ବରଂ ଲେଖାଟିକୁ ପାଠ କରୁଥିବା ପାଠକର ମନ ଓ ପରିବେଶ ଭିତରେ ସ୍ନାୟବିକ ଉତ୍ତେଜନା ସହିତ କଳୁଷତାକୁ ଭରିଦିଏ ।

ପୁନଶ୍ଚ ବେଳେବେଳେ ସେଇ ଶବ୍ଦଟିର ପ୍ରୟୋଗ ଲେଖାଟିକୁ ଭିନ୍ନତା ପ୍ରଦାନ କରିପାରେ । ଲେଖକର ମାନସିକତାକୁ ନେଇ ଏ ପ୍ରକାର ଏକ ପ୍ରୟୋଗ ଘଟିଥାଏ । କିନ୍ତୁ ଶବ୍ଦର ପ୍ରୟୋଗ ବେଳେ ପରିଣାମ ପ୍ରତି ଧ୍ୟାନ ଦେବା ଜରୁରୀ ।


ସର୍ଜନାର ଦିଗଟି ସବୁବେଳେ ଶୁଦ୍ଧ । ସାହିତ୍ୟରେ, ସୁତରାଂ, ଅନ୍ଧବିଶ୍ୱାସ କି କୁସଂସ୍କାରକୁ ପ୍ରଶ୍ରୟ ନଦେଇ ଜଣେ ଯଦି ଅର୍ଥମୟତାରେ ରକ୍ଷଣଶୀଳତାର ଗାରକୁ ଅତିକ୍ରମ କରେ ଏବଂ ତାହା ପାଠକର ମନ ଓ ମାନସିକତାରେ ଭରିଦିଏ ନବଚେତନାର ସ୍ଫୁଲିଙ୍ଗ, ତେବେ ସେ ଲେଖକଙ୍କୁ ଏବଂ ତାଙ୍କ ଲେଖାକୁ ଆମେ ଗ୍ରହଣ କରିବାରେ ଦ୍ୱିଧା ନରହିବା ଉଚିତ । ବରିଷ୍ଠଟି କଦାଚିତ୍ ନିଜର ବ୍ୟକ୍ତିଗତ ବିଚାରବୋଧ, ସଂସ୍କାର ଓ ବିଶ୍ୱାସକୁ କନିଷ୍ଠଟି ଉପରେ ଜବରଦସ୍ତ୍ ଲଦି ନଦେଉ- ଏ ପ୍ରତି ସର୍ଜନଶୀଳ ପ୍ରାଣଟି ସଦା ସଚେତନ ରହିଲେ, ସାହିତ୍ୟ ଏକ ମଙ୍ଗଳଧ୍ୱନି ପରି ଶୁଭିବ, ଏ ବିଶ୍ୱାସ ମୋର ଅଛି ।

## କବି ମରେନା

ସବୁ ହାତଲେଖା ଚିଠିର ଶେଷରେ 'ଜେ.ଏମ୍.' ଲେଖୁଥିବା ସେଇ ଭଲପାଇବାର ମଣିଷଟି କଣ ମରିପାରେ କେବେ ? ନା ମରିପାରେ ସେ ଲେଖି ଯାଇଥିବା ଅସଂଖ୍ୟ କବିତାର ସେଇ କୋମଳ ଅଥଚ ଅର୍ଥପୂର୍ଣ୍ଣ ଶବ୍ଦମାନେ ? ତେବେ କାହିଁକି ତାଙ୍କ ମୃତ୍ୟୁର ଖବର ଉଡ଼ି ବୁଲୁଛି ପବନରେ ? କାହିଁକି ତାଙ୍କ ଛବି ଘୂରିବୁଲୁଛି ସୋସିଆଲ୍ ମିଡ଼ିଆରେ ? କାହିଁକି ତାଙ୍କ ଚିତା ଜଳୁଛି ଶ୍ମଶାନରେ ? କାହିଁକି ଝୁରୁଛନ୍ତି ଆମ ଲେଖକଲେଖିକାମାନେ ?

ଜଣେ କବି ମରି ପାରେନା । ଆମେ ତାଙ୍କୁ ମାରି ଦେଉ କି ଆମ ଚିନ୍ତା ଓ ଚେତନାରୁ ? ଆମେ ତାଙ୍କୁ ହଜାଇ ଦେଉ କି ଆମ ସ୍ମୃତି ମୁହାଣରୁ ? ବୋଧହୁଏ ଆମେ ହିଁ ଜଣକୁ ମାରିଦେଉ । ନହେଲେ କବି **ଜୟନ୍ତ ମହାପାତ୍ର** ପଞ୍ଚାନବେ ବର୍ଷ ବୟସରେ ବି ଯୁବସୁଲଭ ଜୀବନ ଜିଉଁଥିଲେ ଓ ହଠାତ ଖବର ବ୍ୟାପିଗଲା ସେ ଆଉ ନାହାନ୍ତି ! 'ସେ ଆଉ ନାହାନ୍ତି' କଥାଟିକୁ ସହଜରେ ଗ୍ରହଣ କରିପାରିଲିନି ମୁଁ । ଯେମିତି କବି କେଦାର ମିଶ୍ର ଭାବନ୍ତି ନାହିଁ ଯେ ଜୟନ୍ତ ମହାପାତ୍ର ମରିପାରନ୍ତି ! ହଁ, କବି ଜୟନ୍ତ ମହାପାତ୍ରମାନେ କେବେ ବି ମରି ପାରନ୍ତି ନାହିଁ । କାହା କାହା ଠୁ ମରିବେ ସେ ? ଗଛ ଠୁ ନା ଫୁଲ ଠୁ ? ନଇପଠା ନା ତିନିକୋଣିଆ ବଗିଚା ଠୁ ? କବିତା ଠୁ ନା ଚନ୍ଦ୍ରଭାଗା ଠୁ ? କାହାଠୁ ବି ସେ ମରିପାରିବେନି । ନା, ନା ସେ ମରିପାରିବେନି । ଏମାନେ ସମସ୍ତେ ତାଙ୍କୁ ଛାତିରେ ଧରି ବଞ୍ଚାଇ ରଖିଛନ୍ତି ପରା ! ସେ ବିଦାୟ ନେବାର ବାଟ ନାହିଁ ।

ମୁଁ ବରାବର ହ୍ୱାଟ୍ସଆପ୍ ମାଧ୍ୟମରେ ତାଙ୍କ ସହ ଯୋଗାଯୋଗରେ ଥିବା ବେଳେ ଦେଖିଛି ବୟସାଧିକ୍ୟ ସତ୍ତ୍ୱେ ସେ କେତେ ପ୍ରଖର ଓ ଚଳଚଞ୍ଚଳ । ଶେଷ ପର୍ଯ୍ୟନ୍ତ କବିତା ଲେଖିବା ଓ ପ୍ରକାଶ କରିବା ପ୍ରତି ତାଙ୍କର ଆଗ୍ରହ ମୁଁ ଦେଖିଛି । କବିତା ମାଗିଛି ତ ପଠାଇଛନ୍ତି ବି । ଆଜି ତେଣୁ ବିଦାୟ ନୁହେଁ ସାର୍, ଡାକୁଛି ଥରେ ଆଲିଙ୍ଗି ନେବାକୁ ଛାତିରେ । ଆସିବେ ।


SG
SMILE GOLD
JEWELLERS
BIS
BRIGHT &
SHINY
GOLD | DIAMOND | SILVER | GEMS | WATCHES
Fancy Market, Saheed Nagar, Bhubaneswar
Mob: 9438019696

BORN IN ODISHA, PRIDE OF INDIA.

RUCHI PRATIVA FOUNDATION · RUCHI · ESTD. - 1976 · CUTTACK

# 27th RUCHI PRATIVA SAMMAN SAMAROHA 2023

**2nd Sept. | 5:30 P.M. | Main Auditorium, Seven Pillars of Wisdom, Ravenshaw University, Cuttack**

## || Awardees ||

ଆମ ପ୍ରତିଭା... ଆମର ଗର୍ବ...

**RUCHI DESHA GOURAV SAMMAN**



**Dr. Santrupt B Misra**
Group Director, Birla Carbon, Director Chemicals & Director, Group HR-Aditya Birla Group

**RUCHI DESHA JYOTI SAMMAN**



**Mr. Arvind Pani**
Co-Founder & CEO, Reverie Language Technologies

**RUCHI SEVA JYOTI SAMMAN**



**Prof. Dr. Purna Ch. Mahapatra**
Retd. Professor & HOD, Department of Obst. & Gynaecology, S.C.B Medical College, Cuttack

**RUCHI VIDYASAGAR SAMMAN**



**Sri Jubin Mohapatra**
Odisha Topper in IAS- 2021

**RUCHI SEVA JYOTI SAMMAN**

**ODRAF Team, Cuttack**
For caring & Daring Seva

**RUCHI PRATIVA SAMMAN**



**Miss Shreyashree Jena**
Odisha Topper in HSC 2023

**RUCHI BARABATI KRIDA SAMMAN**



**Miss Chinmayee Bhuyan**
Gold Medal Winner of World Police & Fire Games-23

**RUCHI PRATIVA SAMMAN**



**Miss Nishita Das**
CBSE All India Topper -2021

*With best wishes from:*

**RUCHI PRATIVA FOUNDATION**
Industrial Estate, P.O.: Madhupatna, Cuttack-10, Odisha
Ph: 0671-2347159, Mob: +91-9437226797
E-mail: ruchiprativasamman1999@gmail.com / prd@ruchifoodline.com, Web: www.ruchifoodline.com